# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଜାନୁୟାରୀ ୪/୨୦୧୯ (୧୬ ପୃଷ୍ଠା) | Sambalpur, Friday, January 4/ 2019 | ★★

୧୫ଶ ଭାଗ ୨୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




**ଟମ୍‌ବଏ ଭୂମିକାରେ ସୋନମ୍ ଅରୋରା**

ୱେବ୍ ସିରିଜ୍ 'ଗାନ୍ଧୀ ବାତ୍ ୨'ର ଏକ ଏପିସୋଡ୍‌ରେ ଅଭିନେତ୍ରୀ ସୋନମ୍ ଅରୋରା ଟମ୍‌ବଏ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ।

୦୯

୧୫

**ଚେତେଶ୍ୱର ପୂଜାରାଙ୍କ ଶତକ**

ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଗୁରୁବାର ଆରମ୍ଭ ହୋଇଥିବା ଅଷ୍ଟ୍ରେଲିଆ ବିପକ୍ଷ ଚତୁର୍ଥ କ୍ରିକେଟ ଟେଷ୍ଟରେ ଶତକ ହାସଲ କରିଛନ୍ତି ଭାରତର ଚେତେଶ୍ୱର ପୂଜାରା ।



### ସାବରିମାଲାରେ ମହିଳାଙ୍କ ପ୍ରବେଶକୁ ବିରୋଧ

## କେରଳ ବନ୍ଦ ବେଳେ ହିଂସା

ଥିରୁଭାନନ୍ତପୁରମ୍,୩।୧

ସାବରିମାଲା ମନ୍ଦିରରେ ୫୦ ବର୍ଷରୁ କମ୍ ବୟସର ଦୁଇ ମହିଳାଙ୍କ ପ୍ରବେଶକୁ ବିରୋଧ କରି ଗୁରୁବାର କେରଳରେ ବନ୍ଦ ପାଳନ ବେଳେ ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟିଛି । ଏଥିରେ ୩୮ ପୋଲିସ କର୍ମଚାରୀଙ୍କ ସମେତ ଶତାଧିକ ଆହତ ହୋଇଛନ୍ତି । ମହିଳା ପ୍ରବେଶକୁ ନେଇ ବୁଧବାର ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷରୁ ଜଣେ ଭାଜପା କର୍ମୀଙ୍କ ମୃତ୍ୟୁ ହୋଇଥିଲା । ଏହାକୁ ନେଇ ଉତ୍ତେଜନା ତୀବ୍ର ହୋଇଥିଲା । ମହିଳାଙ୍କୁ ମନ୍ଦିର ପ୍ରବେଶ କରାଇବାରେ ସରକାର ସହାୟତା କରିଥିବା ଅଭିଯୋଗ କରି ସାବରିମାଲା କର୍ମ ସମିତି ପକ୍ଷରୁ ଗୁରୁବାର ୧୨ ଘଣ୍ଟିଆ ☞ପୃଷ୍ଠା-୪



ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି: ଗୁରୁବାର ପଶ୍ଚିମ ଓଡ଼ିଶା ବିଧାୟକମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରୁଛନ୍ତି ।

### ■ହାଇକୋର୍ଟ ସ୍ଥାୟୀବେଞ୍ଚ ପ୍ରସଙ୍ଗ

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ପଶ୍ଚିମ ଓଡ଼ିଶା ବିଧାୟକ

ଭୁବନେଶ୍ୱର, ୩।୧ (ବ୍ୟୁରୋ)

- ■ ଦାବିକୁ ସମର୍ଥନ କଲେ ନବୀନ
- ■ ଆନ୍ଦୋଳନରୁ କ୍ଷାନ୍ତ ରହିବାକୁ ପରାମର୍ଶ

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ପଶ୍ଚିମ ଓଡ଼ିଶା ବିଧାୟକମାନେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି । ବିଧାୟକମାନେ ସନ୍ଧ୍ୟାରେ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ହାଇକୋର୍ଟ ସ୍ଥାୟୀବେଞ୍ଚ ସ୍ଥାପନ ନେଇ ପଦକ୍ଷେପ ତ୍ୱରାନ୍ୱିତ କରିବା ପାଇଁ ଅନୁରୋଧ କରିଛନ୍ତି । ବିଧାୟକମାନଙ୍କୁ ଭେଟିବା ପରେ ପଶ୍ଚିମ ଓଡ଼ିଶାରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ସ୍ଥାପନ ପାଇଁ ସମସ୍ତ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି । ଏନେଇ ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ କହିଛନ୍ତି ଯେ, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ କରିବା ପାଇଁ ସ୍ଥାନୀୟ ବିଧାୟକମାନଙ୍କ ଦ୍ୱାରା ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି । ଏହି ଦାବି ପ୍ରତି ମୁଖ୍ୟମନ୍ତ୍ରୀଙ୍କ ସମ୍ପୂର୍ଣ୍ଣ ସମର୍ଥନ ରହିଛି । ସେହିପରି ଦୀର୍ଘଦିନ ଧରି ଆନ୍ଦୋଳନ ଜାରି ରହିଥିବାରୁ ଅନେକ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ☞ପୃଷ୍ଠା-୪

## ୧୮ରେ ଓଡ଼ିଶା ଆସିବେ ଶାହ



ଅମିତ ଶାହ

ଭୁବନେଶ୍ୱର, ୩।୧(ବ୍ୟୁରୋ)

ଭାଜପାକୁ ଓଡ଼ିଶାରେ ଶକ୍ତିଶାଳୀ କରିବା ପାଇଁ ଦଳର କେନ୍ଦ୍ରୀୟ ନେତୃତ୍ୱ ଜୋର୍‌ଦାର୍ ଉଦ୍ୟମ ଆରମ୍ଭ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘନଘନ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି । ନିକଟରେ ମୋଦି ଖୋର୍ଦ୍ଧା ଗସ୍ତରେ ଆସିଥିବାବେଳେ ଆସନ୍ତା ୫ରେ ପୁଣି ବାରିପଦା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ବୃତାନ୍ତ ହୋଇଛି । ☞ପୃଷ୍ଠା-୪

### ■ ଡଙ୍ଗା ବୁଡ଼ିରେ ୯ମୃତ୍ୟୁ ଘଟଣା

## କ୍ଷତିପୂରଣ ଦାବିରେ ରାସ୍ତାରେ ଗ୍ରାମବାସୀ

କୁଜଙ୍ଗ,୩।୧(ସ୍ୱ.ପ୍ର.)

- ■ ପ୍ରଶାସନ ସହିତ ଆଲୋଚନା ପରେ ସନ୍ଧ୍ୟା ୭ଟାରେ ହଟିଲା ରାସ୍ତାରୋକୋ
- ■ ମୃତକଙ୍କୁ ୧୦ଲକ୍ଷ ଲେଖାଏ ଦେବାକୁ ଦାବି
- ■ ୧୧ତାରିଖରେ ହେବ ପୁଣି ଆଲୋଚନା
- ■ ଏକ ସଙ୍ଗରେ ଜଳିଲା ୮ଜୁଇ
- ■ ଡଙ୍ଗା ଚାଳକଙ୍କୁ ଛାଡ଼ିଲା ପୋଲିସ

କେନ୍ଦ୍ରାପଡ଼ା ଜିଲା ହୁକିଟୋଲାରୁ ବଣଭୋଜି ସାରି ବୁଧବାର ସନ୍ଧ୍ୟାରେ ଫେରୁଥିବାବେଳେ ମହାକାଳପଡ଼ା ବ୍ଲକ ବଟିଘର ପଞ୍ଚାୟତ ଅଧୀନ ନିପାଣିଆ ଗ୍ରାମ ବାଲିଘାଟ ନିକଟ ଖୋଳାନଦୀରେ ଏକ ଡଙ୍ଗା ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏଥିରେ ୭ଶିଶୁଙ୍କ ସମେତ ୯ଜଣଙ୍କ ମୃତ୍ୟୁ ଘଟିଛି । ଏପରି କି ଜଣେ ୬ବର୍ଷର ଶିଶୁ କନ୍ୟା ଏବେବି ନିଖୋଜ ଅଛନ୍ତି । ମୃତକଙ୍କ ମଧ୍ୟରୁ ୮ଜଣଙ୍କ ଘର ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ ହସିଣା ଗ୍ରାମରେ ହୋଇଥିବାବେଳେ ଅନ୍ୟ ଜଣଙ୍କ ଘର ଗଣ୍ଡିଳିପୁରରେ ବୋଲି ଜଣାପଡ଼ିଛି । ଓଡ୍ରାଫ୍ ଟିମ୍ ଏବଂ ସ୍ଥାନୀୟ ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ଗୁରୁବାର ସକାଳ ସୁଦ୍ଧା ୯ଜଣଙ୍କ ମୃତଦେହ ଉଦ୍ଧାର କରାଯିବା ପରେ କୁଜଙ୍ଗ ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ବ୍ୟବଚ୍ଛେଦ ପରେ ମୃତଦେହଗୁଡ଼ିକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ମାତ୍ର ମୃତକଙ୍କ ପରିବାରକୁ ଉଚିତ କ୍ଷତିପୂରଣ ଦାବିରେ ହସିଣା ଗ୍ରାମବାସୀ ଏକ ପ୍ରକାର ଜିଦ୍‌ରେ ଅଟଳ ହୋଇପଡ଼ିଥିଲେ । ପ୍ରତ୍ୟେକ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ୪ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଘୋଷଣା କରିଥିବାବେଳେ ଗ୍ରାମବାସୀ କିନ୍ତୁ ଏହାକୁ ସର୍ବନିମ୍ନ ୧୦ଲକ୍ଷ ଟଙ୍କାକୁ ବୃଦ୍ଧିକରିବାକୁ ଅଡ଼ି ବସିଥିଲେ । ଏପରି କି ଗ୍ରାମବାସୀ କଟକ-ପାରାଦୀପ ରାସ୍ତାର ୧୫ନମ୍ବର ଛକଠାରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ । କଟକ-ପାରାଦୀପ ରାସ୍ତା ଅବରୋଧ ଯୋଗୁ ଶହ ଶହ ସଂଖ୍ୟାରେ ଗାଡ଼ିମୋଟର ଅଟକିବାରୁ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା । ଅପରାହ୍ନ ୩ଘଟିକା ସମୟରେ ଜଗତ୍‌ସିଂହପୁର ଜିଲାପାଳ ଯାମିନୀ ଷଡ଼ଙ୍ଗୀ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବା ସହ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ । ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ସହ ଦୁର୍ଘଟଣା ଘଟିଥିବା ମାଛଧରା ଡଙ୍ଗାର ୨ଜଣ ନାଉରିଙ୍କୁ ମହାକାଳପଡ଼ା ପୋଲିସଠାରୁ ମୁକୁଳାଇବାକୁ ଦାବି କରିଥିଲେ । ଜିଲାପାଳ ୨ନାଉରିଙ୍କୁ ଛାଡ଼ିଦେବାକୁ ନିର୍ଦ୍ଦେଶ ଦେଇଥିବାବେଳେ କ୍ଷତିପୂରଣ ବୃଦ୍ଧି ନିମନ୍ତେ କୌଣସି ନିଷ୍କର୍ଷରେ ପହଞ୍ଚି ନ ପାରିବାରୁ ରାସ୍ତାରୋକୋ ଜାରି ରହିଥିଲା । ପରେ ସନ୍ଧ୍ୟାରେ ଜଗତ୍‌ସିଂହପୁର ଏମ୍‌ପି କୁଳମଣି ସାମଲ, ପାରାଦୀପ ଏଡିଏମ୍ କାହ୍ନୁ ଚରଣ ଧୀର, ଉପଜିଲାପାଳ, କୁଜଙ୍ଗ ତହସିଲଦାର ରମେଶ ଚନ୍ଦ୍ର ପଣ୍ଡା ଓ ପୋଲିସ ଅଧିକାରୀମାନେ ଧାରଣାସ୍ଥଳରେ ପହଞ୍ଚି ପୁଣି ଲୋକଙ୍କ ସହିତ ଆଲୋଚନା କରିଥିଲେ । ଲୋକଙ୍କ ଦାବି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବାକୁ ଏମ୍‌ପି ସାମଲ ପ୍ରତିଶ୍ରୁତି ଦେଇଥିଲେ । ଏଥିସହିତ ଶୁକ୍ରବାର ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ହସିଣା ଗ୍ରାମରେ ପହଞ୍ଚି ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା କ୍ଷତିପୂରଣ ଅର୍ଥ ମୃତକଙ୍କ ପରିବାରକୁ ପ୍ରଦାନ କରିବେ ବୋଲି ଏମ୍‌ପି ☞ପୃଷ୍ଠା-୪

## ଅଭିନେତ୍ରୀ ସିମରନଙ୍କୁ ହତ୍ୟା





ଆଲବମ୍ ଅଭିନେତ୍ରୀ ସିମରନ୍ । ମହାନଦୀ ବିଜ୍ର ତଳେ ପଡ଼ିଥିବା ମୃତଦେହ ନିକଟରେ ପୋଲିସ ତଦନ୍ତ କରୁଛି ।

ସମ୍ବଲପୁର/ଚିପିଲିମା, ୩।୧ (ବ୍ୟୁରୋ/ଡି.ଏନ.ଏ.)

- ■ ମହାନଦୀ ବ୍ରିଜ୍ ତଳୁ ମିଳିଲା ମୃତଦେହ
- ■ ହତ୍ୟା ଅଭିଯୋଗ ଆଣିଲେ ପରିବାରବର୍ଗ
- ■ ପ୍ରେମିକଙ୍କ ବିରୋଧରେ ଆଣିଥିଲେ ନିର୍ଯାତନା ମାମଲା
- ■ ବୟାନ ରେକର୍ଡ ପୂର୍ବରୁ ମିଳିଲା ମୃତଦେହ

ସମ୍ବଲପୁର ଜିଲା ବୁର୍ଲା ଥାନା ଅନ୍ତର୍ଗତ ମହାନଦୀ ବ୍ରିଜ୍ ତଳୁ ଗୁରୁବାର ସକାଳ ୯ଟାରେ ସମ୍ବଲପୁରୀ ଆଲବମ୍‌ର ଖ୍ୟାତନାମା ଅଭିନେତ୍ରୀ ସିମରନ୍ ମାରିଓ (୧୮)ଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି । ଝାରସୁଗୁଡା ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଗୁରୁବାର ସିମରନ୍ ପ୍ରେମିକ ଯୁବରାଜ ସୁନାଙ୍କ ବିରୋଧରେ କରିଥିବା ଅଭିଯୋଗ ଉପରେ ୧୬୪ ବୟାନ ରେକର୍ଡ ହେବାର ଥିଲା । ହେଲେ ଗୁରୁବାର ସକାଳୁ ସିମରନ୍‌ଙ୍କ ମୃତଦେହ ବ୍ରିଜ ତଳୁ ମିଳିବା ଘଟଣା ପୋଲିସକୁ ଅଡୁଆରେ ପକାଇଛି । ସିମରନ୍‌ଙ୍କୁ ହତ୍ୟାକରି ବ୍ରିଜ ତଳକୁ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି । ସିମରନ୍‌ଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପରିବାର ଲୋକେ ମଧ୍ୟ ଅଭିଯୋଗ କରିଛନ୍ତି । ପୋଲିସ ୪/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ଘଟଣାସ୍ଥଳରୁ ସିମରନଙ୍କ ଭ୍ୟାନିଟି ମିଳିଛି । ସେଥିରେ ଥିବା ୨୪୫୭ ଟଙ୍କା, ମୋବାଇଲ ଫୋନ୍ ଓ ସମ୍ବଲପୁର-କେସିଙ୍ଗା, କେସିଙ୍ଗା-ସମ୍ବଲପୁର ଟ୍ରେନ୍ ଟିକଟକୁ ପୋଲିସ ଜବତ କରିଛି । ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ହୀରାକୁଦ ଏସ୍‌ଡିପିଓ ଶିଶୁରଞ୍ଜନ ମହାପାତ୍ର କହିଛନ୍ତି । ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

### ବନ୍ଧୁର ପ୍ରଥମାର୍ଦ୍ଧ

**ଆଜିର ମନ୍ତବ୍ୟ**

" ରାମମନ୍ଦିର ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ରାୟ ଯାହା ଆସୁନା କାହିଁକି ତାକୁ ସମସ୍ତେ ଗ୍ରହଣ କରିବା ଉଚିତ।

–ରାମବିଳାସ ପାଶ୍ୱାନ, କେନ୍ଦ୍ରମନ୍ତ୍ରୀ

**କିଛି ତଥ୍ୟ**

୨୦୧୪ରୁ ୨୦୧୮ ମଧ୍ୟରେ ଦେଶର ପ୍ରତିରକ୍ଷା କ୍ଷେତ୍ରକୁ ୧.୨୧ କୋଟି ଟଙ୍କାର ଏଫ୍‌ଡିଆଇ ଆସିଛି ।

– ଡିଆଇପିପି

**CBSE Exam Mate**

ପୃଷ୍ଠା -୧୧


NECC NATIONAL EGG CO-ORDINATION COMMITTEE | 03.01.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 69 | 118 | 128 |
| CTC | 70 | 119 | 129 |
| DKL | 73 | 123 | 133 |
| BDK | 75 | 126 | 136 |
| BLS | 76 | 127 | 137 |
| ANG | 75 | 126 | 136 |

*Conditions Apply

Eggs Retail Price- 56/-Dozen
Issued in the Interest of Consumers


## ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟର ଉତ୍ତର ରଖିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩।୧(ବ୍ୟୁରୋ)

**ଜଳସେଚନ ପ୍ରସଙ୍ଗ**

- ■ ନବବର୍ଷର ଶୁଭେଚ୍ଛା ଜଣାଇଲେ
- ■ ଲୋକାର୍ପିତ ପ୍ରକଳ୍ପ ପାଇଁ ସହଯୋଗ ଜାରି ରହିବ

ସାଧାରଣ ନିର୍ବାଚନ ପୂର୍ବରୁ ବିଭିନ୍ନ ପ୍ରସଙ୍ଗରେ କେନ୍ଦ୍ର-ରାଜ୍ୟ ସରକାରଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଦେଖିବାକୁ ମିଳିଛି । ଗତ ଡିସେମ୍ବର ୨୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସି ଦଳୀୟ ସଭାରେ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ । ଏମିତି କି ଓଡ଼ିଶାର ୧୦ ଲକ୍ଷ ହେକ୍ଟର ଚାଷ ଜମିରୁ ମାତ୍ର ୨୨,୦୦୦ ହେକ୍ଟର ଚାଷ ଜମିରେ ଜଳସେଚିତ ହୋଇଥିବା ମନ୍ତବ୍ୟ ଦେଇଥିଲେ । ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖଣ୍ଡନ କରିବା ସହ ଉକ୍ତ ମନ୍ତବ୍ୟ ପ୍ରତିବାଦରେ ଗୁରୁବାର ଏକ ଚିଠି ଲେଖିଛନ୍ତି, ଯାହାକୁ ନେଇ ରାଜନୀତି ସରଗରମ ହୋଇଛି । ପ୍ରଧାନମନ୍ତ୍ରୀଙ୍କୁ ଦେଇଥିବା ଚିଠିରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ ☞ପୃଷ୍ଠା-୪



NAVEEN PATNAIK
CHIEF MINISTER, ODISHA

STATE SECRETARIAT
BHUBANESWAR

Wish you a very Happy New Year.

I am grateful for your kind visit to Odisha on 24th December 2018 and laying foundation stone and inaugurating various developmental Projects. My Government will render all the necessary support for speedy completion of these Projects.

There were media reports during the said visit that Odisha has created only 22000 hectares of irrigation out of the 10 lakh hectares promised in 2014. In this regard I would like to furnish the following facts.

Irrigation is the pivotal infrastructure that supports Agriculture. We had promised in 2014 to create an ambitious target of Ten lakh hectares irrigation potential. I am happy to share that since 2014, Odisha has created an additional irrigation potential of 7.8 lakh hectares and we are on course to surpass the 10 lakh hectares target that my Government has set for itself.

From 2014, an amount of Rs.26,889 crores has been spent in the irrigation and water sector with a contribution of Rs.1211 crores (i.e.) 4.5% from the Government of India contribution through PMKSY (AIBP). In fact, in the current year a record amount of Rs.10,196 crores has been provided by the State.

You will be happy to know that with our own programme, 46 Mega Lift Irrigation Projects with Ayacut 54,472Ha, 53576 Deep Bore Wells with Ayacut 2,67,880 Ha, 5837 Community Lift Points

Scanned by CamScanner

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଚିଠିର ନକଲ ।

## ମୋଦିଙ୍କୁ ଟ୍ରମ୍ପଙ୍କ ଉପହାସ

### ଯୁଦ୍ଧ ପ୍ରଭାବିତ ଆଫଗାନିସ୍ତାନରେ ପାଠାଗାର ପାଇଁ ପାଣ୍ଠି ଯୋଗାଣ ମୂଲ୍ୟହୀନ

ୱାଶିଂଟନ,୩।୧(ପି.ଟି.)

- ■ ଆମେରିକା ରାଷ୍ଟ୍ରପତିଙ୍କ ମନ୍ତବ୍ୟକୁ ଭାରତର ନିନ୍ଦା
- ■ ଭାଜପା, କଂଗ୍ରେସ ମଧ୍ୟ ସମାଲୋଚନା କଲେ



ଡୋନାଲ୍ଡ ଟ୍ରମ୍ପ



ନରେନ୍ଦ୍ର ମୋଦି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବୁଧବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଉପହାସ କରିଛନ୍ତି । ଆଫଗାନିସ୍ତାନରେ ଏକ ପାଠାଗାରକୁ ଭାରତ ପକ୍ଷରୁ ପାଣ୍ଠି ଯୋଗାଣକୁ ନେଇ ନୂଆବର୍ଷରେ ଟ୍ରମ୍ପ୍ ତାଚ୍ଛଲ୍ୟ କରିଛନ୍ତି । ଯୁଦ୍ଧ ପ୍ରଭାବିତ ଦେଶରେ ଏହାର କିଛି ମୂଲ୍ୟ ନାହିଁ । ଲାଇବ୍ରେରି ପାଇଁ କିଏ ପାଣ୍ଠି ଯୋଗାଉଛି ତାଙ୍କୁ ଜଣାନାହିଁ ବୋଲି ଆମେରିକା ରାଷ୍ଟ୍ରପତି କହିଛନ୍ତି । ଏହାସହ ଭାରତ ଓ ଅନ୍ୟ ରାଷ୍ଟ୍ରଗୁଡ଼ିକ ଆଫଗାନିସ୍ତାନର ନିରାପତ୍ତା ପାଇଁ ପର୍ଯ୍ୟାପ୍ତ ଉଦ୍ୟମ କରୁ ନ ଥିବା ନେଇ ସେ ସମାଲୋଚନା କରିଛନ୍ତି । ଟ୍ରମ୍ପ୍‌ଙ୍କ ଏଭଳି ଅଭିଯୋଗକୁ ଭାରତ ପକ୍ଷରୁ ଖଣ୍ଡନ କରାଯାଇଛି ।

ଡୋନାଲ୍ଡ ଟ୍ରମ୍ପ୍ ନୂଆବର୍ଷରେ ପ୍ରଥମ କ୍ୟାବିନେଟ ବୈଠକରେ ଭାରତ, ରୁଷିଆ, ପାକିସ୍ତାନ ଓ ଅନ୍ୟ ପଡ଼ୋଶୀ ଦେଶଗୁଡ଼ିକୁ ଆଫଗାନିସ୍ତାନର ନିରାପତ୍ତା ପାଇଁ ଉତ୍ତରଦାୟୀ ହେବାକୁ ପରାମର୍ଶ ଦେଇଛନ୍ତି । ଏହାସହ ସେ ତାଙ୍କର କ୍ୟାବିନେଟ ସହଯୋଗୀମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦାହରଣ ଦେଇଛନ୍ତି । ସେ କହିଛନ୍ତି, ବିଶ୍ୱ ନେତାମାନେ କିପରି ଆଫଗାନିସ୍ତାନ ପ୍ରତି ନିଜ ଅବଦାନ ସମ୍ପର୍କରେ କହୁଛନ୍ତି, ଯେଉଁଠି ଆମେରିକା ବିଲିୟନ୍ ବିଲିୟନ୍ ଡଲାର ଖର୍ଚ୍ଚ କରୁଛି, ସେଠାରେ ସେମାନଙ୍କ ଅବଦାନ ଆଖିକୁ ଦେଖାଯାଉନାହିଁ । ଟ୍ରମ୍ପ୍ ଆହୁରି କହିଥିଲେ, ଆଫଗାନିସ୍ତାନ ଭଳି ଯୁଦ୍ଧ ପ୍ରଭାବିତ ଦେଶରେ ପାଠାଗାରକୁ ପାଣ୍ଠି ଯୋଗାଇବା ନିରର୍ଥକ । କାରଣ ସେଠାରେ କେହି ଲାଇବ୍ରେରିକୁ ପଢ଼ିବା ପାଇଁ ଯାଆନ୍ତି ନାହିଁ । ଭାରତ ଓ ମୋଦିଙ୍କ ସହ ମୋର ସୁସମ୍ପର୍କ ରହିଛି । ମୋଦି ମୋତେ ଅନେକଥର କହିଲେଣି ଯେ ସେ ଆଫଗାନିସ୍ତାନରେ ଏକ ଲାଇବ୍ରେରି ପ୍ରତିଷ୍ଠା କରିଛନ୍ତି । ଏହା ଆଫଗାନିସ୍ତାନରେ ପ୍ରତି ୫ ଘଣ୍ଟାରେ ଆମେରିକା ପକ୍ଷରୁ ଖର୍ଚ୍ଚ କରାଯିବା ସଦୃଶ । ମୋଦି ନିଜକୁ ବହୁତ ସ୍ମାର୍ଟ ବୋଲି ମୋତେ କହିଥାନ୍ତି । ଆମେ ବୋଧେ ତାଙ୍କୁ କହିବା ☞ପୃଷ୍ଠା-୪



ସବୁ ଧର୍ମ ସମାନ। ଯେ ଯାହା ଧର୍ମରେ ଥାଇ ବ୍ୟାକୁଳ ଭାବେ ଈଶ୍ୱରଙ୍କୁ ଡାକିଲେ ସେ ନିଶ୍ଚୟ ମନୋବାଞ୍ଛା ପୂର୍ଣ୍ଣ କରିବେ। ଭଗବାନ ଶିଶୁ ପରି ସରଳ, କୌଣସି କପଟ ମନରେ ଥିଲେ ତାଙ୍କୁ ପାଇବା ଅସମ୍ଭବ।
- ରାମକୃଷ୍ଣ ପରମହଂସ



## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ smbselfie@gmail.com ରେ ଆମର ସେଲ୍ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍ଫି କର୍ନର



@ ମୋନିକା



@ କ୍ଷୀରେଶ୍ୱର

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

■ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ବେଞ୍ଚ ପ୍ରତିଷ୍ଠା ଦାବି

# ୪ ଜିଲାରେ ୩ ଦିନ ଅର୍ଥନୈତିକ ଅବରୋଧ

**ଝାରସୁଗୁଡ଼ା ଅଫିସ,୩।୧**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ପୂର୍ବରୁ ଜୋରଦାର ଆନ୍ଦୋଳନ କରାଯାଇଛି। ସେହି ଦାବିକୁ ଆହୁରି ଜୋରଦାର କରିବାକୁ ଗୁରୁବାର ବାର୍ ସଙ୍ଗଠନ ସମୂହକୁ ନେଇ ଗଠିତ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି(ସିଏସି)ର ଆହ୍ୱାନକ୍ରମେ ୪ ଜିଲାରେ ୩ ଦିନିଆ ଅର୍ଥନୈତିକ ଅବରୋଧ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ୪ ଜିଲାର ବାର ସଭାପତି ଏବଂ ସମ୍ପାଦକଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଝାରସୁଗୁଡ଼ା ବାର ସମ୍ମିଳନୀ କକ୍ଷରେ ହୋଇଥିଲା। ବୈଠକର ନିଷ୍ପତ୍ତି ମୁତାବକ ଜାନୁୟାରୀ ୭ରୁ ୯ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଅର୍ଥନୈତିକ ଅବରୋଧ କରାଯିବ ବୋଲି ସିଏସି ଆବାହକ ଅଶୋକ ଦାସ ସୂଚନା ଦେଇଛନ୍ତି। ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର ଏବଂ ଦେବଗଡ଼ ଜିଲାରେ ଏହି ଅର୍ଥନୈତିକ ଅବରୋଧ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ନେଇ ବାର ସମୂହ ଆନ୍ଦୋଳନ କରୁଥିଲେ ମଧ୍ୟ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ତେଣୁ ସରକାରଙ୍କୁ ପୁନଶ୍ଚ ଚେତାଇବା ପାଇଁ ଅର୍ଥନୈତିକ ଅବରୋଧ କରାଯିବାକୁ ନିଷ୍ପତ୍ତି ହୋଇଛି। ବିଶେଷ କରି କୋଇଲା ପରିବହନକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବ ବୋଲି ମତ ପ୍ରକାଶ ପାଇଛି। ଉପରୋକ୍ତ ୪ଟି ଜିଲା ଶିଳ୍ପ ଏବଂ କୋଇଲା ଖଣିରେ ଭରପୂର। କୋଇଲା ପରିବହନ ବନ୍ଦ କରିବା ଦ୍ୱାରା ଉଭୟ ସରକାର ଚେତିବେ। ଏହାସହ ଭାରିଯାନରେ ପରିବହନ ହେଉଥିବା ସମସ୍ତ ସାମଗ୍ରୀର ପରିବହନ ବନ୍ଦ କରାଯିବ ବୋଲି ଝାରସୁଗୁଡ଼ା ବାର ସଭାପତି ରଘୁମଣି ପଟେଲ କହିଛନ୍ତି।

# ନୂଆବର୍ଷ ଭୋଜିକୁ ଯାଇଥିବା ଯୁବକଙ୍କୁ ହତ୍ୟା

■୨ ସାଙ୍ଗ ଅଟକ, ୨ଖୋକା ଜବତ

**ଭବାନୀପାଟଣା,୩।୧(ଡି.ଏନ.ଏ.)**

ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ସିର୍ଲିଗୁଡା ଗାଁରେ ଘଟିଛି ଏକ ଅଭାବନୀୟ ଘଟଣା । ସାଙ୍ଗମାନଙ୍କ ସହ ବଣଭୋଜି କରିବାକୁ ଯାଇଥିବା ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ମୃତକ ହେଲେ ରଘୁନାଥ ଜାଲ(୩୨) । ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏହି ଘଟଣାକୁ ନେଇ ସିର୍ଲିଗୁଡା ଗାଁରେ ଚାପା ଉତ୍ତେଜନା ପ୍ରକାଶ ପାଇଛି ।

ମିଳିଥିବା ସୂଚନା ଅନୁଯାୟୀ, ରଘୁନାଥ ମଙ୍ଗଳବାର ନୂଆବର୍ଷ ଦିନ ସାଙ୍ଗମାନଙ୍କ ସହ ବଣଭୋଜି ପାଇଁ ଯାଇଥିଲେ । ସେଦିନ ସନ୍ଧ୍ୟାରେ ସମସ୍ତେ ଘରକୁ ଫେରିଥିଲେ ମଧ୍ୟ ରଘୁନାଥ ଆସି ନ ଥିଲେ। ଏନେଇ ତାଙ୍କ ସାଙ୍ଗମାନଙ୍କୁ ପରିବାର ଲୋକେ ପଚରାଉଚୁରା କରିଥିଲେ ମଧ୍ୟ କେହି ବି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ । ସବୁଠୁ ନିରାଶ ହେବା ପରେ ପରିବାର ଲୋକେ ବୁଧବାର ଗ୍ରାମବାସୀଙ୍କ ସହ ସଦରଥାନାକୁ ଆସି ଅଭିଯୋଗ କରିଥିଲେ । ହେଲେ ପୋଲିସ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଗ୍ରାମବାସୀ ଏସ୍‌ଡିପିଓଙ୍କ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ । ଏହାପରେ ପୋଲିସ ଏକ ମାମଲା ରୁଜୁ କରିବା ସହ ରଘୁନାଥଙ୍କ ୨ସାଙ୍ଗଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି ।

ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଅନୁଯାୟୀ ରଘୁନାଥ ସାଙ୍ଗମାନଙ୍କ ସହ ଭୋଜିକୁ ଯାଇଥିଲେ । ହେଲେ ସାଙ୍ଗମାନେ ରଘୁନାଥଙ୍କୁ ସାଙ୍ଗରେ ନେଇ ନ ଥିବା କହିଥିଲେ । ଗୁରୁବାର ଶଗଡା ନିକଟସ୍ଥ କର୍ଲାପାଟ ଅଭୟାରଣ୍ୟ ନିକଟରୁ ରଘୁନାଥଙ୍କ ମୃତଦେହ ମିଳିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ବଣଭୋଜି ସ୍ଥାନରେ ଗୁଳିମାଡ଼ ଶବ୍ଦ ଶୁଭିଥିଲା । ସ୍ଥାନୀୟ ଲୋକଙ୍କ ବୟାନକୁ ଭିତ୍ତି କରି ପୋଲିସ ଘଟଣାସ୍ଥଳକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଥିଲା । ସେଠାରୁ ପୋଲିସ ୨ଟି ଖୋକା ଜବତ କରିଛି। କୌଣସି ବିବାଦକୁ ନେଇ କେହି ରଘୁନାଥଙ୍କୁ ହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି । ତଦନ୍ତ ଚାଲୁ ରହିଛି । ଆଉ କିଛିଦିନ ମଧ୍ୟରେ ପ୍ରକୃତ ଘଟଣା ସାମ୍ନାକୁ ଆସିବ ବୋଲି ପୋଲିସ କହିଛି ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।









ନିର୍ବୋଧମାନଙ୍କ ଅଭିଧାନରେ ହିଁ ଅସମ୍ଭବ ଶବ୍ଦର ସ୍ଥାନ ପାଇଥାଏ।
- ନୋପୋଲିୟନ ବୋନାପାର୍ଟ

# ସୋସିଆଲ ମିଡିଆ ଉପରେ ନଜର ରଖିବ ପୋଲିସ

## ଖୁବ୍‌ଶୀଘ୍ର ଖୋଲିବ ମନିଟରିଂ ସେଲ୍: ଡିଜିପି

ଭୁବନେଶ୍ୱର, ୩।୧ (ବ୍ୟୁରୋ)

ସୋସିଆଲ ମିଡିଆରେ ଅନେକ ମିଥ୍ୟା ତଥ୍ୟର ପ୍ରଚାର କରାଯିବା ସହ ଗୁଜବ ସୃଷ୍ଟି କରାଯାଉଛି। ଏହା ମୋବାଇଲରୁ ମୋବାଇଲକୁ ଘୁରି ବୁଲିବା ଫଳରେ ସମାଜରେ ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳୁଛି। ନିକଟରେ ପିଲାଚୋରି ଗୁଜବ ଭାଇରାଲ ହେବା ଏହାର ଏକ ଜ୍ୱଳନ୍ତ ଉଦାହରଣ। ଏଭଳି ଭୁଲ ବାର୍ତ୍ତା ଯୋଗୁ ରାଜ୍ୟର ବିଭିନ୍ନ ଜିଲାରେ ଏପରି କି ଦେଶର ଅନେକ ସ୍ଥାନରେ ବହୁ ନିରୀହ ଲୋକ ସାଧାରଣ ଜନତାଙ୍କ ଆକ୍ରୋଶ ଏବଂ ଆକ୍ରମଣର ଶିକାର ହୋଇଛନ୍ତି। କେବଳ ଏହି ଘଟଣା ନୁହେଁ, ସୋସିଆଲ ମିଡିଆ ମାଧ୍ୟମରେ ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରାଯାଉଛି। ତେଣୁ ଏସବୁ ଉପରେ ରୋକ୍ ଲଗାଇବାକୁ ପୋଲିସ ଯୋଜନା କରିଛି ବୋଲି ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା ସୂଚନା ଦେଇଛନ୍ତି।

ଶର୍ମା ଗୁରୁବାର ଭୁବନେଶ୍ୱରସ୍ଥିତ କ୍ୟାମ୍ପ ଅଫିସରେ କହିଛନ୍ତି, ଏଣିକି ପ୍ରତିଦିନ ସୋସିଆଲ ମିଡିଆ ଉପରେ ପୋଲିସ ନଜର ରଖିବ। ବିଭିନ୍ନ ସୋସିଆଲ ମିଡିଆକୁ ଯାଞ୍ଚ କରାଯିବ। ଏଥିପାଇଁ ଖୁବ୍‌ଶୀଘ୍ର ସୋସିଆଲ ମିଡିଆ ମନିଟରିଂ ସେଲ୍ ଖୋଲାଯିବ। ଏହି ସେଲରେ ସାଇବର ଅପରାଧ ଓ ଟେକ୍ନିକାଲ ଜ୍ଞାନ ଥିବା ଅଫିସରମାନେ ରହିବେ। ସେମାନେ ସୋସିଆଲ ମିଡିଆରେ ଘୁରି ବୁଲୁଥିବା ପ୍ରତିଟି ତଥ୍ୟକୁ ଅନୁଧ୍ୟାନ କରିବେ। ଯେଉଁମାନେ ଗୁଜବ ସୃଷ୍ଟି କରିବେ ଏବଂ ତାହାକୁ ଭାଇରାଲ କରିବେ, ସେମାନଙ୍କୁ ଚିହ୍ନଟ କରାଯାଇ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କେବଳ ଗୁଜବ ନୁହେଁ ଯୁବତୀଙ୍କ ଅଶ୍ଳୀଳ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରାଯାଉଛି। ତାହାକୁ ମଧ୍ୟ ଏହି ସେଲ ରୋକିବ। ଏହାସହ ସୋସିଆଲ ମିଡିଆରେ ହେଉଥିବା ବିଭିନ୍ନ ପ୍ରକାର ଅପରାଧକୁ ସେଲ୍ ରୋକିବ ବୋଲି ପୋଲିସ ଡିଜି ସୂଚନା ଦେଇଛନ୍ତି।




# ଜାନୁୟାରୀ ୨୧ରେ ଚୂଡ଼ାନ୍ତ ଭୋଟର ତାଲିକା

ଭୁବନେଶ୍ୱର,୩।୧ (ବ୍ୟୁରୋ)

ଚୂଡାନ୍ତ ଭୋଟର ତାଲିକା ଜାନୁୟାରୀ ୪ ବଦଳରେ ୨୧ ତାରିଖରେ ପ୍ରକାଶ ପାଇବ । ଜାନୁୟାରୀ ୭ ତାରିଖରୁ ମକ ପୋଲ ଆରମ୍ଭ ହେବ। ଗୁରୁବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ଏହି ସୂଚନା ଦେଇଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୁରେନ୍ଦ୍ର କୁମାର କହିଛନ୍ତି ଯେ ଭୋଟର ତାଲିକା ସଂଶୋଧନ ପାଇଁ ଏକ ସ୍ୱତନ୍ତ୍ର ଡ୍ରାଇଭ ଚାଲୁଛି। ଭାରତର ନିର୍ବାଚନ କମିଶନ ଭୋଟର ତାଲିକା ସଂଶୋଧନ ପାଇଁ ପୂର୍ବରୁ ୨୦୧୮ ଅକ୍ଟୋବର ୩୧କୁ ଧାର୍ଯ୍ୟ କରିଥିଲେ। ପରେ ଏହାକୁ ନଭେମ୍ବର ୧୫ ଯାଏ ବୃଦ୍ଧି କରାଯାଇଥିଲା। ଅଧିକରୁ ଅଧିକ ଭୋଟରଙ୍କୁ ସାମିଲ କରିବା ଆମର ପ୍ରଥମ କର୍ତ୍ତବ୍ୟ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ଚୂଡାନ୍ତ ଭୋଟର ତାଲିକା ଜାନୁୟାରୀ ୪ ତାରିଖକୁ ଧାର୍ଯ୍ୟ କରାଯାଇଥିଲା। ନିୟମ ମୁତାବକ ସଂଶୋଧନ କାର୍ଯ୍ୟକ୍ରମ ଅବଧିକୁ ୧୫ ଦିନ ଯାଏ ବୃଦ୍ଧି କରାଯାଇ ପାରିବ । ଆସନ୍ତା ୨୧ ତିରଖରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ ବୋଲି ସୁରେନ୍ଦ୍ର କୁମାର କହିଛନ୍ତି। ୧୨,୦୮,୩୯୬ ଜଣ ଭୋଟରଙ୍କ ଠାରୁ ଫର୍ମ-୬, ୬୪୭,୪୮୬ ଜଣ ଫର୍ମ-୭, ୪,୬୮, ୪୨୦ ଫର୍ମ- ୮ ଏବଂ ୫୨,୨୯୨ ଫର୍ମ-୮(ଏ) ପୂରଣ କରି ଭୋଟର ତାଲିକାରେ ସାମିଲ ହେବା ପାଇଁ ଆବେଦନ କରିଛନ୍ତି। ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବା ପରେ ମଧ ମତଦାତାମାନେ ସେମାନଙ୍କର ନାମ ଦେଇ ପାରିବେ। ପ୍ରଥମ ଥର ଲାଗି ଓଡିଶାରେ ଇଭିଏମ ସହିତ ଭିଭିପାର୍ଟ(ଭୋଟର ଭେରିଫାଏଡ ପେପର ଅଡିଟି ଟ୍ରାଏଲ) ମେସିନ ଲାଗିବ। ନିର୍ବାଚନ ପରିଚାଳନା ପାଇଁ ଏହି ମେସିନଗୁଡିକ ୬ଟି ରାଜ୍ୟରୁ ଆଣି ବ୍ୟବହାର କରିବା ପାଇଁ ନିର୍ବାଚନ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ମେଶିନଗୁଡିକୁ ବ୍ୟବହାର ଉପଯୋଗୀ କରିବା ନିମନ୍ତେ ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ପ୍ରାଥମିକ ଯାଞ୍ଚ କାର୍ଯ୍ୟ ଜାରି ରହିଛି। ୨୦୧୯ ଜାନୁୟାରୀ ୧୫ ସୁଦ୍ଧା ଏହି କାର୍ଯ୍ୟ ଶେଷ ହୋଇ ଯିବ ବୋଲି କୁମାର କହିଛନ୍ତି।

# ମହିଳା ସଂରକ୍ଷଣ: ନ୍ୟାଶନାଲ କନ୍‌ଫରେନ୍ସକୁ ଭେଟିଲା ବିଜେଡି

ଭୁବନେଶ୍ୱର,୩।୧ (ବ୍ୟୁରୋ)

ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ହେଉ। ଏହି ପ୍ରସଙ୍ଗରେ ବିଜେଡି ବିଭିନ୍ନ ରାଜନୈତିକଦଳଗୁଡିକର ସମର୍ଥନ ଲୋଡୁଛି। ଏହି କ୍ରମରେ ଦଳର ପ୍ରତିନିଧି ଜାମ୍ମୁ ଓ କାଶ୍ମୀରର ପ୍ରମୁଖ ଆଞ୍ଚଳିକ ଦଳ ନ୍ୟାଶନାଲ୍ କନ୍‌ଫରେନ୍ସ(ଏନ୍‌ସି)କୁ ଭେଟିଛନ୍ତି। ବିଜେଡି ପକ୍ଷରୁ ଏମ୍‌ପି ପିନାକୀ ମିଶ୍ର ଏବଂ ଲଡୁକିଶୋର ସ୍ୱାଇଁ ଏନ୍‌ସି ଅଧକ୍ଷ ଫାରୁକ୍ ଅବ୍‌ଦୁଲ୍ଲାଙ୍କୁ ତାଙ୍କ ଦିଲ୍ଲୀସ୍ଥିତ ବାସଭବନରେ ଗୁରୁବାର ଭେଟିଛନ୍ତି। ଏଥିସହିତ ନୀତିଗତ ସମର୍ଥନ ଲୋଡ଼ି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲେଖାଯାଇଥିବା ପତ୍ର ହସ୍ତାନ୍ତର କରିଛନ୍ତି। ବରିଷ୍ଠ ନେତା ଅବଦୁଲ୍ଲା ଏ ପ୍ରସଙ୍ଗରେ ସକାରାତ୍ମକ ମନ୍ତବ୍ୟ ପ୍ରଦାନ କରିବା ସହ ପ୍ରୟାସର ସଫଳତା କାମନା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି ଉଦ୍ୟମକୁ ସ୍ୱାଗତ କରିଛନ୍ତି। ଏହି ପଦକ୍ଷେପ ଦେଶ ପାଇଁ ବହୁତ ଭଲ ବୋଲି ଅବ୍‌ଦୁଲ୍ଲା କହିଛନ୍ତି।




# ଆସୁଛି ବାତ୍ୟା 'ପାବୁକ'

ଭୁବନେଶ୍ୱର,୩।୧ (ବ୍ୟୁରୋ)

- ୭ ଉପକୂଳ ଜିଲାପାଳଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ
- ସମୁଦ୍ରକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ
- କମିଲା ଶୀତ, ୯ ପରେ ପୁଣି ବଢ଼ିବ

ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ବାତ୍ୟାରେ ପରିଣତ ହୋଇଛି। ଏହାର ନାମ ରଖାଯାଇଛି 'ପାବୁକ' । ଗୁରୁବାର ଏହା ଆଣ୍ଡାମାନ ରାଜଧାନୀ ପୋର୍ଟ ବ୍ଲେୟାର ଠାରୁ ୧୫୦୦ କିଲୋମିଟର ଦୂର ଦକ୍ଷିଣ ପୂର୍ବ ଦିଗରେ କେନ୍ଦ୍ରୀ ଭୂତ ହୋଇଛି। ଆସନ୍ତା ୫ ତାରିଖ ମଧ୍ୟାହ୍ନ ସୁଦ୍ଧା ଏହା ପଶ୍ଚିମ ଉତ୍ତର ପଶ୍ଚିମ ଦିଗ ଦେଇ ଗତି କରିବ। ଆସନ୍ତା ୬ ତାରିଖ ରାତିରେ ବାତ୍ୟା ଉତ୍ତର ପଶ୍ଚିମ ଦିଗ ଦେଇ ଆଣ୍ଡାମାନ ଅତିକ୍ରମ କରିବା ସମ୍ଭାବନା ରହିଛି। ଏହା ପରେ ପାବୁକ ଉତ୍ତର– ଉତ୍ତର ପଶ୍ଚିମ ଦିଗ ଦେଇ ଗତି କରିବ। ପୁଣି ଏହା ୭ ଓ ୮ ତାରିଖ ବେଳକୁ ଉତ୍ତର ପୂର୍ବ ଦିଗକୁ ଗତି କରି ମିଆଁମାର ଆଡକୁ ଚାଲିଯିବ ଓ ଏହା ଦୁର୍ବଳ ହୋଇଯିବ ବୋଲି ପାଣିପାଗ ବିଭାଗ ପୂର୍ବନୁମାନ କରିଛି। ଓଡିଶା ଉପରେ ଏହାର କୌଣସି ପ୍ରଭାବ ପଡିବ ନାହିଁ। ବାତ୍ୟା ପ୍ରଭାବରେ ରାଜ୍ୟରେ ପାଗ ମେଘୁଆ ରହିବ। ସମୁଦ୍ରରେ ବଡ ବଡ ଢେଉ ଉଠିବା ସମ୍ଭାବନା ରହିଛି। ଆଣ୍ଡାମାନ ସମୁଦ୍ର ଆଡକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର, କେନ୍ଦ୍ରାପଡା, ପୁରୀ ଗଞ୍ଜାମ ଏବଂ ଖୋର୍ଦ୍ଧା ଜିଲାର ଜିଲାପାଳମାନଙ୍କୁ ସତର୍କ କରାଯାଇଛି।

ସମ୍ଭାବ୍ୟ ବାତ୍ୟା ଯୋଗୁ ରାଜ୍ୟରେ ଗତ କିଛିଦିନ ଧରି ଦେଖାଦେଇଥିବା ପ୍ରଚଣ୍ଡ ଶୀତରୁ ଆଶ୍ୱସ୍ତି ମିଳିଛି। ପାରଦ ଉପରମୁହାଁ ହୋଇଛି। ସର୍ବନିମ୍ନ ତାପମାତ୍ରା ୩ରୁ ୪ ଡିଗ୍ରୀ ସେଲସିୟସ ଉପରକୁ ଉଠି ଯାଇଛି। ଆସନ୍ତା ୫ ଦିନ ଯାଏ ପାଗ ଶୁଖିଲା ରହିବ। ପାରଦ ତଳକୁ ଆହୁରି ଖସିବ। ତେବେ ୯ ତାରିଖରୁ ପୁଣି ଶୀତ ପ୍ରକୋପ ବଢିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଗୁରୁବାର ଫୁଲବାଣୀରେ ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ୬.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଅନୁଗୋଳରେ ସର୍ବନିମ୍ନ ତାପମାତ୍ରା ୭.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡା ୯.୮, କେନ୍ଦୁଝର ୯.୧, ସମ୍ବଲପୁର ୯.୫, ସୁନ୍ଦରଗଡ ୯, ଭବାନୀପାଟଣା ୯, କୋରାପୁଟ ୮.୬, ଟିଟିଲାଗଡ ୯, ସୋନପୁର ୮.୪ ଏବଂ ଦାରିଙ୍ଗିବାଡିରେ ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।








ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ




## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ପାପୁନ୍
ପରିବାରବର୍ଗ



ଉତ୍ତମ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

real estate

astrology

### SALE

Penguin homes Pvt. Ltd. land required for housing project in Bhubaneswar/ Cuttack. Contact: 9937254467, 7008107711. D-65238

Pay 50% get gharabari duplex approved plot near Tankapani bridge, Bhubaneswar, rest after developed and amenities. First ten customers. 9861990662. D-52883

ଭୁବନେଶ୍ୱର GITA College ନିକଟରେ 1200 sqft. 3,99,000/-ରେ plot ମିଳୁଛି। 8280224744. D-64398

ହଂସପାଳ 100' କେନାଲ ପିଚୁରାସ୍ତାକୁଲାଗି 9,75,000/ରେ ଘରବାରି, ଇଲେକ୍ଟ୍ରିସିଟି, ପାଚେରିଥାଇ ଜାଗା କିଣି ତୁରନ୍ତ ଘର କରନ୍ତୁ: 9437033320. D-65306

ଭୁବନେଶ୍ୱର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଅଛି। 8338932027. D-65312

Plot sale near AIIMS Hospital Bhubaneswar with 30'road. 8456850883. D-65311

For sale Paradeep town 11000 sqft. gharabari plot with boundarywall in residential area. Contact M: 9938219434. D-10255

Residential plot with revenue road and electricity near Patia Railway Station. 7978441564. D-10368

**New year offer, ଭୁବନେଶ୍ୱର ପଟିଆ ରେଲୱେ ଷ୍ଟେଶନ ପାଖରେ କୃଷ୍ଣସରଣପୁର ମୌଜା 100' roadକୁଲାଗି 1200 sqft. 5,90,000/-ରେ ପ୍ଲଟ ମିଳୁଅଛି। (boundary/ registration free) 9937542232.** D-65318

ଭୁବନେଶ୍ୱର ବାଳକାଟି ବଜାରରୁ 3km. ଦୂରତାରେ 30'ରୋଡ୍, ଇଲେକ୍ଟ୍ରିସିଟି ସୁବିଧା ଥାଇ ଘରବାରି ପାଚେରିସହ ପିଚୁରୋଡ୍‌କୁ ଲାଗି sqft. 480/-, ଜଟଣୀଗେଟ୍‌ରୁ 1km. ଦୂରତାରେ 1200କୁ 2,40,000/-ରେ ବିକ୍ରିହେବ। 9090053827, 9348020724. D-65319

10,000 sqft Gharabari plot infront CET Collage, Ghatikia, Bhubaneswar with 30' Road. 9938563585. D-65431

2000 sqft. plot (12Nos.) at Sankarpur, Vipul Garden backside, Ghatikia, Bhubaneswar (electricity, supply water, 30' Road). 7381564227. D-65432

SC/ST Gharabari plot at kalinga Nagar, Bhubaneswar (Back side Tata Ariana) 40' Road, Compoundwalls. 9938563585. D-65433

Now Matrimonial ads. only on Wednesday & Sunday
Book 1 Get 1 FREE

ଘରେ ବସି ୩ ଘଣ୍ଟାରେ ତୁଫାନୀ କଳା ଇଲାମର ଚମତ୍କାର ପାଆନ୍ତୁ ସ୍ପେଶାଲିଷ୍ଟ ଆୟତିକରଣ, ପ୍ରେମବିବାହ, ଶତ୍ରୁମୁକ୍ତି, ଗଡାଧନ ପ୍ରାପ୍ତି, ଲଟେରି ନମ୍ବର ଗ୍ୟାରେଣ୍ଟି। 9521878410. D-10341

### AFFIDAVIT

By virtue of affidavit before Notary Public, Bhubaneswar, I Harapriya Moharana changed my name to Harapriya Mohapatra. Henceforth I shall be known as Harapriya Mohapatra for all purpose. D-10367

### ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା



(ଡୁଗୁଲୁ)
**ସାଇ ଭବ୍ୟଜିତ୍**
**ନହରକଣ୍ଟା, ପାଟଣାସାହି, ଭୁବନେଶ୍ୱର**
ଆଜି ଦ୍ୱିତୀୟ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥକୁ କୁସୁମିତ କରନ୍ତୁ ଏବଂ ତୋର ପ୍ରତିଟି ମୁହୂର୍ତ୍ତ ଶୁଭମୟ ହେଉ ଏତିକି ପ୍ରାର୍ଥନା। ଶୁଭେଚ୍ଛା ସହ: ମା, ବଡମାମା, ବଡବାପା, ବାବା, ମାମା, ମାମୁ, ମାଇଁ, ସ୍ୱିଟି, ଡାବୁଲୁ, ଗୁଗୁଲୁ, ଲିଜା, ଜିତୁ, ବନ୍ଧୁ ଓ ପରିବାରବର୍ଗ। ଧ-୧୦୩୩୮

### ପ୍ରଥମ ଜନ୍ମଦିନ ଶୁଭେଚ୍ଛା



**ଶିବାଂଶ (ପାପୁନ୍)**
**ପଳାଶପୁର, ଖୋର୍ଦ୍ଧା**
ଶୁଭ ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମ ଚଲାପଥ ପୁଷ୍ପିତ ଓ ନିଷ୍କଣ୍ଟକ କରନ୍ତୁ ଏବଂ ତୁମକୁ ଦୀର୍ଘାୟୁ କରନ୍ତୁ।
**ଶୁଭେଚ୍ଛା ସହ**
ବାବା, ମାମା, ଜେଜେମା, ଅଜା, ଆଈ, ବଡବାପା, ବଡମାମା, ବଡଭାଇ, ମାମୁ, ମାଉସୀ, ବନ୍ଧୁ ଓ ପରିବାରବର୍ଗ। ଧ-୧୦୩୬୩

### ତୃତୀୟ ଜନ୍ମଦିନ ଶୁଭେଚ୍ଛା



(ଇସୀ)
**ରୋଶନୀରାଣୀ ସାହୁ**
**ରାଧାଗୋବିନ୍ଦ ଲେନ୍, ପୁରୀ**
ଆଜି ତୋର ୩ୟ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା ତୋର ଚଲାପଥକୁ କୁସୁମିତ କରନ୍ତୁ ଏବଂ ତୋତେ ଦୀର୍ଘାୟୁ କରନ୍ତୁ। ଶୁଭେଚ୍ଛା ସହ: ଜେଜେ, ଜେଜେମା, ଅଜା, ଆଈ, ବାବା, ମାମା, ମାମୁ, ମାଇଁ, ଭାଇ, ନାନା, ମାଉସୀ ଓ ପରିବାରବର୍ଗ। ଧ-୬୪୦୩୩

### ଚତୁର୍ଥ ଜନ୍ମବାର୍ଷିକୀ ଶୁଭେଚ୍ଛା



(ମୁନ୍)
**ଅମ୍ରିତା କସ୍ତୁରୀ ସାହୁ**
ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ଭଗବାନ ତୁମକୁ ଦୀର୍ଘାୟୁ କରନ୍ତୁ ଓ ନୀରୋଗ ରଖନ୍ତୁ।
**ଶୁଭେଚ୍ଛା ସହ**: ଜେଜେମା, ଜେଜେବାପା, ଅଜା, ଆଈ, ବାପା, ମା, ବଡବାପା, ବଡ଼ମା, ସାନବାପା, ସାନମା, ବଡଭାଇ ଓ ଭଉଣୀ। ଧ-୫୩୨୨୩

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ପୋଲତଳକୁ ଖସିଲା କାର, ଡ୍ରାଇଭର ମୃତ



**ସିଂଘିଯୁବା, ୩।୧ (ଡି.ଏନ୍.ଏ.)** ସୁବର୍ଣ୍ଣପୁର ଜିଲା ବିନିକା-ଏସ୍ ରାମପୁର ମୁଖ୍ୟରାସ୍ତାର ସିଂଘିଯୁବା-କମିରା ମଝିରେ ଥିବା ନଳିଆ ବ୍ରିଜ୍ ତଳକୁ ଏକ କାର ଭାରସାମ୍ୟ ହରାଇ ଖସି ପଡିବାରୁ ଡ୍ରାଇଭରଙ୍କର ମୃତ୍ୟୁ ଘଟିଛି। ମୃତ ଡ୍ରାଇଭର ହେଲେ ବିନିକା ନୂଆ ବଜାରର କଲ୍ୟାଣ ଭୂୟାଁ (୩୮)। ବିନିକା ଥାନା ପୋଲିସ ଗୁରୁବାର ସକାଳେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବିନିକା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ଅପରାହ୍ନରେ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରକାଶ ଯେ, ବୁଧବାର ବିଳମ୍ବିତ ରାତିରେ ରାମପୁର ପଟରୁ ବିନିକା ପଟକୁ ଆସୁଥିବା କାର ନଂ୧୫ଏ୫୫୬୨ ନଳିଆ ବ୍ରିଜ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇ ପ୍ରାୟ ୫୦ଫୁଟ ତଳକୁ ଖସି ପଡ଼ିଥିଲା । ଏ ନେଇ ବିନିକା ଥାନାରେ ଏକ ମାମଲା (ନଂ ୨୭୯/୧୮) ରୁଜୁ ହୋଇଛି।


## ମନେ ପଡ଼ନ୍ତି

### ତୃତୀୟ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ସୁଶାନ୍ତ କୁମାର ସ୍ୱାଇଁ**
ଆବିର୍ଭାବ: ୦୬।୦୬।୧୯୮୧
ତିରୋଧାନ: ୦୮।୦୧।୨୦୧୬
ତୃତୀୟ ଶ୍ରାଦ୍ଧବାର୍ଷିକ ଅବସରରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ: ବାପା, ବୋଉ, ଭାଇ, ଭାଉଜ, ପୁତୁରା, ଭଉଣୀ, ଭିଣୋଇ, ବନ୍ଧୁ ଓ ପରିବାରବର୍ଗ। ଧ-୧୦୩୮୦

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ରବୀନ୍ଦ୍ର ନାଥ ପ୍ରଧାନ**
ବି,ଏଲ୍-୫୭, ଭିଏସ୍ଏସ୍ ନଗର, ଭୁବନେଶ୍ୱର
ଆବିର୍ଭାବ: ୧୫।୦୭।୧୯୫୬
ତିରୋଧାନ: ୨୫।୧୨।୨୦୧୮
ଆପଣଙ୍କପରି ଓଡ଼ିସିଏଲ୍ କର୍ମଚାରୀ ସଂଘର ଜଣେ ସଂଗ୍ରାମୀ, ତ୍ୟାଗୀ, କର୍ମନିଷ୍ଠ, ସଚ୍ଚୋଟ, ସହିଷ୍ଣୁତା ସାଥିର ଆକସ୍ମିକ ବିୟୋଗରେ ଆମ ସମସ୍ତଙ୍କ ପାଇଁ ଶୂନ୍ୟସ୍ଥାନ ସୃଷ୍ଟି କରିଛିି। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
**ଶୋକସନ୍ତପ୍ତ**
**ଓଡ଼ିସିଏଲ୍ କର୍ମଚାରୀ ସଂଘ**
ମଞ୍ଚେଶ୍ୱର,ଭୁବନେଶ୍ୱର। ଧ-୧୦୩୬୪


## ପ୍ରଥମ ପୃଷ୍ଠାରୁ...

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ...

ତେଣୁ ଆନ୍ଦୋଳନରତ ବ୍ୟକ୍ତିବିଶେଷ ଜନସ୍ୱାର୍ଥ ଦୃଷ୍ଟିରୁ କ୍ଷାନ୍ତ ରୁହନ୍ତୁ। ଏଥିପାଇଁ ମୁଖ୍ୟମନ୍ତ୍ରୀ ବିନମ୍ର ନିବେଦନ ମଧ କରିଛନ୍ତି। ଆନ୍ଦୋଳନ ପ୍ରତ୍ୟାହୃତ ହେବା ପରେ ସବୁ ପକ୍ଷର ଭାବାବେଗକୁ ସମ୍ମାନ ଦେଇ ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ପଦକ୍ଷେପ ନିଆଯିବ ବୋଲି ରାସେଶ୍ୱରୀ କହିଛନ୍ତି। ଆନ୍ଦୋଳନରୁ କ୍ଷାନ୍ତ ରହିବା ପାଇଁ ବୁଧବାର ଗୃହ ବିଭାଗ ପକ୍ଷରୁ ମଧ ଅନୁରୂପ ଅନୁରୋଧ କରାଯାଇସାରିଛି।

ପଶ୍ଚିମ ଓଡ଼ିଶାର ଆଇନଜୀବୀ ଏବଂ ବିଭିନ୍ନ ଗଣସଂଗଠନ ସ୍ଥାୟୀ ବେଞ୍ଚ ସ୍ଥାପନ ଦାବି ନେଇ ଆନ୍ଦୋଳନରତ ଅଛନ୍ତି। ଆଇନଜୀବୀ ଆନ୍ଦୋଳନକୁ ଇତିମଧ୍ୟରେ ୧୨୦ ଦିନ ଟପିସାରିଛି। ସେହିପରି ବିଭିନ୍ନ ବ୍ୟକ୍ତିବିଶେଷଙ୍କ ଦ୍ୱାରା କରାଯାଇଥିବା ରିଲେ ଆମରଣ ଅନଶନକୁ ୪୫ଦିନ ପୂରଣ ହୋଇଛି। ମୁଖ୍ୟମନ୍ତ୍ରୀଙ୍କୁ ରାସେଶ୍ୱରୀଙ୍କ ସହ ସରକାରୀ ଦଳ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ, ଭାଜପା ବିଧାୟକ ରବି ନାଏକ, ନୀତେଶ ଗଙ୍ଗଦେବ, କଂଗ୍ରେସ ବିଧାୟକ ନବ ଦାସ ଓ ଯୋଗେଶ ସିଂ ପ୍ରମୁଖ ସାକ୍ଷାତ କରି ଆଲୋଚନା କରିଥିଲେ। ଅପରପକ୍ଷରେ ପଶ୍ଚିମ ଓଡ଼ିଶାର ବିଧାୟକମାନେ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଗୁରୁବାର ଭେଟିବାର କାର୍ଯ୍ୟକ୍ରମ ରହିଥିଲା। ହେଲେ କୌଣସି କାରଣବଶତଃ ସେମାନେ ମୁଖ୍ୟ ବିଚାରପତିଙ୍କୁ ସାକ୍ଷାତ କରି ପାରି ନ ଥିବା ଜଣାପଡିଛି।

### କେରଳ ବନ୍ଦ...

ବନ୍ଦ ଡାକରା ଦିଆଯାଇଥିଲା। ଭାଜପା ଏହି ବନ୍ଦକୁ ସମର୍ଥନ କରିଥିବାବେଳେ କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ୟୁଡିଏଫ) କଳାଦିବସ ପାଳନ କରିଥିଲା। ଏଭଳି ହିଂସାତ୍ମକ ବନ୍ଦ ପାଳନ କେରଳରେ ପୂର୍ବରୁ କେବେ ଦେଖାଯାଇ ନ ଥିଲା। ଥ୍ରିସୁରରେ ବନ୍ଦ ପାଳନ କରୁଥିବା ୪ ଭାଜପା କର୍ମୀଙ୍କୁ ଛୁରାମାଡ଼ ହୋଇଥିଲା। ପଣ୍ଡଲମ, କୋଝିକୋଡେ, କସରଗୋଡେ ଏବଂ ଓଟ୍ଟାପାଲାମଠାରେ ବନ୍ଦ ପାଳନକାରୀଙ୍କୁ ଘଉଡାଇବାକୁ ଯାଇ ପୋଲିସ ଲାଠିଚାଳନା କରିଥିଲା। କୋଝିକୋଡେଠାରେ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ବନ୍ଦ ଯୋଗୁ ରାଜ୍ୟରେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଥିଲା। ଦୋକାନ ବଜାର ଓ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିବା ସହ ଗାଡିମୋଟର ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ପୋଲିସ ୨୬୬ ଜଣଙ୍କୁ ଗିରଫ କରିଥିବାବେଳେ ୩୩୪ଜଣଙ୍କୁ ଅଟକ ରଖିଛି। ହିଂସା ସୃଷ୍ଟି କରୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ପୋଲିସ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ 'ଅପରେଶନ୍ ବ୍ରୋକନ୍ ୱିଣ୍ଡୋ' ଆରମ୍ଭ ହୋଇଛି। ସାବରିମାଲା ଆୟାପ୍ପା ମନ୍ଦିରରେ ସବୁ ବୟସବର୍ଗର ମହିଳାଙ୍କ ପ୍ରବେଶ ଲାଗି ଗତ ସେପ୍ଟେମ୍ବର ମାସରେ ସୁପ୍ରିମକୋର୍ଟ ଅନୁମତି ଦେବା ସତ୍ତ୍ୱେ ବିଭିନ୍ନ ସଂଗଠନ ଓ ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁ ୧୦ରୁ ୫୦ ବର୍ଷ ବୟସ ବର୍ଗର ମହିଳା ପ୍ରବେଶ କରିପାରୁ ନ ଥିଲେ। ବୁଧବାର ଦୁଇ ଜଣ ମହିଳା ପ୍ରଥମ କରି ଏହି ମନ୍ଦିରରେ ପ୍ରବେଶ କରି ଇତିହାସ ସୃଷ୍ଟି କରିଥିଲେ। ଏହା ଜଣାପଡିବା ପରେ ମନ୍ଦିର ଶୁଦ୍ଧୀକରଣ କରାଯାଇଥିଲା।

### କ୍ଷତିପୂରଣ ଦାବିରେ...

ସୂଚନା ଦେଇଥିଲେ। ବର୍ଦ୍ଧିତ କ୍ଷତି ପୂରଣ ଦାବି ସମ୍ପର୍କରେ ଆସନ୍ତା ୧୧ତାରିଖରେ ଜିଲା ପ୍ରଶାସନ ସହିତ ପୁଣି ଏକ ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଗ୍ରାମବାସୀ ରାସ୍ତାରୋକୋରୁ ହଟିଥିଲେ। ପରେ ହସିଣା ଗ୍ରାମର ଶ୍ମଶାନରେ ୮ଟି ଜୁଇ ଜଳିଥିବାବେଳେ ଗୋଟିଏ ଜୁଇ ଗଣ୍ଡିଲିପୁରରେ ଜଳିଥିଲା। ଏହି ଡଙ୍ଗା ବୁଡ଼ି ଘଟଣାରେ ପ୍ରାଣ ହରାଇଥିବା ମୃତକମାନେ ହେଲେ ହସିଣା ଗ୍ରାମର ପ୍ରଭାତୀ ସ୍ୱାଇଁ(୩୬) ସ୍ୱାମୀ-ଅକ୍ଷୟ, ଅନି ତରାଇ ସ୍ୱାମୀ ନରହରୀ, ସାଇ ତରାଇ(୪) ପି-ନରହରି, ଦେବାଶିଷ ସାହୁ(୧୦) ପିତା ବାବୁନି ସାହୁ, ଦେବସ୍ମିତା ପାଣି(୬) ପିତା-ସଚିତ୍ର ପାଣି, ରୋଜାଲିନ୍ ସାହୁ(୧୪) ପିତା-ମଣ୍ଟୁ ସାହୁ, ପଲ୍ଲବୀ ସ୍ୱାଇଁ(୫) ପିତା-ନିର୍ଭୟ ସ୍ୱାଇଁ ଓ ଗଣ୍ଡିଲିପୁର ଗ୍ରାମର ସୋନାକ୍ଷୀ ଦଲେଇ(୩)ପିତା -ଚିନ୍ମୟ କିଶୋର ଦଲେଇ। ଶୁଭଶ୍ରୀ ସ୍ୱାଇଁ(୬)ପିତା ଅକ୍ଷୟ ସ୍ୱାଇଁ ନିଖୋଜ ଥିବାବେଳେ ତାଙ୍କୁ ଠାବ କରିବାକୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

### ଅଭିନେତ୍ରୀ ସିମରନଙ୍କୁ ...

ସିମରନ୍‌ଙ୍କ ମା' ରାନୀଦେବୀ ପୋଲିସ ନିକଟରେ କରିଥିବା ଅଭିଯୋଗ ଅନୁଯାୟୀ, ୧ ତାରିଖରେ କଳାହାଣ୍ଡି ଜିଲା କେସିଙ୍ଗାରେ ନୂଆବର୍ଷ କାର୍ଯ୍ୟକ୍ରମରେ ଯୋଗଦେବାକୁ ସିମରନ୍ ଯାଇଥିଲେ। କାର୍ଯ୍ୟକ୍ରମ ସାରି ୨ ତାରିଖ ଟ୍ରେନ ଯୋଗେ ଘରକୁ ଫେରୁଥିଲେ। ସେଦିନ ସନ୍ଧ୍ୟାରେ ସେ ଘରକୁ ଫୋନ କରି ମାନସିକ ଚାପରେ ଥିବା କହିଥିଲେ । ହେଲେ ଘରକୁ ଆସିଲା ପରେ ସବୁ ସମାଧାନ ହେଇଯିବ । ଘରକୁ ଫେରିଆ ବୋଲି ମା' କହିଥିଲେ। ସିମରନ୍ କିଛି ସାଙ୍ଗମାନଙ୍କୁ ମଧ ମାନସିକ ଚାପଥିବା ମେସେଜ୍‌ରେ ଜଣାଇଥିଲେ। ଏପରି କି ପ୍ରେମିକଙ୍କୁ ସେହି ମେସେଜ୍‌ଟି ଫରୱାର୍ଡ କରିବା ପାଇଁ ମଧ ସାଙ୍ଗଙ୍କୁ ଅନୁରୋଧ କରିଥିଲେ। ପୋଲିସର କହିବା ଅନୁଯାୟୀ, ସିମରନ୍‌ଙ୍କ ମୂଳଘର ବିହାରରେ। ସେ ପରିବାର ସହ ଝାରସୁଗୁଡ଼ାରେ ରହୁଥିଲେ। ଆଲବମ୍‌ରେ କାମ କରୁଥିବାରୁ ଅଧିକାଂଶ ସମୟ ସମ୍ବଲପୁର ଯିବା ଆସିବା କରୁଥିଲେ। ସେ ବଲାଙ୍ଗୀର ଜିଲା ବେଲପଡାର ଯୁବରାଜ ସୁନାଙ୍କ ସହ ଗତବର୍ଷ ଏପ୍ରିଲ ୧୩ରେ ଚାଲି ଯାଇଥିଲେ । ହେଲେ ସିମରନ୍‌ଙ୍କ ପରିବାର ପକ୍ଷରୁ ସିମରନ୍‌ଙ୍କୁ ଅପହରଣ କରାଯାଇଥିବା ନେଇ ଝାରସୁଗୁଡ଼ା ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଝାରସୁଗୁଡ଼ା ଟାଉନ ଥାନା ପୋଲିସ ଏ ନେଇ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା । ଏହା ପରେ ସିମରନ୍ ଯୁବରାଜଙ୍କ ସହ ବଲାଙ୍ଗୀରରେ ରହୁଥିଲେ। ହେଲେ ଉଭୟଙ୍କ ମଧରେ ଭଲ ସମ୍ପର୍କ ନ ଥିଲା। ବାରମ୍ବାର ଝଗଡ଼ା ଓ ମାର୍‌ପିଟ ହେଉଥିଲା । ଏହାର ଆପୋସ ବୁଝାମଣା ହୋଇଥିଲା। ହେଲେ ଗତ ଡିସେମ୍ବରରେ ପ୍ରେମିକଙ୍କ ନିର୍ଯାତନା ସହି ନ ପାରି ସେ ସବୁଦିନ ପାଇଁ ଝାରସୁଗୁଡ଼ାସ୍ଥିତ ବାପଘରକୁ ଚାଲି ଆସିଥିଲେ। ଶେଷରେ ସେ ଝାରସୁଗୁଡ଼ା ଟାଉନ ଥାନାରେ ଯୁବରାଜଙ୍କ ବିରୋଧ ଅଭିଯୋଗ କରିଥିଲେ । ଡିସେମ୍ବର ୩୦ରେ ଝାରସୁଗୁଡ଼ା ଟାଉନ ଥାନାରେ ପୁଣି ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିଲା । ୧ ତାରିଖ କେସିଙ୍ଗାରେ କାର୍ଯ୍ୟକ୍ରମରେ ଯୋଗଦେବାକୁ କହି ସିମରନ୍ ଯାଇଥିଲେ । ଗୁରୁବାର ଯୁବରାଜଙ୍କ ବିରୋଧରେ ଦେଇଥିବା ଅଭିଯୋଗ ଉପରେ ୧୬୪ରେ ବୟାନ ରେକର୍ଡ କରାଯିବାର ଥିଲା । ବୟାନ ରେକର୍ଡ ପୂର୍ବରୁ ତାଙ୍କୁ ହତ୍ୟା କରାଯାଇଛି ବୋଲି ସିମରନ୍‌ଙ୍କ ମା' ଅଭିଯୋଗ କରିଛନ୍ତି । ସିମରନ୍ ସମ୍ବଲପୁରୀ ଗୀତ 'ସେଲ୍ଫି ବେବୋ' ଆଲବମରେ ଅଭିନୟ କରି ରାଜ୍ୟ ତଥା ରାଜ୍ୟ ବାହାରେ ସୁନାମ ଅର୍ଜନ କରିଥିଲେ । ଏହା ସହ ସେ ରିମଝିମ୍ ପାନି ବରଷୁ ଥିଲା ଭଳି ପ୍ରାୟ ୧୦ରୁ ଅଧିକ ସମ୍ବଲପୁରୀ ଗୀତରେ ଅଭିନୟ କରିଛନ୍ତି । ସେ ବିଭିନ୍ନ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ଅତିଥି ଓ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଥିଲେ । ଖୁବ୍ କମ୍ ଦିନରେ ସେ ସମ୍ବଲପୁରୀ ଆଲବମ୍‌ର ସୁପରିଚିତ ଅଭିନେତ୍ରୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ତାଙ୍କର ମୃତ୍ୟୁ ଖବର ଜଣା ପଡିବା ପରେ ବିଭିନ୍ନ ଅନୁଷ୍ଠାନ ଓ କଳାକାର ମହଲରେ ଶୋକର ଛାୟା ଖେଳିଯାଇଛି ।

### ମୋଦିଙ୍କୁ ଟ୍ରମ୍ପଙ୍କ ଉପହାସ...

ଉଚିତ ଯେ, ଲାଇବ୍ରେରି ପାଇଁ ଆପଣଙ୍କୁ ଧନ୍ୟବାଦ। କାରଣ ସେହି ପାଠାଗାରକୁ କିଏ ବ୍ୟବହାର କରୁଛି ତାହା ଜଣାନାହିଁ। ପ୍ରକାଶ ଯେ, ଟ୍ରମ୍ପ ଅନିର୍ଦ୍ଧାରିତ ସମୟ ମଧରେ ଆଫଗାନିସ୍ତାନରୁ ଆମେରିକୀୟ ସୈନ୍ୟଙ୍କ ସଂଖ୍ୟା ହ୍ରାସ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆଫଗାନିସ୍ତାନରେ ୧୪,୦୦୦ ଆମେରିକୀୟ ସୈନ୍ୟ ମୁତୟନ ଥିବାବେଳେ ଏହାର ପ୍ରାୟ ଅଧା ସୈନ୍ୟଙ୍କୁ କୌଣସି ସମୟରେ ପ୍ରତ୍ୟାହାର କରିପାରେ ୱାଶିଂଟନ। ସେପଟେ ଆଫଗାନିସ୍ତାନକୁ ସେନା ପଠାଇବା ପାଇଁ ଆମେରିକା ପକ୍ଷରୁ ଭାରତ ଉପରେ ଚାପ ପକାଯାଉଛି। କିନ୍ତୁ ଭାରତ ଏହାକୁ ବାରମ୍ବାର ପ୍ରତ୍ୟାଖ୍ୟାନ କରିଆସୁଛି। ଆଫଗାନିସ୍ତାନକୁ ୩ ବିଲିୟନ୍ ଡଲାର ଆର୍ଥିକ ସହାୟତା ଦେବା ପାଇଁ ଭାରତ ପ୍ରତିଶ୍ରୁତି ଦେଇଛି। ପଡ଼ୋଶୀ ଦେଶର ଶାନ୍ତି ପ୍ରତିଷ୍ଠା ପାଇଁ ଭାରତ ପକ୍ଷରୁ ଉଦ୍ୟମ ଅବ୍ୟାହତ ରହିଛି। ଆଫଗାନିସ୍ତାନ ରାଷ୍ଟ୍ରପତି ଅଶ୍ରଫ୍ ଗନି ଗତବର୍ଷ ଭାରତ ଗସ୍ତକରି ଦ୍ୱିପାକ୍ଷିକ ସହଯୋଗକୁ ତ୍ୱରାନ୍ୱିତ କରିବା ଲାଗି ମୋଦିଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏଭଳି ସମୟରେ ପ୍ରଥମଥର ପାଇଁ ଆମେରିକା ପ୍ରଶାସନ ଆଫଗାନିସ୍ତାନରେ ଭାରତ ପକ୍ଷରୁ ଚାଲିଥିବା ବିକାଶମୂଳକ କାର୍ଯ୍ୟକୁ ଖୋଲାଖୋଲି ଉପହାସ କରିଛି। ଟ୍ରମ୍ପଙ୍କ ମନ୍ତବ୍ୟକୁ ଭାରତ ପକ୍ଷରୁ ନିନ୍ଦା କରାଯାଇଛି। ଆଫଗାନିସ୍ତାନରେ କେବଳ ଲାଇବ୍ରେରି ନୁହେଁ, ଅନେକ ପ୍ରକଳ୍ପରେ ଭାରତ ପକ୍ଷରୁ ପୁଞ୍ଜିନିବେଶ କରାଯାଇଛି ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଭାଜପା ସାଧାରଣ ସମ୍ପାଦକ ରାମମାଧବ ମଧ ଅନୁରୂପ ସୂଚନା ଦେଇ ଟ୍ରମ୍ପଙ୍କୁ ସମାଲୋଚନା କରିଛନ୍ତି। ସେହିପରି ବରିଷ୍ଠ କଂଗ୍ରେସ ନେତା ଅହମ୍ମଦ ପଟେଲ କହିଛନ୍ତି, ଟ୍ରମ୍ପଙ୍କ ମନ୍ତବ୍ୟ ଆଦୌ ଗ୍ରହଣୀୟ ନୁହେଁ। ଆଫଗାନିସ୍ତାନ ପ୍ରତି ଭାରତର ଅବଦାନ ଓ ସହାୟତା ସମ୍ପର୍କରେ କେନ୍ଦ୍ର ସରକାର ଆମେରିକାକୁ ସ୍ମରଣ କରାଇଦେବା ଉଚିତ ବୋଲି ସେ ଟୁଇଟ୍ କରିଛନ୍ତି।

### ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟର ...

କରିଛନ୍ତି ଯେ, ୨୦୧୪ରୁ ଏଯାବତ୍ ରାଜ୍ୟର ୭.୮ ଲକ୍ଷ ହେକ୍ଟର ଚାଷ ଜମି ଜଳସେଚିତ ହୋଇଛି। ଖୁବ୍‌ଶୀଘ୍ର ପୂର୍ବ ପ୍ରସ୍ତାବିତ ୧୦ ଲକ୍ଷ ହେକ୍ଟର ଜମି ଜଳସେଚନ ଲକ୍ଷ୍ୟ ପୂରଣ ହେବାକୁ ଯାଉଛି। କେବଳ ୨୦୧୪ରୁ ୨୬,୮୮୯ କୋଟି ଟଙ୍କା ଜଳସେଚନ ଏବଂ ଜଳସମ୍ପଦ କ୍ଷେତ୍ରରେ ୧୨୧୧ କୋଟି ଟଙ୍କା କେନ୍ଦ୍ରୀୟ ଅନୁଦାନ ଖର୍ଚ୍ଚ କରାଯାଇଛି। ଚଳିତ ବର୍ଷ ବିଶେଷ ଭାବେ ୧୦,୧୯୬ କୋଟି ଟଙ୍କା ଜଳସେଚନ ପାଇଁ ରାଜ୍ୟ ସରକାର ଯୋଗାଇ ଦେଇଛନ୍ତି। ସେହିପରି ୪୬ଟି ବହୁମୁଖୀ ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା ୫୪,୪୭୨ ହେକ୍ଟର, ୫୩,୫୭୬ ଗଭୀର ନଳକୂପ ଦ୍ୱାରା ଆୟାକଟ ୨,୬୭,୮୮୦ ହେକ୍ଟର ଜମିକୁ ଜଳସେଚିତ କରାଯାଇଛି। ଏତଦ୍‌ବ୍ୟତୀତ ୫୩୭୬ଟି ଗୋଷ୍ଠୀ ଉଠାଜଳସେଚନ ପଏଣ୍ଟ ଦ୍ୱାରା ଆୟାକଟ୍ ୧,୨୯,୭୬୪ ହେକ୍ଟର ଏବଂ ୮୩୩୫ ଚେକ୍ ଡ୍ୟାମ୍ ଦ୍ୱାରା ଆୟାକଟ୍ ୯୭,୬୯୪ ହେକ୍ଟର ଜମିକୁ ସିଧାସଳଖ ଜଳସେଚିତ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଓଡିଶାର ଜଳସେଚନକୁ ନେଇ ଗଣମାଧ୍ୟମରେ ପ୍ରକାଶ ପାଇଥିବା ମନ୍ତବ୍ୟ ଉପରେ ମୁଖ୍ୟମନ୍ତ୍ରୀ ଏହି ଉତ୍ତର ରଖିଥିବା ଜଣାପଡିଛି। ଚିଠି ସହିତ ରାଜ୍ୟର ଜଳସେଚନ ସମ୍ପର୍କିତ ଏକ ସାରଣୀ ମଧ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରିଛନ୍ତି। ଉକ୍ତ ସାରଣୀରେ ଏପ୍ରିଲ, ୨୦୧୪ ଠାରୁ ନଭେମ୍ବର ୨୦୧୮ ମଧରେ ହୋଇଥିବା ଜଳସେଚନ ସମ୍ପର୍କିତ ତଥ୍ୟ ରହିଥିବା ଜଣାପଡିଛି। ଏହି ତଥ୍ୟସବୁ ରାଜ୍ୟ ଜଳସମ୍ପଦ ବିଭାଗର ୱେବ୍‌ସାଇଟ୍‌ରେ ଉପଲବ୍ଧ । ସେହିପରି ଜଳସେଚନଭିତ୍ତିକ ନିବେଶ କ୍ଷେତ୍ରରେ ଓଡ଼ିଶା ଏକ ଶୀର୍ଷ ସ୍ଥାନୀୟ ରାଜ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅପରପକ୍ଷରେ ଚିଠିରେ ମୁଖ୍ୟମନ୍ତ୍ରୀ ପ୍ରଥମେ ପ୍ରଧାନମନ୍ତ୍ରୀଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇଛନ୍ତି। ଏଥିସହିତ ଗତ ଡିସେମ୍ବରରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହୋଇଥିବା ସମସ୍ତ ପ୍ରକଳ୍ପ ପାଇଁ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯିବ ବୋଲି ମତ ରଖିଛନ୍ତି।

### ୧୮ରେ ଓଡ଼ିଶା ...

ସେହିପରି ଆସନ୍ତା ୧୫ରେ ପ୍ରଧାନମନ୍ତ୍ରୀ ପୁଣି ପଶ୍ଚିମ ଓଡିଶା ଆସିବେ। ମୋଦିଙ୍କ ଏଭଳି ଏକାଧିକବାର ଓଡ଼ିଶା ଗସ୍ତକୁ ନେଇ ଭାଜପା ରାଜ୍ୟ ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତ୍ତାମାନେ ବେଶ୍ ଉତ୍ସାହିତ ଅଛନ୍ତି। ଏପରି ସମୟରେ ଆସନ୍ତା ୧୮ରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ଓଡ଼ିଶା ଗସ୍ତ ନେଇ ଦଳର ରାଜ୍ୟ ପ୍ରଭାରୀ ଅରୁଣ ସିଂହ ଭୁବନେଶ୍ୱରରେ ପହଞ୍ଚିବା ପରେ ସୂଚନା ଦେଇଛନ୍ତି। ଅରୁଣ କହିଛନ୍ତି ଯେ, ରାଜ୍ୟ ଭାଜପାର ମିଶନ ୧୨୦+ ଲକ୍ଷ୍ୟ ଆଗେଇ ଚାଲିଛି । ପୂର୍ବ ଭାରତର ବିକାଶ ତଥା ନୂଆ ଓଡିଶା ଗଠନ ପାଇଁ ଦଳ ପ୍ରାଧାନ୍ୟ ଦେଇ ଆସୁଛି ବୋଲି ସେ କହିଛନ୍ତି। ରାଜ୍ୟରେ ପିସି କାରବାର, ନିଯୁକ୍ତି ସୃଷ୍ଟି ନ କରିବା, କେନ୍ଦ୍ର ଯୋଜନାକୁ ଲାଗୁ ନ କରିବା ଆଦି ବିଭିନ୍ନ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ପଚାରିଥିବା ପ୍ରଶ୍ନର ଉତ୍ତର ଏ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇପାରିଲେ ନାହିଁ ବୋଲି ଅରୁଣ କହିଛନ୍ତି। ଆସନ୍ତା ୫ରେ ବାରିପଦାଠାରେ ପ୍ରଧାନମନ୍ତ୍ରୀ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ କରିବେ । ତେବେ ମୋଦିଙ୍କ ଗସ୍ତପରେ ଜାନୁୟାରୀ ୧୮ରେ ଶାହ ଓଡିଶା ଆସିବେ । ରାଜ୍ୟରେ ଥିବା ବିଭିନ୍ନ ଶକ୍ତି କେନ୍ଦ୍ରଗୁଡିକରେ ଯୋଗଦେବା ସହ ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତାମାନଙ୍କ ସହ ଆଗାମୀ ନିର୍ବାଚନ ରଣନୀତି ସମ୍ପର୍କରେ ଆଲୋଚନା କରିବେ ବୋଲି ସେ କହିଛନ୍ତି। ସେହିପରି ଚାଷୀ ପ୍ରସଙ୍ଗରେ ବିଜେଡିର ପାର୍ଲାମେଣ୍ଟ ଘେରିବା ପ୍ରସଙ୍ଗ ନେଇ ଅରୁଣ କହିଛନ୍ତି ଯେ, ଆସନ୍ତା ୮ରେ ବିଜେଡି ଚାଷୀ ସମସ୍ୟାକୁ ନେଇ ଆନ୍ଦୋଳନ କରିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା । ସମସ୍ୟା ସମାଧାନ ନ କରି ବିକ୍ଷୋଭ କରିବା ମୁଖ୍ୟମନ୍ତ୍ରୀଙ୍କର ନୀତିଗତ ଅଭ୍ୟାସ। ନିଜ ଅପାରଗତାକୁ ଲୁଚାଇବାକୁ ଯାଇ ସେ ବାହାନା ଖୋଜୁଛନ୍ତି। ୧୯ ବର୍ଷ ଶାସନ କରୁଥିବା ଶାସକ ବିଜେଡି କାହିଁକି ଚାଷୀଙ୍କ ସମସ୍ୟା ଦୂରକରିପାରିଲେ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି । ପଡୋଶୀ ଛତିଶଗଡ ସରକାର ଯଦି ୨୫୫୦ଟଙ୍କା ଏମ୍ଏସ୍‌ପି ଦେଇପାରୁଛି ତେବେ ଓଡିଶା ସରକାର ଦେବାରେ କ'ଣ ଅସୁବିଧା ରହିଛି ବୋଲି ଅରୁଣ ପ୍ରଶ୍ନ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ରାଶ୍ୟାଧିପତି ବ୍ୟୟଭାବରେ ଆପଣଙ୍କୁ ନୂଆ ଜିନିଷ କିଣିବା ପାଇଁ, ବନ୍ଧୁଙ୍କ ସହ ଯାତ୍ରା କରିବା ସକାଶେ ମନସ୍ଥ କରାଇବ। ପଡୋଶୀଙ୍କ ସହ ଆଲୋଚନା କରି କୌଣସି କାର୍ଯ୍ୟାରମ୍ଭ କରିବାକୁ ଯୋଜନା କରିପାରନ୍ତି। ଚନ୍ଦ୍ର ଓ ବୃହସ୍ପତି ଧନ ସ୍ଥାନକୁ ଦେଖୁଥିବାରୁ କୌଣସି ବିବାଦୀୟ ଅର୍ଥଲାଭର ସୂଚନା ରହିଛି। ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ।

**ବୃଷ** ଶୁକ୍ର ନିଜ ରାଶିକୁ ଅବଲୋକନ କରି ଦୈହିକ ଓ ମାନସିକ ସୁସ୍ଥତାକୁ ପରିପୁଷ୍ଟ କରିବେ। ଏହା ସାଙ୍ଗକୁ ପଡୋଶୀ, ବନ୍ଧୁ କିମ୍ବା ସ୍ତ୍ରୀଙ୍କ ସହ ସାମାନ୍ୟ କଥା କଟାକଟି ଘଟିପାରେ। କେତେକ କ୍ଷେତ୍ରରେ ମନ ଚାହୁଁ ନ ଥିଲେ ମଧ ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବାକୁ ପଡ଼ିବ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସିବେ ଓ କୌଣସି ଶୁଭଖବର ଦେଇପାରନ୍ତି।

**ମିଥୁନ** ବୁଧଙ୍କ ରାଶି ପ୍ରତି ପୂର୍ଣ୍ଣଦୃଷ୍ଟି ବନ୍ଧୁମାନଙ୍କ ସାହାଯ୍ୟ, ସମର୍ଥନକୁ ସ୍ୱାଗତ ଜଣାଇ ଖୁସି କରାଇବ। ପାଖପଡ଼ୋଶୀଙ୍କ ବିବାଦର ଆଲୋଚନା ବିଷୟ ଆପଣଙ୍କ ଆଲୋଚନାରେ ସ୍ଥାନ ପାଇପାରେ। ବନ୍ଧୁ ଗହଣରେ ଅଥବା ସଭାସମିତିରେ ନୂଆ ନୂଆ ମୁହଁ ସହ ପରିଚିତ ହେବେ। କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି।

**କର୍କଟ** ଗୁରୁ ଓ ଶୁକ୍ରଙ୍କ ସାନ୍ନିଧ୍ୟରେ ଚନ୍ଦ୍ର ନୂତନ କାର୍ଯ୍ୟାରମ୍ଭର ଯୋଜନା ପ୍ରସ୍ତୁତି ଚଳାଇପାରନ୍ତି। ହସଖୁସି ଓ ମଜାମଉଜରେ ନିଜକୁ ହଜାଇଦେବାର ମଉକା ପାଇବେ। ଦକ୍ଷତାର ସହ କାର୍ଯ୍ୟ ସମ୍ପାଦନ କରିବାରେ ସଫଳ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ଆର୍ଥିକ ସମସ୍ୟା ଦେଖାଦେଇପାରେ।

**ସିଂହ** ରବି ଅନ୍ୟ ଦୁଇଗ୍ରହଙ୍କ ସହ ଲାଭଭାବକୁ ଦେଖି ତର୍କ ଓ ବିବାଦ ମଧରେ ଆଶାକୁ ପୂରଣ କରାଇବେ। ବୁଧଙ୍କ ସୁପ୍ରଭାବରେ ବନ୍ଧୁଙ୍କ ସହ ସମ୍ପର୍କ ଜମିବ ଏବଂ ଯେମିତି ପାଇବେ ଅନ୍ୟମାନଙ୍କୁ ମଧ ଦେବାରେ କୁଣ୍ଠାବୋଧ କରିବେ ନାହିଁ। କିନ୍ତୁ କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ଜନିତ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଭ୍ରମଣ, ରାଜନୀତି, ପ୍ରକାଶନ ଓ ପ୍ରଶାସନ ପାଇଁ ଦିନଟି ଭଲ।

**କନ୍ୟା** ଏକାଧିକ ଗ୍ରହ ଚତୁର୍ଥ ଓ ଦଶମ ସ୍ଥାନକୁ ପ୍ରଭାବିତ କରୁଥିବାରୁ ବନ୍ଧୁପ୍ରୀତି, ଲୋକସମ୍ପର୍କ, ସ୍ଥଗିତ କାର୍ଯ୍ୟ, ସଭାରେ ଫଳପ୍ରଦ ଆଲୋଚନା କରିପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ, ସାମ୍ବାଦିକତା, ଚଳଚ୍ଚିତ୍ର କ୍ଷେତ୍ରରେ ସମ୍ମାନଜନକ ସ୍ଥିତିକୁ ଯିବାରେ ପ୍ରତିବନ୍ଧକ ରହିବ ନାହିଁ । ଗୁରୁପାକ ଦ୍ରବ୍ୟ ଭୋଜନରୁ ଅଜୀର୍ଣ୍ଣ ଓ ଅମାଶୟ ଦେଖାଦେବାର ଆଶଙ୍କା ରହିଛି।

**ତୁଳା** ଶୁକ୍ର କର୍ମାଧିପଙ୍କ ସହ ଅବସ୍ଥାନ କରି ଧନଭାବରେ କର୍ମକ୍ଷେତ୍ରରେ ଅର୍ଥ, ସମ୍ମାନ ଓ ପ୍ରତିଷ୍ଠା ଲାଭରେ ସହାୟକ ହେବେ। କୌଣସି ମହିଳାଙ୍କ ସହୃଦୟତାରୁ ସ୍ଥଗିତ କାର୍ଯ୍ୟ ସମ୍ପନ୍ନ ହୋଇପାରିବ। ଯଦି ଆପଣଙ୍କ ସେପରି କିଛି କୃତି ରହିଥିବ ତେବେ କୃତିତ୍ୱର ମୂଲ୍ୟାୟନ ସ୍ୱରୂପ ଅର୍ଥ, ମାନପତ୍ରାଦି ପାଇପାରିବେ। କଳା, ସଙ୍ଗୀତ ପ୍ରତି ଅନୁରକ୍ତି ପ୍ରକାଶ ପାଇପାରେ।

**ବିଛା** ଭୂନନ୍ଦନ ନନ୍ଦନ ଭାବରେ ରହି ଆର୍ଥିକ, ଶାରୀରିକ, ମାନସିକ ଓ ସାମାଜିକ ସ୍ଥିତିକୁ ଉନ୍ନତ ରଖିବାରେ ସାହାଯ୍ୟ କରିବ। ରାଶିରେ ଶୁଭଗ୍ରହ ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରାଇବାର ପଥ ପରିଷ୍କାର କରିବେ। ଆତ୍ମୀୟସ୍ୱଜନଙ୍କ ଅନୁରାଗ, ଲୋକ ସମ୍ପର୍କର ଅଭିବୃଦ୍ଧି, କୃତିତ୍ୱର ପ୍ରଶଂସାରେ ଆତ୍ମହରା ହୋଇପାରନ୍ତି। ବ୍ୟବସାୟ, ନୂତନ କାର୍ଯ୍ୟରେ ସଫଳତା ପାଇବେ।

**ଧନୁ** ଦେବଗୁରୁଙ୍କ ସ୍ୱଗୃହାଭିମୁଖୀ ଯାତ୍ରା ଆପଣଙ୍କ ଜୀବନଯାତ୍ରା ପାଇଁ ହିତକାରକ ହେବ। ଆରୋଗ୍ୟଲାଭ, ଅର୍ଥପ୍ରାପ୍ତି, ପାରିବାରିକ ସୌଖ୍ୟ ଓ ସ୍ଥଗିତକାର୍ଯ୍ୟାରମ୍ଭରୁ ଆନନ୍ଦିତ ରହିବେ। ଶତ୍ରୁମାନେ ଦୂରେଇ ରହିବେ ଓ ସମସ୍ୟାର ସରଳ ସମାଧାନ ହୋଇପାରିବ। କିନ୍ତୁ ଭୁଲ୍ ବୁଝାମଣା, ଅଯଥା ଦୋଷାରୋପ ପାରିବାରିକ ଜୀବନକୁ କଳୁଷିତ କରିପାରେ।

**ମକର** ରାଶି ପାଇଁ ରବି ଓ ବୁଧ ଅତ୍ୟନ୍ତ ଅଶୁଭଗ୍ରହ ହୋଇ ଶନିଙ୍କ ସହ ଆପଣଙ୍କ ଚିନ୍ତାଧାରା ଓ କାର୍ଯ୍ୟଶୈଳୀକୁ ବିକୃତ କରିପାରନ୍ତି। ଆପଣଙ୍କ କଥା ଓ କାମର ଭିନ୍ନତା ବନ୍ଧୁଙ୍କ ମନରେ ଭୁଲ୍‌ଧାରଣା ସୃଷ୍ଟିକରି ସମ୍ପର୍କ ହ୍ରାସ କରାଇପାରେ। ନିର୍ମାଣାଧୀନ ଗୃହକାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବା ପୂର୍ବରୁ କୌଣସି ସମସ୍ୟା ସୃଷ୍ଟି ହୋଇପାରେ।

**କୁମ୍ଭ** ଶନିଙ୍କ ସୁଦୃଷ୍ଟି ଶାରୀରିକ ସୁସ୍ଥତା, କାର୍ଯ୍ୟସିଦ୍ଧି, ମିତ୍ରବନ୍ଧୁଙ୍କ ସହ ପ୍ରୀତିପ୍ରଦ ଆଲୋଚନା କରିବେ। ସଫଳତାର ଆନନ୍ଦରେ ଅଭିଭୂତ ହେବାସହ ସହଯୋଗୀଙ୍କୁ ଆପଣାର କରିବାରେ ସମର୍ଥ ହେବେ। ଯୁକ୍ତିଯୁକ୍ତ ମନ୍ତବ୍ୟ ଦେଇ ବହୁର୍ଚ୍ଚିତ ହେବା ସହ ସାମାଜିକ ସ୍ତରରେ ଖ୍ୟାତି ଅର୍ଜନ କରିପାରନ୍ତି। ପରୋକ୍ଷ ଭାବରେ ପ୍ରତ୍ୟେକ କାର୍ଯ୍ୟରେ ଅନ୍ତରାୟ ସୃଷ୍ଟିକରିବେ।

**ମୀନ** ଦେବଗୁରୁଙ୍କ ଦିବ୍ୟଦୃଷ୍ଟି ପ୍ରତ୍ୟେକ କାର୍ଯ୍ୟ ସାଧନରେ ସହାୟକ ହେବ। ଫଳତଃ ଗୌରବର୍ଣ୍ଣ ବିଶିଷ୍ଟବ୍ୟକ୍ତିଙ୍କ ଅନୁକମ୍ପା ଓ ସାହାଯ୍ୟ ଲାଭ କରିପାରିବେ। ପ୍ରତ୍ୟେକ କ୍ଷେତ୍ରରେ ବୈଷମ୍ୟ ଲାଗି ରହିଥିଲେ ମଧ ଅନ୍ୟମାନଙ୍କ ସମ୍ମୁଖରେ ସାମ୍ୟଭାବ ପ୍ରଦର୍ଶନ କଲେ ଉପକାର ମିଳିବ। ଶିଳ୍ପ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

ଆଜି ପୌଷ କୃଷ୍ଣ ଚତୁର୍ଦ୍ଦଶୀ ଶୁକ୍ରବାର, ଜାନୁୟାରୀ ୪ ତାରିଖ, ବିଶ୍ୱ ବ୍ରେଲ୍ ଦିବସ, ଲୁଇବ୍ରେଲ୍‌ଙ୍କ ଜୟନ୍ତୀ, ମିଥୁନ ରାଶିର ଘାତବାର, ରାଶି ନକ୍ଷତ୍ର- ଦିବା ଘ୧।୪୩ମି. ପର୍ଯ୍ୟନ୍ତ ଜ୍ୟେଷ୍ଠା/ବିଛା, ଚତୁର୍ଦ୍ଦଶୀର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୭।୫୦ମି. ମଧ୍ୟେ ଘ୩।୫୭ମି. ଗତେ, ଘ୫।୧୮ମି. ମଧ୍ୟେ ଅମୃତବେଳା। ଦିବା ଘ୭।୫୦ମି. ଗତେ ଘ୯।୧୧ମି. ମଧ୍ୟେ, ଘ୧୧।୫୩ମି. ଗତେ ଘ୧।୧୪ମି. ମଧ୍ୟେ ମାହେନ୍ଦ୍ରବେଳା । ଦିବା ଘ୧୦।୩୦ମି. ଗତେ ଘ୧୧।୫୨ମି. ମଧ୍ୟେ ରାହୁକାଳ।



"ସବୁ ଧର୍ମ ସମାନ। ଯେ ଯାହା ଧର୍ମରେ ଥାଇ ବ୍ୟାକୁଳ ଭାବେ ଈଶ୍ୱରଙ୍କୁ ଡାକିଲେ ସେ ନିଶ୍ଚୟ ମନୋବାଞ୍ଛା ପୂର୍ଣ୍ଣ କରିବେ। ଭଗବାନ ଶିଶୁ ପରି ସରଳ, କୌଣସି କପଟ ମନରେ ଥିଲେ ତାଙ୍କୁ ପାଇବା ଅସମ୍ଭବ।

- ରାମକୃଷ୍ଣ ପରମହଂସ

# କାନ୍ଦବୋବାଳିରେ ଫାଟିଲା ହସିଣା ଗାଁ



କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଦେଇ ପ୍ରବାହିତ ମହାନଦୀର ଶାଖା ଖୋଳାନଦୀ ବାଲିଘାଟଠାରେ ବୁଧବାର ଘଟିଥିବା ଡଙ୍ଗାବୁଡ଼ି ଘଟଣା ଉଭୟ କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଏହି ଦୁର୍ଘଟଣାରେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ ହସିଣା ଗ୍ରାମର ୯ ଜଣଙ୍କ ମୃତ୍ୟୁ ଘଟିଛି। ଗୁରୁବାର ସମସ୍ତ ମୃତଦେହ ବ୍ୟବଚ୍ଛେଦ କରାଯିବାପରେ ହସିଣା ଗାଁ କାନ୍ଦବୋବାଳିରେ ଫାଟି ପଡିଛି। ନିଜ ସମ୍ପର୍କୀୟଙ୍କୁ ହରାଇ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି। ନୂତନ ବର୍ଷ ଆରମ୍ଭରୁ ଈଶ୍ୱର ଏତେ ବଡ଼ ଦୁଃଖଦେଲେ ଯେ, ତାହାକୁ ଆମେ ସହି ପାରୁନାହୁଁ ବୋଲି ସମ୍ପର୍କୀୟ କହିଛନ୍ତି। ଘଟଣା ପରେ ବିଭିନ୍ନ ରାଜନୈତିକ ବ୍ୟକ୍ତି ବିଶେଷଙ୍କ ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ବାରମ୍ବାର ଏଭଳି ଘଟଣା ଘଟୁଥିଲେ ମଧ ପ୍ରଶାସନ ଏ ଦିଗରେ ପଦକ୍ଷେପ ନେଉନ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।



ହସିଣା ଗ୍ରାମରେ ଶୋକାକୁଳ ପରିବେଶ।

## ଅନ୍ଧାର ରାତିରେ ଦେବଦୂତ ପାଲଟିଲେ ସବିତା ଓ ପୂର୍ଣ୍ଣିମା

ଡଙ୍ଗା ବୁଡ଼ି ବେଳେ ନଦୀ ଭିତରେ ଲୋକଙ୍କ ଆର୍ତ୍ତଚିତ୍କାର ଶୁଣି ସେମାନଙ୍କୁ ଉଦ୍ଧାର କରିବାକୁ ନଦୀ ଭିତରକୁ ଡେଇଁ ପଡ଼ିଥିଲେ ଦୁଇ ଭଉଣୀ। ନଦୀଠାରୁ ମାତ୍ର ୫୦ମିଟର ଦୂରରେ ବସବାସ କରୁଥିବା ଉତ୍ତମ ଗିରିଙ୍କ ଝିଅ ପୂର୍ଣ୍ଣିମା ଓ ବୁଦ୍ଧଦେବ ଗିରିଙ୍କ ଝିଅ ସବିତା ନଦୀ ମଧରୁ ପ୍ରାୟ ୩୦ରୁ ୩୫ ଯାତ୍ରୀଙ୍କୁ ଉଦ୍ଧାର କରି ଉପରକୁ ଆଣିଥିଲେ। ଖୋଳାନଦୀରେ କୁମ୍ଭୀର ଭୟ ଥିବା ବେଳେ ସବିତା ଓ ପୂର୍ଣ୍ଣିମା ଏହାକୁ ଖାତିର ନ କରି ନଦୀରେ ପଶି ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। ଅନ୍ଧାର ରାତିର ସେହି ଭୟଙ୍କର ଦୃଶ୍ୟ ସମ୍ପର୍କରେ ସବିତା ଓ ପୂର୍ଣ୍ଣିମା କୁହନ୍ତି, ଯାତ୍ରୀଙ୍କ ଚିତ୍କାର ଶୁଣି ନଦୀ କୂଳକୁ ଧାଇଁ ଆସିଥିଲୁ। ସେତେବେଳେ କୁମ୍ଭୀର ଭୟ ମନକୁ ଆସି ନ ଥିଲା। ବହୁ ଚେଷ୍ଟା କରି ଲୋକମାନଙ୍କୁ ଉଦ୍ଧାର କଲୁ। କିନ୍ତୁ ଆଖି ଆଗରେ ଆଉ ୧୦ଜଣଙ୍କ ମୃତ୍ୟୁ ହୋଇଗଲା। ସେମାନଙ୍କୁ ଉଦ୍ଧାର କରି ନ ପାରିବାରୁ ବହୁ ଦୁଃଖ ଲାଗୁଛି ବୋଲି ଦୁଇ ଭଉଣୀ କୋହଭରା କଣ୍ଠରେ କହିଛନ୍ତି। ଏହି ଦୁଇ ଭଉଣୀଙ୍କ ସାହିସିକତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇବା ସହ ସେମାନେ ବାସ୍ତବରେ ଯୁବ ଓଡ଼ିଶାର ହିରୋ ବୋଲି କହିଛନ୍ତି।



### ମାସକ ତଳେ କିଣା ହୋଇଥିଲା ଡଙ୍ଗା

ସମୁଦ୍ରରୁ ମାଛ ମାରିବା ପାଇଁ ମାସକ ତଳେ ଏହି ଡଙ୍ଗା କିଣା ହୋଇଥିଲା। ଗାଁର ମତ୍ସ୍ୟଜୀବୀ ଟୁଟୁ ସାହୁ ଓ ନିର୍ଭୟ ସ୍ୱାଇଁଙ୍କ ସମେତ ୫ଜଣ ଗ୍ରୁପ ହୋଇ ଏକ ନୂଆ ଡଙ୍ଗା କିଣିଥିଲେ। ଯାହାଫଳରେ ମହାନଦୀର ତଳି ଅଞ୍ଚଳ ଓ ମୁହାଣ ମୁହଁରୁ ବେଶ୍ ମାଛ ମାରିଥିଲେ। ହେଲେ ପୋଷଣାହାରୀ ଡଙ୍ଗା ଯେ ଦିନେ ଏପରି ଧୋକ୍କା ଦେବ, ଗାଁରୁ ୧୦ଜଣଙ୍କ ଜୀବନ ନେବ ଏକଥା କେବେ କେହି ଭାବି ନ ଥିଲେ।

## ଡଙ୍ଗା ପଛପାଖ ଖୁଣ୍ଟରେ ପିଟି ହେବାରୁ ଓଲଟି ପଡିଥିଲା



ମରଣ ମୁହଁରୁ ଫେରିଥିବା ରମେଶ ମୁଦୁଲି ଓ ପ୍ରକାଶ ସ୍ୱାଇଁ କହିଛନ୍ତି, ପିକ୍‌ନିକ୍ ସାରି ଫେରିବା ପର୍ଯ୍ୟନ୍ତ ସବୁ ଠିକ୍‌ଠାକ ଥିଲା। ସନ୍ଧ୍ୟା ୬ଟାରେ ଫେରିବା ବେଳେ ମହାନଦୀ ଅତିକ୍ରମ କରି ଗୋଖା ନଦୀ ଖୋଳାରେ ଆସିବା ବେଳେ ନିପାଣିଆଠାରେ ଜଣେ ମହିଳା ଶୌଚ ହେବାକୁ କହିବାରୁ ଏକ ଟାପୁଠାରେ କୂଳରେ ଡଙ୍ଗା ଲାଗିଥିଲା। ୫ଜଣ ଡଙ୍ଗାରୁ ଓହ୍ଲାଇ ଶୌଚ ହେବାକୁ ଯାଇଥିଲେ। ପରେ ଡଙ୍ଗା କୂଳ ଛାଡୁ ଛାଡୁ ଭାରସାମ୍ୟ ହରାଇ ବସିଥିଲା। ବୋଧହୁଏ ଡଙ୍ଗାର ପଛପାଖ ଏକ ଖୁଣ୍ଟରେ ପିଟି ହୋଇଥିଲା କିମ୍ବା କୌଣସି କାରଣରୁ ଡଙ୍ଗା ଓଲଟି ପଡିଥିଲା। ଆଖି ସାମ୍ନାରେ ନାଉରୀଙ୍କ ଶିଶୁ ପୁତ୍ର ଓ କନ୍ୟା, ପରିବାରର ଛୋଟ ଛୋଟ ପିଲାମାନେ ଭାସି ଯାଇଥିଲେ। ଜୀବନ ବଞ୍ଚେଇବାକୁ ଡଙ୍ଗାରେ ଥିବା ଅନ୍ୟମାନେ କୂଳରେ ଲାଗିଥିଲେ। ସ୍ଥାନୀୟ ଗ୍ରାମବାସୀ ମଧ ସହଯୋଗ କରିଥିଲେ। ଡଙ୍ଗାରେ ବୁଡ଼ି ଯାଇଥିବା ଲୋକେ ନିଜର ସ୍ଥିତି ହରେଇ ବସିଥିଲେ। କାହାର ପୁଅ, ଝିଅ, ସ୍ତ୍ରୀ ବୁଡିଗଲା ହଜିଗଲା କେହି ବୁଝିପାରି ନ ଥିଲେ। ନିପାଣିଆ ଗାଁ ମୁଣ୍ଡରେ ଅଭାବବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା।

## ୮ ମୃତଦେହ ଉଦ୍ଧାର କଲେ ଭୀମା

ଜିଲା ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ ସହିତ ଉଦ୍ଧାର ପାଇଥିବା ଯାତ୍ରୀଙ୍କ ସୁରକ୍ଷା ପ୍ରତି ବିଶେଷ ଧ୍ୟାନଦିଆଯାଇଥିଲା। ଏଥିରେ ଅଗ୍ନିଶମ ବାହିନୀ, ବନ ବିଭାଗ ସହିତ ସ୍ଥାନୀୟ ବୋଟ ନିୟୋଜିତ ହୋଇଥିଲା। ଶୀତକୁ ଖାତିର ନ କରି ରାତି ପ୍ରାୟ ୧୨.୩୦ ମିନିଟ ପରେ ଦ୍ୱିତୀୟ ପର୍ଯ୍ୟାୟ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ତଥା ବିପର୍ଯ୍ୟୟ ସମୟରେ ଉଦ୍ଧାର ପାଇଁ ତାଲିମପ୍ରାପ୍ତ ଭୀମା ୪ ଜଣ ସାଥୀଙ୍କ ସହ ସେଠାରେ ପହଞ୍ଚି ମାନବ ଶୃଙ୍ଖଳ ସୃଷ୍ଟି ରାତି ୨ଟା ସୁଦ୍ଧା ଅବଶିଷ୍ଟ ମୃତଦେହ ଉଦ୍ଧାର କରିଥିଲେ।

## ଗୁରୁବାର ସକାଳର ଯନ୍ତ୍ରଣାଦାୟକ ଦୃଶ୍ୟ

ଗୁରୁବାର ସକାଳ ସୁଦ୍ଧା ୪୫ ଯାତ୍ରୀ ଓ ୯ ମୃତଦେହ ଉଦ୍ଧାର ହୋଇସାରିଥିଲା। ଘଟଣାସ୍ଥଳରେଉଭୟକେନ୍ଦ୍ରାପଡାଓଜଗତସିଂହପୁରଜିଲାପ୍ରଶାସନିକଅଧିକାରୀମାନେ ଉପସ୍ଥିତ ଥିଲେ। କାନ୍ଦବୋବାଳିରେ ଫାଟି ପଡୁଥିଲା ନଦୀପଠା। ତା'ସହ ୯ଜଣଙ୍କ ଶବ ଏକାଠି ପଡିଥିବା ଦୃଶ୍ୟ ସାଧାରଣଲୋକକୁ ବିବ୍ରତ କରିଥିଲା। ତୁହାକୁତୁହା ଯାତ୍ରୀଙ୍କ ପରିବାର ସଦସ୍ୟ ଓ ସମ୍ପର୍କୀୟ ପହଞ୍ଚିବା ପରେ କରୁଣ ପରିସ୍ଥିତି ସୃଷ୍ଟି ହୋଇଥିଲା।



ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିବା ଓଡ୍ରାଫ୍ ଟିମ୍।

## ପୋଲିଓ ନେବା ପରେ ଶିଶୁ ମୃତ

ବେତନଟୀ,୩।୧ (ଡ଼ି.ଏନ.ଏ)

ମୟୂରଭଞ୍ଜ ଜିଲା ବେତନଟୀ ଡାକ୍ତରଖାନାରେ ଗୁରୁବାର ପୋଲିଓ ଭ୍ୟାକସିନ ନେବା ପରେ ଅଢେଇ ମାସର ଶିଶୁକନ୍ୟାର ମୃତ୍ୟୁ ହୋଇଛି। ମୃତା ଶିଶୁ ବେତନଟୀ ଥାନା ଅଧୀନ ଶଂଶା ଗ୍ରାମର ଡ଼ମ୍ବରୁଧର ମହାନ୍ତ ଓ ଯଶୋଦା ମହାନ୍ତଙ୍କ ଝିଅ । ଏନେଇ ବେତନଟୀ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ ୧/୧୯) ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯାଇଛି।




ଖପ୍ରାଖୋଲ ବ୍ଲକର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ। ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଅଣୁ, ଏତିକି କାମନା।

ତରଣୀ ସୁନା
ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଖପ୍ରାଖୋଲ ବ୍ଲକ




ତେଲେନପାଲି କୃଷି ସମବାୟ ସମିତିର ସମସ୍ତ ଚାଷୀ ଭାଇଙ୍କୁ ନୂଆବର୍ଷର ଶୁଭେଚ୍ଛା ଓ ଶୁଭକାମନା।

ବିପ୍ର ବିଶି
ସଭାପତି, କୃଷି ସମବାୟ ସମିତି, ତେଲେନପାଲି

ଗଣେଶ ମାଝି
ସମ୍ପାଦକ




ରେଙ୍ଗାଲି ପଞ୍ଚାୟତରେ ସମସ୍ତ ଭାଇ ଭଉଣୀମାନଙ୍କୁ ନୂଆ ବର୍ଷ ୨୦୧୯ର ଶୁଭକାମନା।

ବାହୁବଳେନ୍ଦ୍ର ପୁରୋହିତ
କାର୍ଯ୍ୟନିର୍ବାହୀ ଅଧିକାରୀ, ରେଙ୍ଗାଲି ଗ୍ରାମପଞ୍ଚାୟତ

ସବିତା ମେହେର
ସରପଞ୍ଚ



ଖପ୍ରାଖୋଲ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂଆ ବର୍ଷର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।

ଉପେନ୍ଦ୍ର ଭୋଇ
ସରପଞ୍ଚ, ଖପ୍ରାଖୋଲ ଗ୍ରାମପଞ୍ଚାୟତ



ଖପ୍ରାଖୋଲ ବ୍ଲକର ସମସ୍ତ ଜନସାଧାରଣ, ଶ୍ରମିକ, ଚାଷୀ, ମୂଲିଆ ଭାଇ ଭଉଣୀ ମାନଙ୍କୁ ନୂଆ ବର୍ଷର ଶୁଭେଚ୍ଛା ଓ ଶୁଭ କାମନା।

ଇଂ ସୋମ୍ୟ କିଶୋର ଜଏପୁରିଆ
ସହକାରୀ ନିର୍ବାହୀଯନ୍ତ୍ରୀ, ଖପ୍ରାଖୋଲ ବ୍ଲକ




ଧଣ୍ଡାମୁଣ୍ଡା ପ୍ରାଥମିକ କୃଷି ସମବାୟ ସମିତିର ସମସ୍ତ ଚାଷୀ ଭାଇମାନଙ୍କୁ ନୂଆବର୍ଷର ଅଭିନନ୍ଦନ।

ଦେବକାନ୍ତ ପାଣିଗ୍ରାହୀ
ସଭାପତି, କୃଷି ସମବାୟ ସମିତି, ଧଣ୍ଡାମୁଣ୍ଡା

ରାମକୃଷ୍ଣ ସାହୁ
ସମ୍ପାଦକ




ଲୁହାସିଂହା ପ୍ରାଥମିକ କୃଷି ସମବାୟ ସମିତି ଅଞ୍ଚଳର ସମସ୍ତ ଚାଷୀ ଭାଇଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭ କାମନା। ନୂତନ ବର୍ଷ ସୁଖ, ଶାନ୍ତି ଓ ସମୃଦ୍ଧି ଆଣିଦେଉ।

ଦମୟନ୍ତୀ ସୁଆର
ସଭାନେତ୍ରୀ, ଲୁହାସିଂହା ପ୍ରାଥମିକ କୃଷି ସମବାୟ ସମିତି

କନ୍ଦର୍ପ ସୁଆର
ସମାଜସେବୀ




ଭାନପୁର କୃଷି ସମବାୟ ସମିତି ଅଞ୍ଚଳର ସମସ୍ତ ଚାଷୀ ଭାଇମାନଙ୍କୁ ନୂଆ ବର୍ଷର ଶୁଭେଚ୍ଛା ଓ ଶୁଭ କାମନା।

ଫକିର ପଧାନ
ସଭାପତି, କୃଷି ସମବାୟ ସମିତି, ଭାନପୁର

ମାଧବ ଚନ୍ଦ୍ର ପାଢୀ
ସମ୍ପାଦକ




ଘୁନସର ପଞ୍ଚାୟତର ସମସ୍ତଙ୍କୁ ନୂଆ ବର୍ଷର ଶୁଭେଚ୍ଛା।

ଶ୍ରୀୟାବଲ୍ଲଭ ପାଣିଗ୍ରାହୀ
କାର୍ଯ୍ୟନିର୍ବାହୀ ଅଧିକାରୀ, ଘୁନସର ଗ୍ରାମପଞ୍ଚାୟତ

କପିଳ ବୁଡେକ
ସରପଞ୍ଚ

FORM NO.13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, CDA, CUTTACK, ODISHA
O.A. No. 146 of 2018

UCO Bank, Banarpal Branch, Angul ...Applicant
Vrs
Sri Ishan Shah & others ...Defendants

To
1. **Sri Ishan Shah**, S/o- Sri Ratan Chandra Shah, At: 696, Jayadurga Nagar, P.O.: Bomikhal, Bhubaneswar, Dist.: Khurda

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **OA. No. 146/2018** in the court of the Debts Recovery Tribunal, Cuttack for recovery of **Rs.31,64,815/-** together with current and future interest, costs and other reliefs. The above mentioned defendants are therefore directed to appear before this Tribunal in person or through an Advocate or duly authorized agent in support of their defense to show cause within **30 days** from the date of publication or on **11.02.2019 at 10.30 AM** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **27th day of December 2018.**

Sd/- SRIKANTA KUMAR MAIKAP
REGISTRAR

FORM NO.13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, CDA, CUTTACK, ODISHA
O.A. No. 142 of 2018

UCO Bank, Banarpal Branch, Angul ...Applicant
Vrs
Sri Anil Kumar Shah & others ...Defendants

To
1. **Sri Anil Kumar Shah**, S/o- Sri Sitaram Shah, At: 110, Manorama Manner, P.O.: Bomikhal, Bhubaneswar, Dist.: Khurda
2. **Sri Ganga Narayan Dash,** S/o- Sri Shyam Sundar Dash, At/P.O.: Athamalik, Dist.: Angul

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **OA. No. 142/2018** in the court of the Debts Recovery Tribunal, Cuttack for recovery of **Rs.31,27,375/-** together with current and future interest, costs and other reliefs. The above mentioned defendants are therefore directed to appear before this Tribunal in person or through an Advocate or duly authorized agent in support of their defense to show cause within **30 days** from the date of publication or on **11.02.2019 at 10.30 AM** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **27th day of December 2018.**

Sd/- SRIKANTA KUMAR MAIKAP
REGISTRAR

FORM NO.13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, CDA, CUTTACK, ODISHA
O.A. No. 143 of 2018

UCO Bank, Banarpal Branch, Angul ...Applicant
Vrs
Smt. Mamata Choudhury & others ...Defendants

To
1. **Smt. Mamata Choudhury,** D/o- Sri Basanta Kumar Choudhury, At: Plot No.: E-4, Basanta Villa, Cuttack Road, P.O.: Bomikhal, Bhubaneswar, Dist.: Khurda
2. **Sri Purna Chandra Nayak,** S/o- Late Rudreswar Nayak, At: Plot No.: 144, Cuttack Road, P.O.: Bomikhal, Bhubaneswar, Dist.: Khurda
3. **Sri Badri Narayan Agrawalla,** S/o- Late Bala Mukunda Agrawalla, At/P.O.: Athamalik, Dist.: Angul

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **OA. No. 143/2018** in the court of the Debts Recovery Tribunal, Cuttack for recovery of **Rs.20,55,208/-** together with current and future interest, costs and other reliefs. The above mentioned defendants are therefore directed to appear before this Tribunal in person or through an Advocate or duly authorized agent in support of their defense to show cause within **30 days** from the date of publication or on **11.02.2019 at 10.30 AM** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **27th day of December 2018.**

Sd/- SRIKANTA KUMAR MAIKAP
REGISTRAR

ମନୁଷ୍ୟକୁ ଚେତନାର ଏକ ଉଚ୍ଚତର ସ୍ତରକୁ ଉଠିଯିବାକୁ ହେବ। ତା'ହେଲେ ଯାଇ ସେ ତା'ର ଅଜ୍ଞାନ ଭିତରୁ - ସଂକୀର୍ଣ୍ଣ ସୀମାର ଘେର ଭିତରୁ - ସ୍ୱାର୍ଥପରତା ଭିତରୁ ଏବଂ ଏପରି କି ତା'ର ଦୁଃଖ ଯନ୍ତ୍ରଣା ଭିତରୁ ମୁକ୍ତି ପାଇ ପାରିବ। -ଶ୍ରୀମା



# ବନ୍ଧୁର ପ୍ରଥମାର୍ଦ୍ଧ

ଭାରତୀୟ ପୁଞ୍ଜିବଜାର ବିଗତ ବର୍ଷ ନିବେଶକମାନଙ୍କ ପାଇଁ ଥିଲା ମିଶ୍ରିତ ଫଳଦାୟୀ। ଗୁରୁତ୍ୱପୂର୍ଣ୍ଣ ସୂଚକାଙ୍କଗୁଡ଼ିକରେ ସାମାନ୍ୟ ଲାଭ ସୂଚିତ ହୋଇଥିବା ବେଳେ ବୃହତ୍ତର ପୁଞ୍ଜିବଜାର ପଛରେ ପଡ଼ିଯାଇଥିଲା। ତେବେ ଆଶ୍ୱାସନା ବିଷୟ ଏହା ଥିଲା ଯେ ସାମଗ୍ରିକ ପୁଞ୍ଜି ବଜାରରେ ଲାଭ ହୋଇଥିଲା। ଉଭୟ ନିଫ୍‌ଟି୫୦ ଓ ସେନ୍‌ସେକ୍ସ୩୦ ବର୍ଷ ଶେଷ ସୁଦ୍ଧା ଯଥାକ୍ରମେ ୩.୫ ଓ ୬ ପ୍ରତିଶତ ଲାଭ ପ୍ରଦର୍ଶନ କରିଥିଲେ। ଏହି ଲାଭ ସାମାନ୍ୟ ହେଲେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଥିଲା କାରଣ ବିଶ୍ୱ ବଜାରରେ ଧିମାବସ୍ଥା ଦେଖାଦେଇଥିଲା। ମାର୍କିନ ଗେଜ୍ ୬ ପ୍ରତିଶତ କ୍ଷତି ସହିଥିବା ବେଳେ ୟୁରୋପୀୟ ବେଞ୍ଚମାର୍କ ୧୪ ପ୍ରତିଶତ ତଳକୁ ଖସିଥିଲା ଏବଂ ଚାଇନିଜ୍ କମ୍ପୋଜିଟ୍ ବର୍ଷ ତମାମ ୨୫ ପ୍ରତିଶତ ପାଖାପାଖି ହ୍ରାସ ପାଇଥିଲା।

ତେବେ ୨୦୧୯ରେ ଭାରତୀୟ ବଜାର ଖୁବ୍ ବେଶି ଲାଭ କରିବ ବୋଲି ଆଶା କରାଯାଉ ନାହିଁ। ଯେଉଁ କାରଣରୁ ଭାରତୀୟ ପୁଞ୍ଜି ବଜାର ବିଗତ ବର୍ଷ ପଛରେ ରହିଥିଲା, ତାହା ଚଳିତବର୍ଷ ବି ବଳବତ୍ତର ରହିବା ଆଶଙ୍କା କରାଯାଏ। ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ, ଆମେରିକାର ସୁଧହାର ବୃଦ୍ଧି, ଇରାନ ଉପରେ କଟକଣା, ଚାଇନା ଓ ଆମେରିକା ମଧ୍ୟରେ ବାଣିଜ୍ୟିକ ଯୁଦ୍ଧ ଏବଂ ଏପରି କି ବିଗତ ସପ୍ତାହରେ ଉକ୍ତ ଦୁଇ ବୃହତ୍ ଅର୍ଥନୀତି ମଧ୍ୟରେ ଉତ୍ତେଜନା ହ୍ରାସ ପାଇଥିଲେ ମଧ୍ୟ ସେହିସବୁ କାରକଗୁଡ଼ିକ ଚଳିତବର୍ଷ ଅବ୍ୟାହତ ରହିବା ଅନୁମାନ କରାଯାଏ। ବିଗତ ବର୍ଷ ବହୁଳାଂଶରେ ଅବ୍ୟାହତ ଥିବା କ୍ଷୁଦ୍ର ଓ ମଧ୍ୟମ ପୁଞ୍ଜିର ସ୍ଥାଣୁତା ବା ଅବନତି ଏ ବର୍ଷ ମଧ୍ୟ କାଏମ ରହି ଖୁଚୁରା ନିବେଶକମାନଙ୍କ ଭାଗ୍ୟକୁ ନିମ୍ନଗାମୀ କରିବ। ଏପରି କି ୨୦୧୯ରେ ଅଗ୍ରଣୀ ଷ୍ଟକ୍‌ଗୁଡ଼ିକର ପ୍ରଦର୍ଶନ ଉପରେ ମଧ୍ୟ ନଜର ରଖାଯିବ।

ଅନ୍ତର୍ଜାତୀୟ ବଜାରରେ ବାଷ୍ପଶୀଳ ତୈଳ ଦର, ଓଡ଼ିଶା ସମେତ କେତେକ ରାଜ୍ୟର ବିଧାନସଭା ନିର୍ବାଚନ ଓ ସାଧାରଣ ନିର୍ବାଚନ ଏବଂ ନିର୍ବାଚନକୁ ଆଖି ଆଗରେ ରଖି ଆର୍ଥିକ ଦୃଷ୍ଟିରୁ କ୍ଷତିକାରକ ଅଥଚ ଲୋକପ୍ରିୟ ନୀତି ନିର୍ଦ୍ଧାରଣ ବଜାର ଅବସ୍ଥା ସୁଧାରିବାରେ ପ୍ରତିକୂଳ ପ୍ରଭାବ ପକାଇବ। ତ୍ୱରିତ ନିର୍ବାଚନୀ ଫାଇଦା ପାଇଁ ସରକାର ବିଭିନ୍ନ ଲୋଭନୀୟ ଯୋଜନା ଘୋଷଣା କରିବାରୁ ନିଜକୁ ନିରସ୍ତ ରଖିବା କଷ୍ଟକର ହେବ। ତା'ଛଡ଼ା ଶୀଘ୍ର ଲାଭ ଅର୍ଜନ ପାଇଁ ଭାରତୀୟ ପୁଞ୍ଜି ବଜାରକୁ ପ୍ରବେଶ କରିଥିବା ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫ୍‌ପିଆଇ)ମାନେ ଭାରତରେ ସେମାନଙ୍କ ପୁଞ୍ଜିନିବେଶ (ଇଣ୍ଡିଆ ଆଲୋକେଶନ୍ସ) ବଢ଼ାଇବାକୁ ତରବର ହେବେ ନାହିଁ। ପୁଞ୍ଜି ବଜାରକୁ ନଷ୍ଟ କରୁଥିବା ଆଉ ଏକ କାରକ ହେଉଛି କମ୍ ସଂଖ୍ୟକ ନିବେଶଯୋଗ୍ୟ ଷ୍ଟକ୍, ଯାହା ଅନ୍ୟଭାବରେ ବଜାରରେ ଟାଣଟୁଣ ଅବସ୍ଥା ସୃଷ୍ଟି କରିପାରେ। ୨୦୧୯ରେ ଉଭୟ ଏଫ୍‌ପିଆଇ ଓ ଘରୋଇ ନିବେଶକମାନଙ୍କର ନିବେଶ ପାଇଁ କମ୍ ସୁଯୋଗ ରହିବ କାରଣ ଏହି ବର୍ଷ ଯୋଗାଣ କ୍ଷେତ୍ରରେ ପ୍ରତିବନ୍ଧକ ରହିବ। କେନ୍ଦ୍ରରେ ନୂଆ ସରକାର ଗଢ଼ା ହେବା ପର୍ଯ୍ୟନ୍ତ ପ୍ରାଥମିକ ବଜାରରେ ଅଚଳାବସ୍ଥା ଜାରି ରହିପାରେ। ୨୦୧୯ ଜୁନ୍ ପୂର୍ବରୁ ନୂଆ ସରକାର ଗଢ଼ାହେବାର ସମ୍ଭାବନା ନାହିଁ।

## ଆଜିର ଅର୍ଥନୀତି

ଆଶା କରାଯାଉଛି ଯେ, ନୂଆ ଗଭର୍ନରଙ୍କ ଅଧୀନରେ ଭାରତୀୟ ରିଜର୍ଭ ବ୍ୟାଙ୍କ ସରକାରଙ୍କ କଥାରେ ପରିଚାଳିତ ହେବ। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ବିଶିଷ୍ଟ କମ୍ପାନୀଗୁଡ଼ିକର ୨୫ କୋଟି ଟଙ୍କା ପର୍ଯ୍ୟନ୍ତ ଋଣର ଏକକାଳୀନ ଫଇସଲା ପାଇଁ ମଙ୍ଗଳବାର ଆର୍‌ବିଆଇ ଯାହା ଘୋଷଣା କରିଛି, ତାହା ସୂଚାଉଛି ଯେ ବ୍ୟାଙ୍କ ସରକାରଙ୍କ କଥାରେ ପରିଚାଳିତ ହେଉଛି। ବାସ୍ତବରେ ଏହା ଥିଲା ପ୍ରମୁଖ କାରଣ ଯେଉଁଥିପାଇଁ ଆର୍‌ବିଆଇର ପୂର୍ବତନ ଗଭର୍ନର ଉର୍ଜିତ ପଟେଲ ନିଜ ପଦରୁ ଇସ୍ତଫା ଦେଇଥିଲେ। ଏହି ନିଷ୍ପତ୍ତି ବିମୁଦ୍ରୀକରଣ ଓ ଜିଏସ୍‌ଟି ଲାଗୁହେବା ଯୋଗୁ ଆର୍ଥିକ ଅନଟନର ସମ୍ମୁଖୀନ ହେଉଥିବା ଏମ୍‌ଏସ୍‌ଏମ୍‌ଇ-ଗୁଡ଼ିକ ପାଇଁ ସାହାଯ୍ୟକାରୀ ହୋଇପାରେ। ଉକ୍ତ ଯୋଜନାର ଲାଭ ଉଠାଇବା ପାଇଁ ଋଣଗ୍ରହୀତାଙ୍କୁ ଦିଆଯାଉଥିବା ବ୍ୟାଙ୍କଗୁଡ଼ିକର ଅଣପାଣ୍ଠି-ଭିତ୍ତିକ ସୁବିଧାସୁଯୋଗ ଓ ଏନ୍‌ବିଏଫ୍‌ସି ସମେତ ମୋଟ ଋଣ ପରିମାଣ ୨୦୧୯ ଜାନୁୟାରୀ ୧ ସୁଦ୍ଧା ୨୫ କୋଟି ଟଙ୍କାରୁ ଅଧିକ ହେବା ଉଚିତ ନୁହେଁ। ଆର୍‌ବିଆଇ ନିକଟରେ ଯେଉଁ ପଦକ୍ଷେପ ନେଇଛି ସେଥିରେ ଏହାର ତ୍ୱରିତ ସଂଶୋଧନୀ କାର୍ଯ୍ୟାନୁଷ୍ଠାନ (ପିସିଏ) ନୀତିକୁ କୋହଳ କରାଯାଇଛି, ଯେଉଁ ନୀତିକୁ ଏହା ଉଚ୍ଚ ଅଚଳ ପରିସମ୍ପତ୍ତି (ଏନ୍‌ପିଏ) ଭିତ୍ତିକ ୧୧ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଉପରେ ଲାଗୁ କରିଥିଲା। ପିସିଏ ମାନଦଣ୍ଡରେ କୋହଳ କରାଗଲେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଖିଲାପି ଏମ୍‌ଏସ୍‌ଏମ୍‌ଇ-ଗୁଡ଼ିକୁ ପୁଣି ଋଣ ଦେବାକୁ ଆରମ୍ଭ କରିପାରିବେ। ଫଳରେ ଏହାଦ୍ୱାରା ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ଅଧିକ କର୍ମନିଯୁକ୍ତି ସୃଷ୍ଟି ହୋଇପାରିବ। ସୂଚନାଯୋଗ୍ୟ ଯେ, ଏହି କ୍ଷେତ୍ରରେ ମୋଟ ୧୨ କୋଟି ଲୋକ ନିଯୁକ୍ତି ପାଇଛନ୍ତି, ଯାହା କର୍ମନିଯୁକ୍ତି ପ୍ରଦାନରେ କୃଷିକ୍ଷେତ୍ର ତଳକୁ ଦ୍ୱିତୀୟ ସ୍ଥାନରେ ରହିଛି। ମୋଟ ଉପରେ ୨୦୧୯ରେ ଭାରତୀୟ ବଜାର ଅଧିକ ଚଳଚଞ୍ଚଳ ହୋଇପାରିବ। ଘରୋଇ ନିବେଶକମାନେ ବର୍ଷର ପ୍ରଥମାର୍ଦ୍ଧରେ ଲାଭ ଅର୍ଜନ ଦୃଷ୍ଟିରୁ ଏକ ବନ୍ଧୁର ରାସ୍ତା ଦେଇ ଗତି କରିବେ।

# ନିଜେ ଚେତିଲେ ଦୁନିଆ ଚେତେ



ପ୍ରେମାନନ୍ଦ ନାୟକ

ରାସ୍ତାକଡ଼ରେ ଥିବା ଏକ ଓମ୍‌ଫେଡ ବୁଥ୍‌ରେ ଚା ପିଉପିଉ ନଜର ପଡ଼ିଲା ଯେ ଦୋକାନ ନିକଟରେ ଗୋଟିଏ ଡଷ୍ଟବିନ୍ ରହିଥିବା ସତ୍ତ୍ୱେ ଗ୍ରାହକମାନେ ଚା ପିଇସାରି କପ୍‌କୁ ଡଷ୍ଟବିନ୍‌ରେ ନ ପକାଇ ବାହାରେ ଫିଙ୍ଗି ଦେଉଛନ୍ତି। ଗୁଟ୍‌ଖା, ବିସ୍କୁଟ, ଚକୋଲେଟ୍ ଇତ୍ୟାଦି ଖାଇସାରି ଖାଲି ଜରି ପ୍ୟାକେଟ୍‌କୁ ସେହିପରି ଡଷ୍ଟବିନ୍ ବାହାରେ ପକାଉଛନ୍ତି। ପବନରେ ସେଗୁଡ଼ିକ ଉଡ଼ିଯାଇ ଲୋକଙ୍କ ଘର ସମ୍ମୁଖରେ ପଡ଼ି ରାସ୍ତାଘାଟକୁ ଆବର୍ଜନାମୟ କରିଦେଉଛି। ଲୋକେ ପଲିଥିନ ବ୍ୟାଗ୍‌ରେ ଆବର୍ଜନା/ଅଦରକାରୀ ଜିନିଷ ଭର୍ତ୍ତିକରି ରାସ୍ତା କଡ଼ରେ ପକାଇ ନିଃସଙ୍କୋଚରେ ଚାଲିଯାଉଛନ୍ତି। ଅନତିଦୂରରେ ଥିବା ମ୍ୟୁନିସିପାଲିଟି ଡଷ୍ଟବିନ୍‌ରେ କୁଢ଼କୁଢ଼ ମଇଳା ଜମାହୋଇ ରହିଛି। ନିକଟରେ ଭୂତଳ ସ୍ୱେରେଜ ଲାଇନ ଜାମ୍ ହୋଇ ମ୍ୟାନ୍‌ହୋଲ ବାଟେ ମଇଳାପାଣି ବାହାରି ରାସ୍ତାସାରା ଲହଡି ଭାଙ୍ଗୁଛି। ଚାରିଆଡ଼େ ପୂତିଗନ୍ଧମୟ ପରିବେଶ। ଯେତେଦୂର ମନେହୁଏ, ଆମର ସ୍ୱଚ୍ଛତା ଅଭିଯାନ କେବଳ ବଡ଼ବଡ଼ ବିଜ୍ଞାପନରେ ସୀମିତ। ଦେଶର ନେତା ଏବଂ ମନ୍ତ୍ରିଗଣ କେବଳ ବଡ଼ବଡ଼ ଝାଡ଼ୁ ଧରି ଖବରକାଗଜ/ଟିଭିରେ ଫଟୋ ଛାପିବା ଓ ଆତ୍ମପ୍ରଶଂସାମୂଳକ ବିବୃତି ଦେବାରେ ସନ୍ତୁଷ୍ଟ।

ସେହିପରି ପଲିଥିନ/ପ୍ଲାଷ୍ଟିକର ପରିବେଶ ଓ ଜୀବଜନ୍ତୁଙ୍କ ଉପରେ ପଡୁଥିବା କୁପ୍ରଭାବକୁ ଦୃଷ୍ଟିରେ ରଖି ସରକାର ଗତ ଗାନ୍ଧୀ ଜୟନ୍ତୀଠାରୁ ତାହାର ବ୍ୟବହାର ଉପରେ କଟକଣା ଲାଗୁ କରିଛନ୍ତି। କିନ୍ତୁ ସରକାରୀ ନିୟମକୁ କେହି ଖାତିର ନ କରିବାରୁ ସରକାର ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରୁ ପଲିଥିନ ବ୍ୟାଗ୍ ଜବତ କରିବା ସହିତ ଜରିମାନା ଆଦାୟ ନିୟମ କଡ଼ାକଡ଼ି ଭାବେ ଲାଗୁ କରିଛନ୍ତି। କେବଳ ରାଜ୍ୟ କିମ୍ବା ଦେଶ ନୁହେଁ, ସାରା ପୃଥିବୀ ଏବେ ଏହି ଆବର୍ଜନାରେ ଭାରାକ୍ରାନ୍ତ। ଏକ ଖବରରୁ ପ୍ରକାଶ ଯେ ପାଖାପାଖି ୧୫୦ ନିୟୁତ ଟନ୍ ଓଜନର ପ୍ଲାଷ୍ଟିକ ଆବର୍ଜନାରେ ସମୁଦ୍ର ପରିପୂର୍ଣ୍ଣ। ଆଗାମୀ ୧୦ ବର୍ଷ ଭିତରେ ଏହା ୩ ଗୁଣ ବଢ଼ିବାର ଆଶଙ୍କା ରହିଛି। ସେଥିପାଇଁ ନେଦରଲାଣ୍ଡର 'ଓସେନ କ୍ଲିନ୍ ଅପ୍ ଫାଉଣ୍ଡେଶନ' ନାମକ ଏକ ସଂସ୍ଥା ସମୁଦ୍ର ଜଳକୁ ପ୍ଲାଷ୍ଟିକ-ଆବର୍ଜନାମୁକ୍ତ କରିବା ପାଇଁ ଏକ ଯନ୍ତ୍ର ଉଦ୍ଭାବନ କରିଛନ୍ତି।

ମଦ୍ୟପାନ ଓ ତମାଖୁ ସେବନରୁ ଲୋକଙ୍କୁ ନିବୃତ୍ତ କରିବା ପାଇଁ ସରକାରଙ୍କ ବହୁଳ ପ୍ରଚାର ଓ ପ୍ୟାକେଟ ଉପରେ ସତର୍କତାମୂଳକ ବାର୍ତ୍ତା ସତ୍ତ୍ୱେ ତାହାର ପ୍ରଭାବ କାହାରି ଉପରେ ପଡୁନାହିଁ। ସରକାର ମଧ୍ୟ ଅଧିକ ରାଜସ୍ୱ ଲୋଭରେ ମଦ ଓ ତମାଖୁ ଦ୍ରବ୍ୟର ଉତ୍ପାଦନ ବନ୍ଦ ନ କରି କେବଳ ବିଜ୍ଞାପନ ଛାପି ନିଜର କର୍ତ୍ତବ୍ୟ ସମ୍ପାଦନ କରିବାରେ ଲାଗିଛନ୍ତି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ (ଏନ୍‌ଏଫ୍‌ଏଚ୍‌ଏସ୍)ର ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ତମାଖୁ କବ୍‌ଜାରେ ୭୩ ପ୍ରତିଶତ ଲୋକ ରହିଛନ୍ତି। ରାଜ୍ୟରେ ୪୨ ପ୍ରତିଶତ ଲୋକ ମଦ, ୨୩ ପ୍ରତିଶତ ପାନ, ୩୨ ପ୍ରତିଶତ ଗୁଟ୍‌ଖା ଓ ୨୭ ପ୍ରତିଶତ ଖଇନି ଖାଉଛନ୍ତି। ୧୨.୯ ପ୍ରତିଶତ ଲୋକ ପ୍ରତ୍ୟହ ମଦ୍ୟପାନ କରନ୍ତି।

ରାସ୍ତାରେ ଗୋରୁ, ଷଣ୍ଢଙ୍କର ଅବାଧ ବିଚରଣ ଓ ବୁଲାକୁକୁରଙ୍କ ଦୌରାତ୍ମ୍ୟ ସେହିପରି ଏକ ଚିରନ୍ତନ ପ୍ରକ୍ରିୟା। ଲୋକେ ଗାଈ ଦୁହିଁସାରି ଗାଈକୁ ରାସ୍ତାରେ ଛାଡ଼ିଦେଇଥାନ୍ତି। ବିଏମ୍‌ସି ତଥ୍ୟ ଅନୁଯାୟୀ ଏବେ ରାଜଧାନୀର ରାଜରାସ୍ତାରେ ୮୦୦ରୁ ଅଧିକ ଷଣ୍ଢ ଏବଂ ୨୦୦୦ରୁ ଅଧିକ ଗାଈ ଓ ମଇଁଷି ବୁଲୁଛନ୍ତି। ସେଥିପାଇଁ ଅନେକ ସମୟରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି ଓ ଦୁର୍ଘଟଣା ଘଟୁଛି। ଓଡ଼ିଶାର ପ୍ରାୟ ଅନେକ ସହରର ଅବସ୍ଥା ସେହିଭଳି। ସୂଚନାଯୋଗ୍ୟ, ଗତ ନଭେମ୍ବର ୨୦ରେ କଟକଠାରେ ମହାନଦୀ ପୋଲ ଉପରେ ଗୋଟିଏ ମଇଁଷି ଯୋଗୁ ବସ୍ ଦୁର୍ଘଟଣା ଘଟି ୧୨ ଜଣ ମୃତ ଓ ୫୦ ଜଣ ଆହତ ହୋଇଛନ୍ତି।

ଦୁଇଚକିଆ ଯାନ ଚଳାଇବାବେଳେ ହେଲମେଟ୍ ପିନ୍ଧିବା, ଚାରିଚକିଆ ଯାନରେ ଚାଳକ ସିଟ୍‌ବେଲ୍ଟ ବାନ୍ଧିବା, ଗାଡ଼ି ଚଳାଇବା ବେଳେ ମୋବାଇଲ ଫୋନ୍ ବ୍ୟବହାର ନ କରିବା, ନିଶା ସେବନ କରି ଏବଂ ଦ୍ରୁତଗତିରେ ଗାଡ଼ି ନ ଚଳାଇବା ଲାଗି ବାରଣ କରାଯିବା ସହିତ ଟ୍ରାଫିକ୍ ନିୟମ ପାଳନ ପାଇଁ ବାରମ୍ବାର ପରାମର୍ଶ ଦିଆଯାଉଛି। ସେଥିପାଇଁ ନିୟମ ଉଲ୍ଲଂଘନକାରୀଙ୍କଠାରୁ ତନଖି ବେଳେ ଜରିମାନା ମଧ୍ୟ ଆଦାୟ ହେଉଛି। କମିଶନରେଟ୍ ପୋଲିସର ଗତ ଅକ୍ଟୋବର ୩୦ରେ ସର୍ବାଧିକ ୫,୦୧,୧୦୦ ଟଙ୍କା ଜରିମାନା ଆଦାୟ ଏକ ରେକର୍ଡ ବୋଲି କୁହାଯାଇପାରେ। ଟ୍ରାଫିକ୍ ନିୟମ ଆମ ନିରାପତ୍ତା ପାଇଁ ଉଦ୍ଦିଷ୍ଟ ହେଲେ ସୁଦ୍ଧା ଲୋକେ ସେଥିପ୍ରତି ଗୁରୁତ୍ୱ ଦେଲାଭଳି ଜଣାପଡୁନାହିଁ। ସେଥିପାଇଁ ହୁଏତ କମିଶନ୍‌ରେଟ ପୋଲିସ ପକ୍ଷରୁ ଗତ ଡିସେମ୍ବର ୧ରେ ଭୁବନେଶ୍ୱରଠାରେ ଜରିମାନା ବଦଳରେ ବାଇକ୍ ଆରୋହୀମାନଙ୍କୁ ମାଗଣାରେ ହେଲମେଟ୍ ବଣ୍ଟନ କରାଯାଇ 'କେବଳ ପୋଲିସକୁ ଦେଖି ନୁହେଁ ବରଂ ନିଜର ସୁରକ୍ଷା ପାଇଁ ନିୟମିତ ହେଲମେଟ୍ ପିନ୍ଧିବା' ପାଇଁ ସଚେତନ କରାଯାଇଥିଲା। ତାହା ସତ୍ତ୍ୱେ ପରିସ୍ଥିତି ଯଥା ପୂର୍ବଂ ତଥା ପରମ୍। ରାଜ୍ୟ ପରିବହନ ବିଭାଗର ପରିସଂଖ୍ୟାନ ଅନୁଯାୟୀ ଗତ ୧୦ ବର୍ଷ ଭିତରେ ୧,୦୪,୭୧୩ଟି ସଡ଼କ ଦୁର୍ଘଟଣାରେ ୪୩,୩୧୨ ଜଣଙ୍କ ପ୍ରାଣହାନି ଘଟିଛି। ବିଧାନସଭାରେ ପରିବହନ ମନ୍ତ୍ରୀ ଦେଇଥିବା ତଥ୍ୟ ଅନୁଯାୟୀ ଦୁର୍ଘଟଣାଜନିତ ମୃତ୍ୟୁ ବର୍ଷକୁ ବର୍ଷ ବଢ଼ିଚାଲିଛି। ୨୦୦୮ରେ ରାଜ୍ୟରେ ୮୧୮୧ଟି ଦୁର୍ଘଟଣାରେ ୩୦୭୯ ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୧୭ରେ ୧୦,୮୫୫ଟି ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ୪୭୯୦ରେ ପହଞ୍ଚିଥିଲା। ୨୦୧୮ ସେପ୍ଟେମ୍ବର ସୁଦ୍ଧା ୮୨୯୨ଟି ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ୩୮୧୭ରେ ପହଞ୍ଚିସାରିଲାଣି। ପ୍ରତି ଶହେ ଦୁର୍ଘଟଣାରେ ଓଡ଼ିଶାରେ ୪୬ଜଣଙ୍କ ମୃତ୍ୟୁ ହେଉଥିବା ବେଳେ ଜାତୀୟ ସ୍ତରରେ ମୃତ୍ୟୁସଂଖ୍ୟା ୨୯ରେ ସୀମିତ। କେବଳ ଦୁଇଚକିଆ ଯାନ ଦୁର୍ଘଟଣାର ମୃତ୍ୟୁ ସଂଖ୍ୟା ଓଡ଼ିଶାରେ ୩୫ ପ୍ରତିଶତରୁ ଅଧିକ। ମୁଖ୍ୟତଃ ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟୁଥିବା ଦେଖିବାକୁ ମିଳିଛି। ୨୦୧୭ରେ ୪୦ ପ୍ରତିଶତ ସଡ଼କ ଦୁର୍ଘଟଣା ଦ୍ରୁତ ଗତିରେ ବାଇକ୍ ଚଳାଇବା ଯୋଗୁ ଘଟିଛି ବୋଲି ଏକ ସର୍ଭେରୁ ଜଣାପଡ଼ିଥିଲା। ପ୍ରାୟ ୨୦ରୁ ୩୫ ବର୍ଷୀୟ ଯୁବକମାନେ ଏହାର ଶିକାର ହେଉଛନ୍ତି ଏବଂ ସେଥିପାଇଁ ଯୁବପିଢ଼ିର ଜୀବନ ଅକାଳରେ ଝଡ଼ିପଡୁଛି। ପୁନଶ୍ଚ କଟାଘା'ରେ ଚୂନ ଭଳି ଦୁର୍ଘଟଣା ପରେ ମୃତକ ବା ପୀଡ଼ିତଙ୍କ ପରିବାର ଲୋକଙ୍କୁ ଯେଉଁ କ୍ଷତିପୂରଣ ମିଳିବା କଥା ତାହା ମିଳିପାରୁ ନାହିଁ, କାରଣ ଦୁର୍ଘଟଣା ଘଟାଇଥିବା ଗାଡ଼ିର ବୀମା ନ ଥାଏ। ଏକ ସର୍ଭେରୁ ଜଣାପଡ଼ିଛି ଯେ ଦେଶରେ ସମ୍ପ୍ରତି ଚଳାଚଳ କରୁଥିବା ୭୫ ପ୍ରତିଶତ ଦୁଇଚକିଆ ଗାଡିର ବୀମା ନାହିଁ।

ଅନ୍ୟ ଧର୍ମର ଲୋକ ଆମ ଦେବଦେବୀଙ୍କ ଚିତ୍ରର ଅପବ୍ୟବହାର କଲେ ଆମେ ପ୍ରତିକ୍ରିୟାଶୀଳ ହୋଇଉଠୁଛୁ। ଅଥଚ ସେହି ଦେବଦେବୀଙ୍କ ଚିତ୍ର ଆମେ କ୍ୟାଲେଣ୍ଡର, ଧୂପକାଠିର ଖୋଳ, ଘିଅ ପ୍ୟାକେଟ ଓ ପଲିଥିନ ବ୍ୟାଗ୍ ଉପରେ ଲଗାଉଛୁ। ଉକ୍ତ ଜିନିଷର ବ୍ୟବହାର ଶେଷହେବା ପରେ ଆମେ ସେଗୁଡ଼ିକୁ ଅଳିଆଗଦା ବା ନାଳନର୍ଦ୍ଦମାରେ ଫିଙ୍ଗି ଦେଉଛୁ। ଏହା ସେମାନଙ୍କ ପ୍ରତି ଅବମାନନା ଛଡା ଆଉ କ'ଣ ହୋଇପାରେ?

ଆମ ସାମାଜିକ ଜୀବନରେ ଏହିଭଳି ଅନେକ ପ୍ରସଙ୍ଗ ରହିଛି, ଯାହାକୁ ଅନୁଧ୍ୟାନ କଲେ ଆମେ ଜାଣିପାରିବା ଯେ, ସେଥିଲାଗି ଥିବା ନିୟମଗୁଡ଼ିକ ପାଳନ କରିବା ଆଦୌ ଦୁରୂହ ବ୍ୟାପାର ନୁହେଁ କି ସେଥିପାଇଁ କୌଣସି ଆର୍ଥିକ କ୍ଷତି ସହିବାକୁ ପଡ଼େ ନାହିଁ। କେବଳ ସାମାନ୍ୟ ସଚେତନତା ବା ସାବଧାନତା ଆବଶ୍ୟକ। 'ଆଉ କାହାର କିଛି ଅସୁବିଧା ହେଲେ ମୋର କିଛି ଯାଏଆସେ ନାହିଁ, ମୁଁ ଭଲ ତ ଦୁନିଆ ଭଲ'- ଏହିଭଳି ଆତ୍ମକୈନ୍ଦ୍ରିକ ମାନସିକତାରେ ଅନେକେ ପୀଡ଼ିତ। ଏହାଦ୍ୱାରା ସମାଜର ମଙ୍ଗଳ ପରିବର୍ତ୍ତେ ବେଶି ଅନିଷ୍ଟ ହୋଇଥାଏ। ତାହାଛଡା ସବୁ କାମ ସରକାରଙ୍କ ଉପରେ ନ୍ୟସ୍ତ କରିଦେବାରେ ଆମେ ଅଭ୍ୟସ୍ତ, ଫଳରେ ନିଜର ଦାୟିତ୍ୱ ସିନା ସରିଯାଏ, କିନ୍ତୁ ଆମର ଯେ ସେଥିପାଇଁ କିଛି କର୍ତ୍ତବ୍ୟ ରହିଛି ତାହା ଆମେ ଭୁଲିଯାଉ। କାରଣ ଅଧିକାର ଓ କର୍ତ୍ତବ୍ୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଯଦି ଜଣେ ସଂଯତ, ସଚେତନ, ସାବଧାନ ହୁଏ ତାହା ଅନ୍ୟ ଜଣକୁ ପ୍ରଭାବିତ କରିବ। ଏହିଭଳି ସାରା ଦେଶର ନାଗରିକ ମଧ୍ୟ ଉଦ୍‌ବୁଦ୍ଧ ହୋଇପାରିବେ। ଗୋଟିଏ ପିଢ଼ି ପରେ ପରବର୍ତ୍ତୀ ପିଢ଼ି ଓ ବିଶ୍ୱ ସୁରକ୍ଷିତ ହୋଇପାରିବ, ଯାହା କି ସମଗ୍ର ମାନବସମାଜ ପାଇଁ ମଙ୍ଗଳକର ସାବ୍ୟସ୍ତ ହେବ।

ଶହୀଦନଗର, ଭୁବନେଶ୍ୱର,
ମୋ-୯୪୩୭୩୮୨୧୦୦

# ଅତି ଲେମ୍ବୁ ଚିପୁଡ଼ିଲେ ପିତା



ଶିବରାମ ଶତପଥୀ

ଲୋକେ କହନ୍ତି, 'ଲେମ୍ବୁ ଅତି ଚିପୁଡ଼ିଲେ ପିତା'। କୌଣସି ବିଷୟକୁ ଅତି ଟଣାଟଣି କଲେ ସମ୍ପର୍କ ଛିଣ୍ଡିଯାଏ ସିନା ସମାଧାନ ହୁଏନାହିଁ। ଯେତେବେଳେ ଏ ଲେଖକ ମଣିପୁରରେ (୧୯୮୨-୮୪) ଜେନେରାଲ୍ ଷ୍ଟାଫ୍ ଅଫିସର (ଦ୍ୱିତୀୟ) ଅପରେଶନ୍ସ ପଦବୀରେ ଅବସ୍ଥାପିତ ଥିଲା, ସେତେବେଳେ କୌଣସି ଏକ ବିଷୟ ନେଇ ଇମ୍ଫାଲର ଏସ୍‌ପିଙ୍କ ସହିତ ମତାନ୍ତର ହେଲା। ସେ ତାଙ୍କ ସ୍ଥାନରେ ରାଜା। ସେ କାହିଁକି ଛାଡିବେ? ଦୁହିଁଙ୍କ ଭିତରେ ପତ୍ରଯୁଦ୍ଧ ଚାଲିଲା। କଥାରେ ଅଛି, ସୂତା ମାଜିଲେ ସରୁ, କଥା ମାଜିଲେ ମୋଟ। ଅଫିସିଆଲ ପତ୍ର ଲିଖନରେ ମୁଁ ନିଜକୁ ଅର୍ଜୁନ ଭାବୁଥିଲେ, ସେ ନିଜକୁ କର୍ଣ୍ଣ ମନେ କରୁଥିଲେ। କେହି କାହାକୁ ଛାଡିବାକୁ ପ୍ରସ୍ତୁତ ନ ଥିଲୁ। ଏହା କ୍ରମଶଃ ମନାନ୍ତରର ରୂପ ନେଲା। କଥାବାର୍ତ୍ତା ହୋଇ କଥାଟା ସମାଧାନ କରି ଦେଇଥିଲେ ଚଳିଥାନ୍ତା। ମୁଁ ଦେଖିଲି କଥାଟା ଏମିତି ଚାଲିଲେ ଯେଉଁ ଉଦ୍ଦେଶ୍ୟରେ ଆର୍ମି ମଣିପୁରରେ ମୁତୟନ ହୋଇଛି ତା' ବ୍ୟାହତ ହେବ।

ମୋର ମନେପଡ଼ିଲା ରାମାୟଣ ସୁନ୍ଦରାକାଣ୍ଡରେ ବର୍ଣ୍ଣିତ ହନୁମାନ ସମୁଦ୍ର ଲଙ୍ଘନ କରିବା ପ୍ରସଙ୍ଗ। ଆଞ୍ଜନେୟଙ୍କ ବଳବୁଦ୍ଧି ପରୀକ୍ଷଣ ପାଇଁ ଦେବତାଙ୍କ ଦ୍ୱାରା ନିୟୋଜିତ ସୁରସା ପଥ ଓଗାଳି ପବନପୁତ୍ରଙ୍କୁ ଗ୍ରାସ କରିବା ପାଇଁ ମୁଖ ବ୍ୟାଦାନ କରନ୍ତେ ହନୁମାନ ଶରୀର ଦୁଇଗୁଣ ବୃଦ୍ଧି କଲେ। ଏପରି ପ୍ରତିଯୋଗିତା ଚାଲୁ ଚାଲୁ ହଠାତ୍ ମାରୁତି ଅତି ସୂକ୍ଷ୍ମ ଶରୀର ଧାରଣ କରି ସୁରସାଙ୍କ ମୁଖରେ ପ୍ରବେଶ କରି ବହିର୍ଗତ ହେଲେ। ପୁଣି ମହାଭାରତର ପବନ-ଶାଳ୍ମଳୀବୃକ୍ଷ ଉପାଖ୍ୟାନ ମନେପଡ଼ିଲା। ଶାଳ୍ମଳୀ ସିନା କହିଦେଲା, ସେ ଏତେ ସୁଦୃଢ଼ ଯେ ପବନ ତା'ର କିଛି କରିପାରିବ ନାହିଁ ବୋଲି, କିନ୍ତୁ ଅଣଚାଶ ମୂର୍ତ୍ତି ଧରି ପବନ ପ୍ରବାହିତ ହେବେ ବୋଲି ଖବରପାଇ ସେ ଶରୀରର ସମସ୍ତ ପତ୍ର ଝାଡିଦେଇ ଦୀନହୀନ ସ୍ଥାଣୁରେ ପରିଣତ ହେଲା।

ଚାଣକ୍ୟ କହିଛନ୍ତି, ପିଲାଟିକୁ ୫ ବର୍ଷ ପୂରିଗଲେ ପରବର୍ତ୍ତୀ ଦଶବର୍ଷ ତା' ବ୍ୟବହାର ଶୃଙ୍ଖଳିତ କରିବା ପାଇଁ ଶାସନ କରିବାକୁ ହୁଏ। ତା' ବୋଲି ଅତ୍ୟଧିକ ତାଡ଼ନା, ଭର୍ତ୍ସନା କଲେ ପିଲା କ'ଣ ନା କ'ଣ କରିପକାଇବ। ନଚେତ୍ ତା' ଭିତରେ ହୀନମନ୍ୟତା ଏପରି ବସାବାନ୍ଧିବ ଯେ, ସେ ଅନ୍ୟାୟ ଅବିଚାର ବିରୋଧରେ କେଉଁଠି ମୁହଁ ଖୋଲିପାରିବ ନାହିଁ। ତା'ର ବ୍ୟକ୍ତିତ୍ୱର ଅଭିବୃଦ୍ଧି ବ୍ୟାହତ ହେବା ହେତୁ ସେ ସମାଜରେ ଖାପଖୁଆଇ ଚଳିପାରିବ ନାହିଁ। ଏପରି ବ୍ୟକ୍ତିଙ୍କ ଦିଗହରା ପ୍ରତ୍ୟୁତ୍ପନ୍ନମତିତାକୁ ଭୟର କୁଜ୍ଝଟିକା ଆଚ୍ଛନ୍ନ କରି ରଖିଥାଏ। ଭୟ ଏଥିପାଇଁ ଯେ, କିଛି କହିଲେ କାଳେ ଭୁଲ୍ ହୋଇଯିବ ଏବଂ ଲୋକରେ ଉପହସିତ ହେବାକୁ ହେବ। ମହାମତି ଚାଣକ୍ୟ କହିଛନ୍ତି- ''ଅତିଦର୍ପେ ହତଲଙ୍କା ଅତିମାନେ ଚ କୌରବାଃ। ଅତିଦାନେ ବଳିର୍ବଦ୍ଧଃ ଅତି ସର୍ବତ୍ର ଗର୍ହିତମ୍।।''

ଅତି ଗର୍ବ କରିବା ହେତୁ ରାବଣ ବିନଷ୍ଟ ହୋଇଥିଲା, ଯଦିଚ ଗର୍ବ କରିବା ବୀରୋଚିତ। ରାବଣ ଅତି ବୁଦ୍ଧିମାନ, ବିଚକ୍ଷଣ, ଶାସ୍ତ୍ରଜ୍ଞ, ବେଦଜ୍ଞ, ବୈଜ୍ଞାନିକ, ବିଶିଷ୍ଟ ପ୍ରଶାସକ, ବୀର ଓ ଯୋଦ୍ଧା ହେବା ସତ୍ତ୍ୱେ ଅହଙ୍କାରର ବଶବର୍ତ୍ତୀ ହୋଇ ଶ୍ରୀରାମଙ୍କୁ ସୀତା ଫେରାଇ ଦେଇ କ୍ଷମାପ୍ରାର୍ଥନା କରିବ ନାହିଁ ବୋଲି ଅଡ଼ି ବସିବାରୁ ସବଂଶ ନାଶ ଗଲା। ଅଜା ସୁମାଳି, ଶୁଭେଚ୍ଛୁ ଭାଇ ବିଭୀଷଣ ଓ ବୁଦ୍ଧିମତୀ ସ୍ତ୍ରୀ ମନ୍ଦୋଦରୀଙ୍କ ଉପଦେଶ ଊଷର ଭୂମିରେ ବୃଷ୍ଟିପାତ ପରି ହେଲା। ଆତ୍ମସମ୍ମାନକୁ ବଜାୟ ରଖିବାକୁ ଯାଇ ମାନ କରିବା ଯଦିଚ ଉଚିତ, କୌରବମାନେ ଅତ୍ୟଧିକ ମାନ କରି ଶକୁନି, କର୍ଣ୍ଣ ଓ ଦୁଃଶାସନର ଦୁଷ୍ପ୍ରରୋଚନାରେ ଭୀଷ୍ମ, ଦ୍ରୋଣ, କର୍ଣ୍ଣ ଆଦି ଅଜେୟ ବୀରଙ୍କ ଶକ୍ତି ଉପରେ ନିର୍ଭର କରି ଯୁଦ୍ଧରେ ଧରାଶାୟୀ ହୋଇଥିଲେ। ଦାନ ଦେବା ଉତ୍ତମ କାର୍ଯ୍ୟ। କିନ୍ତୁ ବଳି ଅତି ଦାନୀ ହେବାରୁ ଇନ୍ଦ୍ର ଭୟ କଲେ- ଏ କାଳେ ମୋଠାରୁ ଇନ୍ଦ୍ରପଦ ଛଡ଼ାଇନେବ। ଦେବମାତା ଅଦିତିଙ୍କ ବ୍ରତ, ନିଷ୍ଠା ଓ ପ୍ରାର୍ଥନାରେ ପ୍ରୀତ ହୋଇ ବିଷ୍ଣୁ ବାମନାବତାର ଗ୍ରହଣ କରିଥିଲେ। ବଳି ବାମନଙ୍କୁ ତିନିପାଦ ଭୂମି ଦାନଦେବାକୁ ଶପଥ କରି ସର୍ବସ୍ୱ ଦାନକରି ପାତାଳଗାମୀ ହୋଇଥିଲେ।

କଥାରେ ଅଛି, ''ଆଟିକା-ଚହଁର ଦିଗୁଣ ସରେ, ଖଣ୍ଡିଗୁଣିଆର ମାଇପ ମରେ।'' ଅର୍ଥାତ୍ ଯେ ରନ୍ଧାଘରର ତନଖି କରୁଥାଏ ତା'ର ଦୁଇଗୁଣ ଖର୍ଚ୍ଚହୁଏ। କେତେ ରନ୍ଧା ହେଲା, କେତେ ଜଣ ଖାଇଲେ, କେତେ ଅବଶିଷ୍ଟ ରହିଲା ଆଦି କଥାରେ ଯେ ନାକ ପୂରାଏ, ତା'ର ଦୁଇଗୁଣ ସରେ। ଗୃହକର୍ତ୍ତା ଦେଖିବ ବୋଲି ରାନ୍ଧୁଣିଆ ଅଳ୍ପ ଅଳ୍ପ ରାନ୍ଧେ ଓ ତା'ର ପରୋକ୍ଷରେ ଅଧିକ ରାନ୍ଧି ଫିଙ୍ଗା ଫୋପଡା କରେ। ସେହିପରି ଯେ ଖଣ୍ଡିଗୁଣିଆ ଅର୍ଥାତ୍ ସବୁ କଥାରେ ଦୋଷଦର୍ଶନ କରୁଥାଏ ତା' ସ୍ତ୍ରୀ ମାନସିକ ଭାରସାମ୍ୟ ହରାଇ ମରଣକୁ ବରଣ କରେ।

ମହାଭାରତର ଅନୁଶାସନ ପର୍ବରେ ରାଜନୀତି ପ୍ରକରଣରେ ପିତାମହ ଭୀଷ୍ମ ଯୁଧିଷ୍ଠିରଙ୍କୁ କହିଛନ୍ତି, ରାଜା ଅତି ମୃଦୁ ହେବା ଉଚିତ ନୁହେଁ। ସେପରି ଦଣ୍ଡବିଧାନ କରିବାରେ ଅତି କଠୋର, କ୍ରୂର ଓ ନିର୍ଦ୍ଦୟ ମଧ୍ୟ ହେବନାହିଁ। ଅତି ମୃଦୁ ହେଲେ ପ୍ରଜା ବେଖାତିର କରନ୍ତି। ସମ୍ରାଟ୍ ଅତି କଠୋର ହେଲେ ଲୋକେ ଅଣନିଃଶ୍ୱାସୀ ଅନୁଭବ କରନ୍ତି ଓ କ୍ରମଶଃ ବିଦ୍ରୋହୀ ହୋଇଉଠନ୍ତି। ରାଜାଙ୍କୁ ସିଂହାସନଚ୍ୟୁତ କରି ଜଣେ ସମର୍ଥ ଓ ଲୋକପ୍ରିୟ ବ୍ୟକ୍ତିଙ୍କୁ ରାଜପଦରେ ଅଧିଷ୍ଠିତ କରନ୍ତି। ଏହା ବହୁ ପରୀକ୍ଷିତ ଯେ, କୌଣସି ବିଷୟରେ ଅତିଶୟ ହେବାର ପରିଣାମ ବିଷମୟ ହୁଏ।

ମୋ-୯୪୩୭୦୧୭୨୦୨

## ଏଇ ଭାରତରେ

ଭାରତର କେତେକ ରାଜ୍ୟରେ ବୈବାହିକ ରୀତିରେ ଭିନ୍ନତା ଦେଖିବାକୁ ମିଳେ। କନ୍ୟା ଓ ବର ଅଗ୍ନିକୁ ସାକ୍ଷୀ ରଖି ପରସ୍ପର ଜୀବନସାଥୀ ଭାବରେ ବାନ୍ଧି ହୁଅନ୍ତି। ଏଥିପାଇଁ ବିବାହ ବେଦିରେ ଜଳୁଥିବା ହୋମାଗ୍ନି ଚାରିପଟେ ନବଦମ୍ପତି ୭ ଘେରା ବୁଲି ଥାଆନ୍ତି। କିନ୍ତୁ ବିହାରରେ ଏଥିପାଇଁ ଏକ ଅଜବ ପରମ୍ପରା ଦେଖିବାକୁ ମିଳେ, ଯେଉଁଠି ଜୁଇ ଚିତା ଚାରିପାଖରେ ବରକନ୍ୟା ସାତଘେରା ବୁଲିଥାଆନ୍ତି। ବିହାରର ଦରଭଙ୍ଗା ଅଞ୍ଚଳରେ ରହିଛି ଏପରି ଏକ ସ୍ଥାନ। ସେଠାରେ ଜୁଇ ଚିତା ଜଳୁଥିବା ସମୟରେ ଅଗ୍ନିକୁ ସାକ୍ଷୀ ରଖି ସାତଜନ୍ମ ପାଇଁ ବାନ୍ଧି ହୁଅନ୍ତି ନବ ଦମ୍ପତି। ସେଠାକାର ଶ୍ୟାମାକାଳୀ ମନ୍ଦିରରେ ଏପରି ଘଟଣା ଦେଖିବାକୁ ମିଳିଥାଏ। ଏହି ମନ୍ଦିରଟି ଶ୍ମଶାନ ମଧ୍ୟରେ ରହିଛି। ମନ୍ଦିରରେ ସୀତା ସ୍ୱରୂପା ପୂଜା ପାଉଛନ୍ତି ମହାକାଳୀ। ମା'ଙ୍କ ସମ୍ପର୍କରେ ମୈଥିଳୀ ରାମାୟଣରେ ବିସ୍ତୃତ ବର୍ଣ୍ଣନା ରହିଛି। ୧୯୩୩ରେ ମହାରାଜ ବାମେଶ୍ୱର ସିଂ ଏହି ମନ୍ଦିର ନିର୍ମାଣ କରିଥିଲେ। ନବ ଦମ୍ପତି ମା' କାଳୀଙ୍କୁ ଦର୍ଶନ କଲେ ଦାମ୍ପତ୍ୟ ଜୀବନ ସୁଖମୟ ହୋଇଥାଏ ବୋଲି ଲୋକେ ବିଶ୍ୱାସ କରନ୍ତି। ତେଣୁ ଏଠାରେ ଜୁଇ ନିଆଁ ସମ୍ମୁଖରେ ବିବାହ ସମ୍ପନ୍ନ ହୋଇଥାଏ।

## ଚିରନ୍ତନୀ

ଆପଦ-ସଙ୍କୁଳ କରି ଖୋଜିନେଉ
ଜୀବନର ପଥ
ଦିଅ ତବ ଆଶୀର୍ବାଦ, ହେଉ ଧନ୍ୟ
ହେଉ ସତ୍ୟବ୍ରତ।
(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୪ ଜାନୁୟାରୀ ୧୯୯୪

- ଓଡ଼ିଆ ଭାଷାର ଖ୍ୟାତନାମା ଲେଖକ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କୁ କ୍ଷୁଦ୍ରଗଳ୍ପ ସଂକଳନ ଚଳନ୍ତି ଠାକୁର ପାଇଁ ୧୯୯୩ ମସିହାର ସମ୍ମାନଜନକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର।
- ରୁଷିଆର ଦକ୍ଷିଣ ସାଇବେରିଆରେ ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୧୨୦ ଯାତ୍ରୀଙ୍କ ମୃତ୍ୟୁ।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | 7 | | 3 | 4 | 2 | | | | | C |
| 7 | | | A | | 0 | B | | E | 5 | | | | | D |
| | | | 3 | 4 | | A | | | | | 9 | | | |
| | E | 4 | | | | | | | | D | | 6 | | 8 |
| | | 5 | 2 | | | | | | E | B | 1 | | | |
| | | | 7 | A | | 8 | | 9 | | | | | 4 | |
| A | 9 | B | | | 5 | | | 6 | | 7 | | | 8 | 0 |
| | C | | D | | 2 | | | | | 9 | | | 1 | |
| | D | | | 8 | E | | 7 | 2 | | C | 5 | | | B |
| | | 2 | | B | | 4 | 5 | | A | E | | | | |
| | 5 | E | | | C | | 0 | | | | | | | |
| | | | | D | | 3 | | | | | | | | 9 |
| B | 7 | 6 | | | | | | 5 | D | | | | C | |
| | | | 0 | | | 7 | | C | 4 | | | | | |
| | | D | | | | 9 | | B | 7 | 6 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 0 | 1 | 3 | A | E | 2 | 8 | C | 7 | D | 9 | B | 6 | 4 |
| 4 | E | C | 9 | 0 | 8 | D | 1 | 6 | 3 | B | 5 | 7 | 2 | A |
| 6 | 2 | D | C | 1 | B | 0 | 3 | 7 | A | E | 4 | 5 | 9 | 8 |
| 3 | B | 8 | 2 | 7 | 4 | 9 | A | 5 | 6 | 0 | 1 | C | D | E |
| A | 9 | 7 | D | 5 | 6 | E | B | 4 | 2 | C | 8 | 0 | 3 | 1 |
| 8 | 4 | B | E | 6 | 5 | 3 | 7 | D | 1 | A | 0 | 2 | C | 9 |
| E | D | 6 | 7 | 9 | 2 | 1 | C | 0 | 5 | 4 | 3 | 8 | A | B |
| 0 | 1 | 9 | A | 3 | C | 8 | 5 | 2 | B | 6 | D | 4 | E | 7 |
| 2 | 7 | 3 | 1 | 4 | 0 | B | E | A | 9 | 8 | C | D | 5 | 6 |
| C | A | 5 | 8 | B | D | 6 | 4 | 9 | E | 2 | 7 | 3 | 1 | 0 |
| B | C | E | 5 | 8 | 9 | 7 | 2 | 1 | 4 | 3 | 6 | A | 0 | D |
| 7 | 8 | 0 | 6 | 2 | A | 4 | D | 3 | C | 1 | E | 9 | B | 5 |
| 1 | 5 | 4 | B | E | 3 | C | 0 | 8 | D | 9 | A | 6 | 7 | 2 |
| D | 6 | 2 | 0 | C | 7 | A | 9 | E | 8 | 5 | B | 1 | 4 | 3 |
| 9 | 3 | A | 4 | D | 1 | 5 | 6 | B | 0 | 7 | 2 | E | 8 | C |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅବହେଳିତଙ୍କ ପ୍ରତି ଦୃଷ୍ଟି ପଡୁ

ମହାଶୟ,

ସରକାରଙ୍କ ତରଫରୁ ବିଭିନ୍ନ ପ୍ରକାର ସାହାଯ୍ୟ ସହାନୁଭୂତି ସମାଜର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକମାନଙ୍କୁ ଯୋଗାଇ ଦିଆଯାଉଛି। କିନ୍ତୁ ଏବେ ବି କିଛି ଲୋକ ଖାଇବାକୁ ନ ପାଇ ଭିକ୍ଷାବୃତ୍ତି କରିବାକୁ ବାଧ୍ୟ ହେଉଛନ୍ତି। ପୁଣି କିଛି ଲୋକ ବାସଖଣ୍ଡିଏ ନ ପାଇ ପୋଲ ତଳେ, ରାସ୍ତା କଡ଼େ, ନାଳନର୍ଦ୍ଦମା ପାଖରେ ପିଲାକୁଟୁମ୍ବ ଧରି ଅତି ଦୟନୀୟ ଭାବରେ ବାସ କରୁଛନ୍ତି। ସରକାର ଏହି ଦୁଃସ୍ଥ ଅବହେଳିତମାନଙ୍କ ପ୍ରତି ପୂରାପୂରି ଉଦାସୀନ। ଯଦି ସାମାନ୍ୟତମ ସାହାଯ୍ୟ ପାଇପାରନ୍ତେ, ଏମାନେ ମଧ୍ୟ ମୁଣ୍ଡ ଟେକି ସଳଖି ଛିଡାହେବା ସହିତ ଦେଶ ଗଠନରେ ଅଂଶଗ୍ରହଣ କରିପାରନ୍ତେ।

ଭାଗୀରଥି ଜେନା, ସବଙ୍ଗ, ସିମୁଳିଆ, ବାଲେଶ୍ୱର

### ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶକୁ ବେଖାତିର

ଯାଜପୁର ଜିଲ୍ଲାର ଧର୍ମଶାଳା ତହସିଲ ଅନ୍ତର୍ଗତ ଚଣ୍ଡିଖୋଲ-ଦୁବୁରୀ ୫୩ ନମ୍ବର ଜାତୀୟ ରାଜପଥ କଡ଼ରେ ରାମଚନ୍ଦ୍ରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଦୀର୍ଘବର୍ଷ ହେବ ଏକ ବେଆଇନ କ୍ରସର ଚାଲିଛି। ଏଥିନେଇ ତା୧୮।୦୫।୧୭ରେ ମୁଖ୍ୟ ଶାସନ ସଚିବଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ତାଙ୍କ କାର୍ଯ୍ୟାଳୟରୁ ଧର୍ମଶାଳା ତହସିଲକୁ ନିର୍ଦ୍ଦେଶ ଆସିଥିଲା। ହେଲେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। ଏହି କ୍ରସରଟି ରାମଚନ୍ଦ୍ରପୁର ଗାଁରୁ ୧୦୦ ମିଟର, ସ୍ୱାସ୍ଥ୍ୟକେନ୍ଦ୍ରରୁ ୫୦ ମିଟର ଓ ଜାତୀୟ ରାଜପଥରୁ ୧୦ ମିଟର ଦୂରରେ ଅବସ୍ଥିତ। ଏଥିପାଇଁ ସ୍ଥାନୀୟ ଅଞ୍ଚଳର ଲୋକେ ଭୟଙ୍କର ପ୍ରଦୂଷଣର ଶିକାର ହେଉଛନ୍ତି। ସବୁଠାରୁ ବଡ଼ କଥା ହେଉଛି, ଜଙ୍ଗଲ କିସମ ଜମିରେ ସମସ୍ତ ପ୍ରକାର ନିୟମକାନୁନକୁ ଉଲ୍ଲଂଘନ କରି ଏହି କ୍ରସର ଚାଲିଛି।

ସନ୍ତୋଷ ବିଶ୍ୱାଳ, ଗଡ଼ମଧୁପୁର, ଯାଜପୁର

### 'ମୋ ବସ୍' ଓଡ଼ିଆରେ ଲେଖାଯାଉ

ରାଜ୍ୟ ସରକାର ଆରମ୍ଭ କରିଥିବା 'ମୋ ବସ୍' ସେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ମାତ୍ର ଏହି ବସ୍‌ଗୁଡ଼ିକରେ କେବଳ ଇଂଲିଶରେ 'Mo Bus' ଲେଖି ଓଡ଼ିଆରେ 'ମୋ ବସ୍' ଲେଖା ନ ଯିବା ଆଦୌ ଠିକ୍ ହୋଇନାହିଁ। ରାଜ୍ୟ ସରକାର ସମସ୍ତ ସରକାରୀ କାର୍ଯ୍ୟ ଓଡ଼ିଆରେ ସମ୍ପାଦନ କରିବା ସହ ସମସ୍ତ ଅନୁଷ୍ଠାନର ନାମ ଫଳକ ଓଡ଼ିଆରେ ଲେଖିବାକୁ କଡ଼ା ନିର୍ଦ୍ଦେଶ ଦେଇଥିବା ବେଳେ ନିଜ ପରିଚାଳନାରେ ରହୁଥିବା 'ମୋ ବସ୍' ସେବାରେ ଓଡିଆରେ ସୂଚନା ଦିଆ ନ ଯିବା ଦ୍ୱାରା ରାଜ୍ୟ ସରକାର ଓ ପରିବହନ ବିଭାଗ ଅଧିକାରୀଙ୍କର ଓଡ଼ିଆ ଭାଷା ପ୍ରତି ଆନ୍ତରିକତା ନ ଥିବା ସୂଚିତ ହେଉଛି।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି ରୋଡ୍, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଲଜ୍ଜା, ଘୃଣା, ଭୟ। ଏହି ତିନୋଟିରୁ ଗୋଟିଏ ଉପସ୍ଥିତ ଥିବା ପର୍ଯ୍ୟନ୍ତ ଭଗବାନଙ୍କ ଦର୍ଶନ ହୁଏ ନାହିଁ।

-ଶ୍ରୀ ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ମୋଟର ପମ୍ପ ଚୋରି

ପଡିଆବାହାଲ, ୩।୧ (ଡି.ଏନ.ଏ.)
ଡଙ୍ଗରପଡା ବଡକୁଡା ପଡାସ୍ଥିତ ଜଳ ଯୋଗାଣ ପ୍ରକଳ୍ପ ପରିସରରୁ ଗତ ୧ ରାତିରେ ଏକ ପୁରୁଣା ପାଣି ପମ୍ପ ଚୋରି ହୋଇଯାଇଛି। ଜଳ ଯୋଗାଣ ପ୍ରକଳ୍ପ କର୍ମଚାରୀ ବିଦ୍ୟାଧର ଦୀପ୍ ଗ୍ରାମବାସୀଙ୍କୁ ଜଣାଇ ଯୁଯୁମୁରା ଥାନାରେ ଏତଲା ଦେଇଛି। ହେଲେ ଚୋରି ପମ୍ପ ଉଦ୍ଧାର ହୋଇନି କି ଅଭିଯୁକ୍ତ ଧରା ପଡି ନାହାନ୍ତି।

### ସଂସ୍କୃତି ଜାଗରଣ ଆଲୋଚନାଚକ୍ର

ବାରକୋଟ, ୩।୧ (ଡି.ଏନ.ଏ.)
ଦେବଗଡ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ କୁଣ୍ଡାପିଠା ଗ୍ରାମ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସମ୍ବଲପୁର ଝାରମୁଣ୍ଡାର ସଂସ୍କୃତି ଜାଗରଣ ସଂଘ ଦ୍ୱାରା ଓଡିଆ ସଂସ୍କୃତି ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ରମେଶ ମିଶ୍ରଙ୍କ ଅଧ୍ୟକ୍ଷତାର ଆୟୋଜିତ ଆଲୋଚନା ଚକ୍ରରେ ସଂଘର ସମ୍ପାଦକ ଚିକେନ୍ଦ୍ର କୁମାର ନାୟକ ସଭା ପରିଚାଳନା କରିଥିଲେ। ଉକ୍ତ ସଭାରେ ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ସହିତ କବି ଚନ୍ଦ୍ରକାନ୍ତି ସ୍ୱାଇଁ, କବି ଅବନୀକାନ୍ତ ପାଣି, ପାଲା ଗାୟିକା ସରସ୍ୱତୀ ପ୍ରଧାନ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

### ହୀରାକୁଦରେ ମଜଦୁର ସଂଘର ପ୍ରତିଷ୍ଠା ଦିବସ

ହୀରାକୁଦ,୩।୧(ଡି.ଏନ.ଏ.)
ହିଣ୍ଡାଲ୍କୋ ମଜଦୁର ସଂଘ (ସଂଲଗ୍ନ ଭାରତୀୟ ମଜଦୁର ସଂଘ)ର ସ୍ଥାପନା ଦିବସ ଅବସରରେ ଶ୍ରମିକ ସଚେତନତା ପାଇଁ ଏକ ବିଶାଳ ବାଇକ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ପ୍ରଥମେ ହୀରାକୁଦସ୍ଥିତ ଶକ୍ତି ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ହିଣ୍ଡାଲ୍କୋ ମଜଦୁର ସଂଘର ନବ ନିର୍ବାଚିତ ସଭାପତି ବିଭୂତିଭୂଷଣ ପଡ଼ିଆରି ଏବଂ ଭାରତୀୟ ମଜଦୁର ସଂଘ ସମ୍ବଲପୁର ଜିଲା ସଭାପତି ଇଂ. ଦୀପନ କୁମାର ହେତାଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସଂଘର ସାଧାରଣ ସମ୍ପାଦକ ନନ୍ଦଲାଲ ଦାଶ କର୍ମକର୍ତ୍ତାଙ୍କୁ ପ୍ଲାଣ୍ଟ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବା ପାଇଁ ଆହ୍ୱାନ ଦେଇଥିଲେ।

### ଧନକଉଡା ବାଳାଶ୍ରମରୁ ୩ ଅନ୍ତେବାସୀ ଫେରାର

ସମ୍ବଲପୁର,୩।୧(ବ୍ୟୁରୋ): ସମ୍ବଲପୁର ଧନକଉଡା ବାଳାଶ୍ରମରୁ ୩ ନାବାଳିକା ଅନ୍ତେବସୀ ଫେରାରା ହୋଇଯାଇଥିବା ଅଭିଯୋଗ ହୋଇଛି। ଆଶ୍ରମ ୱର୍ଡେନ କନକ ଲତା ସାମନ୍ତରାୟ ଏନେଇ ସଦର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ ୧ତାରିଖ ଭୋରରୁ ୩ ଜଣ ନାବାଳିକା ଫେରାର ହୋଇଯାଇଛନ୍ତି। ଖୋଜା ଖୋଜି କଲା ପରେ ମଧ ତାଙ୍କର ପତ୍ତା ମିଳି ପାରିନାହିଁ ବୋଲି ଅଭିଯୋଗ ହୋଇଛି। ପୂର୍ବରୁ ମଧ ଏହି ଅନ୍ତେବସୀ ନାବାଳିକାମାନେ ଫେରାର ହୋଇଯାଇଥିଲେ। ହେଲେ ପୋଲିସ ଓ ଆଶ୍ରମ କର୍ମଚାରୀମାନେ ଖୋଜି ପୁଣି ଆଶ୍ରୟ ଦେଇଥିଲେ ।

## ସମ୍ବଲପୁର ବିଶ୍ୱବିଦ୍ୟାଳୟର ୫୨ତମ ପ୍ରତିଷ୍ଠା ଦିବସ

# ଅଧ୍ୟୟନ, ଗବେଷଣାର ସମାନ୍ତରାଳ ଗତି ଆବଶ୍ୟକ

ସମ୍ବଲପୁର/ଚିପିଲିମା,୩।୧ (ବ୍ୟୁରୋ/ଡି.ଏନ.ଏ.)

ସମ୍ବଲପୁର ବିଶ୍ୱବିଦ୍ୟାଳୟର ୫୨ତମ ପ୍ରତିଷ୍ଠା ଦିବସ ଜ୍ୟୋତିବିହାରସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ଦୀପକ କୁମାର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥି ରୂପେ ଭାରତୀୟ ନୃତାତ୍ତ୍ୱିକ ସର୍ବେକ୍ଷଣର ନିର୍ଦ୍ଦେଶକ ପ୍ରଫେସର ବିନୟ କୁମାର ଶ୍ରୀବାସ୍ତବ ଯୋଗ ଦେଇ କହିଲେ ଯେ, ଅଧ୍ୟୟନ ଓ ଗବେଷଣା ସମାନ୍ତରାଳ ଭାବେ ଗତି କଲେ ଜ୍ଞାନ ସମ୍ପ୍ରସାରିତ ହୋଇପାରିବ। ଉତ୍ସବରେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ପ୍ରସାଦ ଜୟସ୍ୱାଲ କହିଥିଲେ, ବିଶ୍ୱବିଦ୍ୟାଳୟଗୁଡ଼ିକୁ ସରକାରଙ୍କ ବ୍ୟବସ୍ଥାଗତ ସୀମା ଓ କମ୍ପାନୀମାନଙ୍କ ସାମାଜିକ ଦାୟିତ୍ୱବୋଧ –ସିଏସଆର ଉପରେ ନିର୍ଭର ନ କରି ନିଜସ୍ୱ ଷ୍ଟାର୍ଟଅପ୍ ମାଧ୍ୟମରେ ଆତ୍ମନିର୍ଭରଶୀଳ



ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସରେ ଶ୍ରେଷ୍ଠ କ୍ରୀଡାବିତ୍ ଭାବେ ଆଶିଷ କୁମାର ପାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ହେବାକୁ ପଡ଼ିବ। ପ୍ରଫେସର ଅଶୋକ କୁମାର ମହାପାତ୍ର ଅତିଥି ପରିଚୟ ଦେଇଥିଲେ। ପ୍ରଫେସର ବେହେରା ତାଙ୍କ ବକ୍ତବ୍ୟରେ ଅର୍ଦ୍ଧଶତାବ୍ଦୀରେ ପହଞ୍ଚି ଥିବା ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏବେ ପରିପକ୍ୱ ଅବସ୍ଥାରେ ପହଞ୍ଚିଛି। ବିକଶିତ ମସ୍ତିଷ୍କ ଏବଂ ହୃଦୟକୁ ଆଧାର କରି ମାନବିକ ମୂଲ୍ୟବୋଧ ଏବଂ ଉପଯୁକ୍ତ ମନୋଭାବ ସହିତ ବିଶ୍ୱକଲ୍ୟାଣ ପାଇଁ ପ୍ରସ୍ତୁତ ହୋଇଛି ବୋଲି କହିଥିଲେ। ଏହି ଅବସରରେ ୨୦୧୭ ମସିହା ପାଇଁ ଗଙ୍ଗାଧର ଜାତୀୟ ସମ୍ମାନ ଲାଗି ଯୋଗ୍ୟ ବିବେଚିତ ପ୍ରଖ୍ୟାତ କନ୍ନଡ଼ କବି ପଦ୍ମଶ୍ରୀ ଚନ୍ଦ୍ରଶେଖର କମ୍ବାରଙ୍କ ମାନପତ୍ରକୁ ଡ. ଅଶୋକ କୁମାର ଦାଶ ପାଠ କରିଥିଲେ। ଡାକ ବିଭାଗ ପକ୍ଷରୁ ଜାରି ବିଶ୍ୱବିଦ୍ୟାଳୟର ସ୍ୱତନ୍ତ୍ର ଲଫାପାକୁ ଉନ୍ମୋଚନ କରାଯାଇଥିଲା। ବିଶ୍ୱବିଦ୍ୟାଳୟରେ ହେବାକୁ ଥିବା ୩୪ତମ ଆନ୍ତ ବିଶ୍ୱବିଦ୍ୟାଳୟ ଯୁବ ଉତ୍ସବର ଭିଡିଓକୁ କୁଳପତି ପ୍ରଫେସର ବେହେରା ଉନ୍ମୋଚନ କରିବା ସହିତ ନିକଟରେ ଅବସର ଗ୍ରହଣ କରିଥିବା ବିଶ୍ୱବିଦ୍ୟାଳୟର ଶିକ୍ଷକ ଓ କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଭାରେ ସମ୍ମାନିତ ଅତିଥି ପ୍ରଫେସର ଜୟସ୍ୱାଲ ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ କ୍ରୀଡ଼ାବିତ୍ ଭାବେ ଆଶିଷ କୁମାର ପାତ୍ରଙ୍କୁ ସ୍ୱର୍ଗତ ହାଡ଼ିବନ୍ଧୁ ସାହୁ ସ୍ମାରକୀ ପୁରସ୍କାର ପ୍ରଦାନ କରିଥିଲେ। ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟର ଛାତ୍ରୀମାନେ ମେହେର ସଙ୍ଗୀତ ଗାନ କରିଥିବା ବେଳେ ଶେଷରେ ଉପାଧ୍ୟୁତ୍ତର ବିଭାଗର ଅଧ୍ୟକ୍ଷ ଡ. ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଆମ୍ ଆଦ୍‌ମୀ ପାର୍ଟି ବୈଠକ

ସମ୍ବଲପୁର, ୩।୧(ବ୍ୟୁରୋ)
ସମ୍ବଲପୁର ଆମ୍ ଆଦମୀ ପାର୍ଟି (ଆପ)ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ଜିଲା ଆବାହକଆନନ୍ଦସାମଲଙ୍କଅଧ୍ୟକ୍ଷତାରେ ସଭା ହୋଇଥିଲା । ବୀରେନ୍ଦ୍ର କୁମାର ପାଣିଗ୍ରାହୀ ସ୍ୱାଗତ ଭାଷଣ ଓ ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଆବାହକ ମେହଫୁଜ ଆଲାମ ସୂଚନା ଦେଇଥିଲେ । ଆପ ରାଜ୍ୟ ସଂଖ୍ୟାଲଘୁ ସେଲ୍‌ର ଅଧ୍ୟକ୍ଷ ଶେଖ ମୁନ୍ତକିମ୍ ବକ୍ସ ଓ କୋଷାଧ୍ୟକ୍ଷ ମହମ୍ମଦ ସନାଉଲ୍ଲା ଲକ୍ଷ୍ୟ ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିଲେ। ନୁରୁଲ ଇସଲାମ, ଅବଦୁଲ ରହମାନ, ଫାରୁକ ରିଜଭି, ଲିଙ୍କନ କିଣ୍ଡୋ, ଭୂପେନ ସାହୁ, ଫିରୋଜ ଖାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମଞ୍ଚ କଳାକାର ମହମ୍ମଦ ଫାରୁକ୍ ରିଜଭି, ହନିଫ ଖାନ୍, ପ୍ରୀତି ସାହୁ, କାଦର ଖାନ୍, ସୁରେନ୍ଦ୍ର ମଟାରୀ, ରତନ ବେହେରା, ତାହିର ବାବୁ, କଞ୍ଚନ ନାଥ, ସୁନୀଲ ତାଣ୍ଡିଆ, ଅବଦୁଲ ରହମାନ, ମହମ୍ମଦ ଆରିସ, ଫିରୋଜ ଖାନଙ୍କୁ ଦଳ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା । ଆଲ୍ଲାଉଦ୍ଦିନ ସିଦ୍ଦିକୀ, ଫୌଜିୟା ପରୱିନ, ଲାଲମଣୀ ଲୁଗୁନ, ୱାଜାହତ ଅଲ୍ଲୀ, ନୁରୀ, ମହମ୍ମଦ ସମସଦ ପ୍ରମୁଖ ବକ୍ତବ୍ୟ ଦେଇଥିଲେ ।

# ଇଣ୍ଟର ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ସମ୍ବଲପୁର, ୩।୧ (ବ୍ୟୁରୋ)
ସିବିଏସଇ ସହଦୋୟ ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଶାସନସ୍ଥିତ ବିକାଶ ଦ କନସେପ୍ଟ ସ୍କୁଲ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ପଶ୍ଚିମ ଓଡିଶା ସହଦୋୟ ସ୍କୁଲ କମ୍ପ୍ଲେକ୍ସ ଉପସଭାନେତ୍ରୀ ବିନା କେସୱାକ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟର ଶୁଭାରମ୍ଭ କରିଥିଲେ । ବିକାଶ ଉଚ୍ଚ ମାଧ୍ୟମିକ ସ୍କୁଲ ଅଧ୍ୟକ୍ଷ ସଞ୍ଜୀବ କୁମାର ବାବୁ, ଡ. ବି.ସି. ପାଢ଼ୀ, ଏସ. ପାଢ଼ୀ ସମ୍ମାନୀତ ଅତିଥି ଥିଲେ । ପ୍ରଥମ ମ୍ୟାଚ ଗୁରୁନାନକ ପବ୍ଲିକ ସ୍କୁଲ ବନାମ ଆଇପିଏସ ମଧ୍ୟରେ ହୋଇଥିଲା। ଗୁରୁନାନକ ଦଳ ୧୫ ଓଭରରେ ୬ ଉଇକେଟ ହରାଇ ୧୩୨ ରନ ସଂଗ୍ରହ କରିଥିଲା । ସେହିପରି ଆଇପିଏସ ଦଳ ୧୫ ଓଭରରେ ୭ ଉଇକେଟ ହରାଇ ୯୯ ରନ ସଂଗ୍ରହ କରି ୩୫



ଗୁରୁବାର ସମ୍ବଲପୁର ବିକାଶ ସ୍କୁଲ ପଡିଆରେ କ୍ରିକେଟ ମ୍ୟାଚ ପୂର୍ବରୁ ଅତିଥିଙ୍କ ସହ ଖେଳାଳିମାନେ ।

ରନରେ ପରାଜୟ ବରଣ କରିଥିଲା। ଦ୍ୱିତୀୟ ମ୍ୟାଚରେ ସେଭେନହିଲ୍ସ ରେସିଡେନସିଆଲ୍ ସ୍କୁଲ ୧୫ ଓଭରରେ ୭ ଉଇକେଟ ହରାଇ ୧୧୫ ରନ କରିଥିଲା । ବିପକ୍ଷ ବ୍ରଜରାଜନଗର ଲିଟିଲ ଆଞ୍ଜେଲ୍ ଦଳ ୧୫ ଓଭରରେ ୭ ଉଇକେଟ ହରାଇ ୧୦୭ ରନ ସଂଗ୍ରହ କରିଥିଲା । ତେଣୁ ସେଭେନହିଲ୍ସ ରେସିଡେନସିଆଲ୍ ସ୍କୁଲ ୮ରନରେ ବିଜୟୀ ହୋଇଥିଲା । ବିକାଶ ସ୍କୁଲ ଶାରୀରିକ ଶିକ୍ଷା ମୁଖ୍ୟ ଆମୋଦ ଆନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡା. ଦିଲୀପ କୁମାର ନନ୍ଦ ସହଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଏହି ଟୁର୍ନାମେଣ୍ଟରେ ମୋଟ ୧୫ଟି ଦଳ ଅଂଶଗ୍ରହଣ କରିଛନ୍ତି । ବରଗଡ ବିକାଶ ସ୍କୁଲ ପଡିଆରେ ଗ୍ରୁପ (ବି)ର ୮ଟି ଦଳ ଓ ଶାସନଠାରେ ଗ୍ରୁପ (ଏ)ର ୭ଟି ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ । ସମୁଦାୟ ୧୪ଟି ମ୍ୟାଚ ଖେଳାଯିବ । ଚଳିତ ମାସ ୬ ତାରିଖ ଫାଇନାଲ ହେବ ।

## ଫୁଟବଲ ଟୁର୍ନାମେଣ୍ଟରେ ଇନ୍ଦିରା କ୍ଲବ ବିଜୟୀ

ସମ୍ବଲପୁର, ୩।୧ (ବ୍ୟୁରୋ)
ଜିଲା କ୍ରୀଡା ସଂଘ ପକ୍ଷରୁ ଆୟୋଜିତ ଡା. ସନାତନ ବେହେରା ସ୍ମାରକୀ ତଥା ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ମ୍ୟାଚରେ ଖୁଲିଆ ଇନ୍ଦିରା କ୍ଲବ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଖୁଲିଆ ବନାମ ହୀରାକୁଦ କ୍ରୀଡା ସଂଘ ମଧ୍ୟରେ ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲା । ଶେଷରେ ଖୁଲିଆ ୨–୧ ଗୋଲରେ ବିଜୟୀ ହୋଇଥିଲା । ମ୍ୟାଚକୁ ମନୋଜ ଭୋଇ, ଲକ୍ଷ୍ମଣ ନାଥ, ନନ୍ଦକିଶୋର ନାୟକ, ପଦ୍ମନାଭ ନାୟକ ପରିଚାଳନା କରିଥିଲେ । ପୁରୁଖା ଫୁଟବଲ ଖେଳାଳି ରାଇଫଲ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ହୀରାକୁଦ ଦଳର ରାଜା ଓରାମଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା । ଫୁଟବଲ ସମ୍ପାଦକ ଅବଦୁଲ ଗଫାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଗୁରୁବାର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ହୀରାକୁଦ ଦଳର ରାଜା ଓରାମଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଉଛି ।

# ରେଙ୍ଗାଲିରେ ରାସ୍ତା କାମ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

## କାର୍ଯ୍ୟକ୍ରମରେ ଠିଆ ହୋଇ ରହିଲେ ବିଜେଡି ଜିଲା ସଭାପତି

ରେଙ୍ଗାଲି,୩।୧(ଡି.ଏନ.ଏ)

ସମ୍ବଲପୁର ଜିଲା ବିଜେଡି ସଭାପତି ପ୍ରମୋଦ ରଥ ବାରମ୍ବାର ଦଳ ଭିତରେ ଅଲୋଡା, ଅଖୋଜା ହୋଇପଡୁଛନ୍ତି। ତାଙ୍କୁ ଅଣଦେଖା, କୋଣଠେସା କରାଯାଉଛି। ଖୋଲାଖୋଲି ଜିଲାର ଜଣେ ଜନପ୍ରତିନିଧି ମଧ ତାଙ୍କୁ ଅବହେଳା କରୁଥିବା ପୂର୍ବରୁ ସେ ସ୍ୱୀକାର କରିଛନ୍ତି। ଗତ ଡିସେମ୍ବର ୨୮ ତାରିଖରେ ରେଢାଖୋଲରେ ବିଜେଡିର ଦଳୀୟ ସମାବେଶରେ ପ୍ରମୋଦଙ୍କୁ ଦେଖିବାକୁ ମିଳି ନ ଥିଲା। ଝୁଣ୍ଟୁଝୁଣ୍ଟୁ ଜଣାପଡିଥିଲା ଯେ, ସେଠାକୁ ତାଙ୍କୁ ଡକାଯାଇ ନାହିଁ। ଖୋଦ୍ ରେଢାଖୋଲ ବିଧାୟକ ରୋହିତ ପୂଜାରୀ ତାଙ୍କୁ ଡାକି ନ ଥିବା ଜଣାପଡିଥିଲା। ଗୁରୁବାର ପୁଣି ଏମିତି ଆଉ ଏକ ଘଟଣାର ପୁନରାବୃତ୍ତି ଘଟିଛି। ରେଙ୍ଗାଲିଠାରୁ ଗଣେଶନଗର ପର୍ଯ୍ୟନ୍ତ ଚାରିଥାକିଆ ରାସ୍ତାର ଉନ୍ନତୀକରଣ ଲାଗି ବସଷ୍ଟାଣ୍ଡରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏଥିରେ ଇସ୍ପାତ, ଖଣି ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ନଗେନ୍ଦ୍ର ପ୍ରଧାନ, ରେଙ୍ଗାଲି ବିଧାୟକ ରମେଶ ପଟୁଆ, ପୂର୍ତ୍ତ ବିଭାଗ ସଚିବ ନଳିନୀକାନ୍ତ ପ୍ରଧାନ, ପୂର୍ତ୍ତବିଭାଗ ଏସଇ ସଞ୍ଜୟ ସାହୁ, ଇଂ. ବଶିଷ୍ଠ ପଟ୍ଟନାୟକ, ପୂର୍ତ୍ତବିଭାଗ ଏସ୍‌ଡିଓ ସେଖ ସୁସ୍ତାର, ସମ୍ବଲପୁର ଜିଲାପାଳ ସମର୍ଥ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ। ହେଲେ ସେଠାରେ ଉପସ୍ଥିତ ଥାଇ ବି ଜିଲା ବିଜେଡି ସଭାପତି ପ୍ରମୋଦ ରଥ ଠିଆହୋଇ ରହିଥିଲେ। ମନ୍ତ୍ରୀଙ୍କ ନିକଟରେ ଦୁଇଟି ଚୌକି ଖାଲି



ରେଙ୍ଗାଲିରେ ରାସ୍ତାକାମ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଜିଲାପାଳଙ୍କ ପଛକୁ ଟେଷ୍ଟ ଭିଡା ହୋଇଥିବା ବାଉଁଶକୁ ଆଉଜି ଜିଲା ବିଜେଡି ସଭାପତି ପ୍ରମୋଦ ରଥ ଛିଡା ହୋଇଛନ୍ତି।

ମଧ ପଡିଥିଲା। ଜିଲାପାଳଙ୍କ ଠିକ୍ ପଛକୁ ଟେଷ୍ଟ ଭିଡା ହୋଇଥିବା ବାଉଁଶକୁ ଧରି ପ୍ରମୋଦ ଆଉଜି ଛିଡା ହୋଇଥିଲେ। ଦେଖିବାକୁ ଗଲେ ରାଜ୍ୟର ବିଜେଡି ସରକାର ହେଉ କି କେନ୍ଦ୍ରର ଭାଜପା ସରକାର ଏବେ ସରକାରୀ କାର୍ଯ୍ୟକ୍ରମକୁ ଦଳୀୟ କାର୍ଯ୍ୟକ୍ରମରେ ପରିଣତ କଲେଣି। ଏଣୁ ପ୍ରମୋଦ ମଞ୍ଚରେ ନ ବସିଲେ ମଧ ସାଇଡ୍‌ରେ ବସିଥାଇ ପାରିଥାନ୍ତେ। ସୌଜନ୍ୟତା ଦୃଷ୍ଟିରୁ ତାଙ୍କୁ ସାଧାରଣ ଚୌକି ଖଣ୍ଡେ ତ ଅନ୍ତତ ବସିବାକୁ ଦିଆଯାଇପାରିଥାନ୍ତା। ଏଣୁ ଜଣେ ଜିଲା ସଭାପତି ଏମିତି ଠିଆ ହୋଇ ରହିବା କେତେଦୂର ତାଙ୍କପ୍ରତି ସମ୍ମାନଜନକ ତାହା ରେଙ୍ଗାଲିର ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ଅବଶ୍ୟ ଏ ନେଇ ପ୍ରମୋଦ କହିଛନ୍ତି ଯେ, ତାହା ସରକାରୀ କାର୍ଯ୍ୟକ୍ରମ ଥିଲା। ଏଣୁ ସେ ମଞ୍ଚରେ ବସିବାକୁ ଠିକ୍ ମନେ କଲେନି।

**ଚିପିଲିମା,(ଡି.ଏନ.ଏ.)**–ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୧ ନଂ. ୱାର୍ଡସ୍ଥିତ ଚାଉଁରପୁର–ଘଣ୍ଟେଶ୍ୱରୀ (ବଗବିରା) ପର୍ଯ୍ୟନ୍ତ ମଧ ୧୧.୭ କି.ମି.ରାସ୍ତାର ଉନ୍ନତୀକରଣ ତଥା ପ୍ରଶସ୍ତିକରଣ ପାଇଁ ଗୁରୁବାର ସନ୍ଧ୍ୟାରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅବସରରେ ଚାଉଁରପୁର ନୁନିଆ ଜାମପାଲିଠାରେ ଭିତ୍ତିପ୍ରସ୍ତର ସ୍ଥାପନ ଫଳକର ଉଦ୍‌ଘାଟନ ହୋଇଥିଲା। ଏଥିରେ ମଧ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ରେଙ୍ଗାଲି ବିଧାୟକ ରମେଶ ପଟୁଆ, ହୀରାଲାଲ ବେହେରା, ଅନୀଲ ଭୁଏ, ପିଡବ୍ଲୁଡି ଏସ୍‌ଡିଓ ଏସ.କେ. ମୁସ୍ତାର, ବିଜେଡି ଜିଲା ସଭାପତି ପ୍ରମୋଦ ରଥ ପ୍ରମୁଖ ଉପସ୍ଥିତ ଥିଲେ । କାହ୍ନୁ ମିଶ୍ର, ଅନୀଲ ଭୋଇ, ନରେଶ ସିଂ, ଯତୀନ୍ଦ୍ର ସାହୁ, ପିଡବ୍ଲୁଡି ନିର୍ବାହୀ ଯନ୍ତ୍ରୀ ବିଶିଷ୍ଟ ପଟ୍ଟନାୟକ, ସଞ୍ଜୟ ସାହୁ, ଯନ୍ତ୍ରୀ ବିଦ୍ୟାଧର କିଷାନ ପ୍ରମୁଖ ଯୋଗ ଦେଇଥିଲେ।

# ୮ରେ ଭାଜପା କୃଷକ ମୋର୍ଚ୍ଚାର ସଚିବାଳୟ ଘେରାଉ

ସମ୍ବଲପୁର,୩।୧(ବ୍ୟୁରୋ)

ରାଜ୍ୟରେ କୃଷକମାନଙ୍କ ସମସ୍ୟା ଜଟିଳ ହେବାରେ ଲାଗିଛି । ଚାଷୀମାନଙ୍କର ଆର୍ଥୀକ ସ୍ଥିତି ଶୋଚନୀୟ ହୋଇପଡିଛି । କିନ୍ତୁ ବିଜେଡି ନେତୃତ୍ୱାଧୀନ ରାଜ୍ୟ ସରକାର କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରୁନାହାନ୍ତି । ଏହାର ପ୍ରତିବାଦରେ ଚଳିତ ମାସ ୮ ତାରିଖ ଭାଜପା କୃଷକ ମୋର୍ଚ୍ଚା ନବୀନ ନିବାସ ଓ ସଚିବାଳୟ ଘେରାଉ କରିବ । ରାଜ୍ୟର ୩୦ଟି ଜିଲାର ୩୧୪ ବ୍ଲକରୁ ଚାଷୀ ପ୍ରତିନିଧି ଯୋଗଦେବା କାର୍ଯ୍ୟକ୍ରମ ରହିଛି । ଗୁରୁବାର ସମ୍ବଲପୁର ରୋଟାରୀ କ୍ଲବଠାରେ ଭାଜପା କୃଷକ ମୋର୍ଚ୍ଚା କର୍ମକର୍ତ୍ତା ଖବରଦାତାଙ୍କୁ ଏହି ସୂଚନା ଦେଇଛନ୍ତି । ଭାଜପା ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀ, ଜିଲା ଭାଜପା ସଭାପତି ରାମଚନ୍ଦ୍ର ମେହେର, ସାଧାରଣ ସମ୍ପାଦକ ଦାମୋଦର କର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, କୃଷକ ମୋର୍ଚ୍ଚା ଜିଲା ସଭାପତି ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ସମ୍ବଲପୁର ଜିଲା କୃଷକ ମୋର୍ଚ୍ଚା ପ୍ରଭାରୀ କିଶୋର ହୋତା, ଜିଲା ପ୍ରବକ୍ତା ମାନସରଞ୍ଜନ ବକ୍ସି ଜବାବ ମାଗୁଛି ଓଡିଶା ସଚିବାଳୟ ଘେରାଉ ବିଷୟରେ ସୂଚନା ଦେଇଥିଲେ ।



ଗୁରୁବାର ସମ୍ବଲପୁର ରୋଟାରୀ କ୍ଲବଠାରେ ଭାଜପା ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀ ଖବରଦାତାଙ୍କୁ ସୂଚନା ଦେଉଛନ୍ତି ।

# ଜଙ୍ଗଲ ଜମିରୁ ମାଟି ଖନନ

ସମ୍ବଲପୁର,୩।୧(ବ୍ୟୁରୋ)

ସମ୍ବଲପୁର ବନଖଣ୍ଡ ରେଙ୍ଗାଲି ରେଞ୍ଜ ରମ୍ଭେଲା ଗ୍ରାମ ନିକଟରେ ଥିବା ଗ୍ରାମ୍ୟ ଜଙ୍ଗଲରୁ ଗୁରୁବାର ବେଆଇନ ଭାବେ ମାଟି ଖନନ ହେଉଥିବା ନେଇ ଅଭିଯୋଗ ହୋଇଛି । ଏହା ସହ ରେଙ୍ଗାଲି ତହସିଲ ଅଫିସ ପଛ ପଟେ ଥିବା ସରକାରୀ ଜମିରୁ ମଧ ୪ ଦିନ ହେଲା ନିୟମିତ ଭାବେ ବେଆଇନ ମାଟି ଖନନ କରାଯାଉଥିଲା। ଏହାକୁ ନେଇ ଗୁରୁବାର ସ୍ଥାନୀୟ ଯୁବକମାନେ ଘଟଣା ସ୍ଥଳରେ ହାଇୱା, ଜେସିବି, ଟ୍ରାକ୍ଟରକୁ ଅଟକ ରଖିଥିଲେ । ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଏ ସମ୍ପର୍କରେ ସମ୍ବଲପୁର ଡିଏଫଓ ଡ. ସନ୍ତୋଷ କୁମାର ଯୋଶୀଙ୍କ ପାଖରେ ଅଭିଯୋଗ ହୋଇଥିଲା । ଡିଏଫଓଙ୍କ ନିର୍ଦ୍ଦେଶ କ୍ରମେ ରେଙ୍ଗାଲି ଫରେଷ୍ଟର ପ୍ରବୀଣ ସିଂ ଓ ଅନ୍ୟ କର୍ମଚାରୀ ସହ ଚଢାଉ କରିଥିଲେ । ହେଲେ ପୂର୍ବରୁ ଠିକାଦାର ଟ୍ରାକ୍ଟର, ଜେସିବି, ହାଇୱା ନେଇ ଫେରାର ହୋଇଯାଇଥିଲେ। ଏ ନେଇ ଫରେଷ୍ଟର ସିଂ କହିଛନ୍ତି ଯେ, ଜଙ୍ଗଲ ବିଭାଗ ପକ୍ଷରୁ ଏଠାରେ ବୃକ୍ଷ ରୋପଣ କରାଯାଇଛି । ଏଠାରେ ମାଟି ଖନନ କରିବା ବେଆଇନ। ହେଲେ ଏହି ଘଟଣାରେ



ସମ୍ବଲପୁର ଜିଲା ରେଙ୍ଗାଲି ରମ୍ଭେଲାରେ ଜଙ୍ଗଲ ଜମିରୁ ମାଟି ଖନନ ଖବର ପାଇ ବନ ବିଭାଗ କର୍ମଚାରୀ ଚଢାଉ ପାଇଁ ପହଞ୍ଚିଛନ୍ତି।

ଠିକାଦାରଙ୍କ ସହିତ ଆପୋଷ ବୁଝାମଣା ହୋଇଥିବା ଅଭିଯୋଗ ହେଉଛି । ଏହା ଏକ ରାସ୍ତା କାମରେ ବ୍ୟବହାର କରାଯାଉଥିବା ନେଇ ଅଭିଯୋଗ ହୋଇଛି। ରାସ୍ତା କାମରେ ମାଟିର ଆବଶ୍ୟକ ଥିଲେ ଠିକାଦାର ତହସିଲ ଅଫିସରୁ ଲିଜ୍ ଆବେଦନ କରିପାରିବେ । ଏଥିପାଇଁ ପୂର୍ବରୁ ଅନୁମତି ନେଇ ରୟାଲଟି ଦେବାକୁ ପଡିଥାଏ । ତେବେ ଏହି ବେଆଇ ମାଟି ଖନନ ଫଳରେ ଲଗାଯାଇଥିବା ଗଛ ଗୁଡିକ ଉପୁଡି ନଷ୍ଟ ହୋଇ ଯାଇଛି।



ଯାହାର ଲୋଭ, ମାନ ଓ ଅପମାନ ନ ଥାଏ, ସିଏ ସମ୍ପଦ ଓ ବିପଦକୁ ସମାନ ମଣେ। ତାଙ୍କୁ ହିଁ ଭକ୍ତ କୁହାଯାଏ।
- ସନ୍ଥ ତୁଳସୀଦାସ

## ସଂକ୍ଷେପରେ

### ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟସୂଚୀ

ଦେବଗଡ,୩।୧ (ସ୍ୱ.ପ୍ର)
ଚଳିତ ମାସ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟସୂଚୀ ଅନୁଯାୟୀ ପ୍ରଥମ ସୋମବାର ୭ରେ ତିଲେଇବଣି ବ୍ଲକର ଛେପିଲିପାଲି ଗ୍ରାମପଞ୍ଚାୟତ, ୧୪ରେ ଦ୍ୱିତୀୟ ସୋମବାର ରିଆମାଳ ବ୍ଲକ କୋହ୍ଲବସା ଗ୍ରାମପଞ୍ଚାୟତ, ୨୧ରେ ତୃତୀୟ ସୋମବାର ବାରକୋଟ ବ୍ଲକ ବମପରଡା ଗ୍ରାମପଞ୍ଚାୟତ ଏବଂ ୨୮ରେ ଚତୁର୍ଥ ସୋମବାର ପୌରପାଳିକା କାର୍ଯ୍ୟାଳୟ ପରିସରଠାରେ ପୂର୍ବାହ୍ନ ୧୧ଟା ସମୟରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### କବାଡି ପ୍ରତିଯୋଗିତା ପାଇଁ ଖେଳାଳି ଚୟନ

ଦେବଗଡ,୩।୧(ସ୍ୱ.ପ୍ର.)
୪୬ତମ ରାଜ୍ୟସ୍ତରୀୟ ବରିଷ୍ଠ କବାଡି ଚାମ୍ପିୟନସିପ୍ ମହିଳାପୁରୁଷ ଜାନୁୟାରୀ ୧୧ରୁ ୧୩ତାରିଖ ପର୍ଯ୍ୟନ୍ତ ଗଜପତି ଜିଲାର ପାରଳାଖେମୁଣ୍ଡିଠାରେ ଆୟୋଜିତ ହେବ। ଓଡିଶା କବାଡି ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଦେବଗଡ ଜିଲାରୁ ଭାଗ ନେବା ପାଇଁ ଖେଳାଳି ଚୟନ ପାଇଁ ଆସନ୍ତା ୬ତାରିଖ ସକାଳ ୯ଟା ସମୟରେ ଇନ୍ଦିରା ଗାନ୍ଧିଷ୍ଟାଡିୟମଠାରେ ଚୟନ ପ୍ରକ୍ରିୟା କରାଯିବ। ଓଡିଶା କବାଡି ଆସୋସିଏଶନରେ ପଞ୍ଜିକୃତ ହୋଇଥିବାବେଳେ ଖେଳାଳିମାନେ ଏଥିରେ ଭାଗନେଇ ପାରିବେ। ଏହା ବ୍ୟତୀତ ଯେଉଁମାନେ ପଞ୍ଜିକୃତ ହୋଇ ନାହାନ୍ତି ସେମାନେ ଉକ୍ତ ଦିନ ଷ୍ଟାଡିୟମରେ ୨୦୦ଟଙ୍କା ପଞ୍ଜିକୃତ ଫି ଦେଇ ନିଜ ନାମ ପଞ୍ଜିକରଣ କରାଇ ପାରିବେ। ଖେଳାଳିମାନେ ଏଥିପାଇଁ ନିଜର ଆଧାର କାର୍ଡ କିମ୍ବା ଜନ୍ମ ପ୍ରମାଣପତ୍ର କିମ୍ବା ବୋର୍ଡ ସାର୍ଟିଫିକେଟ ସହିତ ୨ଟି ପାସପୋର୍ଟ ସାଇଜ ଫଟୋ ସହ ଷ୍ଟାଡିୟମରେ ଉପସ୍ଥିତ ହେବା ପାଇଁ ଜିଲା କ୍ରୀଡା ସଂଘ ତରଫରୁ ପରାମର୍ଶ ଦିଆଯାଇଛି।

# ନୃସିଂହ ଗୁରୁ ବିରଳ ପ୍ରତିଭାର ଅଧିକାରୀ ଥିଲେ

ସମ୍ବଲପୁର, ୩।୧ (ବ୍ୟୁରୋ)

ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁ ଜଣେ ବିରଳ ତଥା ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ତାଙ୍କ ଉତ୍ସର୍ଗୀକୃତ ସେବା ଓ ତ୍ୟାଗର ପଟାନ୍ତର ନାହିଁ। ନୃସିଂହ ଗୁରୁଙ୍କ ୩୫ତମ ଶ୍ରାଦ୍ଧ ବାର୍ଷିକୀ ସଭାରେ ବକ୍ତାମାନେ ଏହି ମତ ପ୍ରକାଶ କରିଛନ୍ତି। ହୋଟେଲ ଶୀଲା ଟାୱାରରେ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ମହାନଦୀ କୋଇଲା କମ୍ପାନୀ ମୁଖ୍ୟ ସତର୍କତା ଅଧିକାରୀ ମୁନାୱର ଖୁର୍ସିଦ୍ ମୁଖ୍ୟ ଅତିଥି, ବରଗଡ଼ ମହିଳା କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ସୁଦର୍ଶନ ପୂଜାରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ। ସେମାନେ କହିଥିଲେ ଯେ, ସ୍ୱର୍ଗତ ଗୁରୁ ଜଣେ ସଚ୍ଚୋଟ ଗାନ୍ଧୀବାଦୀ ଥିଲେ। ସମାଜରେ ଅବହେଳିତ ହୋଇ ରହିଥିବା ଦଳିତ ବ୍ୟକ୍ତିମାନେ ଯେପରି ମୁଖ୍ୟ ସ୍ରୋତରେ ସାମିଲ ହୋଇ ପାରିବେ ସେ ଦିଗରେ ହରିଜନ ସେବାକୁ ପ୍ରାଧାନ୍ୟ ଦେଉଥିଲେ। ସେ ଜଣେ ସ୍ପଷ୍ଟବାଦୀ ଓ ନିର୍ଭୀକ ଖବରଦାତା ଥିଲେ। ଜୀବନରେ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ଗାନ୍ଧୀବାଦ ଚିନ୍ତାଧାରାରୁ ବିଚ୍ୟୁତ ହୋଇ ନ ଥିଲେ। ତେଣୁ ତାଙ୍କୁ ପଶ୍ଚିମ ଓଡ଼ିଶାର ଗାନ୍ଧୀ ବୋଲି କୁହାଯାଇଥାଏ। ପୂର୍ବତନ ଏମ୍‌ପି ଭବାନୀ ଶଙ୍କର ହୋତା ସମ୍ମାନିତ ଅତିଥି ଥିଲେ। ସ୍ମୃତି ସମିତି ସଂପାଦକ ହେମନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଓ ଶେଫାଳିରାଣୀ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅରବିନ୍ଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର କରିଥିଲେ। ପ୍ରଫୁଲ୍ଲ କୁମାର ଗୁରୁ ପୁରସ୍କାର ବିତରଣରେ ସହଯୋଗ କରିଥିଲେ।



ନୃସିଂହ ଗୁରୁଙ୍କ ଜୟନ୍ତୀ ଉତ୍ସବରେ ଏମସିଏଲ ସତର୍କତା ମୁଖ୍ୟ ଅଧିକାରୀ ମୁନାୱର ଖୁର୍ସିଦ୍ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରୁଛନ୍ତି।

# ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପଣ୍ଡିତଙ୍କ ଜନ୍ମ ଶତବାର୍ଷିକୀ

ସମ୍ବଲପୁର, ୩।୧ (ବ୍ୟୁରୋ)

ସ୍ୱାଧୀନତା ସଂଗ୍ରାମୀ ତଥା ଶ୍ରମିକ ନେତା ବିଶ୍ୱନାଥ ପଣ୍ଡିତଙ୍କ ଜନ୍ମ ଶତବାର୍ଷିକୀ ଗୁରୁବାର ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ମାର୍ଗସ୍ଥିତ ହୀରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘ କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। ଏଆଇଟିୟୁସି ଜିଲା ସମ୍ପାଦକ ନାଟୁଗୋପାଳ ପାତ୍ରଙ୍କ ଅଧ୍ୟକ୍ଷତାରେ ସଭା ଆୟୋଜିତ ହୋଇଥିଲା। ବିଶ୍ୱନାଥ ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ ମଧ୍ୟ ଶ୍ରମିକମାନଙ୍କ ଉନ୍ନତି ପାଇଁ କାର୍ଯ୍ୟ କରିଥିଲେ। ସେ କେନ୍ଦୁପତ୍ର ସଂସ୍ଥାରେ କାର୍ଯ୍ୟ କରିଥିବା ଲକ୍ଷାଧିକ ଶ୍ରମିକ, ବିଡି ଶ୍ରମିକ, ମେଡିକାଲ ଚତୁର୍ଥ କର୍ମଚାରୀ, ମ୍ୟୁନିସିପାଲଟି କର୍ମଚାରୀ, ଚାଷୀ ମୂଲିଆଙ୍କ ଉନ୍ନତିମୂଳକ କାର୍ଯ୍ୟରେ ତତ୍ପର ଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ହିନ୍ଦୁ ମଜଦୁର ସଭା ରାଜ୍ୟ ସହସାଧାରଣ ସମ୍ପାଦକ ଗୋକୁଳ ମେହେର, ଆଇଏନଟିୟୁସିର ବବିତା ବଡପଣ୍ଡା, ବିଜେଡିର ମହମ୍ମଦ ସନାଉଲ୍ଲା, ତପନ ଗୁରୁ, ଅଶୋକ ପଟେଲ, ଭାସ୍କର ନାୟକ, ସୁସ୍ମିତା ଦୀପ ପ୍ରମୁଖ ବିଶ୍ୱନାଥ ପଣ୍ଡିତଙ୍କ ସ୍ମୃତିଚାରଣ କରିଥିଲେ।

# ବିରାଟ ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶିତ

ସମ୍ବଲପୁର, ୩।୧ (ବ୍ୟୁରୋ)

ଇଞ୍ଜିନିୟରିଂ ଓ ମେଡିକାଲ ପ୍ରସ୍ତୁତି ଶିକ୍ଷାନୁଷ୍ଠାନ ବିରାଟ ମେଧାବୃତ୍ତି ୨୦୧୮-୧୯ ପରୀକ୍ଷା ଫଳ ଘୋଷଣା କରିଛି। ଗୁରୁବାର ସମ୍ବଲପୁର ସହଯୋଗ ନଗର ଛକ ସ୍ଥିତ ବିରାଟ ଶିକ୍ଷାନୁଷ୍ଠାନରେ ଅଧ୍ୟକ୍ଷ ରାହୁଲ ରାଜ ଖବରଦାତା ସମ୍ମିଳନୀରେ ପରୀକ୍ଷା ଫଳ ଘୋଷଣା କରିଥିଲେ। ଚଳିତ ବର୍ଷ ମେଧାବୀ ତାଲିକାରେ ଅଧିକାଂଶ ଛାତ୍ରୀଛାତ୍ରଙ୍କୁ ମାର୍କ ଆଧାରରେ ମେଧାବୃତ୍ତି ପ୍ରଦାନ କରିଯିବ। କୃତୀ ଛାତ୍ରୀଛାତ୍ରଙ୍କୁ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ସ୍କଲାର୍‌ସିପ୍ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି। କୃତୀ ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ଶୀର୍ଷରେ ଥିବା ଛାତ୍ରୀଛାତ୍ରଙ୍କୁ ନଗଦ ରାଶି ସହ ଗୋଟିଏ ଲେଖାଏଁ ଟାବଲଏଡ ପ୍ରଦାନ କରି ପୁରସ୍କୃତ କରାଯିବ ବୋଲି ରାହୁଲ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ ଯେ, ବିରାଟ ମେଧାବୃତ୍ତି ପରୀକ୍ଷା ଗତ ଅକ୍ଟୋବର ଓ ନଭେମ୍ବର ମାସ ୫ଟି ପର୍ଯ୍ୟାୟରେ ହୋଇଥିଲା। ଏଥିରେ ଓଡିଶାର ବିଭିନ୍ନ ପ୍ରାନ୍ତରୁ ଶତାଧିକ ପରୀକ୍ଷାର୍ଥୀ ଭାଗ ନେଇଥିଲେ। ବିରାଟ ଏହାର ଯୁକ୍ତ ୨ ଇଣ୍ଟିଗ୍ରେଟେଡ୍ ପାଠ୍ୟକ୍ରମ ସମ୍ବଲପୁର ମଦନାବତୀ ପବ୍ଲିକ ସ୍କୁଲ ସହାୟତାରେ ଗତ ବର୍ଷ ଆରମ୍ଭ କରିଛି। ସେହିପରି ବଲାଙ୍ଗିର ଜିଲା ଆଇଡିଏମ ସ୍କୁଲ ସହାୟତାରେ ଯୁକ୍ତ ୨ ଇଣ୍ଟିଗ୍ରେଟେଡ୍ ପାଠ୍ୟକ୍ରମ ଆରମ୍ଭ କରାଯାଉଛି।




ବିରାଟ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶ କରୁଛନ୍ତି।

# ସଙ୍ଗୀତଜ୍ଞ ଚିନ୍ତାମଣି ପୂଜାରୀଙ୍କୁ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର,୩।୧(ବ୍ୟୁରୋ)
ସମ୍ବଲପୁର ଝାଡୁଆପଡା ଆରଣ୍ୟକ ମଞ୍ଚରେ ସଙ୍ଗୀତଜ୍ଞ ଚିନ୍ତାମଣି ପୂଜାରୀଙ୍କ ପ୍ରଥମ ଶ୍ରାଦ୍ଧୋତ୍ସବ ଅବସରରେ ଗୁରୁବାର ସ୍ୱରାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତ୍ରିଲୋଚନ ତ୍ରିପାଠୀ ଏଥିରେ ସଂଯୋଜନା କରିଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆମ୍ବଦୁଧ ଏକାଠି ହୁଏ**
**ଅଧଡ଼ ଟାକୁଆ ଗାତକୁ ଯାଏ।**

ଆମ୍ବ ରସ ଓ ଦୁଧ ସହଜରେ ମିଶିଯାଏ, କିନ୍ତୁ ଟାକୁଆ ମିଶି ନ ପାରିବା ହେତୁ ତାକୁ ବାହାରେ ଫୋପାଡ଼ି ଦିଆଯାଏ। ପରୋକ୍ଷରେ ସ୍ୱଭାବ, ପ୍ରକୃତି ତଥା ମନୋଭାବ ଯାହା ସହ ଯାହାର ମିଶିଯାଏ ତାଙ୍କ ପକ୍ଷେ ଏକତ୍ର ହେବା ସେତେ ସହଜ ହୋଇଯାଏ ଅନ୍ୟଥା ସେଠାରୁ ବାଦ୍ ପଡ଼ିବା ସ୍ଥିର ନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆପଣା ବେଳକୁ ଲୀଳାଖେଳା**
**ପାପହୁଏ ପରବେଳା।**

ନିଜ ବେଳକୁ ଯେଉଁ କାମ କରିବା ଠିକ୍ ବୋଲି ଧରାଯାଏ ପରନ୍ତୁ ଅନ୍ୟପାଇଁ ସେ କାମ କରିବା ଦୋଷାବହ ହୋଇଯାଏ। ସ୍ୱାର୍ଥାନ୍ୱେଷୀ ତଥା ସୁବିଧାବାଦୀ ବ୍ୟକ୍ତି ନିଜ ସୁଖ ସୁବିଧା ପାଇଁ ଦରକାର ପଡ଼ିଲେ ନୀତିନିୟମକୁ ମଧ୍ୟ ବଦଳେଇ ଦେବାକୁ ପଛଘୁଞ୍ଚା ଦେଇ ନ ଥାନ୍ତି। ପାତରଅନ୍ତର ନୀତି ଅବଲମ୍ବନ କରୁଥିବା ସିଆଣିଆ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ. ପ୍ରା. ଲି.

# ଜବାବ ମାଗୁଛି ଓଡିଶା ଅଭିଯାନ ଶୁଭାରମ୍ଭ

ଦେବଗଡ,୩।୧(ସ୍ୱ.ପ୍ର.)

ଦେବଗଡ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଜବାବ ମାଗୁଛି ଓଡିଶା ଅଭିଯାନ ଯାତ୍ରାର କାର୍ଯ୍ୟକ୍ରମ ଗୁରୁବାର ଶୁଭାରମ୍ଭ ହୋଇଛି। ଏହି ଅବସରରେ ସ୍ଥାନୀୟ ଗୋପାଳଜୀ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଯାଇଛି। ଜିଲାର ବିଧାନସଭାର ରଥକୁ ପୂର୍ବତନ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ,ଭାଜପା ଜିଲା ସଭାପତି ଅରୁଣ ସାହୁ ଓ ଯୁବ ମୋର୍ଚା ରାଜ୍ୟ ସଂଯୋଜକ ଆଲୋକ ମିଶ୍ର ଶୁଭାରମ୍ଭ କରିଥିଲେ। ସରକାରଙ୍କ ୧୯ବର୍ଷର ଶାସନକୁ ନିନ୍ଦା କରିବାସହ ଜବାବ ମାଗିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୀନକେତନ ପ୍ରଧାନ,ପ୍ରଭାସ ମିଶ୍ର,ସଚିକାନ୍ତ ଦାଶ,ସତ୍ୟନାରାୟଣ ପାଣି,ପ୍ରକାଶ ଆଚାର୍ଯ୍ୟ,ରମଣି ଦାଶ,ଦୟା ଶଙ୍କର ଦ୍ୱିବେଦୀ,ତପନ ସାମଲ,ସଂଜିବ ବେହେରା,ଭକ୍ତବନ୍ଧୁ ସାହୁଙ୍କ ସମେତ ଅନ୍ୟ କର୍ମୀ ମାନେ ପ୍ରମୁଖ ଉପସ୍ଥିତ ଥିଲେ।


## ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

### ଘୋଷଣା

XXIV-116

File No.: XIV-02/2018-499 Dated 26.11.2018

ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୯ର ଅଧିନିୟମ ୭ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲାପାଳ, ଯାଜପୁରଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ମୌଜା- ଜନିନ୍ଦାପାଳ, ଥାନା- ଟମକା, ନଂ.୪୦, ତହସିଲ- ଦାନଗଦି, ଜିଲ୍ଲା- ଯାଜପୁରରେ ନିମ୍ନସୂଚୀତ 'କ' ତଫସିଲ ଜମି ଏହି ଆଇନର ଧାରା ୨(୧) ପ୍ରକାରେ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ବାଂଶପାଣି-ଦୈତାରୀ-ଟମକା-ଜଖପୁରା ଦୋହରୀକରଣ ନିର୍ମାଣ ନିମନ୍ତେ ଏ.୩.୫୧ ଏକର ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (Right to Fair Compensation and Transparency in Land Acquisition, Rehabilitation & Resettlement Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା- ୪୦୫୩୦/R&DM, ତା୨୭।୧୧।୨୦୧୭ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ, ଏହା ଘୋଷଣା କରାଯାଉଅଛି ଯେ, ମୌଜା- ଜନିନ୍ଦାପାଳ, ଥାନା- ଟମକା, ନଂ. , ତହସିଲ- ଦାନଗଦି, ଜିଲ୍ଲା- ଯାଜପୁରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ, ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.jajpur.nic.inରେ ଓ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ www.odisha.gov.in/revenueରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀ, ବାଂଶପାଣି-ଦୈତାରୀ-ଟମକା-ଜଖପୁରା, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ଯାଜପୁର — ତହସିଲ- ଦାନଗଦି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| | | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | | ଏଥିସହିତ ସଂଲଗ୍ନ |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ଯାଜପୁର — ତହସିଲ- ଦାନଗଦି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ସ୍ୱା./- ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, ଯାଜପୁର

ଅନୁସୂଚିତ ଜମି ଅଧିଗ୍ରହଣ
ମୌଜା- ଜନିନ୍ଦାପାଳ, ଥାନା- ଟମକା, ନଂ.୪୦, ତହସିଲ- ଦାନଗଦି, ଜିଲ୍ଲା-ଯାଜପୁର

| କ୍ର. ନଂ. | ଖାତା ନଂ. | ପ୍ଲଟ୍ ନଂ. | ମୋଟ ରକବା | ଅର୍ଜନ ରକବା | ଖାତା ରୟତଙ୍କ ନାମ |
|---|---|---|---|---|---|
| ୧ | ୩ | ୧୫୦ | ୦.୬୪ | ୦.୩୨ | ଉତ୍ତମ ଦେହୁରୀ |
| ୨ | ୩ | ୨୪୧ | ୦.୧୪ | ୦.୦୧ | ଉତ୍ତମ ଦେହୁରୀ |
| ୩ | ୫ | ୨୦୫ | ୦.୫୫ | ୦.୫୧ | ଉଷାମଣି ପାତ୍ର |
| ୪ | ୮ | ୧୫୩ | ୧.୪୨ | ୦.୧୪ | କଣ୍ଠ ପୁହାଣ |
| ୫ | ୧୪ | ୧୫୫ | ୦.୪୭ | ୦.୦୬ | କସ୍ତୁରୀ ପୁହାଣ |
| ୬ | ୧୪ | ୨୦୪ | ୦.୬୭ | ୦.୨୩ | କସ୍ତୁରୀ ପୁହାଣ |
| ୭ | ୨୧ | ୨୦୯ | ୧.୦୦ | ୦.୩୪ | କେଶବ ଚନ୍ଦ୍ର ନାୟକ |
| ୮ | ୨୨ | ୧୬୭ | ୦.୦୬ | ୦.୦୬ | କେଶବ ଚନ୍ଦ୍ର ନାୟକ |
| ୯ | ୩୦ | ୧୭୦ | ୦.୩୦ | ୦.୧୫ | ଗୌରାଙ୍ଗ ପଲେଇ |
| ୧୦ | ୩୦ | ୧୬୮ | ୦.୧୬ | ୦.୧୬ | ଗୌରାଙ୍ଗ ପଲେଇ |
| ୧୧ | ୩୦ | ୧୭୭ | ୦.୦୫ | ୦.୦୫ | ଗୌରାଙ୍ଗ ପଲେଇ |
| ୧୨ | ୪୧ | ୩୫ | ୦.୧୨ | ୦.୦୨ | ଜାତ ପ୍ରଧାନ |
| ୧୩ | ୪୧ | ୩୬ | ୧.୮୪ | ୦.୦୬ | ଜାତ ପ୍ରଧାନ |
| ୧୪ | ୫୫ | ୨୪୦ | ୦.୧୫ | ୦.୧୧ | ନିଷିକଣ୍ଠ ଦେହୁରୀ |
| ୧୫ | ୭୩ | ୧୫୬ | ୦.୪୩ | ୦.୩୬ | ବେଙ୍ଗ ନାୟକ |
| ୧୬ | ୯୦ | ୧୪୯/୯୬୨ | ୦.୮୦ | ୦.୦୯ | ଗଙ୍ଗାଧର ପୁହାଣ |
| ୧୭ | ୯୬ | ୧୬୬ | ୦.୨୫ | ୦.୨୨ | ରାଧୁଆ ପଲେଇ |
| ୧୮ | ୧୦୪ | ୨୦୨ | ୦.୧୪ | ୦.୦୭ | ସଙ୍ଖାଳି ଦେହୁରୀ |
| ୧୯ | ୧୦୫ | ୨୦୩ | ୦.୨୮ | ୦.୨୭ | ଶତ୍ରୁଘନ ଦେହୁରୀ |
| ୨୦ | ୧୦୫ | ୨୦୬ | ୦.୪୫ | ୦.୧୩ | ଶତ୍ରୁଘନ ଦେହୁରୀ |
| ୨୧ | ୧୦୫ | ୨୩୮ | ୦.୨୯ | ୦.୦୮ | ଶତ୍ରୁଘନ ଦେହୁରୀ |
| ୨୨ | ୧୦୫ | ୨୪୨ | ୧.୫୭ | ୦.୦୨ | ଶତ୍ରୁଘନ ଦେହୁରୀ |
| ୨୩ | ୧୧୪/୦୯ | ୨୩୯ | ୦.୦୫ | ୦.୦୫ | ଶ୍ରୀ ଖନ୍ଦୁରାଇ ଠାକୁରାଣୀ |
| | | ମୋଟ | ୧୧.୮୩ | ୩.୫୧ | |

24163/14/0036/1819 ସ୍ୱା./- ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଦୈତାରୀ-ବାଂଶପାଣି ରେଳପଥ, କେନ୍ଦୁଝର

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ନବବର୍ଷର ଶୁଭକାମନା
ଆପଣ ସମସ୍ତଙ୍କ ପାଇଁ ଉପଲବ୍ଧ କମ୍ ସୁଧରେ ଋଣର ସୁବିଧା। ମାତ୍ର 2% ସୁଧ 35% ସରକାରୀ ସବ୍‌ସିଡି। ଗ୍ରୁପ୍ ଋଣର ସୁବିଧା ମଧ୍ୟ ଉପଲବ୍ଧ ରିହାତି ସହିତ।
SHRI JAGANNATH FINANCE GROUP
ଭାରତର ନଂ.1 କମ୍ପାନୀ
Helpline Numbers
7497815594
9485831878
Jamtara, Siskela, Balangir, Odisha - 767032

ସତ୍ୟମ ବିଜନେସ୍ ସଲ୍ୟୁସନ୍ସ ଦ୍ୱାରା ଲୋନ ନିଅନ୍ତୁ, ଏଜେଣ୍ଟମାନଙ୍କ ଦ୍ୱାରା ସମ୍ପର୍କ କରନ୍ତୁ
7900515385, 9690381088
ଭୁବନେଶ୍ୱର-9690243041
ସମ୍ବଲପୁର- 9690367183
ବ୍ରହ୍ମପୁର- 7900240146
ଢେଙ୍କାନାଳ- 7900982000
ନୟାଗଡ଼- 7900365000

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଭାରତର ନଂ. ୧ କମ୍ପାନୀ
ଦ୍ୱାରା ଆପଣଙ୍କର ଖାଲିଥିବା ଜମିରେ, ଛାତରେ, ଫ୍ଲାଟ୍‌ରେ, କ୍ଷେତରେ, ଘର ଉପରେ 3G, 4G, ଡିଜିଟାଲ ଟାୱାର ଲଗାନ୍ତୁ ଏବଂ ପାଆନ୍ତୁ ୮୦ ଲକ୍ଷ ଆଡଭାନ୍ସ + ୫୦ ହଜାର ମାସକୁ ରୋଜଗାର +୨୦ ବର୍ଷର କୋର୍ଟ ଏଗ୍ରିମେଣ୍ଟ + ଚାକିରି + BIKE + NET Call Free
Contact : 1800120002563
Ansal Bhavan, Connaught Place, New Delhi

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

MAHALAXMI FINANCE LTD
ଆଗେ ଆସନ୍ତୁ ଆଗେ ପାଆନ୍ତୁ
ନବବର୍ଷର ଶୁଭ ଅବସରରେ ସମସ୍ତ ଋଣ କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗ୍ରୁପ୍, ଗୃହ ଋଣ ଆଦି, ୭୨ ଘଣ୍ଟାରେ ୧% ସୁଧ ୫୦% ରିହାତି।
Helpline Numbers
9499219022
Dagarpada, Bania Sahi, Chandini Chowk, Cuttack Sadar, Cuttack-753002

ଆକର୍ଷଣୀୟ ବାଇକ୍ ଶୁଭାରମ୍ଭ ଅଫର୍
ମାସିକ 9765/-ର ରୋଜଗାର ଡ୍ରାଇଭର, ଇନ୍ଧନ, ରକ୍ଷଣାବେକ୍ଷଣ ସବୁ ସୁବିଧା କମ୍ପାନୀ ତରଫରୁ
ଜିଆଇପିଏଲ୍ ବାଇକ୍ ବଟ୍ କନ୍‌ସେପ୍ଟ ବାଇକ୍ ଭଡ଼ାରେ ଘରେ ନିଶ୍ଚିନ୍ତରେ ବସି ଟ.62100, ମାସିକ ରୋଜଗାର 9765 କିମ୍ବା ସର୍ବାଧିକ 1 ଲକ୍ଷ
ଠିକଣା: ସେକ୍ଟର 3, ନୋଏଡା ଉତ୍ତରପ୍ରଦେଶ
ମୋ. 8445085978

FINANCE
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

SMS JOB
ବେରୋଜଗାର ଯୁବକ, ଯୁବତୀ ଏବଂ ବେଟି ବଚାଓ, ବେଟି ପଢ଼ାଓ ଘରେ ବସି SMS JOB (Part/Full Time) କରି ମାସକୁ ୧୫୦୦୦/-ରୁ ୩୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ।
କମ୍ପାନୀ ଦ୍ୱାରା Mobile+ Laptop+ Medical Exp. FREE
CALL/SMS କରନ୍ତୁ
7352180541
7673881573



ନିର୍ବାଚନ କମିଶନ ରାଜି ହେଲେ ସାଧାରଣ ନିର୍ବାଚନ ସହ ଜମ୍ମୁ-କଶ୍ମୀର ବିଧାନସଭା ଭୋଟ କରାଇବାରେ ସରକାରଙ୍କ କିଛି ଆପତ୍ତି ନାହିଁ ।

- ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ

# ଶତ୍ରୁଙ୍କୁ ଆଶ୍ରୟ ଦେଇଛି ପାକ୍

ୱାଶିଂଟନ,୩।୧(ପି.ଟି.)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନୂଆବର୍ଷରେ ପାକିସ୍ତାନ ଉପରେ ବର୍ଷିଛନ୍ତି। ପାକିସ୍ତାନ ସହ ଆମେରିକା ସୁସମ୍ପର୍କ ପ୍ରତିଷ୍ଠା କରିବାକୁ ଚାହୁଁଛି। କିନ୍ତୁ ଏହି ଇସ୍‌ଲାମିକ୍ ରାଷ୍ଟ୍ର ଆମେରିକାର ଶତ୍ରୁମାନଙ୍କୁ ଆଶ୍ରୟ ଦେଇଥିବାରୁ ତା' ସହ ବନ୍ଧୁତା ସ୍ଥାପନ କରିହେଉନାହିଁ ବୋଲି ଟ୍ରମ୍ପ କହିଛନ୍ତି। ଇସ୍‌ଲାମାବାଦକୁ ୧.୩ ବିଲିୟନ୍ ଡଲାର ସାମରିକ ସହାୟତା ବନ୍ଦକରିବା ପରେ ଦୁଇଦେଶର ସମ୍ପର୍କରେ ତିକ୍ତତା ବୃଦ୍ଧିପାଇଛି। ଏହି ପରିପ୍ରେକ୍ଷୀରେ ଟ୍ରମ୍ପଙ୍କ ମନ୍ତବ୍ୟ ଉଲ୍ଲେଖଯୋଗ୍ୟ। ଏହାବାଦ୍ ଆମେରିକା ରାଷ୍ଟ୍ରପତି ଏକାଧିକ ପ୍ରସଙ୍ଗରେ ଆମେରିକାର ନୀତି ସମ୍ପର୍କରେ ସ୍ପଷ୍ଟ କରିଛନ୍ତି।

ନିଜ କ୍ୟାବିନେଟ ସହଯୋଗୀମାନଙ୍କୁ ବୁଧବାର ଟ୍ରମ୍ପ କହିଛନ୍ତି, ଏହି ଦକ୍ଷିଣ ଏସୀୟ ରାଷ୍ଟ୍ର (ପାକିସ୍ତାନ) ଶତ୍ରୁମାନଙ୍କୁ ଆଶ୍ରୟ ଦେଇଥିବାରୁ ଏହାକୁ ୧.୩ ବିଲିୟନ୍ ଡଲାର ସହାୟତା ରାଶି ବନ୍ଦ କରାଯାଇଛି। ଏହା ସହ ଆମେ ଭଲ ସମ୍ପର୍କ ପ୍ରତିଷ୍ଠା ଚାହୁଁଥିଲେ ହେଁ କରିପାରୁନାହୁଁ। ଏଥିଲାଗି ପାକିସ୍ତାନର ନୂଆ ନେତୃତ୍ୱ ସହ

ଆଲୋଚନା କରିବାକୁ ଚାହାନ୍ତି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ସହ ଖୁବ୍‌ଶୀଘ୍ର ତାଙ୍କର ସାକ୍ଷାତ୍ ହେବାକୁ ଯାଉଛି। ଆଫଗାନିସ୍ତାନରେ ଆତଙ୍କବାଦୀ ସଙ୍ଗଠନ ତାଲିବାନ ସହ ଶାନ୍ତି ପ୍ରକ୍ରିୟା ନେଇ ଆମେରିକା ପ୍ରଶାସନ ଆଲୋଚନା ଆରମ୍ଭ କରିଛି। ଆମେରିକା ୬,୦୦୦ ମାଇଲ ଦୂରରେ ଥାଇ ମଧ୍ୟ ଆଫଗାନିସ୍ତାନକୁ ସାହାଯ୍ୟ କରୁଛି। ହେଲେ ଏହି ଯୁଦ୍ଧ ପ୍ରଭାବିତ ରାଷ୍ଟ୍ରରେ ଭାରତ, ରୁଷିଆ ଓ ପାକିସ୍ତାନ କିଛି କରୁନାହାନ୍ତି। ନୂଆଦିଲ୍ଲୀ, ଇସ୍‌ଲାମାବାଦ ଓ ମସ୍କୋ ଆତଙ୍କବାଦ ନିରୋଧୀ ଅଭିଯାନରେ ସାମିଲ ହୁଅନ୍ତୁ। ସେହିପରି ସିରିଆକୁ ନେଇ ଟ୍ରମ୍ପ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ଏହି ଯୁଦ୍ଧ ପ୍ରଭାବିତ ଦେଶ ଦୁଇଟି ଶବ୍ଦର ମିଶ୍ରଣ। ତାହା ହେଉଛି 'ବାଲି ଓ ମୃତ୍ୟୁ'। ସିରିଆରେ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)କୁ ପ୍ରତିହତ କରିବା ପରେ ସେଠାରୁ ୨,୦୦୦ ଆମେରିକୀୟ ସୈନ୍ୟ ପ୍ରତ୍ୟାହାର ପାଇଁ ଡିସେମ୍ବର ୧୯ରେ ଟ୍ରମ୍ପ ନିର୍ଦ୍ଦେଶ ଦେଇଥିଲେ। ସେ ଆହୁରି କହିଛନ୍ତି, ଉତ୍ତର କୋରିଆ ଶାସକ କିମ୍ ଜଙ୍ଗ୍ ଉନ୍‌ଙ୍କ ପତ୍ର ମିଳିଛି। ତାହା ତାଙ୍କୁ ଖୁସି ଦେଇଛି। କିମ୍‌ଙ୍କ ସହ ନିକଟ ଭବିଷ୍ୟତରେ ପୁଣିଥରେ ସାକ୍ଷାତ୍‌କୁ ସେ ଅପେକ୍ଷା କରିଛନ୍ତି। କୋରିଆ ଉପଦ୍ୱୀପକୁ ଆଣବିକ ନିରସ୍ତ୍ରୀକରଣ କରିବା ଦିଗରେ ଏହା ସହାୟକ ହେବ। ସେହିପରି ଆମେରିକାକୁ ମେକ୍ସିକୋ ପଟୁ ବେଆଇନ ଅନୁପ୍ରବେଶକୁ ନେଇ ଟ୍ରମ୍ପ ଚିନ୍ତାବ୍ୟକ୍ତ କରିଛନ୍ତି। ଆମେରିକାକୁ ପ୍ରତିଭାବାନ୍ ଲୋକ ଆସନ୍ତୁ, ଯେଉଁମାନେ ଆମେରିକୀୟ କମ୍ପାନୀଗୁଡ଼ିକୁ ଦେଶର ଅଭିବୃଦ୍ଧିରେ ସହାୟକ ହୋଇପାରିବେ। ମେକ୍ସିକୋ ସୀମାରେ ପ୍ରାଚୀର ନିର୍ମାଣ ବେଆଇନ ଅନୁପ୍ରବେଶ ରୋକିବା ପାଇଁ ଏକମାତ୍ର ପନ୍ଥା ବୋଲି ଟ୍ରମ୍ପ ସ୍ପଷ୍ଟ କରିଛନ୍ତି।



### ଆମେରିକା ରାଷ୍ଟ୍ରପତି କହିଲେ

- ଇମ୍ରାନ୍ ଖାନ୍‌ଙ୍କ ସହ ଖୁବ୍‌ଶୀଘ୍ର ସାକ୍ଷାତ୍ ହେବ
- ଆଫଗାନିସ୍ତାନରେ ତାଲିବାନ ସହ ଲଢ଼େଇ କରନ୍ତୁ ଭାରତ, ପାକିସ୍ତାନ ଓ ରୁଷିଆ
- ବାଲି ଓ ମୃତ୍ୟୁର ମିଶ୍ରଣରେ ସିରିଆ
- କିମ୍‌ଙ୍କ ସହ ଦ୍ୱିତୀୟ ଭେଟକୁ ଅପେକ୍ଷା
- ଅନୁପ୍ରବେଶ ରୋକିବ ମେକ୍ସିକୋ ସୀମାରେ ପ୍ରାଚୀର

## ୨ ଦିନରେ ୪୫ ଏମ୍‌ପି ନିଲମ୍ବିତ

ନୂଆଦିଲ୍ଲୀ,୩।୧



ବିଶୃଙ୍ଖଳିତ କାର୍ଯ୍ୟ ଲାଗି ଦୁଇଦିନରେ ଲୋକ ସଭାରୁ ୪୫ ଜଣ ଏମ୍‌ପିଙ୍କୁ ନିଲମ୍ବନ କରାଯାଇଛି। ବୁଧବାର ବାଚସ୍ପତି ସୁମିତ୍ରା ମହାଜନ ୨୪ ଜଣଙ୍କୁ ନିଲମ୍ବନ କରିଥିବାବେଳେ ଗୁରୁବାର ଅନ୍ୟ ୨୧ ଜଣଙ୍କୁ ନିଲମ୍ବନ କରିଛନ୍ତି। ଗୃହରେ କ୍ରମାଗତ ବିଶୃଙ୍ଖଳା ସୃଷ୍ଟି କରୁଥିବା ୨୪ ଜଣ ଏଆଇଏଡିଏମ୍‌କେ ସଦସ୍ୟଙ୍କୁ ବୁଧବାର ବାଚସ୍ପତି ୫ ଦିନ ପାଇଁ ନିଲମ୍ବିତ କରିଥିଲେ। ଗୁରୁବାର ଟିଡିପିର ୧୩ ସଦସ୍ୟ, ଏଆଇଏଡିଏମକେର ୭ ଜଣ ଏବଂ ୱାଇଏସ୍‌ଆର୍ କଂଗ୍ରେସର ଜଣେ ସଦସ୍ୟଙ୍କୁ ନିଲମ୍ବନ କରାଯାଇଛି। ଲୋକ ସଭା ନିୟମାବଳୀର ଧାରା ୩୭୪ଏ ଅନୁଯାୟୀ ବାଚସ୍ପତି ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କାବେରୀ ନଦୀରେ ବନ୍ଧ ନିର୍ମାଣକୁ ବିରୋଧ କରି ଏଆଇଏଡିଏମ୍‌କେ ସଦସ୍ୟମାନେ ଗୃହରେ ନାରାବାଜି ଜାରି ରଖିଥିବାବେଳେ ଟିଡିପି ଏମ୍‌ପି ଆନ୍ଧ୍ରପ୍ରଦେଶକୁ ଆର୍ଥିକ ସୁବିଧା ଦାବିରେ ହୋହାଲ୍ଲା କରୁଥିଲେ। ଆସନ୍ତା ୮ ତାରିଖରେ ଅଧିବେଶନ ଶେଷ ହେଉଥିବାବେଳେ ଅବଶିଷ୍ଟ ଦିନ ପାଇଁ ଏହି ଏମ୍‌ପିମାନେ ଲୋକ ସଭାରେ ଯୋଗଦେଇପାରିବେ ନାହିଁ।

■ ସାବରିମାଲା ବିବାଦ

## ଶୀଘ୍ର ଶୁଣାଣିକୁ ସୁପ୍ରିମକୋର୍ଟଙ୍କ ନା

ନୂଆଦିଲ୍ଲୀ,୩।୧(ପି.ଟି.)

ସାବରିମାଲାର ମୁଖ୍ୟ ପୂଜକ ଏବଂ ମନ୍ଦିର କର୍ତ୍ତୃପକ୍ଷଙ୍କ ବିରୋଧରେ ଦୁଇ ଜଣ ମହିଳା ଆଣିଥିବା ଅଦାଲତ ଅବମାନନା ମାମଲାର ତୁରନ୍ତ ଶୁଣାଣି କରିବାକୁ ସୁପ୍ରିମକୋର୍ଟ ଗୁରୁବାର ମନା କରିଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ସେପ୍ଟେମ୍ବର ୨୮ ରାୟ ବିରୋଧରେ ଆସିଥିବା ଏକାଧିକ ରିଭ୍ୟୁ ପିଟିଶନ ସହ ଏହି ଅଦାଲତ ଅବମାନନା ମାମଲାର ଶୁଣାଣି ହେବ ବୋଲି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଏବଂ ବିଚାରପତି ଏସ.କେ. କୌଲଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଏହି ମାମଲାର ଶୁଣାଣି ଜାନୁଆରୀ ୨୨ରେ ହେବ ବୋଲି କୋର୍ଟ କହିଛନ୍ତି। ସବୁ ବୟସ ବର୍ଗର ମହିଳାଙ୍କ ମନ୍ଦିର ପ୍ରବେଶ ଲାଗି ସୁପ୍ରିମକୋର୍ଟଙ୍କ ଅନୁମତି ସତ୍ତ୍ୱେ ପୂଜକ ଓ ମନ୍ଦିର କର୍ତ୍ତୃପକ୍ଷ ଏହାକୁ ପାଳନ କରୁ ନ ଥିବାରୁ ଗତ ନଭେମ୍ବର ୧୬ରେ ବର୍ଷା ଏବଂ ଗୀନା କୁମାରୀ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ।

## ସଂକ୍ଷେପରେ

### ବୁଲନ୍ଦସହର ହିଂସା: ମୁଖ୍ୟ ଅଭିଯୁକ୍ତ ଗିରଫ

**ମିରଟ,୩।୧(ପି.ଟି.)**-ଉତ୍ତରପ୍ରଦେଶର ବୁଲନ୍ଦସହରରେ ଗୋ-ହତ୍ୟାକୁ କେନ୍ଦ୍ରକରି ହୋଇଥିବା ଭିଡ଼ହିଂସାର ମୁଖ୍ୟ ଅଭିଯୁକ୍ତ ସ୍ଥାନୀୟ ବଜରଙ୍ଗ ଦଳର ସଂଯୋଜକ ଯୋଗେଶ ରାଜ ଧରାପଡ଼ିଛନ୍ତି। ବୁଧବାର ଜାତୀୟ ରାଜପଥ ଖୁର୍ଜା ଟି-ପଏଣ୍ଟ ଅଞ୍ଚଳରୁ ତାଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି। ଡିସେମ୍ବର ୩ରେ ସିୟାନା ତହସିଲ୍‌ଠାରେ ଘଟିଥିବା ହିଂସାର ସେ ମାଷ୍ଟରମାଇଣ୍ଡ ଥିଲେ। ଏଥିରେ ଜଣେ ପୋଲିସ ଇନ୍ସପେକ୍ଟରଙ୍କ ସମେତ ୨ଜଣଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ପୋଲିସ ଓ ପ୍ରଶାସନ ପକ୍ଷରୁ ତନାଘନା ପରେ ଯୋଗେଶ ଫେରାର ହୋଇଯାଇଥିଲେ।

### ୩ ଆତଙ୍କବାଦୀ ନିହତ

**ଶ୍ରୀନଗର,୩।୧(ପି.ଟି.)**- ଜମ୍ମୁ-କଶ୍ମୀରର ପୁଲୱାମା ଜିଲାରେ ଗୁରୁବାର ସୁରକ୍ଷା ବଳ ସହ ଗୁଳି ବିନିମୟରେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ଏଥିରେ ଜଣେ ଯବାନ ଆହତ ହୋଇଛନ୍ତି। ଗୁରୁବାର ସକାଳେ ତ୍ରାଲ୍ ଅଞ୍ଚଳରେ ଆତଙ୍କବାଦ ନିରୋଧୀ ଅଭିଯାନ ବେଳେ ଏନ୍‌କାଉଣ୍ଟର ହୋଇଥିଲା। ଜଙ୍ଗଲ ମଧ୍ୟରେ ଛପି ରହିଥିବା ଆତଙ୍କବାଦୀମାନେ ଯବାନଙ୍କୁ ଗୁଳିମାଡ଼ କରିଥିଲେ।

### ଟଳିଲେ ୮ ପୋଲିସ

**କାବୁଲ,୩।୧(ପି.ଟି.)**-ଆଫଗାନିସ୍ତାନର ଉତ୍ତରାଞ୍ଚଳ ବାଘଲାନ ପ୍ରଦେଶଠାରେ ଗୁରୁବାର ପୋଲିସ ପୋଷ୍ଟକୁ ତାଲିବାନ ଆତଙ୍କବାଦୀମାନେ ଟାର୍ଗେଟ୍ କରିଛନ୍ତି। ୪ ଘଣ୍ଟା ଧରି ଗୁଳି ବିନିମୟରେ ୮ ପୋଲିସ ନିହତ ହୋଇଛନ୍ତି। ଆସନ୍ତା ଗ୍ରୀଷ୍ମ ସୁଦ୍ଧା ପର୍ଯ୍ୟାୟକ୍ରମେ ଆମେରିକା ସେନା ପ୍ରତ୍ୟାହାର ତାଲିବାନ ଗୋଷ୍ଠୀଙ୍କ ପତିଆରା ବୃଦ୍ଧି କରିବ ବୋଲି ଆଫଗାନିସ୍ତାନ ସେନା ଅଧିକାରୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

### ନୂଆବର୍ଷ ପାର୍ଟିରେ ଫାଏରିଂ
### ପୂର୍ବତନ ବିଧାୟକ ଗିରଫ



**ନୂଆଦିଲ୍ଲୀ,୩।୧(ପି.ଟି.)**- ନୂଆବର୍ଷ ପାଳନବେଳେ ଫାଏରିଂ ମାମଲାରେ ପୂର୍ବତନ ବିହାର ବିଧାୟକ ରାଜୁ ସିଂ, ତାଙ୍କ ସ୍ତ୍ରୀ ରେଣୁ, ଡ୍ରାଇଭର ହରି ସିଂ ଓ ହର୍‌ମିନ୍ଦର ସିଂଙ୍କୁ ଦିଲ୍ଲୀ ପୋଲିସ ଗୁରୁବାର ଗିରଫ କରିଛି। ସେମାନଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହୋଇଛି। ଭାଜପା ଟିକେଟ୍‌ରେ ୨୦୧୫ ବିଧାନସଭା ନିର୍ବାଚନ ଲଢ଼ି ହାରିଥିବା ରାଜୁ ସିଂ ଓ ତାଙ୍କ ସ୍ତ୍ରୀ (ପୂର୍ବତନ ଏମ୍‌ଏଲ୍‌ସି) ରେଣୁ ଦିଲ୍ଲୀସ୍ଥିତ ସେମାନଙ୍କ ଫାର୍ମହାଉସରେ ନୂଆବର୍ଷ ଉତ୍ସବ ପାର୍ଟି ଆୟୋଜନ କରିଥିଲେ। ସେମାନେ ଗୁଳି ଫୁଟାଇ ନୂଆବର୍ଷକୁ ସ୍ୱାଗତ କରିଥିଲେ। ସେଠାରେ ଉପସ୍ଥିତ ଅର୍ଚ୍ଚନା ଗୁପ୍ତାଙ୍କ ଦେହରେ ଗୁଳି ବାଜିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲ୍ ନିଆଯାଇଥିଲା। ଅର୍ଚ୍ଚନାଙ୍କ ଗୁରୁବାର ମୃତ୍ୟୁ ଘଟିଛି।

## ଅଯୋଧ୍ୟା ବିଚାର ଆଜି

ନୂଆଦିଲ୍ଲୀ,୩।୧(ପି.ଟି.)



ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦ ମାମଲାର ଶୁଣାଣି ଶୁକ୍ରବାର ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କରିବେ। ଆଲ୍ଲାହାବାଦ ହାଇକୋର୍ଟଙ୍କ ୨୦୧୦ ରାୟକୁ ଚାଲେଞ୍ଜ କରି ସୁପ୍ରିମକୋର୍ଟରେ ୧୪ଟି ପିଟିଶନ ଦାଏର ହୋଇଛି। ସେଗୁଡିକର ଶୁଣାଣି ଲାଗି ଏକ ତିନିଜଣିଆ ଖଣ୍ଡପୀଠ ଗଠନ କରାଯାଇପାରେ। ୨.୭୭ ଏକର ବିବାଦୀୟ ଜମିକୁ ତିନି ପକ୍ଷ ସୁନ୍ନି ୱାକଫ୍ ବୋର୍ଡ, ନିର୍ମୋହୀ ଆଖଡା ଏବଂ ରାମ ଲାଲାଙ୍କ ମଧ୍ୟରେ ସମାନ ଭାଗ କରିଦେବାକୁ ୨୦୧୦ରେ ଆଲ୍ଲାହାବାଦ ହାଇକୋର୍ଟ ରାୟ ଦେଇଥିଲେ। ଏହାକୁ ବିରୋଧ କରି ବିଭିନ୍ନ ସଂଗଠନ ପକ୍ଷରୁ ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିଲା। ଜାନୁୟାରୀ ପ୍ରଥମ ସପ୍ତାହରେ ଉପଯୁକ୍ତ ଖଣ୍ଡପୀଠରେ ଏହାର ଶୁଣାଣି ସମ୍ପର୍କରେ ସ୍ଥିର ହେବ ବୋଲି ଅକ୍ଟୋବର ୨୯ରେ ଅଦାଲତ କହିଥିଲେ।

■ ମେଘାଳୟ ଖଣିରେ ଫସିଛନ୍ତି ଶ୍ରମିକ: ରାଜ୍ୟକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

## ଜୀବିତ ଅଥବା ମୃତ ଉଦ୍ଧାର କର

ନୂଆଦିଲ୍ଲୀ,୩।୧(ପି.ଟି.)

ମେଘାଳୟର ଏକ କୋଇଲା ଖଣିରେ ୨୨ ଦିନ ହେଲା ୧୫ଜଣ ଶ୍ରମିକ ଫସିରହିଥିବାବେଳେ ଉଦ୍ଧାର କାର୍ଯ୍ୟକୁ ନେଇ ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେମାନଙ୍କୁ ଜୀବିତ ଅଥବା ମୃତ ଅବସ୍ଥାରେ ତୁରନ୍ତ ବାହାର କରିବା ଲାଗି ଗୁରୁବାର ସର୍ବୋଚ୍ଚ ଅଦାଲତ ମେଘାଳୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବିଭିନ୍ନ ସଂସ୍ଥା ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ ମଧ୍ୟ ଖଣିରୁ ପାଣି ବାହାର କରିବାରେ ବିଫଳ ହୋଇଥିବାରୁ ସୁପ୍ରିମକୋର୍ଟ କଡା ସମାଲୋଚନା କରିଥିଲେ। ଡିସେମ୍ବର ୧୩ରୁ ପୂର୍ବ ଜୟନ୍ତିଆ ହିଲ୍‌ସ ଜିଲାର ଲୁମଥାରି ଗ୍ରାମରେ



ଥିବା ୩୭୦ ଫୁଟ ଗଭୀର ବେଆଇନ ଖଣିରେ ୧୫ ଶ୍ରମିକ ଫସି ରହିଛନ୍ତି। ସେମାନଙ୍କ ଉଦ୍ଧାର ଲାଗି ସେନାର ସହାୟତା ନିଆଯାଇ ପାରିଥାନ୍ତା ବୋଲି କୋର୍ଟ କହିଛନ୍ତି। ଖଣିରେ ଫସିଥିବା ଲୋକଙ୍କ ଉଦ୍ଧାର ଲାଗି ତୁରନ୍ତ ଜରୁରୀ ତଥା ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ଥିଲା। ଏହା ଜୀବନ ଓ ମୃତ୍ୟୁର ପ୍ରଶ୍ନ ହୋଇଥିବାରୁ ଆଦୌ ବିଳମ୍ବ କରିବା ଉଚିତ ନ ଥିଲା ବୋଲି ବିଚାରପତି ଏ.କେ. ସିକ୍ରି ଏବଂ ଏସ.ଅବ୍‌ଦୁଲ ନାଜିରଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଶ୍ରମିକଙ୍କ ଉଦ୍ଧାର ଲାଗି ସରକାର କ'ଣ ପଦକ୍ଷେପ ନେବାକୁ ଚାହୁଁଛନ୍ତି ତାହା ଶୁକ୍ରବାର ଜଣାଇବାକୁ ଖଣ୍ଡପୀଠ ସଲିସିଟର ଜେନେରାଲ ତୁଷାର ମେହେଟାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଫୁର୍‌ସତ

## ୫ରୁ ବିଶ୍ୱ ପୁସ୍ତକ ପ୍ରଦର୍ଶନୀ

**ନୂଆଦିଲ୍ଲୀ:** ବିଶ୍ୱ ପୁସ୍ତକ ପ୍ରଦର୍ଶନୀର ୨୭ତମ ସଂସ୍କରଣ ଜାନୁୟାରୀ ୫ରୁ ଆରମ୍ଭ ହେଉଛି। ଏଥିରେ 'ପାଠକଙ୍କ ଆବଶ୍ୟକତାକୁ ଚାହିଁ ପୁସ୍ତକ' ଉପରେ ଗୁରୁତ୍ୱ ଆରୋପ କରାଯାଇଛି। ଏଠାରେ ବିଭିନ୍ନ ରୁଚିର ପାଠକଙ୍କ ନିମନ୍ତେ ଅଡିଓ, ସାଇଲେଣ୍ଟ ଏବଂ ବ୍ରେଲି ପୁସ୍ତକ ଉପଲବ୍ଧ ହେବ। ଆଇଟିପିଓ ଏବଂ ନ୍ୟାଶନାଲ ବୁକ୍ ଟ୍ରଷ୍ଟ ସହଯୋଗରେ ଆୟୋଜିତ ହେଉଥିବା ବାର୍ଷିକ ପୁସ୍ତକମେଳା ପ୍ରଗତି ମୈଦାନଠାରେ ଆରମ୍ଭ ହେବ। ଏହାକୁ ଉଦ୍‌ଘାଟନ କରିବେ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡ଼େକର। ଭିନ୍ନକ୍ଷମ ବିଶେଷକରି ଦୃଷ୍ଟି ଓ ଶ୍ରବଣଶକ୍ତିବାଧିତ ପୁସ୍ତକ ପଠନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଠାରେ ବିଭିନ୍ନ ରୁଚିର ପୁସ୍ତକ ପ୍ରଦର୍ଶିତ ହେବ। ଏଥିସହ ଏଠାରେ କବି-ଲେଖକ ଓ କଳାକାର ସମ୍ମିଳନୀ ଅନୁଷ୍ଠିତ ହେବ। ଅର୍ଜୁନ ପୁରସ୍କାରପ୍ରାପ୍ତ ରାଜିନ୍ଦର ସିଂ, ଲୋକଗାୟକ ବନ୍ତ୍ ସିଂ ଝାବର, ଅଲିମ୍ପିଆନ୍ ମନପ୍ରୀତ୍ କୌର ଏବଂ ନାଟ୍ୟକାର ଅତୁଲ ସତ୍ୟ କୌଶିକଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଏଥିରେ ଅଂଶଗ୍ରହଣ କରିବେ।

## ଫେବୃୟାରୀରେ ଚନ୍ଦ୍ରୟାନ-୨ ମିଶନ୍

**ହାଇଦ୍ରାବାଦ୍:** ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଆସନ୍ତା ମାସରେ ଚନ୍ଦ୍ରକୁ ଏହାର ଦ୍ୱିତୀୟ ମିଶନ୍ ଚନ୍ଦ୍ରୟାନ-୨ ଲଞ୍ଚ୍ କରିବ। ଏଥିପାଇଁ ଦିବାରାତ୍ର ଗବେଷଣା ଜାରି ରହିଛି। ଫେବୃୟାରୀ ମାସରେ ଏହା ମହାକାଶକୁ ଲଞ୍ଚ୍ କରାଯିବ ବୋଲି ଇସ୍ରୋର ଜଣେ ବରିଷ୍ଠ ଅଫିସର ସୂଚନା ଦେଇଛନ୍ତି। ଆସନ୍ତା ମାସ ମଧ୍ୟଭାଗରେ ଏହା ଲଞ୍ଚ୍ କରାଯିବାର ଥିଲେ ହେଁ ଏଥିପାଇଁ ନିର୍ଦ୍ଦିଷ୍ଟ ତାରିଖ ଘୋଷଣା କରାଯାଇନାହିଁ।



ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଚନ୍ଦ୍ରୟାନ-୨ ଅର୍ବିଟର, ଲ୍ୟାଣ୍ଡର ଏବଂ ରୋଭରକୁ ନେଇ ଗଠିତ। ନିୟନ୍ତ୍ରଣ ବ୍ୟବସ୍ଥା ମାଧ୍ୟମରେ ଲ୍ୟାଣ୍ଡରକୁ ଚନ୍ଦ୍ରପୃଷ୍ଠର ଏକ ସ୍ୱତନ୍ତ୍ର ସ୍ଥଳରେ ସନ୍ତର୍ପଣ ସହକାରେ ଅବତରଣ କରାଯାଇ ରୋଭରକୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥଳରେ ସ୍ଥାପନ କରିବ। ୬ଚକ ବିଶିଷ୍ଟ ରୋଭର ଏହାର ଅବତରଣ ସ୍ଥଳର ଚତୁର୍ଦ୍ଦିଗରେ ଘୂରିବ। ଏଥିପାଇଁ ପୃଥିବୀପୃଷ୍ଠରୁ ଏହାର ସ୍ୱୟଂଚାଳିତ ବ୍ୟବସ୍ଥାକୁ ନିୟନ୍ତ୍ରଣ କରାଯିବ। ରୋଭରରେ ସଂଲଗ୍ନ ଯନ୍ତ୍ରାଂଶ ଚନ୍ଦ୍ରର ପୃଷ୍ଠଭୂମିକୁ ପର୍ଯ୍ୟବେକ୍ଷଣ କରି ପୃଥିବୀପୃଷ୍ଠକୁ ତଥ୍ୟ ପଠାଇବ। ଏହାଦ୍ୱାରା ଚନ୍ଦ୍ରର ପୃଷ୍ଠଭୂମି ବିଶ୍ଳେଷଣ କରାଯାଇ ପାରିବ। ୩,୨୯୦ କିଲୋଗ୍ରାମ ବିଶିଷ୍ଟ ଚନ୍ଦ୍ରୟାନ-୨ ଚନ୍ଦ୍ରକୁ ପରିକ୍ରମା କରି ବୈଜ୍ଞାନିକଙ୍କ ଉଦ୍ଦେଶ୍ୟ ପୂରଣ କରିବ। ଏହା ଚନ୍ଦ୍ରପୃଷ୍ଠର ଭୂମିର ପ୍ରକାରଭେଦ, ଖଣିଜଦ୍ରବ୍ୟ, ହାଇଡ୍ରୋକ୍ସିଲ ଏବଂ ଜଳର ବରଫ ଅବସ୍ଥା ସମ୍ପର୍କରେ ସୂଚନା ସଂଗ୍ରହ କରି ପ୍ରେରଣ କରିବ। ଚନ୍ଦ୍ରୟାନ-୧ ଥିଲା ଭାରତର ପ୍ରଥମ ଲୁନାର ପ୍ରୋବ। ୨୦୦୮ ଅକ୍ଟୋବରରେ ଏହାକୁ ଇସ୍ରୋ ଦ୍ୱାରା ଲଞ୍ଚ୍ କରାଯାଇଥିଲା ଏବଂ ଏହା ୨୦୦୯ ଅଗଷ୍ଟ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ଥିଲା।

### ଇତିହାସର ଆଇନାରେ

### ଜାନୁୟାରୀ ୪ର ପ୍ରମୁଖ ଘଟଣା

୧୮୯୬ ଜାନୁୟାରୀ ୪ରେ ୟୁଟା ଆମେରିକାର ୪୫ତମ ରାଜ୍ୟ ଭାବେ ସ୍ୱୀକୃତି ଲାଭ କରିଥିଲା। ୟୁଟା ହେଉଛି ଆମେରିକାର ପଶ୍ଚିମ ପ୍ରାନ୍ତ ଏକ ରାଜ୍ୟ। ଏହା ୩୧ତମ ଜନବହୁଳ ରାଜ୍ୟ ହୋଇଥିବା ବେଳେ କ୍ଷେତ୍ରଫଳ ଦୃଷ୍ଟିରୁ ୧୩ତମ। ୫୦ଟି ରାଜ୍ୟ ମଧ୍ୟରେ ଜନସଂଖ୍ୟାର ଘନତା ଦୃଷ୍ଟିରୁ ଏହାର ସ୍ଥାନ ୧୦ମ। ୨୦୧୬ ଜନଗଣନା ଅନୁଯାୟୀ ୟୁଟାର ଲୋକସଂଖ୍ୟା ୩୦ଲକ୍ଷରୁ ଅଧିକ।

୨୦୦୪ ଜାନୁୟାରୀ ୪ରେ ନାସାର ମାର୍ସ ରୋଭର ସଫଳତାର ସହିତ ଚନ୍ଦ୍ରପୃଷ୍ଠରେ ଅବତରଣ କରିଥିଲା। ମାର୍ସ ରୋଭର ହେଉଛି ଏକ ମୋଟର ଭେଇକିଲ୍, ଯାହା ମଙ୍ଗଳ ପୃଷ୍ଠରେ ଅବତରଣ କରିବା ପରେ ଗତିଶୀଳ ହୋଇଥିଲା। ରୋଭର ମହାକାଶଯାନର ନିର୍ମାଣ କୌଶଳ ଏପରି ଯାହା ସୂର୍ଯ୍ୟଙ୍କ ପ୍ରଖର ତେଜ ଏବଂ ଶୀତଋତୁର ପ୍ରଭାବକୁ ସହ୍ୟକରି ପର୍ଯ୍ୟବେକ୍ଷଣ କାର୍ଯ୍ୟ ଜାରି ରଖିପାରିବ।




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କ ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୯ ଡିଗ୍ରୀ ଏବଂ ସର୍ବନିମ୍ନ ୧୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୭ | ୧୦.୦ |
| ଚାନ୍ଦବାଲି | ୨୭.୫ | ୧୨.୩ |
| କଟକ | ୨୭.୮ | ୧୦.୬ |
| ପାରାଦ୍ୱୀପ | ୨୭.୦ | ୧୩.୦ |
| ଭୁବନେଶ୍ୱର | ୨୯.୯ | ୧୧.୨ |
| ଗୋପାଳପୁର | ୨୮.୯ | ୧୩.୭ |
| ପୁରୀ | ୨୮.୨ | ୧୩.୮ |
| ଅନୁଗୋଳ | ୨୬.୧ | ୭.୬ |
| ବାରିପଦା | ୨୫.୫ | ୧୦.୨ |
| ଝାରସୁଗୁଡ଼ା | ୨୭.୫ | ୯.୮ |
| କେନ୍ଦୁଝର | ୨୫.୬ | ୯.୧ |
| ସମ୍ବଲପୁର | ୨୭.୪ | ୯.୫ |
| ସୁନ୍ଦରଗଡ଼ | --- | ୯.୦ |
| ହୀରାକୁଦ | ୨୬.୯ | ୧୦.୧ |
| ତାଳଚେର | ୩୦.୩ | ୧୦.୨ |
| ଭବାନୀପାଟଣା | ୨୮.୦ | ୯.୦ |
| ବଲାଙ୍ଗୀର | --- | ୧୦.୦ |
| କୋରାପୁଟ | ୨୬.୦ | ୮.୬ |
| ଫୁଲବାଣୀ | --- | ୬.୮ |
| ଟିଟିଲାଗଡ଼ | --- | ୯.୦ |
| ମାଲକାନଗିରି | --- | ୧୨.୦ |
| ସୋନପୁର | ୨୭.୮ | ୮.୪ |
| ଦାରିଙ୍ଗିବାଡ଼ି | ୨୫.୦ | ୮.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ଟମ୍‌ବଏ ଭୂମିକାରେ ସୋନମ୍

**ମୁମ୍ବାଇ:** ୱେବ୍ ସିରିଜ୍ 'ଗାନ୍ଧୀ ବାତ୍ ୨'ର ଏକ ଏପିସୋଡ୍‌ରେ ଅଭିନେତ୍ରୀ ସୋନମ୍ ଅରୋରା ଟମ୍‌ବଏ (ପୁଅଙ୍କ ପରି ପୋଷାକ ପିନ୍ଧିବା ଏବଂ କାମଦାମ କରିବାକୁ ଭଲ ପାଉଥିବା ଝିଅ) ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ଉକ୍ତ ଚରିତ୍ର ଖୁବ୍ ଚ୍ୟାଲେଞ୍ଜିଙ୍ଗ୍ ଥିଲେ ବି ସାହସିକତାପୂର୍ଣ୍ଣ ବିଷୟବସ୍ତୁ ତାଙ୍କୁ ଆକର୍ଷଣ କରିଥିବା ସେ ପ୍ରକାଶ କରିଛନ୍ତି। ଜାନୁୟାରୀ ୭ରୁ ଉକ୍ତ ଧାରାବାହିକ ଆରମ୍ଭ ହେଉଛି। ସୋନମ୍ ନିଜ ଚରିତ୍ର ସମେତ ସମଗ୍ର ପ୍ରକ୍ରିୟାକୁ ଖୁବ୍ ପସନ୍ଦ କରିଥିବା ଜଣାଇଛନ୍ତି। ସେ ଉକ୍ତ ସିରିୟଲ୍‌ରେ 'ରୁପ୍' ଚରିତ୍ରରେ ଅଭିନୟ କରିଛନ୍ତି। ତାହା ହେଉଛି ସମ୍ପୂର୍ଣ୍ଣ ଟମବଏ। ପୋଷାକ ପରିଧାନରୁ ନେଇ କଥାବାର୍ତ୍ତା ଓ ଦେହର ପରିଭାଷା ସବୁଥିରେ ପୁଅର କର୍ତ୍ତବ୍ୟ କରିବାକୁ ପଡ଼ିଛି। ତାଙ୍କ ପାଇଁ ଉକ୍ତ ରୋଲ୍ ଖୁବ୍ ଚ୍ୟାଲେଞ୍ଜିଙ୍ଗ୍। ଏଥିରେ ବାସ୍ତବ ବ୍ୟକ୍ତିତ୍ୱ ଅପେକ୍ଷା ସମ୍ପୂର୍ଣ୍ଣ ନିଆରା ଚରିତ୍ରରେ ଅଭିନୟ କରିବାକୁ ପଡିଛି। ସର୍ବୋପରି କହିବାକୁ ଗଲେ ରୁପ୍ ନାମରେ ହିଁ ସେ ପରିଚିତ ହୋଇଯାଇଛନ୍ତି। ସିଜିନ୍-୧ରେ ତାଙ୍କର ଅଭିନୟ ହିଟ୍ ହୋଇଥିଲା ବେଳେ ସିଜିନ୍-୨ ଏକ ନୂଆ ଶିଖର ଛୁଇଁବ ବୋଲି 'ସତ୍ୟମେବ ଜୟତେ'ର ଅଭିନେତ୍ରୀ ସୋନମ୍ ପ୍ରକାଶ କରିଛନ୍ତି।



ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେ ହେଲେ ଅନିଷ୍ଟ ହୁଏ ନାହିଁ।
- ମହର୍ଷି ପରାଶର



# କେତେ ମଲେ ଚେତିବେ

**ଡଙ୍ଗାବୁଡ଼ି ଦୁର୍ଘଟଣା**

- ହୀରାକୁଦରେ ୩୧, ଚିଲିକାରେ ୬, ମହାକାଳପଡ଼ାରେ ୯
- ୪ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩।୧(ବ୍ୟୁରୋ)

କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକର ଖୋଳାନଦୀ ବାଲିଘାଟଠାରେ ବୁଧବାର ସନ୍ଧ୍ୟାରେ ହୋଇଥିବା ଡଙ୍ଗାବୁଡି ଘଟଣାରେ ୯ ଜଣଙ୍କର ମୃତ୍ୟୁ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘଟଣାରେ ଗଭୀର ଶୋକପ୍ରକାଶ କରିବା ସହ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ପାଇଁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଏଥିସହିତ ଏହି ଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତିମାନଙ୍କର ମାଗଣା ଚିକିତ୍ସା କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଗଣମାଧମକୁ ସୂଚନା ଦେଇ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ନୃସିଂହ ସାହୁ କହିଛନ୍ତି, ମହାନଦୀର ଶାଖା ନଦୀରେ ବୁଧବାର ହୋଇଥିବା ଡଙ୍ଗାବୁଡି ଘଟଣାରେ ୯ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ନିଖୋଜ ଅଛନ୍ତି। ଏହା ଅତ୍ୟନ୍ତ ମର୍ମନ୍ତୁଦ ଓ ଦୁଃଖଦାୟକ ଘଟଣା। ଏଥିରେ କୌଣସି ସନ୍ଦେହ ନାହିଁ ଦୁର୍ଘଟଣା ଅନେକ ସମୟରେ ଘଟୁଛି। ତେବେ କେଉଁ ପରିସ୍ଥିତିରେ ଦୁର୍ଘଟଣା ହେଲା, ଡଙ୍ଗା ପଞ୍ଜୀକୃତ ହୋଇଥିଲା କି ନାହିଁ ତାହାର ତଦନ୍ତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

ସ୍ୱତନ୍ତ୍ର ରିଲିଫ କମିଶନର ବିଷ୍ଣୁପଦ ସେଠୀ କହିଛନ୍ତି ଯେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଡଙ୍ଗାର ଲାଇସେନ୍ସ ନ ଥିବା ବେଳେ ସେଥିରେ କୌଣସି ଜୀବନ ରକ୍ଷାକାରୀ ଜ୍ୟାକେଟ ନ ଥିଲା। ଏଥିପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ଜିଲା ପ୍ରଶାସନର ବେପରୁଆ ମନୋଭାବ ଯୋଗୁ ଏଭଳି ଦୁର୍ଘଟଣା ଘଟିଛି।

ରାଜ୍ୟରେ ଅନେକ ସମୟରେ ଡଙ୍ଗା ବୁଡି ଭଳି ଦୁର୍ଘଟଣା ଘଟୁଛି। ଗତ ୪ ବର୍ଷ ମଧ୍ୟରେ ଡଙ୍ଗାବୁଡି ଘଟଣାରେ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କର ଜୀବନ ଗଲାଣି। ଏହାଛଡା ଅନେକ ସମୟରେ ଡଙ୍ଗାବୁଡିରେ ଜଣେ ଦି' ଜଣଙ୍କର ମଧ୍ୟ ମୃତ୍ୟୁ ଘଟୁଛି। ଏ ନେଇ ଜିଲା କିମ୍ବା ରାଜ୍ୟ ପ୍ରଶାସନ ଚେତୁ ନାହାନ୍ତି। ଏଭଳି ଘଟଣାକୁ ଅତି ହାଲୁକା ଭାବେ ନିଆଯାଉଥିବାରୁ ବାରମ୍ବାର ବହୁମୂଲ୍ୟ ଜୀବନ ଚାଲି ଯାଉଛି। କେବଳ କାରଣ ଖୋଜାରେ ସୀମିତ ହୋଇ ଯାଉଛି ଡଙ୍ଗାବୁଡି ଘଟଣା। ରାଜ୍ୟରେ ବହୁ ସଂଖ୍ୟକ ଡଙ୍ଗା ଲାଇସେନ୍ସ ବିହୀନ ଓ ବିନା ଜୀବନ ରକ୍ଷାକାରୀ ଜ୍ୟାକେଟରେ ଅବାଧରେ ଚଳପ୍ରଚଳ କରୁଛି। ଡଙ୍ଗାଗୁଡିକୁ ପଞ୍ଜୀକରଣ କରାଯାଉ ନାହିଁ କିମ୍ବା ବେଆଇନ ଡଙ୍ଗା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ରାଜ୍ୟ ପରିବହନ ବିଭାଗ କିମ୍ବା ଜିଲା ପ୍ରଶାସନ ଏଭଳି ବେଆଇନ ଡଙ୍ଗା ଉପରେ ଅଙ୍କୁଶ ଲଗାଇପାରୁ ନାହାନ୍ତି। ଅନ୍ୟପକ୍ଷରେ ଲୋକମାନେ ମଧ୍ୟ ଜଳପଥରେ ଯାତ୍ରା ବେଳେ ଆଦୌ ସଚେତନ ହେଉ ନାହାନ୍ତି। ପରିବହନରେ ସାମିଲ ହେଉଥିବା ଦେଶୀ ଡଙ୍ଗାଗୁଡିକର ଚାଳକ ତାଲିମ ପ୍ରାପ୍ତ ହୋଇ ନ ଥିବା ବେଳେ ସେମାନେ ଯାତ୍ରୀମାନଙ୍କ ନିରାପତ୍ତା ପ୍ରତି ଆଦୌ ଦୃଷ୍ଟି ଦେଉ ନାହାନ୍ତି। ରାଜ୍ୟର ବିଭିନ୍ନ ନଦୀରେ ଚଳାଚଳ କରୁଥିବା ଡଙ୍ଗାଗୁଡିକରେ ପର୍ଯ୍ୟାପ୍ତ ପରିମାଣରେ ଜୀବନ ରକ୍ଷାକାରୀ ଜାକେଟ ମଧ୍ୟ ରଖାଯାଉ ନାହିଁ। ଯାହାକି ଡଙ୍ଗାବୁଡିର ଅନ୍ୟ ଏକ ପ୍ରମୁଖ କାରଣ ବୋଲି କୁହାଯାଉଛି।

ଏଠାରେ ସୂଚନାଯୋଗ୍ୟ ଯେ ୨୦୧୪ ଫେବୃଆରୀ ୯ରେ ବଣଭୋଜି ସାରି ଫେରୁଥିବା ବେଳେ ହୀରାକୁଦ ଜଳଭଣ୍ଡାରରେ ଏକ ଡଙ୍ଗାବୁଡି ଘଟଣାରେ ୩୧ ଜଣଙ୍କର ଜୀବନ ଚାଲି ଯାଇଥିଲା। ରାଜ୍ୟ ସରକାର ମୃତକମାନଙ୍କ ଆତ୍ମୀୟଙ୍କ ପାଇଁ ଅନୁକମ୍ପା ରାଶି ଘୋଷଣା କରିବା ସହ ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କୁ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କମିଶନର ୨୦୧୪ ଏପ୍ରିଲ ୨୯ରେ ତଦନ୍ତ ରିପୋର୍ଟ ସରକାରଙ୍କୁ ଦେଇଥିଲେ। କମିଶନର ଡଙ୍ଗାବୁଡିର କାରଣ, ଏଥିପାଇଁ କିଏ ଦାୟୀ ଓ ଭବିଷ୍ୟତରେ ଏଭଳି ଦୁର୍ଘଟଣାକୁ କିପରି ଏଡାଯାଇ ପାରିବ ସେ ନେଇ ରିପୋର୍ଟ ଦେଇଥିଲେ। ତେବେ ଏହାକୁ ସାର୍ବଜନୀନ କରାଯାଇ ନ ଥିଲା। ଏହାର ୪ ବର୍ଷ ପରେ ୨୦୧୮ ଜୁନ ୧୬ ତାରିଖରେ ଚିଲିକାରେ ଘଟିଥିବା ଡଙ୍ଗାବୁଡି ଘଟଣାରେ ୬ ଜଣଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାର ମଧ୍ୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ବନ୍ଦର ଏବଂ ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନ ନିର୍ଦ୍ଦେଶାଳୟ ଘଟଣାର ତଦନ୍ତ କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେଇଥିଲା। ଚାଳକଙ୍କ ବେପରୁଆ ଚାଳନା ଓ ଡଙ୍ଗାରେ ଜୀବନ ରକ୍ଷାକାରୀ ଜ୍ୟାକେଟ ନ ରହିବା ଦୁର୍ଘଟଣାର ମୂଳ କାରଣ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା। ଘଟଣା ଶୀତଳ ହୋଇଯିବା ପରେ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ଚୁପ ରହି ଯାଉଛନ୍ତି। ରାଜ୍ୟରେ ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ରାଜ୍ୟ ପ୍ରଶାସନର ପଦକ୍ଷେପ ଉପରେ ସାଧାରଣରେ ପ୍ରଶ୍ନ ଉଠିଛି।

■ ପିପିଲି ଗଣବଳାତ୍କାର ଘଟଣାରେ ମନ୍ତ୍ରୀଙ୍କ ମନ୍ତବ୍ୟ ପ୍ରସଙ୍ଗ

# ନବୀନ ନିବାସ ଘେରାଉ ପାଇଁ ମହିଳା କଂଗ୍ରେସର ଉଦ୍ୟମ

ଭୁବନେଶ୍ୱର, ୩।୧(ବ୍ୟୁରୋ)



ମହିଳା କଂଗ୍ରେସ କର୍ମୀ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି।

ପିପିଲି ଗଣବଳାତ୍କାର ଘଟଣାକୁ ନେଇ ବିରୋଧୀ ଜୋର୍‌ଦାର ବିରୋଧ ଆରମ୍ଭ କରିଦେଇଛନ୍ତି। ପିପିଲି ପୀଡିତାଙ୍କୁ ନ୍ୟାୟ ମିଳିଛି ବୋଲି ମନ୍ତ୍ରୀ ପ୍ରଦୀପ ମହାରଥୀ ମନ୍ତବ୍ୟ ଦେବାପରେ ବିରୋଧୀ ଦଳର ମହିଳା ସଙ୍ଗଠନ ଜୋର୍‌ଦାର ପ୍ରତିବାଦ ଚଳାଇବା ସହ ତାଙ୍କ ଇସ୍ତଫା ଦାବି କରିଛନ୍ତି। ଗୁରୁବାର ମହିଳା କଂଗ୍ରେସର ଶତାଧିକ ମହିଳା ମନ୍ତ୍ରୀ ମହାରଥୀଙ୍କ ଇସ୍ତଫା ଦାବିରେ ନବୀନ ନିବାସ ଘେରାଉ କରିବାକୁ ଉଦ୍ୟମ କରିଛନ୍ତି। ଅପରାହ୍ନ ୧୨.୩୦ ସମୟରେ ଶତାଧିକ ମହିଳା କର୍ମୀ ହାତରେ ପ୍ଲାକାର୍ଡ, ବ୍ୟାନର ଧରି ମନ୍ତ୍ରୀଙ୍କ ଇସ୍ତଫା ଦାବି ସହ କଂଗ୍ରେସ କାର୍ଯ୍ୟାଳୟଠାରୁ ବାହାରିଥିଲେ। ସେଠାରୁ ଚାଲିଚାଲି ନବୀନ ନିବାସ ଘେରାଉ କରିବାକୁ ଉଦ୍ୟମ କରିବାବେଳେ ଶିଶୁଭବନ ଛକଠାରେ ପୋଲିସ୍ ସେମାନଙ୍କୁ ଅଟକାଇଥିଲା। ଫଳରେ ସେଠାରେ ପୋଲିସ୍ ଏବଂ ମହିଳା କର୍ମୀମାନଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଧସ୍ତାଧସ୍ତି ଚାଲିଥିଲା। ଏପରି ଚାଲିବାର କିଛି ସମୟ ପରେ ମହିଳା କଂଗ୍ରେସ କର୍ମୀମାନେ ପୋଲିସ୍ ଉପରକୁ ଟମାଟୋ ମାଡ କରିଥିଲେ। ଫଳରେ ପୁଣିଥରେ ପୋଲିସ୍ ଓ ମହିଳା କର୍ମୀଙ୍କ ମଧ୍ୟରେ ଜୋର୍‌ଦାର ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଗଲା। ପୋଲିସ୍ ମହିଳା କର୍ମୀମାନଙ୍କୁ ସେଠାରୁ ଉଠାଇ ନେଇ ରିଜର୍ଭରେ କିଛି ସମୟ ଅଟକ ରଖି ଛାଡିଦେଇଥିବା ଜଣାପଡିଛି।

ଏନେଇ ମହିଳା କଂଗ୍ରେସ ସଭାପତି ସୁମିତ୍ରା ଜେନା କହିଛନ୍ତି ଯେ, ପିପିଲି ପୀଡିତାଙ୍କ ଉପରେ ମନ୍ତ୍ରୀ ଯେଉଁ ମନ୍ତବ୍ୟ ରଖିଛନ୍ତି ତାକୁ ଆମେ ଘୋର ନିନ୍ଦା କରୁଛୁ। ତାଙ୍କ ଇସ୍ତଫା ଦାବି କରୁଛୁ, ଯଦି ସେ ଇସ୍ତଫା ନ ଦେଉଛନ୍ତି ତେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରିବାକୁ ଆମର ଦାବି। ଏନେଇ ଆମେ ନବୀନ ନିବାସ ଘେରାଉ କରିବୁ ବୋଲି ବହୁ ଆଗରୁ ସୂଚନା ଦେଇଥିଲୁ। ମାତ୍ର ଜାଣିଶୁଣି ପୋଲିସ ଆଗରୁ ସେଠାରେ ରହି ମହିଳା କର୍ମୀମାନଙ୍କ ଉପରେ ଆକ୍ରମଣ କରିଛି। ପୋଲିସ ଆକ୍ରମଣରେ ଦେବୀଦାସୀ ମହାନ୍ତି ଗୁରୁତର ଆହତ ହୋଇ ଆଇସିୟୁରେ ପଡିଛନ୍ତି। ଆଗକୁ ଆମ ଦାବି ଯଦି ମୁଖ୍ୟମନ୍ତ୍ରୀ ନ ଶୁଣନ୍ତି ତେବେ ମନ୍ତ୍ରୀ ଯେଉଁସବୁ ସ୍ଥାନରେ କାର୍ଯ୍ୟକ୍ରମ କରିବେ ସେସବୁ ସ୍ଥାନରେ ଆମେ ବିରୋଧ କରିବୁ ବୋଲି ଜେନା କହିଛନ୍ତି।

ଅନ୍ୟପଟେ ଭାଜପା ମହିଳା ମୋର୍ଚ୍ଚା ସଭାପତି ପ୍ରଭାତି ପରିଡା କହିଛନ୍ତି ଯେ, ପିପିଲି ଗଣବଳାତ୍କାର ଘଟଣାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେବାକୁ ଆମେ ବାରମ୍ବାର ଦାବି କରୁଛୁ। ଏହାସହ ମହାରଥୀଙ୍କ ମନ୍ତବ୍ୟ ପାଇଁ ତାଙ୍କୁ ମନ୍ତ୍ରିମଣ୍ଡଳ ଏବଂ ଦଳର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କାର କରାଯାଉ। ଆସନ୍ତା ୧୦ ତାରିଖ ମଧ୍ୟରେ ମୁଖ୍ୟମନ୍ତ୍ରୀ ଏହି ଦାବି ପୂରଣ ନ କଲେ ଆନ୍ଦୋଳନ ତୀବ୍ରତର ହେବ। ଦଳର ରାଜ୍ୟ କାର୍ଯ୍ୟାଳୟକୁ ଚୁଡି ପଠାଇବାକୁ ଭାଜପା ମହିଳା କର୍ମୀଙ୍କୁ ସେ ନିବେଦନ କରିଛନ୍ତି। ୧୦ ସୁଦ୍ଧା ଦାବି ପୂରଣ ନ ହୋଇଥିଲେ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଚୁଡି ଭେଟି ଦିଆଯିବ ବୋଲି ପ୍ରଭାତି କହିଛନ୍ତି। ଏହି ପ୍ରସଙ୍ଗରେ ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି, ବିରୋଧୀମାନେ ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ରାଜନୈତିକ ରୁଟି ସେକିବାକୁ ପ୍ରୟାସ କରୁଛନ୍ତି। ଏହାର ଜବାବ୍ ଆଗାମୀ ଦିନରେ ରାଜ୍ୟବାସୀ ନିଶ୍ଚିତ ଦେବେ ବୋଲି ସେ କହିଛନ୍ତି।

# ବିମାନ ବନ୍ଦରରେ ଦେବାକୁ ହେବ ନାହିଁ ପାର୍କିଂ ଦେୟ

**ଭୁବନେଶ୍ୱର, ୩।୧ (ବ୍ୟୁରୋ)** – ଏଣିକି ସାଧାରଣ ଭାବେ ଭୁବନେଶ୍ୱର ବିମାନବନ୍ଦରକୁ ଗଲେ କୌଣସି ପାର୍କିଂ ଦେୟ ଦେବାକୁ ପଡିବ ନାହିଁ। ହେଲେ ବାଣିଜ୍ୟିକ ଉଦ୍ଦେଶ୍ୟରେ ବିମାନବନ୍ଦରକୁ ଯାଉଥିବା ଯାନବାହନ ପାଇଁ ଦେୟ ଲାଗିବ। ପୂର୍ବରୁ ଥିବା ଫ୍ରି ଟାଇମ୍ ନିୟମକୁ ଉଚ୍ଛେଦ କରାଯାଇଛି। ଗତ ଡିସେମ୍ବର ୧୦ରେ ଏନେଇ ଭାରତୀୟ ବିମାନବନ୍ଦର ପ୍ରାଧିକରଣ ଦ୍ୱାରା ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜେଡି ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟଙ୍କ ଦ୍ୱାରା ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତରରୁ ଉପରୋକ୍ତ ସୂଚନା ମିଳିଛି। ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ସିହ୍ନାଙ୍କ ଦ୍ୱାରା ଏହି ଉତ୍ତର ପ୍ରଦାନ କରାଯାଇଛି। ସେହିପରି ପୂର୍ବରୁ ଫ୍ରି-ଟାଇମରେ କୌଣସି ଦେୟ ଦେବାକୁ ପଡୁ ନ ଥିଲା। ଫ୍ରି-ଟାଇମ ଅତିକ୍ରମ ହେବା ପରେ ସମୟ ଅନୁଯାୟୀ ପାର୍କିଂ ଦେୟ ନିରୂପିତ ହୋଇଥାଏ। ସେହିପରି ପ୍ରବେଶ ଟାଇମିଂ ନେଇ ସ୍ଲିପ ଟାମ୍ପରିଂ ସମ୍ପର୍କିତ ବିଷୟ ପ୍ରାଧିକରଣ ଦୃଷ୍ଟିଗୋଚର ହୋଇ ନ ଥିବା ଉକ୍ତ ଉତ୍ତରରେ ଉଲ୍ଲେଖ କରାଯାଇଛି।

# ପୁରୀ ହିଂସା: ବିନାୟକ ଦାସ ମହାପାତ୍ର, ଭାଇଙ୍କୁ ଆଗୁଆ ଜାମିନ

କଟକ ଅଫିସ, ୩।୧

ପୁରୀ ହିଂସା ମାମଲାରେ ଛନ୍ଦି ହୋଇପଡିଥିବା ବିନାୟକ ଦାସମହାପାତ୍ର ଓ ତାଙ୍କ ଭାଇ ପୁରୀ ଅର୍ବାନ ବ୍ୟାଙ୍କ ଅଧ୍ୟକ୍ଷ ଗୁଣଧର ଦାସମହାପାତ୍ରଙ୍କୁ ହାଇକୋର୍ଟରୁ ଆଗୁଆ ଜାମିନ ମିଳିଛି। ବିଚାରପତି ଜଷ୍ଟିସ ଦେବବ୍ରତ ଦାସ ଜାମିନ ଆବେଦନର ଶୁଣାଣି କରି ଉଭୟଙ୍କୁ ଜାମିନ ମଞ୍ଜୁର କରିଛନ୍ତି। ଗତ ନଭେମ୍ବର ୩ରେ ଶ୍ରୀମନ୍ଦିର ଧାଡ଼ି ଦର୍ଶନକୁ ବିରୋଧ କରି ପୁରୀ ବନ୍ଦ ଡାକରା ଦିଆଯାଇଥିଲା। ବନ୍ଦ ଡାକରା ସମୟରେ ହିଂସାକାଣ୍ଡ ଘଟିଥିଲା। ଏହି ଘଟଣାକୁ ନେଇ ପୋଲିସ ବିନାୟକ ଓ ଗୁଣଧରଙ୍କ ବିରୋଧରେ ୧୭ଟି ଲେଖାଏ ମୋଟ ୩୪ଟି ମାମଲା ରୁଜୁ କରିଥିଲା। ପୋଲିସର ଗିରଫଦାରିରୁ ବର୍ତ୍ତିବା ପାଇଁ ଉଭୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

■ ହପ୍ତେ ହେଲା ମଣ୍ଡିରେ ଧାନ୍ ଜୁଗିଛନ୍ ଚାଷୀ

# ଖୁଲା ଆକାଶ ତଲେ ୪୦ ହଜାର ବସ୍ତା ଧାନ

କନ୍ଧମାଳ,୩।୧(ଡି.ଏନ.ଏ)





ସିମିଳିପଦର ମଣ୍ଡିରେ ଚାଷୀ ଧାନ୍ ଜୁଗିଛନ୍।

ବୌଦ୍ଧ ଜିଲା ରୁଣ୍ଡିମହୁଲ ପ୍ୟାକ୍ସ ଅଧିନ୍‌ରେ ପରିଚାଲିତ ପଲଶାଗୋରା ମଣ୍ଡି, ସିମିଳିପଦର ଆର ଯୋଗେନ୍ଦ୍ରପୁର ମଣ୍ଡିରେ ବୁଧୁବାର ଅଚଲାବସ୍ଥା ଦେଖାଦେଇଛେ। ମଣ୍ଡିରୁ ଧାନ ଉଠି ନାଇଁପାରବାର ଲାଗି ଖୁଲା ଆକାଶ ତଲେ ୪୦ ହଜାର ବସ୍ତା ଧାନ ପଡ଼ି ରହିଛେ। ହପ୍ତେ ହେଲା ଚାଷୀ ନିଜର ନିଜର ଧାନକେ ଜୁଗି ବସିଥିଲେ ବି ଜିଲାର ମିଲର୍ସମାନେ ଧାନ ନାଇଁ ଉଠାବାର। ଜିଲାର ମିଲର୍ସମାନେ ମଣ୍ଡିରୁ ଧାନ ଉଠେଇ ନାଇଁ ପାରୁଥିଲା ବେଳେ ବାହାର ଜିଲାର ମିଲର୍ସଙ୍କୁ ବି ଧାନ ଉଠାବାର ଅନୁମତି ନାଇଁ ଦିଆଯିବାର। ରୁଣ୍ଡିମହୁଲ ପେକ୍ସ ସଂପାଦକ ସହକାରୀ ସଂପାଦକଙ୍କୁ ବୁଧୁବାର ମଣ୍ଡିରେ ଜୁଗେଇ ଦେଇ ଫିଲ୍ଡ ଡିଉଟି କହି ଫେରାର ଅଛନ୍। ଇ ମଣ୍ଡିରେ ଲୋକାପଡ଼ା ପେକ୍ସ ବୁଧୁବାର ଆର ଶନିବାର ଧାନ ଘିନୁଛେ। ସୋମବାର ଆର ମଂଗଲବାର ଇ ଦୁଇଦିନ୍ ରୁଣ୍ଡିମହୁଲ ପେକ୍ସ ଅଂଚଲର ଚାଷୀ ଧାନ ବିକି ଆସୁଛନ୍। ଟୋକନ ପାଇଥିବାର ୨୦ରୁ ଅଧିକା ଚାଷୀ ୫ ଦିନ ହେଲା ଧାନ୍ ବିକି ନାଇଁପାରି ଦିନ୍‌କେ ରାଏତ୍ ମଣ୍ଡିରେ ଧାନ୍ ଜୁଗିରହିଛନ୍। ସେନ୍ତା ଲୋକାପଡ଼ା ପେକ୍ସର ୩୦ରୁ ଅଧିକା ଚାଷୀ ୨ ଦିନ୍ ହେଲା ଧାନ ବିକି ନାଇଁପାରି କରି ପଲଶାଗୋରା ମଣ୍ଡିରେ ଧାନକେ ଜୁଗି ରହିଛନ୍। ସିମିଳିପଦର ମଣ୍ଡିରେ ଚାଷୀ ଆର୍ତ୍ତତ୍ରାଣ ଦାସ, ବୁଲୁ ମିଶ୍ର ହପ୍ତେ ହେଲା ଧାନ ବିକ୍‌ବାକେ ଜୁଗିଛନ୍। ବୌଦ୍ଧ ଅଂଚଲର ଗୁଟେ ରାଇସ୍ ମିଲକେ ଛାଡି ଉନିଆ କେହେନ୍‌ସି ମିଲର୍ସ ମଣ୍ଡିକେ ଗାଡ଼ି ନାଇଁ ପଠେଇ। ଯୋଗେନ୍ଦ୍ରପୁର ପେକ୍ସରେ ବି ଅଚଲାବସ୍ଥା ଲାଗି ରହିଛେ। ରୁଣ୍ଡିମହୁଲ ପେକ୍ସ ପରିଚାଲିତ ପଲଶାଗୋରା ମଣ୍ଡିରେ ଟୋକନ ନାଇଁ ପାଇଥିବାର ଚାଷୀଙ୍କର ଧାନ ଘିନା ଯାଉଥିଲା ବେଲେ ଟୋକନ ପାଇଥିବାର ଚାଷୀ ଧାନ ନାଇଁ ବିକିପାରି ଦହଗଂଜ୍ ହେଉଛନ୍। ଖାଲି ପଲଶାଗୋରା, ଯୋଗେନ୍ଦ୍ରପୁର, ସିମିଳିପଦର ନୁହେ, କନ୍ଧମାଳ ଅଂଚଲର ଅନେକ ମଣ୍ଡିରେ ହଜାର ହଜାର ବସ୍ତା ଧାନ ବିକ୍ରି ଲାଗି ପଡ଼ିରହିଛେ। ଇ ବାବ୍‌ଦେ କୃଷକ ସଂଗଠକ ଆଦିତ୍ୟ ପ୍ରଧାନ କହିଛନ୍ ଯେ, ପରଶାସନ ଆର ମିଲର୍ସ ଷଡ଼ଯନ୍ତ୍ର କରି ଚାଷୀକୁ ଶୋଷନ୍ କରୁଛନ୍। ବୌଦ୍ଧ ଜିଲାର ମିଲର୍ସମାନେ ଜିଲାର ଧାନ ଘିନବାର ଦମ୍ ନାଇଁନ। ହେଲେ ବାହାର ଜିଲାର ମିଲର୍ସଙ୍କୁ ଅନୁମତି ନାଇଁଦେଇ କରି ପରଶାସନ ମିଲର୍ସମାନକରନେ ହାତ୍ ଟେକି ଦେଇଛେ। କୁଇଣ୍ଟାଲ ପିଛା ଅଢ଼େଇରୁ ୩ କେ.ଜି. କଟନୀ ଛଟନୀ ଚାଲୁ ରହିଛେ। ଇଥିରଲାଗି ଆଏବାର ଦିନେ ଉଲ୍‌ଗୁଲାନ୍ ହେବା ବଲି ପ୍ରଧାନ କହିଛନ୍। ଇ ବାବ୍‌ଦେ ଜିଲା ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ପ୍ରଧାନଙ୍କୁ ପଚରାଲାରୁ ମଣ୍ଡିରୁ ଧାନ ଉଠି ନାଇଁପାରବାର କଥାକେ ମାନିଥିଲେ। ଜିଲାପାଲଙ୍କର ସଂଗେ ଇ ବିଷେରେ କଥାବାରତା ଚାଲିଛେ। ବହୁତ୍ ଜଲଦି ଇ ସମସିଆର ସମାଧାନ ହେବା ବଲି ସେ କହିଥିଲେ।

■ ପୁରୀ ବନ୍ୟପ୍ରାଣୀ ବନଖଣ୍ଡରେ ପକ୍ଷୀ ଗଣନା ସରିଲା

# ଶନିବାର ସୁଦ୍ଧା ଜଣାପଡ଼ିବ ସଂଖ୍ୟା, ପ୍ରଜାତି



ବ୍ରହ୍ମଗିରି ରେଞ୍ଜରେ ପକ୍ଷୀ ଗଣନା କରାଯାଉଛି।

ପୁରୀ ଅଫିସ/ବ୍ରହ୍ମଗିରି/କାକଟପୁର/ କୋଣାର୍କ, (ଡି.ଏନ.ଏ.) ୩।୧

ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନରେ ଗୁରୁବାର ପକ୍ଷୀ ଗଣନା କରାଯାଇଛି। ୨୬ଟି ଟିମ୍ ବନଖଣ୍ଡ ଅଧୀନ ୫ଟି ରେଞ୍ଜ୍‌ର ବିଭିନ୍ନ ସ୍ଥାନରେ ଏହି ଗଣନା କରିଛନ୍ତି। ଟିମ୍ ସଦସ୍ୟ ବିଭିନ୍ନ ନଦୀଶଯ୍ୟା, ସନ୍ତସନ୍ତିଆ ସ୍ଥାନ, ଖାଲୁଆ ଅଞ୍ଚଳ ଏବଂ ଜଙ୍ଗଲିଆ ସ୍ଥାନରେ ରହିଥିବା ଦେଶୀ ବିଦେଶୀ ପକ୍ଷୀଙ୍କୁ ଠାବ କରିବା ସହିତ କେଉଁ ପ୍ରଜାତିର କେତୋଟି ପକ୍ଷୀ ରହିଛନ୍ତି, ତାହାର ଆକଳନ କରିଛନ୍ତି। ବ୍ରହ୍ମଗିରି ରେଞ୍ଜରେ ପ୍ରାୟ ୫୦ ପ୍ରଜାତିର ୫୫ ହଜାର ୪୭୪ ପକ୍ଷୀ ଦେଖିବାକୁ ମିଳିଥିଲା। ଗତବର୍ଷ ୫୫ ପ୍ରଜାତିର ପକ୍ଷୀ ଦେଖିବାକୁ ମିଳିଥିବା ବେଳେ ଚଳିତବର୍ଷ ପକ୍ଷୀଙ୍କ ପ୍ରଜାତି କମ୍ ରହିଥିଲେ ମଧ୍ୟ ସଂଖ୍ୟା ବୃଦ୍ଧି ପାଇଛି। ସେହିପରି କୋଣାର୍କ ବନବିଭାଗ ରେଞ୍ଜ ଅଧୀନସ୍ଥ ୮କି.ମି. ପରିବ୍ୟାପ୍ତ ଅଞ୍ଚଳରେ ପ୍ରାୟ ୫୬ ପ୍ରଜାତିର ମୋଟ ୩,୬୭୪ ପକ୍ଷୀ ଥିବା ଗଣନା ପରେ ଅଧିକାରୀମାନେ କହିଛନ୍ତି। ଚଳିତବର୍ଷ ୪ ପ୍ରଜାତିର ପକ୍ଷୀ ଯଥା ଏସିଆନପାରାଡାଇଜ, ବ୍ରୋଞ୍ଜୱାଇଙ୍ଗ ଜାକାନା, ଗ୍ରେଟ୍‌ଥିକନି ଏବଂ ଗ୍ରିନସାଙ୍କ ପକ୍ଷୀମାନ ଦେଖିବାକୁ ମିଳିଥିଲେ।

**ଚିଲିକା ଡିଭିଜନରେ ପକ୍ଷୀ ଗଣନା ଆଜି**

ବିଭିନ୍ନ ରେଞ୍ଜ୍‌ରୁ ତଥ୍ୟ ହସ୍ତଗତ ହେବା ପରେ ସମୁଦାୟ ବନ୍ୟପ୍ରାଣୀ ବନଖଣ୍ଡ ଅଞ୍ଚଳରେ କେତେ ପ୍ରଜାତିର ଏବଂ କେତେ ସଂଖ୍ୟାରେ ପକ୍ଷୀ ସମାଗମ ହୋଇଛନ୍ତି ତାହା ଶନିବାର ସୁଦ୍ଧା ସ୍ପଷ୍ଟ ହୋଇଯିବ। କୋଣାର୍କ ରେଞ୍ଜ୍‌ରେ ସର୍ବାଧିକ ୭ଟି ଟିମ୍ ଗଣନା କାର୍ଯ୍ୟରେ ନିୟୋଜିତ ଥିବା ବେଳେ ଗୋପ ୬, ବ୍ରହ୍ମଗିରି ୩, ଅସ୍ତରଙ୍ଗ ଓ ବାଲୁଖଣ୍ଡରେ ୫ଟି ଲେଖାଏ ଟିମ୍ ଗଣନା କାର୍ଯ୍ୟରେ ନିୟୋଜିତ ଥିଲେ ବୋଲି ଜିଲା ସହକାରୀ ବନ ସଂରକ୍ଷକ ରବୀନ୍ଦ୍ର କୁମାର ମହାପାତ୍ର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଶୁକ୍ରବାର ଚିଲିକା ଡିଭିଜନରେ ପକ୍ଷୀ ଗଣନା ହେବ ବୋଲି ଜଣାପଡିଛି।

■ ୭ମ ରାଜ୍ୟସ୍ତରୀୟ ବିଜ୍ଞାନ ମେଳା ଆରମ୍ଭ

# କୁନି ବୈଜ୍ଞାନିକଙ୍କୁ ଉତ୍ସାହିତ କଲେ ଅତିଥି

**ପ୍ରଦର୍ଶିତ ହେଉଛି ୩୦ ଜିଲାର ୨୭୮ ପ୍ରକଳ୍ପ**

ପୁରୀ ଅଫିସ,୩।୧





ପୁରୀ ଜିଲା ସ୍କୁଲ୍‌ରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଓଡ଼ିଶା ମାଧ୍ୟମିକ ଶିକ୍ଷା ମିଶନ ଆନୁକୂଲ୍ୟରେ ପୁରୀ ଜିଲା ଶିକ୍ଷାଧିକାରୀଙ୍କ ତତ୍ତ୍ୱାବଧାନରେ ଗୁରୁବାର ଜିଲା ସ୍କୁଲ ପରିସରରେ ଆରମ୍ଭ ହୋଇଛି ସପ୍ତମ ରାଜ୍ୟସ୍ତରୀୟ ଇନ୍ସପାୟର ଆୱାର୍ଡ ମନକ ବିଜ୍ଞାନ ମେଳା। ତିନିଦିନ ଧରି ଚାଲିବାକୁ ଥିବା ଏହି ମେଳାକୁ ଓଡ଼ିଶା ମାଧ୍ୟମିକ ଶିକ୍ଷା ମିଶନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ଜୀବନରେ ଏହି ମେଳା କିପରି ଉପାଦେୟ ହୋଇପାରିବ ସେ ବିଷୟରେ ମୁଖ୍ୟଅତିଥି କହିବା ସହ କୁନି କୁନି ବୈଜ୍ଞାନିକଙ୍କୁ ଉତ୍ସାହିତ କରିଥିଲେ।

ମୁଖ୍ୟବକ୍ତା ଭାବେ ବିହାରସ୍ଥିତ ମହାତ୍ମା ଗାନ୍ଧୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜୀବ ବିଜ୍ଞାନୀ ପ୍ରଫେସର ଆର୍ତ୍ତତ୍ରାଣ ପାଲ ଏହି ପ୍ରଦର୍ଶନୀକୁ ବିଭିନ୍ନ ପ୍ରକଳ୍ପ ଆଣି ଆସିଥିବା ଛାତ୍ରୀଛାତ୍ର ଭବିଷ୍ୟତରେ ଜଣେ ଜଣେ ବୈଜ୍ଞାନିକ ହୋଇପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନର ଡ. ଚିତ୍ରସେନ ପଶାୟତ, ଯୁଗ୍ମ ନିର୍ଦ୍ଦେଶିକା ବିଜୟା ପାତ୍ର, ପୁରୀ ଜିଲା ଶିକ୍ଷା ଅଧିକାରୀ ଡ. ହୃଷୀକେଶ କାଣ୍ଡି, ମନକର ସଂଯୋଜକ ଡ. ବିବେକ କୁମାର, ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନର ଉପନିର୍ଦ୍ଦେଶିକା ଡ. ଆରତି ରାଉତ, ଜିଲା ପ୍ରକଳ୍ପ ସଂଯୋଜିକା ସୌନ୍ଦର୍ଯ୍ୟା ମଞ୍ଜରୀ ଦାସ, ମଣ୍ଡଳ ଶିକ୍ଷାଧିକାରୀ ମମତା ମିଶ୍ର ପ୍ରମୁଖ ଯୋଗଦେଇ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା କୁନି ବୈଜ୍ଞାନିକମାନଙ୍କୁ ସେମାନଙ୍କ ଭିତରେ ଥିବା ପ୍ରତିଭାର ବିକାଶ ଲାଗି ପ୍ରୋତ୍ସାହିତ କରିଥିଲେ।

ଏହି ମେଳା ପାଇଁ ଓଡ଼ିଶାର ୩୦ ଜିଲାରୁ ମୋଟ ୨୭୮ଟି ପ୍ରକଳ୍ପ ମନୋନୀତ ହୋଇଛି। ପ୍ରଥମ ଦିବସରେ ୨୬୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରୁ ମନୋନୀତ ପ୍ରକଳ୍ପଧାରୀ ଜାତୀୟସ୍ତରରେ ହେବାକୁଥିବା ପ୍ରତିଯୋଗିତାରେ ଭାଗନେବେ।

**ଅତିଥିଙ୍କ ଅପେକ୍ଷାରେ ୨ ଘଣ୍ଟା**

ପୂର୍ବାହ୍ନ ୧୧ଟାରେ ବିଜ୍ଞାନ ମେଳା ଉଦ୍‌ଘାଟନ ଲାଗି ସ୍ଥିର ହୋଇଥିଲା। ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ଥିଲେ ଉଦ୍‌ଘାଟକ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ମୁଖ୍ୟଅତିଥି ରହିଥିବା ବେଳେ ସ୍ୱତନ୍ତ୍ର ଅତିଥି ତାଲିକାରେ ଥିଲେ କୃଷି ମନ୍ତ୍ରୀ ପ୍ରଦୀପ ମହାରଥୀ। ସେହିପରି ସମ୍ମାନିତ ଅତିଥି ତାଲିକାରେ ବିଧାୟକ ସଞ୍ଜୟ ଦାସବର୍ମା, ବିଧାୟକ ସମୀର ରଞ୍ଜନ ଦାଶ, ବିଧାୟକ ଉମାକାନ୍ତ ସାମନ୍ତରାୟ, କାକଟପୁର ବିଧାୟକ ସୁରେନ୍ଦ୍ର କୁମାର ସେଠୀ ପ୍ରମୁଖଙ୍କ ନାଁ ରହିଥିଲା। ଉଦ୍‌ଘାଟନ ଲାଗି ଅପେକ୍ଷା କରିଥିଲେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଗଣମାଧ୍ୟମ ପ୍ରତିନିଧି। ମାତ୍ର ଦିନ ୧ଟାରେ ଉଦ୍‌ଘାଟକ, ମୁଖ୍ୟଅତିଥି, ସ୍ୱତନ୍ତ୍ର ଅତିଥି କେହି ଆସିବେ ନାହିଁ ବୋଲି ଘୋଷଣା କରାଗଲା। ଏହାପରେ ଅନ୍ୟମାନେ କାର୍ଯ୍ୟକ୍ରମ ଆରମ୍ଭ କଲେ।

# ଥାନାଧିକାରୀଙ୍କୁ ମରଣାନ୍ତକ ଆକ୍ରମଣ, ୩ ଅଟକ

ରସୁଲପୁର/ଧର୍ମଶାଳା, ୩।୧(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ଓଡ଼ଙ୍ଗ ଗ୍ରାମର ଜଣେ ୱାରେଣ୍ଟିଙ୍କୁ ଧରିବାକୁ ଯାଇ ଅଭିଯୁକ୍ତଙ୍କ ମରଣାନ୍ତକ ଆକ୍ରମଣରେ ଧର୍ମଶାଳା ଥାନା ଅଧିକାରୀ ଉମାକାନ୍ତ ନାୟକ ଗୁରୁତର ହୋଇଛନ୍ତି। ଥାନା ଅଧିକାରୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇ କଟକ ସ୍ଥାନାନ୍ତର କରାଯାଇଛି। ଆକ୍ରମଣକାରୀ ନିତ୍ୟାନନ୍ଦ ମଲିକ (୬୨), ତାଙ୍କ ୨ପୁତ୍ର ହଳଧର (୩୦) ଓ ମୋହନ(୨୮)ଙ୍କୁ ପୋଲିସ ଅଟକ ରଖି ପଚରା ଉଚୁରା କରୁଛି। ପ୍ରକାଶ ଯେ, ନିତ୍ୟାନନ୍ଦ ମଲିକଙ୍କ ପୁଅ ବଳରାମ ଓ ତାଙ୍କ ସ୍ତ୍ରୀଙ୍କ ଅକାଳ ବିୟୋଗ ପରେ ତାଙ୍କ ଶିଶୁପୁତ୍ର (୪) କାହା ପାଖରେ ରହିବେ ସେ ନେଇ ବିବାଦ ଉପୁଜିଥିଲା। ମାମୁଘର ଲୋକେ ଶିଶୁପୁତ୍ରକୁ ପାଖରେ ରଖିବାକୁ ଚାହୁଁଥିବା ବେଳେ ଜେଜେ ବାପା ନିତ୍ୟାନନ୍ଦ ମଧ୍ୟ ତାଙ୍କ ପାଖରେ ରଖିବାକୁ ଜିଦ୍ କରିଥିଲେ। ଏହାକୁ ନେଇ ବିବାଦ ଉପୁଜିବାରୁ ଯାଜପୁର ଜିଲା ଉପଜିଲାପାଳଙ୍କ କୋର୍ଟରେ ଏକ ମାମଲା (ନଂ.୧୭୫୭/୧୮) ରୁଜୁ ହୋଇଥିଲା। ନିତ୍ୟାନନ୍ଦ ଓ ତାଙ୍କ ନାତି କୋର୍ଟରେ ହାଜର ହେଉ ନ ଥିବାରୁ ସେମାନଙ୍କ ନାଁରେ ସର୍ଚ୍ଚ ୱାରେଣ୍ଟ ଜାରି କରାଯାଇଥିଲା। ଏହି ୱାରେଣ୍ଟ ବଳରେ ଗୁରୁବାର ପୂର୍ବାହ୍ନରେ ଥାନା ପକ୍ଷରୁ ଏଏସଆଇ ଉଷାରାଣୀ ଜେନା ଓଡଙ୍ଗ ଗ୍ରାମରେ ପହଞ୍ଚି ଥିଲେ ହେଁ ନିତ୍ୟାନନ୍ଦ କାର୍ଯ୍ୟରେ ବାଧା ସୃଷ୍ଟି କରିବାରୁ ସେ ଥାନାଧିକାରୀ ନାୟକଙ୍କୁ ଖବର ଦେଇଥିଲେ। ସେ ଏଏସଆଇ ଏନ. ବେଉରାଙ୍କୁ ସାଥିରେ ନେଇ ଘଟଣାସ୍ଥଳରେ ପହଞ୍ଚିବା ମାତ୍ରେ ନିତ୍ୟାନନ୍ଦ ଏକ ଲୁହା ରଡରେ ଥାନା ଅଧିକାରୀଙ୍କ ମୁଣ୍ଡକୁ ଶକ୍ତ ପ୍ରହାର ଦେଇଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। କ୍ଷତ ସ୍ଥାନରେ ୧୪ଟି ସିଲେଇ କରାଯାଇଛି। ଏସ୍‌ଡିପିଓ କେଦାରନାଥ ସାହୁ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ପରଖିଛନ୍ତି। ପୋଲିସକୁ ଆକ୍ରମଣ କେସ୍‌ରେ ଥାନାରେ ଏକ ମାମଲା (ନଂ. ୩/୧୯) ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# Exam Mate

Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : **www.dharitri.com**

# MOCK TEST PAPER # 3

## CLASS-XII (CHEMISTRY)

**Time Allowed : 3 hours** **Maximum Marks: 70**

### GENERAL INSTRUCTIONS

***i. All questions are compulsory***
***ii. Q. No. 1 to 5 are very short answer questions and carry 1 mark each.***
***iii. Q. No.6 to 12 are short answer questions and carry 2 marks each.***
***iv. Q No. 13 to 24 are also short answer questions and carry 3 marks each.***
***v. Q. No. 25 to 27 are long answer questions and carry 5 marks each.***
***vii. Use log tables if necessary, use of calculators is not allowed.***

**1.** Iodine forms $I_3^-$ but $F_2$ does not $F_3^-$ ions. Why ?

**2.** What is meant by inversion of sugar ?

**3.** Why is sulphuric acid not used during the reaction of alcohols with KI ?

**4.** For the reaction $A + 2B \longrightarrow AB_2$, the rate constant is 1.26 x $10^{-3}$ L $mol^{-1}s^{-1}$. What is the order of the reaction ?

**5.** Name the ionization isomer of $[Cr(H_2O)_5Br]SO_4$.

**6.** Arrange the following carbonyl compounds in increasing order of their reactivity in nucleophilic addition reaction.

Benzaldehyde, *p*-tolualdehyde, *p*-nitrobenzaldehyde, acetophenone.

**7.** What happens when an electric field is applied to a colloidal dispersion ?

**OR**

Do the vital functions of body such as digestion get affected during fever ? Explain your answer.

**8.** Alcohols are comparatively more soluble in water than the hydrocarbon of comparable molecular mass ? Explain this fact.

**9.** State reasons for the following

i. Rusting of iron is said to be an electrochemical phenomenon.

ii. For a weak electrolyte, its molar conductance in dilute solution increases sharply as its concentration in solution is decreased.

**10.** a. Why does chlorine water lose its yellow colour on standing ?

b. What happens when $Cl_2$ reacts with cold dilute sodium hydroxide ? Write equation only.

**11.** a. What are the products obtained by hydrolysis of lactose ?

b. Why cannot vitamin C be stored in our body ?

**12.** What do you understand by the terms glycosidic linkage and peptide linkage ?

**13.** Account for the following:

a. $CH_3CONH_2$ is a weaker base than $CH_3CONH_2$ is a weaker base than $CH_3CH_2NH_2$.

b. ROH is a stronger acid than $RNH_2$.

**14.** While preparing monobromoaniline why is aniline acetylated before reacting it with bromine? Explain.

**15.** a. Express the relationship between the rate of production of iodine and the rate of disappearance of hydrogen iodide in the following reaction : $2HI \longrightarrow H_2 + I_2$.

b. The rate of formation of a dimer in a second order dimerisation reaction is 9.1 x $10^{-6}$ mol $L^{-1}$ $s^{-1}$ at 0.01 mol $L^{-1}$ monomer concentration. Calculate the rate constant.

**16.** Aluminium crystallizes in a cubic close packed structure. Its metallic radius is 125 pm.

i. What is the length of the side of the unit cell ?

ii. How many unit cells are there in 1.00 $cm^3$ of aluminium ?

**OR**

Examine the illustrations of a portion of a defective crystal given below and answer the following questions.



i. What are these type of vacancy defects called ?

ii. How is the density of a crystal affected by these defects ?

iii. Name one ionic compound which can show this type of defect in crystalline state.

iv. How is the stoichiometry of the compound affected ?

**17.** What is an adsorption isotherm ? Describe freundlich isotherm.

**18.** Account for the following

i. Bond dissociation energy of $F_2$ is less than that of $Cl_2$

ii. Both NO and $ClO_2$ are odd electron species but NO dimerises $ClO_2$ does not.

iii. Bleaching of flowers by chlorine is permanent while that by sulphur dioxide is temporary.

**19.** Explain why

i. the dipole moment of chlorobenzene is lower than that of cyclohexyl chloride ?

ii. alkyl halides, though polar, are immiscible with water ?

iii. Grignard's reagents should be prepared under anhydrous conditions ?

**20.** Write the names and molecular structures of the monomers of the following polymers. Give one use of each specifying the property responsible for this use.

i. Glyptal ii. Nylon-6 iii. Neoprene

**21.** Give reason for the following:

i. Amino acids have relatively higher melting point as compared to corresponding halo acids.

ii. Amino acids are amphoteric in nature.

iii. On electrolysis in acidic solution amino acids migrate towards cathode while in alkaline solution these migrate towards anode.

**22.** Show how will you synthesize

i. 1-phenylethanol from a suitable alkene.

ii. Cyclohexylmethanol using an alkyl halide by $S_N2$ reaction.

iii. Pentan-1-ol using a suitable alkyl halide.

**23.** a. How is leaching carried out in case of low grade copper ores ?

b. The value of $\Delta_fG^0$ for formation of $Cr_2O_3$ is –540 kJ $mol^{-1}$ and that of $Al_2O_3$ is –827 kJ $mol^{-1}$. Is the reduction of $Cr_2O_3$ possible with aluminium ?

**24.** Describe the following with suitable examples.

(i) Tranquilizers (ii) Antifertility drugs (iii) Antihistamines.

**25.** a. Henry's law constant for $CO_2$ in water is 1.67 x $10^8$ Pa at 298 K. Calculate the quantity of $CO_2$ in 500mL of soda water when packed under 2.5 atm $CO_2$ pressure at 298 K.

b. The depression in freezing point of water observed for the same amount of acetic acid, trichloroacetic acid and trifluoroacetic acid increases in the order given above. Explain briefly.

**OR**

a. 0.5 g KCl was dissolved in 100g of water and the solution originally at $20^0C$, froze at –$0.24^0C$. Calculate the percentage ionization of salt. $K_f$ per 1000g water = 1.86 K

b. What role does the molecular interaction play in solution of alcohol and water ?

**26.** Give plausible explanation for each of the following:

i. Cyclohexanone forms cyanohydrin in good yield but 2, 2, 6-trimethylcyclohexanone does not.

ii. There are two $-NH_2$ groups in semicarbazide. However, only one is involved in the formation of semicarbazone.

iii. During the preparation of esters from a carboxylic acid and an alcohol in the presence of an acid catalyst, the water or the ester formed should be removed as soon as it is formed.

**OR**

An organic compound (A) molecular formula $C_8H_{16}O_2$ was hydrolyzed with dilute sulphuric acid to a carboxylic acid (B) and an alcohol (C). Oxidation of (C) with chromic acid produced (B), (C) on dehydration gives but-1-ene. Write equations for the reactions involved.

**27.** a. The electric configurations of two members of the lanthanoid series are as follows $4f^15d^16s^2$ and $4f^75d^06s^2$. What are their atomic numbers ? Predict the oxidation states exhibited by these elements in their compounds.

b. Assign reaction for each of the following statement.

i. The largest number of oxidation states are exhibited by the elements in the middle of the first row of the transition elements.

ii. The atomic radii decreases in size with the increasing atomic number in the lanthanoid series.

**OR**

a. Explain giving reasons

i. Transition elements and their compound exhibit paramagnetic behaviour.

ii. Transition elements and their compounds are found to be good catalysis.

iii. Enthalpies of atomization of the transition elements are high.

b. Compare the chemistry of actinoids with that of the lanthanoid in reference to

i. Atomic and ionic sizes

ii. Oxidation states.

**For Answers visit: www.dharitri.com**

Vidyamandir Classes
GURUKUL FOR IITJEE AND MEDICAL PREPARATION
ADMISSION TEST ON 13th & 20th JANUARY 2019
(FOR CLASS VII, VIII, IX, X & XI STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For: JEE Mains & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

# ଆଇପିଏଲ୍-୧୨







**୨୦୧୮ ଥିଲା ବିଶ୍ୱକପ୍‌ର ବର୍ଷା ଏଥିରେ ୧୯ ବର୍ଷରୁ କମ୍ ଦିନିକିଆ, ପୁରୁଷ ଓ ମହିଳା ହକି, ମହିଳା ଟି୨୦, ଫିଫା ବିଶ୍ୱକପ୍ ଭଳି ମେଗା ଇଭେଣ୍ଟ ବେଶ୍ ସଫଳତାର ସହ ଅନୁଷ୍ଠିତ ହୋଇଛି। ଆଗାମୀ ମେ ମାସରେ ଇଂଲଣ୍ଡରେ ପୁରୁଷ ବିଶ୍ୱକପ୍ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଥିଲେ ମଧ୍ୟ ଏବେ ଆଇପିଏଲ ଉପରେ ସମସ୍ତଙ୍କ ନଜର ରହିଛି ଓ କ୍ରିକେଟର ଏହି ସର୍ବଶ୍ରେଷ୍ଠ ଲିଗର ଦ୍ୱାଦଶ ସଂସ୍କରଣ ସବୁଥର ଭଳି ଏଥର ମଧ୍ୟ ବେଶ୍ ସଫଳ ହେବ ବୋଲି ଆଶା କରାଯାଉଛି...**



ନିର୍ମଳ କୁମାର ମିଶ୍ର

୨୦୧୮ ଭାରତୀୟ କ୍ରିକେଟ୍ ପାଇଁ ବେଶ୍ ସଫଳ ବର୍ଷ ହୋଇପାରିଛି। ଟିମ୍ ଇଣ୍ଡିଆ ୨୦୧୮ ଆରମ୍ଭରେ ଆଇସିସି ର୍ୟାକିଙ୍ଗ୍‌ରେ ଏକ ନମ୍ବର ଟେଷ୍ଟ ଦଳରୂପେ ଅଭିଯାନ ଆରମ୍ଭ କରିଥିବାବେଳେ ବର୍ଷ ଶେଷରେ ମଧ୍ୟ ୧ନଂ ମାନ୍ୟତା ସହ ବର୍ଷ ଶେଷ କରିଛି। ବିଦେଶରେ ଖେଳିଥିବା ଅଧିକାଂଶ ଟେଷ୍ଟମ୍ୟାଚ୍ ମଧ୍ୟରୁ ଭାରତ ଅର୍ଦ୍ଧାଧିକ ମ୍ୟାଚ୍ ଜିତିବାକୁ ସକ୍ଷମ ହୋଇଥିଲା। ୨୦୧୮ରେ ଭାରତ ୧୪ଟି ଟେଷ୍ଟ ମ୍ୟାଚ୍ ଖେଳିଥିବା ବେଳେ ୭ଟିରେ ବିଜୟୀ ହୋଇଥିବା ବେଳେ ୭ଟିରେ ପରାସ୍ତ ହୋଇଛି। ସେହିପରି ଟିମ୍ ଇଣ୍ଡିଆ ୨୦ଟି ଏକଦିବସୀୟ ମ୍ୟାଚ୍ ଖେଳିଥିବା ବେଳେ ୧୪ଟି ମ୍ୟାଚରେ ଜିତିବା ସହ ମାତ୍ର ୪ଟିରେ ପରାଜିତ ହୋଇଛି ଏବଂ ଦୁଇଟି ମ୍ୟାଚ୍ ଟାଇରେ ସମାପ୍ତ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସର୍ବମୋଟ ୧୯ଟି ଟି-୨୦ ମ୍ୟାଚ ଖେଳି ୧୪ଟିରେ ବିଜୟୀ ହୋଇଛି। ଫାଷ୍ଟବୋଲର ଯଶପ୍ରୀତ୍ ବୁମ୍ରା, ସର୍ବକନିଷ୍ଠ ଓପନର ରୂପେ ପୃଥ୍ୱୀ ଶ' ଏବଂ ରିଷଭ ପନ୍ତଙ୍କ ପରି ଯୁବ ଉଇକେଟକିପର ଏବଂ ବ୍ୟାଟ୍ସମ୍ୟାନ୍ ମିଳିଛି। ଘରୋଇ ମାଟିରେ ସମସ୍ତ ଫର୍ମାଟରେ ଟିମ୍ ଇଣ୍ଡିଆର ପ୍ରାଧାନ୍ୟ ଅବ୍ୟାହତ ରହିଥିବା ବେଳେ ସ୍ୱଦେଶରେ ଭାରତ ପାଖାପାଖି ସମସ୍ତ ମ୍ୟାଚ ଜିତିପାରିଛି। ସବୁଠାରୁ ବଡ କଥା ହେଲା ବର୍ଷ ଶେଷରେ ବିରାଟ ବାହିନୀ ଚମତ୍କାର ପ୍ରଦର୍ଶନ କରି ଅଷ୍ଟ୍ରେଲିଆ ମାଟିରେ ସର୍ବପ୍ରଥମ ଟେଷ୍ଟ ସିରିଜ ଜିତିବାର ନିକଟବର୍ତ୍ତୀ ହୋଇଛି। ଫର୍ମରେ ଥିବା ସମସ୍ତ ଖେଳାଳିଙ୍କ ଉପସ୍ଥିତି ଚଳିତ ଆଇପିଏଲ୍‌କୁ ଅଧିକ ରୋମାଞ୍ଚକର କରିବା ସହିତ ଯୁବ ଖେଳାଳିମାନଙ୍କ ପ୍ରଦର୍ଶନ ଉପରେ ବିସିସିଆଇର ନଜର ରହିବ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ) ୧୨ତମ ସଂସ୍କରଣ ପାଇଁ ଖେଳାଳି ନିଲାମ ପ୍ରକ୍ରିୟା ଶେଷ ହୋଇଛି। ବିଶ୍ୱର ଏହି ଶ୍ରେଷ୍ଠ ପ୍ରଫେସନାଲ ଟି୨୦ ୨୦୦୭ ମସିହାରୁ ବିସିସିଆଇ ଦ୍ୱାରା ଆରମ୍ଭ କରାଯାଇଥିବା ବେଳେ ଦିନକୁ ଦିନ ଲୋକପ୍ରିୟତାର ଚରମସୀମାରେ ପହଞ୍ଚିବାକୁ ଆରମ୍ଭ କରିଛି। ୨୯ ମାର୍ଚ୍ଚରୁ ଆରମ୍ଭ ହୋଇ ୧୯ମେ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ମେଗା ଟୁର୍ନାମେଣ୍ଟରେ ଫ୍ରାଞ୍ଚାଇଜ୍‌ମାନଙ୍କ ଦ୍ୱାରା କିଣାଯାଇଥିବା ୮ଟି ଦଳ ଅଂଶ ଗ୍ରହଣ କରିବାକୁ ଥିବା ଦେଶ ବିଦେଶର ବହୁ ନାମୀଦାମୀ ଖେଳାଳିମାନେ ଅଂଶ ଗ୍ରହଣ କରୁଥିବାରୁ ଏହି ସଂସ୍କରଣର ଗୁରୁତ୍ୱ ବେଶ୍ ବଢିଯାଇଛି। ଭାରତରେ ଚଳିତ ବର୍ଷ ଲୋକସଭା ନିର୍ବାଚନ ଆରମ୍ଭ ହେଉଥିବାରୁ ଏହି ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟକୁ ସାଉଥ ଆଫ୍ରିକା କିମ୍ବା ୟୁଏଇରେ ଅନୁଷ୍ଠିତ କରାଯିବାର ଯୋଜନାକୁ ଯଦିଓ ଗ୍ରହଣ କରାଯାଇଥିଲା ମାତ୍ର ଏହାର ସଫଳତା ପାଇଁ ବିସିସିଆଇ ଭାରତରେ ଅନୁଷ୍ଠିତ କରିବା ପାଇଁ ପ୍ରସ୍ତାବ ରଖିଛି। ପ୍ରାଥମିକ ପର୍ଯ୍ୟାୟରେ ଆଇପିଏଲ ଖେଳାଳି ଚୟନ ପ୍ରକ୍ରିୟା ପାଇଁ ଦେଶ ବିଦେଶର ମୋଟ ୧୦୦୩ ଜଣ ଖେଳାଳିଙ୍କ ନାମ ତାଲିକା ପ୍ରକାଶିତ ହେବା ପରେ ପରବର୍ତ୍ତୀ ଅବସ୍ଥାରେ ଏହି ନିଲାମ ପ୍ରକ୍ରିୟାରେ ୭୦ଟି ଖାଲି ସ୍ଥାନ ପାଇଁ ଚୂଡାନ୍ତ ତାଲିକାରେ ୩୫୦ ଜଣ ଖେଳାଳିଙ୍କ ନାମ ତାଲିକା ପ୍ରକାଶିତ ହୋଇଥିଲା। ଏମାନଙ୍କ ମଧ୍ୟରୁ ୨୦ଜଣ ବିଦେଶୀ ଖେଳାଳିଙ୍କୁ ମିଶାଇ ମୋଟ ୬୦ଜଣ ଖେଳାଳି ବିକ୍ରି ହୋଇଥିଲେ। କିଙ୍ଗସ୍ ଇଲେଭେନ୍ ପଞ୍ଜାବ ସର୍ବାଧିକ ୧୩ଜଣ ଖେଳାଳିଙ୍କୁ କିଣିବାକୁ ସକ୍ଷମ ହୋଇଥିବା ବେଳେ ରାଜସ୍ଥାନ ରୟାଲ୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଫ୍ରାଞ୍ଚାଇଜ୍ ପ୍ରତ୍ୟେକ ୯ଜଣ ଖେଳାଳି କିଣିଥିଲା। ଦିଲ୍ଲୀ ଡେୟାର ଡେଭିଲ୍ସ ତା'ର ନାମ ପରିବର୍ତ୍ତନ କରି ଦିଲ୍ଲୀ କ୍ୟାପିଟାଲ ରଖିବା ସହିତ ୧୦ଜଣ ଖେଳାଳିଙ୍କୁ କ୍ରୟ କରିଛି। ସେହିପରି କୋଲକାତା ନାଇଟ୍ ରାଇଡର୍ସ ୮ଜଣ, ସନରାଇଜର୍ସ ହାଇଦ୍ରାବାଦ ୩ଜଣ ଏବଂ ଚେନ୍ନାଇ ସୁପର କିଙ୍ଗସ୍ ୨ଜଣ ଖେଳାଳିଙ୍କୁ କିଣିଛି। ଆଇପିଏଲ ପରେ ପରେ ଆରମ୍ଭ ହେବାକୁ ଯାଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆଇସିସି ଦିନିକିଆ ବିଶ୍ୱକପ୍। ଜୁନ ମାସରେ ଆରମ୍ଭ ହେବାକୁ ଥିବା ଏହି ମେଗା ଟୁର୍ନାମେଣ୍ଟ ପାଇଁ ଟିମ୍ ଇଣ୍ଡିଆର ପ୍ରଥମ ମ୍ୟାଚ ଯାହାକି ଜୁନ ୨ତାରିଖରୁ ହେବାର ଥିଲା ତାହାକୁ ଜୁନ୍ ୫ତାରିଖକୁ ଘୁଞ୍ଚାଇ ଦିଆଯାଇଛି। କାରଣ ଲୋଧା କମିଟିର ରିପୋର୍ଟ ଅନୁସାରେ କୌଣସି ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ ପରେ ଖେଳାଳିମାନଙ୍କୁ ୧୫ଦିନ ପାଇଁ ବିଶ୍ରାମ ଦେବା ଆବଶ୍ୟକ। ଗତବର୍ଷ ନଭେମ୍ବର ମାସରେ ଫ୍ରାଞ୍ଚାଇଜ୍‌ମାନଙ୍କ ଖେଳାଳି ଚୟନ ପ୍ରକ୍ରିୟାରେ ବ୍ୟାପକ ପରିବର୍ତ୍ତନ ଦେଖିବାକୁ ମିଳିଥିଲା। ଗୌତମ ଗମ୍ଭୀର, ଯୁବରାଜ ସିଂ ଏବଂ ଗ୍ଲେନ ମ୍ୟାକ୍ସୱେଲଙ୍କ ପରି ଖେଳାଳିମାନଙ୍କୁ ସେମାନଙ୍କର ଫ୍ରାଞ୍ଚାଇଜ୍‌ମାନେ ରଖିବାକୁ ଆଗ୍ରହ ପ୍ରକାଶ କରିନଥିବା ବେଳେ ଜୟଦେବ ଉନାଡକଟ ମଧ୍ୟ ଦଳ ବଦଳରେ ସାମିଲ ହୋଇଥିଲେ। ଷ୍ଟାର ବୋଲର ଜୟଦେବ ଉନାଡକଟ୍ ଏବଂ ଅନକ୍ୟାପଡ୍ ଖେଳାଳି ବରୁନ୍ ଚକ୍ରବର୍ତ୍ତୀଙ୍କୁ ସର୍ବାଧିକ ୮.୪ କୋଟିରେ କ୍ରୟ କରିବା ଏବଂ ଇଂଲଣ୍ଡର ଯୁବ ଅଲରାଉଣ୍ଡର ସାମ କୁରାନ୍ ସର୍ବାଧିକ ୭.୨ କୋଟିରେ କିଣା ହେବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଥିଲା। ସେହିପରି ଚେତେଶ୍ୱର ପୂଜାରା, ବ୍ରାଣ୍ଡନ ମ୍ୟାକୁଲମ ଏବଂ ଆଲେକ୍ସ ହେଲସ୍‌ଙ୍କ ପରି ଖେଳାଳି ବିକ୍ରୟ ନ ହେବା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ ରୋହିତ ଶର୍ମା ରହିଥିବା ବେଳେ ନୂତନ ଖେଳାଳି ରୂପେ ଆରସିସିର କ୍ୱିଣ୍ଟନ ଡି କକ୍‌ଙ୍କୁ ନିଲାମରେ କ୍ରୟ କରିଥିଲେ। ସେହିପରି ଯୁବରାଜ ସିଂ, ଲସିଥ୍ ମାଲିଙ୍ଗାଙ୍କୁ ମଧ୍ୟ ଦଳରେ ସାମିଲ କରିଛି ମୁମ୍ବାଇ ଇଣ୍ଡିଆନ୍ସ। ସେହିପରି ଚେନ୍ନାଇ ସୁପରକିଙ୍ଗସ୍ ମହେନ୍ଦ୍ର ସିଂ ଧୋନୀ ଅଧିନାୟକ ରହିଥିବାବେଳେ ସର୍ବାଧିକ ପରିବର୍ତ୍ତନ କରିଛି। ଦଳରେ କେଏଲ ରାହୁଲ୍, ରବିଚନ୍ଦ୍ରନ ଅଶ୍ୱିନ୍, କ୍ରିସ୍ ଗେଲ୍, ଆଣ୍ଡ୍ରୁ ଟାଇ, ଡେଭିଡ୍ ମିଲର, ମୟଙ୍କ ଅଗ୍ରୱାଲ ପରି ଖେଳାଳି ରହିଥିବା ମୋହିତ ଶର୍ମାଙ୍କୁ ୫କୋଟିରେ କ୍ରୟ କରିଛି। ସେହିପରି ନୂତନ ନାମରେ ପରିଚିତ ଦିଲ୍ଲୀ କ୍ୟାପିଟାଲ ପୃଥ୍ୱୀ ଶ, ଶ୍ରେୟସ ଆୟାର, ରିଷଭ ପନ୍ତଙ୍କ ଭଳି ଯୁବ ଖେଳାଳିମାନଙ୍କ ଉପରେ ଆସ୍ଥା ରଖିଥିବା ବେଳେ ନିଲାମ ପ୍ରକ୍ରିୟାରେ ଶେଖର ଧାୱନ, ସାହାବାଜ ନଦିମ୍, ଅଭିଷେକ ଶର୍ମାଙ୍କୁ ଦଳରେ ସାମିଲ କରିଛି। କୋଲକାତା ନାଇଟ୍ ରାଇଡର୍ସ ଦୀନେଶ କାର୍ତ୍ତିକ, ଆଣ୍ଡ୍ରେ ରସେଲ୍, ସୁନୀଲ୍ ନାରିନ୍, ରବିନ୍ ଉଥାପ୍ପାଙ୍କ ଉପରେ ନିର୍ଭର କରିବ। ସେହିପରି ସନରାଇଜର୍ସ ହାଇଦ୍ରାବାଦ ଡେଭିଡ ୱାର୍ନର, କେନ୍ ୱିଲିୟମସନ୍, ସକିବଲ ହାସନ, ଭୁବନେଶ୍ୱର କୁମାର ଏବଂ ନିଲାମ ପ୍ରକ୍ରିୟାରେ ମାର୍ଟିନ ଗୁପ୍‌ଟିଲ ଏବଂ ଜନି ବେୟାରଷ୍ଟୋଙ୍କ ପରି ଖେଳାଳିମାନଙ୍କୁ ଚୟନ କରି ଚାମ୍ପିୟନ ହେବାର ଦୃଢ ଦାବିଦାର ରହିଛି। ଶକ୍ତିଶାଳୀ ଦଳ ରୂପେ କିଙ୍ଗସ ଇଲେଭେନ ପଞ୍ଜାବ ତା'ର ଦଳରେ ବେଳେ ବରୁନ ଚକ୍ରବର୍ତ୍ତୀ, ମହମ୍ମଦ ସାମି, ମୋରିସ ହେନେରିକ୍ସ, ନିକୋଲାସ ପୋରାନ୍‌ଙ୍କୁ ନେଇ ବେଶ୍ ଶକ୍ତିଶାଳୀ ହୋଇଛି। ଶେଷରେ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିରାଟ କୋହଲି, ଏବି. ଡିଭିଲିର୍ସ, ଉମେଶ ଯାଦବ, ମୋଇନ ଅଲ୍ଲୀ, ସିମ୍‌ରନ୍ ହେଟମେୟର, ରେ ବାରମାନ୍, ୟୁଜୁଭେନ୍ଦ୍ର ଚହଲଙ୍କ କରି ଖେଳାଳି ଦଳକୁ ଅଧିକ ଶକ୍ତିଶାଳୀ କରାଇଛନ୍ତି।

ଚଳିତ ସଂସ୍କରଣ ପାଇଁ ମୋଟ ୧୦୦୩ ଜଣ ଖେଳାଳିଙ୍କ ମଧ୍ୟରୁ ଭାରତରୁ ୪୦ଜଣ ବିଭିନ୍ନ ଫ୍ରାଞ୍ଚାଇଜ୍‌ଙ୍କ ଦ୍ୱାରା କିଣାଯାଇଥିଲେ। ସେହିପରି ଦକ୍ଷିଣ ଆଫ୍ରିକାରୁ ୪ଜଣ, ଅଷ୍ଟ୍ରେଲିଆରୁ ୨ଜଣ, ଇଂଲଣ୍ଡରୁ ୫ଜଣ, ୱେଷ୍ଟଇଣ୍ଡିଜରୁ ୬ଜଣ, ନ୍ୟୁଜିଲାଣ୍ଡରୁ ୨ଜଣ, ଶ୍ରୀଲଙ୍କାରୁ ଜଣେ ଏହିପରି ମୋଟ ୬୦ଜଣ ଖେଳାଳିଙ୍କୁ ଫ୍ରାଞ୍ଚାଇଜ୍‌ଗୁଡିକ ନିଜ ନିଜ ଦଳରେ ସାମିଲ କରିଛନ୍ତି। ଆଇସିସିର ପୂର୍ଣ୍ଣ ସଦସ୍ୟତା ଲାଭ କରିଥିବା ବାଂଲାଦେଶ, ଜିମ୍ବାୱେ, ଆୟର୍ଲାଣ୍ଡ ଏବଂ ଆସୋସିଏଟ୍ ମେମ୍ବର୍ସ ଦେଶ ନେଦରଲ୍ୟାଣ୍ଡ୍ସ, ୟୁଏସଏ ଏବଂ ହଂକଂରୁ କୌଣସି ଖେଳାଳି ନୂତନ ଭାବେ କ୍ରୟ ହୋଇପାରିନାହାନ୍ତି।

ଆଇପିଏଲର ଆଗାମୀ ଦ୍ୱାଦଶ ସଂସ୍କରଣରେ ମୋଟ ୬୦ଟି ମ୍ୟାଚ ଖେଳାଯିବାକୁ ଥିବା ବେଳେ ଲିଗ୍ ପର୍ଯ୍ୟାୟରେ ମୋଟ ୫୬ଟି ମ୍ୟାଚ ଏବଂ ପ୍ଲେ ଅଫ୍‌ରେ ୪ଟି ମ୍ୟାଚ ଖେଳାଯିବାର କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି। ୮ଟି ଦଳ ପ୍ରତ୍ୟେକ ଦଳ ସହ ୨ଥର ଲେଖାଏଁ ଲିଗ୍ ପର୍ଯ୍ୟାୟରେ ଭେଟିବେ। ଲିଗ୍ ପର୍ଯ୍ୟାୟର ଶ୍ରେଷ୍ଠ ୨ଟି ଦଳ ପ୍ରଥମ ପ୍ଲେ ଅଫ୍ ମ୍ୟାଚ ଖେଳିବା ସହିତ ବିଜୟୀ ଦଳ ଫାଇନାଲକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବ। ପରାଜିତ ଦଳ, ଦ୍ୱିତୀୟ ନକ୍ ଆଉଟ୍ ମ୍ୟାଚରେ ବିଜୟୀ ଦଳ ସହ ଖେଳିବା ସହିତ ବିଜୟୀ ଦଳ ଫାଇନାଲରେ ପ୍ରଥମ ନକ୍ ଆଉଟର ବିଜୟୀ ଦଳକୁ ଭେଟିବ। ଅନେକ ପରିବର୍ତ୍ତନ ସହ ଆଇପିଏଲ ୧୨ ଏଥର ଆରମ୍ଭ ହେବାକୁ ଯାଉଛି। ୮ଟି ଦଳ ମଧ୍ୟରେ ଯଦିଓ କିଛି ମାତ୍ରାରେ ପରିବର୍ତ୍ତନ ହୋଇଛି ତଥାପି ଏକ ରୋମାଞ୍ଚକର ଆଇପିଏଲ ଅପେକ୍ଷାରେ ସମସ୍ତ କ୍ରିକେଟ୍ ପ୍ରେମୀ। ବିଶ୍ୱର ଏହି ଶ୍ରେଷ୍ଠ ପ୍ରିମିୟର ଲିଗ୍ ଟି୨୦ ମ୍ୟାଚ ପାଇଁ ଭିଭୋ ମୁଖ୍ୟ ପ୍ରାୟୋଜକ ରହିଥିବା ବେଳେ ସମସ୍ତ ମ୍ୟାଚ ଦର୍ଶକମାନଙ୍କ ମନକୁ ଛୁଇଁବ ବୋଲି ଆଶା କରାଯାଏ। ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ୧୧ଟି ସଂସ୍କରଣରେ ୱେଷ୍ଟଇଣ୍ଡିଜ ଖେଳାଳିଙ୍କ ଚାହିଦା ରହିଥିଲା। ଏହି ଦ୍ୱାଦଶ ସଂସ୍କରଣରେ ମଧ୍ୟ କାରବିୟାନ ଖେଳାଳିମାନଙ୍କ ପ୍ରାଧାନ୍ୟ ଦେଖିବାକୁ ଦର୍ଶକମାନେ ଉତ୍କଣ୍ଠାର ସହ ଚାହିଁ ରହିଛନ୍ତି। ସେହିପରି ବିଶ୍ୱର ସବୁଠୁ ଧନୀ କ୍ରିକେଟ୍ ଲିଗ୍‌ରେ ଯୁବ ଖେଳାଳିମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ ମାଧ୍ୟମରେ କିପରି ଦର୍ଶକମାନଙ୍କ ହୃଦୟକୁ ଜିତୁଛନ୍ତି ତାହା ଦେଖିବାକୁ ବାକି ରହିଲା।

**ଆଇପିଏଲ୍- ୨୦୧୯**

- ଆୟୋଜକ-ବିସିସିଆଇ
- ଫର୍ମାଟ- ଟି୨୦
- ଦଳ- ୮
- ତାରିଖ- ୨୯ ମାର୍ଚ୍ଚ- ୧୯ ମେ
- ଡିଫେଣ୍ଡିଂ ଚାମ୍ପିୟନ- ଚେନ୍ନାଇ ସୁପର କିଙ୍ଗ୍ସ
- ସଫଳତମ ଦଳ- ମୁମ୍ବାଇ ଇଣ୍ଡିଆନ୍ସ, ଚେନ୍ନାଇ (ପ୍ରତ୍ୟେକ ୩ଥର)
- ସର୍ବାଧିକ ରନ- ସୁରେଶ ରାଇନା (୪୯୮୫)
- ସର୍ବାଧିକ ଉଇକେଟ- ଲସିଥ ମାଲିଙ୍ଗା (୧୫୪)

# ବିଶ୍ୱ ହକିର ନୂଆ ସୁପର ପାୱାର



ଅଶୋକ ମହାନ୍ତି

**ପଶ୍ଚିମ ୟୁରୋପର ଏକ କ୍ଷୁଦ୍ର ଦେଶ ବେଲଜିୟମ ବିଶ୍ୱ କ୍ରୀଡ଼ାରେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ପାଖାପାଖି ଏକ କୋଟି ୧୪ ଲକ୍ଷ ଲୋକ ସଂଖ୍ୟା ବିଶିଷ୍ଟ ଏହି ଦେଶ କେବଳ ଫୁଟବଲ ନୁହଁ ସବୁ କ୍ରୀଡ଼ାରେ ନିଜର ପରାକାଷ୍ଠା ଦେଖାଇବାରେ ସଫଳ ହୋଇଛି। ବଳିଷ୍ଠ କ୍ରୀଡ଼ା ପରମ୍ପରାକୁ ବଜାୟ ରଖି ଆସିଥିବା ଏହି ଦେଶ ଏବେ ହକିରେ ନୂଆ ସୁପର ପାୱାର ରୂପେ ଉଭା ହୋଇଛି...**

ଫ୍ରାନ୍ସ ଓ ଜର୍ମାନୀ ଭଳି ବୃହତ୍ ଦେଶ ମଧ୍ୟରେ ଅବସ୍ଥିତ ଥିବା ଏକ ଛୋଟିଆ ୟୁରୋପୀୟ ଦେଶ ବେଲଜିୟମ ଆଜି ବିଶ୍ୱର ଦୁଇଟି ଅତ୍ୟନ୍ତ ଲୋକପ୍ରିୟ କ୍ରୀଡା ଫୁଟବଲ ଏବଂ ଫିଲ୍ଡ ହକିରେ ଶ୍ରେଷ୍ଠ ଦଳର ମାନ୍ୟତା ହାସଲ କରିପାରିଛି। ଫିଫା ମାନ୍ୟତା ଅନୁସାରେ ୨୦୧୮ ଡିସେମ୍ବରରେ ବେଲଜିୟମ ଫୁଟବଲ ଦଳ ୧୭୨୭ ପଏଣ୍ଟ ହାସଲ କରି ବିଶ୍ୱ ଚାମ୍ପିୟନ ଫ୍ରାନ୍ସକୁ କେବଳ ଗୋଟିଏ ପଏଣ୍ଟ ବ୍ୟବଧାନ (୧୭୨୬)ରେ ପଛରେ ପକାଇ ଏକ ନମ୍ବର ସ୍ଥାନ ହାସଲ କରିଥିବାବେଳେ ୨୦୧୮ ବିଶ୍ୱକପ୍ ହକିରେ ଟାଇଟଲ ବିଜେତା ଭାବେ ଏଫ୍ଆଇଏଚ୍ ମାନ୍ୟତାରେ (୨୧୯୦ ପଏଣ୍ଟ) ବିଶ୍ୱର ଏକ ନମ୍ବର ଦଳ ଭାବେ ଉଭା ହୋଇଛି।

୨୦୧୮ ମସ୍କୋ ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତାରେ ବେଲଜିୟମ ଦଳ ଚମତ୍କାର ଖେଳ ପ୍ରଦର୍ଶନ କରି ଦୁର୍ଭାଗ୍ୟଜନକ ଭାବେ ସେମିଫାଇନାଲରେ ଫ୍ରାନ୍ସଠାରୁ (୧-୦) ଗୋଲରେ ପରାସ୍ତ ହୋଇଥିଲେ ମଧ୍ୟ ଇଂଲଣ୍ଡକୁ (୨-୦)ରେ ହରାଇ ତୃତୀୟ ସ୍ଥାନ ହାସଲ କରିଥିଲା। ବିଶ୍ୱସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଉତ୍କୃଷ୍ଟତା ହାସଲ କରିବାରେ ବେଲଜିୟମ ଦଳର ଖେଳାଳିଙ୍କ ପ୍ରବଳ ଇଚ୍ଛାଶକ୍ତି ସେମାନଙ୍କୁ ୨୦୧୮ ବିଶ୍ୱକପ୍ ହକି ପ୍ରତିଯୋଗିତାରେ ପ୍ରଥମଥର ପାଇଁ ବିଜୟ ମୁକୁଟ ପିନ୍ଧାଇ ତାଙ୍କର ଶକ୍ତି ଓ ସାମର୍ଥ୍ୟର ପରିଚୟ ପ୍ରଦାନ କରିଛି।

ଉଭୟ ବିଶ୍ୱକପ୍ ଫୁଟବଲ ଏବଂ ବିଶ୍ୱକପ୍ ହକି ଆରମ୍ଭ ହେବା ପୂର୍ବରୁ ଦୈନିକ ଧରିତ୍ରୀର ବରିଷ୍ଠ କ୍ରୀଡା ପ୍ରତିନିଧିଙ୍କ ବାର୍ତ୍ତାଳାପ ମାଧ୍ୟମରେ ପ୍ରତିକ୍ରିୟା ଦେଇ ଏହି ଲେଖକ 'ଉଭୟ ବିଶ୍ୱକପ୍‌ରେ ବେଲଜିୟମ ଦଳ 'ଡାର୍କ ହର୍ସ' ଭାବେ ବିପର୍ଯ୍ୟୟ ସୃଷ୍ଟି କରି ନିଶ୍ଚିତ ଭାବେ ସେମିଫାଇନାଲରେ ପ୍ରବେଶ କରିବାର ଦକ୍ଷତା ରଖିଛି ବୋଲି ମତ ପ୍ରକାଶ କରିଥିଲା। ସଦ୍ୟସମାପ୍ତ ବିଶ୍ୱକପର ପଦାର୍ପଣ ମ୍ୟାଚରେ ବେଲଜିୟମ ଦଳର କ୍ରୀଡ଼ା ଦକ୍ଷତା ଦେଖିଲା ପରେ ବିଭିନ୍ନ ବୈଦ୍ୟୁତିକ ଗଣମାଧ୍ୟମର କ୍ରୀଡ଼ା ଚାନେଲରେ ଏହି ଲେଖକ ସମୀକ୍ଷକ ଭାବେ ଯୋଗଦେଇ ନେଦରଲାଣ୍ଡ ଏବଂ ଅଷ୍ଟ୍ରେଲିଆ ସହିତ ଏହି ଦଳ ଟ୍ରଫି ହାସଲ ପାଇଁ ପ୍ରବଳ ଦାବିଦାର ବୋଲି ଭବିଷ୍ୟବାଣୀ କରିଥିଲା। ଭୁବନେଶ୍ୱରରେ ଆୟୋଜିତ ୧୪ତମ ବିଶ୍ୱ ହକି ପ୍ରତିଯୋଗିତା ସାଂଗଠନିକ ଉତ୍କର୍ଷତାରେ ପୂର୍ବରୁ ୧୩ଟି ଯାକ ସଂସ୍କରଣକୁ ପଛରେ ପକାଇ ଶ୍ରେଷ୍ଠ ବିଶ୍ୱକପ୍‌ର ମାନ୍ୟତା ହାସଲ କରିବା ସହିତ ପ୍ରଥମଥର ପାଇଁ ବିଶ୍ୱହକିକୁ ଏକ ନୂତନ ବିଜେତା ବିଶ୍ୱବାସୀଙ୍କୁ ଉପହାର ଦେଇଥିଲା (ପୂର୍ବ ୧୩ଟି ବିଶ୍ୱକପ୍‌ରେ କେବଳ ପାଞ୍ଚଟି ଦେଶ ପାକିସ୍ତାନ-୪ ଥର, ନେଦରଲାଣ୍ଡ ଏବଂ ଅଷ୍ଟ୍ରେଲିଆ-୩ ଥର, ଜର୍ମାନୀ-୨ଥର ଏବଂ ଭାରତ ଥରେ ବିଶ୍ୱକପ୍ ବିଜେତା ହୋଇଥିଲେ) ବେଲଜିୟମ ଦଳର ଏହି ଅଭୂତପୂର୍ବ ସଫଳତାର କାରଣ ମାନଙ୍କ ମଧ୍ୟରେ ରହିଛି- ବିଶେଷ ଭାବେ ଦଳର ସମସ୍ତ ଖେଳାଳିମାନଙ୍କ ମଧ୍ୟରେ ଅନ୍ତରଙ୍ଗ ବନ୍ଧୁତା, ତାଙ୍କ ଦେଶରେ ଉପଲବ୍ଧ ସୁଦୃଢ଼ ହକି ଭିତ୍ତିଭୂମି ଏବଂ ସଂଖ୍ୟାଧିକ ଆଧୁନିକ ହକି କ୍ଲବସ ମଧ୍ୟମରେ ଯୁବ ଖେଳାଳିମାନଙ୍କୁ ମିଳୁଥିବା ବିଶ୍ୱସ୍ତରୀୟ ସୁବିଧା, ସୁଯୋଗ ଏବଂ ପ୍ରୋତ୍ସାହନ।

**ଇତିହାସ:** ବେଲ୍‌ଜିୟମରେ ପ୍ରଥମେ ୧୯୦୨ ମସିହାରେ ହକିର ଆରମ୍ଭ ହୁଏ। ୧୯୦୪ରେ ଦେଶର ପ୍ରଥମ ହକି କ୍ଲବ ପ୍ରତିଷ୍ଠା ହୋଇଥିଲା ବେଳେ ୧୯୦୭ରେ ବେଲଜିୟମ ହକି ସଂଘ ଗଠନ ହୁଏ ଜର୍ମାନ ସହିତ। ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ବେଲଜିୟମ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍ଆଇଏଚ୍) ପ୍ରତିଷ୍ଠାତା ସଭ୍ୟମାନଙ୍କ ମଧ୍ୟରେ ଅନ୍ୟତମ। ୧୯୨୦ରେ ବେଲଜିୟମର ଆଣ୍ଟୱେର୍ପ ସହରରେ ଅନୁଷ୍ଠିତ ହୋଇଥିବା ୫ମ ଅଲିମ୍ପିକ ବିପକ୍ଷରେ ଗୋଟିଏ ମ୍ୟାଚ ଜିତି କାଂସ୍ୟ ପଦକ ବିଜେତା ହୋଇଥିଲା।

୧୯୨୦ରୁ ୧୯୭୮ ମଧ୍ୟରେ ୨ଟି ବିଶ୍ୱକପ୍ ଏବଂ ୧୧ଟି ଅଲିମ୍ପିକ କ୍ରୀଡା ହକିରେ ଭାଗ ନେଇଥିଲେ ମଧ୍ୟ କୌଣସି ଆଶାନୁରୂପ ସଫଳତା ପାଇ ନ ଥିଲା।

୨୦୦୦ ମସିହା ପ୍ରାରମ୍ଭରେ ରୟାଲ ବେଲଜିୟମ୍ ହକି ସଂଘ ଦେଶରେ ଉଚ୍ଚକୋଟିର ଅତ୍ୟାଧୁନିକ ହକି ଭିତ୍ତିଭୂମି ପ୍ରସ୍ତୁତ କରିବା ସହିତ ଯୁବ ପ୍ରତିଭାଙ୍କୁ ପ୍ରୋତ୍ସାହନ ପାଇଁ ଯୋଜନା ପ୍ରସ୍ତୁତି କରି ପର୍ଯ୍ୟାପ୍ତ ଆର୍ଥିକ ସମ୍ବଳର ବିନିଯୋଗ କଲେ ଏବଂ ବେଲଜିୟମ୍ ହକିକୁ ଏହି ଯୋଜନାର ସୁଫଳ ୨୦୦୭ରେ ମିଳିବାକୁ ଆରମ୍ଭ ହେଲା ଏବଂ ପ୍ରଥମ ଥର ପାଇଁ ୟୁରୋ ହକି ପ୍ରତିଯୋଗିତାରେ ଜର୍ମାନୀକୁ ପରାସ୍ତ କରି ବେଲଜିୟମ କାଂସ୍ୟ ପଦକ ବିଜେତା ହେବାର ସଫଳତା ପାଇଥିଲା। ୩୨ ବର୍ଷ ପରେ ୨୦୦୮ ବେଜିଂ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଥିଲା। ଇତି ମଧ୍ୟରେ ବିଶ୍ୱ ହକିରେ ବେଲଜିୟମ ଦଳର ଉତ୍‌ଥାନ ଆରମ୍ଭ ହୋଇସାରିଥିଲା। ୨୦୧୩ ୟୁରୋ ହକିରେ ରୌପ୍ୟ, ୨୦୧୫ ବିଶ୍ୱ ହକି ଫାଇନାଲସ୍‌ରେ ରୌପ୍ୟ ଏବଂ ୨୦୧୬ ରିଓ ଅଲିମ୍ପିକ୍ସରେ ରୌପ୍ୟ ପଦକ ହାସଲ କରି ୨୦୧୮ ବିଶ୍ୱକପ ପାଇଁ ବଡ ଦାବିଦାର ଭାବେ ଉଭା ହୋଇଥିଲା ଏବଂ ୨୦୧୮ ଭୁବନେଶ୍ୱର ବିଶ୍ୱକପରେ ଟାଇଟଲ ବିଜେତା ହୋଇ ଇତିହାସ ରଚିଥିଲା। ହକିର ଏହି ନୂଆ ସୁପର ପାୱାର ବେଲଜିୟମ ନିଶ୍ଚିତ ଭାବେ ଅନ୍ୟ ଦେଶମାନଙ୍କ ପାଇଁ ପ୍ରେରଣାର ଉତ୍ସ, ଏଥିରେ ସନ୍ଦେହ ନାହିଁ।

**ଅଲିମ୍ପିକ୍ସ ଏବଂ ବିଶ୍ୱକପ୍ ହକିରେ ବେଲ୍‌ଜିୟମ**

- ବିଶ୍ୱ ହକିରେ ବର୍ତ୍ତମାନ (୨୦୧୮)ର ସ୍ଥାନ- ୧ନଂ
- ନିମ୍ନତମ ସ୍ଥାନ ( ୨୦୦୩-୦୪)-୧୪ ନଂ
- ବିଶ୍ୱକପ ଅଂଶଗ୍ରହଣ - ୬ଥର ( ୧୯୭୩ରେ ପ୍ରଥମ)
  ଶ୍ରେଷ୍ଠ ପ୍ରଦର୍ଶନ - ଚାମ୍ପିୟନ (୨୦୧୮)
- ୟୁରୋପିଆନ ଚାମ୍ପିୟନଶିପ - ଅଂଶଗ୍ରହଣ -୧୫ ଥର (୧୯୭୦ରେ ପ୍ରଥମ)
  ଶ୍ରେଷ୍ଠ ପ୍ରଦର୍ଶନ- ୨ୟ ( ୨୦୧୩, ୨୦୧୭), ୩ୟ ୨୦୦୭)
- ଅଲିମ୍ପିକ୍ସ- ଅଂଶଗ୍ରହଣ ୧୪ ଥର ( ପ୍ରଥମ -୧୯୨୦)
  ଶ୍ରେଷ୍ଠ ପ୍ରଦର୍ଶନ- ୨ୟ (୨୦୧୬),୩ୟ (୧୯୨୦)




## ଓଲ୍ଡ ଆଣ୍ଡ୍ ନ୍ୟୁ



ରମାକାନ୍ତ ଆଚରେକର

ପୁରୁଣା ବର୍ଷର ନୂଆ ଇତିହାସ
ହୋଇ ରହିଗଲା ହକି
ବିଶ୍ୱର ଖେଳାଳି ସମର୍ଥକ ବୋକା
ଓଡ଼ିଶା କରିସ୍ମା ଦେଖି
ବିଶ୍ୱ ଓ୍ୱାଲ୍ଡ କପ୍ ହକି
ବେଷ୍ଟ ଆୟୋଜନ ପ୍ରଶଂସା ଛୁଟଇ
ନବୀନ ମାରଇ ଆଖି ।।।୧

ଭାରତୀୟ କ୍ରିକେଟରେ ଦ୍ରୋଣାଚାର୍ଯ୍ୟ
ରମାକାନ୍ତ ଆଚରେକର
ଛୟାଅଶୀ ବର୍ଷରେ ନୂଆ ବରଷରେ
ପରଲୋକ ବୁଧବାର
ପୁରୁଣା ସ୍ମୃତିକୁ ହିରୋ
ସଚିନ ସାଉଁଟେ ଗୁରୁଙ୍କର ମନ୍ତ୍ର
ମୂଳଦୁଆ ଥିଲା ତା'ର ।।।୨

ଆଜି ଯାହା ନୂଆ କାଲିକି ପୁରୁଣା
ଓଲ୍ଡ ରହେ ସ୍ମୃତି ହୋଇ
ଭଲ କାମ କଲେ ପବ୍ଲିକ ଝୁରନ୍ତି
ମନ୍ଦ ମନେ ରହେ ନାହିଁ
ଏତିକି ଗୁହାରି ସାଇଁ
କ୍ରୀଡ଼ା ଅର୍ଥ ସ୍ୱାସ୍ଥ୍ୟ ସୁଖ ଶାନ୍ତିବର୍ଷ
ଉଣେଇଶ ରହୁ ଭାଇ ।।।୩

-ସୁବାସ ଚନ୍ଦ୍ର ପ୍ରଧାନ

| Dollar | Sensex | Nifty | Gold | Silver |
| --- | --- | --- | --- | --- |
| 70.20 (2) | 35,513.71 (377.81) | 10,672.25 (120.25) | 32,835.00 (`335) | 39,700.00 (`350) |

**ସଂକ୍ଷେପରେ**

## ପ୍ରଚଳନର ୨ ବର୍ଷ ପରେ ୨୦୦୦ ଟଙ୍କିଆ ନୋଟ୍ ଛପା ହ୍ରାସ



**ନୂଆଦିଲ୍ଲୀ,୩-୧:** କେନ୍ଦ୍ର ସରକାର ୨ ବର୍ଷ ପୂର୍ବେ ପ୍ରଚଳନ କରିଥିବା ୨୦୦୦ ଟଙ୍କିଆ ନୋଟ୍ ଛାପିବା ହ୍ରାସ କରିଥିବା ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ। ଧୀରେ ଧୀରେ ଏହି ନୋଟ୍‌ର ପ୍ରଚଳନକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବା ଏହାର ଉଦ୍ଦେଶ୍ୟ ବୋଲି ଏହି ସୂତ୍ର ଜଣାଇଛି। ଏଥିରେ କୁହାଯାଇଛି ଯେ, ନଭେମ୍ବର, ୨୦୧୬ରେ ବିମୁଦ୍ରୀକରଣ ଘୋଷଣା ପରେ କେନ୍ଦ୍ର ସରକାର ୨ହଜାର ଟଙ୍କିଆ ନୋଟ୍ ପ୍ରଚଳନ କରିଥିଲେ। ବିମୁଦ୍ରୀକରଣ ଯୋଗୁ ନଗଦ ସଙ୍କଟ ଦୂର କରିବା ଏହାର ଉଦ୍ଦେଶ୍ୟ ଥିଲା। ଏହି ନୋଟ୍‌କୁ ନେଇ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ବାରମ୍ବାର ସମାଲୋଚନାର ଶିକାର ହେବାକୁ ପଡିଛି। ଆର୍‌ବିଆଇ ତଥ୍ୟ ଅନୁଯାୟୀ ବଡ଼ ନୋଟ୍‌କୁ ଗଚ୍ଛିତ ରଖିବା, ଟିକସ ଫାଙ୍କି ଓ ମନି ଲଣ୍ଡରିଂରେ ବ୍ୟବହାର କରାଯାଉଥିବା ନେଇ ସରକାରଙ୍କ ମନରେ ସନ୍ଦେହ ଉପୁଜିଛି। ଏଥିରେ କୁହାଯାଇଛି ଯେ, ମାର୍ଚ୍ଚ, ୨୦୧୮ ସୁଦ୍ଧା ଦେଶରେ ମୋଟ୍ ୧୮.୦୩୭ ଲକ୍ଷ କୋଟି ଟଙ୍କା ପ୍ରଚଳନରେ ରହିଛି। ଏଥିମଧ୍ୟରୁ ୬.୭୩ ଲକ୍ଷ କୋଟି ଟଙ୍କା ଅର୍ଥାତ୍ ୩୭.୩% କେବଳ ୨ହଜାର ଟଙ୍କିଆ ନୋଟ୍ ଅଛି, ଯାହା ମାର୍ଚ୍ଚ ୨୦୧୭ରେ ୫୦.୨ ପ୍ରତିଶତ ଥିଲା। ସେହିପରି ୭.୭୩ ଲକ୍ଷ କୋଟି ଟଙ୍କାର ୫୦୦ ଟଙ୍କିଆ ନୋଟ୍ ବଜାରରେ ରହିଛି। ଅବଶିଷ୍ଟ ଛୋଟ ମୂଲ୍ୟର ନୋଟ ପ୍ରଚଳିତ ଅଛି। ରିପୋର୍ଟରେ କୁହାଯାଇଛି ଯେ, ୨୦୧୭ରେ ୯୫୮.୭ କୋଟି ଟଙ୍କାର ୫୦୦ ଟଙ୍କିଆ ନୋଟ୍ ବଜାରକୁ ଛଡାଯାଇଥିବା ବେଳେ ମାର୍ଚ୍ଚ ୨୦୧୮ ସୁଦ୍ଧା ଏଥିରେ ୨୦.୪% ବୃଦ୍ଧି ଘଟିଛି। ସେହିପରି ୨୦୧୭ ମାର୍ଚ୍ଚ ସୁଦ୍ଧା ବଜାରରେ ୩୨୮.୫ କୋଟି ଟଙ୍କାର ୨୦୦୦ ଟଙ୍କିଆ ନୋଟ ଥିଲା। ଏହା ୨୦୧୮ ମାର୍ଚ୍ଚ ବେଳକୁ ହ୍ରାସ ପାଇ ୩୩୬.୩ କୋଟିରେ ପହଞ୍ଚିଛି।

“ରପ୍ତାନିକାରୀଙ୍କ ଲାଗି ସୁଧ ସବ୍‌ସିଡି ସୁବିଧା ଯୋଗୁ ରପ୍ତାନି କ୍ଷେତ୍ରକୁ ପ୍ରୋତ୍ସାହନ ମିଳିବା।
– ସୁରେଶ ପ୍ରଭୁ, ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ



“ଜୁଲାଇ ପହିଲାଠାରୁ ନୂଆ ପ୍ୟାକେଜିଂ ନିୟମକୁ ଅନୁପାଳନ କରିବାକୁ ଫୁଡ୍ ବିଜନେସରେ ଥିବା ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।
– ପୱନ ଅଗ୍ରୱାଲ, ସିଇଓ, ଏଫ୍ଏସ୍ଏସ୍ଏଆଇ



# ଫେରିବ ୧.୫ଲକ୍ଷ କୋଟି ଅନାଦାୟ ଋଣ

■ ୬୬ ମାମଲାରେ ଫେରିଛି ୮୦ ହଜାର କୋଟି
■ ୧୨ମାମଲାରୁ ଆସିବ ୭୦ ହଜାର କୋଟି
■ ଏନସିଏଲ୍‌ଟିକୁ ଆସିବା ପୂର୍ବରୁ ୪୪୫୨ ମାମଲାର ସମାଧାନ




**ନୂଆଦିଲ୍ଲୀ,୩-୧**

ନ୍ୟାଶନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଟି) ଚଳିତ ଆର୍ଥିକ ବର୍ଷରେ ଅଦ୍ୟାବଧି ୬୬ଟି ମାମଲାର ସମାଧାନ କରିବା କାରଣରୁ ବ୍ୟାଙ୍କଗୁଡିକର ଫଶିଥିବା ଋଣରୁ ୮୦ ହଜାର କୋଟି ଟଙ୍କା ଫେରିସାରିଛି। ମାର୍ଚ୍ଚ ସୁଦ୍ଧା ଆହୁରି ୭୦ ହଜାର କୋଟି ଟଙ୍କା ଫେରିବାର ଆଶାରହିଛି। ଏଭଳି ଦେଖିଲେ ମାର୍ଚ୍ଚ ସୁଦ୍ଧା ବ୍ୟାଙ୍କଗୁଡିକ ଫଶିଥିବା ଋଣରୁ ୧.୫ ଲକ୍ଷ କୋଟି ଟଙ୍କା ଫେରିପାଇବେ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଗୁରୁବାର ପ୍ରକାଶ କରିଛନ୍ତି। କଂଗ୍ରେସକୁ ଟାର୍ଗେଟ କରି ସେ କହିଛନ୍ତି ଯେ, କର୍ପୋରେଟ ଦେବାଳିଆ ମାମଲାଗୁଡିକର ସମାଧାନ ଲାଗି ଏହି ଦଳ ପୁରୁଣା ପ୍ରଣାଳୀକୁ ଉତ୍ତରାଧିକାର ସୂତ୍ରରେ ଛାଡି ଯାଇଥିଲେ। ତେବେ ଏନଡିଏ ସରକାର କ୍ଷମତାକୁ ଆସିବା ପରେ ଏନ୍‌ପିଏ ଆଦାୟ ଲାଗି ଦ୍ରୁତଗତିରେ କାର୍ଯ୍ୟାରମ୍ଭ କରିଥିଲା ଓ ଦେବାଳିଆ ଏବଂ ଋଣ ସମାଧାନ ଅକ୍ଷମତା ସଂହିତା (ଆଇବିସି) ଆଣିଲା। ସେ କହିଛନ୍ତି ଯେ, ଏନ୍‌ସିଏଲ୍‌ଟି କର୍ପୋରେଟ ବ୍ୟାଙ୍କରପ୍ସି ମାମଲାଗୁଡିକୁ ୨୦୧୬ ଶେଷାର୍ଦ୍ଧରେ ନେବାକୁ ଆରମ୍ଭ କରିଥିଲା ଓ ଅଦ୍ୟାବଧି ଏହା ୧୩୨୨ଟିର ଶୁଣାଣି କରିସାରିଛି। ଏହାଛଡ଼ା ୪୪୫୨ଟି ଏଭଳି ମାମଲା ରହିଛି ଯାହା ଏନ୍‌ସିଏଲ୍‌ଟିକୁ ଶୁଣାଣି ଲାଗି ଆସିବା ପୂର୍ବରୁ ସମାଧାନ ହୋଇସାରିଥିଲା। ସେହିପରି ୬୬ଟି ମାମଲାର ଶୁଣାଣି ପରେ ସମାଧାନ କରାଯାଇଛି। ୨୬୦ ମାମଲାରେ ସମ୍ପତ୍ତି ବିକ୍ରି କରି ଋଣ ଅସୁଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। 'ଦେବାଳିଆ ଏବଂ ଋଣ ସମାଧାନ ଅକ୍ଷମତା ସଂହିତାର ଦୁଇ ବର୍ଷ' ଶୀର୍ଷକରେ ନିଜର ଫେସ୍‌ବୁକ୍ ପୋଷ୍ଟରେ ଜେଟ୍‌ଲୀ ଲେଖିଛନ୍ତି ଯେ, ୬୬ଟି ମାମଲାର ସମାଧାନରୁ ୮୦ ହଜାର କୋଟି ଟଙ୍କାର ଏନ୍‌ପିଏ ମିଳିସାରିଛି। ଭୂଷଣ ପାୱାର ଆଣ୍ଡ ଷ୍ଟିଲ୍ ତଥା ଏସାର ଷ୍ଟିଲ୍ ଭଳି ୧୨ ଏଭଳି ବଡ଼ ମାମଲା ଚୂଡାନ୍ତ ପର୍ଯ୍ୟାୟରେ ରହିଥିବାରୁ ଏଗୁଡିକର ସମାଧାନ ଚଳିତ ଆର୍ଥିକ ବର୍ଷ ପୂର୍ଣ୍ଣ ହେବା ପୂର୍ବରୁ ହୋଇଯିବ ବୋଲି ଆଶାକରାଯାଉଛି। ଫଳରେ ବ୍ୟାଙ୍କଗୁଡିକ ଆହୁରି ୭୦ ହଜାର କୋଟି ଟଙ୍କା ପାଇଯିବେ। ସେ କହିଛନ୍ତି ଯେ, ଏନ୍‌ସିଏଲ୍‌ଟି ଉଚ୍ଚ ବିଶ୍ୱାସଯୋଗ୍ୟତାର ଏକ ମଞ୍ଚ ହୋଇଛି। କମ୍ପାନୀଗୁଡିକୁ ଦେବାଳିଆ ସ୍ଥିତିରେ ପହଞ୍ଚାଇଥିବା ମ୍ୟାନେଜମେଣ୍ଟମାନେ ବିଦା ହେଉଛନ୍ତି। ନୂଆ ମ୍ୟାନେଜମେଣ୍ଟର ଚୟନ ସଚ୍ଚୋଟ ତଥା ସ୍ୱଚ୍ଛ ପ୍ରକ୍ରିୟା ମାଧ୍ୟମରେ କରାଯାଉଛି। ଏହି ମାମଲାଗୁଡିକରେ କୌଣସି ପ୍ରକାର ରାଜନୈତିକ ଅଥବା ସରକାରଙ୍କ ପକ୍ଷରୁ ହସ୍ତକ୍ଷେପ ହେଉନାହିଁ। ୨୦୦୮ରୁ ୨୦୧୪ ମଧ୍ୟରେ ବ୍ୟାଙ୍କଗୁଡିକ ଆଖିବୁଜା ଋଣ ବାଣ୍ଟି ଚାଲିଥିଲେ, ଫଳସ୍ୱରୂପ ଏନ୍‌ପିଏ ପ୍ରତିଶତ ବହୁଗୁଣିତ ହୋଇଥିଲା। ରିଜର୍ଭ ବ୍ୟାଙ୍କ ସମ୍ପତ୍ତି ଗୁଣବତ୍ତା ଯାଞ୍ଚ କରିବା ପରେ ଏହି ତଥ୍ୟ ସାମ୍ନାକୁ ଆସିଥିଲା।

## ତନିଷ୍କ ପକ୍ଷରୁ ଗ୍ରେଟ୍ ଡାଇମଣ୍ଡ ସେଲ୍



**ଭୁବନେଶ୍ୱର,୩-୧**

ପ୍ରମୁଖ ଗହଣା ବ୍ରାଣ୍ଡ ତନିଷ୍କ ପକ୍ଷରୁ ଗ୍ରେଟ୍ ଡାଇମଣ୍ଡ ସେଲ୍ ଆରମ୍ଭ ହୋଇଛି। ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ ଶୋ'ରୁମରେ ଏହି ଅଫରକୁ ତନିଷ୍କର ଫ୍ରାଞ୍ଚାଇଜି ଓନର ମାନିକ ହଂସ ଏବଂ କମ୍ପାନୀର ଏବିଏମ୍ ସୁମିତ ଘୋଷ ଶୁଭାରମ୍ଭ କରିଥିଲେ। ଏହି ଅଫର ସୀମିତ ସମୟ ଲାଗି ରହିବ। ଏହି ସମୟରେ ଗ୍ରାହକମାନେ ହୀରା ଗହଣା ଉପରେ ୨୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। କମ୍ପାନୀ ଗ୍ରାହକଙ୍କ ଲାଗି ନୂଆ ଡିଜାଇନର ଗହଣା ଯୋଗାଉଥିବା ହଂସ ସୂଚନା ଦେଇଛନ୍ତି। କମ୍ପାନୀ ପକ୍ଷରୁ ଗ୍ରାହକମାନେ ପ୍ରିନ୍ କଲେକ୍ସନ, ରେଡ୍ କାର୍ପେଟ କଲେକ୍ସନ ଏବଂ ବିବାହ କଲେକ୍ସନ ପାଇପାରିବେ ବୋଲି ସେ କହିଛନ୍ତି।

# ମ୍ୟାଗି ମାମଲାର ଶୁଣାଣି ଉପରୁ କଟକଣା ହଟିଲା

**ଅଡୁଆରେ ନେସ୍‌ଲେ ଇଣ୍ଡିଆ**
■ ସୁପ୍ରିମକୋର୍ଟ ଦେଲେ ଅନୁମତି
■ ସିଏଫ୍‌ଟିଆର୍‌ଆଇ ରିପୋର୍ଟ ଆଧାରରେ ଚାଲିବ ଶୁଣାଣି
■ ମ୍ୟାଗିରେ ସିସା ଥିବା ନେଇ ଅଭିଯୋଗ ଆଣିଥିଲା କେନ୍ଦ୍ର

**ନୂଆଦିଲ୍ଲୀ,୩-୧**

ଘରେ ଘରେ ପ୍ରଚଳିତ ଫାଷ୍ଟଫୁଡ୍ କୁହାଯାଉଥିବା ମ୍ୟାଗିରେ ସିସା (ଲେଡ୍) ମିଶିଥିବା ଜଣାପଡିବା ପରେ କେନ୍ଦ୍ର ସରକାର ନେସ୍‌ଲେ ଇଣ୍ଡିଆ ବିରୋଧରେ ନ୍ୟାଶନାଲ କଞ୍ଜ୍ୟୁମର ଡିସ୍‌ପ୍ୟୁଟ୍ସ ରିଡ୍ରେସାଲ (ଏନ୍‌ସିଡିଆର୍‌ସି)ରେ ୨୦୧୫ରେ ଏକ ମାମଲା ଦାଏର କରିଥିଲେ। ତେବେ ଏହା ଉପରେ ସୁପ୍ରିମକୋର୍ଟ ରହିତାଦେଶ ଜାରି କରିଥିଲେ। ଗୁରୁବାର ସର୍ବୋଚ୍ଚ ଅଦାଲତ ଏହାକୁ ପ୍ରତ୍ୟାହାର କରିନେଇଛନ୍ତି। ଏନ୍‌ସିଡିଆର୍‌ସିରେ ମାମଲାର ପୁନଃ ଶୁଣାଣି କରିବାକୁ ଗୁରୁବାର ସୁପ୍ରିମ୍‌କୋର୍ଟ ଅନୁମତି ଦେଇଛନ୍ତି। ସୂଚନାଥାଉ କି, ନେସ୍‌ଲେ ବିରୋଧରେ ଏନ୍‌ସିଡିଆର୍‌ସିରେ ଚାଲିଥିବା ଶୁଣାଣି ଉପରେ ସର୍ବୋଚ୍ଚ ଅଦାଲତ ରହିତାଦେଶ ଜାରି କରି ସେଣ୍ଟ୍ରାଲ ଫୁଡ୍ ଟେକ୍ନୋଲୋଜିକାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍, ମହିଶୂର ବା ସିଏଫ୍‌ଟିଆର୍‌ଆଇକୁ ମ୍ୟାଗିର ପରୀକ୍ଷା ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏବେ ଏହି ରିପୋର୍ଟ ମିଳିଛି। ଏହାକୁ ଆଧାର କରି ନେସ୍‌ଲେ ପକ୍ଷରୁ ବରିଷ୍ଠ ଓକିଲ ଅଭିଷେକ ମନୁ ସିଂଘଭି ମ୍ୟାଗିରେ ସିସାର ପରିମାଣ ସୀମା ଭିତରେ ରହିଛି ବୋଲି ଦର୍ଶାଇଥିଲେ। ତେବେ ବିଚାରପତି ଡି.ୱାଇ ଚନ୍ଦ୍ରଚୂଡ଼ ଓ ବିଚାରପତି ହେମନ୍ତ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏଭଳି ମ୍ୟାଗି କାହିଁକି ଲୋକେ ଖାଇବେ ବୋଲି ପ୍ରଶ୍ନ କରିଥିଲେ। ଏନ୍‌ସିଡିଆର୍‌ସିଙ୍କ କ୍ଷମତାକୁ ସର୍ବୋଚ୍ଚ ଅଦାଲତ ନିଜ ହାତକୁ ନେବାକୁ ଚାହାନ୍ତି ନାହିଁ ଦର୍ଶାଇ ଖଣ୍ଡପୀଠ ଏହି ମାମଲାର ପୁନଃଶୁଣାଣି ସେଠାରେ ଆରମ୍ଭ କରିବାକୁ ଅନୁମତି ପ୍ରଦାନ କରିଛନ୍ତି। ସିଏଫ୍‌ଟିଆର୍‌ଆଇ ରିପୋର୍ଟକୁ ଆଧାର ଭାବେ ଗ୍ରହଣ କରି ପୁନଃ ଶୁଣାଣି କରାଯିବ ବୋଲି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

## ରାଜ୍ୟର ୧୯ ଡାକଘରେ ମିଳିବ ପାସ୍‌ପୋର୍ଟ ସେବା

Passport Seva
Service Excellence

**ଭୁବନେଶ୍ୱର,୩-୧**

ରାଜ୍ୟରେ ଲୋକମାନଙ୍କ ନିକଟରେ ପାସ୍‌ପୋର୍ଟ ସେବା ଉପଲବ୍ଧ କରାଇବା ପାଇଁ କେନ୍ଦ୍ର ସରକାର ଡାକଘରଗୁଡ଼ିକରେ ପାସ୍‌ପୋର୍ଟ ସେବା କେନ୍ଦ୍ର ସ୍ଥାପନ କରିଛନ୍ତି। ରାଜ୍ୟରେ ୨୦୧୩ରେ ପ୍ରାୟ ୮୦ ହଜାର ପାସ୍‌ପୋର୍ଟ ପ୍ରଦାନ କରାଯାଇଥିଲା। ୨୦୧୭ରେ ୧,୨୪,୬୧୬ ପାସ୍‌ପୋର୍ଟ ପ୍ରଦାନ କରାଯାଇଥିବା ବେଳେ ୨୦୧୮ରେ ଏହା ୧.୨୩ ଲକ୍ଷ ରହିଛି। ଗତ ବର୍ଷ ଡାକଘରେ ୨୯,୦୬୭ ପାସ୍‌ପୋର୍ଟ ଜାରି କରାଯାଇଥିବା ଭୁବନେଶ୍ୱରସ୍ଥିତ ପାସ୍‌ପୋର୍ଟ କାର୍ଯ୍ୟାଳୟର ଆଞ୍ଚଳିକ ପାସ୍‌ପୋର୍ଟ ଅଧିକାରୀ ସୁଧାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି। ରାଜ୍ୟରେ ବର୍ତ୍ତମାନ ଭବାନିପାଟଣା, ସମ୍ବଲପୁର, ରାଉରକେଲା, ବ୍ରହ୍ମପୁର, ବାଲେଶ୍ୱର, ବାରିପଦାଠାରେ ପାସ୍‌ପୋର୍ଟ ସେବା କେନ୍ଦ୍ର ମାନ ସ୍ଥାପନ ହୋଇଛି। ଭଦ୍ରକ, କଟକ, ଯାଜପୁର, ଆସ୍କା, କେନ୍ଦୁଝର ଏବଂ ଢେଙ୍କାନାଳରେ ଶନିବାର ନୂଆ ପାସ୍‌ପୋର୍ଟ ସେବା କେନ୍ଦ୍ର ଖୋଲିବ। ସେହିଭଳି ଚଳିତ ମାସ ୧୬ରେ ଫୁଲବାଣୀ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡା, ବରଗଡ, ବଲାଙ୍ଗୀରକୁ ମିଶାଇ ମୋଟି ୧୯ଟି ସ୍ଥାନରେ ସେବା ଉପଲବ୍ଧ ହେବ।

## ବଲାଙ୍ଗୀର-ଭଇଁଷାପାଲୀ ଟ୍ରେନ୍ ଚଳାଚଳ ଖୁବ୍‌ଶୀଘ୍ର

**ଭୁବନେଶ୍ୱର,୩-୧**




ଖୋର୍ଦ୍ଧା-ବଲାଙ୍ଗୀର ରେଳ ଲାଇନର ବଲାଙ୍ଗୀର ପଟୁ ଭଇଁଷାପାଲୀ ଯାଏ ୧୫ କିମି ମଧ୍ୟରେ ଚଳିତ ମାସ ୧୬ରେ ରେଳ ଚଳାଚଳ ଶୁଭାରମ୍ଭ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବଲାଙ୍ଗୀର ଗସ୍ତ ବେଳେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ଗୁରୁବାର କୁହାଯାଇଛି। ସେହିଭଳି ପୂର୍ବତଟ ରେଳପଥ ଯାତ୍ରୀ ନିରାପତ୍ତାକୁ ଗୁରୁତ୍ୱ ପ୍ରଦାନ ପୂର୍ବକ ଏହାର ପରିସରରେ ଆସୁଥିବା ସମସ୍ତ ମାନବ ବିହୀନ ରେଳ କ୍ରସିଂଗୁଡ଼ିକୁ ହଟାଇଛି। ଏହି ଲେଭଲକ୍ରସିଂଗୁଡ଼ିକୁ ପ୍ରହରୀଯୁକ୍ତ କରାଯାଇଛି। ଏହା ଫଳରେ ଏଥି ଜନିତ ଦୁର୍ଘଟଣା ପ୍ରାୟ ୭୦% ହ୍ରାସ ପାଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି। ଲେଭଲକ୍ରସିଂଗୁଡ଼ିକୁ ସିଗ୍ନାଲ ସହ ଇଣ୍ଟରଲକିଂ ହୋଇଛି। ଗେଟ୍ ପଡି ନ ଥିଲେ ଉକ୍ତ କ୍ଷେତ୍ରରେ ଲୋକଙ୍କୁ ସିଗ୍ନାଲ ସୂଚନା ମିଳିବ। ଗତ ପାଞ୍ଚ ବର୍ଷରେ ପୂର୍ବତଟ ରେଳପଥ ପକ୍ଷରୁ ୫୦୦ରୁ ଉର୍ଦ୍ଧ୍ୱ ମାନବବିହୀନ ଲେଭଲକ୍ରସିଂକୁ ହଟାଯାଇଛି। କେତେକରେ ଜଗୁଆଳୀଙ୍କୁ ନିଯୁକ୍ତ କରାଯାଇଛି। ଅନ୍ୟ କିଛିକୁ ଲିମିଟେଡ୍ ହାଇଟ୍ ସବ୍‌ୱେ ଦ୍ୱାରା ସଂଯୋଗ କରାଯାଇଛି। ବର୍ତ୍ତମାନ ପୂର୍ବତଟ ରେଳପଥ ଅଧୀନରେ ୭୦୦ରୁ ଉର୍ଦ୍ଧ୍ୱ ଜଗୁଆଳୀ ଥିବା ଲେଭଲ କ୍ରସିଂ ରହିଛି।

# ଜିଏସ୍‌ଟି ଇନ୍‌ପୁଟ କ୍ରେଡିଟ ଦାବି ଅବଧି ବଢ଼ିଲା

**ନୂଆଦିଲ୍ଲୀ,୩-୧**

ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି)ର ପ୍ରଥମବର୍ଷ ୨୦୧୭-୧୮ ପାଇଁ ଇନପୁଟ ଟ୍ୟାକ୍ସ କ୍ରେଡିଟ(ଆଇଟିସି)ର ଦାବି ସମୟସୀମାକୁ ଚଳିତ ବର୍ଷ ମାର୍ଚ୍ଚ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ତେବେ ଯୋଗାଣକାରୀଙ୍କ ଦ୍ୱାରା ଦାଖଲ ରିଟର୍ନ ସହ ସେମାନଙ୍କର ଦାବି ମେଳ ଖାଇବା ଆବଶ୍ୟକ ବୋଲି କେନ୍ଦ୍ର ସରକାର ସର୍ତ୍ତ ରଖିଛନ୍ତି। ଜୁଲାଇ ୨୦୧୭ରୁ ମାର୍ଚ୍ଚ ୨୦୧୮ ପର୍ଯ୍ୟନ୍ତ ପ୍ରଥମ ବର୍ଷ ଲାଗି ଇନପୁଟ କ୍ରେଡିଟ୍ ଦାବି କରିବାର ସମୟସୀମା ଗତ ବର୍ଷ ଅକ୍ଟୋବର ୨୫ରେ ଶେଷ ହୋଇଯାଇଛି। କେନ୍ଦ୍ରୀୟ ଅପ୍ରତ୍ୟକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ (ସିବିଆଇସି) ଏକ ଗେଜେଟ ନୋଟିଫିକେଶନ ଜାରି କରି ସମୟସୀମା ବୃଦ୍ଧି କରିଛି। ଏଥିସହିତ ଉକ୍ତ ସମୟରେ ଦାଖଲ ଚୂଡାନ୍ତ ବିକ୍ରି ରିଟର୍ନ ଅଥବା ଜିଏସ୍‌ଟିଆର୍-୧ରେ କୌଣସି ତ୍ରୁଟି ରହିଯାଇଥିଲେ ବା ଭୁଲ୍ ଭାବେ ଉପସ୍ଥାପନ କରାଯାଇଥିଲେ ଏହାକୁ ଠିକ୍ କରିବାକୁ ସିବିଆଇସି ଅନୁମତି ଦେଇଛି।

## ଉତ୍ପାଦନ କ୍ଷେତ୍ରରେ ସେଲ୍‌ର ୬୦ ବର୍ଷ ପୂର୍ତ୍ତି

**ଭୁବନେଶ୍ୱର,୩-୧**

ରାଷ୍ଟ୍ରାୟତ୍ତ ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ(ସେଲ୍)ଏହାର ଉତ୍ପାଦନର ୬୦ ବର୍ଷ ପୂର୍ତ୍ତି ପାଳନ କରିଛି। ନୂଆଦିଲ୍ଲୀର ହାବିଟାଟ ସେଣ୍ଟରଠାରେ ଇସ୍ପାତ ମନ୍ତ୍ରୀ ଚୌଧରି ବୀରେନ୍ଦର ସିଂ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆଧୁନିକ ଭାରତ ଗଠନ ଦିଗରେ ସେଲ୍‌ର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ଚୌଧରୀ ପ୍ରଶଂସା କରିଥିଲେ। ରେଳ, ପ୍ରତିରକ୍ଷା, ଜଳ ବିଦ୍ୟୁତ, ସ୍ପେଶ, ଭିତ୍ତିଭୂମି ପ୍ରକଳ୍ପକୁ ଏହା ଯୋଗଦାନ ରଖିଥିବା ଚୌଧରୀ କହିଛନ୍ତି। ସେହିଭଳି ମେକ୍‌ଇନ୍ ଇଣ୍ଡିଆ ଏବଂ ସ୍କିଲ ଇଣ୍ଡିଆରେ ସେଲ ନିଜର ଭାଗୀଦାରି ରଖିଥିବା ସେ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଇସ୍ପାତ ରାଷ୍ଟ୍ର ମନ୍ତ୍ରୀ ବିଷ୍ଣୁ ଦେଓ ସାଇ, ଇସ୍ପାତ ସଚିବ ବିନୟ କୁମାର,ସେଲ ଅଧ୍ୟକ୍ଷ ଅନୀଲ କୁମାର ଚୌଧରୀ ଏବଂ କମ୍ପାନୀର ଅନ୍ୟାନ୍ୟ ଅଧିକାରୀ, କର୍ମଚାରୀ ତଥା ଅଂଶୀଦାର ମାନେ ଉପସ୍ଥିତ ଥିଲେ।


**CORRIGENDUM**

**Notice No.96/03.01.2019**

The Tender Call Notice published vide Tender Call Notice No.3749 and 3750 dtd.15.12.2018 for supply of working tools, Safety Equipments Kit & Bi-cycle is extended as detailed below.

| | |
| --- | --- |
| Sale of tender paper | dt.17.12.2018 to 17.01.2019 upto 1 PM |
| Submission of tender paper | dt.17.12.2018 to 18.01.2019 upto 1 PM |
| Opening of tender paper | dt.19.01.2019 at 10 AM |

The other terms and conditions of the Tender Call Notice remain unchanged and the details of tender are available in the District Website of **www.malkangiri.nic.in** & Office Notice Board.

**Sd./- District Labour Officer, Malkangiri**

**GOVT OF ODISHA**
**OFFICE OF THE EXECUTIVE ENGINEER, MINOR IRRIGATION DIVISION, GAJAPATI**
**AT/PO: PARALAKHEMUNDI, DIST: GAJAPATI**
PHONE NO: 06815-222365, e-mail- eemi_gajapati@yahoo.co.in

**e-Procurement Notice No. 3506 Date. 28/12/2018**
BID IDENTIFICATION NO. MIDGJP-08/2018-19

**No. 1051-A:-** The Executive Engineer, Minor Irrigation Division, Paralakhemundi on behalf of Governor of Odisha invites Percentage Rate bid in Single Cover System in ONLINE MODE for the construction of following works as detailed in the Detailed Tender Call Notice (D.T.C.N) from the eligible class of contractors.

1. Name of the work : Improvement to MIPs and Check dams
2. No of works: 7 Nos. ( Seven)
3. Estimated cost: Varies approximately from Rs.4.35 Lakhs to Rs. 21.94 Lakhs.
4. Period of completion: Varies from 3 (Three ) calendar months to 4 (Four) calendar months
5. Date and time of availability of bid documents in the portal: from 10.00 Hours of 12.01.2019 to 17.00 Hours of 20.01.2019.
6. Last date/ time for receipt of bids in the portal: 17.00 Hours of 20.01.2019.
7. Date of opening of Bid: 11.00 Hours on 27.01.2019.
8. Original documents to be submitted in sealed box ID No. MIDGJP-08 /2018-19 From 21.01.2019 at 10.00 AM to 25.01.2019 upto 5.00 PM.
9. Name and address of the Officer inviting Bid: Executive Engineer, Minor Irrigation Division, Gajapati, At/Po- Paralakhemundi, Dist- Gajapati. PIN-761200

Further details can be seen from the e-procurement portal https://tendersodisha.gov.in.

32013/11/0012/1819
*Sd./- Er.P.K.Rout, Executive Engineer*
*MI Division, Gajapati, Paralakhemundi*

OFFICE OF THE
**MUNICIPAL COUNICL, BELPAHAR**
**TENDER CALL NOTICE**

TENDER CALL NOTICE No.3 Dt.01.01.2019

Sealed tenders in detail schedule of quantities are invited percentage rate basis through offline mode from the eligible valid contractors registered with the ULBs/State Govt. / Central Govt. MES / Railways and contractors of equivalent grade for different development works.

| | |
| --- | --- |
| Nature of the work | **Individual civil construction & water supply works** |
| No. of works | **21 Nos.** |
| Estimated cost | **Varies from Rs.58,600.00 to Rs.1,95,000.00** |
| Period of completion | **1 calendar month** |
| Date & time of availabililty of the tender paper in the office of the Belpahar Municipality | **From dt.07.01.2019 at 10.00 AM to dt.16.01.2019 upto 5.00 PM** |
| Date & time for receipt of tender paper in the specified tender box | **Dt.17.01.2019 from 10.00 AM to 1.00 PM** |
| Tender documents shall be opened on | **4.00 PM on dt.17.01.2019** |
| Name & address of the officer inviting tender | **Executive Officer, Belpahar Municipality** |

Further details can be seen in the Notice Board, Office of the Belpahar Municipality, Belpahar.

**Sd./- Executive Officer, Belpahar Municipality**

**OFFICE OF THE COLLECTOR & DISTRICT MAGISTRATE, NUAPADA, DIST.: NUAPADA**
(SSD Section)

Letter No.13 Dt.02.01.2019

**ADVERTISEMENT**

Odisha Model Tribal Education Society (OMTES) supported by the ST & SC Development Deptt. invites fresh application from interested and eligible candidates for the following posts at EMRS, Nuapada. The posts are purely contractual in nature. The detail TOR of the posts and the application form can be obtained from the O/o the DWO, Nuapada/Dist- website (**www.nuapada.nic.in**) and OMTES **www.omtes.org**.

| Sl. No. | Name of the Posts | No. of vacancies & category |
| --- | --- | --- |
| 1 | **PGT (Physics)** | 01 (Un-reserved) |
| 2 | **PGT (Odiya)** | 01 (Un-reserved) |
| 3 | **PGT (Mathematics)** | 01 (Un-reserved) |
| 4 | **PGT (Botany)** | 01 (Un-reserved) |

The application form is to be submitted to the District Welfare Officer, Nuapada on or before **18.01.2019**. The application can be submittted by post or in person to the office of the District Welfare Officer, Nuapada.

**Sd./- Collector, Nuapada**

**ODISHA STATE CIVIL SUPPLIES CORPORATION LIMITED, DHENKANAL**

No. 41 Date: 03.01.19

**OFFICE QUOTATION / TENDER CALL NOTICE**

Sealed quotations / tenders are invited from interested reputed Travel Agencies / Tour Operators or private individuals for providing 1 (One) no. of vehicle in the model BOLERO having sitting capacity more than five including driver, which shall confirm to the terms and conditions (Annexure-II) for officials use in the office of the CSO-cum-District Manager, Dhenkanal OSCSC Ltd. on monthly basis:

1. The vehicle must be in road worthy condition, shall not be more than 3 years old from the date of initial registration and must have valid registration certificate, insurance certificate, fitness certificate, valid contract carriage permit, proof of upto date tax payment etc., which are mandatory for plying of vehicle.
2. The driver of vehicle must have a valid driving license for driving light transport passenger vehicle and should be sufficiently experienced in driving transport vehicle.
3. The driver should be well behaved, gentle and obedient in nature.
4. A sum of Rs. 5000/- shall be deposited by the intending bidders in shape of account payee Bank Draft drawn in favour of the CSO-cum-District Manager, Dhenkanal OSCSC Ltd. and submitted along with the tender as security deposit. After completion of tender process, the amount will be refundable to unsuccessful bidders.
5. The monthly rate of hire charge be quoted separately in the general bid information (excluding fuel & lubricants).
6. The vehicle must achieve a fuel efficiency of 10 Kms per litre.
7. The details of the make and year of manufacture of the vehicle, registration no., mileage (Kms covered per litre) and name of the driver with Driving License No. and period of validity should be specifically provided in the general bid information to be furnished with the Quotation / Tender (Annexure-III).
8. The quotation completed in all respect should reach the undersigned on or before 15.01.2019 by 2.30PM through Regd. Post / Speed Post only and shall be opened on the same day at 4.00PM in presence of the bidders or their authorized representatives.
9. The application form of quotation / tender containing General Bid information & Term and conditions for Hiring of Vehicles etc. will be available in the District Portal i.e. www.dhenkanal.nic.in, which can be downloaded & submitted with a demand draft of Rs. 100/- in favour of District Manager, OSCSC Ltd., Dhenkanal towards the cost of the application form.

*Sd./- CSO-cum-District Manager, Dhenkanal*

**Food Corporation of India, Regional Office, Bhubaneswar**

Cont. 14 (12)/2018/Phulbani Date : 03.01.2019

**INVITATION FOR E-TENDER**

On behalf of FCI, Odisha Region online tenders are invited from eligible tenderer for appointment of regular Handling Contractor(s) for handling of food grains at **FSD, Phulbani** for a period of two years. The tender documents containing detailed terms and conditions can be obtained from **https://eprocure.gov.in / eprocure/app** or FCI website : **www.fci.gov.in.**

GENERAL MANAGER (ODISHA)

**ODISHA CO-OPERATIVE TASAR & SILK FEDERATION LTD., (SERIFED)**
Sahid Nagar, Janpath, Bhubaneswar-751007
**Tel.:** (0674)- 2545586, 2545852, **Email:** serifedodisha@gmail.com

No-VI-29(17)SERIFED/2018-19/04 Date: 03.01.2019

**TENDER CALL NOTICE**

Sealed tenders are invited from the registered contractors for the Establishment of Weaving Cum Stitching Unit on 1st & 2nd floor of Existing Tasar Godown at Bhagamunda TRCS, Bhagamunda, Keonjhar as follows. **(1) Tender Value : Rs.36,96,810/-** (Excluding GST). **(2) Cost of Tender Paper :** Rs.6,000/- (Non-refundable). **(3) E.M.D. : Rs.37,000/-. (4) Class of Contractor :** "C" & "B" Class. **(5) Date & Time of availability of Tender Paper :** Office of **SERIFED**. (up to 18.01.2019, 10:00 A.M. to 5:00 P.M.). Website 11:00 A.M. on Dt.05.01.2019. **(6) Last date of submission of tender :** up to 1:00 P.M.. Dt.19.01.2019 **(7) Opening of Tender :** 3:00 P.M. on Dt.19.01.2019. For details of tender document, Terms & Conditions and further corrigenda, please visit Serifed own website **www.serifed.in**.

Sd/- **MANAGING DIRECTOR**

**GOVT. OF ODISHA** 1066-A
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER, BAISINGA CANAL DIVISION, AT/PO- LAXMIPOSI, DIST.- MAYURBHANJ**
Email ID: eejcdlax@rediffmail.com

**QUOTATION CALL NOTICE NO. 13/2018-19**

| | |
| --- | --- |
| Name of the Work | : 2 (Two) Nos. of Supply of Electrical Materials with execution of work. |
| Estimated Cost | : Rs. 2.85 Lakh to 3.43 Lakh |
| Period of Completion | : 10 days |
| Date & time of availablity of bid document in the office O.I.T. | : From 07.01.2019 to 16.01.2019 during office hour. |
| Last date / time for receipt of bids in the office of O.I.T. | : 17.01.2019 upto 3.30PM |
| Date of opening of Bid | : Dt. 17.01.2019 at 4.00PM |
| Name and Address of the O.I.T. | : Executive Engineer, baisinga Canal Division, Laxmiposi |

32281/11/0030/1819
*Sd./- Executive Engineer*
*Baisinga Canal Division, Laxmiposi*

# ଇଣ୍ଡିଆ ବ୍ଲୁ'କୁ ଜିତାଇଲେ ରୀମାଲକ୍ଷ୍ମୀ

**କଟକ ଅଫିସ,୩।୧**

ଓଡ଼ିଶା ମହିଳା କ୍ରିକେଟ୍‌ର ପ୍ରତିଭାବାନ୍ ଖେଳାଳି ରୀମାଲକ୍ଷ୍ମୀ ଏକ୍କାଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ଇଣ୍ଡିଆ ବ୍ଲୁ ଦଳ ୧ ଉଇକେଟରେ ଇଣ୍ଡିଆ ରେଡ୍‌କୁ ପରାସ୍ତ କରିଛି। ଆନ୍ଧ୍ରପ୍ରଦେଶର ବିଜୟୱାଡାସ୍ଥିତ ମୁଲାପଦୁ କ୍ରିକେଟ ଷ୍ଟାଡିୟମ୍‌ରେ ଗୁରୁବାର ସିନିୟର ମହିଳା ଚ୍ୟାଲେଞ୍ଜର ଟ୍ରଫି ଏକଦିବସୀୟ ଲିଗ୍ ଆରମ୍ଭ ହୋଇଛି। ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍ ରୋମାଞ୍ଚକର ପରିସ୍ଥିତିରେ ଶେଷ ହୋଇଥିବା ବେଳେ ବ୍ଲୁ ଦଳର ବିଜୟ ପଛରେ ରୀମାଲକ୍ଷ୍ମୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା। ଓଡ଼ିଶାର ଏହି ପେସ୍ ବୋଲର ୨ଟି ଉଇକେଟ ଦଖଲ କରିବା ସହ ୨୯ ରନ୍‌ର ମ୍ୟାଚ୍



ବିଜୟୀ ଇନିଂସ୍ ମଧ୍ୟ ଖେଳିଥିଲେ। ଶିଖା ପାଣ୍ଡେଙ୍କ ନେତୃତ୍ୱାଧୀନ ଇଣ୍ଡିଆ ରେଡ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ବେଦ କ୍ରିଷ୍ଣମୂର୍ତ୍ତିଙ୍କ ୨୭, ହରଲିନ ଦେଓଲଙ୍କ ୨୦, ରାଧା ଯାଦବଙ୍କ ୨୧ ଏବଂ ଏନ୍. ଅନୁଷାଙ୍କ ୧୮ରନ୍ ସହାୟତାରେ ଦଳ ୧୨୯ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ବ୍ଲୁ ପକ୍ଷରୁ ୭ ଓଭର ବୋଲିଂ କରିଥିବା ରୀମାଲକ୍ଷ୍ମୀ ୨୬ ରନ୍ ବିନିମୟରେ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଏହା ମଧ୍ୟରେ ଓପ୍‌ନର ଅନୁଷା ଓ ୩ନଂ ବ୍ୟାଟିଂ କ୍ରମର ଖେଳାଳି ହରଲିନଙ୍କ ଉଇକେଟ ଅନ୍ତର୍ଭୁକ୍ତ ଥିଲା। ଏହାଛଡ଼ା ତନୁଜା କନ୍‌ୱର ମଧ୍ୟ ୨ଟି ଉଇକେଟ ଅକ୍ତିଆର କରିଥିଲେ। ବିଜୟ ଲକ୍ଷ୍ୟ ୧୩୦ ରନ୍ ଥିଲେ ମଧ୍ୟ ୨୪ ରନ୍‌ରେ ପୁନମ ରାଉତଙ୍କ ନେତୃତ୍ୱାଧୀନ ବ୍ଲୁ ଦଳ ୮ଟି ଉଇକେଟ ହରାଇ ନିଶ୍ଚିତ ପରାଜୟ ଦିଗରେ ଅଗ୍ରସର ହେଉଥିଲା। ମାତ୍ର ଏମ୍. ଦକ୍ଷିଣୀଙ୍କ ଅପରାଜିତ ୪୯ ଓ ୧୦ନଂ ବ୍ୟାଟିଂ କ୍ରମରେ କ୍ରିଜ୍‌କୁ ଆସିଥିବା ରୀମାଲକ୍ଷ୍ମୀଙ୍କ ୨୯ ରନ୍ ବଳରେ ବ୍ଲୁ ଏହି ମ୍ୟାଚ୍‌କୁ ଜିତିଥିଲା। ରୀମାଲକ୍ଷ୍ମୀ ୪୩ଟି ବଲରୁ ୩ଟି ଚୌକା ଓ ଗୋଟିଏ ଛକା ସହାୟତାରେ ଏହି ଇନିଂସ ଖେଳିଥିଲେ। ସୂଚନାଥାଉ କି, ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ୨ ଖେଳାଳି ସାମିଲ ହୋଇଛନ୍ତି। ଇଣ୍ଡିଆ ବ୍ଲୁ ପକ୍ଷରୁ ରୀମାଲକ୍ଷ୍ମୀ ଏକ୍କା ଓ ଇଣ୍ଡିଆ ଗ୍ରୀନ୍ ପକ୍ଷରୁ ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରତିନିଧିତ୍ୱ କରୁଛନ୍ତି।


## DISTRICT RURAL DEVELOPMENT AGENCY, BALASORE
**Odisha Livelihoods Mission, DMMU**

Letter No.04/19 File No.V-03 Date: 03.01.2019

**QUOTATION CALL NOTICE**

Sealed quotations are invited from the registered Printing Press / Printing Agencies for printing of SHG transaction based MIS format under OLM, Balasore. The last date for submission of quotation is 5.00 PM on **18.01.2019**. Quotation / tender documents and other details can be downloaded from **www.baleswar.nic.in**.

**Sd./- Project Director**
**DRDA, Balasore**



## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖଜୁରିପଡ଼ା - ୭୬୨୦୧୨
ପଞ୍ଚାୟତିରାଜ ବିଭାଗ, ଓଡ଼ିଶା ସରକାର
PANCHAYAT SAMITI OFFICE, KHAJURIPADA
Tel. (06842) 251527, E-mail: ori-khajuripada@nic.in
**PANCHAYATIRAJ AND DRINKING WATER DEPARTMENT**
**GOVERNMENT OF ODISHA**

No.29 Date: 02.01.19

**CORRIGENDUM**

In partial modification of this office Tender Call Notice No.5429 dated 21.12.2018, the project namely Construction of culvert on road from Danga to Sikadi, GP Billabadi under the scheme BKGY for the year 2012-13, the 1% EMD in Rs. at column No.5 may be read as Rs.13201.00 instead of Rs.1321.00.

**Sd./- Block Development Officer, Khajuripada**



## GOVERNMENT OF ODISHA
## OFFICE OF THE SUPERINTENDING ENGINEER SOUTHERN (R&B) CIRCLE, BERHAMPUR
Phone : 0680-2281582, e-mail : sescpwd@yahoo.co.in

**INVITATIONS FOR BIDS (IFB) [e-Procurement]**

**Bid Identification No. S.E, S.C (R&B)-BAM-18/2018-19**
No. 4754 Dated : 31.12.2018

1) The Superintending Engineer, Southern (R&B) Circle, Berhampur on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Building work as detailed in the table below.
2) Nature of work : Building work
3) No. of work : 01 No.
4) Tender Cost : Rs.10,000/- (online)
5) Class of Contractor : "B" & "A" Class
6) Availability of Bid document in the website : From 10.1.2019, 10.00 AM to 24.1.2019, 4.00 PM
7) Date of Opening of Bid : 25.01.2019, at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in.
9) Any addendum / corrigendum / cancellation of tender can also be seen in the said website only.

No.1092-B

**Sd./- Superintending Engineer**
34103/11/0047/1819 **Southern (R&B) Circle, Berhampur**



## GOVERNMENT OF ODISHA
**Office of the Executive Engineer, Berhampur Irrigation Division, Berhampur** 1045-A
Phone/FAX No. 0680-2281983, Email: eebam_irr@yahoo.com

**e-Procurement Notice No. e-BEID-3/2018-19**

1. Name of the Scheme : Flood Restoration works and Canal, Flood, Saline Embankment & road works for the year 2019-20.
2. Total No. of Works : 62 (Sixty Two) Nos. of individual works.
3. Estimated Cost : Varies from Rs.6.24 Lakhs to Rs. 26.76 Lakhs
4. Period of Completion : Two to Three months
5. Other details as follows :

| Sl. No. | Procurement Officer | Bid Identification No. | Period of availability of Bids online | Period of submission of Bids online | Date and Place of opening of Bids online |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 to 62 | Executive Engineer, Berhampur Irrigation Division, Berhampur | e-BEID-39 /2018-19 to e-BEID-100 /2018-19 | From 09.01.2019 (10.00AM) to 18.01.2019 (5.00PM) | From 09.01.2019 (10.00AM) to 18.01.2019 (5.00PM) | 19.01.2019 (11.30AM) in the Office of the Executive Engineer, Berhampur Irrigation Division |

Bidders are to participate in online bidding only. Further details can be seen from the Govt. of Odisha e-Procurement website www.tendersorissa.gov.in. Any addendum / corrigendum / cancellation of the tender can be seen in the above website only.

32025/11/0005/1819 *Executive Engineer, Berhampur Irrigation Division*



## GOVERNMENT OF ODISHA
## OFFICE OF THE EXECUTIVE ENGINEER, GANJAM [R&B] DIVISION NO.I, BERHAMPUR
Phone/Fax : (0680) 2233683, e-mail : eernb1_bam@yahoo.com

**INVITATIONS FOR BIDS (IFB) [e-Procurement]**

**Bid Identification No. E.E. (R&B)-BAM- 71/2018-19**
**No. 14124** **Dated : 28.12.2018**

No.1088-B: The Executive Engineer, Ganjam (R&B) Division No. I, Berhampur on behalf of Governor of Odisha invites percentage rate bid in double cover system in ONLINE MODE for construction of works detailed below from eligible contractors.

1. Nature of work : Building Work
2. No. of works : 1 (One) No.
3. Tender Cost : 10,000/-
4. Class of Contractor : "B" Class and "A" Class
5. Date & Time of sale & receipt of Bids : From 08.01.2019, 10.00 AM to 18.01.2019 up to 4.00 PM
6. Date of opening of bid : 19.01.2019 at 11.30 A.M.
7. The Bidders have to participate in ONLINE bidding only. Further details can be seen from the website **http://tendersodisha.gov.in**.

**Sd./- Executive Engineer**
34109/11/0027/1819 **Ganjam(R&B) Division No.I, Berhampur**



## BERHAMPUR MUNICIPAL CORPORATION, GANJAM
No.400-C

**INVITATIONS FOR BIDS (IFB)**

**L. No. 20201** **Date : 28.12.2018**

**National Competetive Bidding Through e-Procurement**
**Bid Identification No. BMC (BAM) 185/2018-19**

| | | | |
|---|---|---|---|
| 1. | The Municipal Commissioner, Berhampur, invites percentage rate bids in ONLINE MODE only as per annexure "A" | | |
| 2. | Nature of Work | : | Civil, Tank, Building, Entrance gate Works. |
| 3. | No. of Work | : | 1 No. |
| 4. | Bid Cost. | : | The Bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5. | EMD | : | The bidder shall remit online the Earnest Money Deposit / Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha as per Annexure "A" |
| 6. | Classs of Contractor | : | As per the Annexure "A" |
| 7. | Availability of Bid Documents in the website | : | From 15.05 hrs of Dt. 04.01.2019 to 17.00 hrs of 25.01.2019 |
| 8. | Date & Time of Opening of Technical Bids | : | 11.30 hrs. onwards on Dt. 28.01.2019 |
| 9 | Date & time of opening of financial bids | : | Shall be intimated to the responsive Technically qualified bidder after evolution of Technical bids |
| 10 | Mode of submission of tender | : | Tender should be submitted on line in www.tendersorissa.gov.in |
| 11 | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

**Sd./- Commissioner, Berhampur Municipal Corporation, Berhampur, Odisha**
13035/11/0182/1819



## BERHAMPUR MUNICIPAL CORPORATION, GANJAM
No.398-C

**INVITATIONS FOR BIDS (IFB)**

**No. 22/XVIII. E6.12/18** **Date : 02.01.2019**

**Invitation for Bids**
**Bid Identification No. BMC (BAM) 186/2018-19**

| | | | |
|---|---|---|---|
| 1. | The Municipal Commissioner, Berhampur, invites percentage rate bids in ONLINE MODE only as per annexure "A" | | |
| 2. | Nature of Work | : | Electrical Works. |
| 3. | No. of Work | : | 4 Nos |
| 4. | Bid Cost. | : | The Bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5. | EMD | : | The bidder shall remit online the Earnest Money Deposit / Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha as per Annexure "A" |
| 6. | Classs of Contractor | : | As per the Annexure "A" |
| 7. | Availability of Bid Documents in the website | : | From 15.00 hrs of Dt. 04.01.2019 to 17.00 hrs of 18.01.2019 |
| 8. | Date of Opening of Bid | : | 11.30 hrs. onwards on Dt. 19.01.2019 |
| 9 | Mode of submission of tender | : | Tender should be submitted on line in www.tendersorissa.gov.in |
| | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

**Sd./- Commissioner, Berhampur Municipal Corporation, Berhampur, Odisha**
13035/11/0181/1819



# ପୂର୍ବୋଦୟରୁ
## ହେଉଛି ନୂଆ ଭାରତର ଉଦୟ

**ଉନ୍ନତ ରେଳ ସଂଯୋଗ ଜରିଆରେ**
**ସୁନିଶ୍ଚିତ ଆଞ୍ଚଳିକ ସମୃଦ୍ଧି**



**ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ**

ଚିଲିକିଦରା-ସଗଡ଼ପଟା ଏବଂ ନରଣପୁର-ବସନ୍ତପୁର ରେଳ ଲାଇନର ଦୋହରୀକରଣ

ବାଲେଶ୍ୱର ସ୍ଥିତ ମଲ୍ଟି ମୋଡାଲ ଲଜିଷ୍ଟିକ୍ସ ପାର୍କ

**ସବୁଜ ପତାକା ପ୍ରଦର୍ଶନ**

ଟାଟାନଗରରୁ ବାଦାମପାହାଡ଼ ପର୍ଯ୍ୟନ୍ତ ଦ୍ୱିତୀୟ ପାସେଞ୍ଜର ଟ୍ରେନ୍‌କୁ

**ନରେନ୍ଦ୍ର ମୋଦି**
ପ୍ରଧାନମନ୍ତ୍ରୀଙ୍କ
**କରକମଳରେ**

**ମୁଖ୍ୟାଂଶ**

ବାଦାମପାହାଡ଼କୁ ୧୦୮ ବର୍ଷ ପରେ ଦ୍ୱିତୀୟ ଟ୍ରେନ୍ ଏବଂ ହାଓଡ଼ା ଓ ମୁମ୍ବଇକୁ ଭାୟା ଟାଟାନଗର ରେଳ ସଂଯୋଗ ଦୃଢ଼ୀକରଣ
ଖଣି ସମୃଦ୍ଧ ଅଞ୍ଚଳରେ ଅଧିକ ରାଜସ୍ୱ ସୃଷ୍ଟି ଏବଂ ଅଧିକ ପାସେଞ୍ଜର ଟ୍ରେନ୍ ଚଳାଚଳ କ୍ଷମତା ବୃଦ୍ଧି ପାଇଁ ରେଳ ଲାଇନ୍‌ର ଦୋହରୀକରଣ
ବାଲେଶ୍ୱର ଠାରେ ମଲ୍ଟି ମୋଡାଲ୍ ଲଜିଷ୍ଟିକ୍ସ ପାର୍କ ଦ୍ୱାରା ଆଞ୍ଚଳିକ ଉଦ୍ୟୋଗକୁ ବିଶେଷ ଲାଭ
ଓଡ଼ିଶାରୁ ଉତ୍ତର ଏବଂ ପୂର୍ବ ଭାରତକୁ ବିକଳ୍ପ ଓ ନିକଟତର ମାର୍ଗ
ଜନଜାତୀୟ ଅଞ୍ଚଳକୁ ଲାଭ

**ଶନିବାର, ୫ ଜାନୁୟାରୀ ୨୦୧୯, ସମୟ ଅପରାହ୍ଣ ୩.୦୦ ଘଟିକା । ବାରିପଦା, ଓଡ଼ିଶା**

**ଗରିମାମୟ ଉପସ୍ଥିତି**

**ପ୍ରଫେସର ଗଣେଶୀ ଲାଲ** – ରାଜ୍ୟପାଳ, ଓଡ଼ିଶା
**ନବୀନ ପଟ୍ଟନାୟକ** – ମୁଖ୍ୟମନ୍ତ୍ରୀ, ଓଡ଼ିଶା
**ସୁଷମା ସ୍ୱରାଜ** – ବୈଦେଶିକ ବ୍ୟାପାର ମନ୍ତ୍ରୀ, ଭାରତ ସରକାର
**ନିତିନ ଗଡ଼କରି** – ସଡ଼କ ପରିବହନ ଏବଂ ରାଜମାର୍ଗ ମନ୍ତ୍ରୀ, ଭାରତ ସରକାର
**ଜୁଏଲ ଓରାମ** – ଜନଜାତି ବ୍ୟାପାର ମନ୍ତ୍ରୀ, ଭାରତ ସରକାର
**ପିୟୂଷ ଗୋଏଲ** – ରେଳ ମନ୍ତ୍ରୀ, ଭାରତ ସରକାର
**ଧର୍ମେନ୍ଦ୍ର ପ୍ରଧାନ** – ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ, ଭାରତ ସରକାର
**ଡ. ମହେଶ ଶର୍ମା** – ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ), ଭାରତ ସରକାର

INDIAN RAILWAYS



D-31/18-19



“ ୟୁଏସ୍ ଓପନ ଜିତିବା ପରେ ଏକ କଷ୍ଟସାଧ୍ୟ ମ୍ୟାଚରେ ପଛୁଆ ଥାଇ ମଧ୍ୟ ବିଜୟ ହାସଲ କରିଥିବାରୁ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି ।

– ନାଓମି ଓସାକା, ଜାପାନର ଷ୍ଟାର ଟେନିସ ଖେଳାଳି



“ ଆଘାତଜନିତ ସମସ୍ୟାରେ ଥିବା ଟେନିସ୍ କିମ୍ବଦନ୍ତୀ ରାଫାଲ ନାଡାଲଙ୍କ ଖେଳକୁ ପୁନଃ ପ୍ରତ୍ୟାବର୍ତ୍ତନ ଆମେ ଚାହୁଁ

– ନୋଭାକ ଜୋକୋଭିଚ୍, ସର୍ବୀୟ ଟେନିସ ଖେଳାଳି

**ସଂକ୍ଷେପରେ**

## ଡବଲ ଫାଇନାଲରେ ଅଂଶୁ କୁମାର



ଭୁବନେଶ୍ୱର, ୩।୧(କ୍ରୀଡ଼ା ପ୍ରତିନିଧି): ମେଣ୍ଢାଶାଳସ୍ଥିତ ଗୁରୁକୁଳ ଟେନିସ୍ କମ୍ପ୍ଲେକ୍ସରେ ଚାଲିଥିବା ଏଆଇଟିଏ-ଓଟିଏ ପୁରୁଷ ୫୦କେ ର୍‍ୟାଙ୍କିଙ୍ଗ୍ ଟେନିସ୍ ଟୁର୍ନାମେଣ୍ଟର ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ଅଂଶୁ କୁମାର ଭୂୟାଁ। ଗୁରୁବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ସିଙ୍ଗଲ୍ସ ସେମିଫାଇନାଲରେ ଦ୍ୱିତୀୟ ସିଡ୍ ଅଂଶୁ ପଶ୍ଚିମବଙ୍ଗର ଆଦିତ୍ୟ ବର୍ଦ୍ଧନ ଆର୍. ଚୌଧୁରୀଙ୍କୁ ୨-୬, ୬-୨, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ଅନ୍ୟ ଏକ ସେମିରେ ପଶ୍ଚିମବଙ୍ଗର ଅନୁରାଗ ଅଗ୍ରୱାଲ ଦିଲ୍ଲୀର ରିତ୍‌ଭିକ୍ କାଶ୍ୟପଙ୍କୁ ସିଧାସଳଖ ୬-୧, ୬-୨ ସେଟ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ଅଂଶୁ ଓ ଅନୁରାଗଙ୍କ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ଡବଲ୍ସ ସେମିଫାଇନାଲରେ ଅଂଶୁ-ଚିନ୍ମୟ ପ୍ରଧାନ ଅନ୍ୟତମ ଓଡ଼ିଶା ଯୋଡ଼ି ଆଶୁତୋଷ ଦାସ ଓ ସତୀର୍ଥ ପଟ୍ଟନାୟକ ଯୋଡ଼ିକୁ ୬-୪, ୬-୭(୭), ୧୦-୮ ସେଟ୍‌ରେ ପରାସ୍ତ କରିଛନ୍ତି। ଫାଇନାଲରେ ଅଂଶୁ-ଚିନ୍ମୟଙ୍କ ମୁକାବିଲା ପଶ୍ଚିମବଙ୍ଗ ଯୋଡ଼ି ଆଦିତ୍ୟ ବର୍ଦ୍ଧନ ଆର୍. ଚୌଧୁରୀ ଓ ଅନୁରାଗ ଅଗ୍ରୱାଲଙ୍କ ସହିତ ହେବ। ଅନ୍ୟ ଏକ ସେମିଫାଇନାଲରେ ଆଦିତ୍ୟ-ଅନୁରାଗ ଯୋଡ଼ି ତେଲେଙ୍ଗାନାର ସାଇ କାର୍ତ୍ତିକ ଆର୍. ଗନ୍ତା ଓ ଗୁଜରାଟର ଧର୍ମିଲ ଶାହଙ୍କୁ ୭-୬(୩), ୬-୨ ସେଟ୍‌ରେ ହରାଇ ଫାଇନାଲରେ ପହଞ୍ଚିଥିଲେ।

# ପୂଜାରା ୧୩୦*: ଭାରତ ୩୦୩/୪

**ସିଡ୍‌ନୀ ଟେଷ୍ଟ**

ସିଡ୍‌ନୀ, ୩।୧(ପି.ଟି.)

ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଗୁରୁବାର ଆରମ୍ଭ ହୋଇଥିବା ଅଷ୍ଟ୍ରେଲିଆ ବିପକ୍ଷ ଚତୁର୍ଥ କ୍ରିକେଟ ଟେଷ୍ଟରେ ଆଉ ଏକ ଚମତ୍କାର ଇନିଂସ ଖେଳିଛନ୍ତି ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା। ତାଙ୍କ ଆକର୍ଷଣୀୟ ଶତକ ସହାୟତାରେ ଭାରତ ଭଲ ଆରମ୍ଭ କରିଛି। ଓପ୍‌ନର ମୟଙ୍କ ଅଗ୍ରୱାଲ ମଧ୍ୟ ଅର୍ଦ୍ଧଶତକୀୟ ଇନିଂସ ଖେଳିଛନ୍ତି। ଫଳରେ ପ୍ରଥମ ଦିବସ ଖେଳ ଶେଷସୁଦ୍ଧା ଭାରତ ୪ ଉଇକେଟ ହରାଇ ୩୦୩ ରନ୍ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ପୂଜାରା ୧୩୦ ଓ ହନୁମା ବିହାରୀ ୩୯ ରନ୍ କରି ଅପରାଜିତ ରହିଛନ୍ତି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି। ତେବେ ଇନିଂସ୍ ଆରମ୍ଭରେ ଭାରତକୁ ଝଟ୍‌କା ଲାଗିଥିଲା। ଖରାପ ଫର୍ମ ଦେଇ ଗତି କରୁଥିବା ଓପ୍‌ନର ଲୋକେଶ ରାହୁଲ ପୁଣିଥରେ ବିଫଳ ହୋଇଥିଲେ। ସେ ୬ଟି ବଲ୍ ଖେଳି ୨ ଚୌକା ସହ ଦ୍ରୁତଗତିରେ ବ୍ୟାଟିଂ ଆରମ୍ଭ କରିଥିଲେ ମଧ୍ୟ ୯ ରନ୍ କରିଥିବା ବେଳେ ଜୋଶ ହାଜେଲଉଡ୍‌ଙ୍କ ଅଫ୍ ଷ୍ଟମ୍ପ ବାହାରର ବଲ ଖେଳିବାକୁ ଯାଇଥିଲେ। ସେ ପ୍ରଥମ ସ୍ଲିପ୍‌ରେ ଶନ୍ ମାର୍ଶଙ୍କ ହାତରେ ଧରାପଡିଥିଲେ। ଏହାପରେ ବ୍ୟାଟିଂ କରିବାକୁ ଆସିଥିବା ପୂଜାରା ଧୈର୍ଯ୍ୟର ସହ ବ୍ୟାଟିଂ କରି ଶେଷପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଏଥିସହ ପୂଜାରା ଚଳିତ ସିରିଜରେ ତୃତୀୟ ଓ କ୍ୟାରିୟରର ୧୮ତମ ଟେଷ୍ଟ ଶତକ ଅର୍ଜନ କରିଥିଲେ। ପୂଜାରା ୨୫୦ଟି ବଲ୍ ଖେଳିବା ସହ ୧୬ଟି ଚୌକା ମାରି ଘରୋଇ ବୋଲରଙ୍କୁ ନିରାଶ କରିଥିଲେ। ମୟଙ୍କ କ୍ରିଜରେ ଜମି ରହି ୭୭ ରନ୍ କରିଥିବା ବେଳେ ସ୍ପିନର ନାଥନ ଲିୟନଙ୍କ ବଲକୁ ଶଟ୍ ମାରିବାକୁ ଯାଇ ଲଙ୍ଗ-ଅନ୍‌ରେ ମିଚେଲ ଷ୍ଟାର୍କଙ୍କ ହାତରେ ଧରାପଡିଥିଲେ। ଅଧିନାୟକ କୋହଲି ଏଥର ଅଧିକ ସମୟ ତିଷ୍ଠିପାରି ନ ଥିଲେ। ସେ ୨୩ ରନ୍ କରିଥିବା ବେଳେ ହାଜେଲଉଡ୍‌ଙ୍କ ଲେଗ୍ ଷ୍ଟମ୍ପ ବାହାରର ଶର୍ଟ ବଲ୍ ଖେଳିବାକୁ ଯାଇ ଉଇକେଟକିପର ଟିମ୍ ପେନଙ୍କୁ ଏକ ସହଜ କ୍ୟାଚ୍ ନେଇଥିଲେ। ଏହାପରେ ଉପ-ଅଧିନାୟକ ଅଜିଙ୍କ୍ୟ ରାହାନେ ମାତ୍ର ୧୮ ରନ୍ କରି ଷ୍ଟାର୍କଙ୍କ ବଲକୁ ଖେଳିବାକୁ ଯାଇ ପେନ୍‌ଙ୍କ ହାତରେ ଧରାପଡିଥିଲେ।



ଶତକ ହାସଲ ପରେ ଚେତେଶ୍ୱର ପୂଜାରା।

ଦ୍ୱିତୀୟ ଉଇକେଟ ଯୋଡିରେ ମୟଙ୍କ ଓ ପୂଜାରା ୧୧୬ ରନ୍ ସଂଗ୍ରହ କରି ସ୍ଥିତି ସମ୍ଭାଳିଥିଲେ। ସେହିପରି କୋହଲି ଓ ପୂଜାରା ତୃତୀୟ ଉଇକେଟ ଯୋଡିରେ ୫୪, ପୂଜାରା ଓ ରାହାନେ ଚତୁର୍ଥ ଉଇକେଟ ଯୋଡିରେ ୪୮ ରନ୍ ସଂଗ୍ରହ କରିଥିଲେ। ତେବେ ପଞ୍ଚମ ଉଇକେଟରେ ବିହାରୀ ପୂଜାରାଙ୍କୁ ଆବଶ୍ୟକ ସହାୟତା ପ୍ରଦାନ କରିଥିଲେ। ଦୁଇ ବ୍ୟାଟ୍ସମ୍ୟାନ ଅପରାଜିତ ୭୫ ରନ୍ ସଂଗ୍ରହ କରିବା ସହ ଦଳର ଆଉ କୌଣସି କ୍ଷତି ହେବାକୁ ଦେଇ ନ ଥିଲେ। ଅଷ୍ଟ୍ରେଲିଆ ତରଫରୁ ହାଜେଲଉଡ୍ ଦୁଇଟି, ଷ୍ଟାର୍କ ଓ ଲିୟନ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ସକାଳେ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଫିଟ୍‌ନେସ ଟେଷ୍ଟରେ ଉତ୍ତୀର୍ଣ୍ଣ ହୋଇ ନ ଥିଲେ। ଫଳରେ ସେ ଏହି ନିର୍ଣ୍ଣାୟକ ମ୍ୟାଚ୍‌ରୁ ବାଦ୍ ପଡିଥିଲେ। ଭାରତୀୟ ଦଳରେ ଦୁଇଟି ପରିବର୍ତ୍ତନ କରାଯାଇଥିଲା। ଇଶାନ୍ତ ଶର୍ମା ଓ ରୋହିତ ଶର୍ମାଙ୍କ ବଦଳରେ ଲୋକେଶ ରାହୁଲ ଓ କୁଲଦୀପ ଯାଦବଙ୍କୁ ସାମିଲ କରାଯାଇଥିଲା। ଅଷ୍ଟ୍ରେଲିଆ ମଧ୍ୟ ଦଳରେ ଦୁଇଟି ପରିବର୍ତ୍ତନ କରିଥିଲା। ଆରୋନ ଫିଞ୍ଚ୍ ଓ ମିଚେଲ ମାର୍ଶଙ୍କ ବଦଳରେ ପିଟର ହ୍ୟାଣ୍ଡ୍ସକମ୍ବ ଓ ମାର୍ନସ ଲାବୁଶେନଙ୍କୁ ଦଳରେ ସାମିଲ କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ୍: ୩୦୩/୪ (ପୂଜାରା- ୧୩୦*, ବିହାରୀ- ୩୯*, ମୟଙ୍କ- ୭୭, କୋହଲି-୨୩, ରାହାନେ-୧୮, ହାଜେଲଉଡ୍-୨/୫୧, ଷ୍ଟାର୍କ-୧/୭୫, ଲିୟନ- ୧/୮୮)।

## କଳା ଆର୍ମବ୍ୟାଣ୍ଡ ପିନ୍ଧିଲେ ଖେଳାଳି

ଭାରତୀୟ କ୍ରିକେଟରମାନେ କଳା ଆର୍ମବ୍ୟାଣ୍ଡ ପିନ୍ଧି ସଚିନ ତେନ୍ଦୁଲକରଙ୍କ କୋଚ୍ ରମାକାନ୍ତ ଆଚରେକରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବୁଧବାର ଆଚରେକରଙ୍କ ଦେହାନ୍ତ ହୋଇଥିଲା। ସଚିନ୍‌ଙ୍କୁ ବାଦ୍ ଦେଲେ ଆଚରେକର ବିନୋଦ କାମ୍ବଲୀ, ପ୍ରବୀଣ ଆମ୍ରେ, ସମୀର ଦିଘେ ଓ ବଲବିନ୍ଦର ସିଂ ସାନ୍ଧୁଙ୍କ ଭଳି ବିଶ୍ୱସ୍ତରୀୟ କ୍ରିକେଟରଙ୍କ କ୍ୟାରିୟର ଗଢ଼ିତୋଳିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଆଚରେକର ଜଣେ ମହାନ୍ କୋଚ୍ ହିସାବରେ ସାରା ଭାରତରେ ଖ୍ୟାତି ଲାଭ କରିଥିଲେ। ଅଷ୍ଟ୍ରେଲୀୟ କ୍ରିକେଟରମାନେ ମଧ୍ୟ ନିଉ ସାଉଥ୍‌ୱେଲ୍ସ କ୍ରିକେଟର ବିଲ୍ ୱାଟ୍‌ସନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ କଳା ଆର୍ମବ୍ୟାଣ୍ଡ ପିନ୍ଧିଥିଲେ। ୮୭ ବର୍ଷ ବୟସରେ ୱାଟ୍‌ସନ ଡିସେମ୍ବରରେ ମୃତ୍ୟୁବରଣ କରିଥିଲେ। ୱାଟ୍‌ସନ ୪ଟି ଟେଷ୍ଟ ଖେଳିଥିଲେ ହେଁ ଘରୋଇ କ୍ରିକେଟରେ ଅସାଧାରଣ ସଫଳତା ଅର୍ଜନ କରିଥିଲେ।

# ଆଚରେକରଙ୍କ ଶେଷକୃତ୍ୟ ସମ୍ପନ୍ନ

ମୁମ୍ବାଇ,୩।୧(ପି.ଟି.)

ଶୋକାକୁଳ ପରିବେଶ ମଧ୍ୟରେ ବିଶିଷ୍ଟ କ୍ରିକେଟ କୋଚ୍ ରମାକାନ୍ତ ଆଚରେକରଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଗୁରୁବାର ଶ୍ମଶାନ ଘାଟ ଉଦ୍ଦେଶ୍ୟରେ ତାଙ୍କ ପାର୍ଥିବ ଶରୀରର ଶୋଭାଯାତ୍ରାରେ ପ୍ରଧାନ ଶିଷ୍ୟ ତଥା ବ୍ୟାଟିଂ ଆଇକନ ସଚିନ ତେନ୍ଦୁଲକର ସାମିଲ ହୋଇଥିଲେ। ଏହାଛଡ଼ା ତାଙ୍କଠାରୁ କୋଚିଂ ନେଇଥିବା ବିନୋଦ କାମ୍ବଲି, ବଲବିନ୍ଦର ସିଂ ସାନ୍ଧୁ ଏବଂ ଚନ୍ଦ୍ରକାନ୍ତ ପଣ୍ଡିତଙ୍କ ଭଳି ଅନ୍ୟ ପୂର୍ବତନ କ୍ରିକେଟରମାନେ ମଧ୍ୟ ଯୋଗ ଦେଇଥିଲେ। ତେନ୍ଦୁଲକରଙ୍କ ବାଲ୍ୟ କୋଚ୍ ଆଚରେକରଙ୍କ ବୁଧବାର ସେଣ୍ଟ୍ରାଲ ମୁମ୍ବାଇର ଦାଦରସ୍ଥିତ ଶିବାଜୀ ପାର୍କ ବାସଭବନରେ ଦେହାନ୍ତ ଘଟିଛି। ତାଙ୍କୁ ୮୭ ବର୍ଷ ହୋଇଥିଲା। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ମରଶରୀରକୁ ଶ୍ମଶାନ ଉଦ୍ଦେଶ୍ୟରେ ନେବା ପୂର୍ବରୁ ପ୍ରଥମେ କିଛି ସମୟ ଶିବାଜୀ ପାର୍କରେ ରଖାଯାଇଥିଲା, ଯେଉଁଠାରେ ଆଶାୟୀ କ୍ରିକେଟରମାନଙ୍କୁ ଟ୍ରେନିଂ ଦେଉଥିଲେ। ପଡ଼ିଆ ଛାଡ଼ିବା ପୂର୍ବରୁ ସେଠାରେ ପ୍ରାକ୍ଟିସ କରୁଥିବା ଯୁବ ଖେଳାଳିମାନେ ଗାର୍ଡ ଅଫ୍ ଅନର ଦେବା ସହ ‘ଅମର ରହେ’ ବୋଲି ସ୍ଲୋଗାନ ଦେଇଥିଲେ। ପୂର୍ବରୁ ଅତୁଲ ରାନାଡେ, ଅମଲ ମଜୁମ୍‌ଦାର, ରମେଶ ପାୱାର, ପାରସ ମାହାମ୍ବ୍ରେ, ରଣଜୀ କୋଚ୍ ବିନାୟକ ସାମନ୍ତ, ନିଲେଶ କୁଲକର୍ଣ୍ଣି ଓ ବିନୋଦ ରାଘବନ ପ୍ରମୁଖ ମୁମ୍ବାଇ କ୍ରିକେଟରଗଣ ଏହି ଦ୍ରୋଣାଚାର୍ଯ୍ୟ ଏବଂ ପଦ୍ମଭୂଷଣ ବିଜେତାଙ୍କ ବାସଭବନକୁ ଯାଇ ତାଙ୍କୁ ଶେଷ ସମ୍ମାନ ଜଣାଇଥିଲେ। ପୂର୍ବତନ ରାଜସ୍ଥାନ କୋଚ୍ ପ୍ରଦୀପ ସୁନ୍ଦରମ, ମୁମ୍ବାଇ କ୍ରିକେଟ ଆସୋସିଏଶନ କର୍ମକର୍ତ୍ତାଗଣ, ଭେଟେରାନ କ୍ରିକେଟ ପ୍ରଶାସକ ପ୍ରଫେସର ରତ୍ନାକର ଶେଟ୍ଟି ମଧ୍ୟ ଆଚରେକରଙ୍କ ପ୍ରତି ସେମାନଙ୍କ ଶେଷ ସମ୍ମାନ ଜଣାଇଥିଲେ। ଏହି ବିଶିଷ୍ଟ କୋଚ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିବା ରାଜନେତାଙ୍କ ମଧ୍ୟରେ ମହାରାଷ୍ଟ୍ର ନବନିର୍ମାଣ ସେନା ମୁଖ୍ୟ ରାଜ ଠାକ୍‌ରେ, ବିଧାୟକ ତଥା ଭାଜପା ନେତା ଆଶିଷ ସିଲାର ଓ ମେୟର ବିଶ୍ୱନାଥ ମହାଦେଶ୍ୱର ଅନ୍ୟତମ ଥିଲେ।



ଆଚରେକରଙ୍କ ପାର୍ଥିବ ଶରୀରର ଶୋଭାଯାତ୍ରାରେ ସାମିଲ ସଚିନ ତେନ୍ଦୁଲକର।

## ନିଶାମ, ଗୁପ୍ଟିଲ ନ୍ୟୁଜିଲାଣ୍ଡକୁ ଜିତାଇଲେ

**ମାଉଣ୍ଟ ମାଉଙ୍ଗାନୁଇ (ନ୍ୟୁଜିଲାଣ୍ଡ), ୩।୧**

ବିସ୍ଫୋରକ ଓପ୍‌ନର ମାର୍ଟିନ ଗୁପ୍ଟିଲଙ୍କ ଶତକ ଏବଂ ଜିମ୍ମି ନିଶାମଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ଗୁରୁବାର ଶ୍ରୀଲଙ୍କା ବିପକ୍ଷରେ ଏଠାରେ ଅନୁଷ୍ଠିତ ପ୍ରଥମ ଦିନିକିଆ ମ୍ୟାଚ୍‌କୁ ଘରୋଇ ନ୍ୟୁଜିଲାଣ୍ଡ ଦଳ ୪୫ ରନ୍‌ରେ ଜିତିନେଇଛି। ଟସ୍ ଜିତି ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଓପ୍‌ନର କଲିନ୍ ମୁନ୍‌ରୋ (୧୩)ଙ୍କୁ ଆଉଟ୍ କରି ଅଧିନାୟକ ଲସିଥ୍ ମାଲିଙ୍ଗା ଶ୍ରୀଲଙ୍କାକୁ ପ୍ରାରମ୍ଭିକ ସଫଳତା ଦେଇଥିଲେ। ତେବେ ଏହାପରେ ଗୁପ୍ଟିଲଙ୍କ (୧୩୮ ରନ୍, ୧୩୯ ବଲ, ୧୧ ଚୌକା, ୫ ଛକା) ଶତକ ଏବଂ ଅଧିନାୟକ କେନ୍ ୱିଲିୟମସନ (୭୬ ରନ) ଓ ଭେଟେରାନ ରସ୍ ଟେଲର (୫୪ ରନ, ୩୭ ରନ, ୬ ଚୌକା, ୨ ଛକା)ଙ୍କ ଅର୍ଦ୍ଧଶତକ ବଳରେ ଘରୋଇ ଦଳ ନିର୍ଦ୍ଧାରିତ ୫୦ ଓଭରରେ ୭ ଉଇକେଟ୍ ବିନିମୟରେ ୩୭୧ ରନ୍‌ର ବିଶାଳ ସ୍କୋର କରିଥିଲା। ୧୭ ମାସ ପରେ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଥିବା ବାମହାତୀ ବ୍ୟାଟ୍ସମ୍ୟାନ ନିଶାମ ୪୯ତମ ଓଭରରେ ଥିସାରା ପେରେରାଙ୍କ ଓଭରରୁ ୩୪ ରନ୍ ସଂଗ୍ରହ କରିବା ସହିତ ମୋଟ୍ ୧୩ ବଲରୁ ୪୭ ରନ୍ କରି ଅପରାଜିତ ରହିଥିଲେ। ଶ୍ରୀଲଙ୍କା ପକ୍ଷରୁ ଅଧିନାୟକ ମାଲିଙ୍ଗାଙ୍କ ସମେତ ପେରେରା ଓ ନୂଆନ ପ୍ରଦୀପ ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ଶ୍ରୀଲଙ୍କା କୁଶଳ ପେରେରା (୧୦୨ ରନ, ୮୬ ବଲ, ୧୩ ଚୌକା, ୧ ଛକା)ଙ୍କ ଦ୍ରୁତ ଶତକ ସତ୍ତ୍ୱେ ୪୯ ଓଭରରେ ୩୨୬ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଓପ୍‌ନର୍ ନିରୋଶାନ ଡିକ୍‌ୱେଲା ୭୬, ଦନୁଷ୍କା ଗୁଣତିଲକ ୪୩ ରନ୍ କରିଥିଲେ। ବ୍ୟାଟିଂ ଭଳି ବୋଲିଂରେ ମଧ୍ୟ ନିଶାମ ୩ଟି ଉଇକେଟ୍ ନେଇଥିଲେ। ଶତକୀୟ ଇନିଂସ ପାଇଁ ଗୁପ୍ଟିଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

## ପାକିସ୍ତାନ ୧୭୭ରେ ସୀମିତ

କେପ୍‌ଟାଉନ୍, ୩।୧ (ଏ.ଏଫ୍.ପି.)

ନ୍ୟୁଲାଣ୍ଡ୍ସଠାରେ ଗୁରୁବାର ଆରମ୍ଭ ହୋଇଥିବା ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଦକ୍ଷିଣ ଆଫ୍ରିକାର ଫାଷ୍ଟ ବୋଲରମାନେ ପାକିସ୍ତାନ ଟପ୍ ଅର୍ଡରରେ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଫଳରେ ଭ୍ରମଣକାରୀ ଦଳର ପ୍ରଥମ ଇନିଂସ ୧୭୭ ରନରେ ସୀମିତ ହୋଇଯାଇଛି। ସର୍ଫରାଜ ଅହମ୍ମଦ-୫୬, ଶାନ୍ ମାସୁଦ-୪୪, ଆସାଦ ସାଫିକ୍ ୨୦ ରନ କରିଥିବା ବେଳେ ମହମ୍ମଦ ଆମିର ୨୨ରନ କରି ଅପରାଜିତ ରହିଥିଲେ। ଅନ୍ୟ କୌଣସି ଖେଳାଳି ଦୁଇ ଅଙ୍କ ସ୍କୋର କରିପାରି ନ ଥିଲେ। ଦକ୍ଷିଣ ଆଫ୍ରିକା ତରଫରୁ ଡୁଏନ୍ ଅଲିଭର ୪, ଡେଲ ଷ୍ଟେଇନ୍ ୩ ଓ କାଗିସୋ ରାବାଡା ୨ ଉଇକେଟ ଅକ୍ତିଆର କରିଥିଲେ। ପରେ ଘରୋଇ ଦଳ ବ୍ୟାଟିଂ କରିବାକୁ ଯାଇ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ୨ଉଇକେଟ ବିନିମୟରେ ୧୨୩ ରନ କରିଛି। ଦଳର ଆହୁରି ୮ଟି ଉଇକେଟ ବାକି ରହିଥିବାବେଳେ ପାକିସ୍ତାନ ସ୍କୋରଠାରୁ ୫୪ ରନ ପଛରେ ରହିଛି।


CLASSIFIED DISPLAY













MORE SPACE • SAME PRICE

CLASSIFIED DISPLAY

(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:

Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168 5% GST Applicable








ଥରେ ମିଛ କହିବାର ବିପଦ ହେଉଛି ଆଉଥରେ ସତ କହିଲେ ମଧ୍ୟ ଅନ୍ୟମାନେ ତାହାକୁ ବିଶ୍ୱାସ କରିବେ ନାହିଁ।
-ଆରିଷ୍ଟଟଲ

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

**ପାଇକମାଳ, ୩।୧(ଡି.ଏନ୍.ଏ):** ଭାରସାମ୍ୟ ହରାଇ ଏକ ବାଇକ୍ ପାଇକମାଳ-ପଦ୍ମପୁର ରାସ୍ତା ସଦାନନ୍ଦପୁର ଛକ ରାସ୍ତାକଡ ପିଲରରେ ପିଟି ହୋଇଯିବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ପାଇକମାଳ ଥାନା ଭେଙ୍ଗରାଜପୁର ଗ୍ରାମର ଦିଲୀପ ରଣା (୩୦) । ଗୁରୁବାର ଅପରାହ୍ନ ୧ଟା ୩୦ମିନିଟରେ ଦିଲୀପ ନିଜ ବାଇକ (ନଂ.ଓଡି୧୭ପି/୫୯୨୩) ଯୋଗେ ପଦ୍ମପୁର ହିରୋ ସୋ ରୁମକୁ ଯାଇ କିସ୍ତି ପେମେଣ୍ଟ କରି ଫେରୁଥିଲେ। ଏହି ସମୟରେ ସେ ସଦାନନ୍ଦପୁର ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ପିଲରରେ ପିଟି ହୋଇଥିଲେ । ତାଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ପାଇକମାଳ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ପଠାଇଛି । ଏ ନେଇ ପାଇକମାଳ ଥାନାରେ ଏକ ମାମଲା (ନଂ.୩/୨୦୧୯) ରୁଜୁ ହୋଇଛି ।

### ପାଇଖାନା ଟାଙ୍କିରେ ପଡ଼ି ଶିଶୁ ମୃତ

**ପାଇକମାଳ, ୩।୧(ଡି.ଏନ୍.ଏ):** ପାଇକମାଳ ଥାନା ବିଜାଡିହି ଗ୍ରାମରେ ଗୁରୁବାର ଗୋଟିଏ ନିର୍ମାଣାଧୀନ ପାଇଖାନା ଟାଙ୍କିରେ ପଡି ଜଣେ ଶିଶୁର ମୃତ୍ୟୁ ହୋଇଛି । ମୃତକ ହେଲେ ଏହି ଗ୍ରାମର ସୌକିଲାଲ ସାହୁଙ୍କ ଏକମାତ୍ର ପୁଅ ନିରୋଦ ସାହୁ(୭) । ସକାଳ ୯ଟା ବେଳେ ନିରୋଦ ଏହି ଖୋଲା ପାଇଖାନା ଟାଙ୍କି ନିକଟରେ ଖେଳୁଥିବା ବେଳେ ସେଥିରେ ପଡିଯାଇଥିଲେ। ସେ ଘରକୁ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ତାଙ୍କୁ ପାଇ ନ ଥିଲେ । ଅପରାହ୍ନ ୨ଟାରେ ସେ ପାଇଖାନା ଟାଙ୍କିରେ ପଡିଯାଇଥିବା ଖବର ପାଇ ପରିବାର ଲୋକେ ତାକୁ ଉଦ୍ଧାର କରିଥିଲେ। ପାଇକମାଳ ପୋଲିସ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ପଠାଇଛି । ଏ ନେଇ ପାଇକମାଳ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧/୨୦୧୯) ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି ।

### ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ

**ବରଗଡ଼ ଅଫିସ୍/ଭେଡ଼େନ,୩।୧:** ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ବକଟି ପଞ୍ଚାୟତ ଅନ୍ତର୍ଗତ ବୁର୍ଦ୍ଦା ଗ୍ରାମର ହରିଜନ ପଡ଼ାରେ ବଦାନ୍ୟ ବନ୍ଧୁ ଅନୁଷ୍ଠାନ ପକ୍ଷରୁ ଅସହାୟଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଛି । ଏହି ଅବସରରେ ଏକ ସଭା ହୋଇଥିଲା । ଏଥିରେ ସମାଜ ସୁରକ୍ଷା ସଂଗ୍ରାମ ସମିତି ଗୋବିନ୍ଦ ନାଗ, ବିଡ଼ିଓ ମୁରଲିଧର ନାଏକ, ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋସାଗର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶୀତବସ୍ତ୍ର ବଣ୍ଟନ କରିଥିଲେ। ସାମାଜିକ କର୍ମୀ ଗୌର ଖଣ୍ଡନାୟତ ସଭାପତିତ୍ୱ କରିଥିବାବେଳେ ସୁରେନ୍ଦ୍ର ସୁନା ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଝରାପାଲି କ୍ରାନ୍ତିପଡ଼ାରେ ମଧ୍ୟ ଟ୍ରାଫିକ ସଚେତନତା ସଂଯୋଜକ ଭୋସାଗର ଶୀତବସ୍ତ୍ର ବିତରଣ କରିଥିଲେ ।

### ଲକ୍ଷେଘର ଗଣ୍ଡା ସମାଜର ବନ୍ଧୁମିଳନ

ଭେଡ଼େନ, ୩।୧ (ଡ଼ି.ଏନ୍.ଏ): ଭେଡ଼େନ ବ୍ଲକ ଅନ୍ତର୍ଗତ ଦେକୁଲବା ଗିରି ଗୋବର୍ଦ୍ଧନ ପୀଠରେ ଲକ୍ଷେଘର ଗଣ୍ଡା ସମାଜ ପକ୍ଷରୁ ଅତାବିରା ନିର୍ବାଚନ ମଣ୍ଡଳୀସ୍ତରୀୟ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜିତ ତାଣ୍ଡିଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଗଣ୍ଡା ବଜା, ଗଣ୍ଡା ଧୁତି ଗଣ୍ଡା ଅନଛି ହେଉଛି ଏହି ଜାତି ତଥା ସଂସ୍କୃତିର ପ୍ରତୀକ । ଏହି ସଂସ୍କୃତିକୁ ବଜାୟ ରଖି ସମାଜର ବିକାଶ ଦିଗରେ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ । ଏହି ସମାବେଶରେ ଅଧ୍ୟାପକ ମୋହନ ସାହୁ, ଧନପତି ବାଦି, ଦୀପାଞ୍ଜଳି ଭରାସାଗର, ମନ୍ଦାକିନୀ ବାଦି, ପଦ୍ମିନୀ ଗଡ଼ତିଆ, ରାଜୀବ ଲୁହା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଜାତିର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୩୦୦ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଆର୍‌ଆଇ ଅଫିସ ଘେରିଲେ ଭୂମିହୀନ

ବରଗଡ଼ ଅଫିସ୍,୩।୧



ଭୂମିହୀନମାନେ ଜମୁର୍ଡ଼ା ରାଜସ୍ୱ ନିରୀକ୍ଷକଙ୍କ ଅଫିସ ଘେରାଉ କରିଛନ୍ତି ।

ବରଗଡ଼ ତହସିଲ ପ୍ରଧାନପାଲି ହରିଜନପଡ଼ାର ଭୂମିହୀନଙ୍କୁ ବସୁନ୍ଧରା ଯୋଜନାରେ ଘରଡ଼ିହ ଦେବା ପରିବର୍ତ୍ତେ ହଇରଣ ହରକତ କରାଯାଉଥିବା ଅଭିଯୋଗ ହୋଇଛି । ଏଭଳି ଅଭିଯୋଗ ନେଇ ପଡ଼ାବାସୀ ଗୁରୁବାର ଜମୁର୍ଡ଼ା ରାଜସ୍ୱ ନିରୀକ୍ଷକ ଅଫିସକୁ ଘେରାଉ କରିବା ସହିତ ପ୍ରତିବାଦ କରିଥିଲେ । ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ।

ପ୍ରଧାନପାଲି ହରିଜନପଡ଼ାର ଭୂମିହୀନମାନେ ସରକାରଙ୍କ ବସୁନ୍ଧରା ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ପାଖରେ ଆବେଦନ କରୁଛନ୍ତି । ମାତ୍ର ବିଭାଗୀୟ ଅଧିକାରୀମାନେ ସରଜମିନ ତଦନ୍ତ ନ କରି ମନଇଚ୍ଛା ରିପୋର୍ଟ ପ୍ରସ୍ତୁତ କରୁଥିବା ଯୋଗୁ ସେମାନେ ସେଭଳି ଯୋଜନାର ସୁଫଳରୁ ବଞ୍ଚିତ ହେଉଛନ୍ତି। ସେମାନେ ସମସ୍ତେ ନିହାତି ଗରୀବ ଓ ଭୂମିହୀନ ଶ୍ରେଣୀର ହୋଇଥିବାବେଳେ ବିନା ସରଜମିନ ତଦନ୍ତରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଆୟ ପ୍ରମାଣପତ୍ରରେ ବାର୍ଷିକ ଆୟ ୬୦ହଜାରରୁ ଅଧିକ ବୋଲି ଦର୍ଶାଇଛନ୍ତି ଏବଂ ଏହା ସେହି ଯୋଜନାରେ ସାମିଲ ହେବା ପାଇଁ ବାଧକ ସାଜିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି ।

ଏ ନେଇ ରାଜସ୍ୱ ନିରୀକ୍ଷକଙ୍କ ପାଖରେ ବାରମ୍ବାର ଅଭିଯୋଗ କରିବା ସହିତ ଗତ ଡିସେମ୍ବର ମାସରେ ଜୟ କୋଶଲ ଭୂମିହୀନ ସଂଗ୍ରାମ ସମିତିର ଆହ୍ୱାନରେ ହୋଇଥିବା ଶୋଭାଯାତ୍ରାରେ ସାମିଲ ହୋଇ ଅତିରିକ୍ତ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେତେବେଳେ ଅତିରିକ୍ତ ଜିଲାପାଳ ସେଭଳି ତ୍ରୁଟିର ସଂଶୋଧନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ସେ ନେଇ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନ ଥିବାବେଳେ ସ୍ଥାନୀୟ ଆର୍‌ଆଇ ସେମାନଙ୍କ ଅଭିଯୋଗକୁ ଅଣଦେଖା କରୁଛନ୍ତି । ଆର୍‌ଆଇଙ୍କ ଅପସାରଣ ସହିତ ଠିକ୍ ଭାବେ ତଦନ୍ତ କରି ସେମାନଙ୍କୁ ନ୍ୟାୟ ପ୍ରଦାନ କରିବାକୁ ରଶ୍ମିତା ଗଡ଼ତିଆ, ହେମ ମୁରୁଚୁଲିଆ, ମମତା ମହାନନ୍ଦ, ପରମିତା ସିଂ, ଅନିତା ମହାନନ୍ଦ ପ୍ରମୁଖ ପଡାବାସୀ ଜିଲାପାଳଙ୍କୁ ନିବେଦନ କରିଛନ୍ତି ।

# ଧନୁଯାତ୍ରା ୱେବସାଇଟ୍, ପୋଷ୍ଟର ଉନ୍ମୋଚିତ

ବରଗଡ଼ ଅଫିସ୍,୩।୧

ବରଗଡ଼ ଜିଲାପାଳଙ୍କ ଅଫିସ ସଭାଗୃହରେ ଗୁରୁବାର ଧନୁଯାତ୍ରାର ପୋଷ୍ଟର ଏବଂ ୱେବସାଇଟ୍ ଉନ୍ମୋଚିତ ହୋଇଛି । ଧନୁଯାତ୍ରା ମହୋତ୍ସବ ସମିତିର ସଭାପତି ତଥା ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଏହାକୁ ଉନ୍ମୋଚନ କରିଥିଲେ । ଧନୁଯାତ୍ରାର ୱେବସାଇଟ୍‌କୁ ଖୋଲିଲେ ଜନସାଧାରଣ ଉଭୟ ଓଡ଼ିଆ ଏବଂ ଇଂରାଜୀ ଭାଷାରେ ଧନୁଯାତ୍ର ସମ୍ବନ୍ଧୀୟ ସମସ୍ତ ତଥ୍ୟାବଳୀ, ଫଟୋ ଏବଂ ଭିଡ଼ିଓ ଚିତ୍ର ପାଇ ପାରିବେ ବୋଲି ଧନୁଯାତ୍ରା ପ୍ରଚାର ପ୍ରସାର କମିଟିର ଆବାହିକା ତଥା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣି ଦାଶ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ତପିରାମ ମାଝି, ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥୀ ଏବଂ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ । ଚଳିତବର୍ଷ ପ୍ରଚାର ପ୍ରସାର କମିଟି ପକ୍ଷରୁ ଗୋପପୁର(ଅମ୍ବାପାଲି), ମଥୁରାନଗରୀ(ବରଗଡ଼)ର ପ୍ରାୟ ୧୦ଟି ସ୍ଥାନରେ ଧନୁଯାତ୍ରା ହୋର୍ଡ଼ିଂ ଲାଗିଥିବାବେଳେ ଜିଲାର ୧୨ଟି ବ୍ଲକରେ ଗୋଟିଏ ଲେଖାଏଁ ହୋର୍ଡ଼ିଂ ଲଗାଯିବାର ବ୍ୟବସ୍ଥା ରହିଥିବା ଦାଶ କହିଥିଲେ। ସେହିପରି ଭୁବନେଶ୍ୱର, ସମ୍ବଲପୁର ଆଦି ସ୍ଥାନରେ ମଧ୍ୟ ଧନୁଯାତ୍ରା ହୋର୍ଡ଼ିଂ ଲଗାଯିବା ପାଇଁ ପଦକ୍ଷେପ ନିଆଯାଇଛି ବୋଲି ସେ ସୂଚନା ଦେଇଥିଲେ ।



ଜିଲାପାଳ ଓ ଅନ୍ୟମାନେ ଧନୁଯାତ୍ରା ପୋଷ୍ଟର ଉନ୍ମୋଚନ କରୁଛନ୍ତି ।

# ଗାଁ ପ୍ରତିଭା ସମ୍ମାନ ଉତ୍ସବ

ଭେଡ଼େନ, ୩।୧ (ଡ଼ି.ଏନ୍.ଏ)

ଭେଡ଼େନ ବ୍ଲକ ଅଏଁଲାପାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଧୁବେନପାଲି ଠାରେ ତୃତୀୟ ବାର୍ଷିକୀ ଗାଁ ପ୍ରତିଭା ସମ୍ମାନ ପ୍ରଦାନ ଉତ୍ସବ ପାଳିତ ହୋଇଛି । ଏହି ଅବସରରେ ପ୍ରଥମେ ଗାଁର ଝାଙ୍କର ଧ୍ରୁବ ଚରଣ ବଢ଼େଇ ଗ୍ରାମଦେବୀ ମା' ସମଲେଇ, ମାଉଳୀ ଏବଂ ଭୁବୁରାଦେବୀଙ୍କୁ ପୂଜାର୍ଚ୍ଚନା କରିଥିଲେ । ପରେ ବିଶ୍ୱର ମଙ୍ଗଳ କାମନା କରି ସତ୍ୟ ନାରାୟଣ ମହାପ୍ରଭୁଙ୍କ ବଡ଼ପୂଜା କରାଯାଇଥିଲା । ଏଥିରେ ଗଣନାଥ ସାହୁ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ସନ୍ଧ୍ୟାରେ ଜୟ ପ୍ରକାଶ ଯୁବକ ସଂଘ ଆନୁକୁଲ୍ୟରେ ରୁପେଲି ମୁକ୍ତମଞ୍ଚରେ ହୋଇଥିବା ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ କୈଳାଶ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସଂଘ ସଭାପତି ନିରାକାର ବେହେରା, ସମ୍ପାଦକ ଗଣନାଥ ସାହୁ, ସଂଯୋଜକ ତରଣୀସେନ ଭୁଏ, ସମାରୁ ଦାଶ, ଭଗବାନ ସାହୁ, ଦିବାକର ବେହେରା, ପ୍ରଭାନନ୍ଦ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ପରେ ନୃତ୍ୟ ଗୀତ ପରିବେଷିତ ହୋଇଥିଲା । ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଏବଂ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ସେମିଫାଇନାଲରେ କଳାମାଟି ଏକାଦଶ ଦଳ

**ମହେନ୍ଦ୍ର ମେମୋରିଆଲ କ୍ରିକେଟ**

ଭେଡ଼େନ, ୩।୧ (ଡ଼ି.ଏନ୍.ଏ)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅରେଇଗୁଡ଼ିଠାରେ ଚାଲିଥିବା ମହେନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଦ୍ୱିତୀୟ ଦିବସରେ ହୋଇଥିବା କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ କଳାମାଟି ଏକାଦଶ ସରଗୁଜା ଦଳକୁ ୬ ଉଇକେଟରେ ପରାସ୍ତ କରି ସେମିଫାଇନାଲକୁ ପ୍ରବେଶ କରିଛି । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ସରଗୁଜା ଦଳ ନିର୍ଦ୍ଧାରିତ ୭ ଓଭରରେ ୭ ଉଇକେଟ ହରାଇ ୫୫ ରନ କରିଥିଲା। ଏହାର ଜବାବରେ କଳାମାଟି ଦଳ ୪.୫ ଓଭରରେ ୪ ଉଇକେଟ ହରାଇ ୫୯ ରନ କରି ମ୍ୟାଚ ଜିତି ସେମିଫାଇନାଲକୁ ପ୍ରବେଶ କରିଛି । ପୂର୍ବାହ୍ନରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ସରଗୁଜା ଦଳ ଜାଣ୍ଡୋଲକୁ ପରାସ୍ତ କରିଥିଲା । ଜାଣ୍ଡୋଲ ଦଳ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୮ ଉଇକେଟ ହରାଇ ୮୮ ରନ କରିଥିଲା। ଜବାବରେ ସରଗୁଜା ଦଳ ୮ ଓଭରରେ ୬ ଉଇକେଟ ହରାଇ ୯୦ ରନ କରି ମ୍ୟାଚ ଜିତି କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଥିଲା । ଦ୍ୱିତୀୟ ମ୍ୟାଚ୍‌ରେ କଳାମାଟି ଦଳ ରୁଷୁଡ଼ାକୁ ପରାସ୍ତ କରିଥିଲା । କଳାମାଟି ଦଳ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୬ ଉଇକେଟ ହରାଇ ୧୧୪ ରନ କରିଥିଲେ । ଜବାବରେ ରୁଷୁଡ଼ା ଦଳ ୧୦ ଓଭରରେ ୫ ଉଇକେଟ ହରାଇ ୯୪ ରନ କରିବାକୁ ସମର୍ଥ ହୋଇଥିଲା । ଅମ୍ପାୟାର ଅରବିନ୍ଦ ବିଶ୍ୱାଳ, ସୁରେନ୍ଦ୍ର ବିଶି, ଅକ୍ଷୟ ସାହୁ ଖେଳ ପରିଚାଳନା କରିଥିବା ବେଳେ ସୁବ୍ରତ ବିଶି ଓ ମହେନ୍ଦ୍ର ନାଇକ ସ୍କୋର ଏବଂ ଜ୍ଞାନ ରଞ୍ଜନ ପଣ୍ଡା, କରୁଣା ବେହେରା ଓ ସାଗର ଛନ୍ଦ ଧାରା ବିବରଣୀ ପ୍ରଦାନ କରିଥିଲେ ।

# ଭେଡ଼େନରେ କୃଷକ ସମାବେଶ



ଭେଡ଼େନ ସିଦ୍ଧେଶ୍ୱର ବାବା ମନ୍ଦିରରେ ଅନୁଷ୍ଠିତ କୃଷକ ସମାବେଶରେ ଜଣେ ଚାଷୀ ଉଦ୍‌ବୋଧନ ଦେଉଛନ୍ତି ।

ଭେଡ଼େନ, ୩।୧ (ଡ଼ି.ଏନ୍.ଏ)

ରାଜନୈତିକ ଦଳ ଗୁଡ଼ିକ ଚାଷୀମାନଙ୍କ ପାଇଁ କେବଳ କୁମ୍ଭୀର କାନ୍ଦଣା ନ କାନ୍ଦି ସେମାନଙ୍କ ଦୁଃଖକୁ ହୃଦୟଙ୍ଗମ କରିବା ଉଚିତ ହେବ ବୋଲି ବରଗଡ଼ ଜିଲା ଭେଡ଼େନ ଠାରେ ହୋଇଥିବା କୃଷକ ସମାବେଷରେ ଚାଷୀମାନେ ମତପ୍ରକାଶ କରିଛନ୍ତି । ସ୍ଥାନୀୟ ସିଦ୍ଧେଶ୍ୱର ମହଦେବ ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ରାଜ କୁମାର ବେହେରାଙ୍କ ସଭାପତିତ୍ୱରେ ହୋଇଥିବା ଏହି ସମାବେଶରେ ପଶ୍ଚିମ ଓଡ଼ିଶା କୃଷକ ସମନ୍ୱୟ ସମିତିର ପ୍ରବକ୍ତା ସରୋଜ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ନରେନ୍ଦ୍ର ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହାସହ ଜୟକିଶାନ ଆନ୍ଦୋଳନ ସଭାପତି ଉତ୍ପନ୍ନ ଭୋଇ, ସମ୍ପାଦକ ରମେଶ ମହାପାତ୍ର, ବୋରାସମ୍ବର କୃଷକ ସଙ୍ଗଠନ ସଭାପତି ଅଶୋକ ସାହୁ, ସମାଜ ସୁରକ୍ଷା ସମିତି ସଭାପତି ଗୋବିନ୍ଦ ନାଗ, ବରଗଡ଼ ଲୋକସଭା ଯୁବ କଂଗ୍ରେସ ସଭାପତି ସ୍ୱାଧୀନ ରଥ, ଚାଷୀ ନେତା ଅନିରୁଦ୍ଧ ସାହୁ, ରବିନ୍ଦ୍ର ବିଶି, ବିଜୟ ପ୍ରଧାନ ପ୍ରମୁଖ ଏହି ସମାବେଶରେ ଉଦବୋଧନ ଦେଇ କୃଷକ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ପରେ ସମସ୍ତ ଚାଷୀ ଏକ ଶୋଭାଯାତ୍ରାରେ ଭେଡ଼େନ ତହସିଲ ଅଫିସକୁ ଯାଇ ତହସିଲଦାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। କେନାଲର ତଳି ଅଞ୍ଚଳକୁ ପାଣି ନ ଛାଡ଼ିବାକୁ କେନାଲ ବିଭାଗ ତରଫରୁ ଭେଡ଼େନ କେନାଲର ତହସିଲ ଅଫିସ ସମ୍ମୁଖ ଭାଗରେ ବେଆଇନ ଭାବେ ନିର୍ମିତ ହୋଇଥିବା କ୍ରସବନ୍ଧକୁ ଚାଷୀମାନେ ଭାଙ୍ଗିଦେଇ ପ୍ରତିବାଦ ପ୍ରଦର୍ଶନ କରିଥିଲେ ।

# କ୍ରିକେଟ ଟୁର୍ନାମେଣ୍ଟ: ଭେଉଁରିଆ ଏକାଦଶ ଚାମ୍ପିୟନ

ପଦ୍ମପୁର, ୩।୧ (ଡି.ଏନ୍.ଏ)

ବରଗଡ଼ ଜିଲା ପଦ୍ମପୁର ନିକଟସ୍ଥ ସାପଲହର ଗାୟତ୍ରୀ ହାଇସ୍କୁଲ ପଡିଆରେ ଚାଲିଥିବା ପ୍ରଥମ ଶିକ୍ଷକ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ଶିକ୍ଷକ ଏକାଦଶ (ଏ), ଶିକ୍ଷକ ଏକାଦଶ (ବି), କନସିଂହା କ୍ଲଷ୍ଟର ଶିକ୍ଷକ ଏକାଦଶ, ଝାରବନ୍ଧ ଶିକ୍ଷକ ଏକାଦଶ, ଭେଉଁରିଆ ଓ ଖଇରପାଲି ଦଳ ଭାଗ ନେଇଥିଲେ । ଫାଇନାଲ ମ୍ୟାଚ୍‌ରେ ଭେଉଁରିଆ ଏକାଦଶ ଝାରବନ୍ଧ ଶିକ୍ଷକ ଏକାଦଶକୁ ହରାଇ ବିଜୟୀ ହୋଇଥିଲା। ଜିତେନ ବଢ଼େଇ ଓ ସନାତନ ମେହେର ଖେଳ ପରିଚାଳନା କରିଥିଲେ । ସୁରେଶ ବାରିକ, ଟିକେଶ୍ୱର ପ୍ରଧାନ ଧାରା ବିବରଣୀ ପ୍ରଦାନ କରିଥିଲେ । ଗାୟତ୍ରୀ ହାଇସ୍କୁଲର ଖେଳ ଶିକ୍ଷକ ପବିତ୍ର ମୋହନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ବରିଷ୍ଠ ଶିକ୍ଷକ କିଶୋର ପାତ୍ର, ବାବୁଲୁ ପାଣିଗ୍ରାହୀ, ନରେନ୍ଦ୍ର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବୀରେନ୍ଦ୍ର ପ୍ରଧାନ, ସଞ୍ଜୀବ ଦାଶ, ସୁବ୍ରତ ସାହୁ, ଦ୍ୱାଦଶ ପ୍ରଧାନ, ପବିତ୍ର ପ୍ରଧାନ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ହାରାଧନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ । ଝାରବନ୍ଧ ଶିକ୍ଷକ ଏକାଦଶକୁ ଡିସିପ୍ଲିନ ଟିମ୍ ଭାବେ ପୁରସ୍କୃତ କରାଯାଇଥିଲା । ପଦ୍ମପୁର ଶିକ୍ଷକ ଏକାଦଶ ଟୁର୍ନାମେଣ୍ଟ ଆୟୋଜନ ଦାୟିତ୍ୱ ନିର୍ବାହ କରିଥିଲା । ନୃପରାଜ ବରିହା ଧନ୍ୟବାଦ ଅର୍ପଣ କରିଥିଲେ ।

# କର୍ମୀ ସମ୍ମିଳନୀରେ ୬୨୬ ନିର୍ମାଣ ଶ୍ରମିକଙ୍କୁ କାର୍ଡ ବଣ୍ଟନ



ସମ୍ମିଳନୀରେ ଉପସ୍ଥିତ ବିଜେଡି କର୍ମୀ ।

ପାଇକମାଳ, ୩।୧(ଡି.ଏନ୍.ଏ)

ବରଗଡ଼ ଜିଲା ପାଇକମାଳ ବ୍ଲକ ବୁକ୍ରାମୁଣ୍ଡା ଏମ୍ଇ ସ୍କୁଲ ଖେଳ ପଡିଆ ଠାରେ ଗୁରୁବାର ୩ ନଂ ଜୋନ୍ ବିଜେଡିର ଏକ କର୍ମୀ ସମ୍ମିଳନୀ ଜିଲା ସଭାପତି ବିଜୟ ରଞ୍ଜନ ସିଂ ବରିହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଶ୍ରମ ଓ ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗ ଦେଇ ୬୨୬ ଜଣ ହିତାଧିକାରୀଙ୍କୁ ଶ୍ରମିକ ପଞ୍ଜୀକରଣ କାର୍ଡ ବଣ୍ଟନ କରିଥିଲେ । ଏଥିସହ ଅଞ୍ଚଳର ବିଦ୍ୟୁତ୍ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ବ୍ଲକ ଅଧ୍ୟକ୍ଷ ଅଲତାଫ ମହମ୍ମଦ, ବିଶ୍ୱନାଥ ବାଗ, ଧବଳେଶ୍ୱର ସାହୁ, ଗିରିଶ ଡନସନା, ରାଜେନ୍ଦ୍ର ରାଉତ, ହୃଦାନନ୍ଦ ବାରିକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ । ବୁକ୍ରାମୁଣ୍ଡା ସରପଞ୍ଚ ଅଭିମନ୍ୟୁ ବରିହା ଧନ୍ୟବାଦ ଅର୍ପଣ କରିଥିଲେ ।

# ୨୬.୫୧ ଲକ୍ଷରେ ହେବ ରାସ୍ତା କଂକ୍ରିଟକରଣ

ବରଗଡ଼ ଅଫିସ୍,୩।୧

ବରଗଡ଼ ବ୍ଲକ ଅନ୍ତର୍ଗତ ନୁନିଆଁ ଜାମପାଲିଠାରୁ ଜମୁର୍ଡ଼ା ଦେଇ ବରାହଗୋଡ଼ା ରାସ୍ତା କଂକ୍ରିଟକରଣ ପାଇଁ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୨୬ଲକ୍ଷ ୫୧ହଜାର ୮୫୩ ଟଙ୍କା ମଞ୍ଜୁର ହୋଇଛି । ବୁଧବାର ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଏହି ରାସ୍ତା କଂକ୍ରିଟକରଣ କାମର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ନୁନିଆଁ ଜାମପାଲିରେ ଅକ୍ଷୟ କୁମାର ରାୟଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା । ଯୁବନେତା ଉମେଶ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

# କ୍ରିକେଟ: ସିଦ୍ଧାର୍ଥ, ପଦ୍ମପୁର ପବ୍ଲିକ ସ୍କୁଲ ବିଜୟୀ

ବରଗଡ଼ ଅଫିସ୍,୩।୧

ବରଗଡ଼ର ବିକାଶ କ୍ରିକେଟ ଷ୍ଟେଡ଼ିୟମରେ ଗୁରୁବାର ପଶ୍ଚିମ ଓଡ଼ିଶା ସହୋଦୟ ସ୍କୁଲ କମ୍ପ୍ଲେକ୍ସ ଏବଂ ବିକାଶ ଆବାସିକ ବିଦ୍ୟାଳୟ ଆନୁକୂଲ୍ୟରେ ଆନ୍ତଃ ସ୍କୁଲ କ୍ରିକେଟ ଚାମ୍ପିୟନଶିପ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲି କ୍ରୀଷ୍ଣା, ଡାଇରେକ୍ଟର ଡି. ନାଗୋବର ରାଓ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ପଶ୍ଚିମ ଓଡ଼ିଶା ସହୋଦୟ ସ୍କୁଲ କମ୍ପ୍ଲେକ୍ସର ଚେୟାରମ୍ୟାନ ତଥା ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ଏବଂ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମୁରାରି ପ୍ରସାଦ ସାହୁ ପ୍ରମୁଖ ଉଦ୍‌ଘାଟନ କରିଥିଲେ । ଉଦଘାଟନୀ ଦିବସରେ ସିମେଣ୍ଟନଗର ଇଂଲିଶ ମିଡ଼ିୟମ ସ୍କୁଲର ଅଧ୍ୟକ୍ଷ ସନାତନ ମହାପାତ୍ର, ବିକାଶ ଆବାସିକ ସ୍କୁଲର ଉପାଧ୍ୟକ୍ଷ (ସିନିୟର ସେକେଣ୍ଡାରୀ) ଚିତ୍ତରଞ୍ଜନ ପତି, ଉପାଧ୍ୟକ୍ଷ (ସେକେଣ୍ଡାରୀ) ମନୋରଞ୍ଜନ ପତି ପ୍ରମୁଖ ଉପସ୍ଥିତ ଥିଲେ।

ପୁଲ୍-ଏ ମ୍ୟାଚ୍‌ରେ ସିଦ୍ଧାର୍ଥ ପବ୍ଲିକ ସ୍କୁଲ ଟସ୍ ଜିଣି ସିମେଣ୍ଟନଗର ଇଂଲିସ ମିଡ଼ିୟମ ସ୍କୁଲକୁ ପ୍ରଥମେ ବ୍ୟାଟିଂ କରିବା ପାଇଁ ଆମନ୍ତ୍ରଣ କରିଥିଲା । ସିମେଣ୍ଟନଗର ଇଂଲିସ ମିଡ଼ିୟମ ସ୍କୁଲ ନିର୍ଦ୍ଧାରିତ ୧୫ଓଭରରେ ୬ ଉଇକେଟ୍ ହରାଇ ୧୦୮ରନ୍ ସଂଗ୍ରହ କରିଥିଲା । ଜବାବରେ ସିଦ୍ଧାର୍ଥ ପବ୍ଲିକ ସ୍କୁଲ ୧୩ଓଭରରେ ୧ଉଇକେଟ୍ ହରାଇ ୧୦୯ ସଂଗ୍ରହ କରି ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚରେ ପ୍ରଥମ ବ୍ୟାଟିଂ କରି ବରଗଡ଼ର ରୋଟାରୀ ପବ୍ଲିକ ସ୍କୁଲ ନିର୍ଦ୍ଧାରିତ ୧୫ଓଭରରେ ୫ଉଇକେଟ୍ ହରାଇ ୭୨ରନ୍ ସଂଗ୍ରହ କରିଥିଲା । ଜବାବରେ ପଦ୍ମପୁର ପବ୍ଲିକ ସ୍କୁଲ ୮ଉଇକେଟ୍ ହରାଇ ବିଜୟ ଲକ୍ଷ୍ୟ ପୂରଣ କରିଥିଲା । ଶୁକ୍ରବାର ସିଦ୍ଧାର୍ଥ ପବ୍ଲିକ ସ୍କୁଲ ଓ ପଦ୍ମପୁର ପବ୍ଲିକ ସ୍କୁଲରେ ପ୍ରଥମ ମ୍ୟାଚ ଏବଂ ବଲାଙ୍ଗିର ଆଇଡ଼ିଏମ ଏବଂ ବରପାଲି ଲିଟିଲ ଏଞ୍ଜେଲ୍ସ ପବ୍ଲିକ ସ୍କୁଲ ମଧ୍ୟରେ ଦ୍ୱିତୀୟ ମ୍ୟାଚ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଉଲ୍ଲେଖନୀୟ, ଆସନ୍ତା ୬ତାରିଖ ପର୍ଯ୍ୟନ୍ତ ଏହି ଚାମ୍ପିୟନଶିପ୍ ହେବାର କାର୍ଯ୍ୟକ୍ରମ ରହିଥିବାବେଳେ ସମୁଦାୟ ୧୫ଟି ଦଳ ଭାଗ ନେଇଛନ୍ତି। ୧୫ଟି ଦଳକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି । ଗ୍ରୁପ-ଏର ସମସ୍ତ ମ୍ୟାଚ ବରଗଡ଼ର ବିକାଶ ଆବାସିକ ସ୍କୁଲରେ ଅନୁଷ୍ଠିତ ହେବାକୁ ଥିବାବେଳେ ଗ୍ରୁପ-ବିର ସମସ୍ତ ମ୍ୟାଚ ବିକାଶ ଦି କନସେପ୍ଟ ସ୍କୁଲ, ଶାସନ, ସମ୍ବଲପୁରରେ ହେବ । ଏହାର ଆୟୋଜନରେ ବିକାଶ ଶିକ୍ଷାନୁଷ୍ଠାନର ଅଧ୍ୟାପକ ରାଜ ନାରାୟଣ ବିଶ୍ୱାଳ, କ୍ରୀଡ଼ା ଶିକ୍ଷକ ପିତାମ୍ବର ପ୍ରଧାନ (ମ୍ୟାଚ ରେଫେରୀ), ସୁଶାନ୍ତ ସ୍ୱାଇଁ, ଅଜୟ ସରକାର, ବିଜୟ ସରକାର, ଏନ୍. କରୁଣାକରନ୍, ଅଶୋକ ସିଂ(କ୍ରିକେଟ୍ କୋଚ୍) ପ୍ରମୁଖ ସହଯୋଗ କରୁଛନ୍ତି ।



ଉଦ୍‌ଘାଟନୀ ସମାରୋହରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

# ବଦଳିବେ ନାରୀ ଚରିତ୍ରର କଳାକାର

ବରଗଡ଼ ଅଫିସ୍,୩।୧

ଆଉ ମାତ୍ର ସପ୍ତାହକ ପରେ ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ । ମହୋତ୍ସବରେ ଏଥର ନାରୀ ଚରିତ୍ର ଗୁଡ଼ିକରେ ନୂଆ ମହିଳା କଳାକାରମାନେ ଆସୁଥିବା ସୂଚନା ମିଳିଛି। ଯଶୋଦା, ଦେବକୀଙ୍କ ସମେତ ରାଣୀ ଇନ୍ଦୁମତୀ, ପଦ୍ମାବତୀ, ହେତୀ, ପ୍ରହେତୀ ଚରିତ୍ରରେ ସେହି ନୂଆ କଳାକାରମାନେ ଧନୁଯାତ୍ରା ମହୋତ୍ସବରେ ପାଦ ଥାପିବେ। ସେହି ନୂଆ କଳାକାରମାନେ ପ୍ରଥମଥର ପାଇଁ ଧନୁଯାତ୍ରାକୁ ଓହ୍ଲାଉଥିଲେ ହେଁ ସେମାନଙ୍କ ମଧ୍ୟରୁ କେତେକ ସ୍ଥାନୀୟ ଏବଂ ଅଧିକାଂଶ ଏ ଅଞ୍ଚଳର ଯାତ୍ରାପାର୍ଟିରେ ବହୁଦିନରୁ ତାଙ୍କ ସମ୍ପର୍କ ରହିଥିବା ଖବର ମିଳିଛି ।



ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଉଲୁଣ୍ଡା ଧନୁଯାତ୍ରା ଉଦ୍‌ଯାପିତ

ଉଲୁଣ୍ଡା ୩।୧(ଡି.ଏନ.ଏ.): ଉଲୁଣ୍ଡା ବ୍ଲକ ଶ୍ରୀକୃଷ୍ଣ ସାଂସ୍କୃତିକ ପରିଷଦ ତରଫରୁ ଆୟୋଜିତ ଧନୁଯାତ୍ରା ମହୋତ୍ସବର ଶେଷ ସନ୍ଧ୍ୟାରେ ଲକ୍ଷାଧିକ ଦର୍ଶକଙ୍କ ସମାଗମ ହୋଇଥିଲା। ପୌରାଣିକ କଥାବସ୍ତୁରୁ କଂସ ଦ୍ୱାରା ଆୟୋଜିତ ଧନୁଯାତ୍ରା ମହୋତ୍ସବ ଦେଖିବା ପାଇଁ ସ୍ୱୟଂ ଶ୍ରୀକୃଷ୍ଣ, ବଳରାମଙ୍କ ମଥୁରାପୁ ପ୍ରବେଶ, କୃଷ୍ଣଙ୍କୁ ବଧ ପାଇଁ ନିୟୋଜିତ କୁବଳୟା ହସ୍ତୀକୁ ପ୍ରଥମ ଦ୍ୱାରରେ ଉଦ୍ଧାର, ଦ୍ୱିତୀୟ ଦ୍ୱାରରେ ଚାରୁଣ ମୁଷ୍ଟିକ ନିହତ, ତୃତୀୟ ଦ୍ୱାରରେ ସେନାପତି ହଂସଧ୍ୱଜ ନିହତ, ଚତୁର୍ଥ ଦ୍ୱାରରେ କଂସଭ୍ରାତା ସୁନାକ୍ଷ ନିହତ, ପଂଚମ ଦ୍ୱାରରେ ମନ୍ତ୍ରୀ ଶକ୍ରାଜିତ କୃଷ୍ଣଙ୍କ ସରଣାପନ୍ନ ଏବଂ ବେନିଭାଇଙ୍କ ଧନୁଯାତ୍ରା ପରିଦର୍ଶନ ଆଦି ଦୃଶ୍ୟ ମଞ୍ଚସ୍ଥ ହୋଲା। ଅନ୍ତିମ ପର୍ଯ୍ୟାୟରେ ଭଣଜା କୃଷ୍ଣ ଓ ବଳରାମଙ୍କ ଦର୍ଶନ କରି କଂସ ମଞ୍ଚରୁ ପଡି ଯାଇଥିଲେ। ପରେ ବ୍ରହ୍ମ ଭାବରେ ସ୍ୱୀକାର କରି ପ୍ରାର୍ଥନା କରିବାରୁ କୃଷ୍ଣ ତାଙ୍କୁ ଉଦ୍ଧାର କରିବାର ଦୃଶ୍ୟ ବେଶ ଜୀବନ୍ତ ହୋଇପାରିଥିଲା। ପରେ ଦେବକୀ ଓ ବସୁଦେବଙ୍କୁ ବନ୍ଦୀଶାଳାରୁ ଉଦ୍ଧାର କରାଯାଇ ଅଜା ଉଗ୍ରସେନ ମହାରାଜଙ୍କୁ ମଥୁରା ରାଜଗଡିରେ ରାଜ୍ୟ ଅଭିଷେକ କରାଇଥିଲେ। କଂସଙ୍କ ପତନ ପରେ ସମଗ୍ର ମଥୁରା ନଗରୀରେ ଶାନ୍ତି ସ୍ଥାପନ ହୋଇଥିଲା। ଏହି ଅବସରରେ ରାଜଦରବାରରେ ଓଡିଆ ଚଳଚ୍ଚିତ୍ର ଜଗତର ଅଭିନେତ୍ରୀ (ନାୟିକା) ରିୟା ସେନ ଯୋଗଦେଇ ଦର୍ଶକଙ୍କୁ ନିଜ କଳା ପ୍ରଦର୍ଶନରେ ଆମୋଦିତ କରାଇପାରିଥିଲେ। ସୁଶୀଲ କୁମାର ମେହେର କଂସ ଭୂମିକା ତୁଲାଇଥିଲେ। ରାଜ ଦରବାରରେ ଅଂଶଗ୍ରହଣ କରିଥିବା ସମସ୍ତ ମଞ୍ଚ କଳାକାର, ନୃତ୍ୟ କଳାକାରଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ସଭାପତି ରଷିକୁମାର ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସଭାରେ ବୀରମହାରାଜପୁର ଉପଜିଲାପାଳ ସୁବ୍ରତ କୁମାର ବେହେରା, ତହସିଲଦାର ଲକ୍ଷ୍ମି ସାହୁ, ପୂର୍ବତନ ସଭାପତି ହିମାଂଶୁ ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଲୁଣ୍ଡା ଧନୁଯାତ୍ରା ଅଞ୍ଚଳର କଳାକୁ ବିକାଶ କରିବାରେ ଏକ ପ୍ରମୁଖ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ବସୁଦେବ ଭୋଇ ମଞ୍ଚ ପରିଚାଳନା ଓ ଧର୍ମ ନିରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରେ ସନ୍ତୋଷ କୁମାର ଭୁକ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

ପଏଁରୀ ତିହାର ଉଦ୍‌ଯାପିତ

# ଉତ୍ସବ ସଂସ୍କୃତି, ସମାଜ ସୁଧାରର ବାର୍ତ୍ତା ଦିଏ

ସୋନପୁର,୩।୧(ନି.ପ୍ର)

ଉତ୍ସବ ସଂସ୍କୃତି ଓ ସମାଜ ସୁଧାରର ବାର୍ତ୍ତା ଦେଇଥାଏ ବୋଲି ଗୁରୁବାର ପଏଁରୀ ତିହାରର ଉଦ୍‌ଯାପନୀ ଦିବସରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଭରପୁର ଜନଗହଳି ମଧ୍ୟରେ ସାନ୍ଧ୍ୟ ଉତ୍ସବରେ କନ୍ଧମାଳର ପିଡି ଡିଆରଡିଏ ବିଶ୍ୱନାଥ ବାରିକ୍ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଜିଲାର ପାରମ୍ପରିକ ଲୋକନୃତ୍ୟ ଓ ଗୀତର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଏଭଳି ଉତ୍ସବ ଆୟୋଜନର ଆବଶ୍ୟକତା ଉପରେ ବାରିକ୍ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥିଭାବେ ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ଦାଶ, ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକୋରା, ଜିଲା ଉଚ୍ଚଶିକ୍ଷା ପରାମର୍ଶଦାତା ଡ. ପ୍ରଫୁଲ୍ଲ ରଥ, ଉପଦେଷ୍ଟା ଅଭିମନ୍ୟୁ କୁଶଳ ଓ ଶ୍ରୀବତ୍ସ ମଲ୍ଲିକ ପ୍ରମୁଖ ଯୋଗଦାନ କରି ପଶ୍ଚିମ ଓଡିଶା ବିଶେଷ କରି ସୁବର୍ଣ୍ଣପୁରର ଲୋକକଳା, ସଂସ୍କୃତି ଓ ଲୋକବାଦ୍ୟ ମହାନ ବୋଲି କହିଥିଲେ। ଲୁପ୍ତ ପାଇବାକୁ ବସିଥିବା ଲୋକକଳାକୁ ବଞ୍ଚାଇ ରଖିବା ସକାଶେ ପଏଁରୀର ପ୍ରୟାସକୁ ଅତିଥିମାନେ ପ୍ରଶଂସା କରିଥିଲେ। ସାଂସ୍କୃତିକ ସଭାରେ ପଏଁରୀର ସଭାପତି ଲଡୁକିଶୋର ସ୍ୱାଇଁ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ଚୌଧୁରୀ ବିଭାର ସଭା ଓ କାଯର୍ୟକ୍ରମକୁ ସଂଯୋଜନା କରିଥିଲେ। ତୃତୀୟ ସନ୍ଧ୍ୟାରେ ଢୋଲ, ନିଶାନ୍ ଓ ବଂଶୀ ସ୍ୱରର ତାଳରେ ମଞ୍ଚ ଦୁଲିକି ଉଠିଥିଲା। ବାସୁଦେବପୁରର ଗୋକୁଳ ମାଝି ଓ ଗ୍ରୁପ୍‌ର ନଚନିଆ ନୃତ୍ୟ, ପଏଁରୀ ସୋନପୁରର ବଜାସାଲ ଲୋକନୃତ୍ୟ, କନ୍ଧମାଳର ରାଜକିଶୋର ପ୍ରଧାନ ଓ ଗ୍ରୁପର ଆଦିବାସୀ ଲୋକନୃତ୍ୟ, ବରଗଡ ସାରଗମାଲି ସାଂସ୍କୃତିକ ଅନୁଷ୍ଠାନର ପଞ୍ଚରସୀ ଲୋକନୃତ୍ୟ ଓ ମଧ୍ୟପ୍ରଦେଶ ଦର୍ଶନ ଲୋକକଳା ସଂସ୍ଥାନର ବଢାଇ ଲୋକ ନୃତ୍ୟ ପରିବେଷଣ ହୋଇଥିଲା। ଏହା ଦର୍ଶକଙ୍କୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଏହି ଅବସରରେ ଉଲୁଣ୍ଡା ବ୍ଲକ ମହଦାର ସୁରେଶ ବଗର୍ତ୍ତି(ଲୋକ ବାଦ୍ୟ ଶିଳ୍ପୀ)ଙ୍କୁ ପଏଁରୀ ସମ୍ମାନ ପ୍ରଦାନ କରାଯାଇଥିଲା। ସଭା ପ୍ରାରମ୍ଭରେ ହରି ଓଁ କୁଶଳ ଓ ମୁସ୍‌କାନ ମଲ୍ଲିକ ସଙ୍ଗୀତ ପରିବେଷଣ କରିଥିଲେ। ତିନିଦିନ ଧରି ରାଜ୍ୟ ଓ ରାଜ୍ୟ ବାହାରର ୭ଶହରୁ ଉର୍ଦ୍ଧ କଳାକାର ଉତ୍ସବରେ ଯୋଗ ଦେଇଥିଲେ। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, ସଙ୍ଗୀତ ନାଟକ ଏକାଡେମୀ ନୂଆଦିଲ୍ଲୀ ଏବଂ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ଓଡିଶା ସରକାରଙ୍କ ସହାୟତାରେ ଏହି ଉତ୍ସବ ଆୟୋଜନ ହେଉଛି। ଗୌରବମୟ ଲୋକକଳାର ସୁରକ୍ଷା, ପୁନରୁଦ୍ଧାର ଓ ପ୍ରସାର ଏହି ତିହାରର ଲକ୍ଷ୍ୟ।



ଲୋକବାଦ୍ୟ ଶିଳ୍ପୀ ସୁରେଶ ବଗର୍ତ୍ତିଙ୍କୁ ପଏଁରୀ ସମ୍ମାନରେ ସମ୍ମାନିତ କରାଯାଉଛି।

### ବିନିକାରେ ଉଜ୍ଜ୍ୱଳା ସାନିଟାରୀ ନାପ୍‌କିନ୍ ଯୋଗାଣର ଶୁଭାରମ୍ଭ

ସିଂଘିଯୁବା,୩।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ସହରର ଜୁହ୍ନାପଡା କଲ୍ୟାଣ ମଣ୍ଡପଠାରେ ଉଜ୍ଜଳା ସାନିଟାରୀ ନାପ୍‌କିନ୍ ପ୍ରସ୍ତୁତି ଓ ଯୋଗାଣ ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ମୁଖ୍ୟଅତିଥିଭାବେ ଜିଲା ପରିଷଦ ସଭ୍ୟା ଗାୟତ୍ରୀ ପାଣିଗ୍ରାହୀ, ସମ୍ମାନୀତ ଅତିଥି ଜିଲା ସହକାରୀ ନୋଡାଲ ଅଫିସର ଚିତ୍ତରଞ୍ଜନ ନାୟକ, ରାମଜୀ ପଣ୍ଡା, ଲକ୍ଷ୍ମୀ ମେହେର, ଦେବାୟୁଧ ମିଶ୍ର ପ୍ରମୁଖ ଯୋଗଦେଇ ଉଜ୍ଜ୍ୱଳା ସାନିଟାରୀ ନାପ୍‌କିନ୍‌ର ପ୍ରସ୍ତୁତି ଓ ଯୋଗାଣ ବ୍ୟବସ୍ଥା ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ମହିଳା ଉପସ୍ଥିତ ରହି କିପରି ସୁରକ୍ଷିତ ଗ୍ୟାସ ବ୍ୟବହାର କରିପାରିବେ ସେ ନେଇ ବିନିକା ରାମଜୀ ଇଣ୍ଡିଆନ ଗ୍ୟାସ ପକ୍ଷରୁ ସଚେତନ କରାଯାଇଥିଲା।

# ବିଜୁ ପଟ୍ଟନାୟକ ମହିଳା କଲେଜ ରୌପ୍ୟ ଜୟନ୍ତୀ ଉତ୍ସବ ୫ରୁ

ସୋନପୁର,୩।୧(ନି.ପ୍ର.)

ସୋନପୁର ବିଜୁ ପଟ୍ଟନାୟକ ମହିଳା କଲେଜ ୨୫ବର୍ଷରେ ପଦାର୍ପଣ କରିଛି। ଏଥିପାଇଁ କଲେଜ ପକ୍ଷରୁ ରୌପ୍ୟ ଜୟନ୍ତୀ ଉତ୍ସବ ପାଳନ ହେବାକୁ ଯାଉଛି। ଜାନୁୟାରୀ ୫ ଓ ୬ ତାରିଖ ଦୁଇଦିନ ଧରି ଉତ୍ସବ ଆୟୋଜିତ ହେବ। ଶନିବାର ସକାଳେ ମା'ସୁରେଶ୍ୱରୀ ମନ୍ଦିରଠାରୁ କଲେଜ ପର୍ଯ୍ୟନ୍ତ ସାଂସ୍କୃତିକ ଶୋଭାଯାତ୍ରା ହେବ। ଶୋଭାଯାତ୍ରାରେ କଲେଜର ଛାତ୍ରୀ, ପୁରାତନ ଛାତ୍ରୀ, ଅଭିଭାବକ ଓ ଅଧ୍ୟାପିକାଅଧ୍ୟାପକ ସାମିଲ ହେବେ ବୋଲି ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ଉତ୍ସବ ଆୟୋଜନ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସମେତ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଜଳସମ୍ପଦ ଓ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବୟନ ଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ କିଶୋର ମହାନ୍ତି, ଜିଲାପାଳ ମଧୁସୂଦନ ମିଶ୍ର, ଏସ୍‌ପି ଦେବୀପ୍ରସାଦ ଦାଶ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ଦାଶ, ସୋନପୁର ଉପଜିଲାପାଳ ତଥା ଜୁନିୟର କଲେଜ ପରିଚାଳନା ପରିଷଦ ସଭାପତି ବଳରାମ ମଲ୍ଲିକ, ଜିଲା ଉଚ୍ଚ ଶିକ୍ଷା ପରାମର୍ଶଦାତା ଡ. ପ୍ରଫୁଲ୍ଲ କୁମାର ରଥ ଓ ଜିଲା ପରିଷଦ ସଭ୍ୟ ସରୋଜ କର୍ମ୍ମୀ ପ୍ରମୁଖ ଅତିଥିଭାବେ ଯୋଗଦେବେ। ଉତ୍ସବରେ ବର୍ତ୍ତମାନର ଛାତ୍ରୀ ଓ ପୁରାତନ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଏହି ଅବସରରେ ଏକ ସ୍ମରଣିକା ମଧ୍ୟ ପ୍ରକାଶ ପାଇବ ବୋଲି ଡିଗ୍ରୀ କଲେଜ ପରିଚାଳନା ପରିଷଦ ସଭାପତି ଅଭିମନ୍ୟୁ କୁଶଳ, ପରିଚାଳନା ପରିଷଦର ସଭ୍ୟ ଶ୍ରୀବତ୍ସ ମଲ୍ଲିକ, ଜୁନିୟର କଲେଜର ଅଧ୍ୟକ୍ଷା କିରଣବାଳା ଦାସ, ଡିଗ୍ରୀ କଲେଜର ଅଧ୍ୟକ୍ଷା ବୈଜୟନ୍ତୀ ନାୟକ, ଅଧ୍ୟାପିକା ସଙ୍ଗୀତା ମିଶ୍ର, ପ୍ରିତିମୟୀ ମିଶ୍ର, ସ୍ନିଗ୍ଧା ଦାସ, ଅଧ୍ୟାପକ ମଦନ ସୁନ୍ଦର ଖେତି ଓ ମଧୁସୁଦନ ପୂଜାରୀ ପ୍ରମୁଖ ସୂଚନା ଦେଇଥିଲେ।

ଫେବୃୟାରୀ ୯ରୁ ମାଲେଶ୍ରୀ ୨୦୧୯

# ଲୋକାଭିମୁଖୀ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ

ବୀରମହାରାଜପୁର, ୩।୧(ଡି.ଏନ୍.ଏ.)

ବୀରମହାରାଜପୁରଠାରେ ଅଷ୍ଟମ ଉପଖଣ୍ଡସ୍ତରୀୟ ଲୋକମହୋତ୍ସବ ପାଳନ ସକାଶେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏଥିନିମନ୍ତେ ବୀରମହାରାଜପୁର ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ପ୍ରାଥମିକ ପର୍ଯ୍ୟାୟ ଆଲୋଚନା ବୁଧବାର ସ୍ଥାନୀୟ ମୈତ୍ରୀସଦନଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସାଂସ୍କୃତିକ ସଂସଦ ତଥା ଲୋକ ମହୋତ୍ସବ କମିଟି ସଭାପତି ବୀରମହାରାଜପୁର ଉପଜଲାପାଳ ସୁବ୍ରତ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ମହୋତ୍ସବ କମିଟି ସମ୍ପାଦକ ଡ. ଲକ୍ଷ୍ମୀ ପ୍ରସାଦ ସାହୁ, ଏସ୍‌ଡିପିଓ ତଥା ସାଂସ୍କୃତିକ କମିଟି ମୁଖ୍ୟ ଧିରୋଜ ଚୋପଦାର, ସଂସଦର ଉପଦେଷ୍ଟା ଡ. ପ୍ରଫୁଲ୍ଲ କୁମାର ପାତ୍ର ଏବଂ ସାଧାରଣ ସମ୍ପାଦକ ଭୂଷଣ କୁମାର ପାତ୍ର ମଞ୍ଚାସୀନ ଥିଲେ। କାର୍ଯ୍ୟକାରୀ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରିଙ୍କ ପ୍ରାରମ୍ଭିକ ସୂଚନା ଓ ମହୋତ୍ସବ କମିଟି ସହସମ୍ପାଦକ ତଥା ରାଜସ୍ୱ ଅଧିକାରୀ ଅମୂଲ୍ୟ କୁମାର ସାହୁ ଦ୍ୱାରା ବିବରଣୀ ଉପସ୍ଥାପନ ପରେ ସବିଶେଷ ଆଲୋଚନା କରାଯାଇ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଯାଇଥିଲା।

ପୂର୍ବବର୍ଷମାନଙ୍କ ଭଳି ସ୍ଥାନୀୟ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମସ୍ଥିତ ମାଲେଶ୍ରୀ ମଣ୍ଡପରେ ତିନିଦିନ ବ୍ୟାପୀ ଅଷ୍ଟମ ଲୋକ ମହୋତ୍ସବ ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇ ଫେବୃଆରୀ ୯,୧୦ ଓ ୧୧ ତାରିଖକୁ ତିଥି ଧାର୍ଯ୍ୟ ହୋଇଛି। ଚଳିତ ଥର ମହୋତ୍ସବକୁ ଅଧିକ ଆକର୍ଷଣୀୟ ଓ ଲୋକାଭିମୁଖୀ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି। ଆଞ୍ଚଳିକ, ରାଜ୍ୟ ତଥା ଜାତୀୟସ୍ତରର ସାଂସ୍କୃତିକ ଦଳଙ୍କୁ ଆମନ୍ତ୍ରଣ କରାଯିବା ସହ ସ୍ଥାନୀୟ ପ୍ରତିଭାଙ୍କୁ ମଧ୍ୟ ସାମିଲ କରାଯିବା ପାଇଁ ବୈଠକରେ ମତପ୍ରକାଶ ପାଇଥିଲା। ପଲ୍ଲୀଶ୍ରୀ ମେଳା ଓ ପୁସ୍ତକ ମେଳାର ପରିସର ବୃଦ୍ଧି କରାଯିବା ସଙ୍ଗେସଙ୍ଗେ ମହୋତ୍ସବ ଅବସରରେ ପ୍ରକାଶିତ ହେଉଥିବା ସ୍ମରଣିକାକୁ ଅଧିକ ସମୃଦ୍ଧ କରାଯିବା ପାଇଁ ସ୍ଥିରୀକୃତ ହୋଇଛି। ଉକ୍ତ ବୈଠକରେ ବିଭିନ୍ନ କମିଟିର ପୁନର୍ଗଠନ ସକାଶେ ସଭାପତିଙ୍କୁ କ୍ଷମତା ପ୍ରଦାନ କରାଯିବା ସହିତ ଉଲୁଣ୍ଡା ବ୍ଲକର ପ୍ରତିନିଧିତ୍ୱଙ୍କୁ ସମଗୁରୁତ୍ୱ ଦେବାପାଇଁ ମତପ୍ରକାଶ ପାଇଥିଲା। ବିଭିନ୍ନ ପ୍ରସଙ୍ଗରେ ମଞ୍ଚାସୀନ କର୍ମକର୍ତ୍ତାଙ୍କ ସହ ରାମକୃଷ୍ଣ ହୋତା, ଯୁଗଳ କିଶର ମିଶ୍ର, ରଞ୍ଜିତ କୁମାର ରଥ, ପ୍ରଦୀପ କୁମାର ମିଶ୍ର, ନାରାୟଣ ଦେହୁରୀ, ଅକ୍ଷୟ ରାୟ, ଅଭିମନ୍ୟୁ ବଗର୍ତ୍ତୀ, ସୁଧାଂଶୁ ଶେଖର ପଣ୍ଡା, ପ୍ରଭାପ କୁମାର ଦାସ, ଯଦୁମଣି ବାଘ, ପଦ୍ମନାଭ ବାରିକ, ସଞ୍ଜୀବ ଦେହୁରୀ, ବଳରାମ କାଣ୍ଡ, ଅଯତ୍ନ କୁମାର କଲତା ଓ ବର୍ଷିଆନ ସଭ୍ୟ ଗୋପିନାଥ ମହାକୁର ପ୍ରମୁଖ ଆଲୋଚନା କରିଥିଲେ। ଚଳିତ ମାସ ୧୧ତାରିଖ ପରେ ମହୋତ୍ସବ କମିଟିର ପରିବର୍ଦ୍ଧିତ ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।




ମୈତ୍ରୀସଦନ ପରିସରରେ ଅନୁଷ୍ଠିତ ମାଲେଶ୍ରୀ ମହୋତ୍ସବ ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅତିଥି।

ଚାଷ, ଚାଷୀ ପ୍ରତି ବୈମାତୃକ ମନୋଭାବର ପ୍ରତିବାଦ

# ନବୀନ ନିବାସ, ସଚିବାଳୟ ଘେରିବ ଭାଜପା କୃଷକ ମୋର୍ଚ୍ଚା

ସୋନପୁର,୩।୧(ନି.ପ୍ର.)

ଚାଷ ଓ ଚାଷୀ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବର ଜବାବ ମାଗିବ ଭାଜପା କୃଷକ ମୋର୍ଚ୍ଚା । ଆସନ୍ତା ଜାନୁୟାରୀ ୮ରେ କୃଷକ ମୋର୍ଚ୍ଚା ନବୀନ ନିବାସ ଘେରାଉ କରିବା ସହିତ ରାଜ୍ୟ ସଚିବାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବ । ଏହି ଆନ୍ଦୋଳନରେ ସୁବର୍ଣ୍ଣପୁର ଜିଲାର ୧୦୦୦ରୁ ଊର୍ଦ୍ଧ୍ୱ କୃଷକ ପ୍ରତିନିଧି ଯୋଗେ ଦେବେ ବୋଲି କୃଷକ ମୋର୍ଚ୍ଚା ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଗୁରୁବାର ସୂଚନା ଦିଆଯାଇଛି । ଜିଲା କୃଷକ ମୋର୍ଚ୍ଚା ସଭାପତି କରମଚାନ୍ଦ ମହାନ୍ତି କହିଥିଲେ ଯେ, ୧୯ ବର୍ଷର ବିଜେଡି ସରକାର ସମୟରେ ଚାଷୀମାନଙ୍କର ଆର୍ଥିକ ସ୍ଥିତି ଶୋଚନୀୟ ହୋଇପଡିଛି। ଜମିକୁ ଜଳସେଚନର ସୁବିଧା ନାହିଁ। ଠିକ୍ ସମୟରେ ବିହନ, କୀଟନାଶକ ମିଳୁନି। ଚାଷୀ ତାର ଉତ୍ପାଦିତ ସାମଗ୍ରୀ ଉଚିତ ଦରରେ ବିକି ପାରୁନି । ମଣ୍ଡିରେ ଧାନ ବିକ୍ରି ସମୟରେ ୪ ରୁ ୫ କିଲୋ କଟାଯାଉଛି । ଏ ସବୁର ସମାଧାନ ନକରି ସରକାର ଏବେ କାଳିଆ ଯୋଜନା ନାମରେ ଚାଷୀଙ୍କୁ ଭଣ୍ଡାଉଛନ୍ତି ବୋଲି ମହାନ୍ତି ଅଭିଯୋଗ କରିଥିଲେ । କୃଷକ ମୋର୍ଚ୍ଚା ବଲାଙ୍ଗୀର ଲୋକସଭା ପ୍ରଭାରୀ ରାଜକିଶୋର ମେଣ୍ଡଲି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କିଶୋର ହୋତା, ଭାଜପା ଜିଲା ସଭାପତି ବିଜୟ ମହାକୁର, କୃଷକ ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ଗୌରଚନ୍ଦ୍ର ନାୟକ, ଆଶ୍ରୟ ମହାନନ୍ଦ, ଶମ୍ଭୁ ପ୍ରସାଦ ନନ୍ଦ, ଭାଜପା ଜିଲା ବାଣିଜ୍ୟ ସେଲ ସଭାପତି ଗୋବିନ୍ଦ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।




ଖବରଦାତା ସମ୍ମିଳନୀରେ ଭାଜପା କୃଷକ ମୋର୍ଚ୍ଚା ନେତୃବୃନ୍ଦ ।

### ୬୦ ଅସହାୟଙ୍କୁ କମ୍ବଳ ବଣ୍ଟନ

ଅମରପାଲି, ୩।୧ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତାସ୍ଥିତ ସାମାଜିକ ସଂଗଠନ ପ୍ରୟାସ ପକ୍ଷରୁ ଅସହାୟଙ୍କୁ କମ୍ବଳ ବଣ୍ଟନ କରାଯାଇଛି । ସଂଗଠନ ସଭାପତି ରାଧେଶ୍ୟାମ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉପସଭାପତି ବ୍ରଜାନନ୍ଦ ସାହୁ, ସମ୍ପାଦକ ଭରତ ନନ୍ଦ, ସହସମ୍ପାଦକ ଲଡୁ ଗୋପାଳ କର୍ମୀ, କୋଷାଧ୍ୟକ୍ଷ ବିଦ୍ୟାଧର ନାଏକ, ଉପଦେଷ୍ଟା ମଧୁସୂଦନ ମହାକୁର, ଗୋପାଳ ମହାକୁର ପ୍ରମୁଖ କମ୍ବଳ ବଣ୍ଟନ କରିଥିଲେ। ୬୦ ଅସହାୟଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା ।

# ଟାଏକୋଣ୍ଡୋ ପ୍ରତିଯୋଗିତା:ସୁବର୍ଣ୍ଣପୁର ଜିଲାକୁ ୧୭ ପଦକ

ସୋନପୁର,୩।୧(ନି.ପ୍ର)

୫ମ ଜାତୀୟ ଓପନ ଟାଏକୋଣ୍ଡୋ ପ୍ରତିଯୋଗିତାରେ ସୁବର୍ଣ୍ଣପୁର ଜିଲାକୁ ମିଳିଛି ବଡ ସଫଳତା। ଏହି ପ୍ରତିଯୋଗିତାରେ ଜିଲାରୁ ମୋଟ ୧୪ଜଣ ଖେଳାଳି ଭାଗ ନେଇଥିଲା ବେଳେ ୧୭ଟି ପଦକ ମିଳିଛି । ସେଥିମଧ୍ୟରୁ ୭ଟି ସ୍ୱର୍ଣ୍ଣ, ୬ଟି ରୌପ୍ୟ ଓ ୪ଟି କାଂସ୍ୟ ପଦକ। କଲିକତାର ଗିରିଶ ପାର୍କରେ ଡିସେମ୍ବର ୨୭ରୁ ୩୧ ତାରିଖ ମଧ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସିନିଅର ବର୍ଗରେ ଏହେସାସ ହୋତାଙ୍କୁ ୨ଟି ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ପଦକ ମିଳିଥିଲା ବେଳେ ସବ୍ ଜୁନିୟର ବର୍ଗରେ ଅନ୍ୱେଶ ହୋତାଙ୍କୁ ଗୋଟିଏ ସ୍ୱର୍ଣ୍ଣ ପଦକ ଓ ଗୋଟିଏ କାଂସ୍ୟ ପଦକ ମିଳିଛି। ସେହିଭଳି ଅନୁଷ୍କା ଦାସ, ମୁକେଶ ପଣ୍ଡା, ମୋର୍ଯ୍ୟାବଲ୍ଲଭ ଥନାପତି, ମନିଶ ମହାନ୍ତିଙ୍କୁ ସ୍ୱର୍ଣ୍ଣ, ଅଙ୍କିତ ମିଶ୍ର, ଅନନ୍ୟା ସାହୁ, ମହେନ୍ଦ୍ର ରଣା, ଆକାଶ ମେହେର, ସିଦ୍ଧାନ୍ତ ସାହୁ ଓ ଗୋପିନ୍ଦ ମେହେରଙ୍କୁ ରୌପ୍ୟ ପଦକ ମିଳିଛି। ଗୁରୁବାର ଜିଲା ଟାଏକୋଣ୍ଡୋ ସଂଘ ପକ୍ଷରୁ କୃତି ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଜିଲା ଟାଏକୋଣ୍ଡୋ ସଂଘ ସଭାପତି ରବିନ୍ଦ୍ର ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ, ଲକ୍ଷ୍ମୀନାରାୟଣ ମେହେର, ପ୍ରଜ୍ଞାଭାରତୀ ଆବାସିକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ନାୟକ, ଉପସଭାପତି ନାରାୟଣ ଲୁହା, ସହ ସମ୍ପାଦକ ଶେଷଦେବ ବାରିକ, ସନ୍ତୋଷ ମିଶ୍ର ଓ ରତନ କୁମାର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ସମ୍ବର୍ଦ୍ଧିତ କରିଥିଲେ ।



ପଦକ ହାସଲ କରିଥିବା ଖେଳାଳିମାନେ।

ନୂଆବର୍ଷରେ ଗ୍ରାମୀଣ ଯୁବଗୋଷ୍ଠୀଙ୍କ ନୂଆ ପରମ୍ପରା

# ଭୋଜିଭାତ ବଦଳରେ ଜମିଲା ଭକ୍ତିମୟ ପରିବେଶ

ବୀରମହାରାଜପୁର, ୩।୧ (ଡି.ଏନ୍.ଏ.)

ନବବର୍ଷର ଆଗମନକୁ ସ୍ୱାଗତ ଜଣାଇବା ପାଇଁ ବିଭିନ୍ନ ସ୍ଥାନରେ ଭୋଜିଭାତ ସାଙ୍ଗକୁ ନାଚଗୀତର ଆସର ଦେଖିବାକୁ ମିଳୁଛି। ତେବେ କେଉଁଠି କେମିତି ଏହି ଦିବସକୁ ଭିନ୍ନ ଭାବରେ ପାଳନ କରାଯାଉଥିବା ସାମ୍‌ନାକୁ ଆସୁଛି। ବୀରମହାରାଜପୁର ନିକଟବର୍ତ୍ତୀ ଉଫୁଲା ପଞ୍ଚାୟତ ଅ'ଗତ ବିକଳପାଲି ଗ୍ରାମର ଯୁବଗୋଷ୍ଠୀ ବିଗତ ପାଞ୍ଚବର୍ଷ ଧରି ଇଂରାଜୀ ନବବର୍ଷର ପ୍ରଥମ ଦିନରେ ଭୋଜିଭାତର ଆସର ଛାଡି ଆଧ୍ୟାତ୍ମିକ ସମାରୋହର ଆୟୋଜନ କରିଚାଲିଛନ୍ତି। ଗ୍ରାମବାସୀଙ୍କ ସହଯୋଗ ନେଇ ଏହି ଯୁବବର୍ଗ ଦିନିକିଆ ଧାର୍ମିକ ଆସର ଜମାଉଥିବା ବେଳେ ଚଳିତ ବର୍ଷ ଉକ୍ତ କାର୍ଯ୍ୟକ୍ରମ ତିନିଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ପ୍ରାତଃ ସମୟରେ କଳସଯାତ୍ରା ସହ ଆରମ୍ଭ ହୋଇଥିବା ଆଧ୍ୟାତ୍ମିକ ଉତ୍ସବ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ରାମାୟଣ, ପାରାୟଣ ଓ ପ୍ରବଚନ ମଧ୍ୟରେ ସୀମିତ ଥିବା ଉକ୍ତ ପର୍ବର ଉଦ୍‌ଘାଟନୀ ଦିବସରେ ରମେଶ ପୁରୋହିତ ବ୍ୟାସ ଭାବେ ଯୋଗ ଦେଇଥିଲେ। ବୁଧବାର ସନ୍ଧ୍ୟା ଯୋଶୀ ଏବଂ ଗୁରୁବାର ଅନ୍ତିମ ଦିବସରେ ବନ୍ଦିତା ନାୟକ ପରାୟଣ କରିଥିଲେ। ଗ୍ରାମ ମଣ୍ଡପରେ ଆୟୋଜିତ ଉକ୍ତ ଧାର୍ମିକ ସମାରୋହରେ ଉକ୍ତ ଯୁବଗୋଷ୍ଠୀଙ୍କ ସହ ଗ୍ରାମବାସୀ ନିଷ୍ଠା ଓ କାଷ୍ଠାର ସହିତ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ପରମ୍ପରା ଆଗାମି ଦିନରେ ମଧ୍ୟ ଜାରି ରହିବ ବୋଲି ଆୟୋଜକ ମାହେଶ୍ୱରୀ କ୍ଲବର ସଭାପତି ଅମିତାବ ମହାକୁର କହିଛନ୍ତି। ଯୁବବର୍ଗଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ପ୍ରୟାସ ଗ୍ରାମୀଣ ଏକତା ସଂହତି ଓ ଭାଇଚାରାର ବାର୍ତ୍ତା ଦେଇଛି।



ବିକଳପାଲି ଗ୍ରାମରେ ଆୟୋଜିତ ତ୍ରିଦିନାତ୍ମକ ଆଧ୍ୟାତ୍ମିକ ସମାରୋହରେ ଜଣେ ପ୍ରବଚିକା ରାମକଥା ଶୁଣାଉଛନ୍ତି।

ହପ୍‌ତେ ହେଲା ମଣ୍ଡିରେ ଧାନ୍ ଜୁଗିଛନ୍ ଚାଷୀ

# ଖୁଲା ଆକାଶ ତଲେ ୪୦ ହଜାର ବସ୍ତା ଧାନ

କନ୍ଧମାଳ,୩।୧(ଡି.ଏନ.ଏ)

ବୌଦ୍ଧ ଜିଲା ରୁଣ୍ଡିମହୁଲ ପ୍ୟାକ୍ସ ଅଧିନ୍‌ରେ ପରିଚାଲିତ ପଲଶାଗୋରା ମଣ୍ଡି, ସିମିଲିପଦର ଆର ଯୋଗେନ୍ଦ୍ରପୁର ମଣ୍ଡିରେ ବୁଧୁବାର ଅଚଲାବସ୍ଥା ଦେଖାଦେଇଛେ। ମଣ୍ଡିରୁ ଧାନ ଉଠି ନାଇଁପାରବାର ଲାଗି ଖୁଲା ଆକାଶ ତଲେ ୪୦ ହଜାର ବସ୍ତା ଧାନ ପଡ଼ି ରହିଛେ। ହପ୍‌ତେ ହେଲା ଚାଷୀ ନିଜର ନିଜର ଧାନକେ ଜୁଗି ବସିଥିଲେ ବି ଜିଲାର ମିଲର୍ସମାନେ ଧାନ ନାଇଁ ଉଠାବାର। ଜିଲାର ମିଲର୍ସମାନେ ମଣ୍ଡିରୁ ଧାନ ଉଠେଇ ନାଇଁ ପାରୁଥିଲା ବେଲେ ବାହାର ଜିଲାର ମିଲର୍ସଙ୍କୁଁ ବି ଧାନ ଉଠାବାର ଅନୁମତି ନାଇଁ ଦିଆଯିବାର। ରୁଣ୍ଡିମହୁଲ ପେକ୍ସ ସଂପାଦକ ସହକାରୀ ସଂପାଦକଙ୍କୁଁ ବୁଧୁବାର ମଣ୍ଡିରେ ଜୁଗେଇ ଦେଇ ଫିଲ୍ଡ ଡିଉଟି କହି ଫେରାର ଅଛନ୍। ଇ ମଣ୍ଡିରେ ଲୋକାପଡ଼ା ପେକ୍ସ ବୁଧୁବାର ଆର ଶନିବାର ଧାନ ଘିନୁଛେ। ସୋମବାର ଆର ମଂଗଲବାର ଇ ଦୁଇଦିନ୍ ରୁଣ୍ଡିମହୁଲ ପେକ୍ସ ଅଂଚଲର ଚାଷୀ ଧାନ ବିକି ଆସୁଛନ୍। ଟୋକନ ପାଇଥିବାର ୨୦ରୁ ଅଧିକା ଚାଷୀ ୫ ଦିନ ହେଲା ଧାନ୍ ବିକି ନାଇଁପାରି ଦିନ୍‌କେ ରାଏତ୍ ମଣ୍ଡିରେ ଧାନ୍ ଜୁଗିରହିଛନ୍। ସେନ୍‌ତା ଲୋକାପଡ଼ା ପେକ୍ସର ୩୦ରୁ ଅଧିକା ଚାଷୀ ୨ ଦିନ୍ ହେଲା ଧାନ ବିକି ନାଇଁପାରି କରି ପଲଶାଗୋରା ମଣ୍ଡିରେ ଧାନକେ ଜୁଗି ରହିଛନ୍। ସିମିଲିପଦର ମଣ୍ଡିରେ ଚାଷୀ ଆର୍ତ୍ତତ୍ରାଣ ଦାସ, ବୁଲୁ ମିଶ୍ର ହପ୍‌ତେ ହେଲା ଧାନ ବିକ୍‌ବାକେ ଜୁଗିଛନ୍। ବୌଦ୍ଧ ଅଂଚଲର ଗୁଟେ ରାଇସ୍ ମିଲକେ ଛାଡି ଉନିଆ କେହେନ୍‌ସି ମିଲର୍ସ ମଣ୍ଡିକେ ଗାଡ଼ି ନାଇଁ ପଠେଇ। ଯୋଗେନ୍ଦ୍ରପୁର ପେକ୍ସରେ ବି ଅଚଲାବସ୍ଥା ଲାଗି ରହିଛେ। ରୁଣ୍ଡିମହୁଲ ପେକ୍ସ ପରିଚାଲିତ ପଲଶାଗୋରା ମଣ୍ଡିରେ ଟୋକନ ନାଇଁ ପାଇଥିବାର ଚାଷୀଙ୍କର ଧାନ ଘିନା ଯାଉଥିଲା ବେଲେ ଟୋକନ ପାଇଥିବାର ଚାଷୀ ଧାନ ନାଇଁ ବିକିପାରି ଦହଗଁଜ୍ ହେଉଛନ୍। ଖାଲି ପଲଶାଗୋରା, ଯୋଗେନ୍ଦ୍ରପୁର, ସିମିଲିପଦର ନୁହେ, କନ୍ଧମାଳ ଅଂଚଲର ଅନେକ ମଣ୍ଡିରେ ହଜାର ହଜାର ବସ୍ତା ଧାନ ବିକ୍ରି ଲାଗି ପଡ଼ିରହିଛେ। ଇ ବାବ୍‌ଦେ କୃଷକ ସଂଗଠକ ଆଦିତ୍ୟ ପ୍ରଧାନ କହିଛନ୍ ଯେ, ପରଶାସନ ଆର ମିଲର୍ସ ଷଡ଼ଯନ୍ତ୍ର କରି ଚାଷୀକୁ ଶୋଷନ୍ କରୁଛନ୍। ବୌଦ୍ଧ ଜିଲାର ମିଲର୍ସମାନେ ଜିଲାର ଧାନ ଘିନବାର ଦମ୍ ନାଁଇଁନ। ହେଲେ ବାହାର ଜିଲାର ମିଲର୍ସଙ୍କୁଁ ଅନୁମତି ନାଇଁଦେଇ କରି ପରଶାସନ ମିଲର୍ସମାନକରନେ ହାତ୍ ଟେକି ଦେଇଛେ। କୁଇଣ୍ଟାଲ ପିଛା ଅଢ଼େଇରୁ ୩ କେ.ଜି. କଟନୀ ଛଟନୀ ଚାଲୁ ରହିଛେ। ଇଥିରଲାଗି ଆଏବାର ଦିନେ ଉଲ୍‌ଗୁଲାନ୍ ହେବା ବଲି ପ୍ରଧାନ କହିଛନ୍। ଇ ବାବ୍‌ଦେ ଜିଲା ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ପ୍ରଧାନଙ୍କୁଁ ପଚରାଲାରୁ ମଣ୍ଡିରୁ ଧାନ ଉଠିନାଇଁପାରବାର କଥାକେ ମାନିଥିଲେ। ଜିଲାପାଳଙ୍କର ସଂଗେ ଇ ବିଷେରେ କଥାବାରତା ଚାଲିଛେ। ବହୁତ୍ ଜଲଦି ଇ ସମସିଆର ସମାଧାନ ହେବା ବଲି ସେ କହିଥିଲେ।



ସିମିଲିପଦର ମଣ୍ଡିରେ ଚାଷୀ ଧାନ୍ ଜୁଗିଛନ୍।

ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### ଜବାବ ମାଗୁଛି ଓଡ଼ିଶା ରଥ ପରିକ୍ରମା

**ଟିକ୍ରାପଡା, ୩।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁନ୍ତଳା ବ୍ଲକ ଟିକ୍ରାପଡା ପଞ୍ଚାୟତ ଅଧୀନ ମେରାବାହାଲ ଓ ଝିଙ୍କିଡୁଙ୍ଗୁରୀ ପଞ୍ଚାୟତ ଅଧିନ ଡୁକେରଚରା, ବାରିକପାଲିଠାରେ ଭାରତୀୟ ଜନତା ପାର୍ଟିର ଜବାବ ମାଗୁଛି ଓଡିଶା ରଥ ଶୁକ୍ରବାର ପହଞ୍ଚିଥିଲା । ଜିଲା ଯୁବମୋର୍ଚ୍ଚା ସମ୍ପାଦକ ଚନ୍ଦ୍ରଭାନୁ ପଧାନ, ଜିଲା ଓବିସି ମୋର୍ଚ୍ଚା ଉପସଭାପତି ଅକ୍ଷୟ ରଣା, ଜିଲା ଉପସଭାପତି ଲବେନ୍ଦ୍ର ବେହେରା, ଟିକ୍ରାପଡା ମଣ୍ଡଳ, ସାଧାରଣ ସମ୍ପାଦକ କରୁଣାକର ପସାୟତ, ଯୁବମୋର୍ଚ୍ଚା ସଭାପତି ବିଦୁର କରନ, ଧର୍ମ ସିଂଦେଓ, ମହେନ୍ଦ୍ର ଅମାତ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଓଡ଼ିଶା ସରକାର ବେକାରୀ ନିଯୁକ୍ତି, ଜଳସେଚନ, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ କରିଥିବା କାର୍ଯ୍ୟ ନେଇ ବକ୍ତାମାନେ ଜବାବ ମାଗିଥିଲେ । ସୁମନ୍ତ ହରପାଲ, ମଧୁ ରଣା, ପୀତବାସ ଘିଭେଲା, ସତ୍ୟ ତାଣ୍ଡି, ଧ୍ରୁବଲେଶ୍ୱର ବାରିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ଲୋଇସିଂହାରେ ଜାଗରଣ ସମାବେଶ ପ୍ରସ୍ତୁତି

**ଲୋଇସିଂହା,୩।୧(ଡି.ଏନି.ଏ.):** ଆସନ୍ତା ୬ ତାରିଖ ବଲାଙ୍ଗୀର କୋସଲ କଳାମଣ୍ଡଳ ପଡିଆରେ କଂଗ୍ରେସ ପକ୍ଷରୁ ଜାଗର ସମାବେଶ ଅନୁଷ୍ଠିତ ହେବା । ସମାବେଶରେ ବିରୋଧୀଦଳ ନେତା ଓ ଦଳୀୟ ନେତୃବୃନ୍ଦ ଜିଲାର ଅଗଣିତଚାଷୀ ଓ ବେକାର ଯୁବତୀଯୁବକମାନଙ୍କୁ ସମ୍ବୋଧିତ କରିବା କାର୍ଯ୍ୟକ୍ରମ ସ୍ଥିର ହୋଇଛି । ଏହି ପରିପ୍ରେକ୍ଷୀରେ ସ୍ଥାନୀ ରାମମନ୍ଦିରଠାରେ ଏକ ପ୍ରସ୍ତୁତି ବୈଠକ ଜୋନ ସଭାପତି ସରୋଜ ବିଶ୍ୱାଳଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଟଙ୍କଧର ଗଡତ୍ୟା, ଅନ୍ୟତମ ଜୋନ ସଭାପତି ସୁଶାନ୍ତ ସିଂ, ଜିଲା ଏସି ସେଲ ଅଧ୍ୟକ୍ଷ ତ୍ରିଲୋଚନ ନନ୍ଦ, ଉପସଭାପତି ବ୍ରଜବିହାରୀ ନନ୍ଦ ଓ ବ୍ଲକ ଅଧୀନ ୨୦ ପଞ୍ଚାୟତର ସଭାପତିଙ୍କ ସମେତ ସ୍ଥାନୀୟ କର୍ମୀ ଯୋଗଦେଇ ଆଲୋଚନା କରିଥିଲେ। ସମାବେଶକୁ ସଫଳ କରିବା ନେଇ ବୈଠକରେ ରଣନୀତି ପ୍ରସ୍ତୁତ ହୋଇଥିଲା ।

### ବିଜୁ କୃଷକ ଜିଲା ସଭାପତିଙ୍କୁ ସ୍ୱାଗତ

**କଣ୍ଟାବାଞ୍ଜି, ୩।୧(ଡି.ଏନ.ଏ.):** ନବ ନିଯୁକ୍ତ ବଲାଙ୍ଗୀର ଜିଲା ବିଜୁ କୃଷକ ଜିଲା ସଭାପତି ଅଜୟ ଦାସଙ୍କୁ ଗୁରୁବାର କଣ୍ଟାବାଞ୍ଜିଠାରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଦାସ କଣ୍ଟାବାଞ୍ଜିରେ ପହଞ୍ଚିଲା ପରେ ତାଙ୍କ ଶତାଧିକ ସମର୍ଥକ ସ୍ଥାନୀୟ ପର୍ଶୁରାମ ଛକରେ ସ୍ୱାଗତ କରିଥିଲେ। ପାଟଣାଗଡ ଏନଏସିର ପୂର୍ବତନ ଚେୟାରମେନ ସୁନୀଲ ଗୋୟଲ, ଭୁବନାନନ୍ଦ ମହାନ୍ତି, ଅରୁଣ ଆର୍ଯ୍ୟା, ଚିତ୍ରଭାନୁ ବେହେରା, ପ୍ରବୀଣ ଆର୍ଯ୍ୟା, ନନ୍ଦ କିଶୋର ଅଗ୍ରୱାଲଙ୍କ ସହ ଶତାଧିକ ସମର୍ଥକ ଏହି ଅବସରରେ ଉପସ୍ଥିତ ଥିଲେ ।

# ମଣ୍ଡିରେ ପଡ଼ିଛି ଶହଶହ ବସ୍ତା ଧାନ

**ଖପ୍ରାଖୋଲ, ୩।୧ (ଡି.ଏନ.ଏ.)**


ଧାନ ଉଠି ନ ଥିବା ଖପ୍ରାଖୋଲ ମଣ୍ଡିରେ ଚାଷୀମାନେ।

**ଖପ୍ରାଖୋଲ ବ୍ଲକ**
- ମିଲରଙ୍କ ଦେଖାନାହିଁ
- ରାସ୍ତାରୋକୋ ଚେତାବନୀ
- ଜଗି ବସିଛି ଚାଷୀ

ବଲାଙ୍ଗୀର ଜିଲ ଖପ୍ରାଖୋଲ ବ୍ଲକ ସଦର ମହକୁମା ପ୍ରାଥମିକ କୃଷି ସମବାୟ ସମିତି ଧାନ ମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଏକ ସପ୍ତାହ ହେଲା ଚାଷୀ ଶହ ଶହ ବସ୍ତା ଧାନ ମଣ୍ଡିରେ ରଖିଥିଲେ ବି ମିଲରଙ୍କ ଦେଖାନାହିଁ । ଯାହା ଫଳରେ ଚାଷୀମାନେ ମଣ୍ଡିରେ ରାତି ବେଳା ଧାନ ଜଗୁଥିବା ଦେଖିବାକୁ ମିଳିଛି। ଧାନ ବିକ୍ରି ପାଇଁ ଏହି ମଣ୍ଡିରେ ପ୍ରଥମ ପର୍ଯ୍ୟାୟରେ ୧୦ ହଜାର କୁଇଣ୍ଟାଲ ଧାନ ବିକ୍ରି ଟାର୍ଗେଟ ଥିବା ବେଳେ ୩ଜଣ ମିଲରଙ୍କୁ ଧାନ କିଣିବା ପାଇଁ ସରକାରୀ ଭାବେ ନିୟୋଜିତ କରାଯାଇଛି । ସେଥିମଧ୍ୟରୁ ଗୋଟିଏ ମିଲ ତା ଟାର୍ଗେଟ ଧାନ କିଣି ସାରିଥିବା ବେଳେ ଅନ୍ୟ ଦୁଇଟି ମିଲ ପାଇଁ ୧ ହଜାର କୁଇଣ୍ଟାଲ ଧାନ ଟାର୍ଗେଟ ବାକି ରହିଛି। ହେଲେ ଏକ ସପ୍ତାହ ହେଲା ମଣ୍ଡିକୁ ମିଲର ଆସୁ ନ ଥିବା ଅଭିଯୋଗ ହୋଇଛି । ଏ ନେଇ ଚାଷୀ ସମବାୟ ସମିତିକୁ ଜଣାଇଲେ ଅସହାୟତା ପ୍ରକାଶ କରୁଥିବା ବେଳେ ଚାଷୀ କେଉଁଠି ଧାନ ବିକିବେ ଏବେ ଚିନ୍ତାରେ । ଏ ନେଇ ସମବାୟ ସମିତି ସଭାପତି ନରେନ୍ଦ୍ର ଭୋଇଙ୍କୁ ପଚାରିବାରୁ ଗତ ସପ୍ତାହରେ ବେଲପଡାର ଗାୟତ୍ରି ରାଇସ ମିଲ ଚାଷୀଙ୍କ ଧାନ ଠିକ୍ ମାନର ହୋଇ ନଥିବା କହି ଆଉ ଧାନ କିଣିବାକୁ ଆସୁ ନ ଥିବା ଆସି ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଯାଇଥିବା କହିଛନ୍ତି। ସେହିପରି ସମବାୟ ସମିତି ସମ୍ପାଦକ ଶ୍ରୀପତି ଭୋଇଙ୍କୁ ପଚାରିବାରୁ ମିଲରଙ୍କ ଟାର୍ଗେଟ ବାକି ଅଛି। ହେଲେ ଏଫଏକ୍ୟୁ ମାନର ଧାନ ମିଲ ମାଲିକ ଖୋଜୁଥିବାରୁ ଏଭଳି ସମସ୍ୟା ଦେଖା ଦେଇଛି ବୋଲି କହିଛନ୍ତି। ଅନ୍ୟପକ୍ଷରେ ଚାଷମାନେ ମିଲ ମାଲିକ କୁଇଣ୍ଟାଲ ପ୍ରତି ୪/୫ କେଜି କଟନୀ ଛଟନୀ କରୁଥିବାରୁ ତାର ପ୍ରତିବାଦ କରିଥିଲେ। ଏହାପରେ ମିଲର ଧାନ କିଣିବାକୁ ଆସୁ ନ ଥିବାରୁ ପ୍ରଶାସନ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନନେଲେ ଶୁକ୍ରବାର ରାସ୍ତା ଉପରେ ଧାନ ରଖି ରାସ୍ତାରୋକୋ କରିବୁ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଏ ନେଇ ରାଇସ ମିଲ ମାଲିକଙ୍କୁ ଫୋନଯୋଗେ ଯୋଗାଯୋଗ କରିବାରୁ କେତେକ ଚାଷୀଙ୍କ ଧାନ ନିମ୍ନମାନର ଏପରିକି ଧାନ ଡିସକଲର ହୋଇଯାଇଛି। ଯାହାକୁ କିଣିବାକୁ ମନାକଲାରୁ କେତେକ ଚାଷୀ ଧାନ ଟ୍ରକକୁ ମଣ୍ଡିରେ ଅଟକ ରଖିଥିଲେ। ଯୋଗାଣ ବିଭାଗ ଓ ସମବାୟ ସମିତି ସହଯୋଗ କଲେ ଧାନ କିଣାଯାଇ ପାରିବ ବୋଲି କହିଛନ୍ତି। ସେହିପରି ପାଟଣାଗଡ ଉପଖଣ୍ଡ ଯୋଗାଣ ଅଧିକାରୀ ବିଜୟ କୁମାର କୁଲୁଙ୍କୁ ପଚାରିବାରୁ ଶୁକ୍ରବାର ମଣ୍ଡିକୁ ଯାଇ କଣ ସମସ୍ୟା ହୋଇଛି ଅନୁସନ୍ଧାନ ପରେ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

## ପୂର୍ବଶତ୍ରୁତାରୁ ଭଉଣୀଭାଇଙ୍କୁ ଆକ୍ରମଣ

**ଲୋଇସିଂହା,୩।୧ (ଡି.ଏନ.ଏ)**


ଆହତ ମୁକେଶ ବୁଦ୍ଧିଆ।

ପୂର୍ବଶତ୍ରୁତାକୁ କେନ୍ଦ୍ର କରି ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବୁଢୀପଦର ଗ୍ରାମର ମୁକେଶ ବୁଦ୍ଧିଆ(୨୭) ଓ ତାଙ୍କ ଭଉଣୀ ମାମି(୧୭)ଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଅକ୍ରମଣକାରୀଙ୍କ ଠେଙ୍ଗା ମାଡ ଓ ଟାଙ୍ଗିଆ ଚୋଟରେ ମୁକେଶ ଗୁରୁତର ହୋଇ ବଲାଙ୍ଗୀର ଭୀମଭୋଇ ମେଡିକାଲାରେ ଭର୍ତ୍ତି ହୋଇଥିଲେ । ମୁକେଶ ମେଡିକାଲରୁ ରିଲିଫ ହୋଇ ଲୋଇସିଂହା ଥାନାରେ ଅଭିଯୁକ୍ତଙ୍କ ବିରୋଧରେ ଗୁରୁବାର ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ପୋଲିସ କେହଳଭାବ ପୋଷଣ କରୁଥିବା ସେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, କୃଷ୍ଣଚନ୍ଦ୍ର ବୁଦ୍ଧିଆଙ୍କ ପୁଅ ମୁକେଶ ବିବାହିତ । ତେବେ ଗତ ୩।୧ ତାରିଖ ଅପରାହ୍ନରେ ମୁକେଶଙ୍କ ମା' ଓ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା । ଏଥିରେ ମୁକେଶ ଉତ୍‌କ୍ଷିପ୍ତ ହୋଇ ଘରେ ଗାଳିଗୁଲଜ ହୋଇଥିଲେ । ଏହାକୁ ତାଙ୍କ ପଡୋଶୀ ତଥା ସମ୍ପର୍କୀୟ ଲୋକେ ନିଜ ଦେହକୁ ନେଇଥିଲେ । ଏହାପରେ ସୁରେନ୍ଦ୍ର ବୁଦ୍ଧିଆ, ପାଣ୍ଡବ ବୁଦ୍ଧିଆ, ଜଗନ୍ନାଥଙ୍କ ସମେତ ୯ ଜଣ ବ୍ୟକ୍ତି ଅତର୍କିତ ଠେଙ୍ଗା ଓ ଟାଙ୍ଗିଆରେ ଆକ୍ରମଣ କରିଥିଲେ । ମୁକେଶଙ୍କୁ ରକ୍ଷା କରିବାକୁ ଆସୁଥିବା ଭଉଣୀ ମାମିଙ୍କୁ ମଧ୍ୟ ଆକ୍ରମଣକାରୀ ଠେଲିଦେବାରୁ ତଳେ ପଡି ଯାଇ ଆହତ ହୋଇଛନ୍ତି। ଆକ୍ରମଣରେ ମୁକେଶଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ଘଟଣା ଦିନ ମୁକେଶ ଥାନାକୁ ଜଣାଇବାକୁ ଯିବାରୁ ପ୍ରାଥମିକ ଚିକିତ୍ସା କରିବାକୁ ପରାମର୍ଶ ଦେଇଥିଲେ ବୋଲି ମୁକେଶ କହିଛନ୍ତି। ଏ ସମ୍ପର୍କରେ ଏଏସଆଇ ଜଗା ବରିହାଙ୍କୁ ପଚାରିବାରୁ ଏନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ପ୍ରକାଶ କରିଛନ୍ତି।

### ଲୋଇସିଂହା(ବୁର୍ଡା) ଅଗ୍ନିଶମ କାର୍ଯ୍ୟାଳୟ

## କାର୍ଯ୍ୟକ୍ଷମ ହେଲା, ଉଦ୍‌ଘାଟନକୁ ଅପେକ୍ଷା

**ଲୋଇସିଂହା, ୩।୧(ଡି.ଏନ.ଏ.)**


ଲୋଇସିଂହା ଅଗ୍ନିଶମ ନୂତନ କାର୍ଯ୍ୟାଳୟ।

ବଲାଙ୍ଗୀର ଜିଲା ଲୋଇସିଂହା(ବୁର୍ଡା) ଅଗ୍ନିଶମ କାର୍ଯ୍ୟାଳୟ ନୂତନ କୋଠାର ପ୍ରତିଷ୍ଠା ସମାରୋହ ନବବର୍ଷ ଦିନ ସମ୍ପନ୍ନ ହୋଇଯାଇଛି। ବିଭାଗୀୟ ଜିଲା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ପ୍ରତିଷ୍ଠା ସମାରୋହ ପରେ ନୂତନ କୋଠାରେ କାର୍ଯ୍ୟାରମ୍ଭ ହୋଇଛି। ଅପରପକ୍ଷେ ସରକାରୀଭାବେ କାର୍ଯ୍ୟାଳୟର ଉଦ୍‌ଘାଟନ କାର୍ଯ୍ୟକ୍ରମ ପରବର୍ତ୍ତୀ ସମୟରେ କରାଯିବ । ଏଥିପାଇଁ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ତାରିଖ ନିର୍ଦ୍ଧାରଣ କରିବେ ବୋଲି ସ୍ଥାନୀୟ ଦାୟିତ୍ୱରେ ଥିବା ଅଧିକାରୀ ପଞ୍ଚାନନ ବେହେରା ପ୍ରକାଶ କରିଛନ୍ତି। ଧନଜୀବନକୁ ସୁରକ୍ଷା ଦେବା ପାଇଁ ରାଜ୍ୟର ପ୍ରତ୍ୟେକ ବ୍ଲକରେ ଅଗ୍ନିଶମ କାର୍ଯ୍ୟାଳୟ ପ୍ରତିଷ୍ଠା ପାଇଁ ସରକାର ପଦକ୍ଷେପ ନେଇଛନ୍ତି। ୨୦୧୨-୧୩ଆର୍ଥିକ ବର୍ଷରେ ଲୋଇସିଂହା ଅଗ୍ନିଶମ କାର୍ଯ୍ୟାଳୟ ପାଇଁ ରାଜ୍ୟ ସରକାରଙ୍କଠାରୁ ଅନୁଦାନ ପ୍ରଦାନ କରାଯାଇଥିଲା । ଲୋଇସିଂହାରେ ସରକାରୀ ଜମି ସମସ୍ୟା ଯୋଗୁ କାର୍ଯ୍ୟାଳୟ ନିର୍ମାଣକୁ ନେଇ ସମସ୍ୟା ସୃଷ୍ଟି ହୋଇଥିଲା । ତେଣୁ ବୁର୍ଡାଠାରେ କାର୍ଯ୍ୟାଳୟ ନିର୍ମାଣ ପାଇଁ ଜମି ଚିହ୍ନଟ ହୋଇଥିଲା । ଜୁନ ୨୦୧୪ରୁ ବୁର୍ଡା ପଞ୍ଚାୟତ ରାଜୀବ ସେବା କେନ୍ଦ୍ରରେ ଅସ୍ଥାୟୀ ଭାବରେ କାର୍ଯ୍ୟାଳୟ ଆରମ୍ଭ ହୋଇଥିଲା । ସେବେଠାରୁ ବୁର୍ଡା ରାଜୀବ ସେବା କେନ୍ଦ୍ରରେ କାର୍ଯ୍ୟ ଚାଲି ଆସୁଥିଲା । ସ୍ଥାନୀୟ ଏମଇ ସ୍କୁଲ ଓ ହାଇସ୍କୁଲ ମଝିରେ ଥିବା ପଡିଆରେ ୨୦୧୬ ମସିହାରେ ୫୬ଲକ୍ଷ ବ୍ୟୟ ଅଟକଳରେ ଅଗ୍ନିଶମ କାର୍ଯ୍ୟାଳୟ କୋଠା ନିର୍ମାଣ କାମ ଆରମ୍ଭ ହୋଇଥିଲା । ଧିମା କାମ ଯୋଗୁ ନିର୍ଦ୍ଧାରିତ ସମୟରେ ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇ ପାରିନାହିଁ । ଏବେ ବି କେତେକ ବାକି କାମ ଚାଲିଛି । ବିଭାଗୀୟ ଅଧିକରୀଙ୍କ ନିର୍ଦ୍ଦେଶରେ ଗତ ୧ ତାରିଖ ପ୍ରତିଷ୍ଠା ଯଜ୍ଞ ଅନୁଷ୍ଠିତ ହୋଇ କାର୍ଯ୍ୟ ଆରମ୍ଭ ହୋଇଛି ।

### ଦୁଇଥର ନୋଟିସ୍ ପରେ ବି କାର୍ଯ୍ୟରେ ଯୋଗଦେଉ ନାହାନ୍ତି ଚତୁର୍ଥ ଶ୍ରେଣୀ କର୍ମଚାରୀ

**ଲୋଇସିଂହା, ୩।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କେଉଁଟିପାଲି ଗ୍ରାମର ଆଦିବାସୀ ହରିଜନ ହାଇସ୍କୁଲର ଜଣେ ଚତୁର୍ଥ କର୍ମଚାରୀ ଗତ ଜୁନମାସରୁ ସ୍କୁଲରେ ଅନୁପସ୍ଥିତ ରହିଛନ୍ତି। ସ୍କୁଲରୁ ଦୁଇ ଥର କାରଣ ଦର୍ଶାଅ ନୋଟିସ ଦିଆଯାଇଛି । କୌଣସି ଉତ୍ତର ଫେରାଇ ନାହାନ୍ତି। ଅପରପକ୍ଷେ କାର୍ଯ୍ୟାନୁଷ୍ଠାନ ଭୟରେ ସ୍କୁଲ ବିରୋଧରେ ଅଭିଯୋଗ ଆଣିଛନ୍ତି। ଚତୁର୍ଥ କର୍ମଚାରୀଙ୍କ ଦୀର୍ଘ ଅନୁପସ୍ଥିତି ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଧାନଶିକ୍ଷକ ଶାନ୍ତିଲାଲ ନନ୍ଦ କହିଛନ୍ତି । ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ ଅଧୀନ କେଉଁଟିପାଲି ଗ୍ରାମରେ ୧୯୭୬ ମସିହାରୁ ଉକ୍ତ ସ୍କୁଲ ପ୍ରତିଷ୍ଠା ହୋଇଛି । ୨୦୧୫ରୁ ଉକ୍ତ ସ୍କୁଲକୁ ରାଜ୍ୟ ସରକାର ୪୦ ପ୍ରତିଶତ ବ୍ଲକଗ୍ରାଣ୍ଟ ଅନୁଦାନ ଦେଉଛନ୍ତି। ଗତ ଅକ୍ଟୋବର ମାସରୁ ବ୍ଲକଗ୍ରାଣ୍ଟ ଅନୁଦାନ ୬୦ପ୍ରତିଶତ ବୃଦ୍ଧି ପାଇଥିବା ସ୍କୁଲ କର୍ତ୍ତୃପକ୍ଷଙ୍କଠାରୁ ପ୍ରକାଶ । ତେବେ ବିଦ୍ୟାଳୟରେ ଥିବା ଷ୍ଟାପଙ୍କ ମଧ୍ୟରୁ ଜନୈକ ଚତୁର୍ଥ କର୍ମଚାରୀ ଗତ ଜୁନ ମାସରୁ ସ୍କୁଲରେ ଅନୁପସ୍ଥିତ ରହିଛନ୍ତି। ଗତ ୧୯ନଭେମ୍ବରରେ ପ୍ରଥମ ଓ ୧୯ ଡିସେମ୍ବରରେ ଦ୍ୱିତୀୟ କାରଣ ଦର୍ଶାଅ ନୋଟିସ ଦିଆଯାଇଥିଲେ ସୁଦ୍ଧା ଉତ୍ତର ଫେରାଇ ନାହାନ୍ତି। ସ୍କୁଲର କେତେକ ଛାତ୍ରୀଙ୍କ ସାଇକେଲ ଟଙ୍କା ଆତ୍ମସାତ କରିଥିନା ନେଇ ସମ୍ପୃକ୍ତ ଚତୁର୍ଥ କର୍ମଚାରୀ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଠାରେ ଅଭିଯୋଗ କରିଥିଲେ। ଗଣମାଧ୍ୟମ ପ୍ରତିନିଧିମାନେ ସ୍କୁଲକୁ ଯାଇ ଏ ନେଇ ପଚରାଉଚରା କରିଥିଲେ । ସ୍କୁଲ ପ୍ରଧାନଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷକ ଓ କର୍ମଚାରୀ ଅଭିଯୋଗକୁ ଖଣ୍ଡନ କରି ନିଜ ଦୋଷ ଘୋଡାଇବା ପାଇଁ ଏପରି ମିଛ ଅଭିଯୋଗ କରିଥିବା କହିଥିଲେ । ନିକଟରେ ସ୍କୁଲ ପରିଦର୍ଶନରେ ଆସିଥିବା ବ୍ଲକ ଶିକ୍ଷା ଅଧିକାରୀ ରୀନା ବେହେରା ମଧ୍ୟ ଘଟଣା ସଂକ୍ରାନ୍ତରେ ଅବଗତ ହୋଇଥିବା କହିଥିଲେ ।

## ବନ୍ଧ ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ


ଦେଓଗାଁ ଯୋଗୀସାଗରରେ ୧କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଉନ୍ନତୀକରଣ କାର୍ଯ୍ୟର ବିଧାୟକ ନରସିଂହ ମିଶ୍ର ଶିଳାନ୍ୟାସ କରୁଛନ୍ତି ।

**ଦେଓଗାଁ, ୩।୧(ଡି.ଏନ.ଏ.)**

ଦେଓଗାଁ ବ୍ଲକ ଅନ୍ତର୍ଗତ ସଦର ଓ ଜରାସିଂହା ପଞ୍ଚାୟତରରେ ଥିବା ୩ଟି ବନ୍ଧର ଉନ୍ନତିକରଣ କାର୍ଯ୍ୟର ଶିଳାନ୍ୟାସ ଗୁରୁବାର ବିରୋଧି ଦଳ ନେତା ତଥା ବିଧାୟକ ନରସିଂହ ମିଶ୍ରଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଜରାସିଂହା ଧୂବାପଡାର ଖଲିଆବନ୍ଧର ୨୫ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ଉନ୍ନତିକରଣ କାମପାଇଁ ଶିଳାନ୍ୟାସ ହୋଇଥିଲା । ପରେ ୨୫ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ସ୍ଥାନୀୟ ଦିଗସିରା ବନ୍ଧ ଉନ୍ନତିକରଣ ପାଇଁ ସେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏ ଅବସରରେ ସମ୍ମାନୀତ ଅତିଥିଭାବେ ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ତଥା ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର ଯୋଗଦେଇଥିଲେ। ସାମାଜିକ କର୍ମୀ ଗୋପବନ୍ଧୁ ମିଶ୍ର, ଦୁର୍ଗାପ୍ରସାଦ ସିଂଦେଓ, କରଣାକର ମେହେର, ମୂରଲୀଧର ମେହେର, ଦୟାନିଧି ମେହେର ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଦେଓଗାଁସ୍ଥିତ କ୍ଷୁଦ୍ର ଜଳସେଚନ ବିଭାଗ ଅନ୍ତର୍ଗତ ବୃହତ ଜଳାଶୟ ଯୋଗୀସାଗରର ୧ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଉନ୍ନତିକରଣ କାର୍ଯ୍ୟର ଶିଳାନ୍ୟାସ କରିଥିଲେ ବିରୋଧୀ ଦଳ ନେତା ମିଶ୍ର । ଏହି ଅବସରରେ ସ୍ଥାନୀୟ ଚାଷୀମାନେ ଚଳିତ ବର୍ଷ ପେଥାଇଜନିତ କ୍ଷୟକ୍ଷତି ଯୋଗୁଁ ତଳିତଳାନ୍ତ ହୋଇଥିବା ଅଭିଯୋଗ କରିବା ସହ ଯୋଗୀସାଗରରୁ ଜଳସେଚନ ହେଉଥିବା ଚାଷ ଜମିରେ କେମିତି ରବିଚାଷ କରିପାରିବେ ସେ ଦିଗରେ ପଦକ୍ଷେପ ନେବାପାଇଁ ଦାବି କରିଥିଲେ । ଏଥିସହ ଗ୍ରାମର ସମସ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଦାବି କରିଥିଲେ । ଚଳିତ ମାସ ୬ତାରିଖରେ ବଲାଙ୍ଗୀରରେ କ୍ଷୟକ୍ଷତିକୁ ନେଇ ଏକ ବିରାଟ ଚାଷୀ ସମାବେଶ ଅନୁଷ୍ଠିତ ହେବାକୁ ସ୍ଥିରୀକୃତ ହୋଇଥିବା ବେଳେ ଏଥିରେ ବହୁ ସଂଖ୍ୟାରେ ଚାଷୀମାନେ ଯୋଗଦେବା ପାଇଁ ବିଧାୟକ ମିଶ୍ର ଓ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ମେହେର ଆହ୍ୱାନ ଦେଇଥିଲେ । କ୍ଷୁଦ୍ର ଜଳସେଚନ ବିଭାଗ ଏସଡିଓ ଏମ.ଏମ. ଶତପଥୀ, ବ୍ଲକ ସହକାରୀ ଯନ୍ତ୍ରୀ ଅକ୍ଷୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ପରେ ବିଧାୟକ ମିଶ୍ର ରାଏପାଲି ଗାଁକୁ ଯାଇ ଲୋକଙ୍କ ବିଭିନ୍ନ ସମସ୍ୟା ଉପରେ ଅବଗତ ହୋଇଥିଲେ । କାର୍ଯ୍ୟକ୍ରମ ଅବସରରେ ବିଧାୟକଙ୍କ ବ୍ଲକ ପ୍ରତିନିଧି କାନ୍ତେଶ୍ୱର ପଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କୈଳାସ ତାଣ୍ଡି, ଯୁବନେତା ବିଶ୍ୱଜିତ ପାତ୍ର, ଅସିତ ମିଶ୍ର, କୁନା ସାହୁ, ସମିର ସାହୁ, ଜଗୁ ସାହୁ, ଦୀପକ ବାରିକ ପ୍ରମୁଖ ଯୋଗଦେଇଥିଲେ ।

## ଲାନ୍ତେଶ୍ୱର ଫୁଟବଲ ଟୁର୍ନାମେଣ୍ଟ: ପାଟଣାଗଡ଼ ଚାମ୍ପିୟନ

**ଟିକ୍ରାପଡା, ୩।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁନ୍ତଳା ବ୍ଲକ ଝିଙ୍କିଡୁଙ୍ଗୁରୀ ଗ୍ରାମ ପଞ୍ଚାୟତ ଅଧିନ କେନ୍ଦୁଉଡାରଠାରେ ଲାନ୍ତେଶ୍ୱର ସ୍ପୋର୍ଟ୍ସ କଲଚରାଲ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ଚତୁର୍ଥ ବାର୍ଷିକ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଅନୁଷ୍ଠିତ ଫାଇନାଲ ମ୍ୟାଚ ଅମୀମାଂସିତ ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା । ଏଥିରେ ଚଲକି ଦଳକୁ ୩-୦ ଗୋଲରେ ହରାଇ ପାଟଣାଗଡ ଚାମ୍ପିୟନ ହୋଇଥିଲା । ସଞ୍ଜୀବ ଥନାପତି, ରାଜୀବ ବିଶ୍ୱାଳ, ମଗଶିର ମଲ୍ଲିକ, ସୁଦାମ ଦନ୍ତା ଖେଳ ପରିଚାଳନା କରିଥିଲେ । ଜ୍ଞାନେଶ୍ୱର ପ୍ରଧାନି, ଚୁଡାମଣୀ ବରଗ୍ରି, ସୟ ପଧାନ, ମନଧର ଦୀପ ଧାରା ବିବରଣୀ ପ୍ରଦାନ କରିଥିଲେ । ମୋତିଲାଲ ପ୍ରଧାନୀଙ୍କ ଅଧକ୍ଷତା ଓ ତ୍ରିନାଥ ବରଗ୍ରିଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା । ବିଧାୟିକାଙ୍କ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ସ୍ଥାନୀୟ ସରପଞ୍ଚ ବଜରଙ୍ଗଲାଲ ଜୈନ, କରମତଲା ସମିତି ସଭ୍ୟ ସୁବାଶ ବୁଡେକ, ଦିଲୀପ ରାଜପଲିଆ, ରାଜକିଶୋର ଡାଙ୍ଗ, ସିଦ୍ଧେଶ୍ୱର ପ୍ରଧାନୀ, ବିକ୍ରମ ବୁଡେକ ଅତିଥିଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ । ଚାମ୍ପିୟନ ଦଳକୁ ଟ୍ରଫି ସହ ୬୦୦୦ ଓ ରନର୍ସଅପ ଦଳକୁ ଟ୍ରଫି ସହ ୪୦୦୦ଟଙ୍କା ପ୍ରଦାନ କରାଯାଇଥିଲା ।


ମୁଖ୍ୟ ଅତିଥି ବିଜେଡି ଯୁବ ନେତା ଅର୍କେଶ ନାରାୟଣ ସିଂଦେଓ ବିଜେତା ଓ ଉପବିଜେତା ଦଳଙ୍କୁ ପୁରସ୍କୃତ କରୁଛନ୍ତି ।

### ବିଜୁ ଯୁବବାହିନୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

## ଚିରାଗ ୱାରିଅର ଚାମ୍ପିୟନ

**ବଲାଙ୍ଗୀର ଅଫିସ, ୩।୧**

ବଲାଙ୍ଗୀର ତୁଳସୀନଗର ନିକଟ ସର୍କିଟ ହାଉସ ପଡିଆରେ ବିଜୁ ଯୁବବାହିନୀ ପକ୍ଷରୁ ଅନୁଷ୍ଠିତ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଛି । ୩ ଦିନ ଧରି ଚାଲିଥିବା ଟୁର୍ନାମେଣ୍ଟରେ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ । ଚିରାଗ ୱାରିଅର ଓ ଆପାନ ଟାଇଗର ମଧରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଉଭୟ ଦଳ ୮ ଓଭର ଶେଷ ସୁଦ୍ଧା ୯୬ ରନ୍ କରିବାରୁ ମ୍ୟାଚଟି ଡ୍ର ହୋଇଥିଲା । ପରେ ସୁପର ଓଭରରେ ଚିରାଗ ୱାରିଅର ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ବିଜେଡି ଯୁବନେତା ଅର୍କେଶ ନାରାୟଣ ସିଂଦେଓ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ମ୍ୟାନ୍ ଅଫ୍ ଦ ମ୍ୟାଚ ଭାବେ ଚିରାଗ ୱାରିଅରର ରାଜେଶ କୁମ୍ଭାର ଓ ମ୍ୟାନ ଅଫ୍ ଦ ସିରିଜ ଭାବେ ଆପାନ ଟାଇଗର ଦଳର ଆକାଶ ନାଗ ପୁରସ୍କୃତ ହୋଇଥିଲେ । ଚାମ୍ପିୟନ୍ ଓ ଉପବିଜୟୀ ଦଳଙ୍କୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧରେ ବିଜେଡି ୱାର୍ଡ ସଭାପତି ବନମାଳୀ ବାଗ, କୈଳାସ ମହାନ୍ତି, ନରସିଂହ ବାଗ, ଆଇନଜୀବୀ ନୀଳାଦ୍ରୀ ବିହାରୀ ସିଂ ଓ ତୁଳସୀନଗର ବିଜୁ ଯୁବବାହିନୀ ସଭାପତି କାବୁଲୁ ବେହେରା ମଞ୍ଚାସୀନ ହୋଇଥିଲେ। ଶଙ୍କର ପ୍ରଧାନ, ଘୁଣ୍ଟୁ ପଟେଲ, ବୁଲୁ ଦାସ, ଅରବିନ୍ଦ ଜଟି, ବିକ୍ରମ ତ୍ରିପାଠୀ, ଅର୍ଜୁନ ମହାଣା, ବିଭୂତି ପୋଡ, ଦିଲୀପ ଚନ୍ଦନ ସହଯୋଗ କରିଥିଲେ ।

## ବରପାଲିଆପଡ଼ା କଂକ୍ରିଟ ରାସ୍‌ତାରେ ଫାଟ

**ଲୋଇସିଂହା,୩।୧ (ଡି.ଏନ.ଏ)**

ଲୋଇସିଂହା ବ୍ଲକ୍ ହୀରାପୁର ପଁଚେତର ମାଣ୍ଡିଆପଦର ଗାଁର ବରପାଲିଆପଡ଼ାରେ ମାସକେତେ ତଲେ ତିଆର ହେଇଥିବାର କଂକ୍ରିଟ ରାସ୍‌ତା ଫାଟି ଆଁ କଲାନ। ଇ ରାସ୍‌ତାକେ ଲୋକ୍ ଠିକ୍‌ସେ ବେଭାର ନାଇଁକରୁନୁ ଫାଟି ଯିବାକେ ନେଇ ଥାନୀୟ ଲୁକ୍‌କର ଭିତରେ ଅସନ୍‌ତୋଷ ପରକାଶ ପାଏବାର ସଂଗେ ରାସ୍‌ତା କାମ୍ ଫସ୍‌କା ହେଇଥିବାର ଅଭିଯୋଗ କରିଛନ୍।

ଅଭିଯୋଗ୍ ଅନ୍‌ସାରେ, ଲୋଇସିଂହା ବ୍ଲକ୍ ହୀରାପୁର ପଁଚେତର ମାଣ୍ଡିଆପଦର ଆରଡି ରାସ୍‌ତାରୁ ବରପାଲିଆପଡ଼ା ରାସ୍‌ତାକେ କଂକ୍ରିଟ କରାଯାଇଛେ। ଆରଡି ବିଭାଗ ତରଫୁ ହେଇଥିବାର ଟେଣ୍ଡର ପାଇ ଠିକାଦାର ସୁନୀଲ କୁମାର ଅଗ୍ରୱାଲ ଇ କାମ୍ କରିଥିଲେ। ହଲ୍‌କା କାମ୍ ହେଉଥିବାର ଜାନି ସେ ସମିଆରେ ଗାଁବାସୀ ବିରୋଧ କରିଥିଲେ। କାମ୍‌ଟା ମଜବୁତ୍ ହିସାବେ କରବାର ଲାଗି ଗାଁବାସୀ ଠିକାଦାର ଆର ଥାନୀୟ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ସେ ସମିଆରେ ଗାଁବାସୀକର ଅଭିଯୋଗ୍‌କେ ଅନ୍‌ଦେଖା କରି କାମ୍ କରାଯାଇଥିଲା। ଯେନ୍‌ଥିରଲାଗି କାମ୍ ସରବାର ମାସକେତେ ଭିତରେ କଂକ୍ରିଟ ଫାଟି ରାସ୍‌ତା ଖରାପ୍ ହେଇଯାଇଛେ। ଏନ୍‌ତା କି ରାସ୍‌ତା କାମ୍ ହେଲା ବେଲେ ସୂଚନା ଫଳକ ନାଇଁ ଲଗାଯାଇ। ଯେନ୍‌ଥିରଲାଗି ଗାଁବାସୀ କେନ୍ ଅନୁଦାନ ଆର କେନ୍ ପ୍ରକଳ୍ପର ଖରଚ୍ ଅଟକଲରେ ରାସ୍‌ତା ତିଆର ହେଉଛେ ସେ ବାବ୍‌ଦେ ଅଁଧାରେ ଥିଲେ। ଖାଲି ଇ ରାସ୍‌ତା ନୁହେ, ଗାଁରେ ହେଇଥିବାର ଆଉର କେତେ ରାସ୍‌ତା କାମ୍ ବି ଫସ୍‌କା ହେଇଥିବାର ଗାଁବାସୀ କହିଛନ୍। ସେ ସବୁ ରାସ୍‌ତା ସମେତ ମାଣ୍ଡିଆପଦର ଗାଁରେ ହେଇଥିବାର ଉନ୍‌ନୟନ କାମର ଉଚ ଧରନର ତଦଁତ କରବାକେ ଗାଁବାସୀ ଦାବି କରିଛନ୍। ଇ ବାବ୍‌ଦେ ଦାଇତିଅରେ ଥିବାର ଆରଡି ବିଭାଗ୍ ଯନ୍ତ୍ରୀ ଶ୍ରୀମନ୍ତ ପଣ୍ଡାଙ୍କୁ ପଚରାଲାରୁ ମୁଇଁ ୧୫ ଦିନ୍ ତଲେ ଯାଇଥିଲି ରାସ୍‌ତା ଠିକ୍ ଥିଲା। ଏହେଦେ କେନ୍‌ଥେଇ ରାସ୍‌ତା ଫାଟ୍‌ଲା ଦେଖିଲେ ଯାଇ କହିହେବା ବଲି କହିଥିଲେ। ସେନ୍‌ତା ଆରଡି କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ପଚରାଲାରୁ ଘଟ୍‌ନା ବାବ୍‌ଦେ ମୁଇଁ ନାଇଁଜାନି, ହେଲେ ମୁଇଁ ଯନ୍ତ୍ରୀ ପଣ୍ଡାଙ୍କୁ କହୁଛେଁ ସେ ଘଟନାଥଲକେ ଯାଇ ରିପୋର୍ଟ ଦେବେ ବଲି କହିଥିଲେ।


ବରପାଲିଆପଡ଼ା କଂକ୍ରିଟ ରାସ୍‌ତା।



ଯେଉଁ ଲୋକ ଦାରିଦ୍ର୍ୟ ସହିତ ସଂଗ୍ରାମ କରି ବିଜୟୀ ହୋଇଛି, ସେ ପ୍ରକୃତରେ ଶକ୍ତିଶାଳୀ ମନୁଷ୍ୟ, କିନ୍ତୁ ଜୀବନସାରା ସମ୍ପଦ ଭିତରେ ରହିଥିବା ଲୋକ ନୁହେଁ।
- କାର୍ଲାଇଲ୍

## ସଂକ୍ଷେପରେ

### ପୋଲତଳକୁ ଖସିଲା କାର୍, ଡ୍ରାଇଭର ମୃତ

**ସିଂଘିଯୁବା,୩।୧(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା-ଏସ୍ ରାମପୁର ମୁଖ୍ୟରାସ୍ତାର ସିଂଘିଯୁବା-କମିରା ମଝିରେ ଥିବା ନଳିଆ ବ୍ରିଜ୍ ତଳକୁ ଏକ କାର ଭାରସାମ୍ୟ ହରାଇ ଖସି ପଡିବାରୁ ଡ୍ରାଇଭରଙ୍କର ମୃତ୍ୟୁ ଘଟିଛି। ମୃତ ଡ୍ରାଇଭର ହେଲେ ବିନିକା ନୂଆ ବଜାରର କଲ୍ୟାଣ ଭୂୟାଁ (୩୮)। ବିନିକା ଥାନା ପୋଲିସ ଗୁରୁବାର ସକାଳେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବିନିକା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ଅପରାହ୍ନରେ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରକାଶ ଯେ, ବୁଧବାର ବିଳମ୍ବିତ ରାତିରେ ରାମପୁର ପଟରୁ ବିନିକା ପଟକୁ ଆସୁଥିବା କାର ନଂ୧୫ଏ୫୫୬୨ ନଳିଆ ବ୍ରିଜ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇ ପ୍ରାୟ ୫୦ଫୁଟ ତଳକୁ ଖସି ପଡ଼ିଥିଲା । ଏ ନେଇ ବିନିକା ଥାନାରେ ଏକ ମାମଲା(ନଂ ୨୭୯/୧୮) ରୁଜୁ ହୋଇଛି।

# ବଲାଙ୍ଗୀରରୁ ଛତିଶଗଡ଼କୁ ଧାନ ଚାଲାଣ

**ବଲାଙ୍ଗୀର ଅଫିସ, ୩।୧**

ମରୁଡି ପ୍ରବଣ ଜିଲା ଭାବେ ପରିଗଣିତ ବଲାଙ୍ଗୀର ଜିଲାର ଚାଷୀକୂଳ ଚଳିତବର୍ଷ ମରୁଡି, ଚକଡା ପ୍ରାଦୁର୍ଭାବ ଓ ପେଥାଇ ବର୍ଷାଜନିତ ଫସଲହାନୀର ଶୀକାର ହୋଇ ଦୁର୍ଦ୍ଦଶା ଭୋଗ କରୁଛନ୍ତି । ଜିଲାର ଚାଷୀମାନେ ମରୁଡି, ଚକଡା ଓ ପେଥାଇ ଦାଉରୁ ବହୁକଷ୍ଟରେ ରକ୍ଷା କରିଥିବା ଅବଶିଷ୍ଟ ଧାନର ଉଚିତ୍ ମୂଲ୍ୟ ପାଇବେ ବୋଲି ଆଶା କରିଥିଲେ । ଏଭଳି ସମୟରେ ପଡୋଶୀ ଛତିଶଗଡରେ ଶାସନ କ୍ଷମତା ପରିବର୍ତ୍ତନ ପରେ କୃଷିରଣ ଛାଡ ଓ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ପରେ ଓଡିଶାରେ ଏହାର ପ୍ରଭାବ ପଡିବ ଓ ବଲାଙ୍ଗୀର ଜିଲାର ଚାଷୀମାନେ ମଧ୍ୟ ଲାଭବାନ ହେବେ ବୋଲି ଆଶା କରିଥିଲେ । ତେବେ ଓଡିଶା ସରକାରଙ୍କ କୃଷିରଣ ଛାଡ ଓ ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ପଦକ୍ଷେପ ଦୂରେ ଥାଉ ରାଜ୍ୟର ଘୋଷିତ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ମଧ୍ୟ ଚାଷୀ ପାଉ ନ ଥିବା ଅଭିଯୋଗ ହେଉଛି । ଜିଲାର ମଣ୍ଡିରେ ଧାନ କିଣା ଆଶାଜନକ ହୋଇନାହିଁ । ବିଭିନ୍ନ ସ୍ଥାନରେ କଟ୍‌ନି ଛଟନିରେ ଚାଷୀ ଧାନ ଟେକିବାକୁ ବାଧ ହେଉଛି । ପେଥାଇ ବର୍ଷାରେ ଅଧିକାଂଶ ଚାଷୀଙ୍କ ଧାନ ପ୍ରଭାବିତ ହେବା ପରେ ଏବେ ଜିଲାରେ ଏଫ୍ଏକ୍ୟୁ ମାନର ଧାନ ନ ଥିବା ଦର୍ଶାଇ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଓ ମିଲର୍ସ ଚାଷୀଙ୍କୁ ଶୋଷଣର ସୁବିଧା ବାଟ ପାଇଛନ୍ତି । ବିଭିନ୍ନ ସ୍ଥାନରେ ଦଲାଲ ସକ୍ରିୟ ହୋଇ ଚାଷୀଙ୍କୁ ଶୋଷଣ କରୁଛି । ଜିଲାର ବିଭିନ୍ନ ସ୍ଥାନରେ ଦଲାଲମାନେ ଚାଷୀଙ୍କଠାରୁ ସିଧାସଳଖ ଧାନକିଣି ଛତିଶଗଡ ଚାଲାଣ କରୁଥିବା ଜଣାପଡିଛି । ଜିଲାର କଣ୍ଟାବାଞ୍ଜି, ବଙ୍ଗୋମୁଣ୍ଡା, ସିନ୍ଧେକେଲା,



**ବଲାଙ୍ଗୀର ଜିଲା**
- ପ୍ରଶାସନ ନୀରବ, ଚାଷୀ ଶୋଷଣର ଶିକାର
- ପେଥାଇ ପାଇଁ ଦଲାଲ ମାଲାମାଲ

ଟିଟିଲାଗଡ, ବେଲପଡା, ପାଟଣାଗଡ, ଖପ୍ରାଖୋଲ ଅଞ୍ଚଳରେ ଦଲାଲ ବେଶୀ ସକ୍ରିୟ ଥିବା ଜଣାପଡିଛି । ସରକାରୀ ହିସାବରେ ଚଳିତ ଖରିଫ୍ ବିପଣନ ବର୍ଷ ସକାଶେ ସାଧାରଣ (ଏଫ୍ଏକ୍ୟୁ) ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୧୭୫୦ଧାର୍ଯ୍ୟ କରାଯାଇ ଥିବାବେଳେ ଗ୍ରେଡ୍ ଏ (ଏଫ୍ଏକ୍ୟୁ) ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୧୭୭୦ ଟଙ୍କା ଧାର୍ଯ୍ୟ କରାଯାଇଥିଲା । ତେବେ ଦଲାଲମାନେ ପ୍ରାୟ ୧ ହଜାରରୁ ୧୨୦୦ ଟଙ୍କାରେ କଉଇଣ୍ଟାଲ ପିଛା ଚାଷୀଙ୍କଠାରୁ ଧାନ କିଣି ଛତିଶଗଡ ପଠାଉଛି । ଜିଲାର ହଜାର ହଜାର କୁଇଣ୍ଟାଲ ଧାନକୁ ଦଲାଲମାନେ ଛତିଶଗଡ ପଠାଇ ସେଠାରୁ ମୋଟା ଅଙ୍କର ମୁନାଫ କମାଉଥିବା ଚର୍ଚ୍ଚାର ବିଷୟ ହୋଇଛି । ଏଭଳି ଚର୍ଚ୍ଚା ଖୋଲାଖୋଲି ଚାଲିଥିଲେ ବି ପ୍ରଶାସନ ଏଦିଗରେ କୌଣସି ଦୃଷ୍ଟି ଦେଉନାହିଁ। ବିନା କଟ୍‌ନୀ ଛଟ୍‌ନିରେ ଧାନ କିଣାଯିବ ବୋଲି ସରକାର ଘୋଷଣା କରିଥିଲେ ମଧ୍ୟ ପ୍ରାୟ ସବୁ ମଣ୍ଡିରେ ଚାଷୀଙ୍କ ଧାନ କଟା ଯାଉଥିବା ଜଣାପଡିଛି । ଏଭଳି ସମୟରେ ଜିଲାର ଚାଷୀମାନେ ବାଧହୋଇ ଦଲାଲକୁ ନିହାତି କମ୍ ଦରରେ ଧାନ ବିକ୍ରି କରୁଥିବା ଜଣାପଡିଛି । ଯୋଗାଣ ବିଭାଗ ତଥ୍ୟ ଅନୁସାରେ ଜିଲାରେ ୧୫୮ରୁ ଏଯାବତ୍ ୧୫୩ଟି ପ୍ୟାକ୍ସରେ ଧାନ କିଣା ଚାଲିଛି । ଏଯାବତ୍ ଜିଲାରେ ପ୍ରାୟ ୯ ଲକ୍ଷ କୁଇଣ୍ଟାଲ ଧାନ କିଣା ଯାଇଥିବା ସୂଚନା ଦିଆଯାଇଛି । ଛତିଶଗଡକୁ ଜିଲାରୁ ରୀତିମତ ଧାନ ଚାଲାଣ ଜାରି ରହିଛି । କିଛି ଅସାଧୁ ମିଲର୍ସ ଦଲାଲ ନିଯୁକ୍ତି କରି ଧାନ ଚାଲାଣରେ ମାତି ଥିବା ଅଭଯୋଗ ହେଉଛି । ତେବେ ଜିଲା ପ୍ରଶାସନ ପାଖରେ ଏଭଳି କିଛି ବି ତଥ୍ୟ ନାହିଁ । ଏ ନେଇ ଜିଲା ଯୋଗାଣ ଅଧିକାରୀ ଅଭିରାମ ପ୍ରଧାନଙ୍କୁ ପଚାରିବାରୁ ଜିଲାରୁ ଛତିଶଗଡ ଧାନ ଚାଲାଣ ହେଉଥିବା ନେଇ କୌଣସି ଅଭିଯୋଗ କିମ୍ବା ତଥ୍ୟ ନାହିଁ ବୋଲି କହିଛନ୍ତି ।

### ଉଲୁଣ୍ଡା ଧନୁଯାତ୍ରା ଉଦ୍‌ଯାପିତ

**ଉଲୁଣ୍ଡା ୩।୧ (ଡି.ଏନ.ଏ.)**

ଉଲୁଣ୍ଡା ବ୍ଲକ ଶ୍ରୀକୃଷ୍ଣ ସାଂସ୍କୃତିକ ପରିଷଦ ତରଫରୁ ଆୟୋଜିତ ହେଉଥିବା ଦ୍ୱାଦଶତମ ବିରାଟ ଧନୁଯାତ୍ରା ମହୋତ୍ସବର ଶେଷ ସନ୍ଧ୍ୟାରେ ଲକ୍ଷାଧିକ ଦର୍ଶକଙ୍କ ସମାଗମ ହୋଇଥିଲା। ପୌରାଣିକ କଥାବସ୍ତୁରୁ କଂସ ଦ୍ୱାରା ଆୟୋଜିତ ଧନୁଯାତ୍ରା ମହୋତ୍ସବ ଦେଖିବା ପାଇଁ ସ୍ୱୟଂ ଶ୍ରୀକୃଷ୍ଣ, ବଳରାମଙ୍କ ମଥୁରାପୁ ପ୍ରବେଶ, କୃଷ୍ଣଙ୍କୁ ବଧ ପାଇଁ ନିୟୋଜିତ କୁବଳୟା ହସ୍ତୀକୁ ପ୍ରଥମ ଦ୍ୱାରରେ ଉଦ୍ଧାର, ଦ୍ୱିତୀୟ ଦ୍ୱାରରେ ଚାରୁଣ ମୁଷ୍ଟିକ ନିହତ, ତୃତୀୟ ଦ୍ୱାରରେ ସେନାପତି ହଂସଧ୍ୱଜ ନିହତ, ଚତୁର୍ଥ ଦ୍ୱାରରେ କଂସଭ୍ରାତା ସୁନାଷ ନିହତ, ପଂଚମ ଦ୍ୱାରରେ ମନ୍ତ୍ରୀ ଶକ୍ରାଜିତ କୃଷ୍ଣଙ୍କ ସରଣାପନ୍ନ ଏବଂ ବେନିଭାଇଙ୍କ ଧନୁଯାତ୍ରା ପରିଦର୍ଶନ ଆଦି ଦୃଶ୍ୟ ମଞ୍ଚସ୍ଥ ହୋଲା। ଅନ୍ତିମ ପର୍ଯ୍ୟାୟରେ ଭଣଜା କୃଷ୍ଣ ଓ ବଳରାମଙ୍କ ଦର୍ଶନ କରି କଂସ ମଞ୍ଚରୁ ପଡି ଯାଇଥିଲେ। ପରେ ବ୍ରହ୍ମ ଭାବରେ ସ୍ୱୀକାର କରି ପ୍ରାର୍ଥନା କରିବାରୁ କୃଷ୍ଣ ତାଙ୍କୁ ଉଦ୍ଧାର କରିବାର ଦୃଶ୍ୟ ବେଶ ଜୀବନ୍ତ ହୋଇପାରିଥିଲା।

### କଅଁସର ପଞ୍ଚାୟତ

# ଚତୁର୍ଦ୍ଦଶ କେନ୍ଦ୍ରୀୟ ଅନୁଦାନ ହେରଫେର ଅଭିଯୋଗ

**ସଇଁତଲା, ୩।୧(ଡି.ଏନ.ଏ.)**

**ଭିଜିଲାନ୍ସ ସ୍ତରୀୟ ତଦନ୍ତ ଦାବି**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କଅଁସର ଓ କେରମେଲି ପଞ୍ଚାୟତରେ ଚତୁର୍ଦ୍ଦଶ କେନ୍ଦ୍ରୀୟ ଅନୁଦାନ ହେରଫେର ହୋଇଥିବା ଅଭିଯୋଗ ହୋଇଛି। ଉଭୟ ପଞ୍ଚାୟତ ଦାୟିତ୍ୱରେ ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିଲେ ରୁଦ୍ରାକ୍ଷ ଥପା । କଅଁସର ପଞ୍ଚାୟତ ପାଇଁ ଆସିଥିବା ଚତୁର୍ଦ୍ଦଶ କେନ୍ଦ୍ରୀୟ ଅନୁଦାନ ମଧ୍ୟରୁ ୩ଲକ୍ଷ ୭୬ ହଜାର ଟଙ୍କା ସରପଞ୍ଚଙ୍କ ଅଜାଣତରେ ତିନିଗୋଟି ଚେକ ମାଧ୍ୟମରେ ଥପା ଉଠାଇ ନେଇଥିବା ସଇଁତଲା ବ୍ଲକ କାର୍ଯ୍ୟାଳୟରେ ସରପଞ୍ଚ ସନାତନ ଦୀପ ଅଭିଯୋଗ ଆଣିଛନ୍ତି। ଦୀପଙ୍କ ଅଭିଯୋଗକୁ ଭିତ୍ତି କରି ବ୍ଲକ କର୍ତ୍ତୃପକ୍ଷ ତୁରନ୍ତ ସମ୍ପୃକ୍ତ ଦୁଇ ପଞ୍ଚାୟତ ଦାୟିତ୍ୱରୁ ଥପାଙ୍କୁ ହଟାଇ ବ୍ଲକ କାର୍ଯ୍ୟାଳୟରେ ଅବସ୍ଥାପିତ କରିଥିଲେ। ତାଙ୍କ ବିରୋଧରେ ଆସିଥିବା ଆର୍ଥିକ ଅନିୟମିତତା ସମ୍ପର୍କରେ ବ୍ଲକ କାର୍ଯ୍ୟାଳୟ ତରଫରୁ ଜିଲା ପଞ୍ଚାୟତ ଅଧିକାରୀଙ୍କୁ ପତ୍ର ସଂଖ୍ୟା ୨୩୮୩, ତା୧୦।୧୨।୨୦୧୮ରିଖ ମାଧ୍ୟମରେ ଅବଗତ କରାଯାଇଛି । ସେହିଭଳି ଥପା ଗତ କିଛିମାସ ହେବ ଅନୁପସ୍ଥିତ ରହୁଥିବାରୁ ବାର୍ଦ୍ଧକ୍ୟ ଭତ୍ତା ଓ ପଞ୍ଚାୟତର ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଆସୁଥିଲା। ବ୍ଲକ କାର୍ଯ୍ୟାଳୟ ତରଫରୁ ଜିଲା ପ୍ରଶାସନକୁ ଦୀର୍ଘ ୨୩ ଦିନରୁ ଉର୍ଦ୍ଧ୍ୱହେଲା ଏ ବିଷୟରେ ଅବଗତ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଅଭିଯୋଗ ସମ୍ପର୍କରେ ରୁଦ୍ରାକ୍ଷ ଥପାଙ୍କ ପ୍ରତିକ୍ରିୟା ମିଳି ପାରି ନ ଥିବା ବେଳେ ସଇଁତଲା ବିଡିଓ ଚିତ୍ତରଞ୍ଜନ ବନଗୁଲାଙ୍କୁ ପଚାରିବାରୁ ନିର୍ବାହୀ ଅଧିକାରୀଙ୍କ ବିରୋଧରେ ଅଭିଯୋଗ ମିଳିଛି ଏବଂ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ପଞ୍ଚାୟତ ଅଧିକାରୀଙ୍କୁ ଲିଖିତ ଭାବରେ ଜଣାଇ ଦିଆଯାଇଥିବା କହିଛନ୍ତି । ସେହିଭଳି ଦିର୍ଘ ଦିନରୁ କାର୍ଯ୍ୟକୁ ଆସୁ ନ ଥିବା ତଥା ପଞ୍ଚାୟତର ଦାୟିତ୍ୱ ଅନ୍ୟ କାହାକୁ ହସ୍ତାନ୍ତର କରୁ ନଥିବାରୁ ସମ୍ପୃକ୍ତ ପଞ୍ଚାୟତର ଜନସାଧାରଣ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରୁ ବଞ୍ଚିତ ହେଉଛନ୍ତି। କଅଁସର ଓ କେରମେଲି ଦୁଇଗୋଟି ପଞ୍ଚାୟତରେ ଗତ ଦୁଇବର୍ଷ ମଧ୍ୟରେ କେନ୍ଦ୍ରୀୟ ଓ ରାଜ୍ୟ ସରକାରଙ୍କ ଅନୁଦାନରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ହୋଇଥିବା ଖର୍ଚ୍ଚର ଭିଜିଲାନ୍ସ ସ୍ତରୀୟ ତଦନ୍ତ କରାଗଲେ ବହୁ ଦୁର୍ନିତି ପଦାରେ ପଡ଼ିବ ବୋଲି ସାଧାରଣରେ ଦାବି ହେଉଛି ।

### ଟାଏକୋଣ୍ଡୋ ପ୍ରତିଯୋଗିତା: ସୁବର୍ଣ୍ଣପୁର ଜିଲାକୁ ୧୭ ପଦକ

**ସୋନପୁର,୩।୧(ନି.ପ୍ର)**

୫ମ ଜାତୀୟ ଓପନ ଟାଏକୋଣ୍ଡୋ ପ୍ରତିଯୋଗିତାରେ ସୁବର୍ଣ୍ଣପୁର ଜିଲାକୁ ମିଳିଛି ବଡ ସଫଳତା। ଏହି ପ୍ରତିଯୋଗିତାରେ ଜିଲାରୁ ମୋଟ ୧୪ଜଣ ଖେଳାଳି ଭାଗ ନେଇଥିଲା ବେଳେ ୧୭ଟି ପଦକ ମିଳିଛି। ସେଥିମଧ୍ୟରୁ ୭ଟି ସ୍ୱର୍ଣ୍ଣ, ୬ଟି ରୌପ୍ୟ ଓ ୪ଟି କାଂସ୍ୟ ପଦକ। କଲିକତାର ଗିରିଶ ପାର୍କରେ ଡିସେମ୍ବର ୨୭ରୁ ୩୧ ତାରିଖ ମଧ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସିନିଅର ବର୍ଗରେ ଏହେସାସ ହୋତାଙ୍କୁ ୨ଟି ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ପଦକ ମିଳିଥିଲା ବେଳେ ସବ୍ ଜୁନିୟର ବର୍ଗରେ ଅନ୍ୱେଶ ହୋତାଙ୍କୁ ଗୋଟିଏ ସ୍ୱର୍ଣ୍ଣ ପଦକ ଓ ଗୋଟିଏ କାଂସ୍ୟ ପଦକ ମିଳିଛି। ସେହିଭଳି ଅନୁଷ୍କା ଦାସ, ମୁକେଶ ପଣ୍ଡା, ମୋର୍ଯ୍ୟାବଲ୍ଲଭ ଥନାପତି, ମନିଶ ମହାନ୍ତିଙ୍କୁ ସ୍ୱର୍ଣ୍ଣ, ଅଙ୍କିତ ମିଶ୍ର, ଅନନ୍ୟା ସାହୁ, ମହେନ୍ଦ୍ର ରଣା, ଆକାଶ ମେହେର, ସିଦ୍ଧାନ୍ତ ସାହୁ ଓ ଗୋପିନ୍ଦ ମେହେରଙ୍କୁ ରୌପ୍ୟ ପଦକ ମିଳିଛି। ଗୁରୁବାର ଜିଲା ଟାଏକୋଣ୍ଡୋ ସଂଘ ପକ୍ଷରୁ କୃତି ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା ।

# ରାଜେନ୍ଦ୍ର କଲେଜ ସ୍ୱୟଂଶାସନ ନବୀକରଣ ଦାବିରେ ଛାତ୍ର କଂଗ୍ରେସର ଧାରଣା



ବଲାଙ୍ଗୀର କଲେଜ ଛକଠାରେ ଛାତ୍ର କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ଧାରଣା ।

**ବଲାଙ୍ଗୀର ଅଫିସ, ୩।୧**

ବଲାଙ୍ଗୀର ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ୱୟଂଶାସନ କ୍ଷମତା ନବୀକରଣ ହେଉ ନ ଥିବା ପ୍ରତିବାଦରେ ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଗୁରୁବାର କଲେଜ ଛକଠାରେ ଧାରଣା ଦିଆଯାଇଥିଲା । ଯୁବ କଂଗ୍ରେସ ଜିଲା ସଭାପତି ପ୍ରେମପ୍ରକାଶ ମିଶ୍ର ଓ ଛାତ୍ର କଂଗ୍ରେସର ଅଙ୍କିତ ସାହୁଙ୍କ ନେତୃତ୍ୱରେ ସ୍ଥାନୀୟ କଲେଜ ଛକଠାରେ ଛାତ୍ରମାନେ ଧାରଣାରେ ବସିଥିଲେ । ୨୦୧୫ରୁ ରାଜେନ୍ଦ୍ର କଲେଜର ସ୍ୱୟଂଶାସନ ନବୀକରଣ ହୋଇନାହିଁ । ଏଭଳି ସ୍ଥିତିରେ ରାଜେନ୍ଦ୍ର ମହାବିଦ୍ୟାଳୟକୁ ୟୁଜିସି ଅନୁଦାନ ଆସୁନାହିଁ । ଫଳରେ ପଶ୍ଚିମ ଓଡିଶାର ଏହି ସର୍ବପୁରାତନ ମହାବିଦ୍ୟାଳୟର ଆନୁସଙ୍ଗିକ ଭିତ୍ତିଭୂମିର ବିକାଶ ହୋଇପାରୁନାହିଁ । କଲେଜର ଅଧ୍ୟାପକ ଅଭାବଜନିତ ସମସ୍ୟା ରହିଛି । ତୁରନ୍ତ କଲେଜ ସ୍ୱୟଂଶାସନ ନବୀକରଣ କରାଯିବା ସହ ରାଜେନ୍ଦ୍ର କଲେଜର ଅଧ୍ୟାପକ ଅଭାବ ପୂରଣ କରିବାକୁ ଦାବି କରିଥିଲେ । ଏହା ସହିତ ଜିଲାର ସମସ୍ତ କଲେଜର ଅଧ୍ୟାପକ ଅଭାବ ପୂରଣ କରିବାକୁ ଦାବି କରାଯାଇଥିଲା । ବଲାଙ୍ଗୀର ବାଇପାସ୍ ରାସ୍ତା ଶୀଘ୍ର ତିଆରି କରିବା ପାଇଁ ମଧ୍ୟ ଦାବି କରାଯାଇଥିଲା । ଏହି ଧାରଣାରେ ରାଜ୍ୟ ଛାତ୍ର କଂଗ୍ରେସ ସଂଯୋଜକ ଆଦିତ୍ୟ ପ୍ରୀତମ ଦାସ ଯୋଗଦାନ କରି ରାଜେନ୍ଦ୍ର କଲେଜ ସମସ୍ୟା ସମାଧାନ କରିବାକୁ ଦାବି କରିଥିଲେ ।



ଗଣଧାରଣାରେ ସାମିଲ ବିବେକାନନ୍ଦ ଯୁବକ ସଂଘ ଓ ଦୁର୍ଗାପୂଜା କମିଟି ଦେସିଲର କର୍ମକର୍ତ୍ତାମାନେ।

# ୬୪ ଦିନରେ ଟିଟିଲାଗଡ଼ ଜିଲା ଦାବି ଗଣଧାରଣା

**ଟିଟିଲାଗଡ଼, ୩।୧(ଡି.ଏନ.ଏ.)**

ଟିଟିଲାଗଡ ଜିଲା ଦାବି ନେଇ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ୬୪ ଦିନରେ ପହଞ୍ଚିଛି। ପ୍ରତ୍ୟେହ ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ସଂଗଠନ ଆନ୍ଦୋଳନରେ ଯୋଡି ହେଉଛନ୍ତି। ଗୁରୁବାର ସ୍ୱାମୀ ବିବେକାନନ୍ଦ ଯୁବକ ସଂଘ ତଥା ଦୁର୍ଗାପୂଜା କମିଟି ଦେସିଲର ଶତାଧିକ କର୍ମକର୍ତା ଏକ ଶୋଭାଯାତ୍ରାରେ ଆସି ଗଣଧାରଣାରେ ସାମିଲ ହୋଇଥିଲେ। ଗଣଧାରଣାରେ ଯୁବକ ସଂଘ ସଭାପତି କିଶୋର ସାହୁ, ଶ୍ରୀଫମ ସାହୁ, ତିରୁପତି ସାହୁ, ଜୟରାମ ସାହୁ, ଦଶମନ୍ତ ସାହୁ, ଘନଶ୍ୟାମ ତାଣ୍ଡି, ଦିନେଶ ସାହୁ, ବଂଶୀ ସାହୁ, ଅଦିତ୍ୟ ସାହୁ, ଶଙ୍କର ସାହୁ, ଦୁଲାରାମ ସାହୁ, ଆଶିଷ ସାହୁ, ବିଷ୍ଣୁ ସାହୁ ପ୍ରମୁଖ ବହୁ ଆନ୍ଦୋଳନକାରୀ ଉପସ୍ଥିତ ଥିଲେ।

### ପୀଠା ପରେ କାଳିଆକୁ ବିରୋଧ

# ପଞ୍ଚାୟତ କାର୍ଯ୍ୟାଳୟରେ ତାଲା

**ଟିଟିଲାଗଡ଼, ୩।୧ (ଡି.ଏନ.ଏ)**

ଟିଟିଲାଗଡ ଜିଲା ଗଠନ ଦାବି ନେଇ ଆନ୍ଦୋଳନ ଦିନକୁ ଦିନ ଉଗ୍ର ହେବାରେ ଲାଗିଛି। ଗତ ନଭେମ୍ବର ୧ତାରିଖଠାରୁ ଜାରି ରହିଥିବା ଆନ୍ଦୋଳନ ନେଇ ସମସ୍ତ ସରକାରୀ କାର୍ଯ୍ୟାଳୟଗୁଡିକରେ ଦୀର୍ଘ ୬୪ ଦିନ ହେଲା ତାଲା ଝୁଲୁଛି। ଗୁରୁବାର ଜିଲା କ୍ରିୟାନୁଷ୍ଠାନ କମିଟିର ଶତାଧିକ ସଦସ୍ୟ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି କାଳିଆ କାର୍ଯ୍ୟକ୍ରମ ଆୟୋଜନ କରୁଥିବା ନେଇ ବିଡିଓଙ୍କ ସହ ଯୁକ୍ତିତର୍କ କରିଛନ୍ତି। ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ କରାଯାଇଥିବା ବେଳେ ବିଡିଓ ଗୋପନରେ କାର୍ଯ୍ୟକ୍ରମ ଜାରି ରଖିଥିବା ନେଇ ସେମାନେ ହୋହଲ୍ଲା କରିଥିଲେ। କାଳିଆ ଯୋଜନା ସମ୍ପର୍କିତ ପୋଷ୍ଟର, ବ୍ୟାନର, ଲିଫଲେଟଗୁଡିକ ସେମାନେ ନେଇ ଯାଇ ପଞ୍ଚାୟତ କାର୍ଯ୍ୟାଳୟଗୁଡିକରେ ତାଲା ପକାଇଥିବା ଜଣାଯାଇଛି। କାର୍ଯ୍ୟାଳୟରେ ତାଲା ପଡିବା ଯୋଗୁଁ ଆସନ୍ତା ୧୦ ତାରିଖ ସୁଦ୍ଧା ଚାଷୀମାନେ କାଳିଆ ଯୋଜନାରେ ଲାଭାନ୍ୱିତ ହେବା ପାଇଁ ନିର୍ଦ୍ଧାରିତ ଫର୍ମ ଦାଖଲରୁ ବଞ୍ଚିତ ହେବେ ବୋଲି ବିଡିଓ ମୋତିଲାଲ ସୁଲିଆ କହିଛନ୍ତି। ଜିଲା ଗଠନ ନହେବା ପର୍ଯ୍ୟନ୍ତ ଆଗାମୀ ଦିନରେ ଉପଖଣ୍ଡ ଅନ୍ତର୍ଗତ ପ୍ରତ୍ୟେକ ବ୍ଲକରେ ସରକାରଙ୍କ କାର୍ଯ୍ୟକ୍ରମକୁ ବିରୋଧ ଜାରି ରହିବ ବୋଲି ଜିଲା କ୍ରିୟାନୁଷ୍ଠାନ କମିଟି ଚେତାବନୀ ଦେଇଛି। ଦୀର୍ଘ ଦୁଇ ମାସ ହେବ ଟ୍ରେଜେରୀ ତଥା ପୌର ପରିଷଦ କାର୍ଯ୍ୟାଳୟ ବନ୍ଦ ଯୋଗୁଁ ୯୦ ଜଣ ସଫେଇ କର୍ମଚାରୀ ନିଜ ପାଉଣାରୁ ବଞ୍ଚିତ ରହି ହନ୍ତସନ୍ତ ହେଉଥିବା ଗୁରୁବାର ନିର୍ବାହୀ ଅଧିକାରୀଙ୍କଠାରେ ସେମାନେ ଫେରାଦ ହୋଇଛନ୍ତି।

ପୂର୍ବ ଦିନଗୁଡିକ ପରି ଗୁରୁବାର ଟିଟିଲାଗଡ ଏଡିଜେ, ସବ୍‌ଜଜ, ଏସ୍‌ଡିଜେଏମ, ଜେଏମଏଫସି କୋର୍ଟକୁ ପ୍ରବେଶ କରିବା ପାଇଁ ଆସି ଆଇନଜୀବୀଙ୍କ ବିରୋଧ ଯୋଗୁଁ ଫେରିଯାଇଥିଲେ। ଟ୍ରେଜେରୀ କାର୍ଯ୍ୟାଳୟ ବନ୍ଦ ଯୋଗୁଁ ସମସ୍ୟା ଉପୁଜୁଥିବା ବିଚାରପତିମାନେ ଜିଲା କ୍ରିୟାନୁଷ୍ଠାନ କମିଟି ଆବାହକ ତଥା ଟିଟିଲାଗଡ ବାର ଆସୋସିଏଶନ ସଭାପତି କୃଷ୍ଣଚନ୍ଦ୍ର ସାହୁ ତଥା ଉପସ୍ଥିତ ଆଇନଜୀବୀଙ୍କୁ କହିଥିଲେ। ଏନେଇ ଆଇନଜୀବୀ ଓ ଜଜମାନଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ତର୍କବିତର୍କ ହୋଇଥିଲା। ଜିଲା କ୍ରିୟାନୁଷ୍ଠାନ କମିଟି ଆହ୍ୱାନକ୍ରମେ ନଭେମ୍ବର ୧ତାରିଖଠାରୁ ଆଇନଜୀବୀମାନେ କୋର୍ଟ କାର୍ଯ୍ୟ ବନ୍ଦ ରଖିଛନ୍ତି। ସରକାରୀ କାର୍ଯ୍ୟାଳୟ ବନ୍ଦ ଯୋଗୁଁ ଅଞ୍ଚଳର ବିଭିନ୍ନ ବର୍ଗ ସମସ୍ୟାର ସମ୍ମୁଖୀନ ହୋଇ ମଧ୍ୟ ୨୬ ବର୍ଷ ଧରି ଜାରି ରହିଥିବା ଜିଲା ଦାବି ଆନ୍ଦୋଳନକୁ ସମର୍ଥନ ଦେଇଆସିଛନ୍ତି। ସମାଜର ଏକ ଅଙ୍ଗ ଭାବରେ ଘଡିସନ୍ଧି ମୁହୂର୍ତ୍ତରେ ଆଇନଜୀବୀମାନେ ପଛକୁ ନ ହଟି ଆନ୍ଦୋଳନ ଜାରି ରଖିବେ ବୋଲି ବିଚାରପତିମାନଙ୍କ ସମ୍ମୁଖରେ ଟିଟିଲାଗଡ ବାର ଆସୋସିଏଶନ ସଭାପତି କୃଷ୍ଣଚନ୍ଦ୍ର ସାହୁ ତଥା ଅନ୍ୟ ଆଇନଜୀବୀମାନେ ପକ୍ଷ ରଖିଥିଲେ। ପରେ ବିଚାରପତି ମାନେ କୋର୍ଟ ଭିତରକୁ ପ୍ରବେଶ କରି ନ ପାରି ଫେରିଯାଇଥିବା ଜଣାଯାଇଛି।



କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶଗଡାଘାଟ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଯାଇଛି।

**ତେଜିଲା ଜିଲା ଦାବି, ଆନ୍ଦୋଳନ**

## ଫଟୋରେ ଖବର










ବଲାଙ୍ଗୀର ସାଗର ପଡା ରାସ୍ତାକଡ଼ରେ ରହୁଥିବା ପରିବାର ଲୋକେ ପ୍ରବଳ ଶୀତରୁ ରକ୍ଷା ପାଇବା ପାଇଁ ନିଆଁ ଜାଳି ବସିଛନ୍ତି (ବାମ)। ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଚାଲିଥିବା ଧାରଣା ଓ କାର୍ଯ୍ୟବନ୍ଦ ଆନ୍ଦୋଳନ ୩୧ତମ ଦିନରେ ପହଞ୍ଚିଛି (ମଝି) । ଭାଜପା ପକ୍ଷରୁ ଆଗାମୀ ୮ ତାରିଖରେ ଭୁବନେଶ୍ୱରରେ ହେବାକୁ ଥିବା ଚାଷୀ ସମାବେଶ ସମ୍ପର୍କରେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶିବାଜୀ ମହାନ୍ତି ବଲାଙ୍ଗୀରଠାରେ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।



ଅନ୍ୟର ସମୃଦ୍ଧିରେ ଯେ ଆନନ୍ଦ ପ୍ରକାଶ କରେ, ସେ ସେହି ସମୃଦ୍ଧିରେ ହିଁ ଭାଗିଦାର ହୋଇଥାଏ।

- ମେରି ଆଷ୍ଟିନ

## ସଂକ୍ଷେପରେ

### କଲେଜରେ ଆତ୍ମରକ୍ଷା କୌଶଳ ଶିକ୍ଷା

**ରାଉରକେଲା ଅଫିସ,୩୧।-** ଛେଣ୍ଡ କଲୋନୀଠାରେ ଥିବା ହୃଷୀକେଶ ରାୟ ମହାବିଦ୍ୟାଳୟ ପକ୍ଷରୁ ଗୁରୁବାର ବାଳିକା ଆତ୍ମରକ୍ଷା କୌଶଳ ଶିକ୍ଷା ଉପରେ ଏକ ତାଲିମ ଶିବିର ଆରମ୍ଭ ହୋଇଯାଇଛି। କଲେଜ ଅଧକ୍ଷ ଭବେଶ ସାହୁ ଏହାର ଶୁଭାରମ୍ଭ କରିଥିଲେ। କ୍ରୀଡ଼ା ବିଭାଗ ଉପସଭାପତି ଅଧାପିକା ଆରତୀ ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅଧାପିକା ଦୀପ୍ତିମୟୀ ମହାପାତ୍ର, ଅଧାପକ ସୁବାସ ସାମଲଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଉଭୟ ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରୀ ଏଥିରେ ସାମିଲ ହୋଇ ତାଲିମ ଗ୍ରହଣ କରିଥିଲେ। ରାଜ୍ୟ ସରକାରଙ୍କ ଯୁବ ଓ କ୍ରୀଡ଼ା ବିଭାଗ ସହାୟତାରେ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ପ୍ରଦାନକୁ ନେଇ ଅଧକ୍ଷ ସାହୁ ସନ୍ତୋଷ ବ୍ୟକ୍ତ କରିଥିଲେ।

### ବାର୍ଷିକ ଉତ୍ସବ ନେଇ ପ୍ରସ୍ତୁତି ବୈଠକ

**ରାଉରକେଲା ଅଫିସ,୩୧।-** ଅଗ୍ରଣୀ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ସାଥୀର ୨୦ତମ ବାର୍ଷିକ ଉତ୍ସବ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ବାସନ୍ତୀନଗରଠାରେ ଥିବା କାର୍ଯ୍ୟାଳୟ ପରିସରରେ ଗୁରୁବାର ସଭାପତି ସଦାନନ୍ଦ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୭ରେ ବସ୍ତିଆ ଭବନଠାରେ ଅନୁଷ୍ଠାନର ବାର୍ଷିକ ଉତ୍ସବ ପାଳନ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏପରି କି ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ବୈଠକରେ କୁହାଯାଇଛି। ଜାନୁୟାରୀ ୬ତାରିଖରେ ଚିତ୍ରାଙ୍କନ, ସାଧାରଣ ଜ୍ଞାନ ପ୍ରତିଯୋଗିତା ଦୀପିକା ଇଂଲିଶ ମାଧ୍ୟମ ବିଦ୍ୟାଳୟ ଓ ଉଦିତନଗର ବାଳିକା ଉଚ୍ଚ ବିଦ୍ୟାଳୟଠାରେ ସକାଳ ୯ଟାରେ ଅନୁଷ୍ଠିତ ହେବ। ବୈଠକରେ ଅନୁଷ୍ଠାନ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ, ବସନ୍ତ ପାଠୀ, ରଜନୀକାନ୍ତ ସ୍ୱାଇଁ, ଗଦାଧର ସାହୁ, ସ୍ୱାଗତିକା ମହାନ୍ତି, ଯଶ୍ମିତା ପ୍ରଧାନ, ପ୍ରଫୁଲ୍ଲ ନାୟକ, ଶ୍ରୀକାନ୍ତ ସାମଲ ଓ ଛାୟାକାନ୍ତ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

**ରାଉରକେଲା ଅଫିସ, ୩୧।-** ବନ୍ଧମୁଣ୍ଡା ଥାନା ଅଞ୍ଚଳର ଜଣେ ୪ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ବୁଧବାର ମଧାହ୍ନ ପ୍ରାୟ ୧୨ଟା ବେଳେ ନାବାଳିକା ଜଣକ ଏକୁଟିଆ ଥିବା ବେଳେ ନାବାଳକ ଜଣକ ବଳାତ୍କାର କରିଥିଲେ। ଅନ୍ୟପକ୍ଷେ ସ୍ଥାନୀୟ ଲୋକେ ଘଟଣାରେ ସମ୍ପୃକ୍ତ ନାବାଳକଙ୍କୁ ଧରି ଗୁରୁବାର ଥାନାରେ ଜିମା ଦେଇଛନ୍ତି। ଅନ୍ୟପକ୍ଷେ ପୋଲିସ ଅଭିଯୋଗକୁ ଭିତ୍ତି କରି ଦଫା ୩୭୬ରେ ଏକ ବଳାତ୍କାର ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ୨ ଦିନିଆ ସର୍ବଭାରତୀୟ ଧର୍ମଘଟ

## ■ ଶ୍ରମିକ ସଂଘ କାର୍ଯ୍ୟାଳୟରେ ମିଳିତ ଟ୍ରେଡ୍ ୟୁନିୟନ ବୈଠକ

**ରାଉରକେଲା ଅଫିସ, ୩୧।**

କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଡାକରାରେ ଆସନ୍ତା ୮ ଓ ୯ତାରିଖରେ ସର୍ବଭାରତୀୟ ଧର୍ମଘଟ ତଥା ହରତାଳ ନେଇ ରାଉରକେଲା ଶ୍ରମିକ ସଂଘ କାର୍ଯ୍ୟାଳୟଠାରେ ଗୁରୁବାର ମିଳିତ ଟ୍ରେଡ ୟୁନିୟନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଉରକେଲା ଶ୍ରମିକ ସଂଘ ସାଧାରଣ ସମ୍ପାଦକ ତଥା ଓଡ଼ିଶା ରାଜ୍ୟ ଆଇଏନ୍‌ଟିୟୁସି ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା ଅଧକ୍ଷତା କରିଥିଲେ। ଏହି ଅବସରରେ ବେହେରା ମଞ୍ଚାସୀନ ଅନ୍ୟ ନେତୃମଣ୍ଡଳୀଙ୍କୁ ସ୍ୱାଗତ କରିବା ସହ ନବ ବର୍ଷର ଶୁଭେଚ୍ଛା ଜଣାଇଥିଲେ। ସେ କହିଥିଲେ, ୧୨ଟି ନ୍ୟାର୍ଯ୍ୟ ଦାବି ନେଇ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ସହ ପ୍ରାନ୍ତୀୟ ଟ୍ରେଡ ୟୁନିୟନମାନେ ସହମତ ହୋଇଛନ୍ତି। ଏହାର ସଫଳତା ନେଇ ଦୃଢ ସଂକଳ୍ପ ନିଆଯାଇଛି। ସେଲ୍ ଶ୍ରମିକଙ୍କ ନୂତନ ମଜୁରି, ଚୁକ୍ତିନାମା, ପେନସନ, ଆଇଜିଏଚ୍‌କୁ ସୁପର ସ୍ପେଶିଆଲିଟି ଓ ମେଡିକାଲ କଲେଜ, ଦ୍ୱିତୀୟ ବ୍ରାହ୍ମଣୀ ସେତୁ କାର୍ଯ୍ୟ ଆରମ୍ଭ କରିବା ନେଇ ଦାବି କରାଯିବ। ଧର୍ମଘଟରେ ସବୁ ବର୍ଗର ଲୋକଙ୍କୁ ସାମିଲ ହେବାକୁ ବେହେରା ଆହ୍ୱାନ ଦେଇଥିଲେ। ବୈଠକରେ ଉପସ୍ଥିତ ସିଆଇଟିୟୁ ଉପସଭାପତି ଜାହାଙ୍ଗୀର ଅଲ୍ଲୀ କହିଥିଲେ, ଧର୍ମଘଟ ପୂର୍ବରୁ ଏହାର କାରଣ ସମସ୍ତଙ୍କୁ ପଥପ୍ରାନ୍ତ ସଭା ଓ ପ୍ରଚାର ପତ୍ର ମାଧମରେ ଅବଗତ କରାଯିବା ଉଚିତ। ସିଆଇଟିୟୁ ସାଧାରଣ ସମ୍ପାଦକ ବସନ୍ତ ମଲ୍ଲିକ କହିଥିଲେ, ଦେଶର ସାଧାରଣ ନାଗରିକଙ୍କ ସ୍ୱାର୍ଥରକ୍ଷା ଓ ଭବିଷ୍ୟତ ସୁରକ୍ଷିତ ରଖିବାକୁ ହେଲେ ଏଭଳି ଧର୍ମଘଟର ଆବଶ୍ୟକତା ରହିଛି। କେନ୍ଦ୍ର ସରକାରଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭଙ୍ଗ ପାଇଁ ହରତାଳ ଏକମାତ୍ର ପନ୍ଥା ବୋଲି ସେ ମତ ପ୍ରକାଶ କରିଥିଲେ।



ମିଳିତ ଟ୍ରେଡ ୟୁନିୟନ ବୈଠକରେ ଉପସ୍ଥିତ ଶ୍ରମିକ ସଂଘର କର୍ମକର୍ତ୍ତା।

ଏହି ଅବସରରେ ସେ କହିଥିଲେ, ଜନ ହିତରେ ଡାକରା ଦିଆଯାଇଥିବା ଧର୍ମଘଟରେ ଭାରତୀୟ ମଜଦୁର ସଂଘ(ବିଏମ୍‌ଏସ) ସାମିଲ ହେବା ଉଚିତ। ରାଉରକେଲା ମଜଦୁର ସଭା ନେତା ଅସିତ ଦାସ ବକ୍ତବ୍ୟରେ ସମସ୍ତ ୟୁନିୟନ ମିଳିତ ହୋଇ ଧର୍ମଘଟ ଡାକରା ଦେଇଥିବା ବେଳେ ବିଏମଏସ୍ ଏଥିରେ ଯୋଗ ନ ଦେବା ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା। ବିଏମ୍‌ଏସ୍ ଏଥିରେ ଯୋଗଦେବା ନେଇ ତୁରନ୍ତ ଘୋଷଣା କରୁ ଓ ଜନସାଧାରଣଙ୍କ ଆସ୍ଥା ଭାଜନ ହେଉ ବୋଲି ମତ ପ୍ରକାଶ କରିଥିଲେ। ରାଉରକେଲା ୱାର୍କସ ୟୁନିୟନ(ଆରଡବ୍ଲ୍ୟୁ) ନେତା ଅଜିତ ନାୟକ ବକ୍ତବ୍ୟରେ ମିଳିତ ଟ୍ରେଡ ୟୁନିୟନ ପକ୍ଷରୁ କେନ୍ଦ୍ର ସରକାରଙ୍କ ନିକଟରେ ଯେଉଁ ଦାବି ଉପସ୍ଥାପନ କରାଯାଇଛି ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରାରମ୍ଭରୁ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ନୀତିର ଯଦି କଡା ମୁକାବିଲା କରା ନ ଯାଏ ତେବେ ଆଗାମୀ ଦିନରେ ସଂକଟ ଆହୁରି ବଢିବ। ଶ୍ରମିକ ସମାଜର ଭବିଷ୍ୟତ ଅନ୍ଧକାର ହୋଇ ପଡିବ ବୋଲି ସେ ପ୍ରକାଶ କରିଥିଲେ। ଏଥିରେ ଏଆଇସିସିଟିୟୁ କର୍ମକର୍ତ୍ତା କେଦାରନାଥ ପ୍ରଧାନ ବକ୍ତବ୍ୟ ପ୍ରଦାନ କରି କହିଥିଲେ, ସମ୍ପ୍ରତି ଦେଶର ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ଅବସ୍ଥା ଚିନ୍ତାଜନକ ହୋଇପଡିଛି। ଏପରି ଅବସ୍ଥାରେ ମିଳିତ ସ୍ୱର ଉତ୍ତୋଳନ ନିହାତି ଆବଶ୍ୟକ ବୋଲି କହିଥିଲେ। ସିଅର ୟୁନିୟନ ନେତା ହେମନ୍ତ ବେଉରା କହିଥିଲେ, ନିଃସ୍ୱାର୍ଥପର ଭାବେ ଏହି ଧର୍ମଘଟରେ ସମସ୍ତେ ସାମିଲ ହେଲେ ନିଶ୍ଚିତ ଭାବେ କେନ୍ଦ୍ର ସରକାରଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗିବ। ଅନ୍ୟମାନଙ୍କ ମଧ୍ୟରେ ଗାଙ୍ଗପୁର ମଜଦୁର ମଞ୍ଚ ପକ୍ଷରୁ ସଞ୍ଜୟ ପଣ୍ଡା, ଆର୍‌ଏସ୍‌ଏସ୍ ପକ୍ଷରୁ ଆର୍.କେ. ପଣ୍ଡା, ଅକ୍ଷୟ ଜେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଧର୍ମଘଟ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ଶେଷରେ ଶ୍ରମିକ ନେତା ନିହାର ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଅବସରପ୍ରାପ୍ତ ଶିକ୍ଷକଙ୍କୁ ମିଳୁନି ଜିଆଇଏସ୍, ପ୍ରୋଭିଜନାଲ ପେନ୍‌ସନ

**ରାଉରକେଲା ଅଫିସ,୩୧।**

ପୂର୍ବଶିକ୍ଷା ଜିଲା ରାଉରକେଲା ଅଧୀନରେ ୪ଟି ବ୍ଲକ ଅଧୀନରେ କାର୍ଯ୍ୟ କରି ଅବସର ନେଇଥିବା ପ୍ରାଥମିକ ଶିକ୍ଷକଙ୍କ ମଧ୍ୟରୁ ଅନେକଙ୍କୁ ଜିଆଇଏସ୍ ଓ ଗତ ଅକ୍ଟୋବର ମାସରୁ ଡିସେମ୍ବର ୨୦୧୮ ପର୍ଯ୍ୟନ୍ତ ପ୍ରୋଭିଜନାଲ ପେନସନ ପ୍ରଦାନ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏନେଇ ସୁନ୍ଦରଗଡ଼ ଜିଲା ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ସଂଘ ରାଉରକେଲା ପକ୍ଷରୁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କିଛି ଲାଭ ହୋଇନି ବୋଲି ସମ୍ପାଦକ ଶରତ ମହାପାତ୍ର କହିଛନ୍ତି। ଶିକ୍ଷକଙ୍କ ପ୍ରାପ୍ୟ ଠିକ ସମୟ ମଧ୍ୟରେ ପୈଠ କରିବା ନେଇ ରାଜ୍ୟ ସରକାରଙ୍କ ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ ନୂଆ ଗାଁ ପରି କେତେକ ବ୍ଲକରେ ଏହାର ବ୍ୟତିକ୍ରମ ଦେଖା ଦେଇଛି। ପ୍ରାପ୍ୟ ନ ପାଇ ଶିକ୍ଷକଙ୍କ ପରିବାର ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ମହାପାତ୍ର ଉପସ୍ଥିତ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏନେଇ ସଂଘ ପକ୍ଷରୁ ଯୋଭ ପ୍ରକାଶ କରାଯିବା ସହ ଘଟଣା ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ, ଜିଲାପାଳ ଓ ବିଭାଗୀୟ ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

# ୧୩ରୁ ନୂଆଦିଲ୍ଲୀରେ ମହିଳା ଟ୍ରାଇବାଲ ହକି ଟୁର୍ନାମେଣ୍ଟ

**ରାଉରକେଲା ଅଫିସ, ୩୧।**

ନୂଆଦିଲ୍ଲୀଠାରେ ଆସନ୍ତା ୧୩ରୁ ୨୦ ତାରିଖ ପର୍ଯ୍ୟନ୍ତ ଟ୍ରାଇବାଲ ମହିଳା ହକି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିରେ ରାଉରକେଲା ସମେତ ଅଞ୍ଚଳରୁ କିଭଳି ଅଧିକରୁ ଅଧିକ ଦଳ ଭାଗ ନେଇପାରିବେ ସେନେଇ ସାମାଜିକ ଅନୁଷ୍ଠାନ କୋଶିସ ପକ୍ଷରୁ ପ୍ରୟାସ ଆରମ୍ଭ କରାଯାଇଛି। ମହିଳା ହକିରେ ସୁନ୍ଦରଗଡ଼ ଜିଲାର ସୁନାମ ରହିଥିବା ବେଳେ ଏହାକୁ ଆହୁରି ଅଧିକ କ୍ରିୟାଶୀଳ ଲକ୍ଷ୍ୟ ନେଇ ଇସ୍ପାତ ଷ୍ଟାଡିୟମଠାରେ ପ୍ରଶିକ୍ଷଣ ବ୍ୟବସ୍ଥା କରାଯାଇଛି। ବିଭିନ୍ନ ସ୍କୁଲ ଓ ମହାବିଦ୍ୟାଳୟରେ ହକି ଖେଳାଳିଙ୍କୁ ନେଇ ଆର୍‌ଏସ୍‌ପି ସହାୟତାରେ ତାଲିମ ପ୍ରଦାନ କରାଯାଉଛି। ଏହା ଜାନୁୟାରୀ ୧୦ ପର୍ଯ୍ୟନ୍ତ ଚାଲିବ। କୋଚ ରାଜୁକାନ୍ତ ସାଇନି, ପିଟର ତିର୍କୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଆଗ୍ରହୀ ପ୍ରତିଭା ଏଥିରେ ଭାଗ ନେବାକୁ ସଂଗଠନ ପକ୍ଷରୁ ମାରୀ ମିନାକ୍ଷୀ ପୂର୍ତ୍ତି, ନିରଞ୍ଜନ ନାୟକ, ଦିଲୀପ ସାମଲ, ଜଗନ୍ନାଥ ଦାସ, ଇଗ୍ନେଶ ଡୁଙ୍ଗଡୁଙ୍ଗ, ସିଡି ଆପାଲା ସ୍ୱାମୀ ଆହ୍ୱାନ ଦେଇଛନ୍ତି।

# ଉତ୍କଳିକା ପ୍ରଦର୍ଶନୀ, ବିକ୍ରି ମେଳା ଉଦ୍‌ଘାଟିତ

**ରାଉରକେଲା ଅଫିସ,୩୧।**

ସେକ୍ଟର-୫ ଭଞ୍ଜଭବନ ପଡ଼ିଆରେ ଗୁରୁବାର ସନ୍ଧ୍ୟାରେ ଉତ୍କଳିକାର ୬୦ବର୍ଷ ପୂର୍ତ୍ତି ଅବସରରେ ହ୍ୟାଣ୍ଡିକ୍ରାଫ୍ଟସ ଆଣ୍ଡ ହ୍ୟାଣ୍ଡଲୁମ ପ୍ରଦର୍ଶନୀ ତଥା ବିକ୍ରିୟ ମେଳା ଆରମ୍ଭ ହୋଇଯାଇଛି। ରଘୁନାଥପାଲ୍ଲୀ ବିଧାୟକ ସୁବ୍ରତ ତରାଇ ଏହାର ଉଦ୍‌ଘାଟନ କରିଛନ୍ତି। ଏଥିରେ ୨୫ଟି ଷ୍ଟଲ ଖୋଲାଯାଇଥିବା ବେଳେ ବିଭିନ୍ନ ହସ୍ତତନ୍ତ ଓ ହସ୍ତକଳା ସାମଗ୍ରୀ ସ୍ଥାନ ପାଇଛି। ଏହି ପ୍ରଦର୍ଶନୀ ଆସନ୍ତା ୧୬ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।



ରଘୁନାଥପାଲ୍ଲୀ ବିଧାୟକ ସୁବ୍ରତ ତରାଇ ଗୁରୁବାର ହ୍ୟାଣ୍ଡିକ୍ରାଫ୍ଟସ ଆଣ୍ଡ ହ୍ୟାଣ୍ଡଲୁମ ପ୍ରଦର୍ଶନୀ ତଥା ବିକ୍ରିୟ ମେଳା ବୁଲି ଦେଖୁଛନ୍ତି।

# ଲିଡ୍ ରାଉରକେଲାର ନୂତନ କର୍ମକର୍ତ୍ତା ନିର୍ବାଚନ

**ରାଉରକେଲା ଅଫିସ, ୩୧।**

ସାମାଜିକ ସଂଗଠନ ଲିଡ୍ ରାଉରକେଲାର ନୂତନ କର୍ମକର୍ତ୍ତା ନିର୍ବାଚନ ଗତ ୩୧ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଜାନୁୟାରୀ ୧ତାରିଖରୁ ନୂତନ କମିଟି କାର୍ଯ୍ୟଭାର ଗ୍ରହଣ କରିଛି ବୋଲି ସଂଗଠନ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। କମିଟିରେ ଅଧକ୍ଷା ଭାବେ ରଶ୍ମିବାଳା ମିଶ୍ର, ଆବାହକ ଐର ମହାନ୍ତି, ରଞ୍ଜିତ ରାଉତଙ୍କୁ ସଭାପତି ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ କାର୍ଯ୍ୟକାରୀ ସଭାପତି ରହିଛନ୍ତି ବାବୁଲାଲ ରଜକ। ୩ ଉପସଭାପତି ଭାବେ ଗୌତମ ମହାନ୍ତି, ରଜତ ତଳାଇ ଓ ବିଜୟ ଦାସଙ୍କୁ ମନୋନୀତ କରାଯାଇଛି। କମିଟି ସାଧାରଣ ସମ୍ପାଦକ ଭାବେ ଦୁଷ୍ମନ୍ତ ପାତ୍ର ଦାୟିତ୍ୱ ଗ୍ରହଣ କରିଥିବା ବେଳେ ସମ୍ପାଦକ ରହିଛନ୍ତି ପ୍ରୀତିଶ ରାୟ, ରାଘବେନ୍ଦ୍ର ଠାକୁର ଓ ସରୋଜ ସାହୁ। କୋଷାଧକ୍ଷ ପଦରେ ନରେଶ ମହାପାତ୍ର ରହିଥିବା ବେଳେ ସାଂଗଠନିକ ସମ୍ପାଦକ ଅଛନ୍ତି ଅସିତ ଦାସ। ସଞ୍ଜୟ ଦତ୍ତଙ୍କୁ ସାଂସ୍କୃତିକ ସମ୍ପାଦକ ପଦ ମିଳିଥିବା ବେଳେ କମିଟି ମୁଖପାତ୍ର ଭାବେ ପ୍ରିୟବ୍ରତ ଭଞ୍ଜଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

# ଜବାବ ମାଗେ ଓଡ଼ିଶା ରଥକୁ ସ୍ୱାଗତ

**ବ୍ରଜରାଜନଗର,୩୧।(ଡି.ଏନ.ଏ.)**

ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ଭାଜପା କାର୍ଯ୍ୟାଳୟଠାରେ ଗୁରୁବାର ଜବାବ ମାଗେ ଓଡ଼ିଶା ରଥ ପହଞ୍ଚିଥିଲା। ଜିଲା ସଭାପତି ରାଧାରମଣୀ ପଣ୍ଡାଙ୍କ ସହ ଦଳୀୟ କର୍ମକର୍ତ୍ତା ରଥକୁ ସ୍ୱାଗତ କରିଥିଲେ। ଶୁକ୍ରବାର ରଥ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ କ୍ଷେତ୍ର ଭ୍ରମଣ କରି ଲୋକମାନଙ୍କ ମତାମତ ସଂଗ୍ରହ କରିବ । ଜିଲା ଯୁବ ଉପସଭାପତି କ୍ରିଷ୍ଣା ମୁରାରୀ ସିଂ ରଥର ସଂଯୋଜକ ଦାୟିତ୍ୱରେ ରହିଛନ୍ତି।

# ୯ରୁ ରାଜ୍ୟସ୍ତରୀୟ ଆର୍‌ଏସ୍‌ଏ କପ୍ ଫୁଟବଲ ଟୁର୍ନାମେଣ୍ଟ

**ସୁନ୍ଦରଗଡ଼ ୩୧। (ଡି.ଏନ୍.ଏ)**

ସୁନ୍ଦରଗଡ ଫୁଟବଲ ରେଫରୀମାନଙ୍କୁ ନେଇ ଗଠିତ ରୁରାଲ ସ୍ପୋର୍ଟସ ଆସୋସିଏସନ୍ ଆନୁକୂଲ୍ୟରେ ଆସନ୍ତା ୯ ରୁ ଚତୁର୍ଥ ରାଜ୍ୟସ୍ତରୀୟ ଆରଏସଏ କପ୍ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହେବ। ଏହା ୧୫ ତାରିଖ ଯାଏ ଚାଲିବ। ରୁରାଲ ସ୍ପୋର୍ଟସ ଆସୋସିଏସନ୍ ସୁନ୍ଦରଗଡ ଓ କିଂଜିର୍ମା ଏସ ଡିବିଏଲ୍ କ୍ଲବର ମିଳିତ ଆନୁକୂଲ୍ୟରେ ସଦରବ୍ଲକ କିଂଜିର୍ମା ଖେଳପଡିଆ ଠାରେ ହେବାକୁ ଥିବା ଏହି ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟରେ ରାଜ୍ୟର ଭୁବନେଶ୍ୱର ସଂଘର୍ଷ ସ୍ପୋର୍ଟସ କ୍ଲବ, କଟକର ମା'ମଙ୍ଗଳା କ୍ଲବ, ବରଗଡର ୟୁନାଇଟେଡ ସ୍ପୋର୍ଟସ କ୍ଲବ, ଅନୁଗୁଳ ଆଠମଲ୍ଲିକ ଆଥଲେଟିକ ଆସୋସିଏଶନ୍, ସୁନ୍ଦରଗଡର ଆକ୍ସନ କ୍ଲବ, ଜୟଜଗନ୍ନାଥ କ୍ଲବ ଫୁଲଧୂଡି, ଏସଡିବିଏଲ୍ କ୍ଲବ କିଂଜିର୍ମା ଓ ଫ୍ରେଣ୍ଡସ୍ କ୍ଲବ ଉଜଳପୁରକୁ ମିଶାଇ ମୋଟ ୮ଟି ଦଳ ଅଂଶଗ୍ରହଣ କରିବେ। ଫାଇନାଲ ମ୍ୟାଚଦିନ କୋଲକାତାର ଅନ୍ତର୍ଜାତୀୟ ଫୁଟବଲ ଜଗଲର ପ୍ରଦୀପ କୁମାରଙ୍କ କାର୍ଯ୍ୟକ୍ରମ ସାଙ୍ଗକୁ କୋଲକତାର ଚିୟର୍ସ ଗାଲର୍ସ ଙ୍କ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ଟୁର୍ନାମେଣ୍ଟ ଆୟୋଜକ କମିଟିର ଆବାହକ ଅଶ୍ୱିନୀ କୁମାର ନାଏକ, ସମ୍ପାଦକ ସୁଶୀଲ କୁମାର ପଟେଲ, ସଭାପତି କାର୍ତ୍ତିକ ସୁନ୍ୟାନୀ, ଉପଦେଷ୍ଟା ଜାତୀୟ ଫୁଟବଲ ରେଫରୀ ଦୁର୍ଗା ମାଧବ ନାଏକ ସୂଚନା ଦେଇଛନ୍ତି।

# ଜାନକୀ ପଟ୍ଟନାୟକଙ୍କ ୯୨ତମ ଜୟନ୍ତୀ

**ରାଉରକେଲା ଅଫିସ,୩୧।**

ଜିଲା କଂଗ୍ରେସ କାର୍ଯ୍ୟାଳୟ ସେକ୍ଟର-୨୧ରେ ଗୁରୁବାର ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ୯୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ରବି ରାୟଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଦଳୀୟ କର୍ମକର୍ତ୍ତା, କର୍ମୀ ଉପସ୍ଥିତ ରହି ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଉପସ୍ଥିତ ବରିଷ୍ଠ ନେତା କହିଥିଲେ, ଜାନକୀ ବାବୁଙ୍କ ରାଜନୈତିକ କାର୍ଯ୍ୟଧାରା ଜନମାନସରେ ଅବିସ୍ମରଣୀୟ ହୋଇ ରହିବ। ସେ ଜଣେ ବିଚକ୍ଷଣ ରାଜନେତା, ସୁସାହିତ୍ୟିକ ଭାବେ ତାଙ୍କ ଧିଶକ୍ତି ସର୍ବଜନ ପ୍ରଶଂସିତ ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ କର୍ଯ୍ୟକାରୀ ସଭାପତି ସବିର ହୁସେନ, ଅଜିତ ସାମଲ, ଘନଶ୍ୟାମ ସୁନା, ରମେଶ ଗୁପ୍ତା, ଇନ୍ଦ୍ରମୋହନ ପଣ୍ଡା, ପୁରୁଷୋତ୍ତମ ପାତ୍ର, ଦୁଶା ନାୟକ, ଦିବାକର ଦୀପ, ସୌମ୍ୟ ନାୟକ, ଅମିତ କୁମାର ପ୍ରମୁଖ ଉପସ୍ଥିତ ଥିଲେ।



ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ୯୨ତମ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ କଂଗ୍ରେସ କର୍ମକର୍ତ୍ତା।

# ଦୁର୍ଘଟଣାରେ ଆହତ ଏଲ୍‌ଆଣ୍ଡଟି କର୍ମଚାରୀ ମୃତ

**ଭୁବନେଶ୍ୱର,୩୧।(ବ୍ୟୁରୋ)**

ଦୁର୍ଘଟଣାରେ ଆହତ ହୋଇଥିବା ଏଲ୍‌ଆଣ୍ଡଟି କମ୍ପାନୀର କର୍ମଚାରୀ ମାସି ଦାସ(୫୫)ଙ୍କ ବୁଧବାର ରାତି ପ୍ରାୟ ୨ଟାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ଭୁବନେଶ୍ୱରର ମଞ୍ଚେଶ୍ୱର ଥାନା ଅଧୀନ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ଘର ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅଧୀନ କୁକୁଡା ଗ୍ରାମରେ। ଗତ ୮ ତାରିଖରେ ମାସି ଏଲ୍‌ଆଣ୍ଡଟି ପ୍ଲାଣ୍ଟରୁ ଡ୍ୟୁଟି ସାରି ଘରକୁ ଫେରିବାବେଳେ ସୁନ୍ଦରଗଡ଼ କାଂସିଦାସ ଛକ ନିକଟରେ ଏକ ବାଇକ୍ ତାଙ୍କୁ ଧକ୍କାଦେଇ ଫେରାର ହୋଇଯାଇଥିଲା। ତାଙ୍କୁ ପ୍ରଥମେ ରାଜଗାଙ୍ଗପୁର ହସ୍ପିଟାଲ ଏବଂ ପରେ ଯୋଡାରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ଗତ ୨୭ ତାରିଖରେ ତାଙ୍କୁ ମଞ୍ଚେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।

# ଏନ୍‌ଆଇଟିରେ ପୁସ୍ତକମେଳା

**ରାଉରକେଲା ଅଫିସ, ୩୧।**

ଯୁବପିଢିଙ୍କ ମଧ୍ୟରେ ପୁସ୍ତକ ପ୍ରତି ଆଗ୍ରହ ବୃଦ୍ଧି ଲକ୍ଷ୍ୟ ନେଇ ବିଜୁ ପଟ୍ଟନାୟକ ସେଣ୍ଟ୍ରାଲ ଲାଇବ୍ରେରୀ(ବିପିସିଏଲ୍) ଆନୁକୂଲ୍ୟରେ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନଆଇଟି) ପରିସରରେ ବୁଧବାର ୨ ଦିନିଆ ଦଶମ ପୁସ୍ତକ ମେଳା ଶୁଭାରମ୍ଭ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଆନିମେଶ ବିଶ୍ୱାସ ଏହାର ଉଦ୍‌ଘାଟନ କରି କହିଥିଲେ ଯେ, ପୁସ୍ତକ ହେଉଛି ଏକ ଶକ୍ତିଶାଳୀ ମାଧ୍ୟମ। ଏହା ଜୀବନର ଗତିପଥ ବଦଳାଇବାକୁ ସକ୍ଷମ ହୋଇଥାଏ। ଏପରି କି ଜୀବନ ଯାତ୍ରାରେ ପୁସ୍ତକର ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଣୁ ପାଠ୍ୟ ପୁସ୍ତକ ସହ ଅନ୍ୟ ଦରକାରୀ ପୁସ୍ତକ ପ୍ରତି ଯୁବପିଢିଙ୍କ ଆଦର ବୃଦ୍ଧି ପାଇବା ଆବଶ୍ୟକ ବୋଲି ସେ କହିଥିଲେ। ପୁସ୍ତକ ମେଳା ପ୍ରତ୍ୟେକ ପାଠକଙ୍କ ପାଇଁ ଏକ ସ୍ୱର୍ଣ୍ଣିମ ଅବସର। ଏହାର ସୁଯୋଗ ଓ ଉପଯୋଗ ଉପରେ ବିଶ୍ୱାସ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟଅତିଥି ଏନ୍‌ଆଇଟି କୁଳ ସଚିବ ସରୋଜ ପଟେଲ ପୁସ୍ତକ ମେଳା ଆୟୋଜକଙ୍କ ଏଭଳି ପଦକ୍ଷେପକୁ ପ୍ରଶଂସା କରି କହିଥିଲେ, ଏହା ଯୁବପିଢିଙ୍କୁ ପୁସ୍ତକ ପଠନ ପ୍ରତି ଆଗ୍ରହୀ କରାଇବ। କାର୍ଯ୍ୟକ୍ରମରେ ଅଧକ୍ଷତା କରୁଥିବା ପ୍ରଫେସର ପି. ମେଟ୍ଟୀ କହିଥିଲେ, ଆଜିର ଇଣ୍ଟରନେଟ ଯୁଗରେ ଅନ୍‌ଲାଇନରେ ପ୍ରାୟ ପୁସ୍ତକ ଉପଲବ୍ଧ ହୋଇ ପାରୁଛି। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଅସମ୍ଭବକୁ ସମ୍ଭବ କରାଇଛି। ଡାଉନ୍‌ଲୋଡ କରି ପୁସ୍ତକ ପଢାଯାଇ ପାରିବ। ତେବେ ହାର୍ଡ ବୁକର ଭୂମିକା ସର୍ବଦା ଅପରିହାର୍ଯ୍ୟ। ଏହା ସବୁବେଳେ ଅତୁଲ୍ୟ ହୋଇ ରହିବ ବୋଲି ପ୍ରକାଶ କରିଥିଲେ। ପୁସ୍ତକ ମେଳା ସମ୍ପାଦକ ଡ. ଭି ରାଜୁ ଗୁଞ୍ଜାଲ ସୂଚନା ଦେଇଥିଲେ ଯେ, ଚଳିତ ବର୍ଷ ମୋଟ ୨୨ଜଣ ବିକ୍ରେତା ତଥା ପ୍ରକାଶକ ମେଳାରେ ଯୋଗ ଦେଇଛନ୍ତି। ଏଥିରେ ଇଞ୍ଜିନିୟରିଂ, ସାଇନ୍ସ ଆଣ୍ଡ ଟେକ୍‌ନୋଲୋଜି, ଫୁଡ ପ୍ରେସେସିଂ, ମ୍ୟାନେଜମେଣ୍ଟ, ଶିଶୁ ପୁସ୍ତକ ସମେତ ଅନେକ ଶିକ୍ଷଣୀୟ ସାହିତ୍ୟ ପୁସ୍ତକ ସ୍ଥାନ ପାଇଛି। ବିଭିନ୍ନ ସ୍କୁଲ କଲେଜ ଛାତ୍ରୀଛାତ୍ରଙ୍କୁ ମେଳା ଭ୍ରମଣ ପାଇଁ ଆୟୋଜଙ୍କ ପକ୍ଷରୁ ଆମନ୍ତ୍ରିତ କରାଯାଇଥିବା ମେଟ୍ଟୀ କହିଥିଲେ। ଏହି ଅବସରରେ ବିପିସିଏଲ୍‌ର ସହକାରୀ ଲାଇବ୍ରେରିୟନ ଧନ୍ୱନ୍ତରୀପ୍ରକାଶ ତ୍ରିପାଠୀଙ୍କ ରଚିତ ୨ଟି ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଶେଷରେ ଡ. ଗୁଞ୍ଜାଲ ଧନ୍ୟବାଦ ପ୍ରଦାନ କରିଥିଲେ।



ପ୍ରଫେସର ଆନିମେଶ ବିଶ୍ୱାସ ପୁସ୍ତକ ମେଳା ଉଦ୍‌ଘାଟନ କରୁଛନ୍ତି।

# ବାଇକ୍‌କୁ ଧକ୍କା ଦେଲା ଡମ୍ପର : ୨ମୃତ, ଜଣେ ଗୁରୁତର

**ବେଦବ୍ୟାସ, ୩।୧ (ଡି.ଏନ.ଏ)**

ରାଉରକେଲା ସହର ଉପକଣ୍ଠ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଦବ୍ୟାସ ଭଗବତୀ କଣ୍ଟା ନିକଟରେ ଗୁରୁବାର ପୂର୍ବାହ୍ନ ୧୧ଟା ୧୫ରେ ଏକ ମର୍ମାନ୍ତୁତ ସଡକ ଦୁର୍ଘଟଣା ଘଟିଛି। ବାଇକ୍‌କୁ ଡ଼ମ୍ପର ଧକ୍କା ଦେବାରୁ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ)ରେ ଚିକିତ୍ସାଧିନ ଅଛନ୍ତି। ମୃତବ୍ୟକ୍ତି ଦ୍ୱୟ ହେଲେ କେ.ବଲାଙ୍ଗ ନିବାସୀ ଆଦାମ ମୁଣ୍ଡା (୨୩), ସୁରସନ୍ ମୁଣ୍ଡା (୨୨)। ଆହତ ହୋଇଥିବା ବ୍ୟକ୍ତି ଜିଧାନ ମୁଣ୍ଡା (୨୦) ବୋଲି ଜଣାପଡିଛି। ପୋଲିସ ସୂଚନାନୁଯାୟୀ ଆଦାମ, ସୁରସେନ ଓ ଜିଧାନ ଏକ ବାଇକ୍ (ନଂ. ଓଡି ୧୪ କେ-୫୬୭୬) ଯୋଗେ ଝାଡ଼ଖଣ୍ଡ ସମ୍ପର୍କୀୟଙ୍କ ଘରୁ ନିଜ ଘର କେ.ବଲାଙ୍ଗ ଫେରୁଥିଲେ। ବେଦବ୍ୟାସ ପାର୍ଶ୍ୱରୁ ରାଉରକେଲା ଆଡକୁ ଆସୁଥିବା ଏକ ଡମ୍ପର (ନଂ.ଓଆର୍ ୧୪ ଏନ-୬୬୯୩) ବେଦବ୍ୟାସ ଭଗବତୀ କଣ୍ଟା ନିକଟରେ ବାଇକ୍ ପଛ ପାର୍ଶ୍ୱରୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଛିଟିକି ପଡିବାରୁ ଆଦାମ ଓ ସୁରସେନ୍‌ଙ୍କ ମୁଣ୍ଡରେ ଡମ୍ପର ଚଢ଼ିଯାଇଥିଲା । ଜିଧାନ ଗୁରୁତର ଆଘାତ ପାଇ ସଂଜ୍ଞାହୀନ ହୋଇ ରାସ୍ତାରେ ପଡିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତିନି ଜଣଙ୍କୁ ଆର୍‌ଜିଏଚ ଅଣାଯାଇଥିଲା। ସେଠାରେ ଆଦାମ ଓ ସୁରସେନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଉଭୟଙ୍କ ମୃତଦେହ ଆର୍‌ଜିଏଚର ମର୍ଗ ହାଉସରେ ରଖାଯାଇଛି। ଖବରପାଇ ବ୍ରାହ୍ମଣୀତରଙ୍ଗ ଥାନା ଏସଆଇ ଚମ୍ପାବତୀ ସୋରେନ, ଏଏସଆଇ ବିମ୍ବରାଜ ପ୍ରଧାନ, ଏ.କେ ମହାକୁଡ ପ୍ରମୁଖ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଟ୍ରାଫିକ ସମସ୍ୟାକୁ ନିୟନ୍ତ୍ରଣ କରିଥିଲେ। ପୋଲିସ ଦୁଇ ଗାଡିକୁ ଜବତ କରିଛି। ଘଟଣାସ୍ଥଳରୁ ଡମ୍ପର ଗାଡିର ଚାଳକ ଫେରାର ହୋଇଯାଇଛନ୍ତି। କେ. ବଲାଙ୍ଗ ମୃତ ବ୍ୟକ୍ତିଙ୍କ ପରିବାର ସଦସ୍ୟଙ୍କୁ ପୋଲିସ ଖବର ଦେଇଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କଲାପରେ ଘର ଲୋକଙ୍କୁ ହସ୍ତାନ୍ତର କରାଯିବ। ଏନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ଏକ ଦୁର୍ଘଟଣା ଜନିତ ମାମଲା (ନଂ. ୧/୧୯ ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଛି।

# ରଙ୍ଗାଢିପାରେ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ

**ସୁନ୍ଦରଗଡ଼, ୩।୧ (ଡି.ଏନ୍.ଏ)**

ସୁନ୍ଦରଗଡ ସହରର ରଙ୍ଗାଢିପା ଠାରେ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆଙ୍କ ପ୍ରଚେଷ୍ଟାରେ ବିଜେଡ଼ିର ଏକ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ଜିଲା ବିଜେଡ଼ିର ବରିଷ୍ଠ ନେତା ଜନ୍ମେଜୟ ମହାପାତ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ସଙ୍ଗଠନକୁ ମଜଭୁତ କରି ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଗୁଡିକର ସୁଫଳ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଦଳୀୟ କର୍ମୀଙ୍କୁ ପରାମର୍ଶ ଦେଇଥିଲେ।

ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଦଳର ଅନ୍ୟତମ ବରିଷ୍ଠ ନେତା ଗୋପ ମହାନ୍ତି, ଲଲାଟେନ୍ଦୁ ପରିଡା, ଜୟ ନାରାୟଣ ତ୍ରିପାଠୀ, ପୂର୍ବତନ କାଉନସିଲର ବୀଣା ସାହୁ, ପଞ୍ଚାବାର୍ଲା, ଯୁବନେତା ନିର୍ମଳ ବୋଷ, ଅନୀଲ ମହାପାତ୍ର, ଗୌରାଙ୍ଗ ଧଳଙ୍କ ସମେତ ବହୁ ଯୁବ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ଲହୁଣୀପଡ଼ାରେ ଗାୟତ୍ରୀ ଯଜ୍ଞ

**ଲହୁଣୀପଡା, ୩।୧ (ଡି.ଏନ.ଏ)**

ଲହୁଣୀପଡା ହରିଶଙ୍କର ମହାଦେବ ମନ୍ଦିରରେ ଗାୟତ୍ରୀ ପରିବାର ସ୍ଥାନୀୟ ଶାଖା ପକ୍ଷରୁ ଇଂରାଜୀ ନବବର୍ଷ ଉପଲକ୍ଷେ ଏକ କୁଣ୍ଡିୟ ଗାୟତ୍ରୀ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱଶାନ୍ତି ପାଇଁ ଏହି ଗାୟତ୍ରୀ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଦେବାନନ୍ଦ ଜୟସ୍ୱାଲ ଓ ଜାନକୀ ଜୟସ୍ୱାଲ କର୍ତ୍ତା ଦାୟୀତ୍ୱ ତୁଲାଇଥିଲେ। ରାଉରକେଲା ଗାୟତ୍ରୀ ପରିବାରର ବିଶ୍ୱାମିତ୍ର ଶାସ୍ତ୍ରୀ ଯଜ୍ଞ ସଞ୍ଚାଳନ କରିଥିଲେ। ଯଜ୍ଞ ପ୍ରାରମ୍ଭରେ ଘଟ ସ୍ଥାପନ, ଗାୟତ୍ରୀ ଯଜ୍ଞ, ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ପରେ ସାମୂହିକ ପ୍ରସାଦ ସେବନ ଆୟୋଜନ କରାଯାଇଥିଲା। ଲହୁଣୀପଡା ଗାୟତ୍ରୀ ପରିବାର ଶାଖାର ଦେବକାନ୍ତ ଜୟସ୍ୱାଲ, ରେଖା ଜୟସ୍ୱାଲ, ଲାଲା ଗୁପ୍ତା, ସନ୍ତୋଷ ବର୍ମା, ଲକ୍ଷ୍ମଣ ବର୍ମା, ରାମକ୍ରିପାଲ ସା, ପ୍ରହ୍ଲାଦ ବର୍ମା, ରାଧା ସା, ଗଦାଧର ଜୟସ୍ୱାଲ, ନନ୍ଦଲାଲ ଜୟସ୍ୱାଲ, ସମ୍ପାରୀ ସା, ଦୁର୍ଗା ଜୟସ୍ୱାଲ, ଗିରିଜା ଜୟସ୍ୱାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ବିଶ୍ୱଶାନ୍ତି ଓ ଜନକଲ୍ୟାଣ ଗାୟତ୍ରୀ ଯଜ୍ଞରେ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

## କଲେଇପୋଷ- କୋଇଡ଼ା ରାସ୍ତା
# ଭାରିଯାନ ଚଳାଚଳରେ ପ୍ରତିବନ୍ଧକ

**ଲହୁଣୀପଡା, ୩।୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା କଲେଇପୋଷ-କୋଇଡା ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ କାର୍ଯ୍ୟ ଦୃତଗତିରେ ଚାଲିଥିବାରୁ ମାଲବାହୀ ଟ୍ରକ, ଟିପର ତଥା ଭାରିଯାନ ଚଳାଚଳ ଯୋଗୁ ନିର୍ମାଣ କାର୍ଯ୍ୟରେ ବାଧାସୃଷ୍ଟି ହେଉଛି। ଏଣୁ ଚଳିତବର୍ଷ ଜାନୁୟାରୀ ୪ ତାରିଖ ଶୁକ୍ରବାର ଠାରୁ ଫେବୃୟାରୀ ୧ ପର୍ଯ୍ୟନ୍ତ ଉପରୋକ୍ତ ରାସ୍ତାରେ ଭାରିଯାନ ଚଳାଚଳ ଉପରେ ସୁନ୍ଦରଗଡ ଜିଲାପାଳ ନିଷେଧାଦେଶ ଜାରି କରିଥିବା ଜଣାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ସକାଳ ୭ ରୁ ସନ୍ଧ୍ୟା ୭ ଟା ପର୍ଯ୍ୟନ୍ତ ନିଷେଧାଦେଶ ଜାରି ରହିବ। ଉକ୍ତ ସମୟ ମଧ୍ୟରେ ଆମ୍ବୁଲାନ୍ସ, ଦମକଳ ତଥା ହାଲୁକା ଯାନବାହାନ ଚାଲିପାରିବ ବୋଲି ଜିଲାପାଳଙ୍କ ନିଷେଧାଦେଶରୁ ଜଣାପଡିଛି।



ଟେନ୍‌ସା ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବରେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

## ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ
# ଭାଗନେଲେ ୫୮୦ ଛାତ୍ରୀଛାତ୍ର

**ଟେନ୍‌ସା, ୩।୧ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଟେନ୍‌ସା ଡିଏଭି ପବ୍ଲିକ ସ୍କୁଲର ୧୧ତମ ବାର୍ଷିକ କ୍ରୀଡା ଉତ୍ସବ ସ୍ଥାନୀୟ ଇସ୍ପାତ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇ ଦିନିଆ କ୍ରୀଡା ପ୍ରତିଯୋଗିତାରେ ସ୍କୁଲର ୫୮୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଦୌଡ, ଲମ୍ବଡିଆଁ, ଉଚ୍ଚଡିଆଁ, ଅଖାରେସ, ଗୋଲି ଚାମଚ, ସାଇକେଲ ରେସ, ସଟଫୁଟ, ଡିସକସ୍ ଆଦି ବିଭିନ୍ନ ପ୍ରତିଯୋଗିତା ଖେଳ ପଡିଆରେ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ବରସୁଆଁ ଲୌହ ଖଣିର ପ୍ରବନ୍ଧକ ତଥା ସ୍କୁଲର ପରିଚାଳନା କମିଟିର ଚେୟାରମ୍ୟାନ ଏ.କେ. ପାଲ ମୁଖ୍ୟଅତିଥି ଭାବରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ ଆଶୀର୍ବାଦ ପ୍ରଦାନ କରିଥିଲେ। ଲୌହ ଖଣିର ଉପ ମହାପ୍ରବନ୍ଧକ ପ୍ରସନ୍ନ କୁମାର ରଥ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରି ପାଠପଢ଼ା ସହିତ ପିଲାମାନେ ଖେଳକୁଦରେ ନିଜକୁ ସାମିଲ କରିପାରିଲେ ଶାରିରୀକ, ମାନସିକ ଓ ବୌଦ୍ଧିକ ଚିନ୍ତାଧାରାର ବିକାଶ ହୋଇପାରିବ ବୋଲି କହିଥିଲେ। ଦୁଇ ଦିନିଆ କ୍ରୀଡା ଉତ୍ସବର ବିଶେଷ ଆକର୍ଷଣ ଥିଲା କୁନି ପିଲାମାନଙ୍କର ବେଙ୍ଗଡିଆ, ବୋତଲ ରେସ, ସୁନ୍ଦରୀ ବାଘର ପ୍ରତିଛବି ଯାହା ପଡିଆରେ ରଖାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ଜିନ୍ଦଲ ଲୌହ ଖଣିର ଭାଇସ ପ୍ରେସିଡେଣ୍ଟ ପି.କେ ପାତ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ପିଲାଙ୍କର ଧୈର୍ଯ୍ୟ, ସାହାସ ଓ ଖେଳପ୍ରତି ସେମାନଙ୍କର ଆଗ୍ରହକୁ ପ୍ରଶଂସା କରିଥିଲେ। କୋଇଡା ବ୍ଲକର ଉପଶିକ୍ଷା ଅଧିକାରୀ ମହେନ୍ଦ୍ର କୁମାର କର ଉପସ୍ଥିତ ରହି ନିଜର ଅଭିଭାଷଣରେ ବିଦ୍ୟା ଶିକ୍ଷା ସହ ଖେଳର ବିକାଶ ହୋଇପାରିଲେ ଏହି ଭୂମିର ବଡବଡ ଜାତୀୟ ଖେଳାଳିଙ୍କର ଜନ୍ମ ହୋଇପାରିବ କହି ଉତ୍ସାହିତ କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଉପସ୍ଥିତ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ପି.ସି ବରୁଆ ଗ୍ରୀଡିଜିଏସ, ତିଲକ ପଟ୍ଟନାୟକ ଡିଜିଏମ, ଜ୍ୟୋତି ପ୍ରକାଶ ମିଶ୍ର ଏଜିଏମ, ହରକ କୁମାର ଦେବ ଏଜିଏମ, ୱାଇପି ରାମ ଏଜିଏମ, ପିପି ଦେବ ଏଜିଏମ, ଅରୁଣ ପଣ୍ଡା ସିନିୟର ମ୍ୟାନେଜର ଓ ଜିନ୍ଦଲ ଲୌହ ଖଣିର ଦିଲୀପ ସାହୁ ଏଚଆର ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆମ୍ବଦୁଧ ଏକାଠି ହୁଏ
ଅଧଡ଼ ଟାକୁଆ ଗାତକୁ ଯାଏ ।**

ଆମ୍ବ ରସ ଓ ଦୁଧ ସହଜରେ ମିଶିଯାଏ, କିନ୍ତୁ ଟାକୁଆ ମିଶି ନ ପାରିବା ହେତୁ ତାକୁ ବାହାରେ ଫୋପାଡ଼ି ଦିଆଯାଏ। ପରୋକ୍ଷରେ ସ୍ୱଭାବ, ପ୍ରକୃତି ତଥା ମନୋଭାବ ଯାହା ସହ ଯାହାର ମିଶିଯାଏ ତାଙ୍କ ପକ୍ଷେ ଏକତ୍ର ହେବା ସେତେ ସହଜ ହୋଇଯାଏ ଅନ୍ୟଥା ସେଠାରୁ ବାଦ୍ ପଡ଼ିବା ସ୍ଥିର ନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆପଣା ବେଳକୁ ଲୀଳାଖେଳା
ପାପହୁଏ ପରବେଳା ।**

ନିଜ ବେଳକୁ ଯେଉଁ କାମ କରିବା ଠିକ୍ ବୋଲି ଧରାଯାଏ ପରନ୍ତୁ ଅନ୍ୟପାଇଁ ସେ କାମ କରିବା ଦୋଷାବହ ହୋଇଯାଏ। ସ୍ୱାର୍ଥାନ୍ୱେଷୀ ତଥା ସୁବିଧାବାଦୀ ବ୍ୟକ୍ତି ନିଜ ସୁଖ ସୁବିଧା ପାଇଁ ଦରକାର ପଡ଼ିଲେ ନୀତିନିୟମକୁ ମଧ୍ୟ ବଦଳେଇ ଦେବାକୁ ପଛଘୁଞ୍ଚା ଦେଇ ନ ଥାନ୍ତି। ପାତରଅନ୍ତର ନୀତି ଅବଲମ୍ବନ କରୁଥିବା ସିଆଣିଆ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ. ପ୍ରା. ଲି.

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

# ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଘୋଷଣା

XXIV-116

File No.: XIV-02/2018-499 Dated 26.11.2018

ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୯ର ଅଧିନିୟମ ୭ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ, ଯାଜପୁରଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ମୌଜା- ଜନିନ୍ଦାପାଳ, ଥାନା- ଟମକା, ନଂ.୪୦, ତହସିଲ- ଦାନଗଦି, ଜିଲ୍ଲା- ଯାଜପୁରରେ ନିମ୍ନସୂଚୀତ 'କ' ତଫସିଲ ଜମି ଏହି ଆଇନର ଧାରା ୨(୧) ପ୍ରକାରେ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ବାଂଶପାଣି-ଦୈତାରୀ-ଟମକା-ଜଖପୁରା ଦୋହରୀକରଣ ନିର୍ମାଣ ନିମନ୍ତେ ଏ.୩.୫୧ ଏକର ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (Right to Fair Compensation and Transparency in Land Acquisition, Rehabilitation & Resettlement Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା- ୪୦୫୩୦/R&DM, ତା୨୭।୧୧।୨୦୧୭ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ, ଏହା ଘୋଷଣା କରାଯାଉଅଛି ଯେ, ମୌଜା- ଜନିନ୍ଦାପାଳ, ଥାନା- ଟମକା, ନଂ. , ତହସିଲ- ଦାନଗଦି, ଜିଲ୍ଲା- ଯାଜପୁରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ, ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.jajpur.nic.inରେ ଓ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ www.odisha.gov.in/revenueରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀ, ବାଂଶପାଣି-ଦୈତାରୀ-ଟମକା-ଜଖପୁରା, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ଯାଜପୁର — ତହସିଲ- ଦାନଗଦି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| | | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | | ଏଥିସହିତ ସଂଲଗ୍ନ |

**ତଫସିଲ-ଖ**
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ଯାଜପୁର — ତହସିଲ- ଦାନଗଦି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ସ୍ୱା./- ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, ଯାଜପୁର

**ଅନୁସୂଚିତ ଜମି ଅଧିଗ୍ରହଣ**
**ମୌଜା- ଜନିନ୍ଦାପାଳ, ଥାନା- ଟମକା, ନଂ.୪୦, ତହସିଲ- ଦାନଗଦି, ଜିଲ୍ଲା-ଯାଜପୁର**

| କ୍ର. ନଂ. | ଖାତା ନଂ. | ପ୍ଲଟ୍ ନଂ. | ମୋଟ ରକବା | ଅର୍ଜନ ରକବା | ଖାତା ରୟତଙ୍କ ନାମ |
|---|---|---|---|---|---|
| ୧ | ୩ | ୧୫୦ | ୦.୬୪ | ୦.୩୨ | ଉତ୍ତମ ଦେହୁରୀ |
| ୨ | ୩ | ୨୪୧ | ୦.୧୪ | ୦.୦୧ | ଉତ୍ତମ ଦେହୁରୀ |
| ୩ | ୫ | ୨୦୫ | ୦.୫୫ | ୦.୫୧ | ଉଷାମଣି ପାତ୍ର |
| ୪ | ୮ | ୧୫୩ | ୧.୪୨ | ୦.୧୪ | କଣ୍ଟ ପୁହାଣ |
| ୫ | ୧୪ | ୧୫୫ | ୦.୪୭ | ୦.୦୬ | କସ୍ତୁରୀ ପୁହାଣ |
| ୬ | ୧୪ | ୨୦୪ | ୦.୬୭ | ୦.୨୩ | କସ୍ତୁରୀ ପୁହାଣ |
| ୭ | ୨୧ | ୨୦୯ | ୧.୦୦ | ୦.୩୪ | କେଶବ ଚନ୍ଦ୍ର ନାୟକ |
| ୮ | ୨୨ | ୧୬୭ | ୦.୦୬ | ୦.୦୬ | କେଶବ ଚନ୍ଦ୍ର ନାୟକ |
| ୯ | ୩୦ | ୧୭୦ | ୦.୩୦ | ୦.୧୫ | ଗୌରାଙ୍ଗ ପଲେଇ |
| ୧୦ | ୩୦ | ୧୬୮ | ୦.୧୬ | ୦.୧୬ | ଗୌରାଙ୍ଗ ପଲେଇ |
| ୧୧ | ୩୦ | ୧୭୭ | ୦.୦୫ | ୦.୦୫ | ଗୌରାଙ୍ଗ ପଲେଇ |
| ୧୨ | ୪୧ | ୩୫ | ୦.୧୨ | ୦.୦୨ | ଜାତ ପ୍ରଧାନ |
| ୧୩ | ୪୧ | ୩୬ | ୧.୮୪ | ୦.୦୬ | ଜାତ ପ୍ରଧାନ |
| ୧୪ | ୫୫ | ୨୪୦ | ୦.୧୫ | ୦.୧୧ | ନିଷିକଣ୍ଠ ଦେହୁରୀ |
| ୧୫ | ୭୩ | ୧୫୬ | ୦.୪୩ | ୦.୩୬ | ବେଙ୍ଗ ନାୟକ |
| ୧୬ | ୯୦ | ୧୪୯/୯୬୨ | ୦.୮୦ | ୦.୦୯ | ଗଙ୍ଗାଧର ପୁହାଣ |
| ୧୭ | ୯୬ | ୧୬୬ | ୦.୨୫ | ୦.୨୨ | ରାଧୁଆ ପଲେଇ |
| ୧୮ | ୧୦୪ | ୨୦୨ | ୦.୧୪ | ୦.୦୭ | ସଙ୍ଖାଳି ଦେହୁରୀ |
| ୧୯ | ୧୦୫ | ୨୦୩ | ୦.୨୮ | ୦.୨୭ | ଶତ୍ରୁଘନ ଦେହୁରୀ |
| ୨୦ | ୧୦୫ | ୨୦୬ | ୦.୪୫ | ୦.୧୩ | ଶତ୍ରୁଘନ ଦେହୁରୀ |
| ୨୧ | ୧୦୫ | ୨୩୮ | ୦.୨୯ | ୦.୦୮ | ଶତ୍ରୁଘନ ଦେହୁରୀ |
| ୨୨ | ୧୦୫ | ୨୪୨ | ୧.୫୭ | ୦.୦୨ | ଶତ୍ରୁଘନ ଦେହୁରୀ |
| ୨୩ | ୧୧୪/୦୯ | ୨୩୯ | ୦.୦୫ | ୦.୦୫ | ଶ୍ରୀ ଖନ୍ଦୁରାଇ ଠାକୁରାଣୀ |
| | | ମୋଟ | ୧୧.୮୩ | ୩.୫୧ | |

24163/14/0036/1819 — ସ୍ୱା./- ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଦୈତାରୀ-ବାଂଶପାଣି ରେଳପଥ, କେନ୍ଦୁଝର

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ନବବର୍ଷର ଶୁଭକାମନା
ଆପଣ ସମସ୍ତଙ୍କ ପାଇଁ ଉପଲବ୍ଧ କମ୍ ସୁଧରେ ଋଣର ସୁବିଧା । ମାତ୍ର 2% ସୁଧ 35% ସରକାରୀ ସବ୍‌ସିଡି । ଗ୍ରୁପ୍ ଋଣର ସୁବିଧା ମଧ୍ୟ ଉପଲବ୍ଧ ରିହାତି ସହିତ।
SHRI JAGANNATH FINANCE GROUP
ଭାରତର ନଂ.1 କମ୍ପାନୀ
Helpline Numbers
7497815594
9485831878
Jamtara, Siskela, Balangir, Odisha - 767032

ସତ୍ୟମ ବିଜନେସ୍ ସଲ୍ୟୁସନ୍ସ ଦ୍ୱାରା ଲୋନ ନିଅନ୍ତୁ, ଏଜେଣ୍ଟମାନଙ୍କ ଦ୍ୱାରା ସମ୍ପର୍କ କରନ୍ତୁ
7900515385, 9690381088
ଭୁବନେଶ୍ୱର-9690243041
ସମ୍ବଲପୁର- 9690367183
ବ୍ରହ୍ମପୁର- 7900240146
ଢେଙ୍କାନାଳ- 7900982000
ନୟାଗଡ଼- 7900365000

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଭାରତର ନଂ. ୧ କମ୍ପାନୀ
ଦ୍ୱାରା ଆପଣଙ୍କର ଖାଲିଥିବା ଜମିରେ, ଛାତରେ, ଫ୍ଲାଟ୍‌ରେ, କ୍ଷେତରେ, ଘର ଉପରେ 3G, 4G, ଡିଜିଟାଲ ଟାୱାର ଲଗାନ୍ତୁ। ଏବଂ ପାଆନ୍ତୁ ୮୦ ଲକ୍ଷ ଆଡଭାନ୍ସ + ୫୦ ହଜାର ମାସକୁ ରୋଜଗାର +୨୦ ବର୍ଷର କୋର୍ଟ ଏଗ୍ରିମେଣ୍ଟ + ଚାକିରି + BIKE + NET Call Free
Contact : 1800120002563
Ansal Bhavan, Connaught Place, New Delhi

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

MAHALAXMI FINANCE LTD
ଆଗେ ଆସନ୍ତୁ ଆଗେ ପାଆନ୍ତୁ
ନବବର୍ଷର ଶୁଭ ଅବସରରେ ସମସ୍ତ ଋଣ କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗ୍ରୁପ୍, ଗୃହ ଋଣ ଆଦି, ୭୨ ଘଣ୍ଟାରେ ୧% ସୁଧ ୫୦% ରିହାତି।
Helpline Numbers
9499219022
Dagarpada, Bania Sahi, Chandini Chowk, Cuttack Sadar, Cuttack-753002

ଆକର୍ଷଣୀୟ ବାଇକ୍ ଶୁଭାରମ୍ଭ ଅଫର୍
ମାସିକ 9765/-ର ରୋଜଗାର
ଡ୍ରାଇଭର, ଇନ୍ଧନ, ରକ୍ଷଣାବେକ୍ଷଣ ସବୁ ସୁବିଧା କମ୍ପାନୀ ତରଫରୁ
ଜିଆଇପିଏଲ୍ ବାଇକ୍ ବଟ୍ କନ୍‌ସେପ୍ଟ ବାଇକ୍ ଭଡ଼ାରେ ଘରେ ନିଶ୍ଚିନ୍ତରେ ବସି ଟ.62100, ମାସିକ ରୋଜଗାର 9765 କିମ୍ବା ସର୍ବାଧିକ 1 ଲକ୍ଷ
ଠିକଣା: ସେକ୍ଟର 3, ନୋଏଡା ଉତ୍ତରପ୍ରଦେଶ
ମୋ. 8445085978

FINANCE
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

SMS JOB
ବେରୋଜଗାର ଯୁବକ, ଯୁବତୀ ଏବଂ ବେଟି ବଚାଓ, ବେଟି ପଢାଓ ଘରେ ବସି SMS JOB (Part/Full Time) କରି ମାସକୁ ୧୫୦୦୦/-ରୁ ୩୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
କମ୍ପାନୀ ଦ୍ୱାରା Mobile+ Laptop+ Medical Exp. FREE
CALL/SMS କରନ୍ତୁ
7352180541
7673881573



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

**ପାଇକମାଳ, ୩।୧(ଡି.ଏନ.ଏ)-** ଭାରସାମ୍ୟ ହରାଇ ଏକ ବାଇକ୍ ପାଇକମାଳ-ପଦ୍ମପୁର ରାସ୍ତା ସଦାନନ୍ଦପୁର ଛକ ରାସ୍ତାକଡ ପିଲରରେ ପିଟି ହୋଇଯିବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ପାଇକମାଳ ଥାନା ଭେଙ୍ଗରାଜପୁର ଗ୍ରାମର ଦିଲୀପ ରଣା (୩୦) । ଗୁରୁବାର ଅପରାହ୍ନ ୧ଟା ୩୦ମିନିଟରେ ଦିଲୀପ ନିଜ ବାଇକ (ନଂ.ଓଡି୧୭ପି/୫୯୨୩) ଯୋଗେ ପଦ୍ମପୁର ହିରୋ ସୋ ରୁମକୁ ଯାଇ କିସ୍ତି ପେମେଣ୍ଟ କରି ଫେରୁଥିଲେ। ଏହି ସମୟରେ ସେ ସଦାନନ୍ଦପୁର ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ପିଲରରେ ପିଟି ହୋଇଥିଲେ । ତାଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ପାଇକମାଳ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ପଠାଇଛି । ଏ ନେଇ ପାଇକମାଳ ଥାନାରେ ଏକ ମାମଲା (ନଂ.୩/୨୦୧୯) ରୁଜୁ ହୋଇଛି ।

ଏମ୍‌ସିଏଲ୍‌ର ସିଆରମାଲ କୋଇଲାଖଣି ପରିବେଶ ମଞ୍ଜୁରୀ ଜନଶୁଣାଣି ଶିବିର

# ଗ୍ରାମବାସୀଙ୍କ ବିରୋଧ, ବିକ୍ଷୋଭ

**ସୁନ୍ଦରଗଡ , ୩।୧ (ଡି.ଏନ୍.ଏ)**

ସୁନ୍ଦରଗଡ ଜିଲା ହେମଗିର ବ୍ଲକରେ ମହାନଦୀ କୋଇଲା ଖଣି ଲିମିଟେଡ (ଏମ୍‌ସିଏଲ୍)ର ପ୍ରସ୍ତାବିତ ସିଆରମାଲ ଖୋଲାମୁହଁ କୋଇଲା ଖଣି ସକାଶେ ଗୁରୁବାର ଅନୁଷ୍ଠିତ ପରିବେଶ ମଞ୍ଜୁରି ସମ୍ବନ୍ଧୀୟ ଜନଶୁଣାଣି ଶିବିରକୁ ବିସ୍ଥାପିତ ହେବାକୁ ଥିବା ଗ୍ରାମବାସୀଙ୍କ ତରଫରୁ ବିରୋଧ କରାଯାଇଛି। ଶିବିର ନିକଟରେ ଏମ୍‌ସିଏଲ୍ ବିରୋଧରେ ବିଭିନ୍ନ ସ୍ଲୋଗାନ ଦିଆଯାଇ ବିକ୍ଷୋଭ କରାଯାଇଥିଲା। ଫଳରେ ଏହି ଜନଶୁଣାଣି ଶିବିରକୁ ଜିଲା ପ୍ରଶାସନ ପକ୍ଷରୁ ସ୍ଥଗିତ ରଖାଯାଇଛି। ଏହି କୋଇଲା ଖଣି ପାଇଁ ମୋଟ ୨୫୮୦ .୪୫ ହେକ୍ଟର ଜମି ଆବଶ୍ୟକ ହେଉଥିବା ବେଳେ ଏଥି ମଧ୍ୟରେ କୋଇଲା ଖଣି ପ୍ରକଳ୍ପ ପାଇଁ ୨୨୯୦. ୪୫ ହେକ୍ଟର ଜମି ଏମ୍ ସିଏଲକୁ ମାଇନିଂ ଲିଜ ମିଳିଛି। ଏହି କୋଇଲା ଖଣିରୁ ବାର୍ଷିକ ୪୦ରୁ ୫୦ ନିୟୁତ ଟନ୍ କୋଇଲା ଉତ୍ତୋଳନ ଲକ୍ଷ୍ୟ ରହିଛି। ଏହି ଜମି ମଧ୍ୟରେ ହେମଗିର ବ୍ଲକର ଝୁପୁରୁଙ୍ଗା, ରତନସରା, ସିଆରମାଲ, ତୁମୁଲିଆ ଓ ଗୋପାଳପୁର ଆଦି ଗ୍ରାମ ବିସ୍ଥାପିତ ହେବେ। ହେଲେ ବର୍ତ୍ତମାନ ସୁଦ୍ଧା ବିସ୍ଥାପିତ ହେବାକୁ ଥିବା ଗ୍ରାମବାସୀଙ୍କୁ କ୍ଷତିପୂରଣ ସମ୍ପୂର୍ଣ୍ଣ ଭାବେ ମିଳି ନ ଥିବାବେଳେ ଥଇଥାନ, ନିଯୁକ୍ତି ଓ କୋଇଲା ପରିବହନ ଯୋଗୁ ସୃଷ୍ଟି ହେଉଥିବା ପରିବେଶ ପ୍ରଦୂଷଣକୁ ରୋକିବା ଦିଗରେ ଏମ୍‌ସିଏଲ କର୍ତ୍ତୃପକ୍ଷଙ୍କ ଉଦାସୀନତା ନୀତି ନେଇ ଏହି ଶିବିରକୁ ସ୍ଥାନୀୟ ଅଧିବାସୀମାନେ ବିରୋଧ କରିଥିଲେ। ୧୨ପ୍ଲାଟୁନ୍ ସଶସ୍ତ୍ର ପୋଲିସ ମୁତୟନ କରାଯାଇ ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ତୁଡୁକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁନ୍ଦରଗଡ ଏସ୍.ପି ସୌମ୍ୟା ମିଶ୍ର, ଅତିରିକ୍ତ ଏସ୍.ପି ରବିନାରାୟଣ ବାରିକ, ଝାରସୁଗୁଡା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ନିରଞ୍ଜନ ମଲ୍ଲିକ, ଏମ୍‌ସିଏଲ ବସୁନ୍ଧରା କୋଇଲା ଖଣି ମହାପ୍ରବନ୍ଧକ ନୀରଜ କାଲା, ହେମଗିର ତହସିଲଦାର ମୋହନ ସାହୁ, ସଦର ଏସଡିପିଓ ବଳଭଦ୍ର ଦୀପ, ହେମଗିରି ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୩୬ ଜଣ ବିସ୍ଥାପିତ ଗ୍ରାମବାସୀ ଏହି ପ୍ରକଳ୍ପ ବିରୋଧରେ ମତ ରଖିଥିଲେ।



ବିସ୍ଥାପିତ ହେବାକୁ ଥିବା ଗ୍ରାମବାସୀଙ୍କ ତରଫରୁ ବିରୋଧ କରାଯାଇ ସ୍ଲୋଗାନ ଦିଆଯାଉଛି।

# ଧରଣୀଧର ସଙ୍ଗୀତ ପରିଷଦର ଉତ୍ସବ ପ୍ରସ୍ତୁତି ବୈଠକ

**କୋଲାବିରା,୩।୧ (ଡି.ଏନ୍.ଏ.)**

ଧରଣୀଧର ସଙ୍ଗୀତ ପରିଷଦ ସଭାପତି ତୁଲାରାମ ସେନାପତିଙ୍କ ସଭାପତିତ୍ୱରେ ଗୁରୁବାର ଅପରାହ୍ନରେ ଅସ୍ଥାୟୀ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟିର ଆଗାମୀ କାର୍ଯ୍ୟକ୍ରମ ସ୍ଥିର କରାଯାଇଥିଲା। ଏପରି କି ପ୍ରତିବର୍ଷ ପରି ଚଳିତ ବର୍ଷ ହେଉଥିବା ବାର୍ଷିକ ଉତ୍ସବର କାର୍ଯ୍ୟଖସଡା ପ୍ରସ୍ତୁତି ସହ ପରିଷଦର ଚତୁର୍ଥ ବାର୍ଷିକ ଉତ୍ସବ ପାଳନ ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ଆସନ୍ତା ୨୬ତାରିଖରେ ଅଞ୍ଚଳର ପ୍ରସିଦ୍ଧ ମକରଯାତ୍ରାରେ ଉତ୍ସବ ପାଳନ ଅବସରରେ ପରିଷଦର ଚତୁର୍ଥ ବାର୍ଷିକ ଉତ୍ସବ କରାଯିବା ନେଇ ସ୍ଥିରୀକୃତ କରାଯାଇଥିଲା। ଉତ୍ସବକୁ କିପରି ଧୁମ୍‌ଧାମରେ ପାଳନ କରାଯିବ ସେ ନେଇ କିମିଟି କର୍ମକର୍ତ୍ତାଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପରିଷଦର ସମ୍ପାଦକ ଅତୁଲ୍ୟ ଚାନ୍ଦ, ଉପଦେଷ୍ଟା ମଦନମୋହନ ପଟେଲ, ଗୁରୁଚରଣ ସାହୁ, ଗୌରୀଶଙ୍କର ନାଏକ, କୌଶଳ ଜୟପୁରିଆ, ଭୁଲେନ୍ଦ୍ର ଚାନ୍ଦ, କିଶୋର ସିଂ ଠାକୁର, ନିର୍ମଳ ଚାନ୍ଦ ପ୍ରମୁଖଙ୍କ ସମେତ ସଂସଦର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ। ଅନୁଷ୍ଠିତ ହେବାକୁ ଥିବା କଳା ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ଅଞ୍ଚଳର କଳାକାରଙ୍କୁ ଯୋଗଦେବା ପାଇଁ ପରିଷଦ ପକ୍ଷରୁ ଅନୁରୋଧ କରାଯାଇଛି।



ଧରଣୀଧର ସଙ୍ଗୀତ ପରିଷଦର ବାର୍ଷିକୋତ୍ସବ ପାଳନ ପ୍ରସ୍ତୁତି ବୈଠକରେ ଉପସ୍ଥିତ କାର୍ଯ୍ୟକର୍ତ୍ତା।

# ରାଜଗାଙ୍ଗପୁର ବନାଞ୍ଚଳରେ ପକ୍ଷୀ ଗଣନା

**ରାଜଗାଙ୍ଗପୁର, ୩।୧ (ଡି.ଏନ.ଏ)**

ରାଜଗାଙ୍ଗପୁର ବନାଞ୍ଚଳରେ ରାଉରକେଲା ବନଖଣ୍ଡ ଅଧିକାରୀଙ୍କ ତତ୍ତ୍ୱାବଧାନରେ ପକ୍ଷୀଗଣନା କାର୍ଯ୍ୟକ୍ରମ ତିନୋଟି ସ୍ଥାନ ମାନ୍ଦ୍ରିଆ ଡ୍ୟାମ, କାଂଶବାହାଲ ଡ୍ୟାମ ଓ ପିତାମହଲ ଡ୍ୟାମରେ ସକାଳ ୬ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ହୋଇଥିଲା। ରାଜଗାଙ୍ଗପୁର ବନାଞ୍ଚଳର ଡେପୁଟି ରେଞ୍ଜର ନୟନକାନ୍ତ ସାହୁ, ବନପାଳ ରାଧାରମଣ ବିଶ୍ୱାଳ ଓ ପରମାନନ୍ଦ ପଟେଲ ଓ ବନରକ୍ଷୀମାନଙ୍କ ସହାୟତାରେ ପକ୍ଷୀଗଣନା କରାଯାଇଥିଲା। ଏଥିରେ ୨୦ଟି ପ୍ରଜାତିର ପକ୍ଷୀ ଗଣନା କରାଯାଇଥିଲା।



ଡ୍ୟାମରେ ଥିବା ପକ୍ଷୀ।

## ବିଦ୍ୟାଳୟ ସମୂହ ଚେସ୍ ଟିମ୍‌ର ନୟାଗଡ଼ ଯାତ୍ରା

**ଝାରସୁଗୁଡ଼ା ଅଫିସ,୩।୧**

ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଚେସ୍ ପ୍ରତିଯୋଗିତା ନୟାଗଡଠାରେ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଗୁରୁବାର ଝାରସୁଗୁଡା ଜିଲାର ୧୨ ଜଣିଆ ଟିମ୍ ନୟାଗଡ଼ ଅଭିମୁଖେ ଯାତ୍ରା କରିଛି। ଟିମ୍ ସହ ଜେନେରାଲ ମ୍ୟାନେଜର ଖଗେଶ୍ୱର ପଟେଲ, ପ୍ରଶିକ୍ଷକ ସନ୍ତୋଷ କୁମାର ଜଗଦେବ ପ୍ରମୁଖ ଯାତ୍ରା କରିଛନ୍ତି। ଜିଲା ଶାରୀରିକ ଶିକ୍ଷା ପ୍ରଶିକ୍ଷକ ଡମ୍ବରୁଧର ପୂଜାରୀ, ବଂଶୀଧର ପଶାୟତ, ମେହନ ଶର୍ମା, ବିଜୟ ଅଗ୍ରୱାଲ, ଅଜୟ କୁମାର ସିଂ, ସୀମାରାମ ସିତାନି ପ୍ରମୁଖ ଖେଳାଳିଙ୍କ ସଫଳତା କାମନା କରିବା ସହ ଶୁଭେଚ୍ଛା ଜଣାଇଥିଲେ।

# ମଦ ଦୋକାନରୁ ଚୋରି ରହସ୍ୟଜନକ

- ୩ଶହ ୫୬ ପେଟିରୁ ୧ଶହ ପେଟିରେ ସୀମିତ
- ପୋଲିସର ସହାୟତାରେ ମାମଲା ରୁଜୁ
- ତଦନ୍ତ ଚାଲିଥିବା ନେଇ ପୋଲିସର ସଫେଇ

**ବଣାଇଁ, ୩।୧ (ସ୍ୱ.ପ୍ର.)**

ସୁନ୍ଦରଗଡ ଜିଲା ବଣାଇଁ ଉପଖଣ୍ଡର ଲହୁଣୀପଡା ଥାନା ଅଞ୍ଚଳରେ ନୂତନ ବର୍ଷରେ ଘଟିଛି ଏକ ରହସ୍ୟମୟ ଘଟଣା। ଲହୁଣୀପଡା ଥାନାର ସମରଦରୀଠାରେ ଥିବା ଏକ ବିଦେଶୀ ମଦ ଦୋକାନରୁ ଗତ ୩୧ ତାରିଖ ରାତିରେ ୩ଶହ ୫୬ ପେଟି ମଦ ଚୋରୀ ହେବା ନେଇ ଥାନାରେ ଏତଲା ହେବା ପରେ ପୋଲିସର ତନାଘନା ଆରମ୍ଭ ହୋଇଯାଇଥିଲା । ଉକ୍ତ ମଦ ଦୋକାନର ମାଲିକ ବିଶ୍ୱଜିତ ନାଏକଙ୍କ ନିର୍ଦ୍ଦେଶକ୍ରମେ ମ୍ୟାନେଜର ପ୍ରଶାନ୍ତ ରାୟ ଦେଇଥିବା ଏତଲା ମୁତାବକ କୁଆଡେ ଗତ ୩୧ ତାରିଖ ରାତିରେ ସମରଦରୀଠାରେ ଥିବା ମଦ ଦୋକାନରୁ ପ୍ରାୟ ୩ଶହ ୫୬ ପେଟି ବିଭିନ୍ନ କିସମର ବିଦେଶୀ ମଦ ଚୋରି ହୋଇ ଯାଇଥିଲା। ପ୍ରାଥମିକ ତଦନ୍ତରୁ ପୋଲିସର ସନ୍ଦେହ ହେବା ପରେ ଲହୁଣୀପଡା ଥାନା ଅଧିକାରୀ ଉପଖଣ୍ଡ ପୋଲିସ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ମଦ ଦୋକାନୀକୁ ନେଇ ଏକ ବୈଠକ ହୋଇଥିଲା। ପରେ ଏହି ଚୋରି ୧ଶହ ପେଟି ମଧ୍ୟରେ ସିମୀତ ରଖିବା ନେଇ କଥାବାର୍ତ୍ତା ହେବା ପରେ ୧ଶହ ପେଟି ଚୋରୀ ନେଇ ଏତଲା ରଖି କେଶ ରୁଜୁ କରାଯାଇଛି ।

ଏ ସଂକ୍ରାନ୍ତରେ ଲହୁଣୀପଡା ଥାନାରେ ଏକ କେଶ ନମ୍ବର ୧/୧୯ ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି । ତେବେ ଅତ୍ୟନ୍ତ ରହସ୍ୟମୟ ଏହି ଚୋରି ଘଟଣାର ପ୍ରାଥମିକ ତଦନ୍ତରୁ ପୋଲିସର ଭୂମିକା ଅତ୍ୟନ୍ତ ସନ୍ଦେହଜନକ ଜଣାପଡୁଛି । ପ୍ରଥମତଃ ଉକ୍ତ ମଦ ଦୋକାନରେ କେଉଁ କାରଣରୁ ରାତ୍ରି ଜଗୁଆଳି ଭାବେ ଜଣେ ଗ୍ରାମରକ୍ଷୀ ଟିକେଶ୍ୱର ପାତ୍ର ରହୁଥିଲେ । ଦ୍ୱିତୀୟରେ ଯଦି ଚୋରୀ ହେଲା ତେବେ ତୁରନ୍ତ କେଉଁ କାରଣରୁ ଏଫଆଇଆର ଦିଆଗଲା ନାହିଁ, ତୃତୀୟତଃ ଯଦି ୩ଶହ ୫୬ ପେଟି ଚୋରୀ ହେଲା ପୋଲିସ କାହିଁକି ହସ୍ତକ୍ଷେପ କରି ୧ଶହ ପେଟି କରି ବୋଲି କହିଲା । ଚତୁର୍ଥରେ ପ୍ରକୃତ ଘଟଣାକୁ ଲୋକ ଲୋଚନକୁ ଆଣିବା ପରିବର୍ତ୍ତେ ପୋଲିସ କାହିଁକି ପରେ କହିବ କହି ଘଟଣାକୁ ଏଡାଇଗଲା ଏହା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । ରାଉରକେଲା ଏସପି ତୁରନ୍ତ ଏଭଳି ଘଟଣାରେ ହସ୍ତକ୍ଷେପ କରି ତଦନ୍ତ କରନ୍ତୁ ବୋଲି ସାଧାରଣରେ ଦାବି ହେବା ସହ ରହସ୍ୟମୟ ଚୋରିରୁ ପର୍ଦ୍ଦାଫାସ୍ ଆବଶ୍ୟକ ବୋଲି କହିଥିଲେ ।

# ଆର୍‌ଆଇ ଅଫିସ ଘେରିଲେ ଭୂମିହୀନ

**ବରଗଡ଼ ଅଫିସ୍,୩।୧**

ବରଗଡ଼ ତହସିଲ ପ୍ରଧାନପାଲି ହରିଜନପଡ଼ାର ଭୂମିହୀନଙ୍କୁ ବସୁନ୍ଧରା ଯୋଜନାରେ ଘରଡ଼ିହ ଦେବା ପରିବର୍ତ୍ତେ ହଇରଣ ହରକତ କରାଯାଉଥିବା ଅଭିଯୋଗ ହୋଇଛି । ଏଭଳି ଅଭିଯୋଗ ନେଇ ପଡ଼ାବାସୀ ଗୁରୁବାର ଜମୁର୍ଡ଼ା ରାଜସ୍ୱ ନିରୀକ୍ଷକ ଅଫିସକୁ ଘେରାଉ କରିବା ସହିତ ପ୍ରତିବାଦ କରିଥିଲେ । ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ପ୍ରଧାନପାଲି ହରିଜନପଡ଼ାର ଭୂମିହୀନମାନେ ସରକାରଙ୍କ ବସୁନ୍ଧରା ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ପାଖରେ ଆବେଦନ କରୁଛନ୍ତି । ମାତ୍ର ବିଭାଗୀୟ ଅଧିକାରୀମାନେ ସରଜମିନ ତଦନ୍ତ ନ କରି ମନଇଚ୍ଛା ରିପୋର୍ଟ ପ୍ରସ୍ତୁତ କରୁଥିବା ଯୋଗୁ ସେମାନେ ସେଭଳି ଯୋଜନାର ସୁଫଳରୁ ବଞ୍ଚିତ ହେଉଛନ୍ତି। ସେମାନେ ସମସ୍ତେ ନିହାତି ଗରୀବ ଓ ଭୂମିହୀନ ଶ୍ରେଣୀର ହୋଇଥିବାବେଳେ ବିନା ସରଜମିନ ତଦନ୍ତରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଆୟ ପ୍ରମାଣପତ୍ରରେ ବାର୍ଷିକ ଆୟ ୬୦ହଜାରରୁ ଅଧିକ ବୋଲି ଦର୍ଶାଇଛନ୍ତି ଏବଂ ଏହା ସେହି ଯୋଜନାରେ ସାମିଲ ହେବା ପାଇଁ ବାଧକ ସାଜିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏ ନେଇ ରାଜସ୍ୱ ନିରୀକ୍ଷକଙ୍କ ପାଖରେ ବାରମ୍ବାର ଅଭିଯୋଗ କରିବା ସହିତ ଗତ ଡିସେମ୍ବର ମାସରେ ଜୟ କୋଶଳ ଭୂମିହୀନ ସଂଗ୍ରାମ ସମିତିର ଆହ୍ୱାନରେ ହୋଇଥିବା ଶୋଭାଯାତ୍ରାରେ ସାମିଲ ହୋଇ ଅତିରିକ୍ତ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେତେବେଳେ ଅତିରିକ୍ତ ଜିଲାପାଳ ସେଭଳି ତ୍ରୁଟିର ସଂଶୋଧନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ସେ ନେଇ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନ ଥିବାବେଳେ ସ୍ଥାନୀୟ ଆର୍‌ଆଇ ସେମାନଙ୍କ ଅଭିଯୋଗକୁ ଅଣଦେଖା କରୁଛନ୍ତି । ଆର୍‌ଆଇଙ୍କ ଅପସାରଣ ସହିତ ଠିକ୍ ଭାବେ ତଦନ୍ତ କରି ସେମାନଙ୍କୁ ନ୍ୟାୟ ପ୍ରଦାନ କରିବାକୁ ରଶ୍ମିତା ଗଡ଼ତିଆ, ହେମ ମୁରୁଚୁଲିଆ, ମମତା ମହାନନ୍ଦ, ପରମିତା ସିଂ, ଅନିତା ମହାନନ୍ଦ ପ୍ରମୁଖ ପଡାବାସୀ ଜିଲାପାଳଙ୍କୁ ନିବେଦନ କରିଛନ୍ତି ।



ଭୂମିହୀନମାନେ ଜମୁର୍ଡ଼ା ରାଜସ୍ୱ ନିରୀକ୍ଷକଙ୍କ ଅଫିସ ଘେରାଉ କରିଛନ୍ତି ।

## ପାଇଖାନା ଟାଙ୍କିରେ ପଡ଼ି ଶିଶୁ ମୃତ

**ପାଇକମାଳ, ୩।୧(ଡି.ଏନ.ଏ)**

ପାଇକମାଳ ଥାନା ବିଜାଡିହି ଗ୍ରାମରେ ଗୁରୁବାର ଗୋଟିଏ ନିର୍ମାଣାଧୀନ ପାଇଖାନା ଟାଙ୍କିରେ ପଡି ଜଣେ ଶିଶୁର ମୃତ୍ୟୁ ହୋଇଛି । ସେ ହେଲେ ଏହି ଗ୍ରାମର ସୌକିଲାଲ ସାହୁଙ୍କ ଏକମାତ୍ର ପୁଅ ନିରୋଦ ସାହୁ(୭) । ସକାଳ ୯ଟା ବେଳେ ନିରୋଦ ଏହି ଖୋଲା ପାଇଖାନା ଟାଙ୍କି ନିକଟରେ ଖେଳୁଥିବା ବେଳେ ସେଥିରେ ପଡିଯାଇଥିଲେ। ସେ ଘରକୁ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ତାଙ୍କୁ ପାଇ ନ ଥିଲେ । ଅପରାହ୍ନ ୨ଟାରେ ସେ ପାଇଖାନା ଟାଙ୍କିରେ ପଡିଯାଇଥିବା ଖବର ପାଇ ପରିବାର ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ପାଇକମାଳ ପୋଲିସ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ପଠାଇଛି ।

ଜିଲା ଗଠନର ରୌପ୍ୟ ଜୟନ୍ତୀରେ ରକ୍ତଦାନ ଶିବିର

# ୫୨୫ ୟୁନିଟ୍ ରକ୍ତ ସଂଗ୍ରହ

**ଝାରସୁଗୁଡା ଅଫିସ,୩।୧**

ଝାରସୁଗୁଡ଼ା ଜିଲା ଗଠନ ରୌପ୍ୟ ଜୟନ୍ତୀ ପାଳନ ଅବସରରେ ମହୋତ୍ସବ ପଡ଼ିଆରେ ଗୁରୁବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୫୨୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ୟଙ୍ଗଷ୍ଟର ଚାରିଟେବଲ୍ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ଜିନା ଇସିକା ନାମ, ଜିଲା ପ୍ରାଥମିକ ଶିକ୍ଷକ ସଂଘ, ବିଗ୍ ବଜାର କର୍ମଚାରୀ, ପୋଲିସ କର୍ମଚାରୀ, ମିଶନ୍ ଅଶ୍ରା, ଜେସିଆଇ, ମହିଳା ମହାବିଦ୍ୟାଳୟ, ଇଗଲ୍ ଗ୍ରୁପ୍, ଘନଶ୍ୟାମ ହେମଲତା ବିଦ୍ୟାମନ୍ଦିର, ୟୁଟି ଫାଉଣ୍ଡେଶନ୍, ପେନ୍ଥାକ୍ ସିଲଟ୍, ୟୁଥ୍ ଆସୋସିଏଶନ ଭଳି ସଙ୍ଗଠନ ଯୋଗଦେଇ ରକ୍ତଦାନ ଶିବିରକୁ ସଫଳ କରିଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ଅଶ୍ୱିନୀ କୁମାର ମହାନ୍ତି, ହୀରାଲାଲ ଲୋକଚନ୍ଦାନୀ, ରଘୁମଣି ପଟେଲ, ଅର୍ଜୁନ ମୋର, ବାଲଗୋବିନ୍ଦ ମିଶ୍ର, ପ୍ରଶାନ୍ତ ନନ୍ଦ, ତାପସ ରାୟଚୌଧୁରୀ ପ୍ରମୁଖ ଶିବିରର ଉଦ୍‌ଘାଟନ କରିଥିଲେ। ୟଙ୍ଗଷ୍ଟର୍ ସଭାପତି ଇଂ ଅରବିନ୍ଦ ବାରିକ, ରାଜେଶ ପାଢୀ, ଫକୀର ମୋହନ ବାରିକ, ବିବେକାନନ୍ଦ ମିଶ୍ର, ପ୍ରଶାନ୍ତ ଭଇଁଷା, ଆଦିତ୍ୟ ମେହେର, ଟିଙ୍କୁ ନାଏକ ପ୍ରମୁଖ ଶିବିର ଆୟୋଜନ ଓ ପରିଚାଳନା କରିଥିଲେ।

## ଧନୁଯାତ୍ରା ୱେବସାଇଟ୍, ପୋଷ୍ଟର ଉନ୍ମୋଚିତ

**ବରଗଡ଼ ଅଫିସ୍,୩।୧**

ବରଗଡ଼ ଜିଲାପାଳଙ୍କ ଅଫିସ ସଭାଗୃହରେ ଗୁରୁବାର ଧନୁଯାତ୍ରାର ପୋଷ୍ଟର ଏବଂ ୱେବସାଇଟ୍ ଉନ୍ମୋଚିତ ହୋଇଛି । ଧନୁଯାତ୍ରା ମହୋତ୍ସବ ସମିତିର ସଭାପତି ତଥା ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଏହାକୁ ଉନ୍ମୋଚନ କରିଥିଲେ । ଧନୁଯାତ୍ରାର ୱେବସାଇଟ୍‌କୁ ଖୋଲିଲେ ଜନସାଧାରଣ ଉଭୟ ଓଡ଼ିଆ ଏବଂ ଇଂରାଜୀ ଭାଷାରେ ଧନୁଯାତ୍ରା ସମ୍ବନ୍ଧୀୟ ସମସ୍ତ ତଥ୍ୟାବଳୀ, ଫଟୋ ଏବଂ ଭିଡ଼ିଓ ଚିତ୍ର ପାଇ ପାରିବେ ବୋଲି ଧନୁଯାତ୍ରା ପ୍ରଚାର ପ୍ରସାର କମିଟିର ଆବାହିକା ତଥା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣି ଦାଶ ସୂଚନା ଦେଇଛନ୍ତି। ଅତିରିକ୍ତ ଜିଲାପାଳ ତପିରାମ ମାଝି, ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥୀ ଏବଂ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ । ଚଳିତବର୍ଷ ପ୍ରଚାର ପ୍ରସାର କମିଟି ପକ୍ଷରୁ ଗୋପପୁର(ଅମ୍ବାପାଲି), ମଥୁରାନଗରୀ (ବରଗଡ଼)ର ପ୍ରାୟ ୧୦ଟି ସ୍ଥାନରେ ଧନୁଯାତ୍ରା ହୋର୍ଡ଼ିଂ ଲାଗିଥିବାବେଳେ ଜିଲାର ୧୨ଟି ବ୍ଲକରେ ଗୋଟିଏ ଲେଖାଏଁ ହୋର୍ଡ଼ିଂ ଲଗାଯିବାର ବ୍ୟବସ୍ଥା ରହିଥିବା ଦାଶ କହିଥିଲେ।



ଜିଲାପାଳ ଓ ଅନ୍ୟମାନେ ଧନୁଯାତ୍ରା ପୋଷ୍ଟର ଉନ୍ମୋଚନ କରୁଛନ୍ତି ।

ଜିଲା ମହୋତ୍ସବର ତୃତୀୟ ସନ୍ଧ୍ୟା

# କଳା ଓ କଳାକାରଙ୍କ ମଞ୍ଚ ‘ଧୁଲ୍‌ଧୁଲି’

**ଝାରସୁଗୁଡା ଅଫିସ,୩।୧**

ଝାରସୁଗୁଡ଼ା ଜିଲା ମହୋତ୍ସବ ଧୁଲ୍‌ଧୁଲିର ତୃତୀୟ ସନ୍ଧ୍ୟା ବେଶ୍ ଆକର୍ଷଣୀୟ ଥିଲା। ନୃତ୍ୟ ଓ ସଙ୍ଗୀତକୁ ଉପଭୋଗ କରିବା ପାଇଁ ବହୁ ସଂଖ୍ୟକ ଦର୍ଶକ ଉପସ୍ଥିତ ରହିଥିଲେ। ତୃତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ କିଶୋର କୁମାର ମହାନ୍ତି, ଅତିଥି ଭାବେ ବେଲପାହାଡ଼ ପୌରାଧକ୍ଷ ପର୍ଶୁରାମ ସାହୁ, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ଏମ୍‌ସିଏଲ୍ ଇବ୍‌ଭ୍ୟାଲି ଜିଏମ୍ ମଧୁସୂଦନ ଶର୍ମା, ଲଖନପୁର ଜିଏମ୍ ଆର୍.ପି. ଗୁପ୍ତା, ସନ୍ଦୀପ ଅଓସ୍ତ୍ରୀ ପ୍ରମୁଖ ଯୋଗଦେଇ ଧୁଲ୍‌ଧୁଲି ମଞ୍ଚକୁ କଳା ଏବଂ କଳାକାରଙ୍କ ମଞ୍ଚ ଭାବେ ବର୍ଣ୍ଣନା କରିଥିଲେ। ଐତିହ୍ୟ, କଳା, ସଂସ୍କୃତିକୁ ଜୀବିତ ରଖିବା ପାଇଁ ଉଦ୍ୟମ ଜାରି ରହିଛି। କଳାକାରଙ୍କୁ ସରକାରୀ ପ୍ରୋତ୍ସାହନ, ଲୁକ୍କାୟିତ ପ୍ରତିଭାଙ୍କ ପାଇଁ ମହୋତ୍ସବର ଆୟୋଜନ କରାଯାଇଛି। ଯାହା ପାରମ୍ପରିକ ନୃତ୍ୟ ଏବଂ ସଙ୍ଗୀତକୁ ଉଜ୍ଜୀବିତ କରିବ ବୋଲି ଅତିଥିମାନେ ଆଶାବ୍ୟକ୍ତ କରିଥିଲେ। ମହୋତ୍ସବର ତୃତୀୟ ଦିବସରେ ରକ୍ତଦାନ ଶିବିର, କୁଇଜ୍ ପ୍ରତିଯୋଗିତା ଏବଂ ସନ୍ଧ୍ୟାରେ ଖଇରାଗଡର ଶିବସ୍ତୁକ, ସମ୍ବଲପୁରର ପଶ୍ଚିମ ସୁର୍, ଝାରସୁଗୁଡ଼ାର ନେପାଳୀ ନୃତ୍ୟ, କୋଲକାତାର ବାଉଲ ନୃତ୍ୟ, ବିଳାସପୁରର ରାଉତାହି ନୃତ୍ୟ, ନାଗପୁରର କଥକ ନୃତ୍ୟ, ରୋହତକର ଫଗ୍ ନୃତ୍ୟ ଏବଂ ଦଲକିର ଗୁମୁକୁଝୁମା ପରିବେଷଣ ହୋଇଥିଲା। ଦର୍ଶକ ଏହାର ମନଭରି ଉପଭୋଗ କରିଥିଲେ।



ତୃତୀୟ ସନ୍ଧ୍ୟାରେ ଉପସ୍ଥିତ ଅତିଥି।



କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଉଛି।

## ସଂକ୍ଷେପରେ



### ଦକ୍ଷତା ତାଲିମ ଶିବିର

କେସିଙ୍ଗା,୩।୧(ଡି.ଏନ.ଏ.)

କେସିଙ୍ଗା ରେଞ୍ଜ ଅନ୍ତର୍ଗତ ସୌରାପଦର ବନ ସୁରକ୍ଷା ସମିତିରେ ଆମ ଜଙ୍ଗଲ ଯୋଜନାର ଏକ ଦିନିକିଆ ଦକ୍ଷତା ବୃଦ୍ଧି ତାଲିମ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବଜରଗଡର ସୌରାପଦର ସଂରକ୍ଷିତ ଜଙ୍ଗଲ ପରିସରରେ ଆୟୋଜିତ ହୋଇଥିଲା ଏହି କାର୍ଯ୍ୟକ୍ରମ। ଏହି ଶିବିରରେ ବନପାଳ ତଥା ସମିତିର ସମ୍ପାଦକ ଦେବବ୍ରତ ମିଶ୍ର, ବନରକ୍ଷୀ କବିତା ପାଣିଗ୍ରାହୀ, ସଭାପତି ସଦାନନ୍ଦ ଗଉତି, ସମସ୍ତ ସଭ୍ୟାସଭ୍ୟଙ୍କ ସମେତ ପାର୍ଟନର ଏନଜିଓର ସଦସ୍ୟ ଧିରଜ ଦାଶ, ଇନ୍ଦ୍ରମଣୀ ମାଝୀ, ବିକାଶ ତାଣ୍ଡି ପ୍ରମୁଖ ଯୋଗଦେଇଥିଲେ । ଏହି ଏକ ଦିନିକିଆ ଶିବିରରେ ବନପାଳ ତଥା ସମିତିର ସମ୍ପାଦକ ଦେବବ୍ରତ ମିଶ୍ର ଆମ ଜଙ୍ଗଲ ଯୋଜନା, ଜଙ୍ଗଲ ବୃଦ୍ଧି ଓ ସୁରକ୍ଷା, ମୃତ୍ତିକା ସଂରକ୍ଷଣ, ବିଭିନ୍ନ ଆଡିବନ୍ଧ ଓ ଆଡିବନ୍ଧ ନିର୍ମାଣ, ଗ୍ରାମାଞ୍ଚଳର ଲୋକଙ୍କ ସହ ବନ ବିଭାଗର କର୍ମଚାରୀମାନେ ସୁସମ୍ପର୍କ ସ୍ଥାପନ କରିବା, ଅଣଯୋଜନା, ମାଇକ୍ରୋପ୍ଲାନ, ଗ୍ରାମବାସୀଙ୍କ ସର୍ଭେ କରି ଚିହ୍ନଟ କରିବା ଆଦି ବିଷୟରେ ତାଲିମ ପ୍ରଦାନ କରିଥିଲେ ।

# ବନ୍ଦ ପଡିଛି ଫୁରଲିଝରଣ, ପର୍ଯ୍ୟଟକ ନିରାଶ

ଭବାନୀପାଟଣା,୩।୧(ସ୍ୱ.ପ୍ର.)

ଓଡିଶାକୁ ପର୍ଯ୍ୟଟକମାନଙ୍କ ଆଗମନର ବୃଦ୍ଧି ପାଇଁ ରାଜ୍ୟ ସରକାର ଜୋର ସୋରରେ ପ୍ରଚାର ପ୍ରସାର କରୁଛନ୍ତି। ହେଲେ ସରକାରୀ ବାବୁମାନଙ୍କ ଖାମଖିଆଲି ମନୋଭାବ ଯୋଗୁ ପର୍ଯ୍ୟଟକଙ୍କ ଆଗମନରେ ବାଧା ସୃଷ୍ଟି ହେଉଥିବା ପରି ମନେ ହୁଏ। ଯାହାର ଏକ ଉଦାହରଣ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲାର ଫୁରଲିଝରଣ ଜଳପ୍ରପାତ। ବର୍ତ୍ତମାନ ଚାଲିଛି ପର୍ଯ୍ୟଟନର ଋତୁ। କଳାହାଣ୍ଡି ଜିଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀକୁ ପ୍ରତିଦିନ ଶହଶହ ପର୍ଯ୍ୟଟକ ଆସୁଛନ୍ତି। ହେଲେ କଳାହାଣ୍ଡି ଜିଲାକୁ ପର୍ଯ୍ୟଟନ ସ୍ଥଳୀର ସ୍ୱତନ୍ତ୍ର ପରିଚୟ ଦେଇଥିବା ତଥା ସବୁଠୁ ଗୁରୁତ୍ୱପୂର୍ଣ୍ଣ ବହନ କରୁଥିବା ଫୁରଲିଝରଣ ଗତ ଦେଢ ବର୍ଷ ହେବ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ହୋଇ ପଡିଛି। ଫଳରେ ଜିଲା ବାହାରୁ ଆସୁଥିବା ପର୍ଯ୍ୟଟକଙ୍କୁ ନିରାଶ ହେବାକୁ ପଡୁଛି। କଳାହାଣ୍ଡି ଜିଲାରେ ଗତ ୨୦୧୭ଜୁଲାଇ ମାସରେ ହୋଇଥିବା ପ୍ରବଳ ବର୍ଷାରେ ଫୁରଲିଝରଣର ପାରିପାର୍ଶ୍ୱିକ ବିକାଶ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଏଠାରେ ଥିବା ବିଶ୍ରାମ ଗୃହ, ପାହାଚ, ରାସ୍ତା, ଶୌଚାଳୟ ପ୍ରଭୃତି ଭାଙ୍ଗିଯାଇ, ଧୋଇଯାଇ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଫଳରେ ସେବେଠାରୁ ବନବିଭାଗ ପକ୍ଷରୁ ପର୍ଯ୍ୟଟକଙ୍କ ପାଇଁ ଗମନାଗମନ ବନ୍ଦ କରି ଦିଆଯାଇଛି। ସେହିପରି ଫୁରଲିଝରଣ ଭିତରକୁ ଯାନବାହାନ ଯାଇ ନ ପାରିବା ପାଇଁ ଏକ ଲୁହା ପୋଲ ଫାଟକ, ପଥର ଦେଇ ବନ୍ଦ କରାଯାଇଛି। ଫୁରଲିଝରଣ କର୍ଲାପାଟ ଅଭୟାରଣ୍ୟରେ ରହିଥିବାବେଳେ ଏହା ଭବାନୀପାଟଣାରୁ ୧୬କିମି ଦୂରରେ ଅବସ୍ଥିତ। ଅନ୍ୟପକ୍ଷରେ, ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଫୁରଲିଝରଣର ପାରପାର୍ଶ୍ୱିକ ସ୍ଥିତିର ଉନ୍ନତି ପାଇଁ ୫୦ଲକ୍ଷଟଙ୍କାର ବ୍ୟୟ ଅଟକଳ ପ୍ରସ୍ତାବ ବନବିଭାଗ ପକ୍ଷରୁ ଜିଲାପାଳଙ୍କ ଜରିଆରେ ରାଜ୍ୟସରକାରଙ୍କୁ ପଠାଯାଇଛି। ଏହି ପ୍ରସ୍ତାବ ମଞ୍ଜୁର ହୋଇ ଆସିବା ପରେ ଫୁରଲିଝରଣର ପାରିପାର୍ଶିକ ଉନ୍ନତି କରାଯିବ। ତା'ପରେ ପର୍ଯ୍ୟଟକଙ୍କୁ ଛଡାଯିବ ବୋଲି ବିଭାଗ ପକ୍ଷରୁ ସୂଚନାପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ, ଗତ ଦେଢ ବର୍ଷ ଧରି ଏହି ପର୍ଯ୍ୟଟନ କେନ୍ଦ୍ର ବନ୍ଦ ରହିଥିବାବେଳେ ଏଥିପାଇଁ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ନ ପାଇବା କ୍ଷୋଭର ବିଷୟ। ସେହିପରି ଏହି ପର୍ଯ୍ୟଟନ କେନ୍ଦ୍ର ବନ୍ଦ ରହିଥିବାରୁ ପର୍ଯ୍ୟଟକଙ୍କଠାରୁ ଆଦାୟ ହୋଇଥିବା ଟିକେସ ଟଙ୍କା ମଧ ବନ୍ଦ ରହିଛି। ଫଳରେ ସରକାର ବାର୍ଷିକ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି। ଇତି ମଧ୍ୟରେ ଦେଢ ବର୍ଷ ବିତିଯାଇଥିଲେ ମଧ ଏହାର କାମ ବିଳମ୍ବ ହୋଇଥିବାରୁ ନାନାଦି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଜିଲା ଦକ୍ଷିଣ ବନଖଣ୍ଡ ଅଧିକାରୀ ଟି ଅଶୋକ କୁମାରଙ୍କୁ ପଚାରିବାରୁ ଫୁରଲିଝରଣର ଉନ୍ନତି ପାଇଁ ୫୦ଲକ୍ଷ ଟଙ୍କାର ପ୍ରସ୍ତାବ ରାଜ୍ୟ ସରକାରଙ୍କୁ ଯାଇଛି। ଅନୁମୋଦନ ହୋଇ ଆସିଲେ ଶୀଘ୍ର କାମ ଆରମ୍ଭ କରାଯିବ ଓ ତା'ପରେ ପର୍ଯ୍ୟଟକ ଯାଇପାରିବେ ବୋଲି କହିଥିଲେ।

ରିପୋର୍ଟ : ଉତ୍ତମ କୁମାର ଦାଶ






ଫୁରଲିଝରଣ ନାମ ଫଳକ(ବାମ) ବନ୍ଦ ପଡିଛି ଗେଟ୍ ।

**ଫୁରଲିଝରଣ**

- ବର୍ଷାରେ ଧ୍ୱସ୍ତବିଧ୍ୱସ୍ତ ହୋଇପଡିଛି ପାରିପାର୍ଶ୍ୱିକ ବିକାଶ
- ଦେଢବର୍ଷ ହେବ ବନ୍ଦ ରହିଛି ଜଳପ୍ରପାତ
- ସରକାରୀ ସ୍ତରରେ ଆନ୍ତରିକତା ଅଭାବ

## ଜାନୁୟାରୀ ୯ରୁ କଳାହାଣ୍ଡି ଉତ୍ସବ

ଜୁନାଗଡ,୩।୧(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଓ ଏନଏସିସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଆଗାମୀ ୯ରୁ ଆରମ୍ଭ ହୋଇ ତନି ଦିନ ବ୍ୟାପି ଅନୁଷ୍ଠିତ ହେବ। ପୂର୍ବରୁ ଗତ ଡିସେମ୍ବର ୨୪ରେ ଏକ ପ୍ରସ୍ତୁତି ବୈଠକ ତତକାଳିନ ବିଡିଓ ପରମବ୍ରହ୍ମ ଯୋଷୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲାଏହି କାର୍ଯ୍ୟକ୍ରମ। ଗୁରବାର ପୁନଶ୍ଚ ଏକ ପ୍ରସ୍ତୁତି ବୈଠକ ହୋଇ ଆଗାମୀ ୯ରୁ ୧୧ ତାରିଖ କଳାହାଣ୍ଡି ଉତ୍ସବ ଘୁମୁରା(ଜୁନାଗଡ ମହୋତ୍ସବ) ଅନୁଷ୍ଠିତ ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହା ଅଧ୍ୟକ୍ଷତା କରିଥିବା ବେଳେ ବ୍ଲକ ଅଧ୍ୟକ୍ଷା ନୂର୍ଯ୍ୟ ମାଝୀ, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଉଶ୍ୱର ପୁଝାରୀ, ପୂର୍ବତନ ଏନଏସି ଅଧ୍ୟକ୍ଷା ବିଜୟଲକ୍ଷ୍ମୀ କନ୍ଧପାନ, ଜିପିଇଓ ସିଦ୍ଧେଶ୍ୱର ମେହେର, ବ୍ଲକ ମଙ୍ଗଳ ଶିକ୍ଷା ଅଧିକାରୀ ସୁମନ୍ତ ମାଝି ପ୍ରମୁଖ ଙ୍କ ତତ୍ତ୍ୱାବଧାନରେ ବୈଠକରେ ୩୪ ପଞ୍ଚାୟତର ସରପଞ୍ଚ ଉପସ୍ଥିତ ଥିଲେ। ସମିତି ସଭ୍ୟ ମାନେ ଅନୁପସ୍ଥିତ ଥିବା ବେଳେ ଜୁନାଗଡର ଅନେକ କ୍ରିଡାବିତ, କଳାକାର, ବିଭିନ୍ନ ଅନୁଷ୍ଠାନର ବ୍ୟକ୍ତି ବିଶେଷ ପ୍ରମୁଖ ଉପସ୍ଥିତ ରହି ଉତ୍ସବ ପାଇଁ ସୁଚିନ୍ତିତ ମତମତ ଦେଇଥିଲେ।

# କେନ୍ଦ୍ର ଯୋଜନା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ

ଭବାନୀପାଟଣା,୩।୧(ଡି.ଏନ.ଏ.)

ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର କ୍ଷେତ୍ର ଜନସମ୍ପର୍କ କାର୍ଯ୍ୟାଳୟ, ଭବାନୀପାଟଣା ଆନୁକୂଲ୍ୟରେ ଭବାନୀପାଟଣା ବ୍ଲକର ଖଇରମାଲ ଓ ଡୁମାଲ ଗ୍ରାମରେ ଦୁଇଟି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଭବାନୀପାଟଣା ପଞ୍ଚାୟତ ସମିତିର ଅଧ୍ୟକ୍ଷା ସନ୍ତୋଷିନୀ ଦାସ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ କର୍ଲାଗୁଡା ସରପଞ୍ଚ ସବିତା ନାଏକ, କାମଠଣା ସରପଞ୍ଚ ସଞ୍ଜିତା ଦୁର୍ଗା, ଅନ୍ୟତମ ଅତିଥି ଭାବେ ଓର୍ମାସ୍ର ସହାୟକ ନିର୍ଦ୍ଦେଶକ ଜର୍ଜ ମାର୍ଗାରେଟ୍ କେର୍କେଟା, ମୋଟିଭେଟର ବିଜୟଲକ୍ଷ୍ମୀ ରାଓ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କେନ୍ଦ୍ରସରକାରଙ୍କ ଦ୍ୱାରା ଜନସାଧାରଣଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଉପସ୍ଥିତ ଗ୍ରାମବାସୀମାନଙ୍କୁ ସୂଚନା ଦେଇଥିଲେ। ବିଭିନ୍ନ ଯୋଜନା ଗୁଡିକ ସମ୍ପର୍କରେ ଲୋକମାନେ କିଭଳି ସଚେତନ ଅଛନ୍ତି ତାହା ଜାଣିବା ପାଇଁ କୁଇଜ୍ ପ୍ରତୀଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ୨୦ଜଣ ପ୍ରତିଯୋଗୀଙ୍କୁ ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର କ୍ଷେତ୍ର ଜନସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଯୋଜନା କାର୍ଯ୍ୟାବଳୀ ସମ୍ବନ୍ଧିତ ଫଟୋ ପ୍ରଦର୍ଶନୀ ଓ ପୁସ୍ତିକା ବଣ୍ଟନ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଥିଲା। ୨ଟି ଯାକ ସଚେତନତା କାର୍ଯ୍ୟକ୍ରମକୁ ଭାରତ ସରକାରଙ୍କ ଭବାନୀପାଟଣାସ୍ଥିତ କ୍ଷେତ୍ର ଜନସମ୍ପର୍କ କାର୍ଯ୍ୟାଳୟର ଅଧିକାରୀ ବିଷ୍ଣୁଚରଣ ସାହୁ ପରିଚାଳନା କରିଥିଲେ ଓ ସାମାଜିକକର୍ମୀ ଇନ୍ଦ୍ରମଣି ସାହୁ ସହଯୋଗ କରିଥିଲେ।




ସ୍ୱତନ୍ତ୍ର ପ୍ରଚାର କାର୍ଯ୍ୟକ୍ରମରେ ଯୋଗଦେଇଥିବା ମଞ୍ଚାସୀନ ଅତିଥିବୃନ୍ଦ।

# ୪ଦିନ ହେବ ମଣ୍ଡିରୁ ଉଠୁନି ଧାନ

ଜୁନାଗଡ,୩।୧(ଡି.ଏନ୍.ଏ)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦାସିଗାଁ ମଣ୍ଡିରେ ଗତ ୪ଦିନ ହେବ ଚାଷୀମାନେ ଧାନ ବିକ୍ରି କରି ନ ପାରି ଶୀତ କାକରରେ ପଡି ରହିଛନ୍ତି। ଯାହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ସୋମବାର ଏହି ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ଚାଷୀମାନଙ୍କୁ ଟୋକନ ପ୍ରଦାନ କରାଯାଇଥିଲା। ତେବେ ଉକ୍ତ ଦିନ କିଛି ଚାଷୀଙ୍କ ଧାନ ମିଲର୍ସ ଉଠାଇଥିବାବେଳେ ଅର୍ଦ୍ଧାଧିକ ଚାଷୀଙ୍କ ଧାନ ଉଠାଇ ନ ଥିଲେ। ଏପରିକି ଧାନ ଓଜନ କରିସାରିଥିବା ଚାଷୀଙ୍କ ଧାନକୁ ମଧ ମିଲର୍ସମାନେ ଟ୍ରକ ଅଭାବରୁ ଛାଡି ଦେଇ ଚାଲିଯାଇଥିଲେ। ଯାହା ଫଳରେ ସେତେବେଳେଠୁ ଉକ୍ତ ଚାଷୀମାନେ ମଣ୍ଡିରେ ପଡି ରହିଛନ୍ତି। ଏପଟେ ରାତି ସମୟରେ ହାଡ ଭଙ୍ଗା ଶୀତ ପ୍ରବାହ ଜାରି ରହିଥିବାରୁ ଚାଷୀମାନେ ଅତି କଷ୍ଟରେ ମଣ୍ଡିରେ ପଡି ରହିଛନ୍ତି। ସୋମବାର ରାତିରେ ଅତ୍ୟଧିକ ଶୀତକୁ ସହି ନ ପାରି ରାଜୀବ ବେମାଲ ନାମକ ଜଣେ ଚାଷୀ ଗୁରୁତର ହୋଇପଡିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ବର୍ତ୍ତମାନ ଏହି ମଣ୍ଡିରେ ଦାସିଗାଁର ଜୟ ଶଙ୍କର ଖମାରୀଙ୍କ ୧୯କୁଇଣ୍ଟାଲ ଧାନ, ହରିଶଙ୍କର ନାଏକ (୧୦୦), ଜୟ ନାଗ (୧୦୦), ରଜନୀ କାନ୍ତବେହେରା (୫୯), କନକ ଚନ୍ଦ୍ର ବଗର୍ତ୍ତୀ (୫୦), ଗୋବିନ୍ଦ ବାଗ(୧୦୦), ଅଶୋକ ନାଗ (୪୫), ରାଜା ବଗର୍ତ୍ତୀ(୪୦), ଭୁଶଙ୍କର ନାଗ(୯୨), ପୁଲୁ ନାଏକ (୧୦୦), ବେଣୁ ବାଗ(୨୨), କୁମର ମଣି ଦୁର୍ଗା (୧୦୦) ଆଦି ଚାଷୀଙ୍କ ଧାନ ମଣ୍ଡିରେ ପଡି ରହିଛି। ଅନ୍ୟପକ୍ଷରେ, ବିଭାଗୀୟ ମନ୍ତ୍ରୀ ଚାଷୀଙ୍କଠାରୁ ବିନା କଟନି ଛଟନିରେ ଧାନ ଉଠାଣ କରିବା ପାଇଁ ମିଲର୍ସଙ୍କୁ କଡା ନିର୍ଦ୍ଦେଶ ଦେଇଥିବାବେଳେ ଏଠାରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏଠାରେ ମିଲର୍ସମାନେ କୁଇଣ୍ଟାଲ ପିଛା ୬କିଗ୍ରା ଧାନ କଟନି କରୁଥିବା ଚାଷୀ ଅଭିଯୋଗ କରିଛନ୍ତି। ଏ ନେଇ ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହାଙ୍କୁ ପଚାରିବାରୁ ମିର୍ଲସମାନଙ୍କୁ କୁହାଯାଇଛି ଶୁକ୍ରବାର ଦାସିଗାଁ ମଣ୍ଡିରେ ଥିବା ଚାଷୀଙ୍କ ଧାନ ଉଠାଣ କରିବା ପାଇଁ ବୋଲି କହିଥିଲେ।



ଦାସିଗାଁ ମଣ୍ଡିରେ ଧାନକୁ ଜଗି ରହିଛନ୍ତି ଚାଷୀମାନେ।

**ଦାସିଗାଁ ମଣ୍ଡି**

- ଶୀତ କାକରରେ ପଡି ରହିଛନ୍ତି ଚାଷୀ
- କୁଇଣ୍ଟାଲ ପିଛା ୬କିଗ୍ରା ଧାନ କଟନୀ

## ବନ୍ଧୁମିଳନ ପାଇଁ ପ୍ରସ୍ତୁତି ବୈଠକ

ପଲମ,୩।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ନର୍ଲା ରୋଡ ଜୟ ଦୁର୍ଗା ହାଇସ୍କୁଲର ୧୯୯୮ବ୍ୟାଚ୍‌ର ବନ୍ଧୁମିଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର ତଥା ବନ୍ଧୁ ମିଳନ କାର୍ଯ୍ୟକ୍ରମର ସଭାପତି ରାଜେନ୍ଦ୍ର ପ୍ରସାଦ ସାହୁ, ସମ୍ପାଦକ ରାଷ୍ଟ୍ରପତି ନାଏକ ଓ କୋଷାଧକ୍ଷ ଜୟ ଶଙ୍କର ରାଉତଙ୍କ ଉପସ୍ଥିତିରେ ବନ୍ଧୁ ମିଳନର ସମ୍ଭାବ୍ୟ ତାରିଖ ଜାନୁୟାରୀ ୨୭କୁ ସ୍ଥିର କରାଯାଇଛି। ଆଜିର ବୈଠକରେ ଅନ୍ୟ ପୁରାତନ ଛାତ୍ରଙ୍କ ମଧ୍ୟରେ ସୁଶାନ୍ତ ପରିଡା, ସୁରେନ୍ଦ୍ର ଅଗ୍ରୱାଲ, ଜହରଲାଲ ଭୋଇ ପ୍ରମୁଖ ଯୋଗଦେଇଥିଲେ।

# ନବବର୍ଷ ଉପଲକ୍ଷେ ବିବିଧ କାର୍ଯ୍ୟକ୍ରମ

ଭବାନୀପାଟଣା,୩।୧(ଡି.ଏନ.ଏ.)

ଭବାନୀପାଟଣା ସହରସ୍ଥିତ ପରଦେଶୀପଡା ଅମରଦୀପ କ୍ଲବ ପକ୍ଷରୁ ନବବର୍ଷ ଉପଲକ୍ଷେ ସର୍ବଧର୍ମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ରବୀନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଭବାନୀପାଟଣା ସଦର ବିଧାୟକ ଅନାମ ନାଏକ ମୁଖ୍ୟ ଅତିଥି, ଡିପିସି ଗବାକ୍ଷ ନାଏକ, ବିଇଓ ଜଗନ୍ନାଥ ପୁରୋହିତ, ଖବରଦାତା ଦେବେନ୍ଦ୍ର ବିଶି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ପରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ରଙ୍ଗୋଲି ପ୍ରତିଯୋଗିତାରେ ଦୀପା ନାଏକ ପ୍ରଥମ, ଶିଖା ନାଏକ ଦ୍ୱିତୀୟ ଓ ସସ୍ମିତା ପଣ୍ଡା ତୃତୀୟସ୍ଥାନ ଅଧିକାର କରିଥିଲେ। ଚିତ୍ରାଙ୍କନ ପ୍ରତିଯୋଗୀତାରେ ସ୍ମୃତିରଞ୍ଜନ ବେହେରା ପ୍ରଥମ, ଓମ ବାହୁଲା ଦ୍ୱତୀୟ ଓ ଜ୍ଞାନରଞ୍ଜନ ବେହେରା ତୃତୀୟ ସ୍ଥାନ ହାସଲ କରିଥିଲେ। ଚିତ୍ରାଙ୍କନ ଓ ରଙ୍ଗୋଲି ପ୍ରତିଯୋଗିତାକୁ ଚିତ୍ତରଞ୍ଜନ ମଣ୍ଡଳ, ଧୀରେନ୍ଦ୍ର ପଟ୍ଟନାୟକ ଓ କାଳିଆ ଶବର ଉଦ୍‌ଘାଟନ କରିଥିଲେ। ଅମରଦୀପ କ୍ଲବର ଉପସଭାପତି ଲଳିତ ମିଶ୍ର, ସହସମ୍ପାଦକ ସୁରେଶ ନାଏକ, ଉପଦେଷ୍ଟା ପ୍ରମୋଦ ଖମାରୀ, ପ୍ରଶାନ୍ତ ଶବର, ବସନ୍ତ ମାଝୀ, ଦୟା ପ୍ରଧାନ, ହାଇଦର ଖାନ, ଶିବ ନାଏକ, ରବି ସେନାପତି, ମନୋରଞ୍ଜନ ପାତ୍ର, ସଞ୍ଜିବ ନାଏକ, ନରେନ୍ଦ୍ର ମିଶ୍ର, ବାବୁଲା ପ୍ରଧାନ, ଗଣପତି ଶବର, ସୁବ୍ରତ ନାଏକ, ପ୍ରତାପ ପଣ୍ଡା, ଅରୁଣ ପଟ୍ଟନାୟକ, ସାଂସ୍କୃତିକ ସମ୍ପାଦକ ଧିରଜ ନାଏକ, ସୁମିତ ଶତପଥୀ, ମନୋଜ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଛାୟା ଠିକାଦାରରେ ଚାଲିଛି କେନାଲ କାମ

କୋକସରା,୩।୧ (ଡ଼ି.ଏନ.ଏ.)

ବହୁମୁଖୀ ଇନ୍ଦ୍ରାବତୀ ଜଳଭଣ୍ଡାରରୁ ଅଣଜଳସେଚିତ ଅଞ୍ଚଳର ଚାଷୀମାନଙ୍କ ସ୍ୱାର୍ଥ ଦୃଷ୍ଟିରେ ବୃହତ ଉଠାଜଳସେଚନ ପ୍ରକଳ୍ପ ରାଜ୍ୟ ସରକାରଙ୍କ ଏକ ଦୃଷ୍ଟାନ୍ତମୂଳକ ପଦକ୍ଷେପ । ଉଠାଜଳସେଚନ ମାଧ୍ୟମରେ ଜୟପାଟଣା, କୋକସରା, ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ହଜାର ହଜାର ଅଣଜଳସେଚିତ ଅଞ୍ଚଳରେ ଶଷ୍ୟ ଶ୍ୟାମଳା କରିବା ସହ ଚାଷୀମାନଙ୍କ ଆର୍ଥିକ ମାନଦଣ୍ଡ ଓ ଭିତ୍ତିଭୂମି ସଜାଡ଼ିବାରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ । ତେବେ କୋଟିକୋଟି ଟଙ୍କା ବ୍ୟୟରେ ନିର୍ମାଣଧିନ ଉଠାଜଳସେଚନ କେନାଲ କାମ ଏକ ଅଭିଜ୍ଞ ସମ୍ପନ୍ନ ଠିକାସଂସ୍ଥା ଏଲ.ଏନଟିକୁ କାର୍ଯ୍ୟଦେଶ ମିଳିଥିବାବେଳେ କମ୍ପାନୀ କେତେକାଂଶରେ ଛାୟା ଠିକାଦାର ବା ପେଟି କଣ୍ଟ୍ରାଟରମାନଙ୍କୁ କେନାଲ ପୋଲକାମ କରିବା ପାଇଁ ଦାୟିତ୍ୱ ଦେଇଛି । ଫଳରେ ଏହି ମୁନଫାଖୋର ଛାୟା ଠିକାଦାରମାନେ ନିର୍ମାଣ କରୁଥିବା ପ୍ରକଳ୍ପ ଗୁଡ଼ିକରେ ନିମ୍ନମାନର ସାମଗ୍ରୀ ବ୍ୟବହାର ସହ ଶ୍ରମିକମାନଙ୍କୁ ମଧ ଧାର୍ଯ୍ୟ ମଜୁରୀ ଠାରୁ କମ ଦେଉଥିବା ନେଇ ଅଭିଯୋଗ ହେଉଛି । କୋକସରା ବ୍ଲକର ଲଡୁଗାଁ, ଗମ୍ଭାରୀଗୁଡ଼ା ଓ କୋକସରା ମଧ୍ୟରେ ଚାଲିଥିବା କାମରେ ମାଲାମାଲ ପେଟି ଠିକାଦାରମାନେ କାମ କରୁଥିବା ଦେଖିବାକୁ ମିଳୁଛି । ଏଲ.ଏନଟି କମ୍ପାନୀ ଏକ ପ୍ରତିଷ୍ଠିତ ଠିକାସଂସ୍ଥା ହୋଇଥିବାବେଳେ ଅନଭିଜ୍ଞ ଠିକାଦାରମାନଙ୍କୁ କେଉଁ ମାନଦଣ୍ଡରେ କାମ କରିବା ପାଇଁ ଅନୁମତି କରିଛି ତାହା ଏବେ ତଦନ୍ତ ସାପେକ୍ଷ । କୋକସରା ବ୍ଲକ କୁସୁମଖୁଣ୍ଟିଠାରେ ଏଲ.ଏନଟି କମ୍ପାନୀର କାର୍ଯ୍ୟାଳୟ ଖୋଲଥିବା ବେଳେ ଏଥିରେ କାମ କରୁଥିବା କିଛି ଅଧିକାରିମାନଙ୍କୁ ଧରି ସ୍ଥାନୀୟ ଠିକାଦାରମାନେ କାମ ହାତଉଥିବା ଜଣାପଡ଼ିଛି । ତେବେ ଏ ନେଇ ଏଲ.ଏନଟି କମ୍ପାନୀ ଦାୟିତ୍ୱରେ ଥିବା ଅଧିକାରୀ ଶ୍ରୀନିବାସଙ୍କୁ ଫୋନ ଯୋଗେ ପଚାରିବାରୁ କମ୍ପାନୀ ପେଟି ଠିକାଦାର ନିଯୁକ୍ତି କରିନାହିଁ, କମ୍ପାନି ସବୁ ପ୍ରକାର ସାମଗ୍ରୀ, ସବୁ ମେସିନ ଆବଶ୍ୟକ ଜିନିଷ ଦେଇ କିଛି ଲୋକମାନଙ୍କୁ ଦାୟିତ୍ୱ ଦେଇଛି । କାମ ସମ୍ପାଦନ ପାଇଁ ଓ କାମ ଉପରେ ତଦାରଖ କରୁଛି, ସେଭଳି କୌଣସି ଅଭିଯୋଗ ଆସିଲେ ସେମାନଙ୍କୁ କାମରୁ ହଟାଇ ଦିଆଯିବ ବୋଲି କହିଥିଲେ ।



ନିର୍ମାଣାଧୀନ କେନାଲ୍‌ରେ କାର୍ଯ୍ୟକରୁଥିବା ଶ୍ରମିକମାନେ ।

## ହିଲ୍‌ଟାଉନ ସିଭିଲ ସୋସାଇଟିର ପଞ୍ଚମ ବାର୍ଷିକ ଉତ୍ସବ

# କୃତୀ ପ୍ରତିଯୋଗୀ ପୁରସ୍କୃତ

ଭବାନୀପାଟଣା,୩।୧(ଡି.ଏନ.ଏ.)

ସ୍ଥାନୀୟ ହିଲ୍‌ଟାଉନଠାରେ ଥିବା 'ହିଲ୍‌ଟାଉନ ସିଭିଲ ସୋସାଇଟି, ଭବାନୀପାଟଣା' ପଞ୍ଚମ ବାର୍ଷିକ ଉତ୍ସବ ୨୦୧୮ବର୍ଷର ଶେଷ ସନ୍ଧ୍ୟାରେ ଏକ ମନୋଜ୍ଞ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ସୋସାଇଟିର ସଭାପତି ବ୍ରହ୍ମାନନ୍ଦ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା ଏହି ଉତ୍ସବ। ଏଥିରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ପୌର ଉପନଗରପାଳ ସବିତା ପ୍ରଧାନ ଓ ମୁଖ୍ୟବକ୍ତା ଭାବେ ସ୍ଥାନୀୟ ଜୟପ୍ରକାଶ ମହାବିଦ୍ୟାଳୟର ଓଡିଆ ଅଧ୍ୟାପକ ପରମେଶ୍ୱର ମୁଣ୍ଡ ଓ ସୋସାଇଟିର ସମ୍ପାଦକ ପ୍ରତାପ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ଏହି ଅବସରରେ ସାହିତ୍ୟ କ୍ଷେତ୍ରରେ ସ୍ନେହଲତା ଷଡଙ୍ଗୀ, ନିଶୁଳ୍କ ଯୋଗଶିକ୍ଷା ପ୍ରଦାନ କ୍ଷେତ୍ରରେ ସୌଦାମିନୀ ପାଢୀ ଓ ଲୋକସଂଗୀତ ଗାୟକ ଭାବେ ଜାତୀୟସ୍ତରରେ ଉସ୍ତାଦ ବିସ୍ମିଲ୍ଲା ଖାଁ ପୁରସ୍କାର ଲାଭ କରିଥିବା ସର୍ବେଶ୍ୱର ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିବର୍ଷ ଭଳି ଏ ବର୍ଷ ମଧ ପୂଜ୍ୟପୂଜା କାର୍ଯ୍ୟକ୍ରମରେ ହିଲ୍‌ଟାଉନ ଅଞ୍ଚଳର ବାସିନ୍ଦାଙ୍କ ମଧ୍ୟରୁ ୭୫ବର୍ଷରୁ ଉର୍ଦ୍ଧ ସତ୍ୟଭାମା ପାଣିଗ୍ରାହୀ, ସୁବୋଧ ମଣ୍ଡଳ, ସରୋଜ ମୁଣ୍ଡ ଓ କ୍ଷିତୀଶ ଚନ୍ଦ୍ର ଯୋଷୀଙ୍କୁ ସମ୍ମାନୀତ କରାଯାଇଥିଲା। ଏହି ଉତ୍ସବ ଉପଲକ୍ଷେ ଶିଶୁ ଓ ବୟସ୍କ ମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ସ୍ନେହଲତା ଷଡଙ୍ଗୀ ଓ ପରିଚାଳନାରେ ଜଗଦୀଶଚନ୍ଦ୍ର ମୁଣ୍ଡ, ନମିତା ପାଣିଗ୍ରାହୀ, ଚିଣ୍ଟୁ ପ୍ରସାଦ ନାଏକ, ଶ୍ରୀନିବାସ ସେନାପତି, ମନୋଜ ମୁଣ୍ଡ, ରାହାସ ମୁଣ୍ଡ, ମଦନ ବରାଡ, ସୁଧାଧାରା ବେହେରା, ମନିଷା ମିଶ୍ର, ମୋହନ ପ୍ରଧାନ, ପ୍ରଶାନ୍ତ ମହାନ୍ତି ଟଙ୍କଧର ସାହୁ, ଲଳିତ ପଟ୍ଟନାୟକ, ମୁକୁନ୍ଦ ରେଡି, ବାଞ୍ଛାନିଧି ପଣ୍ଡା, ବିକାଶ ସା, ଗୌରଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।




ପଞ୍ଚମ ବାର୍ଷିକ ଉତ୍ସବରେ ଦୁଇ ଜଣ କୁନି କୁନି ପିଲା ନୃତ୍ୟ ପରିବେଷଣ କରୁଛନ୍ତକି।



"ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେ ହେଲେ ଅନିଷ୍ଟ ହୁଏ ନାହିଁ।
- ମହର୍ଷି ପରାଶର




ଜନସମ୍ପର୍କ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ରୀଛାତ୍ରଙ୍କ ସହ ଗ୍ରାମବାସୀ।

# ଯାତ୍ରା ନୁହେଁ କୋଶଲୀ ଭାଷାର ଆନ୍ଦୋଳନ

**କୋଶଲୀ ଧନୁଯାତ୍ରାର ଦ୍ୱିତୀୟ ସନ୍ଧ୍ୟା**

ନୂଆପଡା ଅଫିସ, ୩।୧

ସ୍ଥାନୀୟ ସାଂସ୍କୃତିକ ରଙ୍ଗ ମଞ୍ଚରେ ଚାଲିଥିବା କୋଶଲୀ ଧନୁଯାତ୍ରାର ଗୁରୁବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ଦିନର କାର୍ଯ୍ୟକ୍ରମରେ ଅତିଥିମାନେ ଯୋଗ ଦେଇ କହିଥିଲେ ଯେ, ଏହା କେବଳ ଏକ ଯାତ୍ରା ନୁହେଁ, କୋଶଲୀ ଭାଷାର ଆନ୍ଦୋଳନ ବୋଲି କହିଥିଲେ। ଏହି ଦିନର କାର୍ଯ୍ୟକ୍ରମରେ ଦେବକୀଙ୍କ ବିବାହ କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ ହୋଇଥିଲା। ସ୍ଥାନୀୟ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ନୃତ୍ୟ ଗୀତ ପ୍ରତିଯୋଗିତା ହୋଇଥିବାବେଳେ ରାତି ୯ଟାବେଳେ ଧନୁଯାତ୍ରା ମଣ୍ଡପରେ ଯାତ୍ରା ଆରମ୍ଭ ହୋଇଥିଲା। ଏଥିରେ ମହାରାଜା କଂସାସୁର ପ୍ରଥମ କରି ମଞ୍ଚକୁ ଆସିଥିବାବେଳେ ଦେବକୀ-ବସୁଦେବଙ୍କ ବିବାହ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅତିଥିମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ସୁନୀଲ କୁମାର ଆଚାର୍ଯ୍ୟ, ପୋଲିସ ଇନ୍ସପେକ୍ଟର ତପନ କୁମାର ଦାସ, ଖବରଦାତା ଘନଶ୍ୟାମ ଭୋଇ, ଆମୋଦ ଗୁରୁ, ଗଜେନ୍ଦ୍ର ନିଆଲ, ଅଶ୍ୱିନୀ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭାପତି ପ୍ରସନ୍ନ କୁମାର ପାଢୀ ସଭାପତିତ୍ୱ କରିଥିଲେ।

# ପୋଲିସ- ଜନତା ଦୂରତା କମିବା ଆବଶ୍ୟକ

- ପୋଲିସ ପକ୍ଷରୁ ପ୍ରୟାସ କାର୍ଯ୍ୟକ୍ରମ
- ସ୍କୁଲ ପିଲାଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ

ନୂଆପଡା ଅଫିସ, ୩।୧

ସମାଜରେ ଖଳ ପ୍ରକୃତିର ଲୋକଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ଏହା ଉପରେ ଅଙ୍କୁଶ ଲଗାଇବାକୁ ପୋଲିସ ଲୋକଙ୍କ ନିକଟତର ହେବାକୁ ପ୍ରୟସା କରୁଛି। ଅନ୍ୟପଟେ ସରକାର ପୋଲିସ ବ୍ୟବସ୍ଥାକୁ ସୁଦୃଢ କରୁଥିବାବେଳେ ପୋଲିସ ଏବଂ ଜନତାଙ୍କ ମଧ୍ୟରେ ସମ୍ପର୍କ ସେତେଟା ମଜବୁତ ହୋଇପାରୁନାହିଁ। ଏହି ଦୂରତା କମିଲେ ସମାଜ ଶୃଙ୍ଖଳିତ ହେବ। ସମାଜରେ ଶାନ୍ତି ସ୍ଥାପନ ହେବ ବୋଲି ମତ ପ୍ରକାଶ ପାଇଛି। ଗୁରୁବାର ଏହି ଜିଲା ଲଖନା ଥାନା ଅନ୍ତର୍ଗତ ଚଟରାଝରନ ଗାଁରେ ପୋଲିସ ଜନସମ୍ପର୍କ କାର୍ଯ୍ୟକ୍ରମ ପ୍ରୟାସ ଅନୁଷ୍ଠିତ ହୋଇଥିବାବେଳେ ଏହି ଅବସରରେ ଅତିଥିମାନେ ଏହା କହିଛନ୍ତି। ଗୁରୁବାର ପୂର୍ବାହ୍ନ ୧୦ଟାବେଳେ ଆୟୋଜିତ କାର୍ଯ୍ୟକ୍ରମରେ ଥାନା ଅଧିକାରୀ ସରୋଜ କୁମାର ମଲ୍ଲିକ ସଭାପତିତ୍ୱ କରିଥିଲେ। ଏଏସ୍‌ପି (ଅପରେସନ) ସୁନୀଲ କୁମାର ମୁଖ୍ୟ ଅତିଥି, ମେଣ୍ଢାଟାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଖେମଦାସ, ସିଲଭା ସରପଞ୍ଚ ହେମଦେବ ମାଝି, ପଟପର ପାଲିର ମଦନ ଶବର, ଲଖନାର ପୂର୍ବତନ ସରପଞ୍ଚ ବିଦ୍ୟା ଶବର, ଜିବରଧନ ଶବର, ଧରମ କଟା, ଅର୍ଜୁନ ମାଝି, ପୁରୋହିତ ସୁନାନୀ, ଦେବେନ୍ଦ୍ର ବାଗ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ସୁନୀଲ କୁମାର ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଥାନା ଅଧିକାରୀ ମଲ୍ଲିକ ପୋଲିସ ସମାଜରେ ଶାନ୍ତି ସ୍ଥାପନ ସକାଶେ ଦିନରାତି କାମ କରୁଛି। ଲୋକଙ୍କର ଆସ୍ଥା ବଢିବା ଦରକାର। ପୋଲିସ ଏବଂ ଜନତାଙ୍କ ମଧ୍ୟରେ ଦୂରତା ଯେତିକି କମିଯିବ ସମାଜରେ ସହଜରେ ଶାନ୍ତି ଆସିବ ବୋଲି କହିଥିଲେ। ଏହି ଅବସରରେ ଏଠାରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟ ହୋଇଥିଲା। ଏଥିରେ ଭାଗ ନେଇଥିବା ସମସ୍ତ ଖେଳାଳିଙ୍କୁ ଖେଳ ସାମଗ୍ରୀ ବଣ୍ଟନ କରାଯାଇଥିଲା। ମହିଳାମାନଙ୍କୁ ଶାଢୀ, ବୃଦ୍ଧାବୃଦ୍ଧଙ୍କୁ ଶୀତ ବସ୍ତ୍ର, ସ୍କୁଲ ପିଲାଙ୍କୁ ପାଠ୍ୟ ସାମଗ୍ରୀ, ଛତା, ଲ୍ୟାମ୍ପ, ମଶାରୀ ଆଦି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଚଟରା ଝରନ ସମେତ ପଟପରପାଲି, ପଟପଦା, ଲଖନା, କଣ୍ଟା ପଡା ଆଦି ଗାଁର ଶତାଧିକ ବାସିନ୍ଦା ଯୋଗ ଦେଇଥିଲେ। ସ୍ଥାନୀୟ ବିଦ୍ୟାଳୟ ଗୁଡିକର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ସହ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପୋଲିସ ତରଫରୁ ଏଭଳି କାର୍ଯ୍ୟକ୍ରମ କରାଯାଇଥିବାରୁ ସାଧାରଣରେ ପ୍ରଶଂସା କରାଯାଇଥିଲା।

# ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପଣ୍ଡିତଙ୍କ ଜନ୍ମ ଶତବାର୍ଷିକୀ

ସମ୍ବଲପୁର, ୩।୧ (ବ୍ୟୁରୋ)

ସ୍ୱାଧୀନତା ସଂଗ୍ରାମୀ ତଥା ଶ୍ରମିକ ନେତା ବିଶ୍ୱନାଥ ପଣ୍ଡିତଙ୍କ ଜନ୍ମ ଶତବାର୍ଷିକୀ ଗୁରୁବାର ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ମାର୍ଗସ୍ଥିତ ହୀରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘ କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି । ଏଆଇଟିୟୁସି ଜିଲା ସମ୍ପାଦକ ନାଟୁଗୋପାଳ ପାତ୍ରଙ୍କ ଅଧ୍ୟକ୍ଷତାରେ ସଭା ଆୟୋଜିତ ହୋଇଥିଲା । ବିଶ୍ୱନାଥ ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ ମଧ୍ୟ ଶ୍ରମିକମାନଙ୍କ ଉନ୍ନତି ପାଇଁ କାର୍ଯ୍ୟ କରିଥିଲେ । ସେ କେନ୍ଦୁପତ୍ର ସଂସ୍ଥାରେ କାର୍ଯ୍ୟ କରିଥିବା ଲକ୍ଷାଧିକ ଶ୍ରମିକ, ବିଡି ଶ୍ରମିକ, ମେଡିକାଲ ଚତୁର୍ଥ କର୍ମଚାରୀ, ମ୍ୟୁନିସିପାଲଟି କର୍ମଚାରୀ, ଚାଷୀ ମୂଲିଆଙ୍କ ଉନ୍ନତିମୂଳକ କାର୍ଯ୍ୟରେ ତତ୍ପର ଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି ।

# ପଦାସୀନ ସରପଞ୍ଚ କମ୍ ଭୋଟ ପାଇଲେ

**ଅଗ୍ରେନ ପଞ୍ଚାୟତ**

- ସରପଞ୍ଚ ଭୋଟ ଗଣତିରେ ତ୍ରୁଟି ନେଇ ମାମଲା
- ଏସ୍‌ଡିଜେଏମ୍ କୋର୍ଟରେ ଭୋଟ ଗଣତି

ନୂଆପଡା ଅଫିସ,୩।୧

ନୂଆପଡା ଜିଲା କୋମନା ବ୍ଲକ ଅଗ୍ରେନ ପଞ୍ଚାୟତରେ ସରପଞ୍ଚ ଭୋଟ ଗଣତିରେ ତ୍ରୁଟି ଥିବା ନେଇ ନୂଆପଡା କୋର୍ଟରେ ମାମଲା ବିଚାରାଧୀନ ଥିବାବେଳେ ଗୁରୁବାର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଭୋଟ ଗଣତି ହୋଇଛି। ଏଥିରେ ବର୍ତ୍ତମାନର ପଦବୀରେ ରହିଥିବା ସରପଞ୍ଚ ପରାଜିତ ପ୍ରାର୍ଥୀଙ୍କଠାରୁ କମ ଭୋଟ ପାଇଥିବା ଜଣାପଡିଥିଲା। ମାମଲା ଦାଏର କରିଥିବା ପ୍ରାର୍ଥୀ ମାଳତୀ ମାଝି ୧୫୩୧ଭୋଟ ପାଇଥିବାବେଳେ ପଦବୀରେ ରହିଥିବା ସରପଞ୍ଚ ପ୍ରାର୍ଥୀ ସତ୍ୟଭାମା ମାଝି ୧୨୯୭ଖଣ୍ଡ ଭୋଟ ପାଇଛନ୍ତି। ପ୍ରକାଶ ଯେ, ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ କୋମନା ବ୍ଲକର ୧୪ଟି ୱାର୍ଡ ବିଶିଷ୍ଟ ଅଗ୍ରେନ ଗ୍ରାମପଞ୍ଚାୟତରେ ସରପଞ୍ଚ ପଦବୀ ସକାଶେ ନିର୍ବାଚନ ହୋଇଥିଲା। ଏଥିରେ ୩ଜଣ ପ୍ରାର୍ଥୀ ନିର୍ବାଚନୀ ମୈଦାନରେ ଥିବାବେଳେ ବ୍ଲକରେ ହୋଇଥିବା ଭୋଟ ଗଣତିରେ ମାଳତୀ ମାଝିଙ୍କୁ ୧୨୯୭ଖଣ୍ଡ ଭୋଟ ମିଳିଥିବା ଘୋଷଣା କରାଯାଇଥିବାବେଳେ ସତ୍ୟଭାମା ମାଝିଙ୍କୁ ୧୫୩୧ଟି ଭୋଟ ମିଳିଥିବା କୁହାଯାଇଥିଲା। ଏଥିରେ ମାଳତୀ ମାଝି ନିଜର ଖୋଦ ୪ନମ୍ବର ୱାର୍ଡରେ ଶୂନ(୦)ଭୋଟ ପାଇଥିବାବେଳେ ଅନ୍ୟ ୱାର୍ଡର ସତ୍ୟଭାମାଙ୍କୁ ୧୮୨ଖଣ୍ଡ ଭୋଟ ମିଳିଥିବା ଫଳାଫଳ ଆସିଥିଲା। ଏଥିରେ ନିର୍ବାଚନ ଅଧିକାରୀ ତ୍ରୁଟି କରିଥିବା ମାଳତୀ ମାଝି ଅଭିଯୋଗ ଆଣିଥିଲେ। ହେଲେ ଏହାକୁ ନିର୍ବାଚନ ଅଧିକାରୀ ଅଗ୍ରାହ୍ୟ କରିଥିଲେ। ଶେଷରେ ମାଳତୀ ନୂଆପଡା କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ତେବେ କୋର୍ଟ ମାମଲାର ବିଚାର କରି ଗୁରୁବାର ଭୋଟଗଣତି କରିଥିଲା। ଏହି ଦିନ ସମସ୍ତଙ୍କ ଉପସ୍ଥିତିରେ ଏସ୍‌ଡିଜେଏମ୍ ସୋମାଲିନା ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଭୋଟ ଗଣତି ହୋଇଥିଲା। ମୁଖ୍ୟ କିରାଣୀ ଗୋଟି ଗୋଟି କରି ଭୋଟ ଗଣତି କରିଥିଲେ। ଏଥିରେ ମାଳତୀ ମାଝିଙ୍କୁ ତାଙ୍କ ନିଜ ୪ନମ୍ବର ୱାର୍ଡରେ ୧୮୨ଖଣ୍ଡ ଭୋଟ ମିଳିଥିବାବେଳେ ତାଙ୍କର ପ୍ରତିଦ୍ୱନ୍ଦି ଅର୍ଥାତ ବର୍ତ୍ତମାନର ପଦାସୀନ ସରପଞ୍ଚ ସତ୍ୟଭାମାଙ୍କୁ ଶୂନ ଭୋଟ ମିଳିଥିବା ଜଣାପଡିଥିବା ସରକାରୀ ଓକିଲ ଅଶୋକ କୁମାର ଅଗସ୍ତି କହିଛନ୍ତି। ଏହା ଉପରେ ଚୂଡାନ୍ତ ଶୁଣାଣି ଆସନ୍ତା ୫ତାରିଖ ହେବ ବୋଲି ସୂଚନା ଦେଇଛନ୍ତି। ଏହି ଖବର ଜାଣିବା ପରେ ମାଳତୀ ମାଝି ଖୁସି ପ୍ରକଟ କରିଛନ୍ତି। ହେଲେ ଚୂଡାନ୍ତ ରାୟକୁ ସେ ଜଗି ରହିଥିବା ଗଣମାଧ୍ୟମକୁ କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆମ୍ବଦୁଧ ଏକାଠି ହୁଏ
ଅଧଡ଼ ଟାକୁଆ ଗାତକୁ ଯାଏ ।**

ଆମ୍ବ ରସ ଓ ଦୁଧ ସହଜରେ ମିଶିଯାଏ, କିନ୍ତୁ ଟାକୁଆ ମିଶି ନ ପାରିବା ହେତୁ ତାକୁ ବାହାରେ ଫୋପାଡ଼ି ଦିଆଯାଏ। ପରୋକ୍ଷରେ ସ୍ୱଭାବ, ପ୍ରକୃତି ତଥା ମନୋଭାବ ଯାହା ସହ ଯାହାର ମିଶିଯାଏ ତାଙ୍କ ପକ୍ଷେ ଏକତ୍ର ହେବା ସେତେ ସହଜ ହୋଇଯାଏ ଅନ୍ୟଥା ସେଠାରୁ ବାଦ୍ ପଡ଼ିବା ସ୍ଥିର ନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆପଣା ବେଳକୁ ଲୀଳାଖେଳା
ପାପହୁଏ ପରବେଳା ।**

ନିଜ ବେଳକୁ ଯେଉଁ କାମ କରିବା ଠିକ୍ ବୋଲି ଧରାଯାଏ ପରନ୍ତୁ ଅନ୍ୟପାଇଁ ସେ କାମ କରିବା ଦୋଷାବହ ହୋଇଯାଏ। ସ୍ୱାର୍ଥାନ୍ୱେଷୀ ତଥା ସୁବିଧାବାଦୀ ବ୍ୟକ୍ତି ନିଜ ସୁଖ ସୁବିଧା ପାଇଁ ଦରକାର ପଡ଼ିଲେ ନୀତିନିୟମକୁ ମଧ୍ୟ ବଦଳେଇ ଦେବାକୁ ପଛଘୁଞ୍ଚା ଦେଇ ନ ଥାନ୍ତି। ପାତରଅନ୍ତର ନୀତି ଅବଲମ୍ବନ କରୁଥିବା ସିଆଣିଆ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ. ପ୍ରା. ଲି.

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

## ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

### ଘୋଷଣା

XXIV-116

File No.: XIV-02/2018-499 Dated 26.11.2018

ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୯ର ଅଧିନିୟମ ୭ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ, ଯାଜପୁରଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ମୌଜା- ଜନିନ୍ଦାପାଳ, ଥାନା- ଟମକା, ନଂ.୪୦, ତହସିଲ- ଦାନଗଦି, ଜିଲ୍ଲା- ଯାଜପୁରରେ ନିମ୍ନସୂଚୀତ 'କ' ତଫସିଲ ଜମି ଏହି ଆଇନର ଧାରା ୨(୧) ପ୍ରକାରେ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ବାଂଶପାଣି-ଦୈତାରୀ-ଟମକା-ଜଖପୁରା ଦୋହରୀକରଣ ନିର୍ମାଣ ନିମନ୍ତେ ଏ.୩.୫୧ ଏକର ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (Right to Fair Compensation and Transparency in Land Acquisition, Rehabilitation & Resettlement Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା- ୪୦୫୩୦/R&DM, ତା୨୭।୧୧।୨୦୧୭ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ, ଏହା ଘୋଷଣା କରାଯାଉଅଛି ଯେ, ମୌଜା- ଜନିନ୍ଦାପାଳ, ଥାନା- ଟମକା, ନଂ. , ତହସିଲ- ଦାନଗଦି, ଜିଲ୍ଲା- ଯାଜପୁରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ, ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.jajpur.nic.inରେ ଓ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ www.odisha.gov.in/revenueରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀ, ବାଂଶପାଣି-ଦୈତାରୀ-ଟମକା-ଜଖପୁରା, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ଯାଜପୁର — ତହସିଲ- ଦାନଗଦି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| | | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | | ଏଥିସହିତ ସଂଲଗ୍ନ |

**ତଫସିଲ-ଖ**
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ଯାଜପୁର — ତହସିଲ- ଦାନଗଦି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ସ୍ୱା./- ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, ଯାଜପୁର

**ଅନୁସୂଚିତ ଜମି ଅଧିଗ୍ରହଣ**
ମୌଜା- ଜନିନ୍ଦାପାଳ, ଥାନା- ଟମକା, ନଂ.୪୦, ତହସିଲ- ଦାନଗଦି, ଜିଲ୍ଲା-ଯାଜପୁର

| କ୍ର. ନଂ. | ଖାତା ନଂ. | ପ୍ଲଟ୍ ନଂ. | ମୋଟ ରକବା | ଅର୍ଜନ ରକବା | ଖାତା ରୟତଙ୍କ ନାମ |
|---|---|---|---|---|---|
| ୧ | ୩ | ୧୫୦ | ୦.୬୪ | ୦.୩୨ | ଉତ୍ତମ ଦେହୁରୀ |
| ୨ | ୩ | ୨୪୧ | ୦.୧୪ | ୦.୦୧ | ଉତ୍ତମ ଦେହୁରୀ |
| ୩ | ୫ | ୨୦୫ | ୦.୫୫ | ୦.୫୧ | ଉଷାମଣି ପାତ୍ର |
| ୪ | ୮ | ୧୫୩ | ୧.୪୨ | ୦.୧୪ | କଣ୍ଟ ପୁହାଣ |
| ୫ | ୧୪ | ୧୫୫ | ୦.୪୭ | ୦.୦୬ | କସ୍ତୁରୀ ପୁହାଣ |
| ୬ | ୧୪ | ୨୦୪ | ୦.୬୭ | ୦.୨୩ | କର୍ପୁରୀ ପୁହାଣ |
| ୭ | ୨୧ | ୨୦୯ | ୧.୦୦ | ୦.୩୪ | କେଶବ ଚନ୍ଦ୍ର ନାୟକ |
| ୮ | ୨୨ | ୧୬୭ | ୦.୦୬ | ୦.୦୬ | କେଶବ ଚନ୍ଦ୍ର ନାୟକ |
| ୯ | ୩୦ | ୧୭୦ | ୦.୩୦ | ୦.୧୫ | ଗୌରାଙ୍ଗ ପଲେଇ |
| ୧୦ | ୩୦ | ୧୬୮ | ୦.୧୬ | ୦.୧୬ | ଗୌରାଙ୍ଗ ପଲେଇ |
| ୧୧ | ୩୦ | ୧୭୭ | ୦.୦୫ | ୦.୦୫ | ଗୌରାଙ୍ଗ ପଲେଇ |
| ୧୨ | ୪୧ | ୩୫ | ୦.୧୨ | ୦.୦୨ | ଜାତ ପ୍ରଧାନ |
| ୧୩ | ୪୧ | ୩୬ | ୧.୮୪ | ୦.୦୬ | ଜାତ ପ୍ରଧାନ |
| ୧୪ | ୫୫ | ୨୪୦ | ୦.୧୫ | ୦.୧୧ | ନିଷ୍କିକଣ୍ଟ ଦେହୁରୀ |
| ୧୫ | ୭୩ | ୧୫୬ | ୦.୪୩ | ୦.୩୬ | ବେଙ୍ଗ ନାୟକ |
| ୧୬ | ୯୦ | ୧୪୯/୯୬୨ | ୦.୮୦ | ୦.୦୯ | ଗଙ୍ଗାଧର ପୁହାଣ |
| ୧୭ | ୯୬ | ୧୬୬ | ୦.୨୫ | ୦.୨୨ | ରାଧୁଆ ପଲେଇ |
| ୧୮ | ୧୦୪ | ୨୦୨ | ୦.୧୪ | ୦.୦୭ | ସଙ୍ଖାଳି ଦେହୁରୀ |
| ୧୯ | ୧୦୫ | ୨୦୩ | ୦.୨୮ | ୦.୨୭ | ଶତ୍ରୁଘନ ଦେହୁରୀ |
| ୨୦ | ୧୦୫ | ୨୦୬ | ୦.୪୫ | ୦.୧୩ | ଶତ୍ରୁଘନ ଦେହୁରୀ |
| ୨୧ | ୧୦୫ | ୨୩୮ | ୦.୨୯ | ୦.୦୮ | ଶତ୍ରୁଘନ ଦେହୁରୀ |
| ୨୨ | ୧୦୫ | ୨୪୨ | ୧.୫୭ | ୦.୦୨ | ଶତ୍ରୁଘନ ଦେହୁରୀ |
| ୨୩ | ୧୧୪/୦୯ | ୨୩୯ | ୦.୦୫ | ୦.୦୫ | ଶ୍ରୀ ଖନ୍ଦୁରାଇ ଠାକୁରାଣୀ |
| | | ମୋଟ | ୧୧.୮୩ | ୩.୫୧ | |

24163/14/0036/1819 — ସ୍ୱା./- ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଦୈତାରୀ-ବାଂଶପାଣି ରେଳପଥ, କେନ୍ଦୁଝର

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ନବବର୍ଷର ଶୁଭକାମନା
ଆପଣ ସମସ୍ତଙ୍କ ପାଇଁ ଉପଲବ୍ଧ କମ୍ ସୁଧରେ ଋଣର ସୁବିଧା । ମାତ୍ର 2% ସୁଧ 35% ସରକାରୀ ସବ୍‌ସିଡି । ଗ୍ରୁପ୍ ଋଣର ସୁବିଧା ମଧ୍ୟ ଉପଲବ୍ଧ ରିହାତି ସହିତ।
SHRI JAGANNATH FINANCE GROUP
ଭାରତର ନଂ.1 କମ୍ପାନୀ
Helpline Numbers
7497815594
9485831878
Jamtara, Siskela, Balangir, Odisha - 767032

ସତ୍ୟମ ବିଜନେସ୍ ସଲ୍ୟୁସନ୍ସ ଦ୍ୱାରା ଲୋନ ନିଅନ୍ତୁ, ଏଜେଣ୍ଟମାନଙ୍କ ଦ୍ୱାରା ସମ୍ପର୍କ କରନ୍ତୁ
7900515385, 9690381088
ଭୁବନେଶ୍ୱର-9690243041
ସମ୍ବଲପୁର- 9690367183
ବ୍ରହ୍ମପୁର- 7900240146
ଢେଙ୍କାନାଳ- 7900982000
ନୟାଗଡ଼- 7900365000

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଭାରତର ନଂ. ୧ କମ୍ପାନୀ
ଦ୍ୱାରା ଆପଣଙ୍କର ଖାଲିଥିବା ଜମିରେ, ଛାତରେ, ଫ୍ଲାଟ୍‌ରେ, କ୍ଷେତରେ, ଘର ଉପରେ 3G, 4G, ଡିଜିଟାଲ ଟାୱାର ଲଗାନ୍ତୁ ଏବଂ ପାଆନ୍ତୁ ୮୦ ଲକ୍ଷ ଆଡଭାନ୍ସ + ୫୦ ହଜାର ମାସକୁ ରୋଜଗାର +୨୦ ବର୍ଷର କୋର୍ଟ ଏଗ୍ରିମେଣ୍ଟ + ଚାକିରି + BIKE + NET Call Free
Contact : 1800120002563
Ansal Bhavan, Connaught Place, New Delhi

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

MAHALAXMI FINANCE LTD
ଆଗେ ଆସନ୍ତୁ ଆଗେ ପାଆନ୍ତୁ
ନବବର୍ଷର ଶୁଭ ଅବସରରେ ସମସ୍ତ ଋଣ କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗ୍ରୁପ୍, ଗୃହ ଋଣ ଆଦି, ୭୨ ଘଣ୍ଟାରେ ୧% ସୁଧ ୫୦% ରିହାତି।
Helpline Numbers
9499219022
Dagarpada, Bania Sahi, Chandini Chowk, Cuttack Sadar, Cuttack-753002

ଆକର୍ଷଣୀୟ ବାଇକ୍ ଶୁଭାରମ୍ଭ ଅଫର୍
ମାସିକ 9765/-ର ରୋଜଗାର ଡ୍ରାଇଭର, ଇନ୍ଧନ, ରକ୍ଷଣାବେକ୍ଷଣ ସବୁ ସୁବିଧା କମ୍ପାନୀ ତରଫରୁ
ଜିଆଇପିଏଲ୍ ବାଇକ୍ ବଟ୍ କନ୍‌ସେପ୍ଟ ବାଇକ୍ ଭଡ଼ାରେ ଘରେ ନିଶ୍ଚିନ୍ତରେ ବସି ଟ.62100, ମାସିକ ରୋଜଗାର 9765 କିମ୍ବା ସର୍ବାଧିକ 1 ଲକ୍ଷ
ଠିକଣା: ସେକ୍ଟର 3, ନୋଏଡା ଉତ୍ତରପ୍ରଦେଶ
ମୋ. 8445085978

FINANCE
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

SMS JOB
ବେରୋଜଗାର ଯୁବକ, ଯୁବତୀ ଏବଂ ବେଟି ବଚାଓ, ବେଟି ପଢାଓ ଘରେ ବସି SMS JOB (Part/Full Time) କରି ମାସକୁ ୧୫୦୦୦/-ରୁ ୩୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
କମ୍ପାନୀ ଦ୍ୱାରା Mobile+ Laptop+ Medical Exp. FREE
CALL/SMS କରନ୍ତୁ
7352180541
7673881573

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୪ ଜାନୁୟାରୀ, ୨୦୧୯



"ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### ଜବାବ ମାଗୁଛି ଓଡ଼ିଶା ରଥ ପରିକ୍ରମା

**ଟିକ୍ରାପଡା, ୩।୧(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଟିକ୍ରାପଡା ପଞ୍ଚାୟତ ଅଧୀନ ମେରାବାହାଲ ଓ ଝିଙ୍କିଡୁଙ୍ଗୁରୀ ପଞ୍ଚାୟତ ଅଧିନ ଡୁକେରଚଟରା, ବାରିକପାଲିଠାରେ ଭାରତୀୟ ଜନତା ପାର୍ଟିର ଜବାବ ମାଗୁଛି ଓଡିଶା ରଥ ଶୁକ୍ରବାର ପହଞ୍ଚିଥିଲା । ଜିଲା ଯୁବମୋର୍ଚ୍ଚା ସମ୍ପାଦକ ଚନ୍ଦ୍ରଭାନୁ ପଧାନ, ଜିଲା ଓବିସି ମୋର୍ଚ୍ଚା ଉପସଭାପତି ଅକ୍ଷୟ ରଣା, ଜିଲା ଉପସଭାପତି ଲବେନ୍ଦ୍ର ବେହେରା, ଟିକ୍ରାପଡା ମଣ୍ଡଳ, ସାଧାରଣ ସମ୍ପାଦକ କରୁଣାକର ପସାୟତ, ଯୁବମୋର୍ଚ୍ଚା ସଭାପତି ବିଦୁର କରନ, ଧର୍ମ ସିଂଦେଓ, ମହେନ୍ଦ୍ର ଅମାତ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଓଡ଼ିଶା ସରକାର ବେକାରୀ ନିଯୁକ୍ତି, ଜଳସେଚନ, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ କରିଥିବା କାର୍ଯ୍ୟ ନେଇ ବକ୍ତାମାନେ ଜବାବ ମାଗିଥିଲେ । ସୁମନ୍ତ ହରପାଲ, ମଧୁ ରଣା, ପୀତବାସ ଘିଭେଲା, ସତ୍ୟ ତାଣ୍ଡି, ଧ୍ରୁବଲେଶ୍ୱର ବାରିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ଲୋଇସିଂହାରେ ଜାଗରଣ ସମାବେଶ ପ୍ରସ୍ତୁତି

**ଲୋଇସିଂହା,୩।୧(ଡି.ଏନ୍.ଏ.):** ଆସନ୍ତା ୬ ତାରିଖ ବଲାଙ୍ଗୀର କୋସଲ କଳାମଣ୍ଡଳ ପଡିଆରେ କଂଗ୍ରେସ ପକ୍ଷରୁ ଜାଗର ସମାବେଶ ଅନୁଷ୍ଠିତ ହେବ। । ସମାବେଶରେ ବିରୋଧୀଦଳ ନେତା ଓ ଦଳୀୟ ନେତୃବୃନ୍ଦ ଜିଲାର ଅଗଣିତଚାଷୀ ଓ ବେକାର ଯୁବତୀଯୁବକମାନଙ୍କୁ ସମ୍ବୋଧିତ କରିବା କାର୍ଯ୍ୟକ୍ରମ ସ୍ଥିର ହୋଇଛି । ଏହି ପରିପ୍ରେକ୍ଷୀରେ ସ୍ଥାନୀ ରାମମନ୍ଦିରଠାରେ ଏକ ପ୍ରସ୍ତୁତି ବୈଠକ ଜୋନ ସଭାପତି ସରୋଜ ବିଶ୍ୱାଳଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଟଙ୍କଧର ଗଡତ୍ୟା, ଅନ୍ୟତମ ଜୋନ ସଭାପତି ସୁଶାନ୍ତ ସିଇ, ଜିଲା ଏସି ସେଲ ଅଧ୍ୟକ୍ଷ ତ୍ରିଲୋଚନ ନନ୍ଦ, ଉପସଭାପତି ବ୍ରଜବିହାରୀ ନନ୍ଦ ଓ ବ୍ଲକ ଅଧୀନ ୨୦ ପଞ୍ଚାୟତର ସଭାପତିଙ୍କ ସମେତ ସ୍ଥାନୀୟ କର୍ମୀ ଯୋଗଦେଇ ଆଲୋଚନା କରିଥିଲେ। ସମାବେଶକୁ ସଫଳ କରିବା ନେଇ ବୈଠକରେ ରଣନୀତି ପ୍ରସ୍ତୁତ ହୋଇଥିଲା ।

### ବିଜୁ କୃଷକ ଜିଲା ସଭାପତିଙ୍କୁ ସ୍ୱାଗତ

**କଣ୍ଟାବାଞ୍ଜି, ୩।୧(ଡି.ଏନ.ଏ.):** ନବ ନିଯୁକ୍ତ ବଲାଙ୍ଗୀର ଜିଲା ବିଜୁ କୃଷକ ଜିଲା ସଭାପତି ଅଜୟ ଦାସଙ୍କୁ ଗୁରୁବାର କଣ୍ଟାବାଞ୍ଜିଠାରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଦାସ କଣ୍ଟାବାଞ୍ଜିରେ ପହଞ୍ଚିଲା ପରେ ତାଙ୍କ ଶତାଧିକ ସମର୍ଥକ ସ୍ଥାନୀୟ ପର୍ଶୁରାମ ଛକରେ ସ୍ୱାଗତ କରିଥିଲେ। ପାଟଣାଗଡ ଏନଏସିର ପୂର୍ବତନ ଚେୟାରମେନ ସୁନୀଲ ଗୋୟଲ, ଭୁବନାନନ୍ଦ ମହାନ୍ତି, ଅରୁଣ ଆର୍ଯ୍ୟା, ଚିତ୍ରଭାନୁ ବେହେରା, ପ୍ରବୀଣ ଆର୍ଯ୍ୟା, ନନ୍ଦ କିଶୋର ଅଗ୍ରୱାଲଙ୍କ ସହ ଶତାଧିକ ସମର୍ଥକ ଏହି ଅବସରରେ ଉପସ୍ଥିତ ଥିଲେ ।

# ମଣ୍ଡିରେ ପଡ଼ିଛି ଶହଶହ ବସ୍ତା ଧାନ

**ଖପ୍ରାଖୋଲ, ୩।୧ (ଡି.ଏନ.ଏ.)**



ଧାନ ଉଠି ନ ଥିବା ଖପ୍ରାଖୋଲ ମଣ୍ଡିରେ ଚାଷୀମାନେ।

**ଖପ୍ରାଖୋଲ ବ୍ଲକ**
- ମିଲରଙ୍କ ଦେଖାନାହିଁ
- ରାସ୍ତାରୋକୋ ଚେତାବନୀ
- ଜଗି ବସିଛି ଚାଷୀ

ବଲାଙ୍ଗୀର ଜିଲ ଖପ୍ରାଖୋଲ ବ୍ଲକ ସଦର ମହକୁମା ପ୍ରାଥମିକ କୃଷି ସମବାୟ ସମିତି ଧାନ ମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଏକ ସପ୍ତାହ ହେଲା ଚାଷୀ ଶହ ଶହ ବସ୍ତା ଧାନ ମଣ୍ଡିରେ ରଖିଥିଲେ ବି ମିଲରଙ୍କ ଦେଖାନାହିଁ । ଯାହା ଫଳରେ ଚାଷୀମାନେ ମଣ୍ଡିରେ ରାତି ବେଳା ଧାନ ଜଗୁଥିବା ଦେଖିବାକୁ ମିଳିଛି। ଧାନ ବିକ୍ରି ପାଇଁ ଏହି ମଣ୍ଡିରେ ପ୍ରଥମ ପର୍ଯ୍ୟାୟରେ ୧୦ ହଜାର କୁଇଣ୍ଟାଲ ଧାନ ବିକ୍ରି ଟାର୍ଗେଟ ଥିବା ବେଳେ ୩ଜଣ ମିଲରଙ୍କୁ ଧାନ କିଣିବା ପାଇଁ ସରକାରୀ ଭାବେ ନିୟୋଜିତ କରାଯାଇଛି । ସେଥିମଧ୍ୟରୁ ଗୋଟିଏ ମିଲ ତା ଟାର୍ଗେଟ ଧାନ କିଣି ସାରିଥିବା ବେଳେ ଅନ୍ୟ ଦୁଇଟି ମିଲ ପାଇଁ ୧ ହଜାର କୁଇଣ୍ଟାଲ ଧାନ ଟାର୍ଗେଟ ବାକି ରହିଛି। ହେଲେ ଏକ ସପ୍ତାହ ହେଲା ମଣ୍ଡିକୁ ମିଲର ଆସୁ ନ ଥିବା ଅଭିଯୋଗ ହୋଇଛି । ଏ ନେଇ ଚାଷୀ ସମବାୟ ସମିତିକୁ ଜଣାଇଲେ ଅସହାୟତା ପ୍ରକାଶ କରୁଥିବା ବେଳେ ଚାଷୀ କେଉଁଠି ଧାନ ବିକିବେ ଏବେ ଚିନ୍ତାରେ । ଏ ନେଇ ସମବାୟ ସମିତି ସଭାପତି ନରେନ୍ଦ୍ର ଭୋଇଙ୍କୁ ପଚାରିବାରୁ ଗତ ସପ୍ତାହରେ ବେଲପଡାର ଗାୟତ୍ରି ରାଇସ ମିଲ ଚାଷୀଙ୍କ ଧାନ ଠିକ୍ ମାନର ହୋଇ ନଥିବା କହି ଆଉ ଧାନ କିଣିବାକୁ ଆସୁ ନ ଥିବା ଆସି ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଯାଇଥିବା କହିଛନ୍ତି। ସେହିପରି ସମବାୟ ସମିତି ସମ୍ପାଦକ ଶ୍ରୀପତି ଭୋଇଙ୍କୁ ପଚାରିବାରୁ ମିଲରଙ୍କ ଟାର୍ଗେଟ ବାକି ଅଛି। ହେଲେ ଏଫଏକ୍ୟୁ ମାନର ଧାନ ମିଲ ମାଲିକ ଖୋଜୁଥିବାରୁ ଏଭଳି ସମସ୍ୟା ଦେଖା ଦେଇଛି ବୋଲି କହିଛନ୍ତି। ଅନ୍ୟପକ୍ଷରେ ଚାଷମାନେ ମିଲ ମାଲିକ କୁଇଣ୍ଟାଲ ପ୍ରତି ୪/୫ କେଜି କଟନୀ ଛଟନୀ କରୁଥିବାରୁ ତାର ପ୍ରତିବାଦ କରିଥିଲେ। ଏହାପରେ ମିଲର ଧାନ କିଣିବାକୁ ଆସୁ ନ ଥିବାରୁ ପ୍ରଶାସନ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନନେଲେ ଶୁକ୍ରବାର ରାସ୍ତା ଉପରେ ଧାନ ରଖି ରାସ୍ତାରୋକୋ କରିବୁ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଏ ନେଇ ରାଇସ ମିଲ ମାଲିକଙ୍କୁ ଫୋନଯୋଗେ ଯୋଗାଯୋଗ କରିବାରୁ କେତେକ ଚାଷୀଙ୍କ ଧାନ ନିମ୍ନମାନର ଏପରିକି ଧାନ ଡିସକଲର ହୋଇଯାଇଛି। ଯାହାକୁ କିଣିବାକୁ ମନାକଲାରୁ କେତେକ ଚାଷୀ ଧାନ ଟ୍ରକକୁ ମଣ୍ଡିରେ ଅଟକ ରଖିଥିଲେ। ଯୋଗାଣ ବିଭାଗ ଓ ସମବାୟ ସମିତି ସହଯୋଗ କଲେ ଧାନ କିଣାଯାଇ ପାରିବ ବୋଲି କହିଛନ୍ତି। ସେହିପରି ପାଟଣାଗଡ ଉପଖଣ୍ଡ ଯୋଗାଣ ଅଧିକାରୀ ବିଜୟ କୁମାର କୁଲୁଙ୍କୁ ପଚାରିବାରୁ ଶୁକ୍ରବାର ମଣ୍ଡିକୁ ଯାଇ କଣ ସମସ୍ୟା ହୋଇଛି ଅନୁସନ୍ଧାନ ପରେ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

# ପୂର୍ବଶତ୍ରୁତାରୁ ଭଉଣୀଭାଇଙ୍କୁ ଆକ୍ରମଣ

**ଲୋଇସିଂହା,୩।୧ (ଡି.ଏନ.ଏ)**



ଆହତ ମୁକେଶ ବୁଦ୍ଧିଆ।

ପୂର୍ବଶତ୍ରୁତାକୁ କେନ୍ଦ୍ର କରି ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବୁଢୀପଦର ଗ୍ରାମର ମୁକେଶ ବୁଦ୍ଧିଆ(୨୭) ଓ ତାଙ୍କ ଭଉଣୀ ମାମି(୧୭)ଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଅକ୍ରମଣକାରୀଙ୍କ ଠେଙ୍ଗା ମାଡ ଓ ଟାଙ୍ଗିଆ ଚୋଟରେ ମୁକେଶ ଗୁରୁତର ହୋଇ ବଲାଙ୍ଗୀର ଭୀମଭୋଇ ମେଡିକାଲାରେ ଭର୍ତ୍ତି ହୋଇଥିଲେ । ମୁକେଶ ମେଡିକାଲରୁ ରିଲିଫ ହୋଇ ଲୋଇସିଂହା ଥାନାରେ ଅଭିଯୁକ୍ତଙ୍କ ବିରୋଧରେ ଗୁରୁବାର ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ପୋଲିସ କେହଳଭାବ ପୋଷଣ କରୁଥିବା ସେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, କୃଷ୍ଣଚନ୍ଦ୍ର ବୁଦ୍ଧିଆଙ୍କ ପୁଅ ମୁକେଶ ବିବାହିତ । ତେବେ ଗତ ୩୧ ତାରିଖ ଅପରାହ୍ନରେ ମୁକେଶଙ୍କ ମା' ଓ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା । ଏଥିରେ ମୁକେଶ ଉତ୍‌କ୍ଷିପ୍ତ ହୋଇ ଘରେ ଗାଳିଗୁଲଜ ହୋଇଥିଲେ । ଏହାକୁ ତାଙ୍କ ପଡୋଶୀ ତଥା ସମ୍ପର୍କୀୟ ଲୋକେ ନିଜ ଦେହକୁ ନେଇଥିଲେ । ଏହାପରେ ସୁରେନ୍ଦ୍ର ବୁଦ୍ଧିଆ, ପାଣ୍ଡବ ବୁଦ୍ଧିଆ, ଜଗନ୍ନାଥଙ୍କ ସମେତ ୯ ଜଣ ବ୍ୟକ୍ତି ଅତର୍କିତ ଠେଙ୍ଗା ଓ ଟାଙ୍ଗିଆରେ ଆକ୍ରମଣ କରିଥିଲେ । ମୁକେଶଙ୍କୁ ରକ୍ଷା କରିବାକୁ ଆସୁଥିବା ଭଉଣୀ ମାମିଙ୍କୁ ମଧ୍ୟ ଆକ୍ରମଣକାରୀ ଠେଲିଦେବାରୁ ତଳେ ପଡି ଯାଇ ଆହତ ହୋଇଛନ୍ତି। ଆକ୍ରମଣରେ ମୁକେଶଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ଘଟଣା ଦିନ ମୁକେଶ ଥାନାକୁ ଜଣାଇବାକୁ ଯିବାରୁ ପ୍ରାଥମିକ ଚିକିତ୍ସା କରିବାକୁ ପରାମର୍ଶ ଦେଇଥିଲେ ବୋଲି ମୁକେଶ କହିଛନ୍ତି। ଏ ସମ୍ପର୍କରେ ଏଏସଆଇ ଜଗା ବରିହାଙ୍କୁ ପଚାରିବାରୁ ଏନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ପ୍ରକାଶ କରିଛନ୍ତି।

# ଇନ୍ଦ୍ରାବତୀରୁ ରବି ଜଳସେଚନ ଆରମ୍ଭ

**ଭବାନୀପାଟଣା,୩।୧(ଡି.ଏନ୍.ଏ.)**

ଚଳିତ ଖରିଫ ଚାଷ ଅମଳ ଅଦ୍ୟାବଧି ସରି ନ ଥିବା ବେଳେ ଇନ୍ଦ୍ରାବତୀ ହାତୀ ବ୍ୟାରେଜରୁ ନିର୍ଦ୍ଧାରିତ ସମୟ ଅନୁସାରେ ମଙ୍ଗଳବାର ୧୧ଟା ୪୦ମିନିଟ ସମୟରେ ଉଭୟ କେନାଲରେ ରବି ଜଳ ସେଚନ ପାଇଁ ପାଣି ଛଡାଯାଇଛି। ଚଳିତ ବର୍ଷ ଇନ୍ଦ୍ରାବତୀ ଜଳସେଚନ ଉଭୟ ବାମ ଓ ଦକ୍ଷିଣ ମୁଖ୍ୟ କେନାଲର ୫୩୬୨୫.୮୬ ହେକ୍ଟର ଜମିରେ ରବି ଜଳ ସେଚନ ଲକ୍ଷ୍ୟ ରଖାଯାଇଛି। ନୂଆ ବର୍ଷରେ ବାମ ମୁଖ୍ୟ କେନାଲରେ ୯.୫କ୍ୟୁସେକ୍ସ ଓ ଦକ୍ଷିଣ କେନାଲରେ ୨.୫କ୍ୟୁସେକ୍ସ ପାଣି ଛଡା ଯାଇଥିବା ବିଭାଗ ସୂତ୍ରରୁ ଜଣାପଡିଛି। ଅନେକ ଦିନ ଧରି ଦକ୍ଷିଣ ମୁଖ୍ୟ କେନାଲ ଚାଷୀଙ୍କ ପାଇଁ ଅନିଶ୍ଚିତତା ମଧ୍ୟରେ ରହିଥିବାବେଳେ ଚଳିତ ବର୍ଷର ରବି ଚାଷ ଚାଷୀଙ୍କ ପାଇଁ ଅର୍ଥନୀତିରେ ସହାୟକ ହେବ ବୋଲି ଆଲୋଚନା ହେଉଛି। ଇନ୍ଦ୍ରାବତୀର ମୋଟ ୮୬୫୦୪.୧୩୭ହେକ୍ଟର ଜମି ଜଳସେଚନ ପରିଧି ମଧ୍ୟରେ ଆସୁଥିବାବେଳେ ଚଳିତ ବର୍ଷ ରବିରେ ୫୩୬୨୫.୮୬ହେକ୍ଟର ଅର୍ଥାତ ୬୧.୯୯ପ୍ରତିଶତ ଜଳସେଚନ ଲକ୍ଷ୍ୟ ରାଖାଯାଇଥିବା ଜଣାପଡିଛି। ଇନ୍ଦ୍ରାବତୀ ଜଳଭଣ୍ଡାରର ଜଳଧାରଣ କ୍ଷମତା ୬୪୨ମିଟର ଥିବାବେଳେ ଏହା ୬୩୮.୬୪ମିଟର ଜଳ ଗଚ୍ଛିତ ଥାଇ ସୁଦ୍ଧା ରବି ଜଳସେଚନ ସଙ୍କୁଚିତ କରାଯାଇଥିବାରୁ ଚାଷୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। କଳାହାଣ୍ଡି ଆର୍ଥିକ ଜୀବନ ରେଖା ବୋଲାଉଥିବା ଇନ୍ଦ୍ରାବତୀ କେନାଲମାନଙ୍କ ପୁନରୁଦ୍ଧାରକୁ ଗୁରୁତ୍ୱ ଦିଆଯାଉ ନ ଥିବାରୁ କଳାହାଣ୍ଡି ଚାଷୀଙ୍କ ଅର୍ଥନୀତିରେ ଗତିରୋଧ ସୃଷ୍ଟି କରାଯାଉଛି ବୋଲି ବିଭିନ୍ନ ଚାଷୀ ମହଲରେ ଆଲୋଚନା ହେଉଛି। ଏବେ କିଛି ଅଞ୍ଚଳ ଆର୍ଥାତ ୨୦ପ୍ରତିଶତ ଇଲାକାରେ ବିଭିନ୍ନ ସମସ୍ୟା ହେତୁ ଧାନ କଟା ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି ବୋଲି ଆଲୋଚନା ହେଉଛି।

# ଫୁଟବଲ: ପାଟଣାଗଡ଼ ଚାମ୍ପିୟନ

**ଟିକ୍ରାପଡା, ୩।୧(ଡି.ଏନ.ଏ.)**

ସଇଁତଳା ବ୍ଲକ ଝିଙ୍କିଡୁଙ୍ଗୁରୀ ଗ୍ରାମ ପଞ୍ଚାୟତ ଅଧିନ କେନ୍ଦୁଉଡାରଠାରେ ଲାଟେଶ୍ୱର ସ୍ପୋର୍ଟ୍ସ କଲଚରାଲ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ଚତୁର୍ଥ ବାର୍ଷିକ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଅନୁଷ୍ଠିତ ଫାଇନାଲ ମ୍ୟାଚ ଅମୀମାଂସିତ ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା । ଏଥିରେ ଚଲକି ଦଳକୁ ୩–୦ ଗୋଲରେ ହରାଇ ପାଟଣାଗଡ ଚାମ୍ପିୟନ ହୋଇଥିଲା । ସଞ୍ଜୀବ ଥନାପତି, ରାଜୀବ ବିଶ୍ୱାଳ, ମଗଶିର ମଲ୍ଲିକ, ସୁଦାମ ଦନ୍ତା ଖେଳ ପରିଚାଳନା କରିଥିଲେ ।

# ଦୁଇଥର ନୋଟିସ୍ ପରେ ବି କାର୍ଯ୍ୟରେ ଯୋଗଦେଉ ନାହାନ୍ତି ଚତୁର୍ଥ ଶ୍ରେଣୀ କର୍ମଚାରୀ

**ଲୋଇସିଂହା, ୩।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କେଉଁଟପାଲି ଗ୍ରାମର ଆଦିବାସୀ ହରିଜନ ହାଇସ୍କୁଲର ଜଣେ ଚତୁର୍ଥ କର୍ମଚାରୀ ଗତ ଜୁନମାସରୁ ସ୍କୁଲରେ ଅନୁପସ୍ଥିତ ରହିଛନ୍ତି। ସ୍କୁଲରୁ ଦୁଇ ଥର କାରଣ ଦର୍ଶାଅ ନୋଟିସ ଦିଆଯାଇଛି । କୌଣସି ଉତ୍ତର ଫେରାଇ ନାହାନ୍ତି। ଅପରପକ୍ଷେ କାର୍ଯ୍ୟାନୁଷ୍ଠାନ ଭୟରେ ସ୍କୁଲ ବିରୋଧରେ ଅଭିଯୋଗ ଆଣିଛନ୍ତି। ଚତୁର୍ଥ କର୍ମଚାରୀଙ୍କ ଦୀର୍ଘ ଅନୁପସ୍ଥିତି ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଧାନଶିକ୍ଷକ ଶାନ୍ତିଲାଲ ନନ୍ଦ କହିଛନ୍ତି । ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ ଅଧୀନ କେଉଁଟପାଲି ଗ୍ରାମରେ ୧୯୯୬ ମସିହାରୁ ଉକ୍ତ ସ୍କୁଲ ପ୍ରତିଷ୍ଠା ହୋଇଛି । ୨୦୧୫ରୁ ଉକ୍ତ ସ୍କୁଲକୁ ରାଜ୍ୟ ସରକାର ୪୦ ପ୍ରତିଶତ ବ୍ଲକଗ୍ରାଣ୍ଟ ଅନୁଦାନ ଦେଉଛନ୍ତି। ଗତ ଅକ୍ଟୋବର ମାସରୁ ବ୍ଲକଗ୍ରାଣ୍ଟ ଅନୁଦାନ ୬୦ପ୍ରତିଶତ ବୃଦ୍ଧି ପାଇଥିବା ସ୍କୁଲ କର୍ତ୍ତୃପକ୍ଷଙ୍କଠାରୁ ପ୍ରକାଶ । ତେବେ ବିଦ୍ୟାଳୟରେ ଥିବା ଷ୍ଟାଫଙ୍କ ମଧ୍ୟରୁ ଜନୈକ ଚତୁର୍ଥ କର୍ମଚାରୀ ଗତ ଜୁନ ମାସରୁ ସ୍କୁଲରେ ଅନୁପସ୍ଥିତ ରହିଛନ୍ତି। ଗତ ୧୯ନଭେମ୍ବରରେ ପ୍ରଥମ ଓ ୧୯ ଡିସେମ୍ବରରେ ଦ୍ୱିତୀୟ କାରଣ ଦର୍ଶାଅ ନୋଟିସ ଦିଆଯାଇଥିଲେ ସୁଦ୍ଧା ଉତ୍ତର ଫେରାଇ ନାହାନ୍ତି। ସ୍କୁଲର କେତେକ ଛାତ୍ରୀଙ୍କ ସାଇକେଲ ଟଙ୍କା ଆତ୍ମସାତ କରିଥିନା ନେଇ ସମ୍ପୃକ୍ତ ଚତୁର୍ଥ କର୍ମଚାରୀ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଠାରେ ଅଭିଯୋଗ କରିଥିଲେ। ଗଣମାଧ୍ୟମ ପ୍ରତିନିଧିମାନେ ସ୍କୁଲକୁ ଯାଇ ଏ ନେଇ ପଚରାଉଚରା କରିଥିଲେ । ସ୍କୁଲ ପ୍ରଧାନଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷକ ଓ କର୍ମଚାରୀ ଅଭିଯୋଗକୁ ଖଣ୍ଡନ କରି ନିଜ ଦୋଷ ଘୋଡାଇବା ପାଇଁ ଏପରି ମିଛ ଅଭିଯୋଗ କରିଥିବା କହିଥିଲେ । ନିକଟରେ ସ୍କୁଲ ପରିଦର୍ଶନରେ ଆସିଥିବା ବ୍ଲକ ଶିକ୍ଷା ଅଧିକାରୀ ରୀନା ବେହେରା ମଧ୍ୟ ଘଟଣା ସଂକ୍ରାନ୍ତରେ ଅବଗତ ହୋଇଥିବା କହିଥିଲେ ।

# ଅବହେଳିତ ପର୍ଯ୍ୟଟନ ଥଲ୍ କରକ ଝରନ୍

**କୋକସରା,୩।୧ (ଡି.ଏନ.ଏ):**



ସାହାଜଖୋଲ ଜଂଗଲ ଭିତରେ ଥିବାର କରକ ଝରନ୍।

କଳାହାଣ୍ଡି ଜିଲା ସୀମାନା ଆମପାଣି ସାହାଜଖୋଲ ସଂରକ୍ଷିତ ଜଂଗଲ ଭିତରେ ରହିଛେ ମନ୍‌ଲୁଭା କରକ ଝରନ୍। ପାହାଡ଼ର କାହିଁ ସିଘୁ ଝରି ଆସୁଛେ କରକ ଝରନ୍, ଜଂଗଲ ଭିତ୍‌ରେ ଖଲ୍‌ଖଲ୍ ହେଇ ବୁହି ଯାଉଛେ ଝରନ୍ ପାଏନ୍। ଇତାର ସଂଗେ ଚରେଇମାନକର କିଚିର୍‌ମିଚିର୍ ଶବଦ୍ ବନ୍‌ଭୁଜି କରି ଆସୁଥିବାର ପର୍ଯ୍ୟଟକମାନକୁ ଭୋଲ କରିଦେଉଛେ। କୋକସରା ସଦର ମହକୁମାନୁ ଆମପାଣି ୧୨ କି.ମି., ଇଠାନୁ ଫେନ୍ ୪ କି.ମି. ପାହାଡ଼ିଆ ରାସ୍‌ତାରେ ଗଲେ ପଡ଼ସି କରକ ଝରନ୍। ହେଲେ କରକ ଝରନ୍ ତକ୍ ରାସ୍‌ତା ନାଇଁଥିବାର ଲାଗି ୨ କି.ମି. ଜଂଗଲି ରାସ୍‌ତାରେ ପର୍ଯ୍ୟଟକମାନକୁ ଚାଲି ଚାଲି ଯିବାକେ ହେସି। ଆମପାଣି ପଁଚେତ୍ ତରଫୁ ଏମଜିଏନଆରଇଜିଏସ ଯୋଜ୍‌ନାରେ ଗଲାବଛର କେତେ ରାସ୍‌ତା ମାଟି କାମ୍ ହେଇଛେ। ହେଲେ ଶୀତ୍ ଆର ଖରାଦିନ୍‌କେ ଛାଡ଼ି ଦେଲେ ବର୍ଷା ଦିନେ ଇ ରାସ୍‌ତାରେ ଯାଇ ନାଇଁହୁଏ। ସେଥିରଲାଗି ଶୀତ୍ ମାସେ, ବଡ଼ଭାଗି ଡିସେମ୍ବରରୁ ଜାନୁୟାରୀ ତକ୍ ଇଠାନେ ପର୍ଯ୍ୟଟକମାନକର ଭିଡ୍ ଜମ୍‌ସି। ସେନ୍‌ତା ନୂଆଁ ବଛର ବେଲେ ତ କାହିଁ କେନ୍ ଦୂରିଆରୁ ପର୍ଯ୍ୟଟକ୍ ଇଠାନ୍‌କେ ବନ୍‌ଭୁଜି କରବାକେ ଆଏସନ୍। ହେଲେ ଦୁଖର କଥା ଆଏଜ୍‌ତକ୍ ଇ ପ୍ରାକୃତିକ ଝରନ୍ ଉପରେ ପରଶାସନ କି କେହେନ୍‌ସି ରାଜନେତାକର ଦୁରୁଷ୍ଟି ନାଇଁପଡ଼ି। ଉନିଆ ରାଏଜ୍‌ମାନକୁ ରାଏଜ୍ ସରକାରମାନେ ପର୍ଯ୍ୟଟନ କ୍ଷେତ୍‌ରର ବିକାଶ ଲାଗି ପଦକ୍ଷେପ ନେଉଥିଲା ବେଲେ ଆମର ରାଏଜେ କଳାହାଣ୍ଡି ଜିଲା ଇ ଦିଗେ ଆଏଜ୍ ବି ଅବହେଳିତ ହେଇ ରହିଛେ। କଳାହାଣ୍ଡି ଜିଲାରେ ଏନ୍‌ତା ବହୁତ୍‌ଟେ ପ୍ରାକୃତିକ ଝରନ ଥିଲାବେଲେ ପରଶାସନିକ, ରାଜନଇତିକ୍ ଇଚ୍ଛାଶକ୍ତିର ଅଭାବୁ ସେ ସବୁ ଅବହେଳିତ ହେଇ ପଡ଼ିଛେ। ଏନ୍‌ତାକି ଇ ପର୍ଯ୍ୟଟନ ଥଲମାନକୁ ଯିବାକେ ରାସ୍‌ତାଘାଟ ନାଁଇଁନ, ଯେନ୍‌ଥିରଲାଗି ପର୍ଯ୍ୟଟକମାନେ ଜଂଗଲ ଭିତରେ ଚାଲି ଚାଲି ଯାଉଛନ୍। ଜିଲା ପରଶାସନ କରକ ଝରନ୍‌କେ ଗୁରୁତ୍ ଦେଇ ତାର ବିକାଶ ଦିଗେ ପଦକ୍ଷେପ ନେବାକେ ବୁଧିଜୀବୀ ମହଲରେ ଦାବୀ ହେଉଛେ। ଇ ପର୍ଯ୍ୟଟନ ଥଲର ବିକାଶ ହେଲେ ନିହାତି ଭାବେ ଇଟା କଳାହାଣ୍ଡି ଜିଲାର ଗୁଟେ ଭଲ ପର୍ଯ୍ୟଟନ ଥଲର ମାଏନ୍‌ତା ପାଇପାରବା।

### ୬୬ ତମ ରାଜ୍ୟ ଆଥଲେଟିକ ମିଟ୍

# କଳାହାଣ୍ଡିର ସାରୁନଙ୍କୁ ସ୍ୱର୍ଣ୍ଣପଦକ

**ଭବାନୀପାଟଣା,୩।୧(ଡି.ଏନ.ଏ.)**

କଟକ ବାରବାଟି ଷ୍ଟାଡିୟମଠାରେ ଚାଲିଥିବା ୬୬ତମ ରାଜ୍ୟ ଆଥେଲେଟିକ ମିଟ ୨୦୧୮ଉଦ୍‌ଯାପିତ ହୋଇଯାଇଛି। ଶେଷ ଦିନରେ ଲଙ୍ଗଜମ୍ପ ଇଭେଣ୍ଟରେ କଳାହାଣ୍ଡିର ସାରୁନ ପାୟାସିଂ ସ୍ୱର୍ଣ୍ଣପଦକ ଜିତିବା ଘଟଣା ଜିଲାରେ ଖୁସିର ଲହରି ଖେଳିଯାଇଛି। ସାରୁନ ଲଙ୍ଗଜମ୍ପରେ ୬.୮୮ ମିଟର ଡେଇଁ ସ୍ୱର୍ଣ୍ଣପଦକ ଜିତିଥିଲେ। ସେହିଭଳି ଜନକୀକାନ୍ତ ନାଏକ ହଇଜମ୍ପରେ ୧.୫୮ମିଟର ଡେଇଁ ସ୍ୱର୍ଣ୍ଣପଦକ ପାଇଛନ୍ତି। ଦେବରାଜ ଭତ୍ରା ୬୦୦ମିଟର ସ୍ୱର୍ଣ୍ଣପଦକ ପାଇଛନ୍ତି। ଦେବରାଜ ଭତ୍ରା ୬୦୦ମିଟର ଓ ୧୦୦ମିଟର ଦୌଡ ପ୍ରତିଯୋଗୀତାରେ ରୌପ୍ୟ ପଦକ ପାଇଛନ୍ତି। ପ୍ରମୋଦ ପଣ୍ଡା ୧୦ହଜାର ମିଟର ଚାଲିବା ପ୍ରତିଯୋଗୀତାରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। କଳାହାଣ୍ଡି ଜିଲାରୁ ଏକ ୨୫ଜଣିଆ ଟିମ୍ ରାଜ୍ୟ ଆଥଲେଟିକ ମିଟରେ ଅଂଶ ଗ୍ରହଣ କରିଥିବାବେଳେ କୋଚ ଥିଲେ କୁମଦ ଦୋରା। କଳାହାଣ୍ଡି ଜିଲାରୁ ୨ଟି ସ୍ୱର୍ଣ୍ଣପଦକ, ୨ଟି ରୋପ୍ୟ ପଦକ ଓ ଗୋଟିଏ ବ୍ରୋଞ୍ଜ ପଦକ ପାଇବା ନେଇ ଜିଲାର କ୍ରୀଡା ପ୍ରେମୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ରାଜ୍ୟ ଆଥଲେଟିକ ଏସୋସିଏଶନ୍‌ର ସଭାପତି ଜଗମୋହନ ପଟ୍ଟନାୟକ, ଜିଲାର କ୍ରୀଡା ଅଧିକାରୀ ସୁଭାଶିଷ ନାୟକ ଓ ଜିଲା ବ୍ୟାଡମିଣ୍ଟନ ଏସୋସିଏଶନ ସଭାପତି ପ୍ରଦୀପ ଦାସ ଖେଳାଳିମାନଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

# ବିପିଏଲ୍ ଲାଇଟର ଶୁଭାରମ୍ଭ

**ଜୁନାଗଡ,୩।୧(ଡି.ଏନ୍.ଏ)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବକ୍ସିତୁଲସୀପାଲି ଗ୍ରାମର ଛତ୍ରିଆପଡା ଓ ନୁଆପଡାଠାରେ ଗୁରୁବାର ବିପିଏଲ ଲାଇଟର ଶୁଭାରମ୍ଭ ହୋଇଯାଇଛି। ଜୁନାଗଡ ବିଧାୟକ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଆନୁଷ୍ଠନିକ ଭାବେ ଉଦଘାଟନ କରିଥିଲେ। ବିପିଏଲ ଲାଇଟର ଶୁଭାରମ୍ଭ ପରେ ଉପରୋକ୍ତ ୨ଟି ପଡାର ପ୍ରାୟ ଦେଢ ଶହ ବିପିଏଲ ପରିବାରଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜୁନାଗଡର ପୂର୍ବତନ ଏନଏସି ଅଧ୍ୟକ୍ଷ ମହେଶ ସାହୁ, ଦିନେଶ ବଗର୍ତ୍ତା, ସତିଶ ଚୌଧୁରୀ, ବେଣୁ ଦୀପ, ଭୀଷ୍ମ ଦୀପ, ଯୌବନ ଖର୍ସେଲ ପ୍ରମୁଖ ଉପସ୍ଥିତ ଥିଲେ।




ମୁଖ୍ୟ ଅତିଥି ବିଜେଡି ଯୁବ ନେତା ଅର୍କେଶ ନାରାୟଣ ସିଂଦେଓ ବିଜେତା ଓ ଉପବିଜେତା ଦଳଙ୍କୁ ପୁରସ୍କୃତ କରୁଛନ୍ତି ।

### ବିଜୁ ଯୁବବାହିନୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ଚିରାଗ ୱାରିଅର ଚାମ୍ପିୟନ

**ବଲାଙ୍ଗୀର ଅଫିସ, ୩।୧**

ବଲାଙ୍ଗୀର ତୁଲସୀନଗର ନିକଟ ସର୍କିଟ ହାଉସ ପଡିଆରେ ବିଜୁ ଯୁବବାହିନୀ ପକ୍ଷରୁ ଅନୁଷ୍ଠିତ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଛି । ୩ ଦିନ ଧରି ଚାଲିଥିବା ଟୁର୍ନାମେଣ୍ଟରେ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ । ଚିରାଗ ୱାରିଅର ଓ ଆପାନ ଟାଇଗର ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଉଭୟ ଦଳ ୮ ଓଭର ଶେଷ ସୁଦ୍ଧା ୯୬ ରନ୍ କରିବାରୁ ମ୍ୟାଚଟି ଡ୍ର ହୋଇଥିଲା । ପରେ ସୁପର ଓଭରରେ ଚିରାଗ ୱାରିଅର ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ବିଜେଡି ଯୁବନେତା ଅର୍କେଶ ନାରାୟଣ ସିଂଦେଓ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ମ୍ୟାନ୍ ଅଫ୍ ଦ ମ୍ୟାଚ ଭାବେ ଚିରାଗ ୱାରିଅରର ରାଜେଶ କୁମ୍ଭାର ଓ ମ୍ୟାନ ଅଫ୍ ଦ ସିରିଜ ଭାବେ ଆପାନ ଟାଇଗର ଦଳର ଆକାଶ ନାଗ ପୁରସ୍କୃତ ହୋଇଥିଲେ । ଚାମ୍ପିୟନ୍ ଓ ଉପବିଜୟୀ ଦଳଙ୍କୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବିଜେଡି ୱାର୍ଡ ସଭାପତି ବନମାଳୀ ବାଗ, କୈଳାସ ମହାନ୍ତି, ନରସିଂହ ବାଗ, ଆଇନଜୀବୀ ନୀଳାଦ୍ରୀ ବିହାରୀ ସିଂ ଓ ତୁଳସୀନଗର ବିଜୁ ଯୁବବାହିନୀ ସଭାପତି କାବୁଲୁ ବେହେରା ମଞ୍ଚାସୀନ ହୋଇଥିଲେ। ଶଙ୍କର ପ୍ରଧାନ, ଘୁଣ୍ଟୁ ପଟେଲ, ବୁଲୁ ଦାସ, ଅରବିନ୍ଦ ଜଟି, ବିକ୍ରମ ତ୍ରିପାଠୀ, ଅର୍ଜ୍ଜୁନ ମହାଣା, ବିଭୂତି ପୋଡ, ଦିଲୀପ ଚନ୍ଦନ ସହଯୋଗ କରିଥିଲେ ।

# ବରପାଲିଆପଡ଼ା କଂକ୍ରିଟ ରାସ୍‌ତାରେ ଫାଟ

**ଲୋଇସିଂହା,୩।୧ (ଡି.ଏନ.ଏ)**

ଲୋଇସିଂହା ବ୍ଲକ୍ ହୀରାପୁର ପଁଚେତର ମାଣ୍ଡିଆପଦର ଗାଁର ବରପାଲିଆପଡ଼ାରେ ମାସକେତେ ତଲେ ତିଆର ହେଇଥିବାର କଂକ୍ରିଟ ରାସ୍‌ତା ଫାଟି ଆଁ କଲାନ। ଇ ରାସ୍‌ତାକେ ଲୋକ୍ ଠିକ୍‌ସେ ବେଭାର ନାଇଁକରୁନୁ ଫାଟି ଯିବାକେ ନେଇ ଥାନୀୟ ଲୁକ୍‌କର ଭିତରେ ଅସନ୍‌ତୋଷ ପରକାଶ ପାଏବାର ସଂଗେ ରାସ୍‌ତା କାମ୍ ଫସ୍‌କା ହେଇଥିବାର ଅଭିଯୋଗ କରିଛନ୍।

ଅଭିଯୋଗ୍ ଅନ୍‌ସାରେ, ଲୋଇସିଂହା ବ୍ଲକ୍ ହୀରାପୁର ପଁଚେତର ମାଣ୍ଡିଆପଦର ଆରଡି ରାସ୍‌ତାରୁ ବରପାଲିଆପଡ଼ା ରାସ୍‌ତାକେ କଂକ୍ରିଟ କରାଯାଇଛେ। ଆରଡି ବିଭାଗ ତରଫୁ ହେଇଥିବାର ଟେଣ୍ଡର ପାଇ ଠିକାଦାର ସୁନୀଲ କୁମାର ଅଗ୍ରୱାଲ ଇ କାମ୍ କରିଥିଲେ। ହଲ୍‌କା କାମ୍ ହେଉଥିବାର ଜାନି ସେ ସମିଆରେ ଗାଁବାସୀ ବିରୋଧ କରିଥିଲେ। କାମ୍‌ଟା ମଜବୁତ୍ ହିସାବେ କରବାର ଲାଗି ଗାଁବାସୀ ଠିକାଦାର ଆର ଥାନୀୟ ବିଭାଗୀୟ ଅଧିକାରୀକୁଁ କହିଥିଲେ। ସେ ସମିଆରେ ଗାଁବାସୀକର ଅଭିଯୋଗ୍‌କେ ଅନ୍‌ଦେଖା କରି କାମ୍ କରାଯାଇଥିଲା। ଯେନ୍‌ଥିରଲାଗି କାମ୍ ସରବାର ମାସକେତେ ଭିତରେ କଂକ୍ରିଟ ଫାଟି ରାସ୍‌ତା ଖରାପ୍ ହେଇଯାଇଛେ। ଏନ୍‌ତା କି ରାସ୍‌ତା କାମ୍ ହେଲା ବେଲେ ସୂଚନା ଫଲକ ନାଇଁ ଲଗାଯାଇ। ଯେନ୍‌ଥିରଲାଗି ଗାଁବାସୀ କେନ୍ ଅନୁଦାନ ଆର କେନ୍ ପ୍ରକଳ୍ପର ଖରଚ୍ ଅଟକଲରେ ରାସ୍‌ତା ତିଆର ହେଉଛେ ସେ ବାବ୍‌ଦେ ଅଁଧାରେ ଥିଲେ। ଖାଲି ଇ ରାସ୍‌ତା ନୁହେ, ଗାଁରେ ହେଇଥିବାର



ବରପାଲିଆପଡ଼ା କଂକ୍ରିଟ ରାସ୍‌ତା।

ଆଉର କେତେ ରାସ୍‌ତା କାମ୍ ବି ଫସ୍‌କା ହେଇଥିବାର ଗାଁବାସୀ କହିଛନ୍। ସେ ସବୁ ରାସ୍‌ତା ସମେତ ମାଣ୍ଡିଆପଦର ଗାଁରେ ହେଇଥିବାର ଉନ୍‌ନୟନ କାମର ଉଚ ଧରନର ତଦଁତ କରବାକେ ଗାଁବାସୀ ଦାବି କରିଛନ୍। ଇ ବାବ୍‌ଦେ ଦାଇତିଅରେ ଥିବାର ଆରଡି ବିଭାଗ୍ ଯନ୍ତ୍ରୀ ଶ୍ରୀମନ୍ତ ପଣ୍ଡାକୁଁ ପଚରାଲାରୁ ମୁଇଁ ୧୫ ଦିନ୍ ତଲେ ଯାଇଥିଲି ରାସ୍‌ତା ଠିକ୍ ଥିଲା। ଏହେଦେ କେନ୍‌ଥେଇ ରାସ୍‌ତା ଫାଟ୍‌ଲା ଦେଖ୍‌ଲେ ଯାଇ କହିହେବା ବଲି କହିଥିଲେ। ସେନ୍‌ତା ଆରଡି କାର୍ଯ୍ୟନିର୍ବାହୀ ଯନ୍ତ୍ରୀକୁଁ ପଚରାଲାରୁ ଘଟ୍‌ନା ବାବ୍‌ଦେ ମୁଇଁ ନାଇଁଜାନି, ହେଲେ ମୁଇଁ ଯନ୍ତ୍ରୀ ପଣ୍ଡାକୁଁ କହୁଛେଁ ସେ ଘଟନାଥଲକେ ଯାଇ ରିପୋର୍ଟ ଦେବେ ବଲି କହିଥିଲେ।